# ପରମ ଗୁରୁ

ଲେଖକ : ଜି. ଆର୍. କ୍ରୋ
ଅନୁବାଦ : ଶାମୁଏଲ ନାଏକ

PARAMA GURU
© Copyright: Grace Ministries,

This book is a translation of
“The Guru” by George Robert Crow,
also known as Tyagi Babu.
3000 copies

# ଭୂମିକା

ଜଣେ ମାତ୍ର ଗୁରୁ ଯେ କି ଈଶ୍ୱରଙ୍କ ବିଷୟରେ ସଠିକ୍ ବିବରଣୀ ଦେଇଛନ୍ତି, ସେ ହେଉଛନ୍ତି, ପ୍ରଭୁ ଯୀଶୁ ଖ୍ରୀଷ୍ଟ । ସେ ଦାବୀ କରି କୁହନ୍ତି କି, *'ମୁଁ ହିଁ ପଥ, ସତ୍ୟ ଓ ଜୀବନ । ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ'* (ଯୋହନ ୧୪:୬) । ସବୁଠାରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି ଯେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ମନୁଷ୍ୟ ଜାତି ନିମନ୍ତେ ନିଜର ପ୍ରାଣ ବିସର୍ଜ୍ଜନ କରି ତୃତୀୟ ଦିବସରେ ମୃତ୍ୟୁରୁ ପୁନରୁତ୍ଥିତ ହୋଇ ପ୍ରମାଣ କରି ଦେଇଛନ୍ତି ଯେ, ସେ ଚିରଞ୍ଜୀବୀ ଓ ଜଣେ ନିତ୍ୟଜୀବୀ ଗୁରୁ । ଏହି ପୃଥିବୀର ଲକ୍ଷ ଲକ୍ଷ ଲୋକ ଏହି ଜୀବିତ ଗୁରୁଙ୍କର ସାନ୍ନିଧ୍ୟରେ ଆସି ପରାତ୍ପର ଈଶ୍ୱରଙ୍କର ସନ୍ଧାନ ପାଇଛନ୍ତି– ଏ ଇହ ଜଗତରେ ମଧ୍ୟ ସେମାନଙ୍କର ଜୀବନ ମଧୁମୟ ହୋଇଛି ଓ ପରଜଗତରେ ସେମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ସେମାନେ ନିଶ୍ଚିତ ।

ପ୍ରଥମ ସଂସ୍କରଣରେ ଏହାର ପ୍ରଥମ ଭାଗ 'ପରମ ଗୁରୁ' ରୂପେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହାର 'ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ'ଏକ ସଙ୍ଗେ ସେହି ନାମରେ ପୁନର୍ବାର ଆତ୍ମପ୍ରକାଶ କରୁଛି । ଆମେ ଆଶା କରୁ, ଏହି ପୁସ୍ତକ ଆମର ଅଗଣିତ ପାଠକମାନଙ୍କୁ ଆଣିଦେବ ଏକ ନୂତନ ଆଲୋକର ସନ୍ଧାନ ।

*ପ୍ରକାଶକ*

# ସୂଚୀପତ୍ର


| | |
|---|---|
| *୧ । ଗୁରୁ* | 1 |
| *୨ । ଈଶ୍ୱରଙ୍କ ସମ୍ବନ୍ଧରେ ଗୁରୁଙ୍କ ବାକ୍ୟ* | 8 |
| *୩ । ଆମ୍ଭେମାନେ କ'ଣ, ସେ ବିଷୟରେ ଗୁରୁ କହନ୍ତି* | 25 |
| *୪ । ଗୁରୁ କହନ୍ତି କାହିଁକି ସେ ମୃତ୍ୟୁଭୋଗ କଲେ ?* | 42 |
| *୫ । ଗୁରୁ ପଥ ପ୍ରଦର୍ଶନ କରନ୍ତି* | 57 |
| *୬ । ଗୁରୁ ସାକ୍ଷ୍ୟ ପ୍ରମାଣ ଦିଅନ୍ତି* | 81 |
| *୭ । ଗୁରୁ–ମୃତ ଓ ପୁନର୍ଜୀବିତ* | 95 |
| *୮ । ଆମ୍ଭେମାନେ କିପରି ସତ୍ୟର ବୋଧ ପାଇପାରିବା ?* | 107 |
| *୯ । ସମସ୍ତ ପଥ କ'ଣ ସମାନ ?* | 133 |
| *୧୦ । ପ୍ରକୃତ ଶିଷ୍ୟ* | 156 |
| *୧୧ । ପ୍ରଶ୍ନ, ଅଭିଯୋଗ ଓ ଉତ୍ତର* | 171 |

# ୧ ଗୁରୁ

ଗ୍ରାମର ମାଟି ଦାଣ୍ଡ, ଦାଣ୍ଡ ମଝିରେ ଗୁରୁ ଠିଆ ହୋଇଥିଲେ । ତାଙ୍କ ପଛପଟେ ଛୋଟ ବଡ଼ କେତେ ପାହାଡ଼ ଦୂରରୁ ଦୂରକୁ ଲମ୍ବି ଯାଇଛି । ସାମନାରେ ଛୋଟ ଗୋଟିଏ ହ୍ରଦ । ଗୁରୁଙ୍କୁ ଘେରି ଅନେକ ଲୋକ ତଳେ ବସି ତାଙ୍କ କଥା ଶୁଣୁଛନ୍ତି । ଗୁରୁଙ୍କୁ ଦେଖିଲେ ମନେ ହେଉଛି ଯେଉଁମାନେ ତାଙ୍କ କଥା ଶୁଣୁଛନ୍ତି, ସେମାନଙ୍କ ପରି ସେ ଜଣେ ସାଧାରଣ ମନୁଷ୍ୟ, କିନ୍ତୁ ତାଙ୍କର କଥା କି ଅସାଧାରଣ । ତଥାପି ସେ ଲୋକମାନଙ୍କୁ ଯାହା କହୁଥିଲେ, ସେଥିରେ ଏମିତି କିଛି ନ ଥିଲା, ଯାହା ବୁଝିବାକୁ କଷ୍ଟ ହେବ । ସେ କହୁଥିଲେ–

*'କାରଣ ମୋ' ନିଜର ଇଚ୍ଛା ସାଧନ କରିବାକୁ ମୁଁ ସ୍ୱର୍ଗରୁ ଆସି ନାହିଁ, ମାତ୍ର ମୋତେ ଯେ ପଠାଇଛନ୍ତି ତାହାଙ୍କ ଇଚ୍ଛା ସାଧନ କରିବାକୁ ଆସିଛି'* (ଯୋହନ ୬:୩୮) ।

ସେ କଥା ଶୁଣି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ କେହି କେହି କହିବାକୁ ଲାଗିଲେ, 'ଆମ୍ଭେମାନେ ଏ ଲୋକର ଗ୍ରାମ ଓ ପିତାମାତାଙ୍କ ବିଷୟରେ ତ ଜାଣୁ । ତେବେ ସେ କିପରି କହୁଛନ୍ତି ଯେ, ସେ ସ୍ୱର୍ଗରୁ ଆସିଛନ୍ତି ?'

କିଛି ଦିନ ପରେ ଗୁରୁ ସେ ଦେଶର ଦକ୍ଷିଣରେ ଥିବା ସବୁଠୁ ବଡ଼ ସହରକୁ ଗଲେ । ଛୋଟ ଛୋଟ ଅନେକ ପାହାଡ଼ ଏ ସହରଟିକୁ ଘେରି ରହିଥିଲା । ସେଠାରେ ସେ ମନ୍ଦିର ଅଗଣାରେ ଶିକ୍ଷା ଦେଉଥିଲେ ଏବଂ ତାଙ୍କର ଅତି ସରଳ ଅଥଚ ଗଭୀର କଥା ଶୁଣି ଶ୍ରୋତାମାନେ ଆଶ୍ଚର୍ଯ୍ୟ ହେଉଥିଲେ । ସେ ଥରେ କହିଥିଲେ–

*'ମୋର ଶିକ୍ଷା ମୋ' ନିଜର ନୁହେଁ । ଯେ ମୋତେ ପଠାଇଛନ୍ତି, ଏହା ତାହାଙ୍କର । କେହି ଯଦି ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବ୍ରତୀ ହୁଏ,ତେବେ ମୋର ଶିକ୍ଷା ଈଶ୍ୱରଙ୍କଠାରୁ ଆଗତ କିମ୍ବା ମୁଁ ମୋ' ନିଜ ମନରୁ କହେ, ତାହା ସେ ଜାଣି ପାରିବ'* (ଯୋହନ ୭:୧୬,୧୭) ।



ସେଠାରେ ଥିବା ଅନେକ ଲୋକ ତାହାଙ୍କୁ କହିଥିଲେ, 'ତୁମକୁ ଭୂତ ଲାଗିଛି ।'

ପରେ ସେହି ସହରରେ ଥିବା ତାହାଙ୍କର ଶତ୍ରୁମାନେ, ଯେଉଁମାନେ ନିଜ ନିଜକୁ ଈଶ୍ୱରଙ୍କ ସନ୍ତାନ ବୋଲି ଦାବୀ କରୁଥିଲେ, ତାହାଙ୍କୁ ଘେରିଯାଇ, ଘୃଣାରେ ତାହାଙ୍କ ସହିତ ଜଘନ୍ୟ ବ୍ୟବହାର କଲେ । ଯୀଶୁ ସେମାନଙ୍କୁ କହିଲେ,*'ଈଶ୍ୱର ଯଦି ତୁମର ପିତା ହୋଇଥା'ନ୍ତେ, ତେବେ ତୁମେ ମୋତେ ପ୍ରେମଭକ୍ତି କରନ୍ତ, କାରଣ ମୁଁ ଈଶ୍ୱରଙ୍କ ନିକଟରୁ ଏଠାକୁ ଆସିଛି । ମୁଁ ମୋ' ନିଜ ଇଚ୍ଛାରୁ ଆସି ନାହିଁ, କିନ୍ତୁ ସେ ମୋତେ ପଠାଇଅଛନ୍ତି'* (ଯୋହନ ୮:୪୨) ।

ସେମାନଙ୍କ ସଙ୍ଗେ ତାହାଙ୍କର ତର୍କବିତର୍କ ଶେଷ ହୋଇଛି କି ନାହିଁ, ସେମାନେ ତାହାଙ୍କ ଉପରକୁ ଫିଙ୍ଗିବା ନିମନ୍ତେ ପଥର ଗୋଟାଇବାକୁ ଲାଗିଲେ । କିନ୍ତୁ ସେମାନଙ୍କ ହାତରୁ ନିଜକୁ ରକ୍ଷା କରି ସେ ନିରାପଦରେ ସେଠାରୁ ଚାଲିଗଲେ । ଅବଶ୍ୟ କିଛିଦିନ ପରେ ସେମାନେ ତାହାଙ୍କୁ ଧରି ଓ ତାହାଙ୍କ ଉପରେ ଈଶ୍ୱର ନିନ୍ଦାର ଦୋଷାରୋପ କରି ତାହାଙ୍କୁ ହତ୍ୟା କରିଥିଲେ ।

କିନ୍ତୁ ସେ ଗଳ୍ପ ସେହିଠାରେ ଶେଷ ହୋଇନାହିଁ । ସେ ଯେଉଁ ଦେଶରେ ଜନ୍ମ ହୋଇଥିଲେ, ଲୋକମାନଙ୍କୁ ଶିକ୍ଷା ଦେଇଥିଲେ ଓ ଶେଷରେ ଯେଉଁ ଦେଶରେ ମୃତ୍ୟୁଦଣ୍ଡ ଭୋଗ କରିଥିଲେ, ତାହା ଇସ୍ରାଏଲ ଦେଶ । ଏସମସ୍ତ ପ୍ରାୟ ଦୁଇହଜାର ବର୍ଷ ତଳର ଘଟଣା, କିନ୍ତୁ ବର୍ତ୍ତମାନ କେବଳ ସେହି ଦେଶରେ ନୁହେଁ, ମାତ୍ର ସାରା ପୃଥିବୀରେ ସେହି ବ୍ୟକ୍ତି ଜଣେ ମହାନ୍ ଗୁରୁ ରୂପେ ବିଖ୍ୟାତ । ସେହି ଗୁରୁଙ୍କର ନାମ ଯୀଶୁ ଖ୍ରୀଷ୍ଟ ।

ତାହାଙ୍କର ଉପରୋକ୍ତ ଏହି ସମସ୍ତ କଥା ଯଦି ସତ୍ୟ ହୁଏ, ତେବେ ସେ ଯେ ଜଣେ ଶକ୍ତିମାନ୍ ଭାବବାଦୀ ଓ ଶିକ୍ଷାଗୁରୁ ଥିଲେ ଏଥିରେ ସନ୍ଦେହ ନାହିଁ । ତେଣୁ ମନୋଯୋଗ ଓ ନିଷ୍ଠାର ସହିତ ତାହାଙ୍କ କଥା ଶୁଣିବା ଆମ୍ଭମାନଙ୍କର କର୍ତ୍ତବ୍ୟ, କିନ୍ତୁ ଆମ୍ଭମାନଙ୍କର ଯଦି ପ୍ରକୃତ ବିଚାରବୁଦ୍ଧି ଥାଏ, ତାହାଙ୍କର କଥା ବିଶ୍ୱାସ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହୋଇ ପାରିବ ତ ? ତାହାଙ୍କ କଥା ମନୋଯୋଗ ସହିତ ଶୁଣିବାର କ'ଣ ଯଥାର୍ଥ କାରଣ ରହିଛି ?

ଏ ପ୍ରଶ୍ନର ଏକମାତ୍ର ଉତ୍ତର...ନିଶ୍ଚୟ । ତାହାଙ୍କ ବିଷୟରେ ଆଲୋଚନା କରୁ କରୁ ଆମ୍ଭେମାନେ କ୍ରମେ ସେସମସ୍ତ କାରଣ ଆବିଷ୍କାର କରି ପାରିବୁ । ଅନ୍ଧଭାବେ ତାହାଙ୍କର କୌଣସି କଥା ବିଶ୍ୱାସ କରିବା ନିମନ୍ତେ ଯୀଶୁ କେବେ କହୁ ନ ଥିଲେ ବରଂ ସେ ଯେଉଁ ଶିକ୍ଷା ଦେଉଥିଲେ, ତା' ସପକ୍ଷରେ ସେ ଦୃଢ଼ ପ୍ରମାଣ ଦେଖାଉଥିଲେ । ସେ କହୁଥିଲେ ଯେ ତାହାଙ୍କ ଆଗମନ ଈଶ୍ୱରଙ୍କ ନିକଟରୁ ଏବଂ ସମସ୍ତ ମନୁଷ୍ୟଜାତି ପାଇଁ ତାହାଙ୍କ ଶିକ୍ଷାର ଗୁରୁତ୍ୱ ରହିଛି । ଆଧୁନିକ ଯୁଗର ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ତାହାଙ୍କ ଶିକ୍ଷାର ଉପଯୋଗିତା ରହିଛି । ତେଣୁ ଈଶ୍ୱରଙ୍କ ବିଷୟରେ ଓ ମନୁଷ୍ୟ ବିଷୟରେ, ଈଶ୍ୱରଙ୍କ ନିକଟକୁ ଯିବାର ପଥ ବିଷୟରେ ଓ ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ଯାହା କହି ଯାଇଅଛନ୍ତି, ଏହି କ୍ଷୁଦ୍ର ପୁସ୍ତକଟିରେ, ଆମ୍ଭେମାନେ ସେସମସ୍ତ ବିଷୟରେ ଆଲୋଚନା କରିବା ।

## ମହାନ୍ ପ୍ରତିଜ୍ଞାସକଳ

ଯୀଶୁ ନିଜ ସମ୍ବନ୍ଧରେ ତ ଅନେକ କଥା କହିଥିଲେ, ତାହାଛଡ଼ା ମନୁଷ୍ୟ ନିମନ୍ତେ ଈଶ୍ୱରଙ୍କର ଯେଉଁ ପ୍ରତିଜ୍ଞା ରହିଛି, ସେ ସମ୍ବନ୍ଧରେ ମଧ୍ୟ ଅନେକ ବିସ୍ମୟକର କଥା କହିଥିଲେ । ଉଦାହରଣ ସ୍ୱରୂପେ ସେ କହିଥିଲେ ଯେ, ସେ ଆମ୍ଭମାନଙ୍କ ଜୀବନକୁ ଉଦ୍ଦେଶ୍ୟପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ହୃଦୟ ଓ ଆତ୍ମାରେ ପ୍ରକୃତ ବିଶ୍ରାମ ଦେଇପାରିବେ । ସେ ଚିରସ୍ଥାୟୀ ଆନନ୍ଦ ଓ ଶାନ୍ତି ବିଷୟରେ ମଧ୍ୟ ଅନେକ କଥା କହିଥିଲେ ।

ଜୀବନକୁ ଭୟ ଓ ମୃତ୍ୟୁର କବଳରୁ ମୁକ୍ତ କରି, ଦୁଃଖ ଯନ୍ତ୍ରଣା ଓ ଧ୍ୱଂସମୁଖରୁ ଜୀବନକୁ ରକ୍ଷା କରି, ଈଶ୍ୱରଙ୍କ ସହଭାଗିତାରେ ମନୁଷ୍ୟକୁ ଅନନ୍ତ ଜୀବନର ଅଧିକାରୀ କରାଇବା ନିମନ୍ତେ ସେ ପ୍ରତିଜ୍ଞା ଦାନ କରିଥିଲେ । ସେ କହିଲେ ଯେ, ଆମ୍ଭେମାନେ ଯଦି ତାହାଙ୍କ ବାକ୍ୟ ଅନୁସାରେ ଆଚରଣ କରୁ, ତେବେ ସେ ଆମ୍ଭମାନଙ୍କୁ ଭୟ, ଅଜ୍ଞାନତା ଏବଂ ମନ୍ଦତା ପ୍ରଭୃତି ସମସ୍ତ ବନ୍ଧନରୁ ମୁକ୍ତ କରିବେ । ମୁକ୍ତି ଓ ପରିତ୍ରାଣ ନିମନ୍ତେ ଯେଉଁମାନେ ଅଦମ୍ୟ ଚେଷ୍ଟା କରନ୍ତି, କେବଳ ସେହି ଅଳ୍ପ କେତେଜଣ ଯେ ପରିତ୍ରାଣର ଅଧିକାରୀ ହୋଇପାରିବେ, ତାହା ନୁହେଁ କିନ୍ତୁ ମନୁଷ୍ୟର ପରିତ୍ରାଣ (ମୋକ୍ଷ)



ନିମନ୍ତେ ସେ ଯେଉଁ ପ୍ରତିଜ୍ଞା ଦାନ କରିଅଛନ୍ତି, ଯେକେହି ତାହା ପାଇବାକୁ ଇଚ୍ଛା କରିବ, ସେ ସଙ୍ଗେ ସଙ୍ଗେ ତାହା ପାଇ ପାରିବ ।

ସେ କହିଥିଲେ ଯେ, ନୂତନ ହୃଦୟ ଓ ସ୍ୱଭାବ ଦାନ କରି, ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ସମ୍ମୁଖରେ ଜୀବନ ଯାପନ କରିବା ନିମନ୍ତେ ଯୋଗ୍ୟ କରି ପାରିବେ ।

ନିଜ ଜୀବନରେ ସେ ଆମ୍ଭମାନଙ୍କୁ ଦେଖାଇଅଛନ୍ତି ଯେ, ଈଶ୍ୱରଙ୍କ ପ୍ରକୃତ ପରିଚୟ ଲାଭ କରି ତାହାଙ୍କ ସଙ୍ଗେ ସମ୍ପୂର୍ଣ୍ଣଭାବେ ସଂଲଗ୍ନ ହୋଇ ଜୀବନ ଯାପନ କରିପାରିବା ଆମ୍ଭମାନଙ୍କ ପକ୍ଷେ ସମ୍ଭବ ।

ସୁଦୂର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ, ଭାରତବାସୀ ଅସଂଖ୍ୟ ଗୁରୁଙ୍କର ପରିଚୟ ପାଇଛନ୍ତି । ସେମାନେ ଯୁଗ ପରେ ଯୁଗ ଶୁଣି ଆସିଛନ୍ତି ଯେ ଆତ୍ମିକ ଜ୍ଞାନ ଲାଭ ନିମନ୍ତେ କୌଣସି ଜଣେ ଗୁରୁଙ୍କ ସାହାଯ୍ୟ ଦରକାର ଓ ସେଥିପାଇଁ ସିଦ୍ଧ ଗୁରୁମାନଙ୍କୁ ଶ୍ରଦ୍ଧା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଶିକ୍ଷା ଅନୁଧ୍ୟାନ କରି ଆସିଛନ୍ତି ।

## ଆଦର୍ଶ ଗୁରୁ

ଏହି ପୁସ୍ତକରେ ଆମ୍ଭେମାନେ ଏପରି ଜଣେ ଗୁରୁଙ୍କ ବିଷୟରେ ଆଲୋଚନା କରିବୁ, ଯାହାଙ୍କୁ ଆଦର୍ଶ ଗୁରୁ ଆଖ୍ୟା ଦିଆଯାଇଛି । ଆଧ୍ୟାତ୍ମିକ ଶିକ୍ଷାଗୁରୁମାନଙ୍କଠାରେ ଯେଉଁ ସମସ୍ତ ଗୁଣ ରହିବା କଥା, ସେହିପରି ସମସ୍ତ ଗୁଣ ତାହାଙ୍କଠାରେ ଥିଲା ।

ମନୁଷ୍ୟ ନିମନ୍ତେ ତାହାଙ୍କ ହୃଦୟ କରୁଣାରେ ପୂର୍ଣ୍ଣ ଥିଲା । ତାହାଙ୍କଠାରେ ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ସଙ୍ଗେ ମିଳିତ କରିବାର ଦାୟିତ୍ୱ ବହନ କରି ସେ ସେମାନଙ୍କୁ ଈଶ୍ୱରଙ୍କ ନିକଟକୁ ଯିବାର ପଥ ଦେଖାଇଥିଲେ । ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ସେ ଥିଲେ ମିଳନର ସେତୁ ।

ସେ ସମ୍ପୂର୍ଣ୍ଣ ଅହିଂସ ଥିଲେ । ସେ କୌଣସି ଦିନ କାହାରି ମନରେ ସୁଦ୍ଧା ଆଘାତ ଦେଇ ନ ଥିଲେ ବରଂ ଅନ୍ୟମାନଙ୍କ ନିମନ୍ତେ ମଙ୍ଗଳବ୍ରତ ଗ୍ରହଣ କରି ସେ ସାରା ଜୀବନ ମନୁଷ୍ୟର ମଙ୍ଗଳ ସାଧନ ଦିଗରେ ନିଜକୁ ନିୟୋଜିତ କରିଥିଲେ । କେବଳ ଯେ ମୁହଁରେ ଶିକ୍ଷା ଦେଇଥିଲେ ତାହା ନୁହେଁ, ମାତ୍ର ତାହାଙ୍କର ଦୈନନ୍ଦିନ କାର୍ଯ୍ୟ, ତାହାଙ୍କର ପବିତ୍ର ଜୀବନ ଯାପନ ଓ ତାହାଙ୍କର

ଅତୁଳନୀୟ ପ୍ରେମ ଦ୍ୱାରା ସେ ଧର୍ମଶାସ୍ତ୍ରକୁ ତନ୍ନତନ୍ନଭାବେ ବୁଝାଇ ପାରୁଥିଲେ । ତାହାଙ୍କର ନମ୍ର ଓ କୋମଳ ହୃଦୟରେ ଗର୍ବ, ଅହଙ୍କାର ଓ ଦାମ୍ଭିକତାର ଚିହ୍ନ ନ ଥିଲା । ତାହାଙ୍କ ଜୀବନ ସ୍ୱାର୍ଥ ବା ସୁଖ୍ୟାତିର ମୋହ ଦ୍ୱାରା ପ୍ରଭାବିତ ହୋଇ ନ ଥିଲା ।

ଅତି ସୁନ୍ଦର ତାହାଙ୍କ ଜୀବନ । ଈଶ୍ୱର ଓ ମନୁଷ୍ୟ ନିମନ୍ତେ ତାହାଙ୍କ ଜୀବନରେ ପ୍ରେମର ଧାରା ପ୍ରବାହିତ ହେଉଥିଲା । ତାହାଙ୍କର ଜୀବନ ଥିଲା ଶୁଦ୍ଧପୂତଃ ଏବଂ ସେ ଜୀବନରେ ଥିଲା ନିଜକୁ ଅସ୍ୱୀକାର କରି ଆତ୍ମୋତ୍ସର୍ଗ କରିବାର ଶକ୍ତି ।

## ସଂକ୍ଷିପ୍ତ ଜୀବନ

ଯିରୂଶାଲମଠାରୁ ଅଳ୍ପ କେତେ ମାଇଲ ଦକ୍ଷିଣରେ ବେଥଲିହିମ ଗ୍ରାମ । ସେହି ଗ୍ରାମରେ ଯୀଶୁ ଜନ୍ମଗ୍ରହଣ କରିଥିଲେ ଓ ଗାଲିଲୀରେ ପାର୍ବତ୍ୟ ଅଞ୍ଚଳରେ ଥିବା ନାଜରିତ ଗ୍ରାମରେ ସେ ବଢ଼ି ଉଠିଥିଲେ । ସେ ଦରିଦ୍ର ଥିଲେ ଓ ନିଜ ଜୀବିକା ଅର୍ଜନ ନିମନ୍ତେ ତାହାଙ୍କୁ ଶାରୀରିକ ପରିଶ୍ରମ କରିବାକୁ ପଡ଼ିଥିଲା । ସେ ବିବାହ କରି ନ ଥିଲେ ।

ତାହାଙ୍କ ବାଲ୍ୟ ଜୀବନ ସମ୍ବନ୍ଧରେ ବିଶେଷ କିଛି ଜଣା ନ ଯାଇଥିଲେ ମଧ୍ୟ ଆମ୍ଭେମାନେ ଏହା ନିଶ୍ଚିତଭାବେ ଜାଣୁ ଯେ, *'ଯୀଶୁ ଜ୍ଞାନ ଓ ଶରୀରରେ ତଥା ଈଶ୍ୱର ଓ ମନୁଷ୍ୟମାନଙ୍କ ଅନୁଗ୍ରହରେ ବଢ଼ିବାକୁ ଲାଗିଲେ'* (ଲୂକ ୨:୫୨) ।

ତିରିଶ ବର୍ଷ ବୟସରେ ସେ ହଠାତ୍ ନିଜର ଘରଦ୍ୱାର ଛାଡ଼ି, ନିଜ ଦେଶର ଗ୍ରାମ, ନଗର ଓ ସହରରେ ବୁଲି ବୁଲି ଶିକ୍ଷା ଦେବାକୁ ଆରମ୍ଭ କଲେ । ତାହାଙ୍କର ଧନସମ୍ପତ୍ତି ନ ଥିଲା, ତେଣୁ ସେ ନିଜ ବିଷୟରେ କହିଥିଲେ, *''କୋକିଶିଆଳିମାନଙ୍କର ଗାତ ଅଛି ଓ ଆକାଶର ପକ୍ଷୀମାନଙ୍କର ବସା ଅଛି, ମାତ୍ର ମନୁଷ୍ୟପୁତ୍ରଙ୍କର ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ'* (ମାଥିଉ ୮:୨୦) । କ୍ୱଚିତ୍ ସେ ଇସ୍ରାଏଲର ସୀମା ବାହାରକୁ ଯାଇଥିଲେ, କାରଣ ସେ ଜାଣିଥିଲେ ଯେ ତାହାଙ୍କ ଜୀବନର ଉଦ୍ଦେଶ୍ୟ ସେହିଠାରେ ହିଁ ସଫଳ ହେବ ।



ଅତି ଅଳ୍ପ ସମୟ ମଧ୍ୟରେ ସେ ସ୍ୱଦେଶରେ ବିଖ୍ୟାତ ହୋଇ ପଡ଼ିଲେ ଏବଂ ତାହାଙ୍କ କଥା ଶୁଣିବାକୁ ଓ ତାହାଙ୍କର ଆଶ୍ଚର୍ଯ୍ୟ କର୍ମ ଦେଖିବାକୁ ବହୁ ସଂଖ୍ୟାରେ ଲୋକେ ତାହାଙ୍କ ନିକଟକୁ ଆସୁଥିଲେ ।

ତାହାଙ୍କର ଖ୍ୟାତି, ଧର୍ମ ସଂସ୍ଥାର ନେତାମାନଙ୍କୁ ଭଲ ଲାଗିଲା ନାହିଁ । ସେମାନେ ଭାବିବାକୁ ଲାଗିଲେ ଯେ, ଏହା ଫଳରେ ସେମାନଙ୍କର ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ । ତେଣୁ ଈର୍ଷାନ୍ୱିତ ହୋଇ ସେମାନେ ତାହାଙ୍କୁ କ୍ରୁଶରେ ଚଢ଼ାଇଲେ । ସେ ସମୟରେ କ୍ରୁଶରେ ମୃତ୍ୟୁଦଣ୍ଡ ଥିଲା ଅତି ନୃଶଂସ ଓ ଜଘନ୍ୟ ବ୍ୟବସ୍ଥା । ଅପରାଧୀର ହାତ ଓ ପାଦକୁ କ୍ରୁଶକାଠରେ କଣ୍ଟା ଦ୍ୱାରା ବିନ୍ଧା ଯାଉଥିଲା ଓ କ୍ରୁଶ କାଠକୁ ଉଠାଇ ମାଟିରେ ପୋତି ଦିଆଯାଉଥିଲା । ଅପରାଧୀ ଯନ୍ତ୍ରଣା ଭୋଗି ଭୋଗି ବହୁ ସମୟ ପରେ ପ୍ରାଣତ୍ୟାଗ କରୁଥିଲା । ଯୀଶୁ ପ୍ରାୟ ତେତ୍ରିଶ ବର୍ଷ ବୟସରେ ସମ୍ପୂର୍ଣ୍ଣ ଯୌବନାବସ୍ଥାରେ କ୍ରୁଶରେ ମୃତ୍ୟୁଦଣ୍ଡ ଭୋଗ କରିଥିଲେ ।

ମୃତ୍ୟୁର କିଛି ପୂର୍ବରୁ ସେ ନିଜ ଶିଷ୍ୟମାନଙ୍କୁ କହିଥିଲେ ଯେ, ସେ ମୃତ୍ୟୁରୁ ଉଠିବେ ଏବଂ ତାହାଙ୍କ ଶିଷ୍ୟମାନେ ନିଶ୍ଚିତଭାବେ ତା'ର ପ୍ରମାଣ ପାଇଲେ ଯେ, ସେ ମୃତ୍ୟୁରୁ ଉଠିଅଛନ୍ତି । କେବଳ ସେତିକି ନୁହେଁ, ମାତ୍ର ଥରକୁ ଥର ସେମାନେ ପୁନରୁତ୍ଥିତ ଯୀଶୁଙ୍କର ଦର୍ଶନ ପାଇ ସେ କଥା ସମସ୍ତଙ୍କୁ ଜଣାଇଲେ । ପୁନରୁତ୍ଥାନର ଚାଳିଶ ଦିନ ପରେ ସେ ଶିଷ୍ୟମାନଙ୍କ ଦୃଷ୍ଟିପଥରୁ ଅଦୃଶ୍ୟ ହୋଇଗଲେ । ଏହା ହିଁ ତାହାଙ୍କର ସଂକ୍ଷିପ୍ତ ଜୀବନୀ ।

ଯୀଶୁ ଥରକୁ ଥର କହିଥିଲେ ଯେ, ଈଶ୍ୱର ତାହାଙ୍କୁ ସ୍ୱର୍ଗରୁ ପଠାଇଅଛନ୍ତି । ତେଣୁ ତାହାଙ୍କ ପକ୍ଷରେ କ୍ରୁଶରେ ମୃତ୍ୟୁଭୋଗ କରିବାରେ କି ଯଥାର୍ଥତା ରହିଛି ? ଯେଉଁ ଈଶ୍ୱର ତାହାଙ୍କୁ ପୃଥିବୀକୁ ପଠାଇଥିଲେ, ଶତ୍ରୁମାନଙ୍କ ହାତରୁ ସେ ତାହାଙ୍କୁ ରକ୍ଷା କରି ପାରିଲେ ନାହିଁ କାହିଁକି ? ତାହାଙ୍କର ଜୀବନ, ଶିକ୍ଷା ଓ ମୃତ୍ୟୁରେ କି ନିଗୂଢ଼ ତତ୍ତ୍ୱ ନିହିତ ଅଛି ଓ ସେଥିରେ ଆମ୍ଭମାନଙ୍କ ପାଇଁ କି ଶିକ୍ଷା ରହିଛି ? ଯୀଶୁ ନିଜେ ଏସମସ୍ତ ପ୍ରଶ୍ନର ଉତ୍ତର ଦେଇ ଯାଇଅଛନ୍ତି ଓ ଏହି ପୁସ୍ତକରେ ଆମ୍ଭେମାନେ ତାହାଙ୍କର ଉତ୍ତରଗୁଡ଼ିକ ବିଷୟରେ ଆଲୋଚନା କରିବା ।

ତାହାଙ୍କ ଜୀବନର ବିବରଣୀ, ଧର୍ମଶାସ୍ତ୍ର ବାଇବଲର ନୂତନ ନିୟମ ଭାଗରେ ଥିବା ଚାରୋଟି ସୁସମାଚାରରେ ଲେଖାଯାଇଛି ।

ମାଥିଉ, ମାର୍କ, ଲୂକ ଓ ଯୋହନ ଯୀଶୁଙ୍କର ସମସାମୟିକ । ମାଥିଉ ଓ ଯୋହନ ତାହାଙ୍କ ବାର ଶିଷ୍ୟମାନଙ୍କ ମଧ୍ୟରେ ଦୁଇଜଣ । ମାର୍କ ଓ ଲୂକ ଯୀଶୁଙ୍କ ଶିଷ୍ୟମାନଙ୍କୁ ଜାଣିଥିଲେ । ତେଣୁ ଗୁରୁଙ୍କ ବିଷୟରେ, ଶିଷ୍ୟମାନଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ସେମାନେ ସୁଯୋଗ ପାଇଥିଲେ । ତେଣୁ ଯୀଶୁ ଯାହା କହିଥିଲେ ଓ କରିଥିଲେ, ସେମାନେ ସେସମସ୍ତ ବିଷୟ ଜାଣିଥିଲେ ଓ ଆମ୍ଭମାନଙ୍କ ଜାଣିବା ନିମନ୍ତେ ସେ ସମସ୍ତ ଲିପିବଦ୍ଧ କରି ଯାଇଅଛନ୍ତି ।

ଆମ୍ଭମାନଙ୍କ ପକ୍ଷରେ ସୌଭାଗ୍ୟର କଥା ଯେ ଯୀଶୁଙ୍କ ସମ୍ବନ୍ଧରେ ଏସମସ୍ତ ବିବରଣୀ ଆମ୍ଭେମାନେ ପାଇ ପାରିଛୁ । ତେଣୁ ଯୀଶୁ କି ପ୍ରକାର ଜୀବନ ଯାପନ କରିଥିଲେ ଓ କି କି ଶିକ୍ଷା ଦେଇଥିଲେ, ସେହିସମସ୍ତ ବିବରଣୀରୁ ଆମ୍ଭେମାନେ ତାହା ଜାଣିପାରିଛୁ । ସୁସମାଚାରଗୁଡ଼ିକରେ ଯୀଶୁଙ୍କ ବିଷୟରେ ଯାହା ଲେଖାଯାଇଛି, ସେସବୁ ଯେ ନିର୍ଭରଯୋଗ୍ୟ, ତା'ର ଦୃଢ଼ ପ୍ରମାଣ ରହିଛି । ସୁସମାଚାରଗୁଡ଼ିକରେ ଯୀଶୁଙ୍କର ମୁଖନିର୍ଗତ କଥା ଏବଂ ଶିଷ୍ୟମାନଙ୍କୁ ଦେଇଥିବା ଶିକ୍ଷା ସମ୍ବନ୍ଧରେ ଯାହା ଲେଖାଯାଇଛି, ଆମ୍ଭେମାନେ କ୍ରମେ ସେ ବିଷୟଗୁଡ଼ିକ ଆଲୋଚନା କରିବା । ଏହି ପୁସ୍ତକରେ, ବାଇବଲ ଶାସ୍ତ୍ରର ବିଭିନ୍ନ ଅଂଶରେ ଥିବା ବହୁ ଉଦ୍ଧୃତାଂଶ ଉଲ୍ଲେଖ କରାଯାଇଛି, କାରଣ ଯୀଶୁ ନିଜେ କହିଥିଲେ ଯେ, ବାଇବଲ୍ ସମ୍ପୂର୍ଣ୍ଣଭାବେ ଈଶ୍ୱରଙ୍କ ବାକ୍ୟ ।

ଆସନ୍ତୁ, ପରମଗୁରୁ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ପ୍ରତି ଦୃଷ୍ଟି ଦେଉ ।



# ୨ ଈଶ୍ୱରଙ୍କ ସମ୍ବନ୍ଧରେ ଗୁରୁଙ୍କ ବାକ୍ୟ

ଈଶ୍ୱର କି ପ୍ରକାର ?

ଏ ପ୍ରଶ୍ନ ଯୁଗ ଯୁଗର । ମନୁଷ୍ୟଜାତିର ସୁଦୀର୍ଘ ଇତିହାସରେ ପ୍ରତ୍ୟେକ ଦେଶର ବହୁ ଲୋକଙ୍କ ମନରେ ଏହି ଚିରନ୍ତନ ପ୍ରଶ୍ନ...ଈଶ୍ୱର କିପରି ?

ଯୀଶୁ କହିଥିଲେ ଯେ, ସେ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ତେଣୁ ସେ ଯେ ଈଶ୍ୱରଙ୍କ ସମ୍ବନ୍ଧରେ ବହୁ ନିଗୂଢ଼ ସତ୍ୟ ପ୍ରକାଶ କରିଥିବେ, ସେ କଥା ଭାବିବା ଆମ୍ଭମାନଙ୍କ ପକ୍ଷରେ ସ୍ୱାଭାବିକ । ଆସନ୍ତୁ, ସେହି ଅତି ପୁରାତନ ପ୍ରଶ୍ନର ପୁଣି ଥରେ ଅବତାରଣା କରୁ...ସର୍ବୋପରିସ୍ଥ ଈଶ୍ୱର କିପରି ? ତାହାଙ୍କୁ ଜାଣିବା କ'ଣ ସମ୍ଭବ ? ଆମ୍ଭେମାନେ କ'ଣ ଭାଷାରେ ତାହାଙ୍କୁ ବର୍ଣ୍ଣନା କରି ପାରିବା ? ଏହି ପ୍ରଶ୍ନଗୁଡ଼ିକର ସମାଧାନ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାଗୁଡ଼ିକୁ ଗଭୀର ଭାବରେ ଲକ୍ଷ୍ୟ କରୁ ।

ଥରେ ଗୋଟିଏ କୂପ ପାଖରେ ବସି ଗୁରୁ, ଜଣଙ୍କ ସଙ୍ଗେ ଈଶ୍ୱରଙ୍କ ବିଷୟରେ ଆଲୋଚନା କରୁଥିଲେ । ସେ ଜଣଙ୍କ ଈଶ୍ୱରଙ୍କ ସମ୍ବନ୍ଧରେ କିଛି ଜାଣି ନ ଥିଲେ । ତେଣୁ ସେ ଈଶ୍ୱରବିହୀନ ଜୀବନ ଯାପନ କରୁଥିଲେ । ପରମ ପିତାଙ୍କ ବିଷୟରେ ଗୁରୁ ତାଙ୍କୁ ଯେଉଁ ସମସ୍ତ କଥା କହିଥିଲେ, ସେଥିରୁ ଈଶ୍ୱରଙ୍କ ସମ୍ବନ୍ଧରେ ଅନେକ ବିଷୟ ସ୍ପଷ୍ଟ ହୋଇଗଲା । ଗୁରୁ କହିଥିଲେ, *'ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି, ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହିପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ୍'* (ଯୋହନ ୪:୨୩-୨୪) ।

ଯୀଶୁଙ୍କର ଏହି ବାକ୍ୟଗୁଡ଼ିକରୁ ଆରମ୍ଭ କରି, ସେ ଈଶ୍ୱରଙ୍କ ସମ୍ବନ୍ଧରେ ଅନ୍ୟ ଯେସମସ୍ତ କଥା କହିଥିଲେ, କ୍ରମେ ସେଗୁଡ଼ିକୁ ମଧ୍ୟ ଆଲୋଚନା କରିବା ।

ପ୍ରଥମେ, ଈଶ୍ୱରଙ୍କର ଅସ୍ତିତ୍ୱ ଅଛି–

ଏ ବିଷୟରେ କୌଣସି ପ୍ରଶ୍ନ ଉଠି ପାରେନା । ଯୀଶୁଙ୍କ କଥା ଯଦି ସତ୍ୟ, ତେବେ ନାସ୍ତିବାଦ ସମ୍ପୂର୍ଣ୍ଣ ମିଥ୍ୟା । ଆମ୍ଭମାନଙ୍କର ଜାଣିବା ଉଚିତ୍ ଯେ, କେବଳ ଜଣେ କାହିଁକି, ପୃଥିବୀର ସବୁ ନାସ୍ତିକଙ୍କ କଥାଠାରୁ ବରଂ ଯୀଶୁଙ୍କ କଥାରେ ବିଶ୍ୱାସ କରିବା ସପକ୍ଷରେ ବହୁ କାରଣ ରହିଛି । ଯୀଶୁ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ସବୁ ସମୟରେ ଈଶ୍ୱରଙ୍କ ସଙ୍ଗେ ତାହାଙ୍କର ଯୋଗାଯୋଗ ରହିଥିଲା ଓ ଈଶ୍ୱରଙ୍କ ଶକ୍ତିରେ, ସେ ମହାନ୍ ମହାନ୍ କର୍ମ ସାଧନ କରିଥିଲେ । ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ସେ କୌଣସି ଦିନ ଯୁକ୍ତିତର୍କ କରି ନାହାନ୍ତି ବରଂ ନିଜ କାର୍ଯ୍ୟରେ ତାହା ପ୍ରମାଣିତ କରିଅଛନ୍ତି ଯେ, ଈଶ୍ୱର ଅଛନ୍ତି, ସେ ସମ୍ବନ୍ଧରେ ସେ ନିଜେ ସବୁଠାରୁ ବଡ଼ ପ୍ରମାଣ । ଈଶ୍ୱର ନାହାନ୍ତି, ଏହା ପ୍ରମାଣ କରିବାକୁ ନାସ୍ତିକ ପାଖରେ କି ଯୁକ୍ତି ବା ରହିଛି ? 'ତେଣୁ ଈଶ୍ୱର ନାହାନ୍ତି' ଏ ଉକ୍ତିକୁ ପ୍ରମାଣ କରାଯାଇପାରେନା । ଈଶ୍ୱର ନାହାନ୍ତି ବୋଲି ଯେଉଁ ଲୋକ ଦୃଢ଼ ଭାବରେ କହେ, ଯେଉଁ ବିଷୟରେ ତାହାର କୌଣସି ଜ୍ଞାନ ନାହିଁ, ସେ ଯେପରି ସେହି ଜ୍ଞାନର ଦାବୀ କରେ । ରହସ୍ୟମୟ, ବିରାଟ ବିଶ୍ୱଜଗତ ମଧ୍ୟରେ କ୍ଷୁଦ୍ର କଣା ସମ ଯେ ଏହି ପୃଥିବୀ, ତାହା ଉପରେ ଠିଆ ହୋଇ ରହିଛି ରିକ୍ତ, ନିଃସମ୍ବଳ, ସସୀମ ମନୁଷ୍ୟ । ପୃଥିବୀର ବର୍ତ୍ତମାନ ଅବସ୍ଥା ବିଷୟରେ ମଧ୍ୟ ତା'ର ଜ୍ଞାନ ଅତି ସାମାନ୍ୟ ଓ ସୀମାବଦ୍ଧ, ପୁଣି ପୃଥିବୀର ଉତ୍ପତ୍ତି କିପରି ହେଲା, ସେ ସମ୍ବନ୍ଧରେ ସେ କେବଳ ଅନୁମାନ କରିପାରେ । ତେଣୁ ଈଶ୍ୱରଙ୍କ ବିନା ଯେ ପୃଥିବୀର ସୃଷ୍ଟି ହେଲା ଓ ସେଥିପାଇଁ ଈଶ୍ୱର ନାହାନ୍ତି ଏ ଅଯୌକ୍ତିକ କଥା କହିବା ତା' ପକ୍ଷରେ ଅସଙ୍ଗତ ।

ତେବେ ଯୀଶୁ ଯଦି ଈଶ୍ୱରଙ୍କର ନିକଟରୁ ଗୁରୁ ରୂପେ ଆସିଥାଆନ୍ତି, ତେବେ ଚିରଦିନ ନିମନ୍ତେ ଏ ପ୍ରଶ୍ନର ମୀମାଂସା ହୋଇଗଲା । ଈଶ୍ୱର ଯେ ଅଛନ୍ତି, ଯୀଶୁ ନିଜ ଶିକ୍ଷାରେ ତାହା କହିଥିଲେ ଓ ଏ ଭରସା ମଧ୍ୟ ଦେଇଥିଲେ ଯେ, ପ୍ରତ୍ୟେକେ ଈଶ୍ୱରଙ୍କୁ ଜୀବନରେ ଅନୁଭବ କରିପାରିବେ । ଈଶ୍ୱରଙ୍କୁ ଅନୁଭବ କରିବା ନିମନ୍ତେ ଯଦି ଆମ୍ଭମାନଙ୍କର ଆଗ୍ରହ ଓ ଆନ୍ତରିକତା ଥାଏ, ତେବେ ଆମ୍ଭେମାନେ ଜୀବନରେ ଈଶ୍ୱରଙ୍କୁ ନିଶ୍ଚୟ ଅନୁଭବ କରିପାରିବୁ ।



ଯୀଶୁ କହିଥିଲେ, *'କେହି ଯଦି ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବ୍ରତୀ ହୁଏ, ତେବେ ମୋର ଶିକ୍ଷା ଈଶ୍ୱରଙ୍କଠାରୁ ଆଗତ କିମ୍ବା ମୁଁ ମୋ' ନିଜ ମନରୁ କହେ, ତାହା ସେ ଜାଣି ପାରିବ'* (ଯୋହନ ୭:୧୭) ।

ସେ ଆହୁରି ମଧ୍ୟ କହିଥିଲେ, *'ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ଆଘାତ କର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ତାହା ଫିଟାଇ ଦିଆଯିବ'* (ମାଥିଉ ୭:୭) । ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ପରୀକ୍ଷା କରିବାକୁ ଅନେକ ପ୍ରମାଣସିଦ୍ଧ ଉପାୟ ରହିଛି, ତେଣୁ କେହି ଯଦି ସେପରି ପରୀକ୍ଷା ନ କରି କହେ ଯେ ଈଶ୍ୱର ନାହାନ୍ତି, ତେବେ ତା'ର ସେ କଥାର କୌଣସି ମୂଲ୍ୟ ନାହିଁ । ଯେଉଁମାନେ ପ୍ରକୃତ ଉପାୟରେ ଈଶ୍ୱରଙ୍କର ସନ୍ଧାନ କରନ୍ତି, ସେମାନେ ଯେ ତାହାଙ୍କୁ ପାଇ ପାରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଆଲୋଚନାର ପର ବିଷୟ ପ୍ରତି ଲକ୍ଷ୍ୟ କରିବା ।

## ଈଶ୍ୱର ଆତ୍ମା

ଈଶ୍ୱରଙ୍କର ବାସ୍ତବ ରୂପ ନାହିଁ । ଆମ୍ଭେମାନେ ଈଶ୍ୱରଙ୍କୁ ଚର୍ମ ଚକ୍ଷୁରେ ଦେଖି ପାରିବା ନାହିଁ । ଗୁରୁଙ୍କ କଥା ଅନୁସାରେ ଈଶ୍ୱର ଆତ୍ମା ଏବଂ ସେ ପୃଥିବୀର ଅନ୍ତର୍ଭୁକ୍ତ ନୁହନ୍ତି । ପୃଥିବୀ ମଧ୍ୟ ଈଶ୍ୱରଙ୍କର ଏକ ଅଂଶ ନୁହେଁ । ବୁଢ଼ିଆଣୀ ଯେଉଁ ଜାଲ ବୁଣେ ତାହା ତା' ଶରୀରର ଗୋଟିଏ ଅଂଶରୁ ବାହାରେ । କିନ୍ତୁ ଈଶ୍ୱର ଓ ପୃଥିବୀ ସମ୍ବନ୍ଧରେ ଏ କଥା ସତ୍ୟ ନୁହେଁ । ପୃଥିବୀ ବସ୍ତୁ, ଶାରୀରିକ, କିନ୍ତୁ ଈଶ୍ୱର ସମ୍ପୂର୍ଣ୍ଣଭାବେ ଆତ୍ମା, ତେଣୁ ଈଶ୍ୱର ଓ ପୃଥିବୀ, ପରସ୍ପରଠାରୁ ପୃଥକ୍ । ଈଶ୍ୱରଙ୍କର ଗୋଟିଏ ଅଂଶ ବସ୍ତୁ ଓ ଅନ୍ୟ ଅଂଶ ଆତ୍ମା ନୁହେଁ ।

ଅବଶ୍ୟ ଆତ୍ମାର ରୂପ କିପରି, ସେ କଥା କେହି କଳ୍ପନା କରିପାରିବେ ନାହିଁ । ତେଣୁ ଆତ୍ମାବିଶିଷ୍ଟ ଏହି ପରମସତ୍ତାଙ୍କର ଧାରଣା କରି ହେବ କିପରି ? ତାହାଙ୍କର ସ୍ୱ–ନିର୍ମିତ ବସ୍ତୁରେ କିପରି ତାହାଙ୍କୁ ରୂପାୟିତ କରିହେବ ? ମନୁଷ୍ୟ ନିଜର ଶରୀର ବା ମନ ସାହାଯ୍ୟରେ ତାହାଙ୍କ ସତ୍ତାକୁ କେବେ ଧାରଣା କରି ପାରିବ ନାହିଁ । ତା'ର ସେ ଉଦ୍ୟମ ବାସ୍ତବ ସତ୍ୟର ସୀମା ସୁଦ୍ଧା ସ୍ପର୍ଶ କରି

ପାରିବ ନାହିଁ ବରଂ ଈଶ୍ୱରଙ୍କ ବିଷୟରେ ତା' ମନରେ କେବଳ ଗୋଟିଏ ମିଥ୍ୟା ଧାରଣା ସୃଷ୍ଟି ହେବ । ଈଶ୍ୱରଙ୍କର ମହିମା ଓ ଗୌରବ ଅସୀମ । କିଏ ତାହା ଭାଷାରେ ପ୍ରକାଶ କରି ପାରିବ ? ଆମ୍ଭମାନଙ୍କ ଗୋଚର ନିମନ୍ତେ କିଏ ତାହାଙ୍କୁ ଆମ୍ଭମାନଙ୍କ ସମ୍ମୁଖରେ ସ୍ଥାପନ କରି ପାରିବ ?

## ପିତା ଈଶ୍ୱର

ଯୀଶୁ ଏହା ମଧ୍ୟ କହିଥିଲେ ଯେ, ଈଶ୍ୱର ଆତ୍ମା ହେଲେ ମଧ୍ୟ ତାହାଙ୍କୁ ପିତା ରୂପେ ସମ୍ବୋଧନ କରା ଯାଇପାରେ । ଈଶ୍ୱରଙ୍କ ବିଷୟରେ କହିବା ବେଳେ ଯୀଶୁ ବହୁ ସମୟରେ ପିତା ଶବ୍ଦ ବ୍ୟବହାର କରିଅଛନ୍ତି ଓ ତାହାଙ୍କର ଏପରି କହିବାର ଯଥାର୍ଥ କାରଣ ମଧ୍ୟ ରହିଛି । ଏହି ଶବ୍ଦଟିର ବ୍ୟବହାର ମଧ୍ୟରେ ଯେଉଁ କଥାଟି ସ୍ପଷ୍ଟଭାବେ ବୁଝା ପଡୁଛି, ତାହା ହେଲା– ଈଶ୍ୱର ଜୀବନ୍ତ ଓ ବ୍ୟକ୍ତିତ୍ୱସମ୍ପନ୍ନ, ସେ ବ୍ୟକ୍ତିତ୍ୱବିହୀନ ଏକ ଶକ୍ତି ନୁହନ୍ତି । ଈଶ୍ୱର ପୁଂଲିଙ୍ଗ ବାଚକ 'ସେ', କ୍ଲୀବ ଲିଙ୍ଗ ବାଚକ 'ଏହା' ନୁହନ୍ତି । ମନୁଷ୍ୟ ପରି ଈଶ୍ୱର ଜାଣି ପାରନ୍ତି, ଅନୁଭବ କରନ୍ତି ଓ ଇଚ୍ଛା କରନ୍ତି । ତାହାଙ୍କର ଶାରୀରିକ ଅଙ୍ଗ ପ୍ରତ୍ୟଙ୍ଗ ନାହିଁ ସତ, କିନ୍ତୁ ଯେ ଚକ୍ଷୁ ସୃଷ୍ଟି କଲେ, ସେ ଦେଖି ପାରନ୍ତି, ଯେ କର୍ଣ୍ଣ ସୃଷ୍ଟି କଲେ, ସେ ଶୁଣି ପାରନ୍ତି, ଯେ ମନ ସୃଷ୍ଟି କଲେ, ସେ ଜାଣି ପାରନ୍ତି ଓ ଯେ ଆମ୍ଭମାନଙ୍କୁ ବ୍ୟକ୍ତି ରୂପେ ସୃଷ୍ଟି କଲେ, ସେ ନିଜେ ବ୍ୟକ୍ତିତ୍ୱସମ୍ପନ୍ନ ।

କିନ୍ତୁ ଈଶ୍ୱରଙ୍କୁ ବ୍ୟକ୍ତିତ୍ୱସମ୍ପନ୍ନ ରୂପେ ସ୍ୱୀକାର କରି, ସେ ବ୍ୟକ୍ତିତ୍ୱକୁ, ମନୁଷ୍ୟର ପତିତ, ସ୍ୱାର୍ଥପର ଓ ସସୀମ ବ୍ୟକ୍ତିତ୍ୱ ରୂପେ ଯେପରି କଳ୍ପନା ନ କରୁ । ଈଶ୍ୱରଙ୍କ ଜ୍ଞାନ ଅସୀମ, ତାହାଙ୍କର ଇଚ୍ଛା ସର୍ବଶକ୍ତିସମ୍ପନ୍ନ ଓ ତାହାଙ୍କର ହୃଦୟ ବିରାଟ ବିଶ୍ୱଠାରୁ ମଧ୍ୟ ପ୍ରଶସ୍ତ । ଅନ୍ୟଭାବେ କହିବାକୁ ଗଲେ ଈଶ୍ୱରଙ୍କର ବ୍ୟକ୍ତିତ୍ୱ, ନିଷ୍କଳଙ୍କ, ସିଦ୍ଧ, ସ୍ୱୟଂସମ୍ପୂର୍ଣ୍ଣ ଓ ଅସୀମ ।

ଈଶ୍ୱର ଯେ ଆଦର୍ଶ ପିତା ସ୍ୱରୂପ, ଗୁରୁ ତାହା ମଧ୍ୟ ଜଣାଇବାକୁ ଚାହିଁଥିଲେ । ତାହାର ଅର୍ଥ, ଈଶ୍ୱର ସର୍ବଶକ୍ତିମାନ, ଦୟାମୟ ଓ ବିଶ୍ୱସ୍ତ ଏବଂ ସେ ନିଜ ସନ୍ତାନମାନଙ୍କୁ ପ୍ରତି ସୁବିବେଚିତ ପିତା ପରି ବ୍ୟବହାର କରନ୍ତି । ସେ ନିଜ ସନ୍ତାନମାନଙ୍କୁ ଖାଦ୍ୟ ବସ୍ତ୍ର ଯୋଗାଇଥାଆନ୍ତି, ସେମାନଙ୍କୁ ସଦୁପଦେଶ



ଦେଇଥାଆନ୍ତି ଓ ସର୍ବୋତ୍ତମ ପଥ ଦିଗରେ ସେମାନଙ୍କୁ ପରିଚାଳିତ କରନ୍ତି । ଈଶ୍ୱରଙ୍କଠାରେ ମନୁଷ୍ୟ ପ୍ରତି କରୁଣା, କୋମଳତା ଓ ଚିରସ୍ଥାୟୀ ପ୍ରେମ ମଧ୍ୟ ରହିଛି ।

'ପିତା'–ଏହି ଶବ୍ଦ ବ୍ୟବହାର କରି ଯୀଶୁ ଜଣାଇ ଦେବାକୁ ଚାହିଁଥିଲେ ଯେ, ଈଶ୍ୱରଙ୍କର ସନ୍ତାନ ଅଛନ୍ତି । ଯୀଶୁ ଥରକୁ ଥର ଈଶ୍ୱରଙ୍କୁ ଆପଣା ପିତା ବୋଲି ସମ୍ବୋଧନ କରିଥିଲେ । ସେ ନିଜ ଶିଷ୍ୟମାନଙ୍କୁ ପ୍ରାର୍ଥନାରେ ଏପରି କହିବାକୁ ଶିଖାଇଥିଲେ, 'ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା' (ମାଥିଉ ୬:୯) । ଏହାର ପ୍ରକୃତ ଅର୍ଥ କ'ଣ ଆମ୍ଭେମାନେ ପରେ ତାହା ବୁଝି ପାରିବା । ବର୍ତ୍ତମାନ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ, ଈଶ୍ୱରଙ୍କ ସନ୍ତାନମାନେ ତାହାଙ୍କ ଆତ୍ମାରୁ ଜନ୍ମ ଲାଭ କରନ୍ତି ଓ ସେମାନେ ତାହାଙ୍କୁ ଜାଣନ୍ତି । ପୁତ୍ର ଯେପରି ନିଜ ପାର୍ଥିବ ପିତାକୁ ସମ୍ମାନ କରେ, ସେହିପରି ଈଶ୍ୱରଙ୍କ ସନ୍ତାନମାନେ, ତାହାଙ୍କୁ ତାହାଠାରୁ ଅଧିକ ପ୍ରେମ ଓ ସମ୍ମାନ କରି ତାହାଙ୍କର ସମସ୍ତ ଆଜ୍ଞା ପାଳନ କରିଥା'ନ୍ତି ।

ପୃଥିବୀର ରୁକ୍ଷ ରହସ୍ୟ ଅନ୍ତରାଳରେ ଯେ ପିତାଙ୍କର ସ୍ନେହ ଓ କୋମଳ ହୃଦୟ ରହିଛି, ଯୀଶୁ ଆମ୍ଭମାନଙ୍କୁ ସେ ସତ୍ୟର ସନ୍ଧାନ ଦେଇଥିଲେ । ସେହି ସତ୍ୟ ଆମ୍ଭମାନଙ୍କ ହୃଦୟ, ମନ ଓ ଆତ୍ମାକୁ ପରିତୃପ୍ତ କରେ ।

ଖ୍ରୀଷ୍ଟ ଆହୁରି ମଧ୍ୟ କହିଥିଲେ ଯେ, ଈଶ୍ୱର ଅନୁସନ୍ଧାନକାରୀ ଆତ୍ମା ।

ଈଶ୍ୱର ପ୍ରେମପୂର୍ଣ୍ଣ ହୃଦୟରେ ନିଜ ସନ୍ତାନମାନଙ୍କର ସନ୍ଧାନ କରନ୍ତି, ଯେପରି ପ୍ରତିଦାନରେ ସେମାନେ ତାହାଙ୍କୁ ପ୍ରେମ କରିବେ । ମନୁଷ୍ୟମାନେ ଯେପରି ତାହାଙ୍କ ଆଡ଼କୁ ଫେରିବେ ଏବଂ ତାହାଙ୍କଠାରେ ଆସ୍ଥା ସ୍ଥାପନ କରି, ତାହାଙ୍କୁ ନିଜ ନିଜ ହୃଦୟ ସମର୍ପଣ କରିବେ, ସେଥିପାଇଁ ଈଶ୍ୱର ଏହି ପୃଥିବୀରେ କାର୍ଯ୍ୟ କରି ଆସୁଅଛନ୍ତି । ସେ ଆମ୍ଭମାନଙ୍କଠାରୁ ଦୂରରେ ରହି ନ ଥାଆନ୍ତି, କାରଣ ଆମ୍ଭେମାନେ ତାହାଙ୍କ ମଧ୍ୟରେ ବଞ୍ଚି ରହୁ, ଚଳପ୍ରଚଳ ହେଉ ଓ ଆମ୍ଭମାନଙ୍କର ଅସ୍ତିତ୍ୱ ରକ୍ଷା କରୁ । ଈଶ୍ୱର ବାୟୁ ପରି ଆମ୍ଭମାନଙ୍କୁ ଘେରି ରହିଅଛନ୍ତି ଓ ତାହାଙ୍କ ଯୋଗୁ ଆମ୍ଭମାନଙ୍କର ଅସ୍ତିତ୍ୱ ସମ୍ଭବ ହୋଇ ପାରିଛି ।

ଈଶ୍ୱରଙ୍କୁ ସନ୍ଧାନ କରିବା ନିମନ୍ତେ ଆମ୍ଭମାନଙ୍କୁ ଏଆଡ଼େ ସେଆଡ଼େ ଦୌଡ଼ିବାକୁ ପଡ଼ିବ ନାହିଁ, କାରଣ ପୃଥିବୀରେ ଏପରି ସ୍ଥାନ ନାହିଁ, ଯେଉଁଠାରେ ଈଶ୍ୱର ନାହାନ୍ତି । ଈଶ୍ୱରଙ୍କର ଯେ ସନ୍ଧାନ କରୁଛୁ, ଏ କଥା ଭାବି ଆମ୍ଭେମାନେ ମନରେ ଆନନ୍ଦ ଅନୁଭବ କରୁଥାଉ, କିନ୍ତୁ ଆମ୍ଭେମାନେ ଯଥାର୍ଥଭାବେ ତାହାଙ୍କର ସନ୍ଧାନ କରିଥାଉ କି ?

ଆମ୍ଭମାନଙ୍କ ମନକୁ ଭାରାକ୍ରାନ୍ତ କରୁଥିବା ଅନେକ ସମସ୍ୟାର ସମାଧାନ ଆମ୍ଭେମାନେ ସନ୍ଧାନ କରିଥାଉ, ଅନେକେ ହୃଦୟର ତୃପ୍ତି ଓ ଶାନ୍ତିର ସନ୍ଧାନ କରିଥା'ନ୍ତି, ଅନେକେ ଈଶ୍ୱରଙ୍କ ଦାନ ଓ ଆଶୀର୍ବାଦର ପ୍ରତୀକ ରୂପେ ଧନସମ୍ପଦର ସନ୍ଧାନ କରିଥା'ନ୍ତି, ଅନେକେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଜ୍ଞାନର ସନ୍ଧାନ କରିଥା'ନ୍ତି, କିନ୍ତୁ ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତି ସତ୍ୟ ଈଶ୍ୱରଙ୍କର ସନ୍ଧାନ କରିଥା'ନ୍ତି ।

ପ୍ରକୃତରେ କହିବାକୁ ଗଲେ ମନୁଷ୍ୟ ଈଶ୍ୱରଙ୍କଠାରୁ ଦୂରକୁ ପଳାଇ ଯାଇଛି ଏବଂ ଈଶ୍ୱରଙ୍କୁ ଯେ ମନୁଷ୍ୟର ସନ୍ଧାନ କରିବାକୁ ପଡୁଛି, ସେଥିରୁ ତାହା ପ୍ରମାଣିତ ହେଉଛି । କାହା ମନରେ ଈଶ୍ୱରଙ୍କୁ ସନ୍ଧାନ କରିବା ଇଚ୍ଛା ଜାଗ୍ରତ ହେଲେ, ବୁଝିବାକୁ ହେବ ଯେ, ଈଶ୍ୱର ପ୍ରଥମେ ତା'ର ସନ୍ଧାନ କରିଅଛନ୍ତି । ଈଶ୍ୱରଙ୍କୁ ସନ୍ଧାନ କରିବା ନିମନ୍ତେ, ସେ ନିଜେ ଆମ୍ଭମାନଙ୍କ ମନରେ ସେହି ଇଚ୍ଛା ଜାଗ୍ରତ କରନ୍ତି ।

## ଈଶ୍ୱର ପ୍ରେମ

ଈଶ୍ୱର ପ୍ରେମ ସ୍ୱରୂପ, ତେଣୁ ସେ ଏପରି କରିଥାଆନ୍ତି । ମନୁଷ୍ୟ ଚିରଦିନ ପବିତ୍ରଭାବେ ଓ ଆନନ୍ଦରେ ଜୀବନ ଯାପନ କରୁ, ଏହା ଈଶ୍ୱରଙ୍କର ଏକାନ୍ତ ଇଚ୍ଛା । ଈଶ୍ୱର, ମନୁଷ୍ୟର ସର୍ବଶ୍ରେଷ୍ଠ ମଙ୍ଗଳ କାମନା କରନ୍ତି ଏବଂ ମନୁଷ୍ୟ ଈଶ୍ୱରଙ୍କୁ ଜାଣି, ଈଶ୍ୱର ରୂପେ ତାହାଙ୍କୁ ସମ୍ମାନ, ପ୍ରେମ ଓ ଆରାଧନା କଲେ ସେ ସେହି ମଙ୍ଗଳ ଦାନର ଅଧିକାରୀ ହୋଇପାରେ । ଏଥିରୁ ବୁଝାପଡ଼େ ଯେ, ଈଶ୍ୱର ଅତି ପ୍ରେମର ସହିତ ମନୁଷ୍ୟର ସନ୍ଧାନ କରୁଅଛନ୍ତି ଏବଂ ତାହାଙ୍କ ସଙ୍ଗେ ସତ୍ୟ ସମ୍ପର୍କ ସ୍ଥାପନ କରିବାକୁ ସର୍ବଦା ମନୁଷ୍ୟକୁ ମଣାଉଅଛନ୍ତି ।



ଈଶ୍ୱର ଆତ୍ମା ସ୍ୱରୂପ ଓ ତାହାଙ୍କର ଆରାଧନା କେବଳ ଆତ୍ମା ଓ ସତ୍ୟତାରେ କରାଯାଇ ପାରେ ।

ଏହାର ଅର୍ଥ ଏହି ଯେ, ଈଶ୍ୱର ପ୍ରକୃତରେ ଯାହା ସେହି ଅନୁସାରେ ତାହାଙ୍କର ଆରାଧନା କରିବାକୁ ହେବ । ଅନ୍ୟ କୌଣସି ଉପାୟରେ ତାହାଙ୍କୁ ସନ୍ତୁଷ୍ଟ କରିହେବ ନାହିଁ । ଗୁରୁ କହିଅଛନ୍ତି ଯେ, ପ୍ରକୃତ ଆରାଧନା ଆତ୍ମିକ । ଶାରୀରିକ ଓ ବାସ୍ତବ ବିଷୟ ସଙ୍ଗେ ଏ ଆରାଧନାର କୌଣସି ସମ୍ପର୍କ ନାହିଁ । ଈଶ୍ୱରଙ୍କର ମହିମା ଓ ମହତ୍ତ୍ୱ ହୃଦୟଙ୍ଗମ କରି ପାରିଲେ, ଆମ୍ଭେମାନେ ଆତ୍ମା ଓ ସତ୍ୟତାରେ ତାହାଙ୍କର ଆରାଧନା କରି ପାରିବୁ । ଗୁରୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ କହିଥିଲେ,

*'ଯେଉଁ ଈଶ୍ୱର ଜଗତ ଓ ତହିଁ ମଧ୍ୟରେ ଥିବା ସମସ୍ତ ବିଷୟ ସୃଷ୍ଟି କଲେ, ସେ ସ୍ୱର୍ଗ ଓ ମର୍ତ୍ତ୍ୟର ପ୍ରଭୁ ଅଟନ୍ତି ଏବଂ ହସ୍ତନିର୍ମିତ ମନ୍ଦିରମାନଙ୍କର ବାସ କରନ୍ତି ନାହିଁ । ଆହୁରି ମଧ୍ୟ, ତାଙ୍କର କୌଣସି ଅଭାବ ନ ଥିବାରୁ ସେ ମନୁଷ୍ୟ ହସ୍ତ ଦ୍ୱାରା ସେବିତ ହୁଅନ୍ତି ନାହିଁ, କାରଣ ସେ ତ ନିଜେ ସବୁ ମନୁଷ୍ୟଙ୍କୁ ଜୀବନ ଓ ଶ୍ୱାସ ବାୟୁ ଏବଂ ଅନ୍ୟ ସମସ୍ତ ବିଷୟ ଦିଅନ୍ତି'* (ପ୍ରେରିତ ୧୭:୨୪-୨୫) ।

ଈଶ୍ୱରଙ୍କ ଆରାଧନା, ଯେ କୌଣସି ସ୍ଥାନରେ କରାଯାଇପାରେ । ସେଥିପାଇଁ ଗୋଟିଏ ଦେଶ ଅନ୍ୟ ଦେଶଠାରୁ ବା କୌଣସି ସହର, ପର୍ବତ ବା ନଦୀ, ଅନ୍ୟ ସହର ପର୍ବତ ଓ ନଦୀଠାରୁ ଅଧିକ ଉପଯୁକ୍ତ ନୁହେଁ । ସ୍ଥାନ କାଳ ନିର୍ବିଶେଷରେ, ଯେକୌଣସି ସ୍ଥାନ ବା ସମୟରେ ଈଶ୍ୱରଙ୍କର ଆରାଧନା କରାଯାଇ ପାରେ । କିନ୍ତୁ ତାହା ସମ୍ପୂର୍ଣ୍ଣ ଆତ୍ମିକ ହେବା ଉଚିତ୍ ।

ଆଉ ମଧ୍ୟ ତାହାଙ୍କ ଆରାଧନା ସତ୍ୟତାରେ ହେବା ବିଧେୟ । ଈଶ୍ୱର ଯେଉଁ ସତ୍ୟ ପ୍ରକାଶ କରିଅଛନ୍ତି, ସେହି ସତ୍ୟତାରେ ହିଁ ତାହାଙ୍କର ଆରାଧନା କରିବାକୁ ହେବ । ସେ ଆରାଧନା ଛଳନା ଓ ସ୍ୱାର୍ଥବର୍ଜିତ, ବାସ୍ତବ, ଆନ୍ତରିକ ଓ ପ୍ରାଣମୟ ହେବା ଉଚିତ୍ । *'ଯେଉଁମାନେ ତାହାଙ୍କୁ ଡାକନ୍ତି ଓ ଆନ୍ତରିକଭାବରେ ଡାକନ୍ତି, ସେ ସେମାନଙ୍କର ନିକଟବର୍ତ୍ତୀ'* (ଗୀତସଂହିତା ୧୪୫:୧୮) ।

ଈଶ୍ୱରଙ୍କ ସମ୍ବନ୍ଧରେ ଯୀଶୁ ଅନ୍ୟ ଯେଉଁ କେତେକ ସତ୍ୟ ବିଷୟରେ କହିଥିଲେ, ବର୍ତ୍ତମାନ ତାହା ଆଲୋଚନା କରିବା ।

## ଈଶ୍ୱର ପବିତ୍ର ଓ ନ୍ୟାୟବାନ ଆତ୍ମା

ଯୋହନଙ୍କ ଲିଖିତ ସୁସମାଚାରର ସପ୍ତଦଶ ପର୍ବରେ ଉଲ୍ଲେଖ ଅଛି ଯେ, ଯୀଶୁ, ପ୍ରାର୍ଥନାରେ ଈଶ୍ୱରଙ୍କୁ 'ପବିତ୍ର ପିତା' ଓ 'ନ୍ୟାୟବାନ ପିତା' ରୂପେ ସମ୍ବୋଧନ କରିଥିଲେ ।

ଈଶ୍ୱର ତାହାଙ୍କ କାର୍ଯ୍ୟ ଓ ଆଚରଣରେ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ, ନିଷ୍କଳଙ୍କ ଓ ନ୍ୟାୟବାନ । ମିଥ୍ୟା କହିବା, ପ୍ରତାରଣା କରିବା, ଅନ୍ୟାୟ କରିବା ବା କୌଣସି ପ୍ରକାର ଅସଙ୍ଗତ କର୍ମକୁ ଉତ୍ସାହିତ କରିବା ତାହାଙ୍କ ପକ୍ଷରେ ଅସମ୍ଭବ । ଈଶ୍ୱର ସମସ୍ତ ପ୍ରକାର ମନ୍ଦତାରୁ ମୁକ୍ତ, ସମ୍ପୂର୍ଣ୍ଣ ନିଷ୍କଳଙ୍କ, ଚିର ମହିମାମୟ ଶୁଦ୍ଧ ଓ ପବିତ୍ର ।

ବାଇବଲର ସବୁ ସ୍ଥାନରେ, ଈଶ୍ୱରଙ୍କ ପ୍ରେମ ଓ କରୁଣାଠାରୁ ତାହାଙ୍କର ପବିତ୍ରତା ଉପରେ ବରଂ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଈଶ୍ୱର ଥରକୁ ଥର ତାହାଙ୍କ ଲୋକମାନଙ୍କୁ କହନ୍ତି, 'ତୁମ୍ଭେମାନେ ପବିତ୍ର ହୁଅ, କାରଣ ମୁଁ, ତୁମ୍ଭମାନଙ୍କର ପ୍ରଭୁ ଈଶ୍ୱର, ପବିତ୍ର, ଏବଂ ସେ ସ୍ପଷ୍ଟ ଭାବରେ ଆମ୍ଭମାନଙ୍କୁ କହିଅଛନ୍ତି ଯେ, ସେ ସମସ୍ତ ପାପର ବିରୋଧୀ ଏବଂ ଯେଉଁମାନେ ମନ୍ଦ ଆଚରଣ କରନ୍ତି, ସେ ସେମାନଙ୍କୁ ଧ୍ୱଂସ କରିବେ । ଆମ୍ଭେମାନେ ନିଃସନ୍ଦେହରେ କହିପାରିବା ଯେ, ପବିତ୍ରତା ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଗୁଣ । ସେ ପବିତ୍ରତା କେବଳ ଯେ ପାପରହିତ ହେବା ତାହା ନୁହେଁ, କିନ୍ତୁ ମନ୍ଦ ବିରୁଦ୍ଧରେ ସକ୍ରିୟ ବିଦ୍ୱେଷ ।

ପୃଥିବୀରେ ମନ୍ଦତା ଭରି ରହିଛି, କିନ୍ତୁ ଈଶ୍ୱରଙ୍କଠାରେ ଯେ ମନ୍ଦତା ଥାଇପାରେ, ଏ କଥା ଭାବିବା ହିଁ ଏକ ବିରାଟ ଭୁଲ । ସେ ମନ୍ଦତାର ସ୍ରଷ୍ଟା ନୁହନ୍ତି, ପୁଣି ସେ ମନ୍ଦତାକୁ ସମର୍ଥନ ମଧ୍ୟ କରନ୍ତି ନାହିଁ ।

ଈଶ୍ୱରଙ୍କ ମଧ୍ୟରେ କୌଣସି ରୂପ ବା ଆକାରରେ ଯେ ମନ୍ଦତା ଥାଇପାରେ, ଏହା ସମ୍ପୂର୍ଣ୍ଣ ଅସମ୍ଭବ *'ଈଶ୍ୱର ଜ୍ୟୋତିଃସ୍ୱରୂପ, ତାହାଙ୍କଠାରେ ତିଳେମାତ୍ର ଅନ୍ଧକାର ନାହିଁ'* (୧ ଯୋହନ ୧:୫) । ଈଶ୍ୱରଙ୍କ ପବିତ୍ରତା ସମ୍ବନ୍ଧରେ



ଯାହାର ସାମାନ୍ୟ ଧାରଣା ଜନ୍ମିଥିବ, ସେ ଏହା ବୁଝି ପାରିବ । ସେଥିପାଇଁ ଈଶ୍ୱରଙ୍କ ନିଷ୍କଳଙ୍କ ଚରିତ୍ର ଉପରେ ଯୀଶୁ ଗୁରୁତ୍ୱ ଆରୋପ କରିଥିଲେ ।

ତେଣୁ ଏ କଥା ସ୍ପଷ୍ଟ ଯେ, ପବିତ୍ର ଈଶ୍ୱରଙ୍କଠାରୁ ଯେଉଁ ଶିକ୍ଷା ମିଳେ, ତାହା ସମ୍ପୂର୍ଣ୍ଣଭାବେ ପବିତ୍ର । ସେ ଶିକ୍ଷା ଉନ୍ନତ ନୈତିକତା, ନ୍ୟାୟ ଓ ଧାର୍ମିକତାକୁ ଉତ୍ସାହିତ କରେ । ଯେଉଁ ଶିକ୍ଷାଗୁରୁମାନେ ପ୍ରକୃତରେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ, ସେମାନେ ନିଜେ ପବିତ୍ର ରହିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ପବିତ୍ର କରିବା ଦିଗରେ ସଚେଷ୍ଟ ହୁଅନ୍ତି । ପବିତ୍ରତା ହିଁ ଈଶ୍ୱରଙ୍କ ସଙ୍ଗେ ମନୁଷ୍ୟର ନିରବଚ୍ଛିନ୍ନ ସମ୍ପର୍କର ପ୍ରକୃତ ଚିହ୍ନ ।

## ଈଶ୍ୱର ସମସ୍ତ ବିଶ୍ୱର ସ୍ରଷ୍ଟା, ପାଳକ ଓ ରକ୍ଷକ

ମନୁଷ୍ୟଜାତି ସମ୍ବନ୍ଧରେ ଯୀଶୁ କହିଥିଲେ, *'ସୃଷ୍ଟିର ଆରମ୍ଭରେ ଈଶ୍ୱର ସେମାନଙ୍କୁ ନର ଓ ନାରୀ ରୂପେ ସୃଷ୍ଟି କଲେ'* (ମାର୍କ ୧୦:୬) । ଏଠାରେ ସେ ବାଇବଲର ଆଦି ପୁସ୍ତକର ପ୍ରଥମ ପର୍ବ ବିଷୟରେ କହିଥିଲେ । ସେ ଶିକ୍ଷା ଦେଇ କହିଥିଲେ ଯେ, ଏହି ପୁସ୍ତକ ଓ ସେଥି ସଙ୍ଗେ ସଙ୍ଗେ ବାଇବଲର ଅନ୍ୟାନ୍ୟ ସମସ୍ତ ଅଂଶ ଈଶ୍ୱରଙ୍କର ବାକ୍ୟ ଏବଂ ସେଥିପାଇଁ ତାହା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ । ଆଦି ପୁସ୍ତକ ଆରମ୍ଭରେ ଏହିପରି ଲେଖାଯାଇଛି– *ଆଦ୍ୟରେ ଈଶ୍ୱର ଆକାଶ ମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ ।* ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ, ଏକ ସମୟରେ ବିଶ୍ୱଜଗତର ଅସ୍ତିତ୍ୱ ନ ଥିଲା ଏବଂ ତାହା ଆପେ ଆପେ ସୃଷ୍ଟି ହୋଇନାହିଁ । ଏକଦା ବିଶ୍ୱଜଗତର ଆରମ୍ଭ ହେଲା ଓ ଈଶ୍ୱର ଶୂନ୍ୟଠାରୁ ଏହାର ସୃଷ୍ଟି କଲେ । ବିଶ୍ୱଜଗତ ଅନନ୍ତ କାଳସ୍ଥାୟୀ ନୁହେଁ ଏବଂ ଏହା ଅବାସ୍ତବ ମାୟା ମଧ୍ୟ ନୁହେଁ । କେବଳ ଈଶ୍ୱର ଅନାଦି ଅନନ୍ତ, ସତ୍ୟ ଓ ଏକମାତ୍ର ସ୍ୱୟଂଭୂ ।

ଈଶ୍ୱର ସମ୍ପୂର୍ଣ୍ଣ ସ୍ୱାଧୀନ । ନିଜର ଇଚ୍ଛା ଅନୁସାରେ ସୃଷ୍ଟି କରିବା ବା ଧ୍ୱଂସ କରିବା ନିମନ୍ତେ ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି । ସେ ନିଜର ଅସୀମ ଶକ୍ତି ଦ୍ୱାରା ବିଶ୍ୱଜଗତ ସୃଷ୍ଟି କରିବା ନିମନ୍ତେ ସ୍ଥିର କଲେ । ତେଣୁ ଯୀଶୁଙ୍କ କଥା ଅନୁସାରେ ଈଶ୍ୱର, ଜଗତ ସୃଷ୍ଟିର ପୂର୍ବରୁ ଥିଲେ ଏବଂ ସେ ପୃଥିବୀରୁ ସମ୍ପୂର୍ଣ୍ଣ ପୃଥକ୍ ଏବଂ ପୃଥିବୀର ବହୁ ଊର୍ଦ୍ଧ୍ୱରେ ।

*'ପର୍ବତ ସମୂହର ଉତ୍ପତ୍ତି ପୂର୍ବରୁ, ପୃଥିବୀ ଓ ବିଶ୍ୱଭୁବନ ସୃଷ୍ଟି ହେବା ପୂର୍ବରୁ ଅନାଦି କାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ତୁମ୍ଭେ ଈଶ୍ୱର'* (ଗୀତସଂହିତା ୯୦:୨) ।

ଈଶ୍ୱର କେବଳ ସୃଷ୍ଟିକର୍ତ୍ତା ନୁହନ୍ତି, ସେ ପୃଥିବୀର ପାଳକ ଓ ଶାସକ ମଧ୍ୟ । ଯୀଶୁ ତାହାଙ୍କ ପାର୍ବତୀୟ ଉପଦେଶରେ ପୂର୍ଣ୍ଣଭାବେ ଏହା ପ୍ରକାଶ କରିଅଛନ୍ତି । ଈଶ୍ୱର ପୃଥିବୀକୁ ସୂର୍ଯ୍ୟାଲୋକ ଓ ବୃଷ୍ଟି ପଠାନ୍ତି (ମାଥିଉ ୫:୪୫) । ଲୋକମାନଙ୍କର ଦାନ, ପ୍ରାର୍ଥନା ଓ ଉପବାସ ସେ ଲକ୍ଷ୍ୟ କରନ୍ତି ଓ ଯେ ପୁରସ୍କାର ପାଇବାର ଯୋଗ୍ୟ, ସେ ତାହାକୁ ପୁରସ୍କାର ଦାନ କରନ୍ତି । ସେ ନିଜ ସନ୍ତାନମାନଙ୍କର ଅଭାବ ଜାଣନ୍ତି ଓ ସେମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି (ମାଥିଉ ୫:୪୫) । ସେ ଆକାଶର ପକ୍ଷୀମାନଙ୍କୁ ଖାଦ୍ୟ ଯୋଗାନ୍ତି ଏବଂ ପ୍ରାନ୍ତରରେ ପୁଷ୍ପକୁ ସୁଶୋଭିତ କରନ୍ତି । ପୁଣି ପକ୍ଷୀ ଓ ପୁଷ୍ପଠାରୁ, ସେ ନିଜ ସନ୍ତାନମାନଙ୍କ ବିଷୟରେ ଅଧିକ ମନୋଯୋଗୀ (ମାଥିଉ ୬:୨୫-୩୩) ।

ଗୁରୁ କହିଥିଲେ ଯେ, *'ଦୁଇଟି ଘରଚଟିଆ କ'ଣ ଏକ ପଇସାରେ ବିକାଯାଏ ନାହିଁ ? ତଥାପି ଗୋଟିଏ ଘରଚଟିଆ ସୁଦ୍ଧା ତୁମ ସ୍ୱର୍ଗସ୍ଥ ପିତାଙ୍କ ଅନୁମତି ବିନା ତଳେ ପଡ଼େ ନାହିଁ । ଏପରିକି, ତୁମ ମସ୍ତକର କେଶ ସୁଦ୍ଧା ଗଣାଯାଇଛି'* (ମାଥିଉ ୧୦:୨୯-୩୦) । ଅନ୍ୟ ଭାବରେ କହିଲେ-ଈଶ୍ୱର ଅତି ନଗଣ୍ୟ ବିଷୟ ନିମନ୍ତେ ଯଦି ଚିନ୍ତା କରି ପାରନ୍ତି, ତେବେ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ନିମନ୍ତେ ସେ କେତେ ଅଧିକ ଚିନ୍ତିତ ନ ହେବେ ।

ଈଶ୍ୱର ପ୍ରବଳ ପରାକ୍ରମୀ ରାଜା, ପୃଥିବୀର ମହିମାମୟ ଅଧିପତି । ସୃଷ୍ଟିର ସମସ୍ତ ବିଷୟ ତାହାଙ୍କର ଗୌରବୀୟ ଚରଣ ତଳେ ଓ ସେ ସମସ୍ତଙ୍କ ଉପରେ ଯୁଗାନୁଯୁଗ କର୍ତ୍ତୃତ୍ୱ କରନ୍ତି ।

## ଅତି ଗୁରୁତ୍ୱପୂର୍ଣ୍ଣ ଏକ ସତ୍ୟ

ଈଶ୍ୱରଙ୍କ ସମ୍ବନ୍ଧରେ ଯୀଶୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଏକ ସତ୍ୟ ପ୍ରକାଶ କରିଥିଲେ, ବର୍ତ୍ତମାନ ଆମ୍ଭେମାନେ ସେ ବିଷୟରେ ଆଲୋଚନା କରିବା । ଯୀଶୁଙ୍କର ସେହି କଥାରୁ ଆମ୍ଭେମାନେ ଈଶ୍ୱରଙ୍କ ଗୁଣ ବିଷୟରେ ଯାହା



ଜାଣି ପାରିବା, ଅନ୍ୟ କୌଣସି ସୂତ୍ରରୁ ତାହା ଜାଣିବା ସମ୍ଭବ ହେବ ନାହିଁ । ଈଶ୍ୱର ଆତ୍ମା ସ୍ୱରୂପ ଓ ସେ ନିଜକୁ ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରକାଶ କରିଅଛନ୍ତି ।

ଧର୍ମ ଶାସ୍ତ୍ରରେ ଲେଖାଅଛି, *'ଗଗନମଣ୍ଡଳ ଈଶ୍ୱରଙ୍କ ମହିମା ବ୍ୟକ୍ତ କରେ, ଆକାଶ ତାହାଙ୍କ ହସ୍ତକୃତ କର୍ମ ଘୋଷଣା କରେ । ଦିନ ପରେ ଦିନ ଏମାନଙ୍କ ବକ୍ତବ୍ୟ ନିଃସୃତ ହୁଏ ଓ ରାତ୍ରି ପରେ ରାତ୍ରି ଏମାନେ ଜ୍ଞାନ ପ୍ରକାଶ କରନ୍ତି'* (ଗୀତସଂହିତା ୧୯:୧-୨) ।

କିନ୍ତୁ ଏହାଠାରୁ ସ୍ପଷ୍ଟଭାବେ ମଧ୍ୟ ଈଶ୍ୱର ଆପଣାକୁ ପ୍ରକାଶ କରିଅଛନ୍ତି । ସେ ନିଜକୁ ଗୋପନରେ ନ ରଖି, ପୃଥିବୀରେ ଅବତରଣ କରି, ନିଜ ପୁତ୍ରଙ୍କ ବ୍ୟକ୍ତିତ୍ୱରେ ମନୁଷ୍ୟମାନଙ୍କ ନିକଟରେ ଆପଣାକୁ ପ୍ରକାଶ କରି ଅଛନ୍ତି ।

ଯୀଶୁ ସମୟେ ସମୟେ ଏପରି କଥା କହୁଥିଲେ ଯେ, ସେଥିରୁ ମନେ ହେଉଥିଲା, ସେ ଧର୍ମଗୁରୁ ବା ଭାବବାଦୀଠାରୁ ମଧ୍ୟ ବଡ଼ ।

ସେ ଥରେ ପ୍ରାର୍ଥନାରେ କହିଥିଲେ, *'ହେ ପିତା, ଜଗତ ଆରମ୍ଭ ହେବା ପୂର୍ବରୁ ତୁମ୍ଭ ସହିତ ମୋହର ଯେଉଁ ମହିମା ଥିଲା, ଏବେ ତୁମ୍ଭ ସାକ୍ଷାତରେ ସେହି ମହିମାରେ ମୋତେ ମହିମାନ୍ୱିତ କର'* (ଯୋହନ ୧୭:୫) । ଏହାର ଅର୍ଥ ଏହି ଯେ, ବିଶ୍ୱଜଗତ ସୃଷ୍ଟି ହେବା ପୂର୍ବେ ଈଶ୍ୱରଙ୍କ ପୁତ୍ରଙ୍କର ଅସ୍ତିତ୍ୱ ଥିଲା ।

ଅନ୍ୟାନ୍ୟ ସମୟରେ ଯୀଶୁ କହିଥିଲେ, *'ମୁଁ ଓ ପିତା ଏକ'*, (ଯୋହନ ୧୦:୩୦), *'ଯିଏ ମୋତେ ଦେଖିଛି, ସେ ପିତାଙ୍କୁ ଦେଖିଛି'* (ଯୋହନ ୧୪:୯) ।

ଯୀଶୁଙ୍କର ଉପରୋକ୍ତ ବାକ୍ୟ ଓ ଆହୁରି ଅନେକ ବାକ୍ୟରୁ ଜଣାଯାଏ ଯେ, ସେ ମନୁଷ୍ୟ ରୂପରେ, ମନୁଷ୍ୟମାନଙ୍କ ମଧ୍ୟରେ ଆତ୍ମ ପ୍ରକାଶ କରିଥିଲେ ହେଁ, ଯୀଶୁ କେବଳ ମନୁଷ୍ୟ ନ ଥିଲେ । ସେ କହୁଥିଲେ ଯେ, ସେ ଈଶ୍ୱର । ସେ ପୃଥିବୀରେ ଜନ୍ମଗ୍ରହଣ କରିଥିଲେ ଏବଂ ତାହାଙ୍କ ପ୍ରକୃତି ମନୁଷ୍ୟୋଚିତ ଥିଲା, କିନ୍ତୁ ପୃଥିବୀକୁ ଆସିବା ପୂର୍ବରୁ ସେ ସ୍ୱର୍ଗୀୟ ଗୁଣର ଅଧିକାରୀ ଥିଲେ । ପୃଥିବୀ ସୃଷ୍ଟି ହେବା ପୂର୍ବେ ସେ ସଗୌରବେ ଈଶ୍ୱରଙ୍କ ସହିତ ରହିଥିଲେ । ସେ କହିଅଛନ୍ତି, ତାହାଙ୍କୁ ଦେଖେ, ସେ ଈଶ୍ୱରଙ୍କୁ ଦେଖେ ।

ତାହାଙ୍କର ଶତ୍ରୁମାନେ ଜାଣିପାରିଲେ ଯେ, ସେ ନିଜକୁ ଈଶ୍ୱର ବୋଲି ଦାବୀ କରୁଅଛନ୍ତି । ସେ ଯେତେବେଳେ କହିଥିଲେ, 'ମୁଁ ଓ ମୋର ପିତା ଏକ', କେତେକ ଯିହୁଦୀ ତାହାଙ୍କ ଉପରକୁ ପଥର ଫିଙ୍ଗିବାକୁ ଉଦ୍ୟତ ହୋଇଥିଲେ । ଯୀଶୁ ସେମାନଙ୍କୁ ପ୍ରଶ୍ନ କରିଥିଲେ, 'ମୁଁ ମୋହର ପିତାଙ୍କଠାରୁ ତୁମ୍ଭମାନଙ୍କୁ ଅନେକ ଉତ୍ତମ କର୍ମ ଦେଖାଇଅଛି, ସେଥି ମଧ୍ୟରୁ କେଉଁ କର୍ମ ନିମନ୍ତେ ତୁମ୍ଭେମାନେ ମୋ' ଉପରକୁ ପଥର ଫିଙ୍ଗିବ ?' ସେମାନେ ଉତ୍ତର କରିଥିଲେ, *'ଏ ସବୁ ମଧ୍ୟରୁ କୌଣସି କର୍ମ ପାଇଁ ଆମେ ତୁମକୁ ପଥର ଫୋପାଡ଼ି ମାରିବାକୁ ଯାଉ ନାହୁଁ, କିନ୍ତୁ ଈଶ୍ୱର ନିନ୍ଦା ପାଇଁ, କାରଣ ତୁମେ ଜଣେ ସାମାନ୍ୟ ମନୁଷ୍ୟ ହୋଇ ନିଜକୁ ଈଶ୍ୱର ବୋଲାଉଛ'* (ଯୋହନ ୧୦:୩୩) ।

ଯୀଶୁ ଯେତେବେଳେ କହିଥିଲେ ଯେ, ଈଶ୍ୱର ତାହାଙ୍କର ପିତା, ଦୁଇ ହଜାର ବର୍ଷ ପୂର୍ବେ, କୁମାରୀ ମରିୟମଙ୍କ ଗର୍ଭରୁ ତାହାଙ୍କ ଜନ୍ମ ବିଷୟରେ କହିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ସେ ଜନ୍ମର ସମ୍ପର୍କ ଥିଲା କେବଳ ତାହାଙ୍କର ମନୁଷ୍ୟୋଚିତ ପ୍ରକୃତି ସହିତ । ପୃଥିବୀରେ ତାହାଙ୍କ ଜନ୍ମ ପୂର୍ବରୁ ପିତା ଈଶ୍ୱର ଓ ତାହାଙ୍କ ମଧ୍ୟରେ ଯେଉଁ ସମ୍ପର୍କ ଥିଲା, ଯୀଶୁ ସେ ବିଷୟରେ କହିଥିଲେ । ତାହାଙ୍କ କହିବାର ଅର୍ଥ ଥିଲା ଯେ, ସେ ଈଶ୍ୱରଙ୍କର ଅନନ୍ତକାଳୀନ ପୁତ୍ର । ଈଶ୍ୱର ସବୁବେଳେ ପିତା, ଖ୍ରୀଷ୍ଟ ସବୁବେଳେ ପୁତ୍ର । ଅନାଦିକାଳରୁ ଉଭୟେ ପରିପୂର୍ଣ୍ଣ ପ୍ରେମ ଓ ଏକତା ଦ୍ୱାରା ପରସ୍ପର ସଙ୍ଗେ ସଂଯୁକ୍ତ ରହିଥିଲେ ।

## ଈଶ୍ୱରଙ୍କର କ'ଣ ପୁତ୍ର ଥାଇପାରେ ?

ଆମ୍ଭେମାନେ ଅନେକ ସମୟରେ ଅନେକଙ୍କଠାରୁ ଏ କଥା ଶୁଣିଥାଉ ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର, ମୁଁ ତାହା ବିଶ୍ୱାସ କରେନା । କାରଣ ଈଶ୍ୱର ବିବାହ କରି ସନ୍ତାନ ଜାତ କରନ୍ତି ନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ଏ କଥା କହନ୍ତି, ସେ ହୁଏତ ବାଇବଲର ପ୍ରକୃତ ଅର୍ଥ ବୁଝି ନାହାନ୍ତି ବା ବୁଝି ମଧ୍ୟ, ଇଚ୍ଛା କରି ଅର୍ଥକୁ ବିକୃତ କରନ୍ତି । ସର୍ବଶକ୍ତିମାନ ଈଶ୍ୱର ମନୁଷ୍ୟ ନୁହନ୍ତି ଯେ, ପୁତ୍ର ନିମନ୍ତେ ତାହାଙ୍କୁ ବିବାହ କରିବାକୁ ପଡ଼ିବ ? ଅସୀମ ଶକ୍ତିଶାଳୀ



ପବିତ୍ରାତ୍ମା, ଅନନ୍ତ ଅସୀମ ଆତ୍ମାରୂପୀ ପୁତ୍ର ଜାତ କରିବାକୁ କ'ଣ ସମର୍ଥ ହୋଇପାରିବେ ନାହିଁ ? ତେବେ ଜନ୍ମ ସମ୍ପର୍କରେ ମନୁଷ୍ୟର ଯାହା ଧାରଣା ଏ ଜନ୍ମ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଅନ୍ୟ ଜଣେ ହୁଏତ କହି ପାରନ୍ତି, 'ଆମ୍ଭେମାନେ ଏହା ବୁଝିବାକୁ ଅକ୍ଷମ' । କିନ୍ତୁ ବୁଝିବାକୁ ଅସମର୍ଥ ହୋଇ ଆମ୍ଭେମାନେ ଏହି ନିରାଟ ସତ୍ୟକୁ ଯେପରି ଅସ୍ୱୀକାର ନ କରୁ ।

ଅନ୍ୟ ଗୋଟିଏ ସ୍ଥାନରେ ଆମ୍ଭେମାନେ ପୁଣି ଥରେ ଦେଖିବାକୁ ପାଉ ଯେ, ଯୀଶୁ ନିଜକୁ ଈଶ୍ୱର ବୋଲି ଦାବୀ କରୁଥିବା କଥା ତାହାଙ୍କର ଶତ୍ରୁମାନେ ଜାଣିପାରି ତାହାଙ୍କୁ ନାନା ପ୍ରଶ୍ନ କରିବାକୁ ଲାଗିଲେ । ଯୀଶୁ ସେମାନଙ୍କୁ ଉତ୍ତର ଦେଇଥିଲେ, *'ମୋର ପିତା ଏ ପର୍ଯ୍ୟନ୍ତ ତାହାଙ୍କର କାର୍ଯ୍ୟ ସାଧନ କରୁଛନ୍ତି ଓ ମୁଁ ମଧ କାର୍ଯ୍ୟ କରୁଅଛି । ଏହି କାରଣରୁ ଯିହୁଦୀମାନେ ତାହାଙ୍କୁ ବଧ କରିବାକୁ ଆହୁରି ଅଧିକ ଚେଷ୍ଟା କଲେ, ଯେହେତୁ ସେ ଯେ କେବଳ ବିଶ୍ରାମବାର ନିୟମ ଭଙ୍ଗ କରୁଥିଲେ, ତା' ନୁହେଁ, ମାତ୍ର ଈଶ୍ୱରଙ୍କୁ ନିଜର ପିତା ବୋଲି ସମ୍ବୋଧନ କରି ନିଜକୁ ଈଶ୍ୱରଙ୍କ ସମକକ୍ଷ କରୁଥିଲେ'* (ଯୋହନ ୫:୧୭,୧୮) ।

ଶେଷରେ ତାହାଙ୍କୁ ହତ୍ୟା କରିବାର କାରଣ ସ୍ୱରୂପେ ସେମାନେ ସେହି ଯୁକ୍ତି ଦେଖାଇଥିଲେ । ସେ ଈଶ୍ୱରଙ୍କ ପୁତ୍ର କି ନୁହନ୍ତି, ସେ ବିଷୟରେ ଯିହୁଦୀମାନଙ୍କର ମହାଯାଜକ ଯେତେବେଳେ ତାହାଙ୍କୁ ପ୍ରଶ୍ନ କରିଥିଲେ, ଯୀଶୁ ଉତ୍ତର ଦେଇଥିଲେ 'ମୁଁ ସେହି' । ଏ କଥା ଶୁଣ ମହାଯାଜକ ସେଠାରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ କହିଲେ, *'ତୁମ୍ଭେମାନେ ତ ଈଶ୍ୱରନିନ୍ଦା ଶୁଣିଲ ! ତୁମ୍ଭମାନଙ୍କର ମତ କ'ଣ ? ସେ ପ୍ରାଣଦଣ୍ଡର ଯୋଗ୍ୟ ବୋଲି ସେମାନେ ସମସ୍ତେ ମତ ଦେଲେ '* (ମାର୍କ ୧୪:୬୦,୬୪) ।

ଏଥିରୁ ମନେହୁଏ ଯେ, ଯୀଶୁଙ୍କ କଥାର ଅର୍ଥ ସମ୍ବନ୍ଧରେ ତାହାଙ୍କ ଶତ୍ରୁମାନଙ୍କର କୌଣସି ସନ୍ଦେହ ନ ଥିଲା । ସେମାନେ ଏହା ମଧ୍ୟ ଜାଣିଥିଲେ ଯେ, ସାମାନ୍ୟ ଜଣେ ମନୁଷ୍ୟ ଯଦି ନିଜକୁ ଈଶ୍ୱର ବୋଲି ଦାବୀ କରେ, ତେବେ ସେମାନଙ୍କ ଧର୍ମର ନିୟମ ଅନୁସାରେ, ସେ ସବୁଠାରୁ ଜଘନ୍ୟ ପାପ

କରେ । ତାହାଙ୍କର ଶତ୍ରୁମାନେ ଦୃଢ଼ ଭାବରେ କହିଥିଲେ ଯେ, ଯୀଶୁ ଏହି ଦୋଷରେ ଦୋଷୀ । ଯୀଶୁ ସେମାନଙ୍କର ସେ ଧାରଣାର ପ୍ରତିବାଦ ନ କରି ବା ସେ ଧାରଣାକୁ ବଦଳାଇବାକୁ ଚେଷ୍ଟା ନ କରି, ସେମାନଙ୍କ ହାତରୁ ମୃତ୍ୟୁଦଣ୍ଡ ଗ୍ରହଣ କଲେ ।

ଖ୍ରୀଷ୍ଟ ଯେ ନିଜକୁ ଈଶ୍ୱରଙ୍କ ଅବତାର ବୋଲି ଦାବୀ କରୁଥିଲେ, ସେ କଥା ତାହାଙ୍କର ବନ୍ଧୁମାନେ ମଧ୍ୟ ଜାଣିଥିଲେ । ଯୀଶୁ ସେ ଧାରଣାକୁ ବଦଳାଇବା ତ ଦୂରର କଥା, ବରଂ ତାହା ଦୃଢ଼ଭାବେ ବିଶ୍ୱାସ କରିବାକୁ ଯୀଶୁ ସେମାନଙ୍କୁ ଉତ୍ସାହିତ କରିଥିଲେ ।

ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରେ ପ୍ରଧାନ ଯେ ପିତର, ସେ ତାହାଙ୍କ ନିକଟରେ ପ୍ରକାଶ କରିଥିଲେ, *'ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର'* (ମାଥିଉ ୧୬:୧୭) । ଯୀଶୁ କହିଥିଲେ ଯେ, ଈଶ୍ୱର ନିଜେ ପିତରଙ୍କ ନିକଟରେ ଏହା ପ୍ରକାଶ କରି ଅଛନ୍ତି ।

ଅନ୍ୟ ଜଣେ ଶିଷ୍ୟ ଥୋମା, ମୃତ୍ୟୁର ପୁନରୁତ୍ଥାନ ପରେ ଯୀଶୁଙ୍କୁ କହିଥିଲେ, *'ହେ ମୋହର ପ୍ରଭୁ, ମୋହର ଈଶ୍ୱର'* (ଯୋହନ ୨୦:୨୮,୨୯) । ଗୁରୁ ଏଥିପାଇଁ ଥୋମାଙ୍କୁ ଅନୁଯୋଗ କରି ନ ଥିଲେ, ବରଂ ଠିକ୍ ବିପରୀତ କଥା କହିଥିଲେ–*'ଥୋମା ! ତୁମେ ମୋତେ ଦେଖିବାରୁ ବିଶ୍ୱାସ କଲ, ଧନ୍ୟ ସେହିମାନେ, ଯେଉଁମାନେ ଦେଖି ନାହାନ୍ତି ଅଥଚ ବିଶ୍ୱାସ କରନ୍ତି ।'*

ଯୋହନ, ତାଙ୍କ ଲିଖିତ ସୁସମାଚାରର ପ୍ରଥମ ପଦରେ ଯୀଶୁଙ୍କୁ ବାକ୍ୟ ବୋଲି ସମ୍ବୋଧନ କରନ୍ତି ଏବଂ ତାହାଙ୍କ ସମ୍ବନ୍ଧରେ କହନ୍ତି, *'ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ଏବଂ ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ସେହି ବାକ୍ୟ ଶରୀର ଧାରଣ କଲେ ଏବଂ ଆମ ସଙ୍ଗରେ ବାସ କଲେ । ସେ ଅନୁଗ୍ରହ ଓ ସତ୍ୟତାରେ ପୂର୍ଣ୍ଣ ହୋଇ ସ୍ୱର୍ଗସ୍ଥ ପିତାଙ୍କ ନିକଟରୁ ଆସିଲେ ଓ ଆମେ ତାହାଙ୍କର ମହିମା ଦେଖିଲୁ–ତାହା ଥିଲା ଈଶ୍ୱରଙ୍କ ଏକମାତ୍ର ପୁତ୍ରଙ୍କ ମହିମା'* (ଯୋହନ ୧:୧–୨, ୧୪) । ଏଠାରେ ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି ଯେ, ପୃଥିବୀକୁ ଆସିବା ପୂର୍ବେ ଯୀଶୁ ଈଶ୍ୱର ଥିଲେ ଏବଂ ପୃଥିବୀରେ ଈଶ୍ୱରଙ୍କ



ଅବତାର ରୂପେ ଆସିଥିଲେ । ବାଇବଲର ଅନ୍ୟାନ୍ୟ କେତେକ ପଦରେ ଖ୍ରୀଷ୍ଟଙ୍କ ବିଷୟରେ ଯାହା ଦେଖିବାକୁ ମିଳେ, ଏହାର ଅର୍ଥ ଠିକ୍ ସେ ସମସ୍ତ ସଙ୍ଗେ ସମାନ ।

ଭାବବାଦୀ କହିଥିଲେ, *'କାରଣ ଆମ୍ଭମାନଙ୍କର ନିମନ୍ତେ ଏକ ଶିଶୁ ଜାତ ହୋଇଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି । ତାହାଙ୍କ ସ୍କନ୍ଧରେ ଶାସନଭାର ନ୍ୟସ୍ତ ହେବ ଏବଂ ତାହାଙ୍କର ନାମ ହେବ 'ଆଶ୍ଚର୍ଯ୍ୟ', 'ମନ୍ତ୍ରଣାଦାତା', 'ପରାକ୍ରାନ୍ତ ପରମେଶ୍ୱର', 'ଶାଶ୍ୱତ ପିତା' ଓ 'ଶାନ୍ତିରାଜା'* (ଯିଶାଇୟ ୯:୬) ।

ଯୀଶୁଙ୍କର ମହାନ ଶିଷ୍ୟ ପାଉଲ, ସଂକ୍ଷିପ୍ତ ଅଥଚ ସ୍ପଷ୍ଟ ବାକ୍ୟରେ ଲେଖିଛନ୍ତି, *'ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁ'* (ତୀତସ ୨:୧୩) ।

ଗୁରୁ ଯଦି ଈଶ୍ୱରଙ୍କ ଅବତାର ହୋଇ ନ ଥାଆନ୍ତେ, ତେବେ ତାହାଙ୍କୁ ସେପରି ଭାବିବା ନିମନ୍ତେ ସେ ନିଜ ଶିଷ୍ୟମାନଙ୍କୁ ଶିକ୍ଷା ଦେଇ ନ ଥାଆନ୍ତେ ।

ତେଣୁ ଈଶ୍ୱର ଶବ୍ଦର ପୂର୍ଣ୍ଣ ଅର୍ଥ ଯାହା, ଅର୍ଥାତ୍ ସୃଷ୍ଟିକର୍ତ୍ତା, ପାଳକ ଓ ବିଶ୍ୱଜଗତର ଅଧିପତି, ଯୀଶୁ ନିଜେ ତାହା ଦାବୀ କରୁଥିଲେ, ସେ ବିଷୟରେ ଆଉ କୌଣସି ପ୍ରଶ୍ନ ଉଠି ପାରେନା । ପୃଥିବୀରେ ଅନ୍ୟ ସମସ୍ତ ବିଷୟର ସୃଷ୍ଟି ହୋଇଥା'ନ୍ତା କିନ୍ତୁ ସେ ସୃଷ୍ଟି ହୋଇ ନାହାନ୍ତି । ସେ ଥିଲେ ଅନାଦି, ଅନନ୍ତ । ଆମ୍ଭେମାନେ ମନୁଷ୍ୟମାତ୍ର, କିନ୍ତୁ ଯୀଶୁ **ଈଶ୍ୱର ମାନବ** (ନରେଶ୍ୱର) ।

## ଈଶ୍ୱର କି ପ୍ରକାର ?

ଈଶ୍ୱର କି ପ୍ରକାର, ଗୁରୁ ସେ ବିଷୟ ସଂକ୍ଷେପରେ ପ୍ରକାଶ କରିଅଛନ୍ତି । ଈଶ୍ୱରଙ୍କ ସମ୍ପର୍କରେ କେତେକ ସତ୍ୟ ବ୍ୟକ୍ତ କରାଯାଇପାରେ ଏବଂ ତାହାର ବିପରୀତ ସମସ୍ତ କଥା ମିଥ୍ୟା । ଆମ୍ଭେମାନେ ଈଶ୍ୱରଙ୍କ ସମ୍ପର୍କରେ ଏହି ଉକ୍ତି କରିପାରୁ–ଈଶ୍ୱର ପବିତ୍ର, ଧାର୍ମିକ, ନ୍ୟାୟବନ୍ତ, ପିତୃତୁଲ୍ୟ ଆତ୍ମା, ବିଶ୍ୱଜଗତର ପାଳକ ଓ ଶାସକ, ଅନନ୍ତ ଅସୀମ ସ୍ରଷ୍ଟା, ଯେ ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟରେ, ମନୁଷ୍ୟ ନିକଟରେ ନିଜକୁ ପ୍ରକାଶ କରିଅଛନ୍ତି ଓ ସେ ଚାହାନ୍ତି

ଯେ, ମନୁଷ୍ୟମାନେ ତାହାଙ୍କୁ ଜାଣି ଆତ୍ମା ଓ ସତ୍ୟତାରେ ତାହାଙ୍କର ଆରାଧନା କରନ୍ତୁ ।

ନୂତନ ନିୟମରେ, ଈଶ୍ୱରଙ୍କ ସମ୍ବନ୍ଧରେ ଗଭୀର ଅର୍ଥପୂର୍ଣ୍ଣ ତିନୋଟି ସରଳ ଉକ୍ତି ରହିଛି । ଈଶ୍ୱର ଜ୍ୟୋତିଃ । *'ଈଶ୍ୱର ଜ୍ୟୋତିଃସ୍ୱରୂପ, ତାହାଙ୍କଠାରେ ତିଳେମାତ୍ର ଅନ୍ଧକାର ନାହିଁ'* (୧ ଯୋହନ ୧:୫) ।

ଅବଶ୍ୟ ଏ ଜ୍ୟୋତିଃ ପାର୍ଥିବ ଆଲୋକ ନୁହେଁ, ମାତ୍ର ନିଷ୍କଳଙ୍କ, ପବିତ୍ରତା, ସତ୍ୟତା ଓ ସୌନ୍ଦର୍ଯ୍ୟ । ଈଶ୍ୱର ପ୍ରେମ । *'ଯେ କେହି ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କର ପରିଚୟ ପାଇ ନାହିଁ, କାରଣ ଈଶ୍ୱର ପ୍ରେମସ୍ୱରୂପ'* (୧ ଯୋହନ ୪:୮) ।

ଈଶ୍ୱର ଅନନ୍ତ ଜୀବନ । *'ଆମେ ଏହା ମଧ୍ୟ ଜାଣୁ ଯେ ଈଶ୍ୱରଙ୍କ ପୁତ୍ର ଆସିଛନ୍ତି ଓ ଯେ ସତ୍ୟମୟ, ତାହାଙ୍କୁ ଜାଣିବା ପାଇଁ ଆମକୁ ଜ୍ଞାନ ପ୍ରଦାନ କରିଛନ୍ତି । ଆମେ ସତ୍ୟମୟଙ୍କଠାରେ, ଅର୍ଥାତ୍ ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କଠାରେ ରହିଛୁ । ସେ ସତ୍ୟ ଈଶ୍ୱର ଓ ଅନନ୍ତ ଜୀବନ'* (୧ ଯୋହନ ୫:୨୦) ।

ସେ ଜୀବନ ବୃକ୍ଷଲତା, ପଶୁ ପକ୍ଷୀ ବା ମନୁଷ୍ୟର ଜୀବନ ନୁହେଁ, କିନ୍ତୁ ସ୍ୱୟମ୍ଭୁ, ସଚେତନ, ଅସୀମ, ସୃଜନ ଶକ୍ତି-ସମ୍ପନ୍ନ ଆନନ୍ଦ ପରିପୂର୍ଣ୍ଣ ଜୀବନ, ଯେଉଁ ଜୀବନର ଆରମ୍ଭ ନାହିଁ, ଶେଷ ମଧ୍ୟ ନାହିଁ ।

ଈଶ୍ୱରଙ୍କ ଚରିତ୍ର ବିଷୟରେ ଆମ୍ଭେମାନେ ସରଳଭାବେ ଏତିକି କହିପାରୁ ଯେ, ଈଶ୍ୱର ଯାହା, ଠିକ୍ ସେହିପରି ସେ ନିଜକୁ ଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରକାଶ କରିଅଛନ୍ତି । ସେ ଭାଷାର ଅତୀତ, ସମ୍ପୂର୍ଣ୍ଣଭାବେ ପୃଥକ, ଅପରିଜ୍ଞେୟ ଈଶ୍ୱର ନୁହନ୍ତି ।

ବିଶ୍ୱଜଗତର ସେହି ମହାନ୍ ସ୍ରଷ୍ଟା, ସେହି ଅଦ୍ୱିତୀୟ ପରମ ସତ୍ତା, ପୃଥିବୀରେ ଅବତରଣ କରିଅଛନ୍ତି । ସ୍ୱୟଂ ଜ୍ୟୋତିର୍ମୟ, ମୃତ୍ୟୁହୀନ ଅମର, ସର୍ବୋପରିସ୍ଥ ସେହି ଈଶ୍ୱର, ଆପଣାକୁ ଖ୍ରୀଷ୍ଟଙ୍କ ମଧ୍ୟରେ କୋମଳ, ପ୍ରେମମୟ, କରୁଣାମୟ, ଅନୁଗ୍ରହପୂର୍ଣ୍ଣ, ନ୍ୟାୟବାନ୍ ଓ ପବିତ୍ର ରୂପରେ ପ୍ରକାଶ କରିଅଛନ୍ତି ।



ବେଦାନ୍ତବିଦ୍ ହିନ୍ଦୁ, ଗୁରୁ ରୂପକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଯେଉଁ ପ୍ରାର୍ଥନା କରନ୍ତି, ତାହାର ଅର୍ଥ ହେଲା, 'ମୁଁ ଯେଉଁ ଗୁରୁଙ୍କୁ କାମନା କରେ, ସେ ହେଉଅଛନ୍ତି ସ୍ରଷ୍ଟା, ପାଳକ ଏବଂ ବିଶ୍ୱଜଗତର ଅଧୀଶ୍ୱର । ମୋର ଆଦର୍ଶ ଗୁରୁ ସ୍ୱୟଂ ଈଶ୍ୱରଙ୍କର ପରିପ୍ରକାଶ । ମୋ' କଳ୍ପନାର ସେହି ଗୁରୁଙ୍କୁ ସଶ୍ରଦ୍ଧ ପ୍ରଣାମ ନିବେଦନ କରୁଛି ।'

ଏହି ଗୁରୁ, ସତ୍ୟ ଗୁରୁ ରୂପକ ଯୀଶୁ ଖ୍ରୀଷ୍ଟ । ସେ ଉପଯୁକ୍ତ ଶିକ୍ଷାଦାତା ଓ ଈଶ୍ୱରଙ୍କର ପରିପ୍ରକାଶ । ଆମ୍ଭେମାନେ କି ଆନନ୍ଦରେ ତାହାଙ୍କୁ ଗ୍ରହଣ ନ କରିବୁ କି ଯତ୍ନ ଓ ବିଶ୍ୱାସର ସହିତ ତାହାଙ୍କ ଶିକ୍ଷାକୁ ପରୀକ୍ଷା ନ କରିବୁ ।

ଗୁରୁ ଠିକ୍ ଏହିପରିଭାବେ ପରମ ସତ୍ତାଙ୍କ ସମ୍ବନ୍ଧରେ ଶିକ୍ଷାଦାନ କରିଛନ୍ତି । ସେହି ପରମସତ୍ତା ଏପରି ଈଶ୍ୱର ଯାହାଙ୍କୁ ଆମ୍ଭେମାନେ ଜାଣିପାରିବୁ ଓ ପ୍ରେମ ମଧ୍ୟ କରିପାରିବୁ । ସେ ଏପରି ଈଶ୍ୱର, ଯେ ଆମ୍ଭମାନଙ୍କ ଆରାଧନା, ଆତ୍ମାର ଓ ହୃଦୟର ସମ୍ପୂର୍ଣ୍ଣ ସମର୍ପଣ ଓ ଆମ୍ଭମାନଙ୍କର ସର୍ବସ୍ୱ ପାଇବା ନିମନ୍ତେ ଯୋଗ୍ୟ । ତାହାଙ୍କ ଶିକ୍ଷାରୁ ଆମ୍ଭେମାନେ ଯଦି ଲାଭବାନ୍ ହେବାକୁ ଇଚ୍ଛା କରୁ, ତେବେ ଆମ୍ଭମାନଙ୍କ ସମ୍ବନ୍ଧରେ ଯେଉଁସମସ୍ତ ଗଭୀର ସତ୍ୟ ରହିଛି, ସେସବୁ ଜାଣିବା ଆମ୍ଭମାନଙ୍କର ଏକାନ୍ତ ପ୍ରୟୋଜନ । ବର୍ତ୍ତମାନ ଆମ୍ଭେମାନେ ସେ ବିଷୟଗୁଡ଼ିକର ଆଲୋଚନା କରିବା ।

# ୩ ଆମ୍ଭେମାନେ କ'ଣ ସେ ବିଷୟରେ ଗୁରୁ କହନ୍ତି

ପ୍ରକୃତରେ ମନୁଷ୍ୟ କି ରହସ୍ୟମୟ ! ଆମ୍ଭେମାନେ ନିଜେ, ନିଜ ପ୍ରତି ମଧ୍ୟ ଗୋଟିଏ ଗୋଟିଏ ରହସ୍ୟ । ମନୁଷ୍ୟ ପ୍ରକୃତରେ କ'ଣ, ଏ ପ୍ରଶ୍ନର ସଠିକ୍ ଉତ୍ତର କେହି ଦେଇପାରିବେ ନାହିଁ । ଅବଶ୍ୟ ଏ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇଁ ବହୁ ଚେଷ୍ଟା କରାଯାଉଛି, କାରଣ ମନୁଷ୍ୟ ସର୍ବଦା ନିଜ ସମ୍ପର୍କରେ କଳ୍ପନାଜଳ୍ପନା କରିଆସୁଛି । କେତେକ କହନ୍ତି, ମନୁଷ୍ୟ ପଶୁବିଶେଷ ପୁଣି ଅନ୍ୟ କେତେକ କହନ୍ତି, ମନୁଷ୍ୟ ଈଶ୍ୱରଙ୍କର ଉତ୍କର୍ଷ ଅଭିବ୍ୟକ୍ତି ଏବଂ କେତେକ ପୁଣି ଏହି ଦୁଇ ମତର ମଧ୍ୟବର୍ତ୍ତୀ କୌଣସି ଗୋଟିଏ ମତ ଗ୍ରହଣ କରିଥା'ନ୍ତି ।

ମନୁଷ୍ୟ ନିଜ ବିଷୟରେ କ'ଣ କହେ, ଏଠାରେ ତାହା ଆମ୍ଭେମାନେ ଆଲୋଚନା କରିବା ନାହିଁ । ମନୁଷ୍ୟର ଅନ୍ତର୍ନିହିତ ପ୍ରକୃତି ଓ ସେ ଈଶ୍ୱରଙ୍କ ସମ୍ମୁଖରେ ପ୍ରକୃତରେ କ'ଣ, ସେ ସମ୍ପର୍କରେ ଯୀଶୁ ଯାହା କହିଅଛନ୍ତି, ତାହା ଲକ୍ଷ୍ୟ କରିବା ଓ ତାହାଙ୍କ କଥାକୁ ମନୋଯୋଗ ସହିତ ଶୁଣିବା ।

ପ୍ରଥମରେ, ମନୁଷ୍ୟ ଈଶ୍ୱରଙ୍କ ସୃଷ୍ଟ ଜୀବ ବିଶେଷ, ଅର୍ଥାତ୍ ଏକ ସମୟରେ ମନୁଷ୍ୟର ଅସ୍ତିତ୍ୱ ନ ଥିଲା, ଈଶ୍ୱର ତାକୁ ସୃଷ୍ଟି କଲେ । ଯୀଶୁ କହିଥିଲେ, *'ସୃଷ୍ଟିର ଆରମ୍ଭରେ ଈଶ୍ୱର ସେମାନଙ୍କୁ ନର ଓ ନାରୀ ରୂପେ ସୃଷ୍ଟି କଲେ'* (ମାର୍କ ୧୦:୬) । ବାଇବଲର ଆରମ୍ଭ ପର୍ବରେ ମନୁଷ୍ୟ ସୃଷ୍ଟିର ବିବରଣୀ ଦେଖିବାକୁ ମିଳେ । ଯୀଶୁ ଶିକ୍ଷା ଛଳରେ ଯେପରି କହିଥିଲେ, ତାହା ହିଁ ମନୁଷ୍ୟ ସୃଷ୍ଟିର ସତ୍ୟ ବିବରଣୀ ।*'ଈଶ୍ୱର ନିଜ ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ମନୁଷ୍ୟକୁ ସୃଷ୍ଟି କଲେ, ନର ଓ ନାରୀ ରୂପେ ସେ ସେମାନଙ୍କୁ ସୃଷ୍ଟି କଲେ'* (ଆଦି ୧:୨୭) ।

ଈଶ୍ୱରଙ୍କ ସୃଷ୍ଟ ଜୀବ ହୋଇଥିବାରୁ ଆମ୍ଭେମାନେ ଈଶ୍ୱର ନୋହୁଁ ଏବଂ ଈଶ୍ୱରଙ୍କ ଅଂଶବିଶେଷ ମଧ୍ୟ ନୋହୁଁ । ଈଶ୍ୱର ସ୍ରଷ୍ଟା ଓ ମନୁଷ୍ୟ ସୃଷ୍ଟ ଜୀବ,



ତେଣୁ ଈଶ୍ୱରଙ୍କଠାରୁ ସେ ବହୁ ନିମ୍ନରେ । ଈଶ୍ୱର ଯଦି ପ୍ରେମର ସାଗର ହୁଅନ୍ତି, ତେବେ ଆମ୍ଭେମାନେ ସାଗର ସଙ୍ଗେ ମିଶି ରହିଥିବା ଜଳବିନ୍ଦୁ ମଧ୍ୟ ନୋହୁଁ । ଆମ୍ଭେମାନେ ବରଂ ସମୁଦ୍ରରେ ମାଛ ପରି । ମାଛ ସୃଷ୍ଟି ହେବା ପୂର୍ବରୁ ସମୁଦ୍ର ରହିଥିଲା, କିନ୍ତୁ ସମୁଦ୍ର ମାଛ ନୁହେଁ । ଉଭୟେ ପରସ୍ପରଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ଭିନ୍ନ ।

## ମନୁଷ୍ୟର ମହତ୍ତ୍ୱ

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଓ ଈଶ୍ୱରଙ୍କଠାରୁ ନିକୃଷ୍ଟ ହୋଇଥିଲେ ହେଁ ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ, କାରଣ 'ଈଶ୍ୱରଙ୍କ ପ୍ରତିମୂର୍ତ୍ତି'ରେ ତାହାର ସୃଷ୍ଟି ହୋଇଥିଲା । ଏହାର ଅର୍ଥ ଏହି ଯେ, କେତେକ ବିଶେଷତ୍ୱ ଦୃଷ୍ଟିରୁ ମନୁଷ୍ୟ ନିଜ ମହାନ୍ ସ୍ରଷ୍ଟାଙ୍କର ଅତି କ୍ଷୁଦ୍ର ଏକ ଛବି । ଈଶ୍ୱର ଯେପରି ଆତ୍ମା, ମନୁଷ୍ୟର ମଧ୍ୟ ସେହିପରି ଆତ୍ମାଯୁକ୍ତ (ଆତ୍ମିକ) ପ୍ରକୃତି ଥିଲା । ଈଶ୍ୱର ଯେପରି ବ୍ୟକ୍ତି, ସେ ମଧ୍ୟ ସେହିପରି ବ୍ୟକ୍ତି । ତାହାର ମନ, ମମତା ଓ ଇଚ୍ଛା ଶକ୍ତି ମଧ୍ୟ ଥିଲା ।

ପ୍ରଥମ ଅବସ୍ଥାରେ ମନୁଷ୍ୟର ମନ ଆଲୋକ ଓ ସତ୍ୟତାରେ ପୂର୍ଣ୍ଣ ଥିଲା । ତା' ହୃଦୟରେ ଈଶ୍ୱରଙ୍କ ପ୍ରତି ପ୍ରେମ ଓ ଭକ୍ତି ଥିଲା ଏବଂ ସେ ସମସ୍ତ ବିଷୟରେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରୁଥିଲା । ସେ ସମୟରେ ତା' ହୃଦୟରେ ପ୍ରେମ, ଆନନ୍ଦ ଓ ଶାନ୍ତିର ଧାରା ପ୍ରବାହିତ ହେଉଥିଲା ଏବଂ ଈଶ୍ୱରଙ୍କ ଇଚ୍ଛା ସଙ୍ଗେ ତା' ଇଚ୍ଛାର ସମ୍ପୂର୍ଣ୍ଣ ସମନ୍ୱୟ ରହିଥିଲା ।

ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ, ଈଶ୍ୱର ଅତି ମହତ୍ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସାଧନ ନିମନ୍ତେ ମନୁଷ୍ୟକୁ ସୃଷ୍ଟି କରିଥିଲେ ।

ପୃଥିବୀର ଶାସକ ରୂପେ ମନୁଷ୍ୟକୁ ନିଯୁକ୍ତ କରାଯାଇଥିଲା । ଈଶ୍ୱରଙ୍କ ପ୍ରତିନିଧି ରୂପେ ତା' ଉପରେ ସମ୍ମାନ ଓ କର୍ତ୍ତୃତ୍ୱ ନ୍ୟସ୍ତ କରାଯାଇଥିଲା । ବାଇବଲର ଆରମ୍ଭ ପର୍ବରେ ଈଶ୍ୱର ଆମ୍ଭମାନଙ୍କ ଆଦି ପିତା ମାତାଙ୍କୁ କହିଥିଲେ,*'ବଂଶ ବୃଦ୍ଧି କରି ବହୁସଂଖ୍ୟକ ହୁଅ ଓ ପୃଥିବୀକୁ ପୂର୍ଣ୍ଣ କରି ବଶୀଭୂତ କର । ଜଳଚର ମତ୍ସ୍ୟ, ଆକାଶର ପକ୍ଷୀ ଓ ସ୍ଥଳଚର ସମସ୍ତ ପ୍ରାଣୀ ଉପରେ କର୍ତ୍ତୃତ୍ୱ କର'* (ଆଦିପୁସ୍ତକ ୧:୨୮) । ରୋଗ, ଯନ୍ତ୍ରଣା ଭୋଗ

କରି ରୋଗ ଓ ମୃତ୍ୟୁର କବଳିତ ହେବା ନିମନ୍ତେ ବା ସାରା ଜୀବନ, ଅନ୍ୟ ମନୁଷ୍ୟ, ହିଂସ୍ର ପଶୁ, ମନ୍ଦ ଶକ୍ତି ଓ ପରିବେଶକୁ ଭୟ କରି ଜୀବନ କଟାଇବା ନିମନ୍ତେ ମନୁଷ୍ୟର ସୃଷ୍ଟି ହୋଇ ନ ଥିଲା । ନିଜର ଲାଳସା ଓ ଅଜ୍ଞାନତାର ଦାସତ୍ୱ ବନ୍ଧନରେ ଆବଦ୍ଧ ହେବା ନିମନ୍ତେ ମଧ୍ୟ ତାକୁ ସୃଷ୍ଟି କରାଯାଇ ନ ଥିଲା । ଈଶ୍ୱରଙ୍କ ମନୋନୀତ ପ୍ରତିନିଧି ରୂପେ ପୃଥିବୀକୁ ଶାସନ କରିବା ନିମନ୍ତେ ମନୁଷ୍ୟକୁ ସ୍ୱାଧୀନ ଓ ବିଚାରବୁଦ୍ଧି ସମ୍ପନ୍ନ କରି ସୃଷ୍ଟି କରାଯାଇଥିଲା ।

ସୃଷ୍ଟିର ଆରମ୍ଭ ସମୟରେ ମନୁଷ୍ୟ ଈଶ୍ୱରଙ୍କୁ ଜାଣିଥିଲା ଓ ଈଶ୍ୱରଙ୍କ ସଙ୍ଗେ ତା'ର ଯୋଗାଯୋଗ ରହିଥିଲା । ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ କୌଣସି ବ୍ୟବଧାନ ସୃଷ୍ଟି ହୋଇ ନ ଥିଲା, କାରଣ ସେପର୍ଯ୍ୟନ୍ତ ପୃଥିବୀରେ ପାପ ପ୍ରବେଶ କରି ନ ଥିଲା ଏବଂ ଈଶ୍ୱରଙ୍କ ସାକ୍ଷାତରେ ନିଜ ମୁଖ ଆଚ୍ଛାଦନ କରିବା ପରିସ୍ଥିତି ଉପୁଜି ନ ଥିଲା । ମନୁଷ୍ୟ ସତ୍ ଓ ଆନନ୍ଦମୟ ଜୀବନ ଯାପନ କରୁଥିଲା । ସେଥି ସଙ୍ଗେ ସଙ୍ଗେ ପ୍ରେମ, ବିଶ୍ୱାସ ଓ ବାଧ୍ୟତା ଯୋଗେ, ସେ ଈଶ୍ୱରଙ୍କ ସଙ୍ଗେ ଦୃଢ଼ ସମ୍ପର୍କ ସ୍ଥାପନ କରିପାରିଥିଲା ।

## ପତନ

ମନୁଷ୍ୟ ଦିନେ କିପରି ଜୀବନଯାପନ କରୁଥିଲା, ଏଥିରୁ ଆମ୍ଭେମାନେ ତାହା ଅନୁମାନ କରିପାରୁ । ଆଜି ମଧ୍ୟ ମନୁଷ୍ୟ ପକ୍ଷରେ ସେହିପରି ଜୀବନଯାପନ ଏକାନ୍ତ ଆବଶ୍ୟକ ।

ଏ ସମ୍ପର୍କରେ ଯୀଶୁ ଆମ୍ଭମାନଙ୍କୁ ଯାହା ଶୁଣାଇଛନ୍ତି, ସେହି ଗୁରୁତ୍ୱପୂର୍ଣ୍ଣ ସତ୍ୟ ହେଲା– ମନୁଷ୍ୟ ବର୍ତ୍ତମାନ ପତିତ । ଏପରି ଏକ ଘଟଣା ଘଟିଲା ଯଦ୍ଦ୍ୱାରା ମନୁଷ୍ୟର ଏ ପ୍ରକାର ଦଶା ହେଲା । ଗୁରୁ ନିଜ ଶିଷ୍ୟମାନଙ୍କୁ କହିଥିଲେ, *'ତୁମ୍ଭେମାନେ ପାପିଷ୍ଠ ମନୁଷ୍ୟ ହୋଇ ସୁଦ୍ଧା ନିଜ ସନ୍ତାନମାନଙ୍କୁ ଯଦି ଉତ୍ତମ ବିଷୟ ଦେଇ ଜାଣ, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତାଙ୍କ ନିକଟରେ ମାଗିବା ଲୋକଙ୍କୁ କେତେ ଅଧିକ ଉତ୍ତମ ବିଷୟ ନ ଦେବେ'* (ମାଥିଉ ୭:୧୧) ।

'ପାପିଷ୍ଠ ହୋଇ ସୁଦ୍ଧା' ଏହି କେତୋଟି ଶବ୍ଦ ପ୍ରତି ଲକ୍ଷ୍ୟ କରନ୍ତୁ । କେବଳ ଅତି ମନ୍ଦ ଲୋକଙ୍କ ପ୍ରତି ନୁହେଁ, ଅତି ଉତ୍ତମ ଲୋକଙ୍କ ପ୍ରତି ମଧ୍ୟ



ଯୀଶୁ ଏ ଶବ୍ଦ କେତୋଟି ପ୍ରୟୋଗ କରିଥିଲେ । ସମସ୍ତେ ଯେ ପାପୀ ଓ ଈଶ୍ୱରଙ୍କ ପବିତ୍ରତା ତୁଳନାରେ ସମସ୍ତେ ଯେ ମନ୍ଦ, ଏହି ସତ୍ୟ ଯେପରି ଲୋକେ ବୁଝି ପାରିବେ, ସେଥିପାଇଁ ଯୀଶୁ ଏପରି କହିଥିଲେ ।

ଏ କଥା ନୂତନ ବା ଅଦ୍ଭୁତ ନୁହେଁ । ଏଠାରେ ଗୋଟିଏ ପ୍ରାର୍ଥନା ଉଲ୍ଲେଖ କରାଯାଉଛି, ଯାହା ଆମ ଦେଶର ହିନ୍ଦୁମାନେ ଶହ ଶହ ବର୍ଷ ଧରି ଉଚ୍ଚାରଣ କରିଆସୁଛନ୍ତି । 'ଜନ୍ମ ଓ କର୍ମ ଦ୍ୱାରା ମୁଁ ପାପୀ । ମୋର ଆତ୍ମା ପାପ ଦ୍ୱାରା କଳୁଷିତ । ପାପ ମଧ୍ୟରେ ମୁଁ ଗର୍ଭରେ ସଂଚାରିତ ହେଲି । ପ୍ରଭୁ ! ମୋତେ ଉଦ୍ଧାର କରନ୍ତୁ, ପାପୀ ଯେ ମୁଁ, ମୋ' ପ୍ରତି ସଦୟ ହୁଅନ୍ତୁ ।' *(ପାପୋହଂ ପାପ କର୍ମନାଂ, ପାପାତ୍ମା, ପାପ ସମ୍ଭବା, ତ୍ରାହି ମାଂ କୃପାୟା ଦେବ, ଶରଣାଗତ ବତ୍ସଳ) ।*

ଯୀଶୁ ମଧ୍ୟ ଠିକ୍ ସେହିପରି ମନୁଷ୍ୟର ପାପ ପ୍ରକୃତି ସମ୍ବନ୍ଧରେ ଏହି ସତ୍ୟ ବ୍ୟକ୍ତ କରିଥିଲେ । *'କାରଣ ଭିତରୁ, ମନୁଷ୍ୟମାନଙ୍କ ହୃଦୟରୁ ବାହାରେ– କୁଚିନ୍ତା, ଅବୈଧ ଯୌନସମ୍ପର୍କ, ଚୋରୀ, ନରହତ୍ୟା, ବ୍ୟଭିଚାର, ଲୋଭ, ବିଦ୍ୱେଷ, ପ୍ରବଞ୍ଚନା, ଲୋଲୁପଦୃଷ୍ଟି, ପରଶ୍ରୀକାତରତା, ପରନିନ୍ଦା, ଅହଂକାର ଓ ମୂର୍ଖତା । ଏହି ସମସ୍ତ ମନ୍ଦ ଗୁଣ ଅନ୍ତରରୁ ବାହାରେ ଏବଂ ମନୁଷ୍ୟକୁ 'ଅଶୁଚି' କରେ'* (ମାର୍କ ୭:୨୧–୨୩) ।

ଏହି ବାକ୍ୟ ଅନୁସାରେ ମନୁଷ୍ୟ ହୃଦୟରେ, ଅନ୍ତରତମ ପ୍ରଦେଶରେ ମନ୍ଦତା ରହିଅଛି । ତା' ହୃଦୟ ମନ୍ଦ, ତେଣୁ ତା'ମଧ୍ୟରୁ ମନ୍ଦ କର୍ମ ହିଁ ବାହାରେ ।

ବର୍ତ୍ତମାନ ଅଧିକ ମନୋଯୋଗ ସହକାରେ ଏ ବିଷୟ ଆଲୋଚନା କରିବା, କାରଣ ଗୁରୁ ଯାହା ସବୁ କହିଥିଲେ, ସେସମସ୍ତ ଏହି ସତ୍ୟକୁ କେନ୍ଦ୍ର କରି । ଆମ୍ଭେମାନେ ପ୍ରତ୍ୟେକେ ଯେ ପାପୀ, ଏ ସତ୍ୟର ସମ୍ମୁଖୀନ ହେବା ଆମ୍ଭମାନଙ୍କ ପକ୍ଷରେ କଷ୍ଟକର ହୋଇପାରେ । କିନ୍ତୁ ଏହି ସତ୍ୟକୁ ସ୍ୱୀକାର ନ କଲେ, ଖ୍ରୀଷ୍ଟଙ୍କର ଅନ୍ୟ ସମସ୍ତ ଶିକ୍ଷା ବୁଝିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହେବ ନାହିଁ । ବିଶେଷତଃ, ସେ କାହିଁକି ମୃତ୍ୟୁ ଭୋଗ କଲେ, ଆମ୍ଭେମାନେ ତାହା ବୁଝି ପାରିବା ନାହିଁ । ଯୀଶୁଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱରଙ୍କ

ସଙ୍ଗେ ମନୁଷ୍ୟର ଶାନ୍ତି ସ୍ଥାପିତ ହେଲା ଓ ସେ ପରିତ୍ରାଣ ଏବଂ ଅନନ୍ତ ଜୀବନର ଅଧିକାରୀ ହୋଇ ପାରିଲା । ଏହି ବିଷୟ ଆଲୋଚନା କରୁ କରୁ ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ଯେଉଁସମସ୍ତ ଶିକ୍ଷା ଦେଇଅଛନ୍ତି, ତାହା ତାହାଙ୍କ ପ୍ରେମର ଅଭିବ୍ୟକ୍ତି ଓ ସେସମସ୍ତ ଶିକ୍ଷା ଆମ୍ଭମାନଙ୍କର ଚିର ମଙ୍ଗଳ ନିମନ୍ତେ ।

ଏ ବିଷୟରେ ଅଧିକ ଆଲୋଚନା କରିବା ପୂର୍ବରୁ, ଏଥିରୁ ସ୍ୱତଃ ଯେଉଁ ପ୍ରଶ୍ନର ସୃଷ୍ଟି ହୁଏ, ଆମ୍ଭମାନଙ୍କୁ ତାହାର ଉତ୍ତର ଦେବାକୁ ପଡ଼ିବ । ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ, ନିଷ୍ପାପ, ନିର୍ଦ୍ଦୋଷ ମନୁଷ୍ୟ ମନ୍ଦ ହେଲା କିପରି ? ବାଇବଲରୁ ଏ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ମିଳେ ।

## ମନୁଷ୍ୟର ପତନ କିପରି ହେଲା

ଈଶ୍ୱର ଆମ୍ଭମାନଙ୍କର ଆଦି ପିତା ମାତାଙ୍କୁ ସୃଷ୍ଟି କରି, ଆନନ୍ଦମୟ ଓ ପରିପୂର୍ଣ୍ଣ ଜୀବନଯାପନ ନିମନ୍ତେ ସେମାନଙ୍କର ଯାହା ଯାହା ପ୍ରୟୋଜନ, ସବୁକିଛି ଯୋଗାଇ ଦେଇଥିଲେ । କିନ୍ତୁ ସେଥି ସଙ୍ଗେ ସଙ୍ଗେ ସେମାନଙ୍କୁ ପରୀକ୍ଷା କରିବା ନିମନ୍ତେ ମଧ୍ୟ ସେ ବ୍ୟବସ୍ଥା କରିଥିଲେ । ନିଜ ସୃଷ୍ଟ ମନୁଷ୍ୟକୁ ପରୀକ୍ଷା କରିବା ନିମନ୍ତେ ଈଶ୍ୱରଙ୍କର ପୂର୍ଣ୍ଣ ଅଧିକାର ଥିଲା ଓ ସେ ସେହି ଅଧିକାର ପ୍ରୟୋଗ କରିଥିଲେ । ଈଶ୍ୱର ସେମାନଙ୍କୁ ଗୋଟିଏ ଆଜ୍ଞା ଦେଇଥିଲେ ଏବଂ ସେଥି ସଙ୍ଗେ ସଙ୍ଗେ ସତର୍କ କରି ଦେଇଥିଲେ ଯେ, ସେମାନେ ଯଦି ତାହାଙ୍କର ସେ ଆଜ୍ଞା ଲଙ୍ଘନ କରନ୍ତି ତେବେ ମୃତ୍ୟୁ ଭୋଗ କରିବେ । ଈଶ୍ୱରଙ୍କର ଏହି ଆଜ୍ଞା ହେଲା, ସେମାନେ ନିର୍ଦ୍ଦିଷ୍ଟ ଗୋଟିଏ ବୃକ୍ଷର ଫଳ ଖାଇବେ ନାହିଁ ।

ଏହି କେତୋଟି କଥାରେ ତାହାଙ୍କ ଆଜ୍ଞାର ଅର୍ଥ ପ୍ରକାଶ କରାଯାଇପାରେ– ଆମ୍ଭେ ଈଶ୍ୱର, ତୁମ୍ଭେ ମନୁଷ୍ୟ । ଆମ୍ଭକୁ ପୂର୍ଣ୍ଣ ହୃଦୟରେ ପ୍ରେମ କରି, ଆମ୍ଭ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି, ଆନନ୍ଦରେ ଆମ୍ଭ ଆଜ୍ଞା ପାଳନ ତୁମ୍ଭମାନଙ୍କର କର୍ତ୍ତବ୍ୟ ଓ ତାହା ତୁମ୍ଭମାନଙ୍କ ଜୀବନର ସବୁଠାରୁ ବଡ଼ ସୁଯୋଗ । ଆମ୍ଭକୁ ଅବଜ୍ଞା କରି ଯଦି ତୁମ୍ଭେମାନେ ଆମ୍ଭଠାରୁ ବିଚ୍ଛିନ୍ନ ହୁଅ, ତେବେ ନିଶ୍ଚୟ ମରିବ ।’



ଆମ୍ଭମାନଙ୍କର ଆଦି ପିତା ମାତା ପ୍ରଲୋଭନରେ ପଡ଼ିଲେ । ସେମାନେ ସ୍ୱ–ଇଚ୍ଛାରେ ଈଶ୍ୱରଙ୍କ ପ୍ରତି ବିମୁଖ ହୋଇ, ପ୍ରେମ, ଆସ୍ଥା ଓ ବାଧ୍ୟତାର ସମସ୍ତ ବନ୍ଧନ ଛିନ୍ନ କଲେ ଓ ସେମାନଙ୍କ ନିଜ ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛାଠାରୁ ବଡ଼ କଲେ । ଅନ୍ୟ କଥାରେ କହିବାକୁ ଗଲେ, ସେମାନେ ନିଜ ନିଜକୁ ଈଶ୍ୱରଙ୍କଠାରୁ ଉଚ୍ଚରେ ସ୍ଥାପନ କଲେ । ସଂକ୍ଷେପରେ କହିବାକୁ ଗଲେ, ସେମାନେ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଲେ, ତାହା ହେଲା ସେମାନେ ଈଶ୍ୱରଙ୍କର ଆଜ୍ଞା ପାଳନ କରିବେ ନା ନାହିଁ ? ସେ ଈଶ୍ୱର, କେବଳ ସେଥିପାଇଁ କ’ଣ ସେମାନେ ତାହାଙ୍କର ଆଜ୍ଞା ପାଳନ କରିବେ ?

ମନୁଷ୍ୟର ଚିନ୍ତା କରିବା ଶକ୍ତି ଥିଲା, ତେଣୁ ବିଭିନ୍ନ ସମ୍ଭାବନା ବିଷୟରେ ସେ ବିଚାର କରି ପାରୁଥିଲା । ତାହାର ଇଚ୍ଛା ଶକ୍ତି ଥିବାରୁ, ସେ ବିଚାର କରି ସବୁକିଛି ପସନ୍ଦ କରି ପାରୁଥିଲା । କିନ୍ତୁ ଦୁଃଖର କଥା, ନିଜର ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛାଠାରୁ ବଡ଼ କରି, ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରିବା ନିମନ୍ତେ ମନୁଷ୍ୟ ନିଷ୍ପତ୍ତି କଲା । ଫଳରେ ମନୁଷ୍ୟ ନିଜେ ସମସ୍ତ ପାପର ମୂଳଦୁଆ ପକାଇଲା ଓ ବିଶ୍ୱ ଜଗତର ପ୍ରଭୁଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲା । ଈଶ୍ୱର କିପରି ସନ୍ତୋଷ ଲାଭ କରିବେ, ସେ ଦିଗରେ ଦୃଷ୍ଟି ନ ଦେଇ ସେ ନିଜ ଖୁସିରେ ସମସ୍ତ କିଛି କରିଗଲା । ଏହା କରି ସେ ନିଜ ଜୀବନର ରାଜା ଈଶ୍ୱରଙ୍କୁ ଅଗ୍ରାହ୍ୟ କଲା ଓ ତାହାଙ୍କ ସ୍ଥାନରେ ନିଜକୁ ସ୍ଥାପନ କଲା । ଏହା ହିଁ ପାପର ସାରମର୍ମ । ଠିକ୍ ସେହି ମୁହୂର୍ତ୍ତରୁ ମନୁଷ୍ୟର ଇତିହାସରେ ଭୟଙ୍କର ପରିବର୍ତ୍ତନ ଆସିଲା । ପ୍ରଥମ ନର ଓ ତାଙ୍କର ଭାର୍ଯ୍ୟା ପାପୀ ହେଲେ ଓ ସେମାନଙ୍କ ହୃଦୟରେ ଆଉ ଆଲୋକର ସ୍ଥାନ ରହିଲା ନାହିଁ । ଅନ୍ଧକାର ଓ କୁଚିନ୍ତା ସେହି ସ୍ଥାନ ଅଧିକାର କଲା । ଈଶ୍ୱରଙ୍କ ଇଚ୍ଛା ସଙ୍ଗେ ସେମାନଙ୍କ ଇଚ୍ଛା ଆଉ ସମାନ ହୋଇ ପାରିଲା ନାହିଁ ବରଂ ସେମାନଙ୍କର ଇଚ୍ଛା ଈଶ୍ୱରଙ୍କ ବିରୁଦ୍ଧାଚରଣ କଲା । ସେମାନଙ୍କ ହୃଦୟରେ ଈଶ୍ୱରଙ୍କ ଦତ୍ତ ପ୍ରେମ, ଆନନ୍ଦ ଓ ଶାନ୍ତିର ସ୍ଥାନ ରହିଲା ନାହିଁ, ତା’ ପରିବର୍ତ୍ତେ ସେଠାରେ ରାଜତ୍ୱ କଲା, ଭୟ, ବିଷାଦ ଓ ଅଶାନ୍ତି । ପ୍ରେମ, ଭରସା ଓ ବାଧ୍ୟତାର ସମ୍ପର୍କ ଛିନ୍ନ ହେଲା ଓ ପାପୀ ମନୁଷ୍ୟ ଈଶ୍ୱରଙ୍କ ସହିଭାଗିତାରୁ ବିଚ୍ଛିନ୍ନ ହେଲା ।

କିନ୍ତୁ କେହି କେହି କହିବାର ଶୁଣାଯାଏ, 'ସେଥିରେ ଆମର କ'ଣ ଯାଏ ଆସେ କେତେ ? ସୁଦୂର ଅତୀତରେ ଏହା ଘଟିଥିଲା, କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ବିଜ୍ଞାନ, ଶିକ୍ଷା ଓ ସଭ୍ୟତାର ନୂତନ ଯୁଗରେ ବାସ କରୁଛୁ ।'

ଥରେ ଚାରିଆଡ଼େ ଆଖି ବୁଲାଇ ଦେଖନ୍ତୁ ତ ! ଆଜି ଚାରିଆଡ଼େ, ଦୁର୍ନୀତି, ଅସଦାଚରଣ, ଅଧର୍ମ, ସ୍ୱାର୍ଥପରତା, ଅନ୍ୟାୟ, ଘୃଣା, ହିଂସା, ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁ । ବିଜ୍ଞାନ, ଶିକ୍ଷା, ସଭ୍ୟତା, ମନୁଷ୍ୟ ହୃଦୟରେ ପରିବର୍ତ୍ତନ ଆଣିପାରି ନାହିଁ କିମ୍ୱା ଆମକୁ ଧାର୍ମିକ ମଧ କରିପାରି ନାହିଁ । ବିଜ୍ଞାନ ମୃତ୍ୟୁକୁ ଜୟ କରିପାରି ନାହିଁ । ଆମ୍ଭମାନଙ୍କର ଆଦି ପିତା ମାତା ଯାହା କରିବାକୁ ଆରମ୍ଭ କରିଥିଲେ, ଆମ୍ଭେମାନେ ତାହା ହିଁ କରି ଚାଲିଛୁ ।

ଆମ୍ଭେମାନେ କୌଣସି ପ୍ରକାରେ ସେମାନଙ୍କଠାରୁ ଭିନ୍ନ ହୋଇପାରି ନାହୁଁ । ବହୁ କ୍ଷେତ୍ରରେ ଲକ୍ଷ୍ୟ କଲେ ଆମ୍ଭେମାନେ ଦେଖି ପାରିବୁ ଯେ, ମନୁଷ୍ୟ ହିଂସ୍ର ପଶୁଠାରୁ ମଧ ଭୟଙ୍କର । ଯଦି ଏ ସମସ୍ତଙ୍କୁ ବାଧା ଦେବା ନିମନ୍ତେ କୌଣସି ଶକ୍ତି କାର୍ଯ୍ୟକାରୀ ହେଉ ନ ଥା'ନ୍ତା, ତେବେ ଅବସ୍ଥା ଯେ ଆହୁରି ସାଙ୍ଘାତିକ ହୁଅନ୍ତା ଏଥିରେ ସନ୍ଦେହ ନାହିଁ । ମନୁଷ୍ୟ ଜୀବନରୁ ସବୁ ବାଧା, ଶାସନ ଦୂର ହୋଇ ତାକୁ ଯଦି ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ଅଧିକାର ମିଳନ୍ତା, ତେବେ ମନୁଷ୍ୟ ଯେ କି ଭୟଙ୍କର ଦୁରାଚାରୀ, ତାହା ଆମ୍ଭେମାନେ ଅକ୍ଳେଶରେ ଦେଖି ପାରନ୍ତୁ ।

ଥରେ ଉପରକୁ ଅନାଇ ଦେଖନ୍ତୁ । ଦେଖନ୍ତୁ ସେହି ନକ୍ଷତ୍ରଭରା ଆକାଶ, ଯାହା ଯୁଗ ଯୁଗ ଈଶ୍ୱରଙ୍କର ଗୌରବ ଓ ମହିମା ପ୍ରକାଶ କରି ଆସିଛି । ଈଶ୍ୱରଙ୍କ ମହିମା, ପବିତ୍ରତା ଓ ପ୍ରେମ ବିଷୟରେ ଥରେ ଚିନ୍ତା କରନ୍ତୁ । ପୁଣି ଥରେ ବିଚାର କରି ଦେଖନ୍ତୁ, ଜଗତ ଯାହା ହେବା ଉଚିତ ଥିଲା, ତାହା ସେପରି ହୋଇ ପାରିଛି କି ? ଈଶ୍ୱର ଆଦ୍ୟରେ ମନୁଷ୍ୟକୁ ଯେପରି ସୃଷ୍ଟି କରିଥିଲେ, ବର୍ତ୍ତମାନ ସେ କ'ଣ ସେହିପରି ରହିଛି ? ନା ନୁହେଁ ।

ଥରେ ନିଜ ହୃଦୟ ଭିତରକୁ ଦୃଷ୍ଟି ଫେରାନ୍ତୁ । ଆପଣଙ୍କ ହୃଦୟ କିପରି ଅବସ୍ଥାରେ ରହିଛି, ତାହା ଆପଣ ଜାଣନ୍ତି ? ହୃଦୟରେ ସଦାସର୍ବଦା ଅଶାନ୍ତି, ଆତ୍ମା ଦୁର୍ବହ ଭାରରେ ଭାରଗ୍ରସ୍ତ–ଏ କଥା କ'ଣ ଅନୁଭବ କରି ନାହାନ୍ତି ?



ଥରେ ଥରେ କ'ଣ ଆପଣଙ୍କର ମନେ ହୁଏନା ଯେ, ଜୀବନରେ ଯେପରି ଯାହା ହେବା ଉଚିତ୍ ଥିଲା, ତାହା ସେପରି ହୋଇ ନାହିଁ ? ଆମ୍ଭେମାନେ ଅନ୍ୟର ତ୍ରୁଟି, ବିଚ୍ୟୁତି ଲକ୍ଷ୍ୟ କରିପାରୁ, କିନ୍ତୁ ଆମ୍ଭମାନଙ୍କର ଅହଙ୍କାର ଏପରି ଯେ, ନିଜ ଜୀବନର ତ୍ରୁଟି, ବିଚ୍ୟୁତିକୁ ଲକ୍ଷ୍ୟ କରୁନା । କେଉଁ ମାନ ଓ ଆଦର୍ଶରେ ପରୀକ୍ଷା କରି ଆମ୍ଭେମାନେ ନିଜ ନିଜକୁ ଅନ୍ୟମାନଙ୍କଠାରୁ ଉତ୍ତମ ମନେ କରୁ ? କେବଳ ଗର୍ବାନ୍ଧ ଓ ନିଜ ସମ୍ବନ୍ଧରେ ଅଜ୍ଞ ଲୋକଙ୍କ ପକ୍ଷରେ ଏପରି ଭାବିବା ସମ୍ଭବ ।

### ଈଶ୍ୱରଙ୍କ ବାକ୍ୟ ପ୍ରତି ଲକ୍ଷ୍ୟ ରଖନ୍ତୁ

ଆମ୍ଭେମାନେ ପ୍ରକୃତରେ କ'ଣ, ସେ ବିଷୟରେ ଈଶ୍ୱର ଯାହା ପ୍ରକାଶ କରିଅଛନ୍ତି, ନିମ୍ନୋକ୍ତ ବାକ୍ୟଗୁଡ଼ିକରେ ତାହା ଉଲ୍ଲେଖ କରାଯାଉଛି । ଆସନ୍ତୁ, ନମ୍ର ହୃଦୟରେ ସେ ବାକ୍ୟଗୁଡ଼ିକ ଅନୁଧାନ କରିବା ।

*'ବିବେଚନାଶୀଳ ଓ ଈଶ୍ୱରାନ୍ୱେଷୀ କେହି ଅଛି କି ନାହିଁ, ତାହା ଦେଖିବାକୁ ପ୍ରଭୁ ସ୍ୱର୍ଗରୁ ମନୁଷ୍ୟମାନଙ୍କୁ ନିରୀକ୍ଷଣ କରନ୍ତି । କିନ୍ତୁ ସେମାନେ ସମସ୍ତେ ବିପଥଗାମୀ, ସମସ୍ତେ ସମଭାବେ ଭ୍ରଷ୍ଟ ହୋଇଛନ୍ତି । କେହି ସତ୍‌କର୍ମ କରୁ ନାହିଁ, କେହି ଜଣେ ହେଲେ ନାହିଁ'* (ଗୀତସଂହିତା ୧୪:୨–୩) ।

ପୃଥିବୀ ପ୍ରତି ଦୃଷ୍ଟିପାତ କରି ପବିତ୍ର ଈଶ୍ୱର ଏହା ହିଁ ଦେଖନ୍ତି । ପୃଥିବୀରେ ଜଣେ ମଧ ମନ୍ଦତାରୁ ମୁକ୍ତ ନୁହେଁ । ଈଶ୍ୱରଙ୍କ ଦୃଷ୍ଟିରେ କେହି ଜଣେ ମଧ ଉତ୍ତମ ନୁହେଁ ।

*'ଯିଏ ଆଦୌ ପାପ ନ କରି ସର୍ବଦା ସତ୍‌କର୍ମ କରେ, ସମଗ୍ର ପୃଥିବୀରେ ଏପରି ଜଣେ ହେଲେ ଧାର୍ମିକ ମନୁଷ୍ୟ ନାହିଁ'* (ଉପଦେଶକ ୭:୨୦) ।

*'ମନୁଷ୍ୟମାନଙ୍କ ହୃଦୟ ଅଧର୍ମରେ ପରିପୂର୍ଣ୍ଣ ଏବଂ ବଞ୍ଚିଥିବା ଯାଏ ସେମାନଙ୍କ ହୃଦୟରେ ବାତୁଳତା ଥାଏ । ପରିଶେଷରେ, ସେମାନେ ମୃତମାନଙ୍କ ସଙ୍ଗେ ଯୋଗ ଦିଅନ୍ତି'* (ଉପଦେଶକ ୯:୩) ।

*'ଆମେ ସମସ୍ତେ ଅଶୁଚି ହୋଇଥିବା ମନୁଷ୍ୟ ପରି ଓ ଆମର ଧର୍ମକର୍ମ ସବୁ ଅଶୁଚି ବସ୍ତ୍ର ପରି । ଆମେ ପତ୍ର ପରି ମଳିନ ହୋଇଛୁ ଓ ପବନ ପରି ଆମର ପାପ ଆମକୁ ଉଡ଼ାଇ ନେଉଛି'* (ଯିଶାଇୟ ୬୪:୬) ।

*'ଆମେ ଲଜ୍ଜାରେ ଭୂଇଁରେ ଶୋଉ ଓ ଆମର ଅପମାନ ଆମକୁ ଆଚ୍ଛାଦନ କରୁ । କାରଣ ଆମେ ତଥା ଆମର ପିତୃପୁରୁଷମାନେ ଆମର ପ୍ରଭୁ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛୁ, ଯୌବନ କାଳରୁ ଏଯାଏ ଆମେ ଆମର ପ୍ରଭୁ ଈଶ୍ୱରଙ୍କ ଆଜ୍ଞାବହ ହୋଇ ନାହୁଁ'* (ଯିରିମିୟ ୩:୨୫) ।

ପ୍ରକୃତ ସାଧୁମାନେ ନିଜ ନିଜକୁ ଏହିପରିଭାବେ ଜାଣନ୍ତି ।

*'ମୋର ଲୋକମାନେ ନିର୍ବୋଧ, ସେମାନେ ମୋତେ ଚିହ୍ନନ୍ତି ନାହିଁ । ସେମାନେ ଅବୋଧ ବାଳକମାନଙ୍କ ପରି, ସେମାନଙ୍କର ବୋଧଶକ୍ତି ନାହିଁ । ସେମାନେ କୁକର୍ମ କରିବାରେ ସିଦ୍ଧହସ୍ତ, କିନ୍ତୁ ସତ୍‌କର୍ମ କରି ଜାଣନ୍ତି ନାହିଁ'* (ଯିରିମିୟ ୪:୨୨) । *'ମନୁଷ୍ୟର ହୃଦୟ ସବୁଠାରୁ କପଟମୟ ଏବଂ ଏତେ ଭ୍ରଷ୍ଟ ଯେ ତା'ର ପ୍ରତିକାର ନାହିଁ, କିଏ ତାହା ବୁଝିପାରେ ?'* (ଯିରିମିୟ ୧୭:୯) ସମସ୍ତେ ଯେପରି ଆତ୍ମପ୍ରବଞ୍ଚନାର ଶୀକାର ।

ଧର୍ମପୁସ୍ତକ ବାଇବଲର ନୂତନ ନିୟମର ଗୋଟିଏ ସ୍ଥାନରେ ଏହା ସଂକ୍ଷେପରେ ଉଲ୍ଲେଖ କରାଯାଇଛି, *'ଧାର୍ମିକ କେହି ନାହିଁ, ଜଣେ ସୁଦ୍ଧା ନାହିଁ । ବିବେଚନାଶୀଳ କେହି ନାହିଁ, ଈଶ୍ୱରାନ୍ୱେଷୀ କେହି ନାହିଁ । ସେମାନେ ସମସ୍ତେ ବିପଥଗାମୀ, ସେମାନେ ସମଭାବେ ଅଯୋଗ୍ୟ ହୋଇଛନ୍ତି । କେହି ସତ୍‌କର୍ମ କରୁ ନାହିଁ, କେହି ଜଣେ ହେଲେ ନାହିଁ ।...ଆମେ ଜାଣୁ ଯେ ବିଧିବ୍ୟବସ୍ଥା ଯାହା କହେ, ତାହା ବିଧିବ୍ୟବସ୍ଥାର ଅଧୀନରେ ଥିବା ଲୋକଙ୍କୁ କହେ, ଯଦ୍ଦ୍ୱାରା ପ୍ରତ୍ୟେକ ମୁଖ ନିରୁତ୍ତର ହେବ ଓ ସମଗ୍ର ଜଗତ ଈଶ୍ୱରଙ୍କ ସାକ୍ଷାତରେ ଦୋଷୀ ସାବ୍ୟସ୍ତ ହେବ । ...ଏଥିରେ କୌଣସି ପାର୍ଥକ୍ୟ କରାଯାଏ ନାହିଁ । କାରଣ ସମସ୍ତେ ପାପ କରିଛନ୍ତି ଏବଂ ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଛନ୍ତି'* (ରୋମୀ ୩:୧୦-୨୩) ।

ମନୁଷ୍ୟ ସମ୍ପର୍କରେ ଓ ତୁମ ପୁଣି ମୋ' ସମ୍ପର୍କରେ ଯୀଶୁ ଏହି ସତ୍ୟର ଉଲ୍ଲେଖ କରିଥିଲେ । ସେ ନିଜ ଶିଷ୍ୟମାନଙ୍କୁ ମଧ୍ୟ ମନ୍ଦ ବୋଲି କହିଥିଲେ ଓ ତାହାଙ୍କର ସେପରି କହିବାର ଅର୍ଥ ଠିକ୍ ଏହା ହିଁ ଥିଲା । ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତର ଭିତର ଦେଖନ୍ତି ଏବଂ ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣଭାବେ ଜାଣନ୍ତି, ସେ ନିଜେ ତାହା ପ୍ରକାଶ କରିଅଛନ୍ତି । ମନୁଷ୍ୟ, ପିତାମାତାଠାରୁ ଉତ୍ତରାଧିକାର



ସୂତ୍ରରେ ଏହି ମନ୍ଦ ସ୍ୱଭାବ ଲାଭ କରିଥାଏ । ଉତ୍ତମ ଚିନ୍ତା ନ କରିବା ହିଁ ମନୁଷ୍ୟର ପ୍ରକୃତି, ତା'ର ଇଚ୍ଛା ଓ ପସନ୍ଦ ମଧ୍ୟ ଯଥାର୍ଥ ନୁହେଁ । ମନୁଷ୍ୟର ପତନ ଫଳରେ ଆଜି ଆମ୍ଭମାନଙ୍କର ଏହି ଦୁରାବସ୍ଥା । ଆମ୍ଭମାନଙ୍କର ମନ, ଅଭିଳାଷ, ଇଚ୍ଛା, ଶରୀର, ହୃଦୟ ଓ ଆତ୍ମା ସମସ୍ତ କଳୁଷିତ ।

ସମସ୍ତେ ଯେ ସମାନ ଭାବେ ପାପାଚାରୀ, ଏ କଥା ମଧ୍ୟ କୁହା-ଯାଇପାରେନା । ଅନେକେ ସମସ୍ତ ସଂଯମକୁ ଜଳାଞ୍ଜଳି ଦେଇ ପାପର ଆବର୍ଜନା ମଧ୍ୟରେ କାଳ କାଟନ୍ତି । ଅନ୍ୟମାନଙ୍କୁ ଧାର୍ମିକ-ପାପୀ କହିବାକୁ ହେବ । ପାପୀ ହୋଇ ମଧ୍ୟ ନିଜକୁ ଧାର୍ମିକ ଦେଖାଇବା ପାଇଁ, ସେମାନେ ଖୁବ୍ ଭଦ୍ରଭାବେ ଜୀବନ କାଟନ୍ତି । କେହି କେହି ଶାରୀରିକ ଲାଳସାରୁ ପାପ କରିଥା'ନ୍ତି ଏବଂ ଏପରି ଅନେକେ ଅଛନ୍ତି, ଯେଉଁମାନେ ନିଜ ବାହ୍ୟିକ ଜୀବନକୁ ପରିଚ୍ଛନ୍ନ ରଖିଥା'ନ୍ତି, କିନ୍ତୁ ସେମାନଙ୍କର ଆଭ୍ୟନ୍ତରୀଣ ଜୀବନ ଅଶୁଚି ରହିଥାଏ । କେତେକ ବ୍ୟଭିଚାର, ଚୋରୀ ଓ ନରହତ୍ୟାରେ ଲିପ୍ତ ରହିଥିବାବେଳେ, ଅନ୍ୟମାନେ ସ୍ୱାର୍ଥପରତା, ଆତ୍ମପ୍ରଶଂସା, ଆତ୍ମୋନ୍ନତି, ସ୍ୱେଚ୍ଛାଚାର ଓ ନିଜକୁ ଧାର୍ମିକ ଦେଖାଇବାର ଦୋଷରେ ଦୋଷୀ । ସେମାନେ ଯେ ଅନ୍ୟମାନଙ୍କଠାରୁ ଉତ୍ତମ, ଏ କଥା ଭାବି ମନେ ମନେ ଗର୍ବ ଅନୁଭବ କରିଥା'ନ୍ତି । କିନ୍ତୁ ଈଶ୍ୱର ଯଦି ସେମାନଙ୍କ ବିଷୟରେ ବିପରୀତ କଥା କହନ୍ତି, ତେବେ ଶୁଣି ମଧ୍ୟ, ସେମାନେ ତାହା ବିଶ୍ୱାସ କରିବାକୁ ଅନିଚ୍ଛୁକ ହୁଅନ୍ତି ।

ପାପ ନିର୍ଲଜ୍ଜ ଓ ନର୍ଦ୍ଦମାର ଆବର୍ଜନା ତା'ର ପ୍ରିୟ ସ୍ଥାନ । କିନ୍ତୁ ସେଥି ସଙ୍ଗେ ସଙ୍ଗେ ପାପ ଅତି ଚତୁର ଓ ନିଜକୁ ନୀତିଶୀଳ ଓ ଧାର୍ମିକ ରୂପେ ମଧ୍ୟ ଚଳାଇ ନେଇପାରେ ! ପ୍ରତ୍ୟେକେ, କୌଣସି ନା କୌଣସି ଦିଗରୁ ପାପୀ । ପାପ କେବଳ ବାହ୍ୟିକ ନୁହେଁ, ହୃଦୟରେ ମଧ୍ୟ ତାହାର ସ୍ଥାନ । ପାପ-ଆମ୍ଭମାନଙ୍କ ଜୀବନର ପ୍ରତି କଣାରେ ମିଶି ରହିଛି । ଆମ୍ଭମାନଙ୍କର କାର୍ଯ୍ୟ କେବଳ ପାପ ନୁହେଁ, ଆମ୍ଭମାନଙ୍କର ପ୍ରକୃତି ମଧ୍ୟ ପାପଯୁକ୍ତ ।

ଅନେକେ ହୁଏତ ଏ କଥା ସ୍ୱୀକାର କରିବେ ନାହିଁ, କିନ୍ତୁ ଖ୍ରୀଷ୍ଟ ଯଦି ସତ୍ୟ କହୁଥାଆନ୍ତି ତେବେ ସେମାନେ ନିଶ୍ଚୟ ଭ୍ରାନ୍ତ । ଆମ୍ଭମାନଙ୍କ ଜୀବନରେ

ଯେ ପାପ ରହିଛି, ସେ କଥା ପାପ ନିଜେ ଆମ୍ଭମାନଙ୍କୁ ଜାଣିବାକୁ ଦିଏନା । ଆମ୍ଭମାନଙ୍କୁ ପ୍ରଶଂସା କରି ଅନ୍ଧ କରି ଦେବାର ଶକ୍ତି ପାପର ରହିଛି । 'ହୃଦୟ ସବୁଠାରୁ ବଡ଼ ପ୍ରବଞ୍ଚକ ।' ନିଜ ମଧ୍ୟରେ ଥିବା ଦୋଷର ସନ୍ଧାନ ନ କରି ଆମ୍ଭେମାନେ ବରଂ ଅନ୍ୟମାନଙ୍କର ଦୋଷ ଖୋଜି ପାଇବା ଦିଗରେ ଅଧିକ ଦକ୍ଷ । ଏ ବିଷୟରେ ବାଇବଲ ଆମ୍ଭମାନଙ୍କୁ ସତର୍କ କରିଦିଏ- *'ଆମଠାରେ ପାପ ନାହିଁ ବୋଲି ଯଦି କହୁ, ତେବେ ଆମେ ନିଜକୁ ପ୍ରତାରଣା କରୁ ଓ ଆମ ମଧ୍ୟରେ ସତ୍ୟତା ନାହିଁ'* (୧ ଯୋହନ ୧:୮) । ଯେ ନିଜର ପାପ ଉପଲବ୍ଧି କରିନାହିଁ, ସ୍ୱୀକାର କରିବାକୁ ହେବ ଯେ, ଈଶ୍ୱର ତା' ମଧ୍ୟରେ କାର୍ଯ୍ୟ କରୁ ନାହାନ୍ତି । ବାଇବଲର ପୂର୍ବୋକ୍ତ ଉଦ୍ଧୃତାଂଶଗୁଡ଼ିକ ଅସତ୍ ଲୋକମାନଙ୍କ ଦ୍ୱାରା ଲେଖାଯାଇ ନ ଥିଲା । ପୃଥିବୀର ଶ୍ରେଷ୍ଠ କେତେକ ସାଧୁ ସେସବୁ ଲେଖି ଯାଇଛନ୍ତି ।

ସେମାନେ ଈଶ୍ୱରଙ୍କୁ ଜାଣିଥିଲେ ଏବଂ ଈଶ୍ୱରଙ୍କ ଉପସ୍ଥିତିରେ ତାହାଙ୍କଠାରୁ ପ୍ରକୃତ ଜ୍ଞାନଲାଭ କରିଥିଲେ । ଅଧିକରୁ ଅଧିକ ଈଶ୍ୱରଙ୍କଠାରୁ ଜ୍ଞାନଲାଭ କରିବା ସଙ୍ଗେ ସଙ୍ଗେ ସେମାନେ ମନୁଷ୍ୟ ହୃଦୟରେ ମନ୍ଦର ପ୍ରଭାବ ଉପଲବ୍ଧି କରି ପାରିଥିଲେ ଏବଂ ସେଥି ସଙ୍ଗେ ସଙ୍ଗେ ଏହା ମଧ୍ୟ ବୁଝି ପାରିଥିଲେ ଯେ, ମନୁଷ୍ୟ ପ୍ରକୃତିଗତଭାବେ କେତେ ମନ୍ଦ ଓ ଦୁର୍ବଳ ।

ସତ୍ୟ ଜ୍ଞାନର ଏହା ଏକ ବିଶିଷ୍ଟ ଅଙ୍ଗ । ନିଜ ନିଜ ପାପ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ, ଜୀବନରୁ ପାପ ଦୂର କରିବା ନିମନ୍ତେ ଈଶ୍ୱର କି ବ୍ୟବସ୍ଥା କରିଅଛନ୍ତି, ସେ କଥା ମଧ୍ୟ ଆମ୍ଭମାନଙ୍କୁ ଜାଣିବାକୁ ପଡ଼ିବ । ଯେପରି ଆମ୍ଭେମାନେ ଶାନ୍ତି, ଆନନ୍ଦ ଓ ପରିତ୍ରାଣ ଲାଭ କରି ପାରିବୁ, ଈଶ୍ୱର ସେହି ବ୍ୟବସ୍ଥା ଦ୍ୱାରା ହିଁ ଆମ୍ଭମାନଙ୍କୁ ପଥ ପ୍ରଦର୍ଶନ କରିଥାଆନ୍ତି ।

ଗୋଟିଏ ଦୃଷ୍ଟାନ୍ତ ଦ୍ୱାରା ଯୀଶୁ ସେ କଥା ବୁଝାଇ ଦେଇଥିଲେ ।

*'ଆପଣା ଆପଣାକୁ ଧାର୍ମିକ ଜ୍ଞାନ କରି ଅନ୍ୟ ସମସ୍ତଙ୍କୁ ତୁଚ୍ଛଜ୍ଞାନ କରୁଥିବା କେତେକ ଆତ୍ମନିର୍ଭରଶୀଳ ଲୋକଙ୍କୁ ଯୀଶୁ ଏହି ଦୃଷ୍ଟାନ୍ତ ମଧ୍ୟ କହିଲେ । ଦୁଇଜଣ ଲୋକ ପ୍ରାର୍ଥନା କରିବା ନିମନ୍ତେ ମନ୍ଦିରକୁ ଗଲେ, ଜଣେ ଫାରୂଶୀ ଓ ଅନ୍ୟ ଜଣେ କରଗ୍ରାହୀ । ଫାରୂଶୀ ଦଣ୍ଡାୟମାନ ହୋଇ ଆପଣା ନିକଟରେ*



*ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା, ହେ ଈଶ୍ୱର, ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ, ମୁଁ ସପ୍ତାହରେ ଦୁଇଥର ଉପବାସ କରିଥାଏ ଓ ମୋହର ସମସ୍ତ ଆୟର ଦଶମାଂଶ ଦାନ କରିଥାଏ । କିନ୍ତୁ କରଗ୍ରାହୀ ଦୂରରେ ଠିଆ ହୋଇ ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରିବାକୁ ସୁଦ୍ଧା ସାହସ କଲା ନାହିଁ, କିନ୍ତୁ ଆପଣା ଛାତିରେ ମାରି ହୋଇ କହିବାକୁ ଲାଗିଲା, ହେ ଈଶ୍ୱର, ମୁଁ ପାପୀ, ମୋତେ ଦୟା କର । ମୁଁ ତୁମ୍ଭମାନଙ୍କୁ କହୁଅଛି ସେ ଲୋକ ନୁହେଁ, ବରଂ ଏହି ଲୋକ ଧାର୍ମିକ ଗଣିତ ହୋଇ ଆପଣା ଗୃହକୁ ଚାଲିଗଲା, କାରଣ ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, କିନ୍ତୁ ଯେ, ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ'* (ଲୂକ ୧୮:୯-୧୪) । କେବଳ ସତ୍ୟ ଆମ୍ଭମାନଙ୍କୁ ବନ୍ଧନ ମୁକ୍ତ କରେ ଏବଂ ସତ୍ୟର ଏହା ହିଁ ବିଶେଷତ୍ୱ । ପାପ, ବନ୍ଧନ ସ୍ୱରୂପ । ପରିତ୍ରାଣର ପ୍ରକୃତ ଅର୍ଥ ହେଉଛି ଏହି ପାପ ଶକ୍ତିରୁ ଓ ପାପଜନିତ ଦଣ୍ଡରୁ ମୁକ୍ତି ପାଇବା । କିନ୍ତୁ ପାପରୁ ଜାତ ମିଥ୍ୟା ଧାରଣା ଦୂର ନ ହେବା ପର୍ଯ୍ୟନ୍ତ ଏବଂ ଆମ୍ଭେମାନେ ପ୍ରକୃତରେ କ'ଣ, ଆମ୍ଭମାନଙ୍କର ସେ ଜ୍ଞାନ ନ ଜନ୍ମିବା ପର୍ଯ୍ୟନ୍ତ ଆମ୍ଭମାନଙ୍କ ପକ୍ଷରେ ପରିତ୍ରାଣ ପାଇବା ସମ୍ଭବ ହେବ ନାହିଁ ।

## ପରିଣତି

ଆମ୍ଭେମାନେ ସମସ୍ତେ ଯେ ପାପୀ, ଯୀଶୁ କେବଳ ତାହା କହି ନ ଥିଲେ, ମାତ୍ର ପାପର ପରିଣାମ କ'ଣ, ଅତି କଠୋର ବାକ୍ୟରେ ତାହା ମଧ୍ୟ ପ୍ରକାଶ କରିଥିଲେ । ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ସେଥିପାଇଁ ସେ ଏପରି କଠୋର ଭାବରେ ପାପର ପରିଣାମ ବିଷୟରେ କହିଥିଲେ । ପ୍ରେମ ହିଁ ଯଥାର୍ଥ ସତ୍ୟକୁ ପ୍ରକାଶ କରେ, ସେ ସତ୍ୟ ସୁଖକର ହେଉ ବା ନ ହେଉ । ଯୀଶୁ ଯେଉଁ ସତ୍ୟକୁ ପ୍ରକାଶ କରିଛନ୍ତି, ତାକୁ ଗ୍ରହଣ କରିବା ଆମ୍ଭମାନଙ୍କ ପକ୍ଷରେ ବୁଦ୍ଧିମାନ୍‌ର କାର୍ଯ୍ୟ ହେବ । ପାପର ପରିଣାମ ଅତି ଭୟଙ୍କର, ତେଣୁ ସେ ପରିଣାମ କ'ଣ, ତାହା ଜାଣିବା ଆମ୍ଭମାନଙ୍କ ନିମନ୍ତେ ଏକାନ୍ତ ଆବଶ୍ୟକ ।

ପ୍ରଥମରେ, ପାପ ଯୋଗୁ ମନୁଷ୍ୟମାନେ ଈଶ୍ୱରଙ୍କ ଆଲୋକ ଓ ସତ୍ୟ ଜ୍ଞାନରୁ ବଞ୍ଚିତ ହୋଇଛନ୍ତି । ପାପ ଫଳରେ ମନୁଷ୍ୟ ଜୀବନକୁ ଗ୍ରାସ କରିଛି, ଅନ୍ଧକାର, ଭୟ ଓ ବିଶୃଙ୍ଖଳା । ପୃଥିବୀର ଚାରିଆଡ଼େ ବର୍ତ୍ତମାନ ବିଷାଦ, ସନ୍ଦେହ, ଅସ୍ଥିରତା, ପରସ୍ପର ମଧ୍ୟରେ ମନ୍ତାନ୍ତର, ମନାନ୍ତର, ନୈରାଶ୍ୟ ଓ ଆତ୍ମିକ ଅଜ୍ଞାନତା ବିସ୍ତାର ଲାଭ କରିଛି । ମନୁଷ୍ୟ ନିଜେ ନିଜକୁ ଜାଣେ ନାହିଁ ବା ଈଶ୍ୱରଙ୍କୁ ଜାଣେ ନାହିଁ କିମ୍ବା ଈଶ୍ୱରଙ୍କ ନିକଟକୁ ପଥ ମଧ୍ୟ ଜାଣେ ନାହିଁ । ନିଜ ପାପରୁ ସେ କିପରି ପରିତ୍ରାଣ ପାଇବ, ତାହା ମଧ୍ୟ ସେ ଜାଣେ ନାହିଁ । ଜୀବନର ଅତି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମନୁଷ୍ୟ ଘନ ଅନ୍ଧକାର ମଧ୍ୟରେ ରହିଛି ।

ମନୁଷ୍ୟ ମାତ୍ରକେ ପାପୀ, ସେଥିପାଇଁ ସେ ଈଶ୍ୱରଙ୍କ ବିରୁଦ୍ଧାଚାରୀ । ସେ ହୁଏତ ଏହା ଉପଲବ୍ଧି କରି ନ ଥାଇ ପାରେ, ତଥାପି ଏହା ନିରାଟ ସତ୍ୟ ।

ମନୁଷ୍ୟର ପାପ ପ୍ରକୃତି ଓ ତାହାର ଭୟଙ୍କର ପରିଣାମ କ୍ରୁଶରେ ସ୍ପଷ୍ଟଭାବେ ପ୍ରକାଶିତ ହୋଇଛି । ଈଶ୍ୱରଙ୍କ ଅବତାର ଖ୍ରୀଷ୍ଟ କରୁଣା, ପ୍ରେମ ଓ ପବିତ୍ରତାର ପ୍ରତୀକ । ସେ ଦେଶ ସାରା ବୁଲି ବୁଲି ସମସ୍ତଙ୍କର ମଙ୍ଗଳ କରିଥିଲେ, କୌଣସି ଦିନ କାହାରି ଅନିଷ୍ଟ କରି ନ ଥିଲେ । କିନ୍ତୁ ସେ ସମୟରେ, ନିଜକୁ ଧାର୍ମିକ ବୋଲାଉଥିବା ସମାଜର ନେତାମାନେ ତାହାଙ୍କ ପ୍ରତି କି ଜଘନ୍ୟ ବ୍ୟବହାର କରି ନ ଥିଲେ !

ଆମ୍ଭେମାନେ ମନେ ମନେ ଭାବି ଥାଇପାରୁ, ଯୀଶୁଙ୍କୁ ଆନନ୍ଦରେ ଅଭ୍ୟର୍ଥନା କରି, ତାହାଙ୍କ ଶିକ୍ଷାକୁ ଶ୍ରଦ୍ଧାର ସହିତ ଗ୍ରହଣ କରିନେବା ସେମାନଙ୍କ ପକ୍ଷେ ଉଚିତ୍ ହୋଇଥା'ନ୍ତା, କିନ୍ତୁ ସେମାନେ ଠିକ୍ ତା'ର ବିପରୀତ କାର୍ଯ୍ୟ କଲେ । ତାହାଙ୍କର ବିରୋଧାଚରଣ କରି ଈର୍ଷା ଓ ଘୃଣା କରି ଶେଷରେ ତାହାଙ୍କୁ ଅତି ନିଷ୍ଠୁର ଭାବରେ ହତ୍ୟା କଲେ । ସର୍ବୋତ୍ତମ ସିଦ୍ଧ ପ୍ରେମର ଅବତାରଙ୍କୁ ଅବଜ୍ଞା କରି ଅତି ଧାର୍ମିକ ବୋଲାଉଥିବା ନେତାମାନେ ତାହାଙ୍କର ମୃତ୍ୟୁ ବିଧାନ କଲେ ।

ପାପ ଦ୍ୱାରା ଏପରି ଭ୍ରମ ସୃଷ୍ଟି ହୁଏ ଓ ଏହା ହିଁ ମନ୍ଦର ଛଳନାମୟ ଶକ୍ତି । ପାପର ପରିଣାମ ମନୁଷ୍ୟଜାତିର ପତନ । କେହି ଜଣେ ନିଜକୁ ଧାର୍ମିକ ଭାବି ପାରନ୍ତି, କହି ପାରନ୍ତି ସେ ଈଶ୍ୱରଙ୍କର ଯଥାର୍ଥ ସେବକ,



ତଥାପି ସେ ଈଶ୍ୱରଙ୍କର ବିରୁଦ୍ଧାଚରଣ କରି ତାହାଙ୍କ ପୁତ୍ରଙ୍କୁ ଅଗ୍ରାହ୍ୟ କରି ପାରନ୍ତି ।

ଏହି ବିଷୟକୁ କେନ୍ଦ୍ର କରି ଯୀଶୁ ଅନେକ ଉପଦେଶ ଦେଇଥିଲେ । ସେ ନିଜ ଶିଷ୍ୟମାନଙ୍କୁ ଯେଉଁସମସ୍ତ କଥା କହି ସତର୍କ କରି ଦେଇଥିଲେ, ସେସମସ୍ତ ବୁଝିବା ଆମ୍ଭମାନଙ୍କ ପକ୍ଷରେ ମଙ୍ଗଳଜନକ ହେବ । *'ଜଗତ ଯଦି ତୁମ୍ଭମାନଙ୍କୁ ଘୃଣା କରେ, ତେବେ ମନେ ରଖ, ତାହା ପ୍ରଥମେ ମୋତେ ଘୃଣା କରିଛି'* (ଯୋହନ ୧୫:୧୮) । *'...ମୋତେ ଓ ମୋର ପିତା, ଉଭୟଙ୍କୁ ଘୃଣା କରିଛନ୍ତି'* (ଯୋହନ ୧୫:୨୪) ।

ଏ ବିଷୟର ନିଷ୍ଠୁର ସତ୍ୟ ଏହି ଯେ, ଏକଦା ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଯେଉଁ ମନୁଷ୍ୟର ସୃଷ୍ଟି ହୋଇଥିଲା, ବର୍ତ୍ତମାନ ସେହି ମନୁଷ୍ୟଠାରେ, ଈଶ୍ୱରଙ୍କ ସାଦୃଶ୍ୟଠାରୁ ବରଂ ଶୟତାନର ସାଦୃଶ୍ୟ ଅଧିକ ପ୍ରକଟିତ ହୋଇଛି ।

ତାହାଛଡ଼ା ମନୁଷ୍ୟ ପାପୀ ହୋଇଥିବାରୁ ସେ ସର୍ବହରା ଓ ଆତ୍ମିକଭାବେ ମୃତ ବା ମୃତପ୍ରାୟ ।

ପାପ କରିବା ଫଳରେ ପ୍ରଥମ ମନୁଷ୍ୟ ପ୍ରତି ଯାହା ଘଟିଥିଲା, ତାହା ଆମ୍ଭେମାନେ ଜାଣୁ । ସେ ଈଶ୍ୱରଙ୍କ ଆନନ୍ଦ, ଶାନ୍ତି ଓ ସହଭାଗିତାରୁ ବିଚ୍ଛିନ୍ନ ହେଲା । ସବୁ କ୍ଷେତ୍ରରେ ପାପର ଏହି ଭୟଙ୍କର ପରିଣତି । *'ଦେଖ, ପ୍ରଭୁଙ୍କର ହାତ ଛୋଟ ହୋଇ ନାହିଁ ଯେ ତାହା ଉଦ୍ଧାର କରି ପାରିବ ନାହିଁ, କିମ୍ବା ତାହାର କର୍ଣ୍ଣ ବଧିର ହୋଇ ନାହିଁ ଯେ ତାହା ଶୁଣି ପାରିବ ନାହିଁ, ମାତ୍ର ତୁମର ଅପରାଧସବୁ ତୁମ ଈଶ୍ୱରଙ୍କଠାରୁ ତୁମକୁ ପୃଥକ କରିଛି ଏବଂ ତୁମର ପାପ ସକଳ ତାହାଙ୍କୁ ତୁମଠାରୁ ବିମୁଖ କରିଛି । ସେଥିପାଇଁ ସେ ଶୁଣିବେ ନାହିଁ'* (ଯିଶାଇୟ ୫୯:୧,୨) ।

ଏହା ହିଁ ପାପର ଉପଯୁକ୍ତ ଶାସ୍ତି, ଅପରାଧର ଯଥାର୍ଥ ପ୍ରାପ୍ୟ, ଯେ ଯାହା ବୁଣିଥାଏ ଠିକ୍ ତାହା କାଟିବା ପରି । ପାପ, ଈଶ୍ୱରଙ୍କଠାରୁ ପୃଥକଭାବେ କାର୍ଯ୍ୟ କରେ ଏବଂ ପାପୀ ନିଜକୁ ଈଶ୍ୱରଙ୍କ ନିୟନ୍ତ୍ରଣରୁ ପୃଥକ ରଖି ନିଜ ଇଚ୍ଛାରେ କାର୍ଯ୍ୟ କରିଥାଏ । ଯେଉଁ ପାପୀ, ନିଜକୁ ଈଶ୍ୱରଙ୍କଠାରୁ ପୃଥକ କରେ ତାହାକୁ ମଧ୍ୟ ଈଶ୍ୱର ନିଜଠାରୁ ପୃଥକ କରିବେ ଏବଂ ସେ ଯଦି

ଈଶ୍ୱରଙ୍କ ନିକଟକୁ ଫେରି ନ ଆସେ, ତେବେ ଚିରଦିନ ପାଇଁ ସେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଯିବ । ଆମ୍ଭେମାନେ ଜୀବନ କାଳରେ ଏହି ପୃଥିବୀରେ ଯାହା କରିଥିବୁ, ଈଶ୍ୱର ଶେଷ ଦିନରେ ସେହି ଅନୁସାରେ ଆମ୍ଭମାନଙ୍କର ବିଚାର କରିବେ । ଆମ୍ଭେମାନେ ଯାହା କରିଥିବୁ ତାହାର ଫଳ ଭୋଗ କରିବୁ । ଆମ୍ଭେମାନେ ଯଦି ଇଚ୍ଛା କରି ପାପାଚରଣରେ ଜୀବନ କାଟୁ, ତେବେ ଆମ୍ଭମାନଙ୍କର ଅବସ୍ଥା କି ଭୟଙ୍କର ହେବ !

ଆମ୍ଭମାନଙ୍କର ପାପ ନିମନ୍ତେ ଈଶ୍ୱର ଯେ ଆମ୍ଭମାନଙ୍କର ବିଚାର କରିବେ, ଯୀଶୁ ଥରକୁ ଥର ଆମ୍ଭମାନଙ୍କୁ ସେ ବିଷୟରେ ସତର୍କ କରି ଦେଇଅଛନ୍ତି । ଈଶ୍ୱର ପ୍ରେମମୟ, ଏହି ସତ୍ୟକୁ ଆମ୍ଭେମାନେ ଥରକୁ ଥର ଆବୃତ୍ତି କରିଥାଉ । କିନ୍ତୁ ଈଶ୍ୱରଙ୍କ ପ୍ରେମ କଦାପି ନ୍ୟାୟକୁ ଉପେକ୍ଷା ବା ପବିତ୍ରତାକୁ ବିସର୍ଜନ କରି ପାରିବ ନାହିଁ । ଈଶ୍ୱର ପ୍ରେମମୟ ସତ୍ୟ: କିନ୍ତୁ ସେ ପାପକୁ ଘୃଣା କରନ୍ତି ଓ ସେଥିପାଇଁ ପାପୀକୁ ଶାସ୍ତି ଦେବା ଛଡ଼ା ତାହାଙ୍କର ଅନ୍ୟ ଉପାୟ ନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ପାପ ଏକ ଘୃଣ୍ୟ ବିଷୟ, ତେଣୁ ପାପ ବିରୁଦ୍ଧରେ ତାହାଙ୍କ କ୍ରୋଧ ପ୍ରଜ୍ୱଳିତ ହୁଏ । *'ଯେଉଁମାନେ ନିଜର ପାପାଚାର ଦ୍ୱାରା ସତ୍ୟର ବିରୋଧ କରନ୍ତି, ସେମାନଙ୍କ ସମସ୍ତ ଅଧର୍ମ ଓ ପାପାଚାର ବିରୁଦ୍ଧରେ ଈଶ୍ୱରଙ୍କ କୋପ ସ୍ୱର୍ଗରୁ ପ୍ରକାଶିତ ହେଉଛି'* (ରୋମୀ ୧:୧୮) ।

ଉତ୍ତମତା, ସତ୍ୟତା, ନ୍ୟାୟ ଓ ଧାର୍ମିକତା ନିମନ୍ତେ ଈଶ୍ୱରଙ୍କର ପ୍ରେମ ଅସୀମ । ଏସମସ୍ତ ବିଷୟର ବିପରୀତ ସମସ୍ତ ବିଷୟ ତାହାଙ୍କୁ କ୍ରୋଧାନ୍ୱିତ କରେ, ପାପ ବିରୁଦ୍ଧରେ କ୍ରୋଧ ନ କରି ପାପ ନିମନ୍ତେ ସେ ଯଦି ଶାସ୍ତି ବିଧାନ ନ କରନ୍ତି, ତେବେ ସେ ଈଶ୍ୱର ହୋଇ ପାରିବେ ନାହିଁ ।

ପାପର ଉପଯୁକ୍ତ ବିଚାର ଓ ଶାସ୍ତିବିଧାନ ସମ୍ପର୍କରେ ଖ୍ରୀଷ୍ଟ ଅନେକ କଥା କହିଥିଲେ ଏବଂ ସେହିସମସ୍ତ କଥା ପ୍ରତି ମନୋଯୋଗ କରିବା ଆମ୍ଭମାନଙ୍କ ପକ୍ଷରେ ହିତକାରକ ହେବ । ସେ କେତେକଙ୍କ ସମ୍ପର୍କରେ କହିଥିଲେ, *'ଯେଉଁମାନେ କେବଳ ଶରୀରକୁ ବିନାଶ କରିପାରନ୍ତି, ଅଥଚ ଅନ୍ତରାତ୍ମାର ବିନାଶ ସାଧନ କରିପାରନ୍ତି ନାହିଁ, ସେମାନଙ୍କୁ ଭୟ କର ନାହିଁ । ବରଂ ଯେ ଅନ୍ତରାତ୍ମା ଓ ଶରୀର ଉଭୟକୁ ନରକରେ ବିନଷ୍ଟ କରିପାରନ୍ତି, କେବଳ*



*ତାହାଙ୍କୁ ହିଁ ଭୟ କର'* (ମାଥିଉ ୧୦:୨୮) । ସେ ଆହୁରି ମଧ୍ୟ କହିଥିଲେ, *'ତୁମର ହାତ ଯଦି ତୁମକୁ ପାପରେ ପକାଏ, ତେବେ ତାହା କାଟି ଦିଅ । ଦୁଇ ହାତ ଘେନି ଚିରପ୍ରଜ୍ୱଳିତ ନରକାଗ୍ନିରେ ନିକ୍ଷିପ୍ତ ହେବା ଅପେକ୍ଷା ବିକଳାଙ୍ଗ ହୋଇ ଅନନ୍ତ ଜୀବନରେ ପ୍ରବେଶ କରିବା ବରଂ ଭଲ'* (ମାର୍କ ୯:୪୩) ।

ପାପୀମାନଙ୍କ ଜୀବନ ଶେଷରେ ସେମାନଙ୍କ ନିମନ୍ତେ ଶାସ୍ତି ରହିଛି, କାରଣ ସେମାନେ ଦୋଷୀ ଓ ସେଥିପାଇଁ ଶାସ୍ତି ସେମାନଙ୍କର ପ୍ରାପ୍ୟ, ମନୁଷ୍ୟର ଯେଉଁ ଶାସ୍ତି ପ୍ରାପ୍ୟ ଈଶ୍ୱର ନ୍ୟାୟବନ୍ତ ବିଚାରକ ନିଶ୍ଚୟ ସେ ଶାସ୍ତି ଦେବେ । ଅପରାଧ ନିମନ୍ତେ ଶାସ୍ତିବିଧାନ ଯେ ନ୍ୟାୟସଙ୍ଗତ, ପୃଥିବୀର ପ୍ରତ୍ୟେକ ଦେଶର ଲୋକେ ଏହା ସ୍ୱୀକାର କରନ୍ତି ।

ଆଇନ୍ ଭଙ୍ଗକାରୀର ବିଚାର ନିମନ୍ତେ, ପ୍ରତ୍ୟେକ ଦେଶରେ ଆଇନ ବିଚାରାଳୟ ଓ ବିଚାରକ ରହିଛନ୍ତି । ଆମ୍ଭେମାନେ ସମସ୍ତେ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛୁ ଏବଂ ତାହାଙ୍କ ନିୟମ ଭଙ୍ଗ କରି ସ୍ୱେଚ୍ଛାଚାରୀ ହୋଇଛୁ । ଆମ୍ଭମାନଙ୍କ ସେହିସମସ୍ତ ପାପକୁ ପାପ ବୋଲି ନ ଧରିବା, ନ୍ୟାୟବନ୍ତ ଈଶ୍ୱରଙ୍କ ପକ୍ଷରେ ସମ୍ଭବ ନୁହେଁ ।

## ତଥାପି ଆଶା ରହିଛି

ଆଶାର ବାଣୀ ନ ଶୁଣାଇ ଏହି ଅଧ୍ୟାୟ ଶେଷ କରିବା ସଙ୍ଗତ ହେବ ନାହିଁ । ମନୁଷ୍ୟର ପତନ ହୋଇଛି ସତ, ତଥାପି ଈଶ୍ୱର ମନୁଷ୍ୟକୁ ପ୍ରେମ କରନ୍ତି । ଗୁରୁ କହିଥିଲେ, *'କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ନିଜର ଏକମାତ୍ର ପୁତ୍ରଙ୍କୁ ଦେଲେ, ଅତଏବ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ହେବ ନାହିଁ, କିନ୍ତୁ ଅନନ୍ତ ଜୀବନ ଲାଭ କରିବ'* (ଯୋହନ ୩:୧୬) ।

ଖ୍ରୀଷ୍ଟ ପୃଥିବୀକୁ ଆସି କିପରି ଈଶ୍ୱରଙ୍କୁ ପ୍ରକାଶ କରିଥିଲେ, ପୂର୍ବ ଅଧ୍ୟାୟରେ ଆମ୍ଭେମାନେ ତାହା ଆଲୋଚନା କରିଛୁ । କିନ୍ତୁ କେବଳ ସେତିକି ମାତ୍ର କରିବା ପାଇଁ ସେ ଜଗତକୁ ଆସିଥିଲେ, ତାହା ନୁହେଁ । ମନୁଷ୍ୟର ପାପ ଦୂର କରି, ତାକୁ ସମ୍ପୂର୍ଣ୍ଣଭାବେ ମୁକ୍ତ କରିବା ପାଇଁ ମନୁଷ୍ୟର ସନ୍ଧାନ ଓ ତାହାର ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟ ଆସିଥିଲେ ।

ସେ କହିଥିଲେ, *'...ମୁଁ ଧାର୍ମିକ ଲୋକଙ୍କୁ ଆହ୍ୱାନ କରିବାକୁ ଆସି ନାହିଁ, ପାପିଷ୍ଠ ଲୋକଙ୍କୁ ଆହ୍ୱାନ କରିବାକୁ ଆସିଛି'* (ମାଥିଉ ୯:୧୩) । ନିଜ ନିଜକୁ ଅତି ଧାର୍ମିକ ବୋଲି ଭାବୁଥିବା, ଧର୍ମସଂସ୍ଥାର କେତେକ ନେତାଙ୍କୁ ଯୀଶୁ ଏହା କହିଥିଲେ । ସେମାନେ ଯେଉଁମାନଙ୍କୁ ପାପୀ ବୋଲି ହେୟ କରୁଥିଲେ, ଯୀଶୁ ସେମାନଙ୍କ ସଙ୍ଗେ ମିଶୁଥିବାରୁ ଏହି ନେତାମାନେ ତାହାଙ୍କର ସମାଲୋଚନା କରୁଥିଲେ । ଯୀଶୁ କହିଥିଲେ ଯେ, ଯେଉଁମାନେ ନିଜକୁ ପାପୀ ବୋଲି ଜାଣନ୍ତି, ସେ ପ୍ରଧାନତଃ ସେମାନଙ୍କ ପାଇଁ ଆସିଥିଲେ ଏବଂ ତାହାଙ୍କର ଲକ୍ଷ୍ୟ ଥିଲା, ସେମାନଙ୍କ ଜୀବନକୁ ପରିବର୍ତ୍ତିତ କରି ଓ ସେମାନଙ୍କୁ ପରିତ୍ରାଣର ଅଧିକାରୀ କରାଇ ଈଶ୍ୱରଙ୍କ ପ୍ରେମ ନିକଟକୁ ଫେରାଇ ଆଣିବା ।

ଏଥିରୁ ଆମ୍ଭେମାନେ ଈଶ୍ୱରଙ୍କ ମହାନ୍ ପ୍ରେମ ଓ ମନୁଷ୍ୟ ନିମନ୍ତେ ତାହାଙ୍କର ଚିନ୍ତା ବିଷୟରେ ସମ୍ୟକ୍ ପରିଚୟ ପାଉ । ସେ ଚାହାନ୍ତି ନାହିଁ, ମନୁଷ୍ୟ ବିନଷ୍ଟ ହେଉ, ବରଂ ଚାହାନ୍ତି ସେ ଉଦ୍ଧାର ପାଉ । ସେ ଚାହାନ୍ତି, ଆମ୍ଭେମାନେ ଯେପରି ସତ୍ୟତା, ଆଲୋକ, ପରିତ୍ରାଣ ଓ ଅନନ୍ତ ଜୀବନର ଅଧିକାରୀ ହେଉ । ଏହାର ଅର୍ଥ ଏହି ଯେ ପ୍ରକୃତି ଓ ସ୍ୱଭାବରେ ଆମ୍ଭେମାନେ ପାପୀ ହେଲେ ମଧ୍ୟ, ଆମ୍ଭମାନଙ୍କ ଜୀବନରେ ପରିବର୍ତ୍ତନ ସମ୍ଭବ ଏବଂ ଆମ୍ଭମାନଙ୍କର ପାପ ଦୂର ହୋଇପାରେ ଓ ଆମ୍ଭେମାନେ ନୂତନ ସ୍ୱଭାବ ମଧ୍ୟ ଲାଭ କରିପାରୁ । ପାପ କରି ପ୍ରଥମ ମନୁଷ୍ୟର ପତନ ହୋଇଥିଲା, କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସମ୍ମୁଖରେ, ପତିତ ଅବସ୍ଥାରୁ ମୁକ୍ତି ପାଇ ପାରିବୁ । ଏହି ଉଦ୍ଦେଶ୍ୟରେ ଈଶ୍ୱରଙ୍କ ପୁତ୍ର ସ୍ୱର୍ଗରୁ ପୃଥିବୀକୁ ଆସିଥିଲେ ।

କିନ୍ତୁ ମନୁଷ୍ୟର ମୁକ୍ତି ସାଧନ ନିମନ୍ତେ ତାହାଙ୍କୁ ଦୁଃଖ ଓ ମୃତ୍ୟୁଭୋଗ କରିବାକୁ ପଡ଼ିଥିଲା । ସମସ୍ତ କାରଣ ମଧ୍ୟରୁ, ସେ ପୃଥିବୀକୁ ଆସିବାର ଏହା ହିଁ ଥିଲା ପ୍ରଧାନ କାରଣ । ପରବର୍ତ୍ତୀ ଅଧ୍ୟାୟରେ ଆମ୍ଭେମାନେ ଦେଖିବା ଏହି କାରଣ କ'ଣ ?



# ୪ ଗୁରୁ କହନ୍ତି କାହିଁକି ସେ ମୃତ୍ୟୁଭୋଗ କଲେ ?

ଈଶ୍ୱରଙ୍କ ପୁତ୍ରଙ୍କର ମୃତ୍ୟୁଭୋଗ ! ଏ ବିଷୟରେ ଆଲୋଚନା କରୁ କରୁ ଆମ୍ଭେମାନେ ଯେପରି ରହସ୍ୟମୟ ଏକ ଅଦ୍ଭୁତ ରାଜ୍ୟରେ ପ୍ରବେଶ କରିବା । ଅନେକ ସମୟରେ ପ୍ରଶ୍ନ ଉଠେ, 'ଖ୍ରୀଷ୍ଟ ଯଦି ଈଶ୍ୱରଙ୍କ ପୁତ୍ର ଏବଂ ତାହାଙ୍କର ପ୍ରତ୍ୟକ୍ଷ ଅବତାର, ତେବେ ତାହାଙ୍କୁ କାହିଁକି ମୃତ୍ୟୁଭୋଗ କରିବାକୁ ପଡ଼ିଲା ?' ତାହାଙ୍କ ମୃତ୍ୟୁ ସମ୍ବନ୍ଧରେ ସମସ୍ତ କଥା ବୁଝି ପାରିବା ଆମ୍ଭମାନଙ୍କ ମଧ୍ୟରୁ କାହାରି ପକ୍ଷରେ ସମ୍ଭବ ନୁହେଁ, କିନ୍ତୁ ଏ ପ୍ରଶ୍ନର ଉତ୍ତର ହୁଏତ ଖୁବ୍ ଜଟିଳ ନୁହେଁ ।

ଈଶ୍ୱରଙ୍କ ଅବତାର ହୋଇଥିବାରୁ ତାହାଙ୍କ ଉପରେ ଅନ୍ୟ କାହାର କର୍ତ୍ତୃତ୍ୱ ରହିବା ଅସମ୍ଭବ । ତେଣୁ ଅନ୍ୟର ବଳାତ୍କାରରେ ଓ ଅନିଚ୍ଛାରେ ସେ ମୃତ୍ୟୁବରଣ କରି ନ ଥିଲେ ବରଂ ସ୍ୱଇଚ୍ଛାରେ ମୃତ୍ୟୁଭୋଗ କରିବା ନିମନ୍ତେ ସେ ପୃଥିବୀକୁ ଆସିଥିଲେ ।

ଅନ୍ୟ ଗୋଟିଏ ପ୍ରଶ୍ନ ହେଲା–ଏହି ମୃତ୍ୟୁର କି ସମ୍ଭାବ୍ୟ କାରଣ ଥାଇପାରେ ! ଗୁରୁ ନିଜେ ଆମ୍ଭମାନଙ୍କୁ ସେ କାରଣ ଦେଖାଇ ଦେଇଅଛନ୍ତି ଓ ଈଶ୍ୱରଙ୍କ ବାକ୍ୟରେ ମଧ୍ୟ ଏ ବିଷୟରେ ଅନେକ କଥାର ଉଲ୍ଲେଖ ରହିଛି । ଏହି ଅଧ୍ୟାୟରେ ଆମ୍ଭେମାନେ ସମସ୍ତ କାରଣ ବିଷୟରେ ଆଲୋଚନା କରିବା । ପ୍ରଥମେ ଦେଖାଯାଉ, ସେ କିପରିଭାବେ ମୃତ୍ୟୁଭୋଗ କଲେ ।

ସେହି ସମୟରେ ଧର୍ମସଂସ୍ଥାର ବହୁ ନେତା ଯୀଶୁଙ୍କୁ ଈର୍ଷା ଓ ଘୃଣା କରୁଥିଲେ । ଯୀଶୁ ପାପାଚରଣ ଓ ଶଠତା ପଦାରେ ପକାଇ ଦେଇଥିଲେ, ତେଣୁ ସେମାନେ କ୍ରୋଧପରବଶ ହୋଇଥିଲେ । ଯୀଶୁ ଯେଉଁ ସତ୍ୟ ଆଲୋକର ସନ୍ଧାନ ଦେଇଥିଲେ, ତାହା ଗ୍ରହଣ କରିବା ପରିବର୍ତ୍ତେ ସେମାନେ ଅନ୍ଧକାରକୁ ଅଧିକ ପସନ୍ଦ କରୁଥିଲେ ।

ସେହି ସମୟରେ ଇସ୍ରାଏଲ ଲୋକେ ରୋମ ସାମ୍ରାଜ୍ୟ ଶାସନାଧୀନ ଥିଲେ, ତେଣୁ କାହାକୁ ପ୍ରାଣଦଣ୍ଡ ଦେବାର ଅଧିକାର ସେମାନଙ୍କର ନ ଥିଲା । ଯୀଶୁଙ୍କୁ ଧରାଇ ଦେବା ନିମନ୍ତେ ସେମାନେ ପ୍ରଥମେ ଜଣେ ବିଶ୍ୱାସଘାତକ ଯୋଗାଡ଼ କଲେ ଓ ଯୀଶୁଙ୍କୁ ଧରିବା ପରେ ସେମାନେ ତାହାଙ୍କୁ ରୋମୀୟ ଶାସନକର୍ତ୍ତା, ପନ୍ତିୟସ୍ ପୀଲାତଙ୍କ ନିକଟକୁ ଆଣିଥିଲେ ।

ପୀଲାତ ବୁଝିପାରିଲେ ଯେ, ଯୀଶୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କିନ୍ତୁ ଯିହୁଦୀମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସେ ଯୀଶୁଙ୍କୁ ସେମାନଙ୍କ ହାତରେ ସମର୍ପଣ କଲେ । ସୈନ୍ୟମାନେ ତାହାଙ୍କୁ ନେଇ ତାହାଙ୍କ ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇଲେ ଏବଂ ତାହାଙ୍କ ମୁହଁରେ ଛେପ ପକାଇ ତାହାଙ୍କୁ ପରିହାସ କରି ତାଙ୍କୁ ଚାବୁକ୍ ମାରିଲେ । ତା'ପରେ କ୍ରୁଶରେ ଚଢ଼ାଇବା ନିମନ୍ତେ ଯୀଶୁଙ୍କୁ କାଲବରୀ ପାହାଡ଼ ଉପରକୁ ନିଆଗଲା ଏବଂ ସେଠାରେ ତାହାଙ୍କୁ କଣ୍ଟା ଦେଇ କ୍ରୁଶରେ ବିନ୍ଧି, କ୍ରୁଶକୁ ଉଠାଇ ମାଟିରେ ପୋତି ଦିଆଗଲା । ଏପରି ଶାସ୍ତିର କାରଣ ହେଲା, ସେ ଯେପରି ଦୀର୍ଘ ସମୟ ଯନ୍ତ୍ରଣା ଭୋଗି ଶେଷରେ ମରିବେ ।

ଯୀଶୁଙ୍କ ମୃତ୍ୟୁ ବିବରଣୀ, ମାଥିଉ, ମାର୍କ, ଲୂକ ଓ ଯୋହନ, ଏହି ଚାରୋଟିଯାକ ସୁସମାଚାରରେ ଲେଖାଯାଇଛି । କୌଣସି ସୁସମାଚାରର ବିବରଣୀ ସଂକ୍ଷିପ୍ତ ଓ ଅନ୍ୟଗୁଡ଼ିକରେ ତାହା ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ତେଣୁ ଏହି ଚାରୋଟିଯାକ ସୁସମାଚାର ମିଳାଇ ଆମ୍ଭେମାନେ ଯୀଶୁଙ୍କ ମୃତ୍ୟୁଭୋଗର ପୂର୍ଣ୍ଣ ବିବରଣୀ ପାଇପାରୁ ।

କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ଅନ୍ତିମ ସମୟ ଏହିପରି ବର୍ଣ୍ଣିତ ହୋଇଅଛି– 'ମଧ୍ୟାହ୍ନ ବାରଟା ବେଳେ ଦେଶର ଚାରିଆଡ଼େ ଅନ୍ଧକାର ଘୋଟିଗଲା ଓ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ସେହିପରି ଅନ୍ଧକାର ରହିଥିଲା । ଦିନ ତିନିଟା ବେଳେ ଯୀଶୁ ଉଚ୍ଚ ସ୍ୱରରେ ଚିତ୍କାର କଲେ, 'ଏଲୋହୀ, ଏଲୋହୀ, ଲାମା ସାବକ୍‌ଥାନୀ,' ଅର୍ଥାତ୍ ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?'

ଏହାପରେ ଯୀଶୁ ଯେତେବେଳେ ବୁଝିପାରିଲେ ଯେ, ସମସ୍ତ ବିଷୟ ସମାପ୍ତ ହୋଇଛି, ଯେପରି ଧର୍ମଶାସ୍ତ୍ରର ବାକ୍ୟ ସଫଳ ହେବ, ସେଥିପାଇଁ ସେ କହିଲେ,



*'ମୋତେ ତୃଷା ହେଉଅଛି । ପାଖରେ ଅମ୍ଳରସ ପୂର୍ଣ୍ଣ ଗୋଟିଏ ପାତ୍ର ଥିଲା । ତେଣୁ ସେମାନେ ଗୋଟିଏ ସ୍ପଞ୍ଜ ଅମ୍ଳରସରେ ବୁଡ଼ାଇ, ଖଣ୍ଡେ ବାଡ଼ି ସାହାଯ୍ୟରେ, ତାହା ତାହାଙ୍କ ମୁହଁ ପାଖକୁ ଟେକି ଧରିଲେ । ଅମ୍ଳରସ ପାନ* କରି ଯୀଶୁ କହିଲେ, *'ସମାପ୍ତ ହେଲା ।' ତା'ପରେ ଯୀଶୁ ଚିତ୍କାର କରି କହିଲେ, 'ପିତଃତୁମ ହସ୍ତରେ ମୁଁ ମୋର ଆତ୍ମାକୁ ସମର୍ପଣ କରୁଅଛି' (ଏହା କହି ସେ ପ୍ରାଣତ୍ୟାଗ କଲେ'* (ମାଥିଉ ୨୬, ମାର୍କ ୧୪, ଲୂକ ୨୩, ଯୋହନ ୧୯) ।

ମହାନ୍ ଗୁରୁ ଖ୍ରୀଷ୍ଟ, ଏହିପରିଭାବେ ଦୁଃଖଭୋଗ କରି ଜୀବନ ଦାନ କଲେ । ଭକ୍ତିପୂର୍ଣ୍ଣ ହୃଦୟରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଏ ମୃତ୍ୟୁ ସମ୍ପର୍କରେ ନିଜ ନିଜକୁ ପ୍ରଶ୍ନ କରୁ, ଏପରି କାହିଁକି ଘଟିଲା ? ତାହାଙ୍କ ଦୁଃଖଭୋଗ ଓ ମୃତ୍ୟୁର କାରଣ କ'ଣ, ସେ ବିଷୟରେ ସେ ନିଜେ ଯାହା କହିଅଛନ୍ତି, ତାହା ଲକ୍ଷ୍ୟ କରୁ ।

## ସେ ନିଜେ ଏହିପରି କହିଥିଲେ

*'ମନୁଷ୍ୟପୁତ୍ର ସେବା ପାଇବାକୁ ଆସିଲେ ନାହିଁ, ମାତ୍ର ସେବା କରିବାକୁ ଓ ଅନେକଙ୍କ ମୁକ୍ତିର ମୂଲ୍ୟ ସ୍ୱରୂପେ ନିଜର ଜୀବନ ଦେବାକୁ ଆସିଲେ'* (ମାଥିଉ ୨୦:୨୮) ।

*'ମୁଁ ହେଉଛି, ଉତ୍ତମ ମେଷପାଳକ । ଉତ୍ତମ ମେଷପାଳକ ମେଷମାନଙ୍କ ପାଇଁ ନିଜର ଜୀବନ ଉତ୍ସର୍ଗ କରେ'* (ଯୋହନ ୧୦:୧୧) । କ୍ରୁଶ ଉପରେ ତାହାଙ୍କ ଶରୀରରୁ ଯେଉଁ ରକ୍ତ ଝରିବ, ସେ ବିଷୟରେ ସେ କହିଥିଲେ, *'ଏହା ମୋର ରକ୍ତ, ନୂତନ ଚୁକ୍ତିର (ମୁଦ୍ରାଙ୍କ ନିମନ୍ତେ) ରକ୍ତ, ଯାହା ଅନେକଙ୍କ ପାପ କ୍ଷମା ନିମନ୍ତେ ଢ଼ଳା ଯାଉଛି'* (ମାଥିଉ ୨୬:୨୮) ।

ଶିକ୍ଷାଗୁରୁ ରୂପେ ଯୀଶୁଙ୍କ ଆଗମନର ଗୁରୁତ୍ୱ ଅବଶ୍ୟ ରହିଛି, କିନ୍ତୁ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନେଇ ସେ ଜଗତକୁ ଆସିଥିଲେ । କେବଳ ଶିକ୍ଷା ଆମ୍ଭମାନଙ୍କୁ ମୁକ୍ତ କରି ପାରିବ ନାହିଁ । ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଯୀଶୁ ଜଗତକୁ ଆସିଥିଲେ, ତାହା ହେଲା–ପାପୀମାନଙ୍କ ନିମନ୍ତେ ଦୁଃଖ ଓ ମୃତ୍ୟୁଭୋଗ କରିବା ।

ସମାଜ ସଂସ୍କାରକ ରୂପେ ତାହାଙ୍କର ମୃତ୍ୟୁ ହୋଇ ନ ଥିଲା । ସ୍ୱଦେଶର ସ୍ୱାଧୀନତା ବା ସେହିପରି କୌଣସି ମହତ୍ ଉଦ୍ଦେଶ୍ୟ ନିମନ୍ତେ ସେ 'ଶହୀଦ' ରୂପେ ମୃତ୍ୟୁଭୋଗ କରି ନ ଥିଲେ । ପୃଥିବୀକୁ କେବଳ ଗୋଟିଏ ମହତ୍ ଆଦର୍ଶ ଦେଖାଇବା ତାହାଙ୍କ ଆତ୍ମୋତ୍ସର୍ଗର ଉଦ୍ଦେଶ୍ୟ ନ ଥିଲା ।

ଈଶ୍ୱର ଯେ ମନୁଷ୍ୟକୁ ପ୍ରେମ କରନ୍ତି, କେବଳ ତାହା ଦେଖାଇବା ନିମନ୍ତେ ସେ ମୃତ୍ୟୁଭୋଗ କରି ନ ଥିଲେ । ତାହାଙ୍କ ଶତ୍ରୁମାନଙ୍କର ଘୃଣା ଓ ଆକ୍ରୋଶର ଫଳ ସ୍ୱରୂପେ ଯେ ସେ ମୃତ୍ୟୁଭୋଗ କଲେ, ତାହା ମଧ୍ୟ ନୁହେଁ । ତାହାଙ୍କର ମୃତ୍ୟୁର ପ୍ରକୃତ ଉଦ୍ଦେଶ୍ୟ ହେଲା, ମନୁଷ୍ୟଜାତିର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କର ସଂକଳ୍ପ ।

ଈଶ୍ୱର ଯେ ପବିତ୍ର ଏବଂ ମନୁଷ୍ୟ ପାପଗ୍ରସ୍ତ ଓ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ, ଆମ୍ଭେମାନେ ତାହା ଆଲୋଚନା କରି ସାରିଛୁ । ଆମ୍ଭମାନଙ୍କ ପକ୍ଷରେ ପବିତ୍ର ଈଶ୍ୱରଙ୍କୁ ଜାଣିବା, ଜୀବନ କାଳରେ ତାହାଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ କରିବା ଏବଂ ତାହାଙ୍କ ସଙ୍ଗେ ଚିରକାଳ ବାସ କରିବା ନିମନ୍ତେ ଆମ୍ଭମାନଙ୍କ ପାପ ପାଇଁ କିଛି କରାଯିବା ଆବଶ୍ୟକ । ପାପୀର ଧ୍ୱଂସ ସାଧନ, ଈଶ୍ୱରଙ୍କ ପକ୍ଷରେ ଅସାଧ୍ୟ ନୁହେଁ । କିନ୍ତୁ ପାପୀକୁ ରକ୍ଷା କରିବା ଈଶ୍ୱରଙ୍କର ଅଭିପ୍ରାୟ ଏବଂ ଅନେକ ଯେପରି ଭାବିଥା'ନ୍ତି, ଏହା ସେପରି ସହଜସାଧ୍ୟ ନୁହେଁ । ଏହା ସାଧନ କରିବା ନିମନ୍ତେ, ଈଶ୍ୱରଙ୍କୁ ମନୁଷ୍ୟ ହୋଇ ଦୁଃଖ ଓ ମୃତ୍ୟୁଭୋଗ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା ।

## ଖ୍ରୀଷ୍ଟ ବଳି ସ୍ୱରୂପ

ପ୍ରତ୍ୟେକ ମନୁଷ୍ୟ ପାପୀ ଓ ଦୋଷଯୁକ୍ତ ହୋଇଥିବାରୁ ଦଣ୍ଡ ପାଇବା ନିମନ୍ତେ ଯୋଗ୍ୟ ଏବଂ ବିଶ୍ୱର ନ୍ୟାୟବନ୍ତ ଓ ପବିତ୍ର ବିଚାରକର୍ତ୍ତାଙ୍କୁ ପାପର ଉପଯୁକ୍ତ ଦଣ୍ଡ ବିଧାନ କରିବାକୁ ହିଁ ପଡ଼ିବ । ସେ ପାପକୁ ଉପେକ୍ଷା କରି ପାରିବେ ନାହିଁ ଓ ତାହା କଲେ ସେ ପବିତ୍ର ଓ ନ୍ୟାୟବନ୍ତ ହୋଇପାରିବେ ନାହିଁ ଏବଂ ନିଜ ନିୟମକୁ ନିଜେ ରକ୍ଷା କରି ପାରିବେ ନାହିଁ । ଈଶ୍ୱରଙ୍କ ନିୟମ ସମ୍ବନ୍ଧରେ ଦୃଢ଼ଜ୍ଞାନ ନ ହେଲେ, ଖ୍ରୀଷ୍ଟ କାହିଁକି ମୃତ୍ୟୁଭୋଗ କଲେ, ଆମ୍ଭେମାନେ ତାହା ବୁଝି ପାରିବା ନାହିଁ ।



ନିଜର ଲୋକମାନଙ୍କ ନିମନ୍ତେ ବଳି ସ୍ୱରୂପେ, ଈଶ୍ୱରଙ୍କ ପୁତ୍ର ଯେ ମୃତ୍ୟୁଭୋଗ କଲେ ଏହା ଏକ ବିସ୍ମୟକର ସତ୍ୟ । ସେ ପାପୀ ବଦଳରେ, ପାପୀର ଶାସ୍ତି ସ୍ୱୀକାର କରି ମୃତ୍ୟୁଭୋଗ କଲେ । ଏହି ଉପାୟରେ ଈଶ୍ୱର, ନ୍ୟାୟ ଓ ଧାର୍ମିକତାକୁ ବିସର୍ଜନ ନ କରି ମନୁଷ୍ୟର ପରିତ୍ରାଣ ସାଧନ କରି ପାରିଲେ ।

ପାପୀଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ମୃତ୍ୟୁର ଗୁରୁତ୍ୱ ସମ୍ବନ୍ଧରେ ବାଇବଲର ବହୁ ସ୍ଥାନରେ ଉଲ୍ଲେଖ କରାଯାଇଛି । ଏହି ପଦଗୁଡ଼ିକୁ ଲକ୍ଷ୍ୟ କରନ୍ତୁ–

*'କିନ୍ତୁ ସେ ଆମରି ଅଧର୍ମ ପାଇଁ କ୍ଷତବିକ୍ଷତ ହେଲେ, ଆମରି ଅପରାଧ ପାଇଁ ଚୂର୍ଣ୍ଣ ହେଲେ । ଯେଉଁ ଶାସ୍ତି ଆମ ପାଇଁ ଶାନ୍ତି ଆଣିଲା, ତାହା ତାଙ୍କ ଉପରେ ପଡ଼ିଲା, ସେ ପ୍ରହାରିତ ହେବାରୁ ଆମେ ସୁସ୍ଥ ହେଲୁ । ମେଷମାନଙ୍କ ପରି ଆମେ ସମସ୍ତେ ବିପଥଗାମୀ ହୋଇଛୁ, ଆମେ ପ୍ରତ୍ୟେକେ ଯେ ଯାହାର ବାଟରେ ଚାଲିଛୁ ଏବଂ ପ୍ରଭୁ ଆମ ସମସ୍ତଙ୍କ ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଛନ୍ତି'* (ଯିଶାଇୟ ୫୩:୫,୬) ।

*'କିନ୍ତୁ ଆମେ ପାପୀ ଥିବା ସମୟରେ ହିଁ ଖ୍ରୀଷ୍ଟ ଯେ ଆମ ପାଇଁ ପ୍ରାଣ ଦେଲେ, ଏହା ଦ୍ୱାରା ଈଶ୍ୱର ଆମ ପ୍ରତି ତାହାଙ୍କର ପ୍ରେମ ପ୍ରଦର୍ଶନ କରୁଛନ୍ତି'* (ରୋମୀୟ ୫:୮) ।

*'କାରଣ ମୁଁ ଯେଉଁ ଶିକ୍ଷା ପାଇଥିଲି, ତାହା ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯେ ଶାସ୍ତ୍ରବାକ୍ୟ ଅନୁସାରେ ଖ୍ରୀଷ୍ଟ ଆମ ପାପ ପାଇଁ ମୃତ୍ୟୁବରଣ କଲେ'* (୧ମ କରନ୍ଥୀୟ ୧୫:୩) ।

*'ତା' ହୋଇଥିଲେ, ଜଗତର ସୃଷ୍ଟି କାଳରୁ ଖ୍ରୀଷ୍ଟଙ୍କୁ ଅନେକ ଥର ଦୁଃଖଭୋଗ କରିବାକୁ ହୋଇ ଥାଆନ୍ତା । କିନ୍ତୁ ଏବେ ସେ ଯୁଗାନ୍ତ ସମୟରେ ନିଜକୁ ବଳି ରୂପେ ଉତ୍ସର୍ଗ କରି ପାପର ଦୂରୀକରଣ ପାଇଁ ଥରେ ମାତ୍ର ପ୍ରକାଶିତ ହେଲେ'* (ଏବ୍ରୀ ୯:୨୬) ।

*'କିନ୍ତୁ ଏହି ଯାଜକ (ଅର୍ଥାତ୍ ଖ୍ରୀଷ୍ଟ) ପାପ ନିମନ୍ତେ ଗୋଟିଏ ଥର ପାଇଁ ବଳି ଉତ୍ସର୍ଗ କଲା ପରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଲେ'* (ଏବ୍ରୀ ୧୦:୧୨) ।

ହିଁ ଖ୍ରୀଷ୍ଟ ଦୁଃଖଭୋଗ କଲେ, ନିଜ ରକ୍ତ ଢାଳିଲେ ଏବଂ ପାପୀମାନଙ୍କ ପାଇଁ ପ୍ରାଣ ଦାନ କଲେ । ଭାବବାଦୀମାନେ ଏ ବିଷୟରେ ପୂର୍ବରୁ ଭବିଷ୍ୟତବାଣୀ କହିଥିଲେ, ଶିଷ୍ୟମାନେ ଶିକ୍ଷା ଦେଇଥିଲେ ଏବଂ ଗୁରୁ ନିଜେ ମଧ୍ୟ କହିଥିଲେ । ପ୍ରକୃତରେ ଏହା ହିଁ ବାଇବଲର ପ୍ରଧାନ ବିଷୟ । ଯୀଶୁଙ୍କୁ ଶ୍ରେଷ୍ଠ ଗୁରୁ ରୂପେ କେହି ଯଦି ସ୍ୱୀକାର କରନ୍ତି, ଯୀଶୁଙ୍କର ଏହି ଶିକ୍ଷା ମଧ୍ୟ ତାହାଙ୍କୁ ଗ୍ରହଣ କରିବାକୁ ହେବ । କିନ୍ତୁ କେହି ଯଦି ତାହାଙ୍କ ଶିକ୍ଷାର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଗ୍ରହଣ ନ କରନ୍ତି, ତେବେ ଯୀଶୁଙ୍କୁ, ଶ୍ରେଷ୍ଠ ଗୁରୁ କହିବା ଅର୍ଥ ତାହାଙ୍କୁ ବ୍ୟଙ୍ଗ କରିବା ।

ଯୀଶୁ ଯେ ଆମ୍ଭମାନଙ୍କ ପାଇଁ ମରି ପାରିଥାଆନ୍ତି, ଏ କଥା ଅନେକେ ସ୍ୱୀକାର କରନ୍ତି ନାହିଁ । ସେମାନେ କହନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିକୁ ହିଁ ନିଜ ପାପର ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ।

## କେତୋଟି ଦୃଷ୍ଟାନ୍ତ

ଧରନ୍ତୁ ଗୋଟିଏ ପିଲାକୁ ଥରକୁ ଥର ମନା କରାଯାଇଛି ସେ ଯେପରି ଡିଆସିଲିରେ ନ ଖେଳେ । ଦିନେ ତା'ର ମାଆ କୁଆଡ଼େ ବାହାରକୁ ଯାଇଛନ୍ତି, ଏହି ସମୟରେ ପିଲାଟି କିପରି ଡିଆସିଲି ବାକ୍ସ ଖୋଜି ପାଇଗଲା । ମାଆର ମନା ନ ମାନି ସେ ଡିଆସିଲି କାଠି ଜଳାଇଲା ଓ ତା' ଫଳରେ ତାଙ୍କ କାଠ ଘରେ ନିଆଁ ଲାଗିଗଲା । ପିଲାଟି ଭୟରେ ଏଆଡ଼େ ସେଆଡ଼େ ଦୌଡ଼ିବାକୁ ଲାଗିଲା, କିନ୍ତୁ ଦୁଆର ମୁହଁରେ ଧୂ ଧୂ ହୋଇ ନିଆଁ ଜଳୁଛି, ସେ ବାହାରକୁ ଯିବ କିପରି ? ଠିକ୍ ସେତିକିବେଳେ ତା'ର ମାଆ ଆସି ପହଞ୍ଚିଗଲେ ଓ ପୁଅ କି ସର୍ବନାଶ କରିଛି ତାହା ଦେଖି ପାରିଲେ । ବର୍ତ୍ତମାନ ମାଆ କରିବେ କ'ଣ ? ସେ କ'ଣ ନିରାପଦରେ ବାହାରେ ଠିଆ ହୋଇ ଖାଲି କହୁଥିବେ, 'ମୋ' ପୁଅର ଦୋଷ, ମୋ' ପୁଅର ଦୋଷ–ସେ ନିଆଁରେ ପୋଡ଼ି ମରୁ ?' ନାଁ, ସେ କଥା ସେ କହି ପାରିବେ ନାହିଁ । ସେ ନିଜ ପୁଅକୁ ବଞ୍ଚାଇବା ପାଇଁ ମୁହୂର୍ତ୍ତେ ବିଳମ୍ବ ନ କରି ଗୋଟିଏ ଝରକା ଖୋଲି ଜଳନ୍ତା ଘର ଭିତରକୁ ପଶିଯିବେ ଓ ପୁଅକୁ ସେଇବାଟେ ବାହାରକୁ ପଠେଇ ଦେବେ । କିନ୍ତୁ ନିଜକୁ ରକ୍ଷା କରିବାକୁ ସେ ସମୟ ପାଇବେ ନାହିଁ । ଘର ଭିତରେ ନିଆଁ ତାଙ୍କ



ପଛେ ପଛେ ମାଡ଼ି ଆସି ତାଙ୍କ ଲୁଗାରେ ଲାଗି ଯାଇଥିବ ଓ ନିଆଁ ଧାସ ଓ ଧୂଆଁରେ ଅଯୁକ୍ତି ହୋଇ ତଳେ ପଡ଼ିଯିବେ । ପୁଅ ଯେଉଁ ନିଆଁ ଲଗାଇ ଥିଲା, ଶେଷରେ ମାଆ ସେଇ ନିଆଁରେ ପୋଡ଼ି ହୋଇ ମରିଯିବେ ।

ମନୁଷ୍ୟ ନିଜର ପାପ ଦ୍ୱାରା ଯେଉଁ ନିଆଁ ଲଗାଇଛି, ସେ ନିଆଁ ସେ ନିଜେ ଲିଭାଇ ପାରିବ ନାହିଁ ଓ ନିଜ ଚେଷ୍ଟାରେ ସେଥିରୁ ନିଜକୁ ରକ୍ଷା କରି ପାରିବ ନାହିଁ । କିନ୍ତୁ କିଏ ତାକୁ ସେ ବିପଦରୁ ଉଦ୍ଧାର କରି ପାରିବେ ? ଉଦ୍ଧାର କରିବେ ପ୍ରେମମୟ ଈଶ୍ୱର । ହଁ, ଯେକୌଣସି ମାଆଠାରୁ ତାଙ୍କର ପ୍ରେମ ଓ କରୁଣା ବହୁଗୁଣରେ ଅଧିକ । ତେଣୁ ଦୋଷ ପ୍ରକୃତରେ ମନୁଷ୍ୟର ହେଲେ ମଧ୍ୟ, ନିଆଁ ଭିତରକୁ ଝାସ ଦେଇ ସେମାନଙ୍କୁ ରକ୍ଷା କରିବା ଈଶ୍ୱରଙ୍କ ପକ୍ଷରେ ଅସମ୍ଭବ ନୁହେଁ ।

ମନୁଷ୍ୟ ପାପ କରିଛି ଓ ସେହି ପାପ ପାଇଁ ଦୁଃଖ ଓ ମୃତ୍ୟୁ ତା'ର ପ୍ରାପ୍ୟ । କିନ୍ତୁ ଈଶ୍ୱର ମନୁଷ୍ୟର ସେହି ଦୁଃଖ ଓ ମୃତ୍ୟୁକୁ ନିଜେ ବରଣ କରି, ତା' ପରିବର୍ତ୍ତେ ମନୁଷ୍ୟକୁ ଅନନ୍ତ, ନିରାପଦ ଓ ଆନନ୍ଦମୟ ଜୀବନ ଦେବା ନିମନ୍ତେ ସଂକଳ୍ପ କଲେ । ଏହା ହିଁ ଖ୍ରୀଷ୍ଟଙ୍କ କ୍ରୁଶର ତାତ୍ପର୍ଯ୍ୟ ।

ଧରନ୍ତୁ, ନିଜର ଅବିବେକତା ଫଳରେ କେହି ଜଣେ ଋଣଗ୍ରସ୍ତ ହୋଇ ପଡ଼େ । ଋଣଦାତା ଯେତେବେଳେ ଋଣ ପରିଶୋଧ କରିଦେବାକୁ ଦାବୀ କରନ୍ତି, ଋଣୀ ସମସ୍ତ ଚେଷ୍ଟା କରି ମଧ୍ୟ ଋଣ ପରିଶୋଧ କରିପାରେ ନାହିଁ । ଏପରିକି ସେ ମୂଳ ଟଙ୍କାର ସୁଧ ମଧ୍ୟ ଦେଇପାରେ ନାହିଁ, ତେଣୁ ଋଣର ପରିମାଣ ବଢ଼ି ବଢ଼ି ଯାଉଥାଏ । ତା'ର ମନେହୁଏ, ଋଣ ଭାରରେ ସେ ଯେପରି ଭାଙ୍ଗି ପଡ଼ିବ । ଋଣ ଭାରରୁ ମୁକ୍ତ ହେବା ପାଇଁ, ବ୍ୟାକୁଳ ହୋଇ ଯେତେ ଯାହା ଚେଷ୍ଟା କରି ମଧ୍ୟ ବ୍ୟର୍ଥ ହୁଏ । ଶେଷରେ ଅବସ୍ଥାପନ୍ନ ତା'ର ଜଣେ ବନ୍ଧୁ, ତା' ବିପଦ କଥା ଜାଣିପାରି କଡ଼ାଗଣ୍ଡାରେ ଋଣ ପରିଶୋଧ କରି ଦିଅନ୍ତି ।

ବନ୍ଧୁ ପକ୍ଷରେ ବନ୍ଧୁର ଋଣ ପରିଶୋଧ କରିବା ଅସମ୍ଭବ ହୋଇ ନ ପାରେ । ଏହାକୁ ଦୟାର କାର୍ଯ୍ୟ କୁହାଯିବ । ଈଶ୍ୱର କ'ଣ ମନୁଷ୍ୟଠାରୁ ଅଧିକ ଦୟାମୟ ହୋଇ ପାରନ୍ତି ନାହିଁ ?

ଗୋଟିଏ ପ୍ରକାର କହିବାକୁ ଗଲେ, ମନୁଷ୍ୟର ପାପ, ଋଣର ବନ୍ଧନ ପରି । ନ୍ୟାୟତଃ ଏ ଋଣ ପରିଶୋଧ କରାଯିବାର କଥା ଏବଂ ଏ ଋଣ ପରିଶୋଧର ମୂଲ୍ୟ ହେଲା ଦୁଃଖଭୋଗ ଓ ମୃତ୍ୟୁ । କିନ୍ତୁ କିଏ ତା’ ପରିବର୍ତ୍ତେ ଏ ଦୁଃଖ ଓ ମୃତ୍ୟୁଭୋଗ କରିବେ ? ପୁଣି ଏଇ ପତିତ ଭ୍ରଷ୍ଟ ମନୁଷ୍ୟକୁ ପର୍ବତ ପ୍ରମାଣ ପାପ ଭାରରୁ କିଏ ମୁକ୍ତ କରି ପାରିବେ ? ମନୁଷ୍ୟର ସେ ଋଣ ପରିଶୋଧ କରିବା ନିମନ୍ତେ ଈଶ୍ୱରଙ୍କ ପୁତ୍ର ନିଜେ, ନିଜକୁ ଦାନ କଲେ ଓ ଦୁଃଖ ଏବଂ ମୃତ୍ୟୁ ଭୋଗ କରି ମନୁଷ୍ୟର ଋଣ ପରିଶୋଧ କଲେ । ଏହା ମନୁଷ୍ୟ ପକ୍ଷରେ କଳ୍ପନାତୀତ ହୋଇପାରେ, କିନ୍ତୁ ଏହା ସତ୍ୟ ଓ ଆମ୍ଭେମାନେ ଏହା ଜାଣୁ ଯେ, ଖ୍ରୀଷ୍ଟଙ୍କର ମୃତ୍ୟୁରେ ବିଶ୍ୱାସ କଲେ ପୃଥିବୀର ପ୍ରତ୍ୟେକ ପାପୀ ଉଦ୍ଧାର ପାଇ ପାରିବେ ।

ଆମ୍ଭମାନଙ୍କୁ ବୁଝିବାକୁ ହେବ ଯେ, ଖ୍ରୀଷ୍ଟଙ୍କର ଦୁଃଖଭୋଗ କେବଳ ଶାରୀରିକ ଯନ୍ତ୍ରଣା ଭୋଗ ନୁହେଁ, ମାତ୍ର ଏହାଠାରୁ ଆହୁରି ଅଧିକ । ଶରୀରର ସେ ଯନ୍ତ୍ରଣା ତ ଅସହ୍ୟ ଥିଲା, କିନ୍ତୁ ତାହାଠାରୁ ଅସହ୍ୟ ଥିଲା ତାହାଙ୍କ ଆତ୍ମାର ମର୍ମାନ୍ତିକ ଯନ୍ତ୍ରଣା । ଥରେ ଭାବନ୍ତୁ ଖ୍ରୀଷ୍ଟ କିଏ ?...ସେ ଥିଲେ ପବିତ୍ର ଈଶ୍ୱରଙ୍କ ଅବତାର । ତାହାଙ୍କର ପୁତଃ ପବିତ୍ରଆତ୍ମା, ପାପର ସ୍ପର୍ଶ ମଧ୍ୟ ସହ୍ୟ କରି ପାରିବ ନାହିଁ । ସେ ସମ୍ବନ୍ଧରେ ବାଇବଲରେ ଉଲ୍ଲେଖ ରହିଛି– *‘ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା, ଈଶ୍ୱର ତାହାଙ୍କୁ ଆମ ପାଇଁ ପାପ ସ୍ୱରୂପ କଲେ, ଯେପରି କି ଆମେ ତାହାଙ୍କଠାରେ ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେବୁ’* (୨ୟ କରନ୍ଥୀୟ ୫:୨୧) । ପବିତ୍ର ଯୀଶୁଙ୍କ ସମ୍ବନ୍ଧରେ ଏ ଉକ୍ତିର ଅର୍ଥ କିଏ ବା ଧାରଣା କରି ପାରିବ ?

ପାପ କି ଜଘନ୍ୟ, ଈଶ୍ୱରଙ୍କ ପ୍ରେମ କି ମହତ୍, ମନୁଷ୍ୟକୁ ଉଦ୍ଧାର କରିବା ପାଇଁ ତାହାଙ୍କୁ କି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲା, ଏସମସ୍ତ ଜାଣିବା ନିମନ୍ତେ ଯଦି ଆମ୍ଭମାନଙ୍କର ଆଗ୍ରହ ଥାଏ, ତେବେ ଆମ୍ଭେମାନେ ଏକାଗ୍ର ଦୃଷ୍ଟିରେ କ୍ରୁଶକୁ ଲକ୍ଷ୍ୟ କରୁ ।

ଖ୍ରୀଷ୍ଟଙ୍କ ପକ୍ଷରେ, ମନୁଷ୍ୟର ପାପଭାର ବହନ କରିବା କ’ଣ ଯଥାର୍ଥ ଓ ନ୍ୟାୟସଙ୍ଗତ ? ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ, ଈଶ୍ୱରଙ୍କ ସମସ୍ତ



କାର୍ଯ୍ୟ ଯଥାର୍ଥ ଓ ନ୍ୟାୟସଙ୍ଗତ । ତେଣୁ ଖ୍ରୀଷ୍ଟଙ୍କର ଏ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ । ପ୍ରକୃତରେ କହିବାକୁ ଗଲେ, ଏକମାତ୍ର ଏହି ନ୍ୟାୟସଙ୍ଗତ ଉପାୟରେ ସେ ମନୁଷ୍ୟର ମୁକ୍ତି ସମ୍ପନ୍ନ କରି ପାରିଥିଲେ । ଈଶ୍ୱର ଯଦି କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ସେପରି ଦୁଃଖଭୋଗ କରି ମୃତ୍ୟୁବରଣ କରିବାକୁ ବାଧ୍ୟ କରିଥାଆନ୍ତେ ତେବେ ତାହା ତାହାଙ୍କ ପକ୍ଷରେ ଅନ୍ୟାୟ ଓ ଅସଙ୍ଗତ ହୋଇଥା’ନ୍ତା । କିନ୍ତୁ ଖ୍ରୀଷ୍ଟଙ୍କୁ ସେଥିନିମନ୍ତେ ବାଧ୍ୟ କରାଯାଇ ନ ଥିଲା । ପ୍ରକୃତରେ କହିବାକୁ ଗଲେ, ସାମାନ୍ୟ ଜଣେ ମନୁଷ୍ୟ ଦୁଃଖ ଓ ମୃତ୍ୟୁଭୋଗ ବିନିମୟରେ, ଅନେକଙ୍କର କାହିଁକି, ଜଣେ ମନୁଷ୍ୟର ପାପ ମଧ୍ୟ ଦୂର କରି ପାରିବ ନାହିଁ । କିନ୍ତୁ ନିଜର ସୃଷ୍ଟ ଅସଂଖ୍ୟ ମନୁଷ୍ୟକୁ ପାପ ଭାରରୁ ମୁକ୍ତ କରିବା ପାଇଁ, ଦୁଃଖ ଓ ମୃତ୍ୟୁଭୋଗ, ଅନାଦି ଅନନ୍ତ ଈଶ୍ୱରଙ୍କ ପକ୍ଷରେ ସମ୍ଭବ । ଈଶ୍ୱର ଇଚ୍ଛା କଲେ, ମନୁଷ୍ୟର ପାପ ଋଣ ପରିଶୋଧ କରି, ତାହାର ଉଦ୍ଧାର ନିମନ୍ତେ ନିଜକୁ ଦାନ କରି ପାରନ୍ତି ।

ଖ୍ରୀଷ୍ଟଙ୍କ ଆଗମନର ଏହା ହିଁ ପ୍ରକୃତ ମର୍ମ । ନିଜେ ଈଶ୍ୱର ହୋଇ ମନୁଷ୍ୟ ପରିବର୍ତ୍ତେ ଦୁଃଖ ଭୋଗ କରିବା ନିମନ୍ତେ, ସେ ନିଜ ଇଚ୍ଛାରେ ଆସିଥିଲେ । ଯୀଶୁ କହିଲେ, *‘ପିତା ମୋତେ ପ୍ରେମ କରନ୍ତି, କାରଣ ମୁଁ ମୋର ଜୀବନ ଉତ୍ସର୍ଗ କରେ ଓ ପୁନର୍ବାର ତାହା ଗ୍ରହଣ କରିନିଏ । କେହି ମୋ’ଠାରୁ ମୋର ଜୀବନ ନିଏ ନାହିଁ, କିନ୍ତୁ ମୁଁ ସ୍ୱ ଇଚ୍ଛାରେ ତାହା ଉତ୍ସର୍ଗ କରେ । ଜୀବନ ଉତ୍ସର୍ଗ କରିବାକୁ ଓ ପୁନର୍ବାର ତାହା ଗ୍ରହଣ କରିବାକୁ ମୋର ଅଧିକାର ଅଛି । ମୋର ପିତାଙ୍କଠାରୁ ମୁଁ ଏହି ଆଦେଶ ପାଇଛି’* (ଯୋହନ ୧୦:୧୭–୧୮) । ହଁ ଈଶ୍ୱରଙ୍କ ପୁତ୍ର ନିଜେ, ଶରୀର ଆତ୍ମାରେ ଯନ୍ତ୍ରଣା ଭୋଗ କରି ମନୁଷ୍ୟର ପାପ ନିମନ୍ତେ ମୃତ୍ୟୁବରଣ କଲେ । ସେ ମନୁଷ୍ୟ ପରି ରକ୍ତମାଂସ ଶରୀର ଧରି ଆସିଥିଲେ ଏବଂ ପତିତ ମନୁଷ୍ୟଜାତି ନିମନ୍ତେ ନିଜକୁ ବଳି ରୂପେ ଉତ୍ସର୍ଗ କଲେ । ମନୁଷ୍ୟର ପାପ ଭାର ତାହାଙ୍କ ଇଚ୍ଛାନୁକ୍ରମେ ତାହାଙ୍କ ଉପରେ ଲଦି ଦିଆଗଲା, ଅର୍ଥାତ୍ ଆମ୍ଭେମାନେ କହିପାରୁ ଯେ, ସେ ମନୁଷ୍ୟର ପାପାଚରଣ ବା କର୍ମକୁ ସ୍ୱେଚ୍ଛାରେ ବହନ କରି ପ୍ରାୟଶ୍ଚିତ୍ତ ସାଧନ କରିଥିଲେ । ତାହାଙ୍କର ଏହି ପ୍ରାୟଶ୍ଚିତ୍ତ କାର୍ଯ୍ୟରେ, ନ୍ୟାୟସଙ୍ଗତ

ବିଚାର କିପରି ସାଧିତ ହେଲା, ତାହା ବର୍ଣ୍ଣନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ପାଇଁ ଦୁଃଖଭୋଗ କଲେ, ଏହା ବିଶ୍ୱାସ କରି ଆମ୍ଭେମାନେ ଯେତେବେଳେ ସମସ୍ତ ଅନ୍ତଃକରଣ ସହିତ ତାହାଙ୍କ ନିକଟକୁ ଫେରୁ, ପ୍ରକୃତରେ ଆମ୍ଭେମାନେ କି ଆଶୀର୍ବାଦ ପ୍ରାପ୍ତ ନ ହେଉ ! ଆମ୍ଭେମାନେ ତାହାଙ୍କ ମହାନ ପ୍ରେମ ହୃଦୟରେ ଅନୁଭବ କରୁ ଓ ସେଥି ସଙ୍ଗେ ସଙ୍ଗେ ଈଶ୍ୱରଙ୍କର ଗଭୀର ପ୍ରେମ ଓ ତାହାଙ୍କ ପବିତ୍ରତାକୁ ବୁଝିବାକୁ ସକ୍ଷମ ହେଉ ଓ ନିଜ ପବିତ୍ରତାକୁ କ୍ଷୀଣ ନ କରି ସେ କିପରି ଆମ୍ଭମାନଙ୍କର ପାପ କ୍ଷମା କରି ପାରନ୍ତି, ତାହା ମଧ୍ୟ ଉପଲବ୍ଧି କରିପାରୁ ।

## ଖ୍ରୀଷ୍ଟଙ୍କ ମୃତ୍ୟୁବରଣର ସୁଫଳ

ଖ୍ରୀଷ୍ଟଙ୍କର ମୃତ୍ୟୁ ଇତିହାସର ଏକ ଜଘନ୍ୟ ଘଟଣା, କିନ୍ତୁ ଖ୍ରୀଷ୍ଟଙ୍କ ସେହି ମୃତ୍ୟୁ ହିଁ ମନୁଷ୍ୟ ନିମନ୍ତେ ସବୁଠୁ ବଡ଼ ଆଶୀର୍ବାଦ । ତାହାଙ୍କର ମୃତ୍ୟୁ, ଈଶ୍ୱରଙ୍କ ଦୟା, ଅନୁଗ୍ରହ, ଶକ୍ତି ଓ ଜ୍ଞାନର ପରିଚାୟକ ।

ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ତେଣୁ ଆମ୍ଭେମାନେ ପାପ କ୍ଷମା ପାଇ ପାରିବୁ ।

ମନୁଷ୍ୟର ପାପ ନିମନ୍ତେ ଖ୍ରୀଷ୍ଟ ବଳି ସ୍ୱରୂପେ ଉତ୍ସର୍ଗୀକୃତ ହୋଇ ଅଛନ୍ତି, ତେଣୁ ଆମ୍ଭେମାନେ ଅନୁତାପ କରି ତାହାଙ୍କଠାରେ ବିଶ୍ୱାସ କଲେ, ଈଶ୍ୱର ଆମ୍ଭମାନଙ୍କୁ ନ୍ୟାୟତଃ କ୍ଷମା କରିପାରନ୍ତି । କିନ୍ତୁ ସାମାନ୍ୟ ମୂଲ୍ୟ ବିନିମୟରେ କ୍ଷମାଦାନ, ଈଶ୍ୱରଙ୍କର ଅଭିପ୍ରାୟ ନୁହେଁ । ତେଣୁ ନ୍ୟାୟସଙ୍ଗତଭାବେ ଆମ୍ଭେମାନେ ଯେପରି କ୍ଷମା ପାଇପାରିବା, ସେଥିପାଇଁ ଖ୍ରୀଷ୍ଟଙ୍କୁ ଅସାମାନ୍ୟ ତ୍ୟାଗ କରିବାକୁ ପଡ଼ିଥିଲା । ତେଣୁ ସମସ୍ତ ପ୍ରକାର ପାପାଚରଣରୁ ଫେରି, ବିଶ୍ୱାସର ସହିତ ତାହାଙ୍କ ନିକଟରେ ଆତ୍ମସମର୍ପଣ ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ଯାହା ସାଧନ କରିଅଛନ୍ତି, ତାହା ସ୍ୱୀକାର କରି ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟକୁ ଫେରିଯିବାକୁ ପଡ଼ିବ । ଆମ୍ଭେମାନେ ଯଦି ଖ୍ରୀଷ୍ଟଙ୍କୁ ଉପେକ୍ଷା ବା ଅବଜ୍ଞା କରି ନିଜ ପାପରେ ମଜ୍ଜି ରହୁ, ଯଥାର୍ଥ ଶାସ୍ତିରୁ ଆମ୍ଭେମାନେ ଉଦ୍ଧାର ପାଇ ପାରିବୁ ନାହିଁ । ଆମ୍ଭେମାନେ ଯଦି କ୍ରୁଶ ନିକଟରୁ ଦୂରକୁ ଚାଲିଯାଉ, ତାହାହେଲେ ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କର ଶତ୍ରୁତା ଓ ବିରୁଦ୍ଧାଚାରିତା ସ୍ପଷ୍ଟଭାବେ ପ୍ରମାଣିତ ହୋଇଯିବ ।



ଖ୍ରୀଷ୍ଟଙ୍କ ମରଣ ସମୟରେ ପଥର ମଧ୍ୟ ଫାଟି ଖଣ୍ଡ ଖଣ୍ଡ ହୋଇଥିଲା । ଆମ୍ଭମାନଙ୍କର ହୃଦୟ କ'ଣ ପଥରଠାରୁ କଠିଣ ? ଆମ୍ଭେମାନେ କ'ଣ ଚିରଦିନ ସେହି କଠୋର ହୃଦୟ ନେଇ ରହିଥିବୁ ?

ଯୀଶୁ କହିଥିଲେ, *'ଏହି କଥା ହିଁ ଲେଖାଅଛି ଯେ ଖ୍ରୀଷ୍ଟ ଦୁଃଖଭୋଗ କରି ମୃତମାନଙ୍କ ମଧ୍ୟରୁ ତୃତୀୟ ଦିନରେ ଉତ୍ଥିତ ହେବେ । ପୁଣି, ଯିରୂଶାଲମରୁ ଆରମ୍ଭ କରି ସବୁ ଜାତିଙ୍କ ନିକଟରେ ତାହାଙ୍କ ନାମରେ ଅନୁତାପ ଓ ପାପକ୍ଷମାର ବାର୍ତ୍ତା ପ୍ରଚାର କରାଯିବ'* (ଲୂକ ୨୪:୪୬,୪୭) ।

ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କ ଶିକ୍ଷାର ପୁନରାବୃତ୍ତି କରି କହିଥିଲେ, *'ଈଶ୍ୱରଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମେ ଖ୍ରୀଷ୍ଟଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ପାପ କ୍ଷମା ଲାଭ କରିଛୁ'* (ଏଫିସୀୟ ୧:୭) ।

*'କିନ୍ତୁ ଆମେ ଯଦି ନିଜର ପାପ ସ୍ୱୀକାର କରୁ, ତେବେ ଆମର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ପରିଷ୍କାର କରିବାକୁ ସେ ବିଶ୍ୱାସଭାଜନ ଓ ନ୍ୟାୟବାନ୍ ଅଟନ୍ତି'* (୧ ମ ଯୋହନ ୧:୯) ।

ଏପରି ଅନେକେ ଅଛନ୍ତି, ଯେଉଁମାନେ ପୁନର୍ଜନ୍ମରେ ବିଶ୍ୱାସ କରିଥା'ନ୍ତି । ସେହି ଧାରଣା ଅନୁସାରେ ଆମ୍ଭେମାନେ ପୃଥିବୀରେ ଅସଂଖ୍ୟ ଥର ଜନ୍ମ ନେଇ ଓ ପ୍ରତ୍ୟେକ ଥର ଦୁଷ୍କର୍ମରେ ଜୀବନଯାପନ କରିଥା'ନ୍ତୁ, ତେବେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ଆମ୍ଭମାନଙ୍କର ସମସ୍ତ ପାପ ଧୌତ କରି ଆମ୍ଭମାନଙ୍କୁ ନିର୍ମଳ, ନିଷ୍କଳଙ୍କ କରି ପାରିଥା'ନ୍ତା ଏବଂ ଈଶ୍ୱରଙ୍କ ସମ୍ମୁଖରେ ଠିଆ ହେବା ନିମନ୍ତେ ଆମ୍ଭମାନଙ୍କୁ ଯୋଗ୍ୟ କରି ପାରିଥା'ନ୍ତା । ଈଶ୍ୱର, ଖ୍ରୀଷ୍ଟ ଯୀଶୁଙ୍କ ମଧ୍ୟସ୍ଥତାରେ ଆମ୍ଭମାନଙ୍କର ସମସ୍ତ ପାପ ଓ ସମସ୍ତ ପ୍ରକାର ପାପ କ୍ଷମା କରିବାକୁ ସକ୍ଷମ । କ୍ରୁଶ ଉପରେ ଯୀଶୁ ବଳି ରୂପେ ଥରେ ମାତ୍ର ଉତ୍ସର୍ଗୀକୃତ ହୋଇଥିଲେ, କିନ୍ତୁ ସେ ବଳି ସ୍ୱୟଂସମ୍ପୂର୍ଣ୍ଣ ଓ ତାହାର ଶକ୍ତି ଚିରସ୍ଥାୟୀ । ଆଉ ବଳିଦାନର ପ୍ରୟୋଜନ ନାହିଁ ଏବଂ ଈଶ୍ୱର ଅନ୍ୟ କୌଣସି ବଳି ମଧ୍ୟ ଗ୍ରହଣ କରିବେ ନାହିଁ । ସେ ଆମ୍ଭମାନଙ୍କ ନିମନ୍ତେ ଯାହା କରିଅଛନ୍ତି, ତାହା ବିଶ୍ୱାସ କରି ଆମ୍ଭେମାନେ ଯେପରି ଅନୁତାପ କରୁ ଓ ତାହାଙ୍କୁ ଆମ୍ଭମାନଙ୍କର ହୃଦୟ ସମର୍ପଣ କରୁ, ତାହା ହିଁ ଈଶ୍ୱର ଆମ୍ଭମାନଙ୍କଠାରୁ ଅପେକ୍ଷା କରନ୍ତି ।

ଖ୍ରୀଷ୍ଟଙ୍କ ମରଣ ଦ୍ୱାରା ଈଶ୍ୱରଙ୍କ ସଙ୍ଗେ ଆମ୍ଭମାନଙ୍କର ଶାନ୍ତି ସ୍ଥାପିତ ହୋଇଅଛି । ପାପ ଯୋଗୁ ଈଶ୍ୱର ଓ ପାପୀ ମଧ୍ୟରେ ଯେଉଁ ସମ୍ପର୍କ ଛିନ୍ନ ହୋଇଥିଲା, ଖ୍ରୀଷ୍ଟ ନିଜେ ମୃତ୍ୟୁବରଣ କରି ସେହି ସମ୍ପର୍କକୁ ପୁଣି ସ୍ଥାପନ କଲେ । ଧର୍ମ ଶାସ୍ତ୍ରର ସେହି ହୃଦୟ ଆଲୋଡ଼ନକାରୀ ବାକ୍ୟ ଶୁଣନ୍ତୁ– *'ଆମକୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ଧାର୍ମିକ ହୋଇ ସୁଦ୍ଧା ଅଧାର୍ମିକ ଲୋକଙ୍କ ନିମନ୍ତେ ସେମାନଙ୍କ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ'* (୧ ପିତର ୩:୧୮) ।

ଅନ୍ୟ ସ୍ଥାନମାନଙ୍କରେ ଅନ୍ୟ ଭାବରେ ପ୍ରକାଶ କରାଯାଇଛି ।

*'ଈଶ୍ୱର ମନୁଷ୍ୟମାନଙ୍କର ପାପ ସେମାନଙ୍କ ବିରୁଦ୍ଧରେ ଗଣନା ନ କରି ଖ୍ରୀଷ୍ଟଙ୍କଠାରେ ଜଗତକୁ ଆପଣା ସହିତ ପୁନର୍ମିଳିତ କରୁଥିଲେ ଏବଂ ପୁନର୍ମିଳନର ବାର୍ତ୍ତା ଆମ ଉପରେ ନ୍ୟସ୍ତ କରିଛନ୍ତି'* (୨ୟ କରିନ୍ଥୀ ୫:୧୯) ।

*'କ୍ରୁଶରେ ପତିତ ତାହାଙ୍କ ରକ୍ତ ଦ୍ୱାରା ଶାନ୍ତି ସ୍ଥାପନ କରି ପୃଥିବୀରେ ହେଉ ବା ସ୍ୱର୍ଗରେ ହେଉ, ସମସ୍ତ ବିଷୟକୁ ନିଜ ସହିତ ପୁନର୍ମିଳିତ କରିବାକୁ ଇଚ୍ଛା କଲେ'* (କଲସୀୟ ୧:୨୦) ।

ପ୍ରକୃତରେ ଏ ସତ୍ୟ ଅଦ୍ଭୁତ । ଯେଉଁ ପାପ ଓ ଅପରାଧର ପ୍ରାଚୀର ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ପୃଥକ କରିଥିଲା, ତାହା ଭୂମିସାତ୍ ହୋଇଅଛି । ତେଣୁ ଈଶ୍ୱରଙ୍କ ସଙ୍ଗେ ମିଳନର ପଥ ବର୍ତ୍ତମାନ ମୁକ୍ତ ଓ ସୁଗମ୍ୟ ।

ବନ୍ଧୁତା ଓ ଶାନ୍ତି, ଅର୍ଥାତ୍ ଖ୍ରୀଷ୍ଟଙ୍କ ସଙ୍ଗେ ଅପରିସୀମ ଶାନ୍ତି, ଖ୍ରୀଷ୍ଟଙ୍କ କ୍ରୁଶର ଫଳସ୍ୱରୂପ । ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହର ଅସ୍ତ୍ର ତ୍ୟାଗ କରି, ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟ ଦେଇ, ଅନୁଗ୍ରହ ଓ କରୁଣାପୂର୍ଣ୍ଣ ଈଶ୍ୱରଙ୍କ ନିକଟକୁ ଫେରିଯିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ କି ? ଈଶ୍ୱର ନିଜେ ତାହାଙ୍କ ଭକ୍ତ ଦାସମାନଙ୍କ ସହାୟତାରେ ମନୁଷ୍ୟକୁ ତାହାଙ୍କ ନିକଟକୁ ଫେରିଯିବାକୁ ଯେପରି ନିବେଦନ କରୁଅଛନ୍ତି । ଆମ୍ଭେମାନେ ଯେ, ମୁକ୍ତି ଓ ପରିତ୍ରାଣର ଅଧିକାରୀ ହୋଇ ପାରିବା, ଏଥିରେ ସନ୍ଦେହ ନାହିଁ । ଗୁରୁ ନିଜେ କହିଥିଲେ ଯେ, ସେ ଆସିଅଛନ୍ତି ମୁକ୍ତିର ମୂଲ୍ୟ ସ୍ୱରୂପେ ନିଜ ଜୀବନ ଦେବାକୁ । ମୂଲ୍ୟ ଦେଇ ମୁକ୍ତ କରିବା ଅର୍ଥ ହେଲା ମୂଲ୍ୟ ସ୍ୱରୂପେ ଜୀବନ ବିନିମୟରେ ପାପୀକୁ ମୁକ୍ତ



କରିବା । ଭ୍ରଷ୍ଟ ପତିତ ମନୁଷ୍ୟ, ପାପ ଓ ମୃତ୍ୟୁର ବନ୍ଧନ ମଧ୍ୟରେ ରହିଥିଲା । କ୍ରୁଶ ଉପରେ ଦୁଃଖ ଓ ମୃତ୍ୟୁଭୋଗ କରି, ମନୁଷ୍ୟକୁ ମୁକ୍ତ କରିବା ନିମନ୍ତେ ଖ୍ରୀଷ୍ଟ ପୂର୍ଣ୍ଣ ମୂଲ୍ୟ ଦାନ କଲେ । ସାଧୁ ପିତର ଲେଖନ୍ତି, *'ମାତ୍ର ନିର୍ଦ୍ଦୋଷ ଓ ନିଖୁନ୍ତ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ଅମୂଲ୍ୟ ରକ୍ତ ଦ୍ୱାରା ମୁକ୍ତ ହୋଇଛ'* (୧ ପିତର ୧:୧୯) । ଯେଉଁମାନେ ବିଶ୍ୱାସର ସହିତ ଈଶ୍ୱରଙ୍କ ନିକଟକୁ ଫେରି ଆସନ୍ତି, ସେମାନେ ଈଶ୍ୱରଙ୍କ ନିମନ୍ତେ ଅମୂଲ୍ୟ ଧନ ସ୍ୱରୂପ ଓ ତାହାଙ୍କର ଅତି ପ୍ରିୟ । ଈଶ୍ୱର ସେମାନଙ୍କୁ କହନ୍ତି, *'ଭୟ କର ନାହିଁ, କାରଣ ମୁଁ ତୁମକୁ ମୁକ୍ତ କରିଛି, ମୁଁ ତୁମକୁ ନାମ ଧରି ଡାକିଛି, ତୁମେ ମୋର'* (ଯିଶାଇୟ ୪୩:୧) ।

## ନୂତନ ଜୀବନ

ଶେଷରେ ଆମ୍ଭେମାନେ ଏକ ନୂତନ ଆତ୍ମିକ ଜୀବନ ଲାଭ କରି ପାରିବୁ । ମନୁଷ୍ୟମାନେ ଯେପରି ସ୍ୱେଚ୍ଛାରେ ଜୀବନଯାପନ କରୁଥିଲେ, ତାହାର ପରିବର୍ତ୍ତନ ସାଧନ ଥିଲା ଖ୍ରୀଷ୍ଟଙ୍କ ମୃତ୍ୟୁର ଏକାନ୍ତ ଉଦ୍ଦେଶ୍ୟ । ଈଶ୍ୱରଙ୍କ ବାକ୍ୟରେ ତାହା ଏହିପରିଭାବେ ବ୍ୟକ୍ତ କରାଯାଇଅଛି ।

*'ସେ ତ ଆମକୁ ସମସ୍ତ ଅଧର୍ମରୁ ମୁକ୍ତ କରିବାକୁ ଏବଂ ଆମକୁ ସତ୍‌କର୍ମରେ ଉଦ୍‌ଯୋଗୀ କରି ତାହାଙ୍କ ନିଜସ୍ୱ ଲୋକ ଭାବେ ଶୁଦ୍ଧପୂତ କରିବାକୁ ଆମ ନିମନ୍ତେ ନିଜକୁ ସମର୍ପି ଦେଲେ'* (ତୀତସ ୨:୧୪) ।

*'ଯେଉଁମାନେ ଜୀବିତ, ସେମାନେ ଯେପରି ଆଉ ନିଜ ନିମନ୍ତେ ନ ବଞ୍ଚି ଯେ ସେମାନଙ୍କ ପାଇଁ ମୃତ୍ୟୁବରଣ କଲେ ଓ ପୁନରୁତ୍ଥିତ ହେଲେ, ତାହାଙ୍କ ନିମନ୍ତେ ବଞ୍ଚିବେ, ଏଥିପାଇଁ ସେ ସମସ୍ତଙ୍କ ନିମନ୍ତେ ମଲେ'* (୨ କରିନ୍ଥୀୟ ୫:୧୫) ।

*'ଆମେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ପାଇଁ ବଞ୍ଚିବୁ, ଏଥିପାଇଁ ସେ କ୍ରୁଶକାଠ ଉପରେ ନିଜ ଶରୀରରେ ଆମର ପାପ ବହନ କଲେ, ତାହାଙ୍କ କ୍ଷତସବୁ ଦ୍ୱାରା ତୁମ୍ଭେମାନେ ସୁସ୍ଥ ହୋଇଛ'* (୧ ପିତର ୨:୨୪) । ଏ ପାପରୁ ମୁକ୍ତି ଲାଭ କରିବା ପାଇଁ କ୍ରିୟାକର୍ମ ଧର୍ମକାର୍ଯ୍ୟ ସାଧନ ଓ ଜୀବନ ସଂଶୋଧନଠାରୁ ଆହୁରି କିଛି ଅଧିକ କରିବାକୁ ପଡ଼ିବ ।

ହୃଦୟର ସମ୍ପୂର୍ଣ୍ଣ ପରିବର୍ତ୍ତନ ବିନା ଆମ୍ଭମାନଙ୍କ ନିମନ୍ତେ ଅନନ୍ତ ଜୀବନ ଲାଭର ଆଶା ନାହିଁ । ଯୀଶୁ ବୁଝାଇ କହିଥିଲେ ଯେ, ଏହି ପରିବର୍ତ୍ତନ ନୂତନ ଜନ୍ମ ସ୍ୱରୂପ ଏବଂ ସେ ଦୃଢ଼ ଭାବରେ କହିଥିଲେ ଯେ, ପରିତ୍ରାଣ ନିମନ୍ତେ ଏହା ଏକାନ୍ତ ଆବଶ୍ୟକ । ଯୀଶୁ କହିଥିଲେ, *'ମୁଁ ତୁମକୁ ସତ୍ୟ କହୁଛି, ମନୁଷ୍ୟ ପୁନର୍ବାର ଜନ୍ମ ନ ହେଲେ ସେ ଈଶ୍ୱରଙ୍କ ରାଜ୍ୟ ଦେଖି ପାରିବ ନାହିଁ'* (ଯୋହନ ୩:୩) । ସେ ଦୁଇଥର ଏ କଥାର ପୁନରାବୃତ୍ତି କରିଥିଲେ, *'ମୁଁ ତୁମକୁ ସତ୍ୟ କହୁଛି, ଜଳ ଓ ଆତ୍ମାରୁ ଜାତ ନ ହେଲେ କୌଣସି ମନୁଷ୍ୟ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରେ ନାହିଁ, (ରକ୍ତ) ମାଂସରୁ ଯାହା ଜାତ ହୁଏ, ତାହା (ରକ୍ତ) ମାଂସ ଓ (ପବିତ୍ର) ଆତ୍ମାରୁ ଯାହା ଜାତ, ତାହା ଆତ୍ମା'* (ଯୋହନ ୩:୫,୬) । *'ତୁମ୍ଭମାନଙ୍କୁ ପୁନର୍ବାର ଜନ୍ମଲାଭ କରିବାକୁ ହେବ ବୋଲି ମୋର ଏହି ଉକ୍ତିରେ ତୁମେ ଆଶ୍ଚର୍ଯ୍ୟବୋଧ କର ନାହିଁ'* (ଯୋହନ ୩:୭) । ତା'ହେଲେ ଏ କଥାଗୁଡ଼ିକରୁ ସ୍ପଷ୍ଟ, ଯେପର୍ଯ୍ୟନ୍ତ କେହି ଆତ୍ମାରେ ନୂତନଭାବେ ଜନ୍ମଲାଭ ନ କରିଛି, ସେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବ ନାହିଁ ଓ ପାପରୁ ମୁକ୍ତ ହୋଇ ଈଶ୍ୱରଙ୍କ ସମ୍ମୁଖରେ ଆନନ୍ଦରେ ବାସ କରିପାରିବ ନାହିଁ । ଈଶ୍ୱରଙ୍କ ନିକଟରୁ ଆଗତ ଗୁରୁ ଯୀଶୁ ଖ୍ରୀଷ୍ଟ, ଅତି ସରଳ ଭାଷାରେ କହି ଅଛନ୍ତି ଯେ, କେବଳ ଧର୍ମ, ଧର୍ମ ସଂକ୍ରାନ୍ତୀୟ କ୍ରିୟାକର୍ମ, ମାନବିକତା ଓ ନୈତିକତା ଯଥେଷ୍ଟ ନୁହେଁ । ଆମ୍ଭମାନଙ୍କ ନିମନ୍ତେ ପ୍ରୟୋଜନ **ନୂତନ ଜୀବନ । ପୁନର୍ଜନ୍ମ ।**

ଆମ୍ଭମାନଙ୍କ ନିମନ୍ତେ ପୁଣି ଜନ୍ମ ହେବାର ପ୍ରୟୋଜନ ରହିଛି, ଖ୍ରୀଷ୍ଟଙ୍କର ଏ କଥାର ଅର୍ଥ ନୁହେଁ ଯେ, ମୃତ୍ୟୁ ପରେ ଆମ୍ଭମାନଙ୍କୁ ଥରକୁ ଥର ପୃଥିବୀରେ ଜନ୍ମ ନେବାକୁ ହେବ । ଜନ୍ମାନ୍ତରବାଦ ତାହାଙ୍କ ଶିକ୍ଷାର ବିଷୟ ନୁହେଁ । ତାହାଙ୍କ କହିବା ଅନୁସାରେ ନୂତନ ଜନ୍ମ ଏପରି ଏକ ଅନୁଭୂତି, ଯାହା ବର୍ତ୍ତମାନ ଓ ଏହି ଜୀବନରେ ଉପଲବ୍ଧି କରି ହୁଏ । ଏ ଜନ୍ମ ଶାରୀରିକ ନୁହେଁ, ଆତ୍ମିକ । ଏହାର ଅର୍ଥ 'ଈଶ୍ୱରଙ୍କ ଆତ୍ମାରେ' ଜନ୍ମଲାଭ କରିବା । ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରନ୍ତି, ସେମାନଙ୍କ ଜୀବନରେ ସେହି ନୂତନ ଜୀବନ ସମ୍ଭବ ହୁଏ । *'ଏହା ହିଁ ସେହି ସାକ୍ଷ୍ୟ ଯେ, ଈଶ୍ୱର*



*ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଛନ୍ତି ଏବଂ ଏହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ନିହିତ ଅଛି । ଯେ ପୁତ୍ରଙ୍କୁ ପାଇଛି, ସେ ଜୀବନ ପାଇଛି, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପାଇ ନାହିଁ, ସେ ଜୀବନ ପାଇ ନାହିଁ'* (୧ ଯୋହନ ୫:୧୧-୧୨) ।

ପୁଣିଥରେ ଜନ୍ମ ହେବାର ଅର୍ଥ ହେଲା, ଆତ୍ମିକ ମୃତ୍ୟୁରୁ ଉତ୍ଥାନ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ଜୀବିତ ହେବା ଓ ଈଶ୍ୱରଙ୍କ ସନ୍ତାନ ରୂପେ ନୂତନ ମନ, ନୂତନ ହୃଦୟ ଓ ନୂତନ ପ୍ରକୃତି ଲାଭ କରିବା । ବାଇବଲରେ ତାହା ଏହିପରି ଭାବେ ବ୍ୟକ୍ତ କରାଯାଉଛି– *'କେହି ଯଦି ଖ୍ରୀଷ୍ଟଙ୍କଠାରେ ଥାଏ, ତେବେ ସେ ହୁଏ ଏକ ନୂତନ ସୃଷ୍ଟି, ପୁରାତନ ଚାଲି ଯାଇଛି, ନୂତନର ଆଗମନ ହୋଇଛି'* (୨ୟ କରିନ୍ଥୀ ୫:୧୭) । ଏହି ନୂତନ ଜୀବନ, ବର୍ତ୍ତମାନର ଏହି ଜୀବନରୁ ଆରମ୍ଭ ହୋଇ ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଥାଏ । ସମସ୍ତ ପ୍ରକାର ଲୋକଙ୍କ ମଧ୍ୟରେ ଏହି ନୂତନ ଜୀବନ ହଠାତ୍ ଆରମ୍ଭ ହୋଇ ସେମାନଙ୍କ ଜୀବନକୁ ପରିବର୍ତ୍ତିତ କରେ । ଅତି ପାପୀ, ଦୁରାଚାରୀର ଜୀବନ ମଧ୍ୟ ସମ୍ପୂର୍ଣ୍ଣଭାବେ ପରିବର୍ତ୍ତିତ ହୋଇପାରେ ।

ଯେଉଁମାନେ 'ପୁନର୍ଜନ୍ମ' ଲାଭ କରନ୍ତି, ସେମାନେ ନୂତନଭାବେ ଜୀବନ ଯାପନ କରିବାକୁ ଆରମ୍ଭ କରନ୍ତି । ସେମାନଙ୍କ ଦୃଷ୍ଟିରେ ପାପ ଅତି ଜଘନ୍ୟ ରୂପ ଧାରଣ କରେ । ସେମାନେ ଯେ ପାପକୁ ଘୃଣା କରି ପାପ ବିରୁଦ୍ଧରେ କେବଳ ସଂଗ୍ରାମ ଆରମ୍ଭ କରନ୍ତି, ତାହା ନୁହେଁ, ଅତୀତ ଜୀବନକୁ ସଂଶୋଧନ କରିବା ନିମନ୍ତେ ମଧ୍ୟ ସେମାନେ ଯତ୍ନବାନ ହୁଅନ୍ତି ।

ଖ୍ରୀଷ୍ଟଙ୍କ ମୃତ୍ୟୁର ଏହି କେତେକ ସୁଫଳ ସମସ୍ତ ପାପୀମାନଙ୍କ ପାଇଁ ଉପଲବ୍ଧ । ପାପୀର ପାପକ୍ଷମା, ଶାନ୍ତି, ମୁକ୍ତି ଏବଂ ନୂତନ ଜୀବନ ଲାଭ ନିମନ୍ତେ ସେ ଅବ୍ୟକ୍ତ ଯନ୍ତ୍ରଣା ଓ ମୃତ୍ୟୁଭୋଗ କଲେ । ଈଶ୍ୱରଙ୍କୁ ଜାଣିବା ପାଇଁ, ତାହାଙ୍କର ଲୋକ ହେବା ପାଇଁ, ଜୀବନରେ ତାହାଙ୍କ ଆନନ୍ଦ ଲାଭ କରିବା ନିମନ୍ତେ ଏବଂ ତାହାଙ୍କୁ ସଦା ସର୍ବଦା ଗୌରବାନ୍ୱିତ କରିବା ନିମନ୍ତେ ସେ ଆମ୍ଭମାନଙ୍କ ପକ୍ଷେ ତାହା ସମ୍ଭବ କଲେ । ତାଙ୍କର ସେହି ଅମୂଲ୍ୟ ପ୍ରେମ କ'ଣ ଆମ ହୃଦୟକୁ ଅଧିକାର କରିବ ନାହିଁ ? ପୁଣି ତାହାଙ୍କଠାରେ ନିଜର ସର୍ବସ୍ୱ ଅର୍ପଣ କରିବାକୁ ଅନୁପ୍ରାଣିତ କରିବ ନାହିଁ ?

# ୫ ଗୁରୁ ପଥ ପ୍ରଦର୍ଶନ କରନ୍ତି

ଚିରସ୍ଥାୟୀ ଆନନ୍ଦ ଓ ଶାନ୍ତିର ପଥ କାହିଁ ? ଆମ୍ଭମାନଙ୍କର ଈଶ୍ୱରଙ୍କ ସଙ୍ଗେ ମିଳିତ ହେବାର ଉପାୟ କ'ଣ ? ପରିତ୍ରାଣ ପାଇବା ନିମନ୍ତେ ଆମ୍ଭମାନଙ୍କୁ କ'ଣ କରିବାକୁ ପଡ଼ିବ ? ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର କେତେକ ଉତ୍ତର ଆମ୍ଭେମାନେ ପାଇ ସାରିଛୁ । ବର୍ତ୍ତମାନ ଆମ୍ଭେମାନେ ଏହିସବୁ ପ୍ରଶ୍ନ ବିଷଦଭାବେ ଆଲୋଚନା କରିବା ।

ଆମ୍ଭେମାନେ ହୁଏତ ମନେ ମନେ ଭାବୁଥିବୁ, ଏସବୁ ପ୍ରଶ୍ନର କେବଳ ଗୋଟିଏମାତ୍ର ଉତ୍ତର ଥାଆନ୍ତା କି ? କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ, ଭିନ୍ନ ଭିନ୍ନ ଲୋକ, ଏ ପ୍ରଶ୍ନଗୁଡ଼ିକର ଭିନ୍ନ ଭିନ୍ନ ଉତ୍ତର ଦେଇଛନ୍ତି ଏବଂ ବହୁ କ୍ଷେତ୍ରରେ ଜଣକର ଉତ୍ତର ଅନ୍ୟର ଉତ୍ତରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

କେହି କେହି କହିଥା'ନ୍ତି ଯେ, କର୍ମମାର୍ଗ ଓ ସତ୍‌କର୍ମ ହିଁ ପ୍ରକୃତ ପଥ, ଅନ୍ୟ କେତେକଙ୍କର ଧାରଣା ଯେ ଭକ୍ତିମାର୍ଗ ହିଁ ପ୍ରକୃତ ପଥ ଓ ଆହୁରି ଅନେକେ କହିଥା'ନ୍ତି ଯେ, ଏକମାତ୍ର ପଥ ହେଉଛି ଜ୍ଞାନ ମାର୍ଗ । କେତେକଙ୍କ ମତରେ, ଉପରୋକ୍ତ ତିନୋଟି ମାର୍ଗକୁ ଅବିଚ୍ଛିନ୍ନ ଭାବରେ ଅନୁସରଣ କରିବା ପ୍ରକୃତ ପଥ ଓ ଅନ୍ୟ କେତେକଙ୍କ ମତରେ, ଯେକୌଣସି ଗୋଟିଏ ମାର୍ଗ ଅନୁସରଣ ମନୁଷ୍ୟ ନିମନ୍ତେ ଯଥେଷ୍ଟ । ତା'ଛଡ଼ା ନାନା ପ୍ରକାର ଯୋଗ ପ୍ରଣାଳୀ, ସାଧନା, ଧ୍ୟାନ, ତ୍ୟାଗ ଦ୍ୱାରା ପ୍ରକୃତ ପଥର ସନ୍ଧାନ ବିଷୟରେ ମଧ୍ୟ ଅନେକ କଥା ଶୁଣିବାକୁ ମିଳେ ।

କେଉଁ ବନ୍ଧନରୁ ଆମ୍ଭମାନଙ୍କ ମୁକ୍ତିର ପ୍ରୟୋଜନ ରହିଛି, ପ୍ରଥମେ ଆମ୍ଭେମାନେ ତାହା ବୁଝି ଦେଖିବା । ଅବଶ୍ୟ ଆମ୍ଭେମାନେ ପୂର୍ବ ଅଧ୍ୟାୟରେ ଏ ବିଷୟରେ ଆଲୋଚନା କରିଛୁ । କେତେକ କହନ୍ତି ଯେ, ଏ ମୁକ୍ତିର ଅର୍ଥ, ମାୟା, ଅଜ୍ଞାନତା, ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି । କେହି କେହି କର୍ମଫଳ ବିଷୟରେ କହିଥା'ନ୍ତି । ସେମାନେ କହନ୍ତି ଯେ, ପୂର୍ବ ଜନ୍ମରେ ଜଣେ ଯାହା କରିଥିବ, ଏ ଜନ୍ମରେ ତା'ର ଫଳ ଭୋଗ କରିବ । କର୍ମଫଳ ଭୋଗିବା ନିମନ୍ତେ



ମନୁଷ୍ୟକୁ ଯେ ଥରକୁ ଥର ପୃଥିବୀରେ ଜନ୍ମ ନେବାକୁ ପଡ଼ିଥାଏ, ସେମାନେ ତାହା ବିଶ୍ୱାସ କରିଥା'ନ୍ତି ଏବଂ ସେହି ପୁନର୍ଜନ୍ମରୁ ଉଦ୍ଧାର ପାଇବା ନିମନ୍ତେ ସେମାନେ ଚେଷ୍ଟା କରିଥା'ନ୍ତି ।

ଏହି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତି । ସେ କହନ୍ତି ଯେ, ପାପ ଓ ତାହାର କର୍ତ୍ତୃତ୍ୱରୁ ଆମ୍ଭମାନଙ୍କର ମୁକ୍ତି ଆବଶ୍ୟକ । ପାପକ୍ଷମା ଓ ନୂତନ ହୃଦୟ ଲାଭ କରି ଆମ୍ଭମାନଙ୍କୁ ଈଶ୍ୱରଙ୍କ ସଙ୍ଗେ ମିଳିତ ହେବାକୁ ପଡ଼ିବ । ଏହି ମୁକ୍ତି ଆମ୍ଭମାନଙ୍କ ନିମନ୍ତେ ମଙ୍ଗଳଜନକ ହେବ ଓ ଚିରକାଳ ନିମନ୍ତେ ଆମ୍ଭେମାନେ ସମସ୍ତ ପ୍ରକାର ଭୟରୁ ମୁକ୍ତିଲାଭ କରିବୁ । ଯେଉଁ ପଥଗୁଡ଼ିକ ଆମ୍ଭମାନଙ୍କୁ ମୁକ୍ତିର ସନ୍ଧାନ ଦେଇ ପାରିବ ବୋଲି ସାଧାରଣତଃ ବିଶ୍ୱାସ କରାଯାଏ, ସେଗୁଡ଼ିକୁ ପରୀକ୍ଷା କରି ଦେଖୁ । ସେସବୁ ଆମ୍ଭମାନଙ୍କର ପାପ ଦୂର କରି, ପାପର କବଳରୁ ସମ୍ପୂର୍ଣ୍ଣଭାବେ ମୁକ୍ତ କରି, ଆମ୍ଭମାନଙ୍କୁ ଈଶ୍ୱରଙ୍କ ସମୀପକୁ ନେଇଯାଏ କି ନାହିଁ, ତାହା ମଧ୍ୟ ପରୀକ୍ଷା କରି ଦେଖୁ ।

## କର୍ମ ମାର୍ଗ

କେହି ହୁଏତ କହିପାରନ୍ତି, 'କର୍ମ ମାର୍ଗ ଓ ସତ୍‌କର୍ମ ହିଁ ମୋ' ପକ୍ଷରେ ଯଥେଷ୍ଟ । ଏହା ବ୍ୟତୀତ ଆମ୍ଭମାନଙ୍କ ପକ୍ଷରେ ମୁକ୍ତିଲାଭ ଅସମ୍ଭବ ।'

ଆମ୍ଭମାନଙ୍କର ସମସ୍ତ ହୃଦୟ ଦେଇ ଈଶ୍ୱରଙ୍କ ସେବା ଓ ତାହାଙ୍କ ଗୌରବ ନିମନ୍ତେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ମଙ୍ଗଳସାଧନ ମଧ୍ୟ ଆମ୍ଭମାନଙ୍କର ପ୍ରକୃତ କର୍ତ୍ତବ୍ୟ । ଈଶ୍ୱରଙ୍କ ସେବାରେ ସତ୍‌କର୍ମର ସ୍ଥାନ ଅତି ଉଚ୍ଚରେ । ତେଣୁ ପ୍ରକୃତ ସେବା କ'ଣ ଓ ତାହା କିପରି କରିବାକୁ ହେବ, ତାହା ମଧ୍ୟ ଜାଣିବା ଆବଶ୍ୟକ ।

ଆମ୍ଭମାନଙ୍କର ପ୍ରକୃତି ଓ ସ୍ୱଭାବ କି ପ୍ରକାର, ଯୀଶୁ ସେ ସମ୍ବନ୍ଧରେ ଯେଉଁ ଶିକ୍ଷା ଦେଇଥିଲେ, ଆମ୍ଭେମାନେ ପୂର୍ବରୁ ସେ ବିଷୟ ଆଲୋଚନା କରିସାରିଛୁ । ଆମ୍ଭମାନଙ୍କର ପ୍ରକୃତି ମନ୍ଦ । ତେଣୁ ଆମ୍ଭେମାନେ ଆପେ ଆପେ ଯେ କୌଣସି ଉତ୍ତମ କର୍ମ କରିପାରିବୁ ନାହିଁ ତାହା ସ୍ୱତଃସିଦ୍ଧ । ଆମ୍ଭମାନଙ୍କର ଅତି ଉତ୍ତମ କାର୍ଯ୍ୟରେ ମଧ୍ୟ ପାପର ଦାଗ ରହିଥିବ ।

କଣ୍ଟା ଗଛରେ ଆମ୍ବ ଫଳି ପାରେନା । ଝରଣା ଯେଉଁଠାରୁ ବାହାରିଥାଏ, ସେ ସ୍ଥାନରେ ଯଦି ତା'ର ଜଳ ତିକ୍ତ ହୁଏ, ତେବେ ଝରଣାର ଜଳ କେବେହେଲେ ମଧୁର ହୋଇପାରେନା । କର୍ମ ଦ୍ୱାରା ଆମ୍ଭମାନଙ୍କର ମୁକ୍ତି ସମ୍ଭବ ନୁହେଁ, କାରଣ ଆମ୍ଭମାନଙ୍କର କର୍ମ ଶୁଦ୍ଧ, ପବିତ୍ର ନୁହେଁ । ମନ୍ଦ ବିଷୟରୁ କେହି କ'ଣ ଉତ୍ତମ ବିଷୟ ବାହାର କରିପାରେ ? ପୃଥିବୀରେ ଅନନ୍ତକାଳ ପର୍ଯ୍ୟନ୍ତ ବଞ୍ଚି ମଧ ଆମ୍ଭମାନଙ୍କ ଦ୍ୱାରା ତାହା ସମ୍ଭବ ହେବ ନାହିଁ । ବରଂ କହିବାକୁ ହେବ ଯେ, ଆମ୍ଭେମାନେ ଯଦି ପୃଥିବୀରେ ଥରକୁ ଥର ଜନ୍ମଲାଭ କରୁ, ତେବେ ସେହି ଅନୁପାତରେ ଆମ୍ଭମାନଙ୍କର ପାପ ମଧ ବୃଦ୍ଧି ପାଇବ ।

ମନୁଷ୍ୟର ପାପ ଓ ଦୁର୍ବଳତା ସମ୍ବନ୍ଧରେ ଜଣେ ଭକ୍ତ ସାଧୁ କହିଅଛନ୍ତି, *'ମୁଁ ଜାଣେ ଯେ ମୋ' ମଧରେ, ଅର୍ଥାତ୍ ମୋର ପାପପ୍ରକୃତି ମଧରେ କୌଣସି ଉତ୍ତମତା ନାହିଁ । ଯେହେତୁ, ଯାହା ଉତ୍ତମ, ତାହା କରିବାକୁ ମୋର ଇଚ୍ଛା ଅଛି, କିନ୍ତୁ ତାହା ସାଧନ କରିବାକୁ ମୋର ସାମର୍ଥ୍ୟ ନାହିଁ । ଅତଏବ ଏହି ନିୟମ ମୋ'ଠାରେ କାର୍ଯ୍ୟକାରୀ ହେବାର ମୁଁ ଦେଖୁଛି- ଯେତେବେଳେ ମୁଁ ଉତ୍ତମ କର୍ମ କରିବାକୁ ଇଚ୍ଛା କରୁଛି, ମନ୍ଦ ମୋର ଅତି ନିକଟରେ'* (ରୋମୀ ୭:୧୮,୨୧) । ପ୍ରକୃତରେ ଏହି ନିୟମ ମଧରେ ଆମ୍ଭେମାନେ ପୃଥିବୀରେ ବଞ୍ଚି ରହିଛୁ ଏବଂ ଆମ୍ଭମାନଙ୍କର ସେ ବିଷୟରେ ଧାରଣା ଥାଉ ବା ନ ଥାଉ, ସେ ବ୍ୟବସ୍ଥା ଆମ୍ଭମାନଙ୍କ ପକ୍ଷରେ ରୁଚିକର ହେଉ ବା ନ ହେଉ, ତାହା ହିଁ ପ୍ରକୃତ ସତ୍ୟ ।

କୌଣସି ଉପାୟରେ, ନିଜ ଚେଷ୍ଟାରେ ନିଜର ପରିବର୍ତ୍ତନ ସାଧନ ମଧ ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ । *'ଇଥିଓପୀୟ ମନୁଷ୍ୟ କ'ଣ ନିଜର (କୃଷ୍ଣବର୍ଣ୍ଣ) ଚର୍ମ, ଅବା ଚିତାବାଘ କ'ଣ ନିଜ ଦେହର ଦାଗ ବଦଳାଇ ପାରେ ?'* (ଯିରିମିୟ ୧୩:୨୩) ।

ଆମ୍ଭମାନଙ୍କ ଦ୍ୱାରା ଶରୀରର ସାମାନ୍ୟ ବାହ୍ୟିକ ପରିବର୍ତ୍ତନ ଯଦି ସମ୍ଭବ ହୋଇପାରେନା, ତେବେ ଆମ୍ଭେମାନେ ପ୍ରକୃତିର ସମ୍ପୂର୍ଣ୍ଣ ପରିବର୍ତ୍ତନ କରିପାରିବୁ କିପରି ? ହୃଦୟର ପରିବର୍ତ୍ତନ ତୁଳନାରେ ଶରୀର ଚର୍ମର ପରିବର୍ତ୍ତନ କିଛି ନୁହେଁ । ଶରୀର ଓ ଆତ୍ମାର ନିୟନ୍ତ୍ରଣ କୃଚ୍ଛ୍ରସାଧନା, ତ୍ୟାଗ, ଉତ୍ସର୍ଗୀକୃତ



ଜୀବନ, କର୍ତ୍ତବ୍ୟ ସାଧନା, ଯୋଗ, ତପଃ, ଧର୍ମସଂକ୍ରାନ୍ତୀୟ କ୍ରିୟାକର୍ମ (ହିନ୍ଦୁ, ଖ୍ରୀଷ୍ଟିୟାନ ବା ଅନ୍ୟ ଯେ, କୌଣସି ଧର୍ମର) ଯାହା ଆମ୍ଭମାନଙ୍କ ଦୃଷ୍ଟିରେ ସତ୍‌କର୍ମ, ସେସମସ୍ତ ଆମ୍ଭମାନଙ୍କ ମନ୍ଦ ପ୍ରକୃତିର ପରିବର୍ତ୍ତନ କରିପାରିବ ନାହିଁ । ଜୀବନରେ ସାମାନ୍ୟ କିଛି ସୃଷ୍ଟି କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ନୁହେଁ, ତେଣୁ ନିଜ ଚେଷ୍ଟାରେ ଆମ୍ଭେମାନେ ନୂତନ ଓ ପବିତ୍ର ପ୍ରକୃତି ସୃଷ୍ଟି କରିବା କିପରି ? କୌଣସି କର୍ମ ଦ୍ୱାରା ଏହା ସମ୍ଭବ ନୁହେଁ । ଅଧିକରୁ ଅଧିକ ଫଳ ଫଳି କୌଣସି ମନ୍ଦ ବୃକ୍ଷ କେବେ ଉତ୍ତମ ହୋଇପାରେନା ।

ଅବଶ୍ୟ ବାହ୍ୟିକଭାବେ ଆମ୍ଭେମାନେ ନିଜ ନିଜର ସଂଶୋଧନ କରିପାରୁ । ଆମ୍ଭେମାନେ କେତେକ ମନ୍ଦ ଅଭ୍ୟାସ ତ୍ୟାଗ କରିପାରୁ, ବାହ୍ୟିକ କେତେକ ଦୁଷ୍କର୍ମରୁ ନିଜ ନିଜକୁ ସଂଯତ କରି ନିଜକୁ ଧାର୍ମିକ, ସତ୍ ଓ ସାଧୁ ଦେଖାଇପାରୁ ଓ ନିଜ ନିଜ ଧାର୍ମିକତା ବିଷୟରେ ନିଜ ମନରେ ଉଚ୍ଚ ଧାରଣା ସୃଷ୍ଟି କରିପାରୁ । କିନ୍ତୁ ଏସବୁ ମଧ୍ୟରୁ କୌଣସି ଗୋଟିଏ ମଧ ଆମ୍ଭମାନଙ୍କ ହୃଦୟରେ ପ୍ରକୃତ ପରିବର୍ତ୍ତନ ଆଣି ଆମ୍ଭମାନଙ୍କୁ ଧାର୍ମିକ କରି ପାରିବ ନାହିଁ । କେତେକ ପରିମାଣରେ ଆମ୍ଭେମାନେ ଅଭ୍ୟାସର ପରିବର୍ତ୍ତନ କରିପାରୁ, କିନ୍ତୁ ପ୍ରକୃତିର ପରିବର୍ତ୍ତନ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ନୁହେଁ ।

ପାପ, ଶରୀରରେ ଲାଗିଥିବା ସାମାନ୍ୟ ମଇଳା ନୁହେଁ ଯେ, ତାକୁ ଧୋଇ ସହଜରେ ପରିଷ୍କାର କରିହେବ । ପାପ, ଅନ୍ତର ତଳର ଜଘନ୍ୟ କଳଙ୍କ ଓ ତାହାକୁ ପରିଷ୍କାର କରିବା ମନୁଷ୍ୟ ପକ୍ଷରେ ଅସାଧ୍ୟ । ପାପ, ଶରୀର ଉପର ସାମାନ୍ୟ କ୍ଷତ ନୁହେଁ ଯେ, ମଲମ ଲଗାଇ ତାକୁ ଭଲ କରି ହେବ, ଏହା ଆମ୍ଭମାନଙ୍କ ଅନ୍ତଃସ୍ଥଳର ଦୁଃସାଧ୍ୟ ରୋଗ ଓ ମନୁଷ୍ୟର ଶତଚେଷ୍ଟା ମଧ ତାହାକୁ ଆରୋଗ୍ୟ କରି ପାରେନା । ପାପ, ମନୁଷ୍ୟ ଓ ଈଶ୍ୱରଙ୍କ ମଧରେ ଏକ ଗଭୀର ଖାତ, ତେଣୁ ଉତ୍ତମ କର୍ମ ଦ୍ୱାରା ମନୁଷ୍ୟର ସମସ୍ତ ଚେଷ୍ଟା, ତା' ଉପରେ ସେତୁ ପ୍ରସ୍ତୁତ କରି ପାରେନା ।

କୌଣସି ଗଭୀର ଖାତରୁ ନିଜକୁ ଉଦ୍ଧାର କରିବାକୁ ଯାଇ ନିଜ କେଶଗୁଚ୍ଛ ଧରି ଉପରକୁ ଟାଣି ନିଜକୁ ଉପରକୁ ଆଣିବା ଯେପରି ଅସମ୍ଭବ, ନିଜ ଚେଷ୍ଟାରେ ନିଜ ପାପ ପ୍ରକୃତିକୁ ଦୂର କରିବା ଚେଷ୍ଟା ମଧ ସେହିପରି ଅସମ୍ଭବ ।

କେହି ଜଣେ କହିଛନ୍ତି–ନିଆଁର ନଦୀସ୍ରୋତ ଉପରେ ଲହୁଣୀର ସେତୁ ବାନ୍ଧିବା ଚେଷ୍ଟା ସଙ୍ଗେ ଏହା ସମାନ । ଯେଉଁମାନେ ପାପରେ ଅନ୍ଧ ହୋଇ ଯାଇଛନ୍ତି, କେବଳ ସେହିମାନେ ହିଁ ନିଜ ଚେଷ୍ଟାରେ ନିଜକୁ ରକ୍ଷା କରିବାର କଳ୍ପନା କରି ପାରନ୍ତି । ପତିତ ଅବସ୍ଥାରୁ, ନିଜ ଚେଷ୍ଟାରେ ନିଜକୁ ଉଠାଇବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ । ଈଶ୍ୱର ଏ ବିଷୟରେ କହନ୍ତି–

*'ବିଧିବ୍ୟବସ୍ଥା ପାଳନ କରି କେହି ତାହାଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହେବ ନାହିଁ, ବରଞ୍ଚ ବିଧିବ୍ୟବସ୍ଥା ଦ୍ୱାରା ଆମେ ପାପର ବୋଧ ପାଉ'* (ରୋମୀୟ ୩:୨୦) ।

*'ସେତେବେଳେ ସେ ଆମର କୃତ ଧର୍ମକର୍ମ ସକାଶେ ନ କରି ତାହାଙ୍କର ଦୟା ହେତୁ ଆମକୁ ପରିତ୍ରାଣ କଲେ । ସେ ଆମକୁ ନୂତନ ଜନ୍ମର ପ୍ରକ୍ଷାଳନ ଏବଂ ପବିତ୍ରଆତ୍ମାଙ୍କ ନୂତନୀକରଣ ଦ୍ୱାରା ପରିତ୍ରାଣ କଲେ'* (ତୀତସ ୩:୫) ।

*'କାରଣ ବିଶ୍ୱାସ ହେତୁ ଅନୁଗ୍ରହ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଛ ଏବଂ ଏହା ତୁମଠାରୁ ହୋଇ ନାହିଁ, ଏହା ଈଶ୍ୱରଙ୍କ ଦାନ । କେହି ଯେପରି ଦର୍ପ କରି ପାରିବ ନାହିଁ, ଏଥିପାଇଁ ଏହା କ୍ରିୟାକର୍ମ ଦ୍ୱାରା ହୋଇ ନାହିଁ । କାରଣ ଆମେ ଈଶ୍ୱରଙ୍କ କାରୁକର୍ମ, ଯେଉଁ ସବୁ ସତ୍‌କର୍ମ ଆମେ କରିବୁ ବୋଲି ଈଶ୍ୱର ପୂର୍ବରୁ ନିରୂପଣ କରିଥିଲେ, ତାହା କରିବାକୁ ଆମେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ ହୋଇଛୁ'* (ଏଫିସୀୟ ୨:୮–୧୦) ।

ଈଶ୍ୱରଙ୍କ କୌଣସି କଥାରେ ବିଶ୍ୱାସ ସ୍ଥାପନ କରିବାକୁ ଆମ୍ଭମାନଙ୍କୁ ଅନେକ ସମୟ ଲାଗେ, ତେଣୁ ଈଶ୍ୱର ଆମ୍ଭମାନଙ୍କୁ ସେହି ଗୋଟିଏ କଥା ଥରକୁ ଥର ଶୁଣାଉଅଛନ୍ତି । 'କେବଳ କର୍ମରେ ନୁହେଁ ।' ଈଶ୍ୱରଙ୍କ ସନ୍ତାନର ଜୀବନରେ ସତ୍‌କର୍ମର ସ୍ଥାନ କେଉଁଠାରେ ପୂର୍ବୋକ୍ତ ଉଦ୍ଧୃତାଂଶଗୁଡ଼ିକର ଶେଷଟିରେ ଆମ୍ଭେମାନେ ତାହା ଲକ୍ଷ୍ୟ କରିପାରୁ । ଉତ୍ତମ କର୍ମ କରି ଆମ୍ଭେମାନେ ମୁକ୍ତ ହୋଇପାରିବା ନାହିଁ, ମୁକ୍ତିଲାଭ କଲା ପରେ କେବଳ ଆମ୍ଭେମାନେ ଉତ୍ତମ କର୍ମ କରି ପାରିବା ।

ଈଶ୍ୱରଙ୍କ ପ୍ରତି ପ୍ରେମ ଓ କୃତଜ୍ଞତା ପ୍ରଦର୍ଶନପୂର୍ବକ ଉତ୍ତମ କର୍ମ କରାଯିବା ଉଚିତ୍, କାରଣ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କରିବାକୁ ସେ ନିଜ



ପୁତ୍ରଙ୍କୁ ପଠାଇ ଅଛନ୍ତି ଓ ଆମ୍ଭମାନଙ୍କର ପାପ କ୍ଷମା କରି ଆମ୍ଭମାନଙ୍କୁ ନୂତନ ଜୀବନ ଦାନ କରିଅଛନ୍ତି । ମୁକ୍ତି ନିମନ୍ତେ କର୍ମ ମାର୍ଗ ଚଳିବ ନାହିଁ କିମ୍ବା କେବଳ ଖ୍ରୀଷ୍ଟଙ୍କର ପ୍ରକୃତ ଶିଷ୍ୟ ହେବା ନିମନ୍ତେ ମନୁଷ୍ୟର ନିଚ ଚେଷ୍ଟା ମଧ୍ୟ ଯଥେଷ୍ଟ ନୁହେଁ ।

ବର୍ତ୍ତମାନ ପାଇଁ ଆମ୍ଭମାନଙ୍କ ଚେଷ୍ଟା ହୁଏତ ଫଳପ୍ରଦ ହୋଇପାରେ, କିନ୍ତୁ ସେପରି ଚେଷ୍ଟା ଦ୍ୱାରା ଆମ୍ଭମାନଙ୍କ ଅତୀତ ଜୀବନର ପାପ ଓ ଦୋଷ ଦୂର ହୋଇ ପାରିବ ନାହିଁ । ଆମ୍ଭେମାନେ ବର୍ତ୍ତମାନ ଓ ଭବିଷ୍ୟତରେ ଯେତେ ଉତ୍ତମ କର୍ମ କରୁନା କାହିଁକି, ଆମ୍ଭମାନଙ୍କର ଅତୀତ ହିଁ ଆମ୍ଭମାନଙ୍କୁ ଚିରକାଳ ପାଇଁ ଦୋଷୀ ସାବ୍ୟସ୍ତ କରିବ । ଆଉ ଥରେ ଏହାର ପୁନରାବୃତ୍ତି କରାଯାଉଛି ଯେ, ଧର୍ମ ସଂକ୍ରାନ୍ତ କୌଣସି କ୍ରିୟାକର୍ମ, ନିୟମ ଅନୁମୋଦିତ କୌଣସି କାର୍ଯ୍ୟ ବା ମନୁଷ୍ୟର ଯଥାଶକ୍ତି ଉଦ୍ୟମ, ଆମ୍ଭମାନଙ୍କ ପାପ ନେଇ ପାରିବ ନାହିଁ କିମ୍ବା ଆତ୍ମ ପ୍ରକୃତିକୁ ବଦଳାଇ ପାରିବ ନାହିଁ ବା ଆମକୁ ଈଶ୍ୱରଙ୍କର ନିକଟବର୍ତ୍ତୀ କରି ପାରିବ ନାହିଁ । ଏକଥା ଯେ ସମ୍ପୂର୍ଣ୍ଣ ସତ୍ୟ, ତାହା ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ । ଆମ୍ଭେମାନେ ଅବଶ୍ୟ ଜାଣୁ ଯେ, ପୃଥିବୀର ଅଧିକାଂଶ ଲୋକଙ୍କ ବିଶ୍ୱାସ ଠିକ୍ ଏହାର ବିପରୀତ । ଏହାର କାରଣ ହେଲା, ସେମାନେ ଈଶ୍ୱରଙ୍କ ବାକ୍ୟ ଓ ଖ୍ରୀଷ୍ଟଙ୍କର ଶିକ୍ଷା ବୁଝିପାରି ନ ଥା'ନ୍ତି ।

ଖ୍ରୀଷ୍ଟଙ୍କ କ୍ରୁଶ ବିଷୟରେ ଚିନ୍ତା କରନ୍ତୁ । ଆମ୍ଭେମାନେ ଯଦି ନିଜ ଚେଷ୍ଟାରେ ଉଦ୍ଧାର ପାଇ ପାରିଥା'ନ୍ତୁ ତେବେ ଦୁଃଖ ଓ ମୃତ୍ୟୁ ଭୋଗ କରିବା ନିମନ୍ତେ, ଈଶ୍ୱର କ'ଣ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ପୃଥିବୀକୁ ପଠାଇଥା'ନ୍ତେ ? ଏ ପ୍ରଶ୍ନ ହିଁ ଏହାର ଯଥାର୍ଥ ଉତ୍ତର । *'ମୁଁ ଈଶ୍ୱରଙ୍କ ଅନୁଗ୍ରହକୁ ରଦ୍ କରୁ ନାହିଁ, କାରଣ ବିଧିବ୍ୟବସ୍ଥା ପାଳନ ଦ୍ୱାରା ଯଦି ଧାର୍ମିକତା ଲାଭ କରାଯାଇ ପାରନ୍ତା, ତେବେ ଖ୍ରୀଷ୍ଟ ବୃଥାରେ ମୃତ୍ୟୁବରଣ କଲେ'* (ଗାଲାତୀୟ ୨:୨୧) । କ୍ରୁଶ ସ୍ୱଷ୍ଟଭାବେ ଏହି କଥା ଘୋଷଣା କରେ ଯେ, ମନୁଷ୍ୟର ପରିତ୍ରାଣ ନିମନ୍ତେ କର୍ମ ମାର୍ଗ ନୁହେଁ, ମାତ୍ର ତା'ଠାରୁ ଅଧିକ ଉପଯୋଗୀ ଅନ୍ୟ ଏକ ବିଷୟର ପ୍ରୟୋଜନ ରହିଛି ।

## ଜ୍ଞାନ ମାର୍ଗ

ହଁ, କେହି ହୁଏତ କହିପାରନ୍ତି ଯେ, କର୍ମ ମାର୍ଗ ଦ୍ୱାରା ଆମ୍ଭମାନଙ୍କର ମୁକ୍ତିସାଧିତ ହୋଇପାରିବ ନାହିଁ । ଜ୍ଞାନ ମାର୍ଗ ଅର୍ଥାତ୍ ଆତ୍ମିକ ଜ୍ଞାନ ଓ ହୃଦୟରେ ଆଲୋକ ପ୍ରାପ୍ତି ହିଁ ମୁକ୍ତିର ପ୍ରକୃତ ପଥ ।

ଆତ୍ମିକ ଜ୍ଞାନଲାଭ ମନୁଷ୍ୟ ପକ୍ଷରେ ପ୍ରକୃତରେ ଅପରିହାର୍ଯ୍ୟ । ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ବିଷୟରେ ଓ ଈଶ୍ୱରଙ୍କ ବିଷୟରେ ସତ୍ୟ ଜ୍ଞାନଲାଭ କରିବାକୁ ପଡ଼ିବ । ଏହି ସତ୍ୟ ଜ୍ଞାନ ଉପରେ ଆମେ ବିଶେଷ ଗୁରୁତ୍ୱ ଆରୋପ କରୁ । ଆମ୍ଭେମାନେ ଯେ ପାପୀ ଓ ଈଶ୍ୱର ପବିତ୍ର, ଅସୀମ ଓ ଆମ୍ଭମାନଙ୍କଠାରୁ ବହୁ ଉର୍ଦ୍ଧ୍ୱରେ, ଏ ସତ୍ୟ ଆମ୍ଭମାନଙ୍କୁ ଉପଲବ୍ଧି କରିବାକୁ ହେବ । ବ୍ୟକ୍ତିଗତଭାବେ ଈଶ୍ୱରଙ୍କୁ ଜାଣିବା ଓ ତାହାଙ୍କ ସମ୍ବନ୍ଧୀୟ ଜ୍ଞାନ ପାଇବା ଆମ୍ଭମାନଙ୍କ ପକ୍ଷରେ ଏକାନ୍ତ ଆବଶ୍ୟକ । କିନ୍ତୁ ଏପରି ଜ୍ଞାନ ମଧ୍ୟ ରହିଛି, ଯାହ ପ୍ରକୃତ ଜ୍ଞାନର ସ୍ତରଠାରୁ ବହୁ ନିମ୍ନରେ ଏବଂ ସେଥି ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ଏହା ମଧ୍ୟ ବୁଝିବାକୁ ହେବ ଯେ, ଅଜ୍ଞାନତାରୁ ମୁକ୍ତି 'ପରିତ୍ରାଣ' ନୁହେଁ, କିନ୍ତୁ ପାପରୁ ମୁକ୍ତିଲାଭ ହିଁ ପ୍ରକୃତ ପରିତ୍ରାଣ ବା ମୁକ୍ତି ।

ସମସ୍ତ ପ୍ରକାର ଜ୍ଞାନ, ଦର୍ଶନ ଓ ଅନୁଶୀଳନ ସତ୍ତ୍ୱେ, ମନୁଷ୍ୟ ଈଶ୍ୱରଙ୍କ ସତ୍ୟଜ୍ଞାନର ସୀମା ମଧ୍ୟ ସ୍ପର୍ଶ କରିପାରି ନାହିଁ । *'କାରଣ ଜଗତ ନିଜ ଜ୍ଞାନ ବଳରେ ଈଶ୍ୱରଙ୍କୁ ଚିହ୍ନି ନ ପାରିବାରୁ ଯେଉଁ ପ୍ରଚାରିତ ବାର୍ତ୍ତା ଜଗତ ଦୃଷ୍ଟିରେ ମୂର୍ଖତା, ତାହା ଦ୍ୱାରା ଈଶ୍ୱର ନିଜ ଜ୍ଞାନରେ ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବାକୁ ପ୍ରୀତ ହେଲେ'* (୧ କରିନ୍ଥୀୟ ୧:୨୧) । ସୃଷ୍ଟିର ଆରମ୍ଭ ସମୟରେ, ଈଶ୍ୱର ଥରକୁ ଥର ମନୁଷ୍ୟ ନିକଟରେ ପ୍ରକାଶିତ ହେବା ଫଳରେ ସେ ଈଶ୍ୱରଙ୍କୁ ଜାଣିଥିଲା, କିନ୍ତୁ ଈଶ୍ୱରଙ୍କୁ ଯେ ସେ ପୂର୍ଣ୍ଣ ଭାବରେ ଜାଣିପାରିଥିଲା, ତାହା ଦୃଢ଼ ଭାବରେ କହିହେବ ନାହିଁ । ପୂର୍ବବର୍ତ୍ତୀ ଏକ ଅଧ୍ୟାୟରେ ଆମ୍ଭେମାନେ ଦେଖିପାରିଛୁ ଯେ, ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କ ଆଦି ପିତାମାତାଙ୍କର ପ୍ରକୃତ ଜ୍ଞାନ ଥିଲା । ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ପାପ ଓ ଅଜ୍ଞାନତାର ପ୍ରତିବନ୍ଧକ ନ ଥିଲା । ତେଣୁ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଯୋଗାଯୋଗର କୌଣସି ବାଧା ନ ଥିଲା । ତଥାପି ଏହା ମନୁଷ୍ୟକୁ ପାପ ଓ ଧ୍ୱଂସରୁ ରକ୍ଷା



କରିପାରି ନ ଥିଲା ଏବଂ ପରିଣାମରେ ସମସ୍ତ ମନୁଷ୍ୟ ଜାତିର ପତନ ହୋଇଥିଲା ।

ନିଜ ସମ୍ପର୍କରେ ଜ୍ଞାନ ଓ ଈଶ୍ୱରଙ୍କ ସମ୍ବନ୍ଧରେ ସତ୍ୟଜ୍ଞାନ, ଆମ୍ଭମାନଙ୍କର ଦୋଷତ୍ରୁଟି ଓ ପାପ ଦୂର କରି ପାରିବ ନାହିଁ ବା ଆମ୍ଭମାନଙ୍କୁ ନୂତନ ପ୍ରକୃତି ଦାନ କରି, ପବିତ୍ର ଈଶ୍ୱରଙ୍କ ସମ୍ମୁଖରେ ବାସ କରିବା ନିମନ୍ତେ ଉପଯୁକ୍ତ କରି ପାରିବ ନାହିଁ । ପାପୀ ହୁଏତ ନିଜ ପାପ ଉପଲବ୍ଧି କରିପାରେ, ଈଶ୍ୱରଙ୍କ ବାସ୍ତବତା ସମ୍ବନ୍ଧରେ ସତ୍ୟଜ୍ଞାନ ଲାଭ କରିପାରେ, କିନ୍ତୁ ତାହା କେବଳ ତା' ଜୀବନରେ ପରିବର୍ତ୍ତନ ଆଣିପାରିବ ନାହିଁ ।

ଜ୍ଞାନଲାଭ କରି ସେ କେବଳ ବୁଝିପାରିବ ଯେ, ତା'ର ଜୀବନ ନିମନ୍ତେ ପରିବର୍ତ୍ତନର ପ୍ରୟୋଜନ ରହିଛି । ଅବଶ୍ୟ ଆମ୍ଭମାନଙ୍କ ନିମନ୍ତେ ଜ୍ଞାନର ଗୁରୁତ୍ୱ ରହିଛି, କାରଣ ମନ୍ଦକୁ ପରିତ୍ୟାଗ କରି ସତ୍ୟ ଈଶ୍ୱରଙ୍କୁ ସନ୍ଧାନ କରିବା ନିମନ୍ତେ ତାହା ଆମ୍ଭମାନଙ୍କୁ ସାହାଯ୍ୟ କରିବ । କିନ୍ତୁ ଅତୀତର ଗୋଟିଏ ମାତ୍ର ପାପକୁ ମଧ୍ୟ ଏହା ନିଶ୍ଚିତ କରି ପାରିବ ନାହିଁ । ଯେ ପର୍ଯ୍ୟନ୍ତ, ଅତୀତର ଗୋଟିଏ ମାତ୍ର ପାପ ମଧ୍ୟ ଆମ୍ଭମାନଙ୍କ ଜୀବନରେ ରହିଥିବ, ତାହା ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ରଖିଥିବ ।

ପୃଥିବୀରେ ଏପରି ଜ୍ଞାନ ନାହିଁ, କେବଳ ଯାହା ସାହାଯ୍ୟରେ ମନୁଷ୍ୟର ପାପପୂର୍ଣ୍ଣ ହୃଦୟର ପରିବର୍ତ୍ତନ ସମ୍ଭବ ହୋଇପାରେ । ପୃଥିବୀରେ ଏପରି କେହି ନାହିଁ, ଯେ ଆମ୍ଭମାନଙ୍କର ପାପ ଓ ଅପରାଧ ଦୂର କରି ଆମ୍ଭମାନଙ୍କୁ ଆତ୍ମିକ ଜୀବନ ଦାନ କରି ପାରିବ ।

ଧରନ୍ତୁ, ଜଘନ୍ୟ କୌଣସି ଅପରାଧରେ ଅଭିଯୁକ୍ତ ହୋଇ ଜଣେ ଦୋଷୀ ବିଚାରାଳୟରେ ଠିଆ ହୋଇଛି । ବିଚାରକର୍ତ୍ତାଙ୍କ ସଙ୍ଗେ ତା'ର ଘନିଷ୍ଠ ସମ୍ପର୍କ ଥାଇପାରେ । କିନ୍ତୁ ବିଚାରକର୍ତ୍ତା ଯଦି ନ୍ୟାୟବନ୍ତ ହୋଇଥିବେ ଓ ଆଇନ୍ ପ୍ରତି ଲକ୍ଷ୍ୟ ରଖି ବିଚାର କରୁଥିବେ, ତେବେ ସେ ତା'ର ଦୋଷ କ୍ଷମା କରି ତାକୁ ଦଣ୍ଡରୁ ମୁକ୍ତ କରି ପାରିବେ ନାହିଁ । ଅପରାଧି ଓ ପାପୀ ରୂପେ ଆମ୍ଭେମାନେ ସମସ୍ତେ ଈଶ୍ୱରଙ୍କ ସମ୍ମୁଖରେ ଠିଆ ହୋଇଛୁ । ଈଶ୍ୱର ନ୍ୟାୟବାନ୍ ଓ ନିୟମର ରକ୍ଷକ । ଜ୍ଞାନ ଦିଗରୁ ଆମ୍ଭେମାନେ ଈଶ୍ୱରଙ୍କୁ ଯେତେ ଭଲଭାବେ ଜାଣିଥିଲେ

ମଧ୍ୟ ସେ ଆମ୍ଭମାନଙ୍କର ଅପରାଧ, ଏପରିକି ଗୋଟିଏ ମାତ୍ର ପାପ ମଧ୍ୟ କ୍ଷମା କରି ପାରିବେ ନାହିଁ ।

ଧରନ୍ତୁ, ମୃତ୍ୟୁଦଣ୍ଡ ପାଇଥିବା ଜଣେ ହତ୍ୟାକାରୀ ବନ୍ଦୀଶାଳାରେ ରହିଛି । ସେ ଜାଣେ ଯେ ତା' ପାଇଁ ମୁକ୍ତି ନାହିଁ, କାରଣ ଯେଉଁ ରାଜା ତାକୁ ମୃତ୍ୟୁଦଣ୍ଡ ଦେଇଛନ୍ତି, ସେ ଯଦି ନ୍ୟାୟବନ୍ତ ହୋଇଥିବେ ଓ ଆଇନ ଦୃଷ୍ଟିରୁ ବିଚାର କରୁଥିବେ, ତେବେ ହତ୍ୟାକାରୀକୁ ସେ ମୁକ୍ତି ଦେଇପାରିବେ ନାହିଁ । ପାପଯୋଗୁ ଆମ୍ଭେମାନେ ପ୍ରତ୍ୟେକେ ବନ୍ଦୀ ଓ ଆମ୍ଭମାନଙ୍କ ପ୍ରତି ମୃତ୍ୟୁ ଦଣ୍ଡାଦେଶ କରାଯାଇଛି । ନ୍ୟାୟବନ୍ତ ଈଶ୍ୱରଙ୍କ ପକ୍ଷରେ ନିୟମ ଲଙ୍ଘନ କରି ଆମ୍ଭମାନଙ୍କୁ ମୁକ୍ତି ଦେବା ସମ୍ଭବ ନୁହେଁ । ଆତ୍ମିକ ଜ୍ଞାନ ବା ଅନ୍ୟ କୌଣସି ଜ୍ଞାନ ଆମ୍ଭମାନଙ୍କର ମୁକ୍ତି ସାଧନ କରି ପାରିବ ନାହିଁ, କିନ୍ତୁ ଜ୍ଞାନ ସାହାଯ୍ୟରେ ଆମ୍ଭେମାନେ ଏତିକିମାତ୍ର ଜାଣିପାରିବୁ ଯେ, ଆମ୍ଭମାନଙ୍କ ନିମନ୍ତେ ମୁକ୍ତିର ପ୍ରୟୋଜନ ରହିଛି ।

ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ, ମୁକ୍ତି ନିମନ୍ତେ ଜ୍ଞାନ ମାର୍ଗଠାରୁ ଅଧିକ ଶକ୍ତିଶାଳୀ ଅନ୍ୟ କିଛି ବ୍ୟବସ୍ଥାର ପ୍ରୟୋଜନ ରହିଛି । କ୍ରୁଶରେ ଖ୍ରୀଷ୍ଟଙ୍କର ଦୁଃଖଭୋଗ ଓ ମୃତ୍ୟୁରେ ମଧ୍ୟ ତାହା ପ୍ରମାଣିତ ହୋଇଛି । ତାହାଙ୍କ କ୍ରୁଶକୁ ଅନାଇ ପୁଣି ଥରେ ପ୍ରଶ୍ନ କରନ୍ତୁ–ଯଦି କେବଳ ଜ୍ଞାନ ଦ୍ୱାରା ଆମ୍ଭେମାନେ ପାପରୁ ମୁକ୍ତ ହୋଇପାରିଥା'ନ୍ତୁ, ତେବେ ଈଶ୍ୱର କ'ଣ ତାହାଙ୍କର ଏକମାତ୍ର ପୁତ୍ରଙ୍କୁ, ଆମ୍ଭମାନଙ୍କ ପରିବର୍ତ୍ତେ ଦୁଃଖ ଓ ମୃତ୍ୟୁଭୋଗ କରିବାକୁ ପଠାଇଥା'ନ୍ତେ ? ନା, ଏହା କଳ୍ପନା ମଧ୍ୟ କରାଯାଇ ପାରେନା । ଯେଉଁ ଜ୍ଞାନ ମନୁଷ୍ୟକୁ କ୍ରୁଶ ନିକଟରୁ ଦୂରକୁ ନେଇଯାଏ ଏବଂ କହେ ଯେ ମନୁଷ୍ୟ ନିମନ୍ତେ କ୍ରୁଶର ପ୍ରୟୋଜନ ନାହିଁ, ତେବେ କହିବାକୁ ହେବ ଯେ, ସେ ଜ୍ଞାନ, ଜ୍ଞାନ ନୁହେଁ ।

## ଭକ୍ତି ମାର୍ଗ

ଅନେକେ ଭକ୍ତି ମାର୍ଗକୁ ଅନ୍ୟ ଏକ ପଥ ରୂପେ ସମର୍ଥନ କରନ୍ତି । ଅନ୍ୟ ମାର୍ଗଗୁଡ଼ିକ ତୁଳନାରେ ଏହା ଅଧିକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । ଆସନ୍ତୁ, ଭକ୍ତି ମାର୍ଗ ପରୀକ୍ଷା କରି ଦେଖିବା ।



ସତ୍ୟ ଈଶ୍ୱରଙ୍କୁ ପ୍ରେମ କରି, ତାହାଙ୍କ ନିକଟରେ ନିଜକୁ ସମର୍ପଣ କରି ତାହାଙ୍କର ସ୍ତୁତି ଓ ସେବାରେ ନିଜ ନିଜକୁ ନିୟୋଜିତ କରିବା ଆମ ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ବାଇବଲର ଶିକ୍ଷାଗୁଡ଼ିକରେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଥରେ ଯୀଶୁଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ–ଈଶ୍ୱରଙ୍କର ସବୁଠାରୁ ବଡ଼ ଆଜ୍ଞା କ'ଣ ? ଯୀଶୁ ଉତ୍ତର କରିଥିଲେ, *'ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର'* (ମାଥିଉ ୨୨:୩୭) ।

କିନ୍ତୁ କେବଳ ଭକ୍ତି ଯଥେଷ୍ଟ ନୁହେଁ, କାରଣ ଭ୍ରମାତ୍ମକ ବିଷୟ ପ୍ରତି ମଧ୍ୟ ଆମ୍ଭମାନଙ୍କର ଭକ୍ତି ଥାଇପାରେ, ମାତ୍ର ଏକମାତ୍ର ପବିତ୍ର, ଅସୀମ, ଅନନ୍ତ ପବିତ୍ରାତ୍ମା, ସତ୍ୟ ଓ ଅଦ୍ୱିତୀୟ ଈଶ୍ୱର, ବିଶ୍ୱ ଜଗତର ସୃଷ୍ଟିକର୍ତ୍ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଭକ୍ତି କରାଯାଇ ପାରେନା । ଆମ୍ଭମାନଙ୍କର ଭକ୍ତିର ପାତ୍ର, ସେଥିପାଇଁ ଯୋଗ୍ୟ ହେବା ଆବଶ୍ୟକ । ତେଣୁ ଯୀଶୁ ଉପଦେଶ ଦେଇ କହିଥିଲେ ଯେ, କେବଳ ସତ୍ୟ ଈଶ୍ୱରଙ୍କ ପ୍ରତି ଅନୁରକ୍ତ ରହିବା ଆମ୍ଭମାନଙ୍କର କର୍ତ୍ତବ୍ୟ । *'ତୁମର ପ୍ରଭୁ ଈଶ୍ୱରଙ୍କ ଆରାଧନା କର ଓ କେବଳ ତାହାଙ୍କର ସେବା କର'* (ମାଥିଉ ୪:୧୦) ।

(ଏ ବିଷୟରେ ଅଧିକ ଜାଣିବାକୁ ଚାହୁଁଥିଲେ, ବାଇବଲର ଏହି ଅଂଶଗୁଡ଼ିକୁ ପାଠ କରନ୍ତୁ–

ଯାତ୍ରା ପୁସ୍ତକ ୨:୩–୫, ଦ୍ୱିତୀୟ ବିବରଣ ୮:୧୯, ୧୩:୬–୧୧, ବିଚାରକର୍ତ୍ତା ୨:୧୧,୧୨,୧୭, ୧ ବଂଶାବଳୀ ୫:୨୫, ଗୀତସଂହିତା ୧୦୬:୧୯–୨୧, ଯିଶାଇୟ ୪୨:୮,୧୭, ଯିରିମିୟ ୧୦:୧୧, ହୋଶେୟ ୪:୧୨, ପ୍ରଥମ କରିନ୍ଥୀୟ ୮:୫, ୧୦:୨୦, ପ୍ରଥମ ଯୋହନ ୫:୨୧, ପ୍ରକାଶିତ ୯:୨୦,୨୧) ।

ଆମ୍ଭମାନଙ୍କର ଭକ୍ତି ବିଷୟରେ ଗର୍ବ କରିବା ଯେପରି ଅସଙ୍ଗତ, ତା' ବିନିମୟରେ କିଛି ଆଶା କରିବା ଆମ୍ଭମାନଙ୍କର ବୃଥା ଆଶା । ଈଶ୍ୱରଙ୍କୁ ଯେପରି ପ୍ରେମ କରିବା କଥା, ଆମ୍ଭେମାନେ ସେପରି କରି ନାହୁଁ, ଆମ୍ଭେମାନେ ଉପଯୁକ୍ତଭାବେ ତାହାଙ୍କର ସ୍ତୁତି କରି ନାହୁଁ ଓ ତାହାଙ୍କର ଗୌରବ ନିମନ୍ତେ

ଆମ୍ଭେମାନେ ବଞ୍ଚି ନାହୁଁ । କବିମାନେ ହୁଏତ ଏ ସମସ୍ତ ବିଷୟକୁ କେନ୍ଦ୍ର କରି, ସୁନ୍ଦର, ସୁଲଳିତ ଭାଷାରେ ଗୀତ ରଚନା କରି ପାରନ୍ତି ଏବଂ ଅନ୍ୟମାନେ ମଧୁର କଣ୍ଠରେ ଈଶ୍ୱରଙ୍କର ସେହି ସ୍ତବ ଗାନ କରି ପାରନ୍ତି । କିନ୍ତୁ ଗୀତ ରଚନା ଓ ଗାନ ଗୋଟିଏ କଥା, କିନ୍ତୁ ହୃଦୟର ଭକ୍ତି ଦେଇ ସେପରି ରଚନା ବା ଗାନ କରିବା ସମ୍ପୂର୍ଣ୍ଣ ଅନ୍ୟ କଥା । ଈଶ୍ୱର ଯେ ଆତ୍ମା, ଏ କଥା ମନେ ରଖନ୍ତୁ, ତେଣୁ ଆମ୍ଭମାନଙ୍କର ଉପାସନା, ପରିପୂର୍ଣ୍ଣ ଆତ୍ମା ଓ ସତ୍ୟତାରେ ହେବା ଉଚିତ୍ ।

କିନ୍ତୁ ପ୍ରକୃତିଗତଭାବେ ଆମ୍ଭେମାନେ ପାପୀ ଓ ପତିତ, ତେଣୁ ପବିତ୍ର ଈଶ୍ୱରଙ୍କୁ ପ୍ରେମ, ଆତ୍ମା ଓ ସତ୍ୟତାରେ ସେବା କରିବା ନିମନ୍ତେ ପ୍ରଥମେ ନୂତନ ଜନ୍ମ ଦ୍ୱାରା ଆମ୍ଭମାନଙ୍କ ପ୍ରକୃତିର ପରିବର୍ତ୍ତନ ଆବଶ୍ୟକ । ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ନୂତନ ଆତ୍ମିକ ପ୍ରକୃତି ଗ୍ରହଣ କରିବାକୁ ହେବ ।

ସତ୍ୟ ଈଶ୍ୱରଙ୍କ ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଗଭୀର ପ୍ରେମ ଥାଇପାରେ, କିନ୍ତୁ ତାହା ମଧ୍ୟ ଆମ୍ଭମାନଙ୍କର ଅପରାଧ ଓ ପାପ ମୋଚନ କରି ପାରିବ ନାହିଁ । ଅଭିଯୁକ୍ତ ଅପରାଧୀ ହୃଦୟରେ ବିଚାରକର୍ତ୍ତାଙ୍କ ନିମନ୍ତେ ପ୍ରେମ ଥାଇପାରେ, କିନ୍ତୁ ସେଥିପାଇଁ କ'ଣ ସେ ଶାସ୍ତିରୁ ରକ୍ଷା ପାଇ ପାରିବ ? ରାଜାଙ୍କର ଯେତେ ପ୍ରଶସ୍ତ ଗାନ କଲେ ମଧ୍ୟ, ବନ୍ଦୀ ନରହନ୍ତା, ବନ୍ଦୀଶାଳାରୁ ମୁକ୍ତି ପାଇ ପାରିବ ନାହିଁ, କରାଣ ବିଚାରକର୍ତ୍ତା ଓ ରାଜା ଆଇନ୍‌ର ରକ୍ଷକ । ସେହିପରି ଆମ୍ଭମାନଙ୍କର ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସ୍ତୁତି, ହୃଦୟର ପରିପୂର୍ଣ୍ଣ ପ୍ରେମ ଓ ଅଟଳ ଭକ୍ତି ଆମ୍ଭମାନଙ୍କର ଅତୀତ ଅପରାଧକୁ ଦୂର କରି ପାରିବ ନାହିଁ ଏବଂ ଆମ୍ଭମାନଙ୍କୁ ଗୋଟିଏମାତ୍ର ପାପର ଦଣ୍ଡରୁ ମଧ୍ୟ ରକ୍ଷା କରି ପାରିବ ନାହିଁ । ପାପକୁ ନିଶ୍ଚୟ ଶାସ୍ତି ଭୋଗ କରିବାକୁ ପଡ଼ିବ, ଖ୍ରୀଷ୍ଟଙ୍କୁ କ୍ରୁଶାର୍ପିତ ହେବାକୁ ପଡ଼ିବ । ଏହା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ଈଶ୍ୱରଙ୍କ ପ୍ରଜ୍ୱଳିତ ପବିତ୍ରାତ୍ମାରୂପକ ଖଡ୍ଗ ପାପର ପଥରୋଧ କରେ, ତେଣୁ ସେ ପାପୀର ପଥ ମଧ୍ୟ ରୋଧ କରିବେ । ଆମ୍ଭେମାନେ ଯଦି ଏହା ବୁଝି ନ ପାରୁ, ତେବେ ତାହାର କାରଣ ହେଲା ଈଶ୍ୱରଙ୍କ ପବିତ୍ରତା ଆମ୍ଭେମାନେ ଉପଲବ୍ଧି କରି ନାହୁଁ ।



*'ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ କରି ପଠାଇଲେ'* (୧ ଯୋହନ ୪:୧୦) । ଈଶ୍ୱରଙ୍କ ପ୍ରେମ ହିଁ ଆମ୍ଭମାନଙ୍କୁ ମୁକ୍ତ କରେ ! ତାହାଙ୍କ ପ୍ରେମ ତୁଳନାରେ ଆମ୍ଭମାନଙ୍କ ପ୍ରେମ କି ତୁଚ୍ଛ ! ନିଜ ପୁତ୍ରଙ୍କୁ ମୃତ୍ୟୁଭୋଗ କରିବା ନିମନ୍ତେ ପଠାଇ, ଈଶ୍ୱର ତାହାଙ୍କ ପ୍ରେମ ପ୍ରମାଣିତ କରିଅଛନ୍ତି ।

ଭକ୍ତି, ଜ୍ଞାନ, କର୍ମ, ବା ସେହିପରି ଅନ୍ୟ କୌଣସି ମାର୍ଗ ମଧ୍ୟରେ ଆମ୍ଭମାନଙ୍କ ନିମନ୍ତେ ମୁକ୍ତିର ପଥ ନ ଥିଲା । ଉପରୋକ୍ତ ତିନୋଟି ମାର୍ଗ ସମ୍ମିଳିତ ହୋଇ ମଧ୍ୟ ମୁକ୍ତିର ପଥ ପ୍ରସ୍ତୁତ କରି ପାରିବ ନାହିଁ, କାରଣ ତିନୋଟି ଅସମ୍ଭବକୁ ମିଶାଇ, ଗୋଟିଏ ମାତ୍ର ସମ୍ଭାବନାର ସୃଷ୍ଟି ହୋଇ ପାରେନା ।

ନିଜ ନିଜ କ୍ଷେତ୍ରରେ, କର୍ମ, ଜ୍ଞାନ ଓ ଭକ୍ତିର ଗୁରୁତ୍ୱ ରହିଛି, କିନ୍ତୁ ଏଥିମଧ୍ୟରୁ କୌଣସି ଗୋଟିଏ ବା ମନୁଷ୍ୟ ଦ୍ୱାରା ଉଦ୍‌ଭାବିତ ଅନ୍ୟ କୌଣସି ଉପାୟ, ଆମ୍ଭମାନଙ୍କର ପାପ ଦୂର କରି, ଆମ୍ଭମାନଙ୍କୁ ନୂତନ ଜୀବନ ଦେଇ ପାରିବ ନାହିଁ ବା ଈଶ୍ୱରଙ୍କ ସମ୍ମୁଖରେ ଠିଆ ହେବା ନିମନ୍ତେ ଆମ୍ଭମାନଙ୍କୁ ଯୋଗ୍ୟ କରି ପାରିବ ନାହିଁ ।

ପ୍ରକୃତ ପଥ ତେବେ କ'ଣ ? ଯୀଶୁ ଯେଉଁ ପଥ ବିଷୟରେ ଶିକ୍ଷା ଦେଇଥିଲେ ତାହାକୁ ସଂକ୍ଷିପ୍ତଭାବେ ତିନୋଟି ଶବ୍ଦରେ ପ୍ରକାଶ କରାଯାଇ ପାରେ । ସେ ପଥ ହେଲା, **କ୍ରୁଶର ପଥ, ଅନୁଗ୍ରହର ପଥ** ଓ **ବିଶ୍ୱାସର ପଥ** ।

## କ୍ରୁଶର ପଥ

କ୍ରୁଶ ଉପରେ ଈଶ୍ୱରଙ୍କ ପୁତ୍ରଙ୍କର ଦୁଃଖଭୋଗ ଓ ମୃତ୍ୟୁ ବିଷୟରେ ଆମ୍ଭେମାନେ ପୂର୍ବରୁ ଅନେକ ଥର ଆଲୋଚନା କରି ସାରିଛୁ । ଖ୍ରୀଷ୍ଟଙ୍କ ମୃତ୍ୟୁ ହିଁ ତାହାଙ୍କ ସୁସମାଚାରର ମର୍ମ । ଏହି ଉପାୟରେ ଈଶ୍ୱର ନିଜ ଲୋକଙ୍କର ପାପ ଦୂର କରି, ତାହାଙ୍କ ପବିତ୍ର ସାନ୍ନିଧ୍ୟକୁ ସେମାନଙ୍କ ନିମନ୍ତେ ପଥ ମୁକ୍ତ କଲେ ।

କ୍ରୁଶରେ ଖ୍ରୀଷ୍ଟଙ୍କର ମୃତ୍ୟୁ ବିନା, ମନୁଷ୍ୟ ପକ୍ଷରେ ପରିତ୍ରାଣ ଓ ସ୍ୱର୍ଗଲାଭ ସମ୍ଭବ ହୋଇପାରି ନ ଥା'ନ୍ତା । କ୍ରୁଶ ବିନା ସମସ୍ତେ ବିନଷ୍ଟ ହୋଇଥାନ୍ତେ । ଜ୍ଞାନ, ଭକ୍ତି ଓ ପବିତ୍ରାତ୍ମାଙ୍କ ଅନୁଭୂତିରେ ପରିପୂର୍ଣ୍ଣ ସାଧୁ ପାଉଲଙ୍କର ଅନ୍ୟ କୌଣସି ପଥ ଉପରେ ଆସ୍ଥା ନ ଥିଲା । ସେ କହିଥିଲେ, *'କିନ୍ତୁ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ବ୍ୟତୀତ ଆଉ କେଉଁଥିରେ ଦର୍ପ କରିବା ମୋ'ଠାରୁ ଦୂରେ ଥାଉ, ତାହା ଦ୍ୱାରା ଜଗତ ମୋ' ପ୍ରତି ଓ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଛି'* (ଗାଲାତୀୟ ୬:୧୪) ।

## ଅନୁଗ୍ରହର ପଥ

ମନୁଷ୍ୟ ପାପୀ । କର୍ମ, ଜ୍ଞାନ ବା ଭକ୍ତି ଦ୍ୱାରା ବା ସେ ତିନିଗୋଟିଙ୍କୁ ମିଶାଇ ମଧ୍ୟ, ସେ ନିଜକୁ ରକ୍ଷା କରି ପାରିବ ନାହିଁ । ସେ ଯେ କୌଣସି ଉଦ୍ୟମ କରୁନା କାହିଁକି, ସେଥିରୁ କୌଣସି ଫଳ ମିଳିବ ନାହିଁ । ଈଶ୍ୱରଙ୍କ ନ୍ୟାୟ ବିଚାରରେ ସେ ଦୋଷୀ, ତେଣୁ ଆତ୍ମିକଭାବେ ସେ ସମ୍ପୂର୍ଣ୍ଣ ମୃତ ଓ କେବଳ ନରକର ଯୋଗ୍ୟ । ନିଜ ପାପ ନିମନ୍ତେ ପ୍ରତିବାଦ କରିବାର ତା'ର କିଛି ନାହିଁ, ତେଣୁ ପାପ କ୍ଷମା ପାଇଁ ଆତ୍ମିକ ଜୀବନଲାଭ ତା' ପକ୍ଷରେ ସମ୍ଭବ ନୁହେଁ । ସେ ଅସହାୟ, ସମ୍ପୂର୍ଣ୍ଣ ଅସହାୟ । ତେବେ ସେ କିପରି ଉଦ୍ଧାର ପାଇବ ? ଏ ପ୍ରଶ୍ନର ଉତ୍ତର ହେଲା, ଈଶ୍ୱର କେବଳ ତାକୁ ଉଦ୍ଧାର କରି ପାରିବେ ।

ବାଇବଲରେ ଈଶ୍ୱରଙ୍କୁ, *'ସମସ୍ତ ଅନୁଗ୍ରହର ଆକର'* (୧ମ ପିତର ୫:୧୦) ରୂପେ ପ୍ରକାଶ କରାଯାଇଛି । ଦାନ କରିବାରେ ଈଶ୍ୱରଙ୍କ ଆନନ୍ଦ, ଏପରିକି ଅଯୋଗ୍ୟଙ୍କୁ ଦାନ କରି ମଧ୍ୟ ସେ ବିନାମୂଲ୍ୟରେ ମୁକ୍ତି, ପରିତ୍ରାଣ, ପାପ କ୍ଷମା ଓ ଅନନ୍ତ ଜୀବନ ଦାନ କରିଥାନ୍ତି । ଆମ୍ଭମାନଙ୍କ ଗୁରୁ ଏହିପରି ଶିକ୍ଷା ଦେଇଥିଲେ ଏବଂ ସେ ଏହା ସତ୍ୟ ବୋଲି ଜାଣିଥିଲେ, ତେଣୁ ସେପରି ଶିକ୍ଷା ଦେଇଥିଲେ । ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ଦାନ ସମ୍ବନ୍ଧରେ ଆଲୋଚନା କରିବା । ବିନା ମୂଲ୍ୟରେ ଈଶ୍ୱର କ'ଣ ଦାନ କରନ୍ତି–ଈଶ୍ୱର ତାଙ୍କର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ । *'କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ନିଜର ଏକମାତ୍ର ପୁତ୍ରଙ୍କୁ ଦାନ କଲେ, ଅତଏବ ଯେ*



*କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ହେବ ନାହିଁ, କିନ୍ତୁ ଅନନ୍ତ ଜୀବନ ଲାଭ କରିବ'* (ଯୋହନ ୩:୧୬) ।

ଈଶ୍ୱର ଅନନ୍ତ ଜୀବନ ଦାନ କରନ୍ତି । ଯୀଶୁ କହିଲେ, *'ମୋର ମେଷମାନେ ମୋର ସ୍ୱର ଶୁଣନ୍ତି, ମୁଁ ସେମାନଙ୍କୁ ଜାଣେ ଓ ସେମାନେ ମୋର ପଛେ ପଛେ ଯାଆନ୍ତି । ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ ଓ ସେମାନେ କେବେ ବିନଷ୍ଟ ହେବେ ନାହିଁ, କେହି ସେମାନଙ୍କୁ ମୋ' ହାତରୁ ଛଡ଼ାଇ ନେଇ ପାରିବ ନାହିଁ'* (ଯୋହନ ୧୦:୨୭,୨୮) । ଈଶ୍ୱର କହନ୍ତି, *'କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଆମର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଦାନ ହେଉଛି ଅନନ୍ତଜୀବନ'* (ରୋମୀୟ ୬:୨୩) ।

ଈଶ୍ୱର ଜ୍ଞାନମୟ ଆତ୍ମାଦାନ କରନ୍ତି– *'ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର, ଯେ କି ଗୌରବମୟ ପିତା ଅଟନ୍ତି, ତାହାଙ୍କୁ ଯେପରି ତୁମ୍ଭେମାନେ ଆହୁରି ଉତ୍ତମ ରୂପେ ଜାଣିବ, ଏଥିପାଇଁ ତୁମ୍ଭମାନଙ୍କୁ ଜ୍ଞାନ ଓ ପ୍ରତ୍ୟାଦେଶର ଆତ୍ମା ଦେବାକୁ ମୁଁ ନିବେଦନ କରୁଛି'* (ଏଫିସୀୟ ୧:୧୭) ।

ପାପକ୍ଷମା ଈଶ୍ୱରଙ୍କ ଦାନ– *'ଈଶ୍ୱରଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମେ ଖ୍ରୀଷ୍ଟଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ପାପ କ୍ଷମା ଲାଭ କରିଛୁ'* (ଏଫିସୀୟ ୧:୭) ।

ଈଶ୍ୱର ଧାର୍ମିକତା ଦାନ କରନ୍ତି– *'କାରଣ ସମସ୍ତେ ପାପ କରିଛନ୍ତି ଏବଂ ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଛନ୍ତି । ପୁଣି, ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତାହାଦ୍ୱାରା ସେମାନେ ବିନା ମୂଲ୍ୟରେ ତାହାଙ୍କ ଅନୁଗ୍ରହ ହେତୁ ଧାର୍ମିକ ଗଣ୍ୟ ହୁଅନ୍ତି'* (ରୋମୀୟ ୩:୨୩,୨୪) ।

ଈଶ୍ୱର ତାହାଙ୍କ ସହିତ ଶାନ୍ତି ଓ ସହଭାଗିତା ଦାନ କରନ୍ତି– *'ଏହି ସମସ୍ତ ଈଶ୍ୱରଙ୍କଠାରୁ ଆଗତ, ସେ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମକୁ ତାହାଙ୍କ ସହିତ ପୁନର୍ମିଳିତ କରିଛନ୍ତି ଏବଂ ଆମକୁ ପୁନର୍ମିଳନର କାର୍ଯ୍ୟଭାର ଦେଇଛନ୍ତି'* (୨ କରିନ୍ଥୀ ୫:୧୮) ।

ଈଶ୍ୱର ଆମ୍ଭମାନଙ୍କୁ ପରିତ୍ରାଣ ଦାନ କରନ୍ତି– *'କାରଣ ବିଶ୍ୱାସ ହେତୁ ଅନୁଗ୍ରହ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଛ ଏବଂ ଏହା ତୁମଠାରୁ ହୋଇ*

*ନାହିଁ, ଏହା ଈଶ୍ୱରଙ୍କ ଦାନ । କେହି ଯେପରି ଦର୍ପ କରି ପାରିବ ନାହିଁ, ଏଥିପାଇଁ ଏହା କ୍ରିୟାକର୍ମ ଦ୍ୱାରା ହୋଇ ନାହିଁ'* (ଏଫିସୀୟ ୨:୮,୯) ।

ଈଶ୍ୱର ଖ୍ରୀଷ୍ଟରେ ସମସ୍ତ ବିଷୟ ଦାନ କରନ୍ତି– *'ଯେ ନିଜର ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ ସମସ୍ତଙ୍କ ପାଇଁ ସମର୍ପି ଦେଲେ, ସେ କ'ଣ ତାହାଙ୍କ ସହିତ ସବୁ ବିଷୟ ଅନୁଗ୍ରହ କରି ଆମକୁ ଦେବେ ନାହିଁ'* ? (ରୋମୀ ୮:୩୨) ।

ନିଜ ଅନୁଗ୍ରହରେ ଓ ବିନାମୂଲ୍ୟରେ–ଏହି ବାକ୍ୟାଂଶ ଉପରୋକ୍ତ ପ୍ରତିଟି ଦାନ ସଙ୍ଗେ ଯୋଗ କରାଯାଇଛି । ଈଶ୍ୱର ସେସମସ୍ତ ମନୁଷ୍ୟଜାତିକୁ ଆପଣମାନଙ୍କୁ, ମୋତେ, ବିନାମୂଲ୍ୟରେ ଦାନ କରନ୍ତି । କିନ୍ତୁ ସେଥିମଧ୍ୟରୁ କୌଣସି ଗୋଟିଏ ଦାନ ପାଇବାକୁ ଆମ୍ଭେମାନେ ଯୋଗ୍ୟ ନୋହୁଁ । ଧରନ୍ତୁ କେହି ଯଦି ପୃଥିବୀରେ ଶତ ସହସ୍ର ଥର ଜନ୍ମ ହୋଇ, ପ୍ରତ୍ୟେକ ଥର ପାପରେ ଲିପ୍ତ ରହିବେ, ତେବେ ସୁଦ୍ଧା ଈଶ୍ୱରଙ୍କ ଅନୁଗ୍ରହ, ମୁହୂର୍ତ୍ତକ ମଧ୍ୟରେ ତାଙ୍କର ସମସ୍ତ ପାପ କ୍ଷମା କରି, ତାଙ୍କୁ ଚିରଦିନ ନିମନ୍ତେ ପରିତ୍ରାଣ ଦାନ କରିବେ । ଅବଶ୍ୟ ସେଥିପାଇଁ ଈଶ୍ୱରଙ୍କୁ ଗ୍ରହଣ କରିବାକୁ ପଡ଼ିବ । ଏପରି ଅନୁଗ୍ରହ ନିକଟରେ କୌଣସି କର୍ମ ମଧ୍ୟ ସମ୍ପୂର୍ଣ୍ଣ ଶକ୍ତିହୀନ ।

'ଅନୁଗ୍ରହ' ଶବ୍ଦର ଅର୍ଥ କ'ଣ ? ଏହାର ଅର୍ଥ ହେଲା, ଯୋଗ୍ୟତା ନ ଥାଇ ମଧ୍ୟ ଦୟାଲାଭ । ଆମ୍ଭେମାନେ କୌଣସି ଦିନ ଅନୁଗ୍ରହ ଦାବୀ କରି ପାରିବୁ ନାହିଁ, କାରଣ ଆମ୍ଭେମାନେ ତାହା ପାଇବା ନିମନ୍ତେ ଅଯୋଗ୍ୟ । ଏ ଦିଗରେ ଆମ୍ଭମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେବ । କିଛିକାଂଶ ଅନୁଗ୍ରହ, କିଛିକାଂଶ ନିଜର କର୍ମ ବା କିଛିକାଂଶ ଅନ୍ୟ କିଛି ମିଶି ପରିତ୍ରାଣ ମିଳେ ନାହିଁ, ଅର୍ଥାତ୍ ଅନୁଗ୍ରହ ସଙ୍ଗେ କର୍ମ ବା ସେହିପରି ଅନ୍ୟ କିଛି ଯୋଗ କରି ଦେଲେ ପରିତ୍ରାଣ ମିଳେ ନାହିଁ । ମାତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରିତ୍ରାଣର ସମସ୍ତ କାର୍ଯ୍ୟ ଅନୁଗ୍ରହରୁ ହିଁ କେବଳ ମିଳେ ।

ଯେଉଁମାନେ ଈଶ୍ୱରଙ୍କ ଦୟାରୁ ବଞ୍ଚିତ ଓ ତାହା ଲାଭ କରିବାକୁ ସେମାନଙ୍କର କୌଣସି ଦାବୀ ନାହିଁ ବା ତାହା ଅର୍ଜନ କରିବାର ଶକ୍ତି ନାହିଁ, ସେମାନଙ୍କ ପ୍ରତି ଈଶ୍ୱରଙ୍କ ଦୟାକୁ ଆମ୍ଭେମାନେ 'ଅନୁଗ୍ରହ' ନାମ ଦେଇପାରୁ ।



ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କର ସମସ୍ତ ଦାନ, ଏପରିକି ପାପାଚରଣ ଫଳରେ ଯେଉଁମାନେ ତାହାଙ୍କର ଶତ୍ରୁ ଏବଂ ସେଥିପାଇଁ କେବଳ ଈଶ୍ୱରଙ୍କ କ୍ରୋଧ ଓ ଶାସ୍ତି ନିମନ୍ତେ ଯୋଗ୍ୟ, ସେମାନଙ୍କ ପରିତ୍ରାଣ ଉଦ୍ଦେଶ୍ୟରେ ଈଶ୍ୱର ନିଜ ପୁତ୍ରଙ୍କୁ ଦାନ କରିବାର ଅର୍ଥ–ଅନୁଗ୍ରହ ।

ଧରନ୍ତୁ କୌଣସି ଦୁଷ୍ଟ ପ୍ରକୃତିର ଲୋକ ଆପଣଙ୍କ ଘରେ ପଶି ଆପଣଙ୍କ ଝିଅକୁ ଚୋରାଇ ନିଏ ଓ ପରେ ତାହାକୁ ହତ୍ୟା କରେ । ସେ ପୋଲିସ ହାତରେ ଧରାପଡ଼େ ଓ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇଁ ବିଚାରପତିଙ୍କ ଆଗରେ ଠିଆ ହୁଏ । ଏପରି ପରିସ୍ଥିତିରେ ଆପଣ କ'ଣ ବିଚାରପତିଙ୍କୁ କହି ପାରିବେ, 'ଏ ଲୋକଙ୍କୁ ମୁକ୍ତ କରି ଦିଅନ୍ତୁ, ମୋ' ବିରୁଦ୍ଧରେ ତା'ର ଅପରାଧ ପାଇଁ, ମୁଁ ତାହାର ଶାସ୍ତି ସ୍ୱରୂପ ମୃତ୍ୟୁଭୋଗ କରିବି ?' ।

ମନୁଷ୍ୟ ପକ୍ଷରେ ଏହା ଅସମ୍ଭବ । କିନ୍ତୁ ଯେଉଁମାନେ ଈଶ୍ୱରଙ୍କ ବିରୁଦ୍ଧରେ ପାପ କଲେ, ସେମାନଙ୍କ ପାଇଁ ସେ ଠିକ୍ ଏହିପରି କରିଥିଲେ । ଆମ୍ଭେମାନେ ଯୀଶୁଙ୍କୁ ଆଘାତ କରି, ତାହାଙ୍କ ଶରୀରରେ ଯେଉଁ କ୍ଷତ ସୃଷ୍ଟି କଲୁ, ସେହି କ୍ଷତ ଦ୍ୱାରା ଆମ୍ଭେମାନେ ସୁସ୍ଥ ହୋଇଅଛୁ । ଏହା ହିଁ ଈଶ୍ୱରଙ୍କ ଅନୁଗ୍ରହ ।

## ଗୋଟାଏ ଦୃଷ୍ଟାନ୍ତ

ଜଣେ ଉତ୍ତମ ଓ ଦୟାଳୁ ରାଜାଙ୍କ ନିକଟରେ ଜଣେ ଲୋକ ଦାସ ରୂପେ ରହିଥିଲା । ଏହି ଦାସ, ତା'ର ଯାହା କରିବା କଥା, ସେଥିମଧ୍ୟରୁ ସେ କୌଣସି କାମ କରେ ନାହିଁ । ରାଜାଙ୍କର ସେବା ନ କରି ସେ ନିଜ ଧନ୍ଦାରେ ସମୟ କଟାଏ । ତା'ଛଡ଼ା ସୁଯୋଗ ପାଇଲେ ସେ ରାଜାଙ୍କ ଏକ ଉଆସରୁ ଚୋରି କରେ ଓ ରାଜ୍ୟର ସବୁ ଆଇନ୍‌କାନୁନ୍ ଅମାନ୍ୟ କରେ । ସେ ଗୋପନରେ, ରାଜାଙ୍କ ବିରୁଦ୍ଧରେ ବିଦ୍ରୋହରେ ଯୋଗଦିଏ ଏବଂ ରାଜାଙ୍କ ଶତ୍ରୁମାନଙ୍କ ସଙ୍ଗେ ମିଶି ରାଜକୁମାରଙ୍କୁ ହତ୍ୟା କରେ । ଏସବୁ ସତ୍ତ୍ୱେ ରାଜା ଘୋଷଣା କରନ୍ତି ଯେ, ଯେଉଁମାନେ ଅସ୍ତ୍ରତ୍ୟାଗ କରି ତାହାଙ୍କ ନିକଟକୁ ଫେରି ଆସିବେ, ସେ ସେମାନଙ୍କୁ କ୍ଷମା ଦେବେ । ସେତେବେଳକୁ ସେହି ଦାସ ନିଜର ଦୋଷ ତ୍ରୁଟି ବୁଝି ପାରିଥିଲା । ସେ ରାଜାଙ୍କ ନିକଟକୁ ଆସି ତାହାଙ୍କ ପାଦତଳେ ପଡ଼ି କାନ୍ଦି କାନ୍ଦି ରାଜାଙ୍କଠାରୁ କ୍ଷମା ଭିକ୍ଷା କଲା ।

ଏପରି ଦୁରାଚାରୀ ଦାସ ନିମନ୍ତେ ମଧ ରାଜାଙ୍କ ହୃଦୟରେ ଦୟା ଥିଲା, ତେଣୁ ରାଜା ତାହାକୁ ଉଚିତ ମୃତ୍ୟୁ ଦଣ୍ଡ ନ ଦେଇ ସମ୍ପୂର୍ଣ୍ଣଭାବେ କ୍ଷମା କଲେ । କେବଳ କ୍ଷମା ନୁହେଁ, ସେ ତାକୁ ନିଜ ପରିବାରଭୁକ୍ତ କରି, ପୁତ୍ରର ଅଧିକାର ଦେଇ, ରାଜ୍ୟରେ ଗୋଟିଏ ଉଚ୍ଚ ପଦରେ ସ୍ଥାପନ କଲେ ।

ଆପଣ ହୁଏତ ଭାବି ପାରନ୍ତି, ଏ କଥା କେବେ ସମ୍ଭବ ହୋଇପାରେନା । କିନ୍ତୁ ପାପୀ, ପ୍ରକୃତରେ ଅନୁତାପ କରି, ଯୀଶୁଙ୍କ ମଧଦେଇ ଯେତେବେଳେ ସ୍ୱର୍ଗର ରାଜାଙ୍କ ନିକଟକୁ ଆସେ, ପ୍ରତ୍ୟେକ ଥର ଠିକ୍ ଏହା ହିଁ ଘଟିଥାଏ । ଆମ୍ଭେମାନେ ପ୍ରତ୍ୟେକେ ସେହି ଦୁରାଚାରୀ ଦାସ ପରି । ସେହି ଦାସର ଚରିତ୍ର ଯେପରି ମନୁଷ୍ୟଜାତିର ଇତିହାସରେ ପ୍ରତିଫଳିତ । କେବଳ ମାତ୍ର ଈଶ୍ୱରଙ୍କ ଅନୁଗ୍ରହ ଆମ୍ଭମାନଙ୍କୁ ସାହାଯ୍ୟ କରିପାରେ, କ୍ଷମା କରିପାରେ ଓ ଆମ୍ଭମାନଙ୍କ ଜୀବନକୁ ପରିବର୍ତ୍ତିତ କରି ଆମ୍ଭମାନଙ୍କୁ ଉଦ୍ଧାର କରିପାରେ ।

## ବିଶ୍ୱାସର ପଥ

କ୍ରୁଶ ଓ ଅନୁଗ୍ରହ ସଙ୍ଗେ ବିଶ୍ୱାସ (ଆସ୍ଥା) ମଧ ସଂପୃକ୍ତ । ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ଯାହା ସାଧନ କରିଅଛନ୍ତି ଏବଂ ଈଶ୍ୱର ଅନୁଗ୍ରହରେ ଆମ୍ଭମାନଙ୍କୁ କ'ଣ ଦାନ କରନ୍ତି, ଆମ୍ଭେମାନେ ପୂର୍ବରୁ ତାହା ଆଲୋଚନା କରିସାରିଛୁ । ଆମ୍ଭେମାନେ କିପରି ଈଶ୍ୱରଙ୍କ ଅନୁଗ୍ରହ ଲାଭ କରି ପରିତ୍ରାଣ ଓ ଅନନ୍ତ ଜୀବନର ଅଧିକାରୀ ହେଉ, ବର୍ତ୍ତମାନ ଆମ୍ଭେମାନେ ସେ ବିଷୟ ଆଲୋଚନା କରିବା । ନିଜ ନିଜର କର୍ମ, ଜ୍ଞାନ ଓ ଭକ୍ତି ଦ୍ୱାରା ତାହା ଲାଭ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ତେବେ ଆମ୍ଭେମାନେ ତାହା ଲାଭ କରୁ କିପରି ? ଏହାର ଉତ୍ତର ହେଲା, କେବଳ ବିଶ୍ୱାସ ଦ୍ୱାରା । ଖ୍ରୀଷ୍ଟ ନିଜେ ଓ ତାହାଙ୍କର ଶିଷ୍ୟମାନେ କହିଥିବା ଏହି ଉକ୍ତିଗୁଡ଼ିକୁ ବିଚାର କରି ଦେଖନ୍ତୁ ।

ଯୀଶୁ କହିଲେ, *'ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଯେ କେହି ମୋର କଥା ଶୁଣି ମୋର ପ୍ରେରଣକର୍ତ୍ତାଙ୍କୁ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ଲାଭ କରିଛି ଓ ସେ ଦଣ୍ଡିତ ହେବ ନାହିଁ, ସେ ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଛି'* (ଯୋହନ ୫:୨୪) ।



ଯୀଶୁ କହିଲେ, *'ମୁଁ ତୁମକୁ ସତ୍ୟ ସତ୍ୟ କହୁଛି, ଯେ (ମୋ'ଠାରେ) ବିଶ୍ୱାସ କରେ, ସେ ଅନନ୍ତ ଜୀବନର ଅଧିକାରୀ ହୋଇଛି'* (ଯୋହନ ୬:୪୭) ।

*'ସବୁ ଭାବବାଦୀ ତାହାଙ୍କ ବିଷୟରେ ଏହି କଥା ସାକ୍ଷ୍ୟ ଦିଅନ୍ତି-ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ତାହାଙ୍କ ନାମରେ ପାପ କ୍ଷମା ପାଏ'* (ପ୍ରେରିତ ୧୦:୪୩) ।

*'ମହାଶୟମାନେ, ପରିତ୍ରାଣ ପାଇବା ପାଇଁ ମୋତେ କ'ଣ କରିବାକୁ ହେବ ? ସେମାନେ ଉତ୍ତର ଦେଲେ, 'ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତୁ, ତା'ହେଲେ ଆପଣ ଓ ଆପଣଙ୍କ ପରିବାର ପରିତ୍ରାଣ ପାଇବେ'* (ପ୍ରେରିତ ୧୬:୩୦,୩୧) ।

*'ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, କାରଣ ପ୍ରଥମେ ଯିହୁଦୀ ଓ ତା'ପରେ ଅଣଯିହୁଦୀ, ଏହିପରି ପ୍ରତ୍ୟେକ ବିଶ୍ୱାସକାରୀର ପରିତ୍ରାଣ ପାଇଁ ଏହା ଈଶ୍ୱରଙ୍କ ଶକ୍ତି ଅଟେ'* (ରୋମୀ ୧:୧୬) ।

*'କାରଣ ବିଶ୍ୱାସ ହେତୁ ଅନୁଗ୍ରହ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଛ ଏବଂ ଏହା ତୁମଠାରୁ ହୋଇ ନାହିଁ, ଏହା ଈଶ୍ୱରଙ୍କ ଦାନ'* (ଏଫିସୀୟ ୨:୮) ।

ନୂତନ ନିୟମରେ ଏହିପରି ଆହୁରି ଅନେକ ଉକ୍ତି ରହିଛି । ବିଶ୍ୱାସ ଦ୍ୱାରା ମୁକ୍ତି, ପାପକ୍ଷମା ଓ ଈଶ୍ୱରଙ୍କ ସହିତ ଅନନ୍ତ ଜୀବନ ଲାଭ ବିଷୟରେ ଯୀଶୁ ଯେ ବହୁ ଶିକ୍ଷା ଦେଇଥିଲେ ଏଥିରେ ସନ୍ଦେହ ନାହିଁ ।

କିନ୍ତୁ ବିଶ୍ୱାସ କ'ଣ ? ଆମ୍ଭେମାନେ କିପରି ତାହାକୁ କାର୍ଯ୍ୟକାରୀ କରି ପାରିବୁ ?

ଈଶ୍ୱର ଯେ, ଯୀଶୁ ଖ୍ରୀଷ୍ଟଙ୍କୁ ଜଗତକୁ ପଠାଇଲେ, ସେହି କଥାକୁ ସ୍ୱୀକାର କରିବାଠାରୁ ବିଶ୍ୱାସ କରିବା ଆହୁରି ମହତ୍ତ୍ୱପୂର୍ଣ୍ଣ । ଖ୍ରୀଷ୍ଟଙ୍କ ବିଷୟରେ ଯେଉଁସମସ୍ତ ସତ୍ୟ ରହିଛି, ତାହା ମନରେ କେବଳ ସ୍ୱୀକାର କରିବାଠାରୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ଖ୍ରୀଷ୍ଟଙ୍କ ବିଷୟରେ ସମସ୍ତ ସତ୍ୟ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ, କିନ୍ତୁ କେବଳ ସେତିକି ଯଥେଷ୍ଟ

ନୁହେଁ । ଯୀଶୁ କାହିଁକି ପୃଥିବୀକୁ ଆସିଥିଲେ, ତାହା ବୁଝିବା ଦ୍ୱାରା ଓ ଈଶ୍ୱରଙ୍କ ସମ୍ବନ୍ଧରେ ଓ ମନୁଷ୍ୟ ସମ୍ବନ୍ଧରେ ତାହାଙ୍କର ଶିକ୍ଷାକୁ ସ୍ୱୀକାର କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ । ଏସମସ୍ତ ବିଷୟରେ ଯୀଶୁଙ୍କର ଧାରଣାକୁ ସତ୍ୟ ରୂପେ ସ୍ୱୀକାର କରିନେବା ଉଚିତ୍, କିନ୍ତୁ ବିଶ୍ୱାସ ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱାସ ତେବେ କ'ଣ ?

ସମସ୍ତେ ଯେପରି ଏହାକୁ ବୁଝି ପାରିବେ, ସେଥିପାଇଁ ବାଇବଲରେ ଏହା ବିଭିନ୍ନଭାବେ ବ୍ୟକ୍ତ କରାଯାଇଛି ।

## ବିଶ୍ୱାସ କ'ଣ ?

ବିଶ୍ୱାସ ହେଉଛି ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ ! କୌଣସି ବ୍ୟକ୍ତିଙ୍କୁ ଯଦି ଆମେ ବିଶ୍ୱାସ କରିଥାଉ, ତେବେ ସେ ଆମ୍ଭମାନଙ୍କୁ ଯାହା କହିବେ, ସେ କଥା ଉପରେ ଆମ୍ଭେମାନେ ଆସ୍ଥା ସ୍ଥାପନ କରିଥାଉ । ତାହାଙ୍କ ଚରିତ୍ର ଉପରେ ମଧ୍ୟ ଆମ୍ଭମାନଙ୍କର ଆସ୍ଥା ରହିବ । ସେ ଯେଉଁ ପ୍ରତିଜ୍ଞା କରିବେ, ଆମ୍ଭେମାନେ ନିର୍ଭୟରେ ତାହା ଉପରେ ନିର୍ଭର କରି ପାରିବା, କାରଣ ଆମ୍ଭେମାନେ ଜାଣୁ ଯେ, ସେ ଆମ୍ଭମାନଙ୍କୁ ପ୍ରତାରଣା କରି ନିରାଶ କରିବେ ନାହିଁ ବା ନିଜ କଥା ଭାଙ୍ଗିବେ ନାହିଁ । ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ ଅର୍ଥ ଠିକ୍ ସେହିପରି ।

ଆମ୍ଭେମାନେ ଦେଖୁ ଯେ, ଖ୍ରୀଷ୍ଟ ସମ୍ପୂର୍ଣ୍ଣଭାବେ ନିର୍ଭରଯୋଗ୍ୟ, ତେଣୁ ଆମ୍ଭମାନଙ୍କର ପରିତ୍ରାଣ ଓ ଅନନ୍ତ ଜୀବନ ଲାଭ, ଯାହା ସାଧନ କରିବା ଆମ୍ଭମାନଙ୍କ ପକ୍ଷେ ସମ୍ଭବ ହୋଇ ନ ଥା'ନ୍ତା, ସେଥିପାଇଁ ଆମ୍ଭେମାନେ ତାହାଙ୍କ ଉପରେ ନିର୍ଭର କରୁ । ଆମ୍ଭେମାନେ ନିଜ ନିଜର ବ୍ୟକ୍ତିଗତ ଦମ୍ଭ ଓ ଧାର୍ମିକତାକୁ ବର୍ଜନ କରି ତାହାଙ୍କ ଉପରେ ନିର୍ଭର କରୁ, କାରଣ ଆମ୍ଭମାନଙ୍କ ନିମନ୍ତେ ଯାହା କରିବା ନିମନ୍ତେ ସେ ପ୍ରତିଶ୍ରୁତି ଦେଇ ଅଛନ୍ତି, ତାହା ସେ ଅବଶ୍ୟ ରକ୍ଷା କରିବେ ।

ବିଶ୍ୱାସର ଲକ୍ଷ୍ୟ ହେଲା ଈଶ୍ୱରଙ୍କ ସଙ୍ଗେ ମିଳନ । ଯୀଶୁ କହିଥିଲେ, *'ପିତା ମୋତେ ଯେଉଁ ସମସ୍ତଙ୍କୁ ଦିଅନ୍ତି, ସେମାନେ ମୋ' ନିକଟକୁ ଆସିବେ ଏବଂ ଯେ କେହି ମୋ' ନିକଟକୁ ଆସେ, ମୁଁ ତାକୁ କେବେହେଲେ ଦୂର*



*କରିଦେବି ନାହିଁ'* (ଯୋହନ ୬:୩୭) । ଖ୍ରୀଷ୍ଟ ହେଉଛନ୍ତି ପୁତ୍ର ଈଶ୍ୱର ଏବଂ ତାହାଙ୍କର ଶରୀର ପୃଥିବୀରେ ନ ଥିଲେ ମଧ୍ୟ, ତାହାଙ୍କର ଆତ୍ମା ବିଦ୍ୟମାନ ରହିଛି । ସେ ଆମ୍ଭମାନଙ୍କ ପ୍ରତ୍ୟେକଙ୍କ ନିକଟରେ ରହିଅଛନ୍ତି । ସେ ଆମ୍ଭମାନଙ୍କୁ ସନ୍ଧାନ କରି, ଆମ୍ଭମାନଙ୍କ ନିକଟକୁ ଆସନ୍ତି । ଆମ୍ଭେମାନେ ଯେଉଁଠାରେ ଥାଉ ନା କାହିଁକି, ତାହାଙ୍କ ନିକଟକୁ ଆସି ପାରିବା, ଯେପରି ସେ ରକ୍ତମାଂସ ଶରୀରରେ ସାକ୍ଷାତ ଆମ୍ଭମାନଙ୍କ ସମ୍ମୁଖରେ ରହିଅଛନ୍ତି ।

ନିଜ ନିଜର ଅଭାବ ଓ ପ୍ରୟୋଜନ ବୁଝିପାରି ଓ ସେ ଅଭାବ ଯେ ଖ୍ରୀଷ୍ଟ ପୂରଣ କରି ପାରିବେ ତାହା ବିଶ୍ୱାସ କରି, ଆମ୍ଭମାନଙ୍କର ଖ୍ରୀଷ୍ଟଙ୍କ ନିକଟକୁ ଆସିବା ଆବଶ୍ୟକ । ସେ ଆମ୍ଭମାନଙ୍କୁ ତାହାଙ୍କ ନିକଟକୁ ନିମନ୍ତ୍ରଣ କରିଅଛନ୍ତି ଓ ଆମ୍ଭେମାନେ ତାହାଙ୍କ ନିକଟକୁ ଗଲେ ସେ କ'ଣ ଫେରାଇ ଦେବେ ? ଆମ୍ଭେମାନେ ଯେତେ ମନ୍ଦପ୍ରକୃତିର ହୋଇଥାଉ ନା କାହିଁକି ବା ଅତୀତରେ ଯାହା କରିଥାଉ ନା କାହିଁକି, ସେଥିରେ କିଛି ଯାଏ ଆସେ ନା । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସିଲେ ସେ ଯେ ଆମ୍ଭମାନଙ୍କୁ ଗ୍ରହଣ କରିବେ, ଏ ନିର୍ଭର ପ୍ରତିଶ୍ରୁତି ସେ ଦେଇଅଛନ୍ତି ।

ବିଶ୍ୱାସର ଅନ୍ୟ ଗୋଟିଏ ଅଙ୍ଗ ହେଲା, ମନରେ ଦମ୍ଭ ଧରି ଖ୍ରୀଷ୍ଟଙ୍କୁ ଆହ୍ୱାନ । *'ଯେ କେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରେ, ସେ ପରିତ୍ରାଣ ପାଇବ'* (ରୋମୀ ୧୦:୧୩) ।

ପ୍ରାର୍ଥନାରେ ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଆହ୍ୱାନ କରିପାରୁ । ଆମ୍ଭେମାନେ ତାହାଙ୍କଠାରୁ ଆଲୋକ, ଜୀବନ ପରିତ୍ରାଣ ପାଇବା ନିମନ୍ତେ ନିବେଦନ କରିପାରୁ । ଆମ୍ଭମାନଙ୍କୁ ସତ୍ୟ ପଥ ଦେଖାଇବାକୁ, ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଏବଂ ଆମ୍ଭମାନଙ୍କୁ ଈଶ୍ୱରଙ୍କ ସନ୍ତାନ କରିବା ନିମନ୍ତେ ମଧ୍ୟ ଅନୁରୋଧ କରିପାରୁ ଏବଂ ସେ କ'ଣ ତାହା କରିବେ ନାହିଁ ? କାରଣ ତାହା କରିବା ନିମନ୍ତେ ସେ ତ ପୃଥିବୀକୁ ଆସିଥିଲେ । ଯେଉଁମାନେ ତାହାଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସେ ନିଶ୍ଚୟ ନିଜର ପ୍ରତିଜ୍ଞା ରକ୍ଷା କରିବେ ।

ବିଶ୍ୱାସର ଅର୍ଥ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ।

*'ତଥାପି ଯେଉଁମାନେ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସେମାନଙ୍କୁ ଈଶ୍ୱରଙ୍କ ସନ୍ତାନ ହେବାର ଅଧିକାର ଦେଲେ । ସ୍ୱାଭାବିକ ଭାବେ ମନୁଷ୍ୟର ଇଚ୍ଛାରୁ ଅବା ପୁରୁଷର ଅଭିଳାଷରୁ ଜାତ ନ ହୋଇ ଏମାନେ ଈଶ୍ୱରଙ୍କଠାରୁ ଜାତ'* (ଯୋହନ ୧:୧୨,୧୩) ।

ସେ ଆମ୍ଭମାନଙ୍କ ହୃଦୟ ଦ୍ୱାରର ଅତି ନିକଟରେ, ସେଥିପାଇଁ ଆମ୍ଭେମାନେ ତାହାଙ୍କ ନିମନ୍ତେ ହୃଦୟ ଦ୍ୱାର ଖୋଲି ଦେଉ । ଆମ୍ଭମାନଙ୍କର ପାପ କ୍ଷମାକାରୀ ଓ ପରିତ୍ରାଣକର୍ତ୍ତା ରୂପେ ଆମ୍ଭମାନଙ୍କର ହୃଦୟରେ ତାଙ୍କୁ ଗ୍ରହଣ କରି ନେଉ । ଆମ୍ଭମାନଙ୍କର ହୃଦୟ ସିଂହାସନରେ ବସି, ଆମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବା ନିମନ୍ତେ, ଆମ୍ଭେମାନେ ତାହାଙ୍କୁ ଆମ୍ଭମାନଙ୍କର ପ୍ରଭୁ ଓ ରାଜା ରୂପେ ପ୍ରତିଷ୍ଠା କରୁ । ଆମ୍ଭମାନଙ୍କ ଆରାଧନା, ସେବା ଓ ସ୍ତୁତି ପାଇବା ନିମନ୍ତେ ଯୋଗ୍ୟ ଈଶ୍ୱରଙ୍କ ପୁତ୍ର ରୂପେ ଆମ୍ଭେମାନେ ତାହାଙ୍କୁ ଗ୍ରହଣ କରୁ । ସେ ଠିଆ ହୋଇ ଦ୍ୱାରରେ ଆଘାତ କରୁଅଛନ୍ତି । ଦ୍ୱାର ଖୋଲିଦେଲେ, ସେ କଅଣ ଆମ୍ଭମାନଙ୍କ ହୃଦୟରେ ପ୍ରବେଶ କରିବେ ନାହିଁ ? ଏସବୁର ଉତ୍ତର ମିଳେ ତାହାଙ୍କ ନିଜ ପ୍ରତିଜ୍ଞାରୁ । *'ଦେଖ ! ମୁଁ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଛି । କେହି ଯଦି ମୋର ସ୍ୱର ଶୁଣି ଦ୍ୱାର ଖୋଲିଦିଏ, ତେବେ ମୁଁ ଭିତରକୁ ଯାଇ ତା' ସହିତ ଭୋଜନ କରିବି ଓ ସେ ମୋ' ସହିତ ଭୋଜନ କରିବ '* (ପ୍ରକାଶିତ ୩:୨୦) ।

ବିଶ୍ୱାସ ଜ୍ଞାନ ଉପରେ ପ୍ରତିଷ୍ଠିତ । ଆମ୍ଭେମାନେ କୌଣସି ବ୍ୟକ୍ତିଙ୍କୁ ଭଲଭାବେ ନ ଜାଣି ତାହାଠାରେ ଆସ୍ଥା ସ୍ଥାପନ କରି ପାରିବା ନାହିଁ । ଖ୍ରୀଷ୍ଟଙ୍କ ସମ୍ପର୍କରେ ମଧ୍ୟ ତାହା ସତ୍ୟ । ପ୍ରକୃତ ବିଶ୍ୱାସ, ଅନ୍ଧ ବିଶ୍ୱାସ ବା ଭ୍ରମ ଧାରଣା ନୁହେଁ । ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ସତ୍ୟ ଜ୍ଞାନରୁ ଏହାର ଉତ୍ପତ୍ତି ।

ବିଶ୍ୱାସ ନୈତିକତା ପ୍ରତି ଆଗ୍ରହ ।

*'କାରଣ ଈଶ୍ୱର ଜଗତକୁ ଦଣ୍ଡ ଦେବାକୁ ନିଜ ପୁତ୍ରଙ୍କୁ ପଠାଇ ନ ଥିଲେ, ମାତ୍ର ତାହାଙ୍କ ଦ୍ୱାରା ଜଗତକୁ ଉଦ୍ଧାର କରିବାକୁ ପଠାଇଥିଲେ । ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଦଣ୍ଡିତ ହୁଏ ନାହିଁ, ମାତ୍ର ଯେ କେହି ବିଶ୍ୱାସ କରେ ନାହିଁ, ସେ ଦଣ୍ଡାଦେଶ ପାଇ ସାରିଲାଣି, କାରଣ ସେ ଈଶ୍ୱରଙ୍କ*



*ଏକମାତ୍ର ପୁତ୍ରଙ୍କ ନାମରେ ବିଶ୍ୱାସ କରି ନାହିଁ । ସେହି ଦଣ୍ଡାଦେଶର କାରଣ ହେଉଛି : ଜ୍ୟୋତି ଜଗତରେ ପ୍ରକାଶିତ ହୋଇଛି, କିନ୍ତୁ ଲୋକେ ଜ୍ୟୋତି ଅପେକ୍ଷା ଅନ୍ଧକାରକୁ ପ୍ରିୟ ଜ୍ଞାନ କଲେ, କାରଣ ସେମାନଙ୍କର କର୍ମସକଳ ଅସତ୍'* (ଯୋହନ ୩:୧୭-୧୯) ।

ବିଶ୍ୱାସ, ଅନ୍ଧକାର ମଧ୍ୟକୁ ଲମ୍ଫଦେବା ସଙ୍ଗେ ସମାନ ନୁହେଁ । ଅପରପକ୍ଷେ, ଏହା ଆଲୋକ ମଧ୍ୟକୁ ଲମ୍ଫଦାନ । ଖ୍ରୀଷ୍ଟଙ୍କ ନିକଟକୁ ଆସିବାର ଅର୍ଥ, ଆଲୋକ, ପବିତ୍ରତା, ଶୁଦ୍ଧତା, ଧାର୍ମିକତା, ନ୍ୟାୟ ଓ ନୈତିକତା ପ୍ରତି ଆଗ୍ରହ ପ୍ରକାଶ । ଅନେକେ ତାହାଙ୍କୁ ଉପେକ୍ଷା କରିବାର କାରଣ ହେଲା, ସେମାନେ ଜୀବନରେ ଉପରୋକ୍ତ ସମସ୍ତ ବିଷୟ ପସନ୍ଦ କରି ନ ଥା'ନ୍ତି । ସେମାନେ ଆଲୋକଠାରୁ ଅନ୍ଧକାରକୁ ବରଂ ଭଲ ପାଇଥା'ନ୍ତି ।

ନୀତି ଦୃଷ୍ଟିରୁ ଏପରି ପସନ୍ଦ ବ୍ୟତୀତ, ଆମ୍ଭମାନଙ୍କ ସାହାଯ୍ୟ ନିମନ୍ତେ ଅନ୍ୟ କୌଣସି ଉପାୟ ନାହିଁ । ନିଜ ଚେଷ୍ଟା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ଲାଭ କରି ପାରିବୁ ନାହିଁ । ଜ୍ଞାନ, ଭକ୍ତି, କର୍ମ, ଦର୍ଶନତତ୍ତ୍ୱ, ଧର୍ମନୀତି, ଧର୍ମ, ଏପରିକି ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଯାହା କରିଅଛନ୍ତି ସେ, ଜ୍ଞାନ ମଧ୍ୟ ଆମ୍ଭମାନଙ୍କୁ ରକ୍ଷା କରି ପାରିବ ନାହିଁ । ଆମ୍ଭମାନଙ୍କ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା...ଆଲୋକକୁ ଆମ୍ଭେମାନେ ପସନ୍ଦ କରିବୁ କି ?

ମନୁଷ୍ୟ ନିମନ୍ତେ ଗତିପଥ ପରିବର୍ତ୍ତନର ପ୍ରୟୋଜନ ଅତି ଜରୁରୀ । ଆମ୍ଭେମାନେ ଯେତେବେଳେ ସ୍ୱେଚ୍ଛାରେ ଜୀବନ ଯାପନ କରିଥାଉ, ଆମ୍ଭେମାନେ ବୁଝୁ ବା ନ ବୁଝୁ, ଆମ୍ଭେମାନେ ଈଶ୍ୱରଙ୍କଆଡୁ ମୁଖ ଫେରାଇ, ନିଜ ବାଟରେ ନିଜେ ଚାଲୁ । ଆମ୍ଭମାନଙ୍କୁ ଈଶ୍ୱରଙ୍କ ପ୍ରତି ଫେରି ତାହାଙ୍କ ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ଅନ୍ଧକାରରେ ନ ଚାଲି, ଆମ୍ଭେମାନେ ଖ୍ରୀଷ୍ଟଙ୍କ ଆଲୋକ ଆଡ଼କୁ ଫେରୁ, ବିନାଶର ସୁଗମ ଓ ପ୍ରଶସ୍ତ ପଥରେ ନ ଚାଲି ଆମ୍ଭେମାନେ ଈଶ୍ୱରଙ୍କ ପଥରେ ଚାଲୁ, ପାପାଚରଣରେ ଲିପ୍ତ ନ ରହି ଆମ୍ଭେମାନେ ପାପ ପଥରୁ ଫେରି ପବିତ୍ର ଈଶ୍ୱରଙ୍କୁ ଗ୍ରହଣ କରୁ, ଆମ୍ଭମାନଙ୍କ ଆତ୍ମଧାର୍ମିକତାର ଛିନ୍ନ ବସ୍ତ୍ର ତ୍ୟାଗ କରି, ତାହାକୁ ଆବର୍ଜନା ରୂପେ ଦୂରକୁ ଫିଙ୍ଗି ଦେଉ ।

ଯୀଶୁ ଏହି ପରିବର୍ତ୍ତନର ନାମ ଦେଇଥିଲେ, ଅନୁତାପ । ଅନୁତାପ ଆମ୍ଭମାନଙ୍କ ପକ୍ଷରେ ଏକାନ୍ତ ଅପରିହାର୍ଯ୍ୟ । ଏହା ବ୍ୟତୀତ ଆମ୍ଭେମାନେ ଈଶ୍ୱରଙ୍କଠାରୁ ଅନନ୍ତ ଜୀବନ ଲାଭ କରି ପାରିବା ନାହିଁ । ଆଲୋକ, ଆନନ୍ଦ, ଶାନ୍ତି ଏବଂ ଈଶ୍ୱରଙ୍କ ସଙ୍ଗେ ମିଳିତ ଜୀବନ ପଥର ସନ୍ଧାନ, ଅନୁତାପ ମଧ୍ୟରେ ମିଳିଥାଏ ଏବଂ ଗୁରୁ ଅନୁତାପର ଆବଶ୍ୟକତା ବିଷୟରେ ଦୃଢ଼ ଭାବରେ କହିଥିଲେ । *'କିନ୍ତୁ ଅନୁତାପ ନ କଲେ ତୁମେ ସମସ୍ତେ ମଧ୍ୟ ବିନଷ୍ଟ ହେବ'* (ଲୂକ ୧୩:୩) ଏବଂ ବର୍ତ୍ତମାନ ଈଶ୍ୱର, *'ସର୍ବତ୍ର ସବୁ ଲୋକଙ୍କୁ ଅନୁତାପ କରିବାକୁ ଆଜ୍ଞା ଦେଉଛନ୍ତି'* (ପ୍ରେରିତ ୧୭:୩୦) । ଈଶ୍ୱରଙ୍କର ଏହି ଆଦେଶ ପ୍ରତି ଆମେ ପ୍ରତ୍ୟେକେ ମନୋଯୋଗ କରୁ ।

ତେଣୁ ଏସମସ୍ତ ବିଶ୍ୱାସ ସଙ୍ଗେ ସଂପୃକ୍ତ । ବିଶ୍ୱାସ ଫଳରେ ଆମ୍ଭେମାନେ ପାପରୁ ଫେରୁ, ଖ୍ରୀଷ୍ଟଙ୍କ ନିକଟକୁ ଆସୁ, ଖ୍ରୀଷ୍ଟଙ୍କଠାରେ ପ୍ରାର୍ଥନା କରୁ, ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରି ତାହାଙ୍କୁ ଜୀବନରେ ସ୍ୱୀକାର କରି, ଜୀବନରେ ଯାହା ପ୍ରୟୋଜନ ତାହାଙ୍କଠାରୁ ଗ୍ରହଣ କରୁ ।

## ଏକମାତ୍ର ପଥ

ଖ୍ରୀଷ୍ଟ ଯେଉଁ ପଥ ବିଷୟରେ ଶିକ୍ଷା ଦେଇଥିଲେ, ସେ ପଥ ହେଉଛି, କ୍ରୁଶ, ଅନୁଗ୍ରହ ଓ ବିଶ୍ୱାସର ପଥ । ପ୍ରକୃତରେ କହିବାକୁ ଗଲେ ଖ୍ରୀଷ୍ଟ ନିଜେ ହିଁ ପଥ ଏବଂ ତାହାଙ୍କଠାରେ ବିଶ୍ୱାସ କରିବା ଅର୍ଥ ତାହାଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବା ଏବଂ ସେ ବିଶ୍ୱାସ ଆମ୍ଭମାନଙ୍କୁ ମୁକ୍ତ କରିବ । ଖ୍ରୀଷ୍ଟ ଆମ୍ଭମାନଙ୍କୁ ଜୀବନ, ପାପକ୍ଷମା, ଶକ୍ତି, ଜ୍ଞାନ, ବଳ, ପ୍ରେମ ଓ ଈଶ୍ୱରଙ୍କ ସହଭାଗିତା ଚିରକାଳ ନିମନ୍ତେ ଦାନ କରନ୍ତି ।

ଏହାଠାରୁ ଆମ୍ଭମାନଙ୍କର ଆଉ ଅଧିକ କ'ଣ ପ୍ରୟୋଜନ ? ଆମ୍ଭେମାନେ ଯେତେବେଳେ ତାହାଙ୍କ ଉପରେ ଆସ୍ଥା ସ୍ଥାପନ କରୁ, ସମସ୍ତ ପ୍ରତିବନ୍ଧକ ଦୂର ହୁଏ ଏବଂ ଈଶ୍ୱର ମନୁଷ୍ୟ ନିମନ୍ତେ ଯେଉଁ ପରିତ୍ରାଣର ବ୍ୟବସ୍ଥା କରିଅଛନ୍ତି, ଆମ୍ଭେମାନେ ତାହା ଲାଭ କରିଥାଉ ଏବଂ ଏହାର ଅଂଶ ରୂପେ ଶାନ୍ତି ଓ ଈଶ୍ୱରଙ୍କର ସହଭାଗିତାରେ ଆନନ୍ଦ କରିଥାଉ ।



ଆମ୍ଭମାନଙ୍କର ବିଶ୍ୱାସ ଅଛି ତ ? ତେବେ ତାହାକୁ କାର୍ଯ୍ୟରେ ଲଗାଉ । ଯଦି ଆମ୍ଭମାନଙ୍କର ବିଶ୍ୱାସ ନ ଥାଏ ବା ଆମ୍ଭମାନଙ୍କର ବିଶ୍ୱାସ ଦୁର୍ବଳ ହୋଇଥାଏ, ତେବେ ଯୀଶୁ ଖ୍ରୀଷ୍ଟଙ୍କ ଚରିତ୍ର ପରୀକ୍ଷା କରୁ ଏବଂ ସେ ଯେଉଁ ପ୍ରତିଜ୍ଞା ଦାନ କରିଅଛନ୍ତି ଓ ସାକ୍ଷ୍ୟ ଦେଇଅଛନ୍ତି, ସେଥିପ୍ରତି ଲକ୍ଷ୍ୟ କରୁ । ତାହାଙ୍କର ପ୍ରେମ ଓ କରୁଣା, ପାପୀମାନଙ୍କ ନିମନ୍ତେ କ୍ରୁଶରେ ତାହାଙ୍କର ମୃତ୍ୟୁ ଏବଂ ମୃତ୍ୟୁରୁ ତାହାଙ୍କର ଗୌରବମୟ ପୁନରୁତ୍ଥାନ ବିଷୟ ଚିନ୍ତା କରୁ । ଆସନ୍ତୁ, ପାପ ପଥରୁ ଫେରି, ଆମ୍ଭମାନଙ୍କର ପାପ ସ୍ୱୀକାର କରି, ତାହାଙ୍କ ମୁଖ ଆଡ଼କୁ ଅନାଉ । ତାହାଙ୍କର ବାକ୍ୟ ଧର୍ମଶାସ୍ତ୍ର ବାଇବଲ, ଯତ୍ନ ଓ ପ୍ରାର୍ଥନାର ସହିତ ପାଠ କରୁ । ଆମ୍ଭମାନଙ୍କର ହୃଦୟ ଓ ପ୍ରାର୍ଥନା, ଖ୍ରୀଷ୍ଟଙ୍କଠାରେ ଉତ୍ସର୍ଗ କରୁ ।

ଆମ୍ଭମାନଙ୍କର ସନ୍ଦେହ, ଭୟ ଓ ପାପ ଯେପରି ହେଉନା କାହିଁକି, ଆମ୍ଭେମାନେ ଆନ୍ତରିକଭାବେ ତାହାଙ୍କ ପ୍ରତି ଫେରିଲେ ସେ ନିଶ୍ଚୟ ଆମ୍ଭମାନଙ୍କର ନିବେଦନ ଶୁଣିବେ । ଆମ୍ଭେମାନେ ଶତ ସହସ୍ର ପାପ କରିଥିଲେ ମଧ୍ୟ ଆମ୍ଭେମାନେ ଠିକ୍ ସେହିପରି ଅବସ୍ଥାରେ ତାହାଙ୍କ ନିକଟକୁ ଯାଉ । ସେ ଆମ୍ଭମାନଙ୍କ ପାପକ୍ଷମା କରି ଆମ୍ଭମାନଙ୍କ ପରିତ୍ରାଣର ସମସ୍ତ ପ୍ରୟୋଜନୀୟ ବ୍ୟବସ୍ଥା କରିବେ ।

ଖ୍ରୀଷ୍ଟଙ୍କ ପଥ ମଧ୍ୟରେ, ଅତି ନରାଧମ ନିମନ୍ତେ ମଧ୍ୟ ଆଶାର ସଙ୍କେତ ରହିଛି । ଯେ ନିଜକୁ ପୃଥିବୀର ଅତି ଅଧମ ଓ ଦୁର୍ବଳ ମନେ କରେ, ନିଜ ହୃଦୟର ମନ୍ଦତା ହେତୁ ନିଜକୁ ଅଯୋଗ୍ୟ, ନଗଣ୍ୟ ମନେ କରେ ଓ ହୃଦୟରେ ଅନୁଭବ କରେ ଯେ ଶାସ୍ତି ତାହାର ପ୍ରାପ୍ୟ, ସେ ଖ୍ରୀଷ୍ଟଙ୍କ ନିକଟକୁ ଆସୁ । ତାହାଙ୍କଠାରେ ସେ ଦୟା, କରୁଣା ଓ ପରିପୂର୍ଣ୍ଣ ଅନୁଗ୍ରହର ସନ୍ଧାନ ପାଇବ ।

# ୬ ଗୁରୁ ସାକ୍ଷ୍ୟ ପ୍ରମାଣ ଦିଅନ୍ତି

ଆମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କର କେତେକ ଶିକ୍ଷା ବିଷୟରେ ପୂର୍ବରୁ ଆଲୋଚନା କରିଛୁ । ପୃଥିବୀର ସବୁ ଅଞ୍ଚଳରେ ଲୋକେ ଏହି ଶିକ୍ଷାଗୁଡ଼ିକୁ ଜ୍ଞାନପୂର୍ଣ୍ଣ, ଶକ୍ତିସମ୍ପନ୍ନ ଓ ମହତ୍ ବୋଲି ସ୍ୱୀକାର କରି ଆସିଛନ୍ତି । ବର୍ତ୍ତମାନ ଆମ୍ଭେମାନେ ଦେଖିବା, ସେସବୁ ଶିକ୍ଷାର ଉତ୍ପତ୍ତି କେଉଁଠାରୁ ଓ ଆମ୍ଭେମାନେ ସେସବୁ ଶିକ୍ଷା ବିଶ୍ୱାସ କରିବା କାହିଁକି ?

ଥରେ ଗୁରୁ ନିଜର ଶିକ୍ଷା ଓ ଈଶ୍ୱରଙ୍କ ସଙ୍ଗେ ସେ ଶିକ୍ଷାର ସମ୍ପର୍କ ସମ୍ବନ୍ଧରେ କହିଥିଲେ, *'ମୁଁ ମୋ' ନିଜ ଇଚ୍ଛାରୁ କଥା କହି ନାହିଁ, କିନ୍ତୁ କ'ଣ କହିବାକୁ ହେବ ଓ କିପରି କହିବାକୁ ହେବ, ସେହି ବିଷୟରେ ମୋର ପ୍ରେରଣକର୍ତ୍ତା ପିତା ମୋତେ ଆଦେଶ ଦେଇଛନ୍ତି । ତାହାଙ୍କର ଆଜ୍ଞା ଯେ ଅନନ୍ତ ଜୀବନକୁ ପଥ କଢ଼ାଇ ନିଏ, ଏହା ମୁଁ ଜାଣେ । ତେଣୁ ପିତା ମୋତେ ଯାହା କହିବାକୁ କହିଛନ୍ତି, ମୁଁ ଠିକ୍ ତାହା ହିଁ କହେ'* (ଯୋହନ ୧୨:୪୯,୫୦) ।

ଯୀଶୁ ଥରେ ପ୍ରାର୍ଥନାରେ, ନିଜ ଶିଷ୍ୟମାନଙ୍କ ସମ୍ପର୍କରେ ପିତା ଈଶ୍ୱରଙ୍କ ନିକଟରେ ନିବେଦନ କରି କହିଥିଲେ, *'ତୁମ୍ଭେ ମୋତେ ଯେଉଁ ସବୁ ବାକ୍ୟ ଦେଲ, ମୁଁ ସେମାନଙ୍କୁ ସେହି ସବୁ ଦେଇଛି ଓ ସେମାନେ ତାହା ଗ୍ରହଣ କରିଛନ୍ତି । ମୁଁ ତୁମ୍ଭ ନିକଟରୁ ଆସିଛି ବୋଲି ସେମାନେ ନିଶ୍ଚିତ ରୂପେ ଜାଣିଛନ୍ତି ଓ ତୁମ୍ଭେ ମୋତେ ପଠାଇଛ ବୋଲି ସେମାନେ ବିଶ୍ୱାସ କରିଛନ୍ତି'* (ଯୋହନ ୧୭:୮) ।

ଯୀଶୁ ଥରକୁ ଥର ଦୃଢ଼ଭାବେ ଏହା କହୁଥିଲେ । ସେ କହୁଥିଲେ ଯେ, ତାହାଙ୍କର ସମସ୍ତ ଶିକ୍ଷା ସେ ନିଜ ମନରୁ ବାହାର କରି ନାହାନ୍ତି ଓ ଧର୍ମ ସଂକ୍ରାନ୍ତୀୟ ସମସ୍ତ ଉକ୍ତି ତାହାଙ୍କର ବ୍ୟକ୍ତିଗତ ମତାମତ ନୁହେଁ ।

ସେ କହିଥିଲେ ଯେ, ସେ ଯେଉଁସବୁ ଶିକ୍ଷା ଦେଉଅଛନ୍ତି, ଈଶ୍ୱର ତାହାଙ୍କୁ ତାହା କହିଅଛନ୍ତି ଏବଂ ସେ କଥା ପ୍ରଚାର କରିବା ନିମନ୍ତେ ଈଶ୍ୱର ତାଙ୍କୁ ପଠାଇଛନ୍ତି ।



ଏ ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ବିଷୟରେ ଗଭୀରଭାବେ ଚିନ୍ତା କରିବା କଥା । ଯଦି ଖ୍ରୀଷ୍ଟଙ୍କର ଏହି ଉକ୍ତି ସତ୍ୟ ହୁଏ, ତେବେ ସେ ଯାହାସବୁ ଶିକ୍ଷା ଦେଇଥିଲେ, ସେସବୁ ଯେ ସତ୍ୟ ଓ ସେ ସବୁ ପ୍ରଚାର କରିବା ନିମନ୍ତେ ଈଶ୍ୱର ତାହାଙ୍କୁ ପ୍ରେରଣ କରିଥିଲେ, ତାହା ସ୍ୱୀକାର କରିବାକୁ ହେବ । ତେଣୁ ତାହାଙ୍କର ସମସ୍ତ ଶିକ୍ଷା ବିଶ୍ୱାସରେ ଓ ନମ୍ର ହୃଦୟରେ ଗ୍ରହଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

## ସାକ୍ଷ୍ୟର ପ୍ରୟୋଜନ

ଖ୍ରୀଷ୍ଟ ଯେପରି ନିଜ ସମ୍ପର୍କରେ ଅନେକ କଥା କହିଥିଲେ, ଠିକ୍ ସେହିପରି କେହି କେହି ନିଜ ବିଷୟରେ ନିଜେ ଅନେକ କଥା କହି ପାରନ୍ତି । ଅବଶ୍ୟ ସେ ସବୁ କଥାରେ ସତ୍ୟତା ନ ଥାଇପାରେ । ଏପରିକି ଈଶ୍ୱରଙ୍କଠାରୁ ପ୍ରତ୍ୟାଦେଶ ନ ପାଇ ମଧ୍ୟ କେହି କେହି ପ୍ରତ୍ୟାଦେଶ ପାଇଛନ୍ତି ବୋଲି ଦାବୀ କରି ପାରନ୍ତି । କେହି କେହି ଏପରି ମଧ୍ୟ ଦାବୀ କରିଥା'ନ୍ତି ଯେ, ମନୁଷ୍ୟର ରୂପରେ ସେମାନେ ଈଶ୍ୱରଙ୍କ ପୁତ୍ର ବା ସ୍ୱୟଂ ଈଶ୍ୱର । ତେଣୁ ଏ ବିଷୟରେ କେତେକ ପ୍ରଶ୍ନ ଉତ୍ଥାପନର ସମୟ ଆସିଛି ।

ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ଏ କଥା ତାହାଙ୍କର ଶିଷ୍ୟମାନେ ନିଶ୍ଚିତଭାବେ ଜାଣିଲେ କିପରି ? ସେ ସମ୍ପର୍କରେ ଯୀଶୁ ନିଜ ଶିଷ୍ୟମାନଙ୍କୁ କି ସାକ୍ଷ୍ୟ ଦେଇଥିଲେ ? ଈଶ୍ୱର ଯେ ତାହାଙ୍କୁ ଜଗତକୁ ପଠାଇଥିଲେ, ତାହାଙ୍କର ନିଜ କଥା ଛଡ଼ା ଆମ୍ଭେମାନେ ଆଉ କି ପ୍ରମାଣ ପାଇଛୁ ?

ଯୀଶୁ ତାହାଙ୍କର ସମସାମୟିକ ଲୋକଙ୍କୁ କହିଥିଲେ ଯେ, ତାହାଙ୍କର ବାକ୍ୟ ଛଡ଼ା ସେ ବିଷୟରେ ଯଦି ଅନ୍ୟ କୌଣସି ପ୍ରମାଣ ନାହିଁ, ତେବେ ସେମାନଙ୍କ ପକ୍ଷରେ ତାହାଙ୍କ କଥା ବିଶ୍ୱାସ କରିବା ଯୁକ୍ତିସଙ୍ଗତ ହେବ ନାହିଁ । ସେ କହିଥିଲେ, *'ମୁଁ ଯଦି ପିତାଙ୍କ କର୍ମ କରୁ ନାହିଁ, ତେବେ ମୋତେ ବିଶ୍ୱାସ କର ନାହିଁ'* (ଯୋହନ ୧୦:୩୭) ।

ଯୀଶୁ ଖ୍ରୀଷ୍ଟ ନିଜେ ବା ଅନ୍ୟ କେହି ଯଦି କହନ୍ତି ଯେ, ସେ ଈଶ୍ୱରଙ୍କଠାରୁ ଶିକ୍ଷାଗୁରୁ ରୂପେ ଆସିଅଛନ୍ତି ବା ସେ ସ୍ୱୟଂ ଈଶ୍ୱରଙ୍କ ପୁତ୍ର, କେବଳ ସେହି ଦାବୀ ଯଥେଷ୍ଟ ପ୍ରମାଣ ନୁହେଁ । ଯେଉଁ ବ୍ୟକ୍ତି ଏପରି ଦାବୀ କରିବେ, ନିଜ

କଥାକୁ ସମର୍ଥନ କଲାଭଳି ପ୍ରମାଣ ମଧ୍ୟ ତାଙ୍କ ନିକଟରେ ଥିବା ଆବଶ୍ୟକ । ତେଣୁ ଯୀଶୁ କହିଥିଲେ ଯେ, ଯଥାର୍ଥ ପ୍ରମାଣ ନ ପାଇ ଲୋକେ ତାଙ୍କୁ ବିଶ୍ୱାସ କରିବା ଉଚିତ୍ ନୁହେଁ । ପୃଥିବୀରେ ଅନ୍ଧବିଶ୍ୱାସ ତ ରହିଛି, କିନ୍ତୁ ଯୀଶୁଙ୍କର ଇଚ୍ଛା ନ ଥିଲା ଯେ, ଲୋକେ ସେହିପରି ଅନ୍ଧଭାବେ ତାହାଙ୍କୁ ବିଶ୍ୱାସ କରନ୍ତୁ । ପୃଥିବୀରେ ଥିବାବେଳେ, ସେ ଲୋକମାନଙ୍କୁ ପ୍ରମାଣ ଦେଖାଇ ଥିଲେ ଯେ, ସେ ଈଶ୍ୱରଙ୍କ ନିକଟରୁ ଆସିଅଛନ୍ତି । ସେତେବେଳେ ତାହାଙ୍କ ସାକ୍ଷ୍ୟରେ ଲୋକଙ୍କର ହୃଦ୍‌ବୋଧ ହୋଇଥିଲା ଓ ଆଜି ମଧ୍ୟ ଅନେକେ ତାହାଙ୍କର ସାକ୍ଷ୍ୟ ବିଶ୍ୱାସ କରନ୍ତି ।

ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ଶିଷ୍ୟମାନେ ତାହା ବିଶ୍ୱାସ କରିବା ସପକ୍ଷରେ ବହୁ ଯୁକ୍ତିସଙ୍ଗତ କାରଣ ଥିଲା । ସେ କାରଣଗୁଡ଼ିକ କ'ଣ, ତାହା ଜାଣିବା ଆମ୍ଭମାନଙ୍କର ଦରକାର ।

## ଖ୍ରୀଷ୍ଟଙ୍କର ମହାନ୍ କାର୍ଯ୍ୟ

ପ୍ରଥମତଃ, ଖ୍ରୀଷ୍ଟ ଯେଉଁସମସ୍ତ ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କରିଥିଲେ, ସେଗୁଡ଼ିକରୁ ଦୃଢ଼ ପ୍ରମାଣ ମିଳେ ଯେ, ସେ ଈଶ୍ୱରଙ୍କ ନିକଟରୁ ଆସିଥିଲେ । ସେ ସେହି କାର୍ଯ୍ୟଗୁଡ଼ିକ ପ୍ରତି ନିର୍ଦ୍ଦେଶ କରି କହିଥିଲେ, *'ପିତା ମୋତେ ଯେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଠାଇଛନ୍ତି ଓ ଯାହା ମୁଁ କରୁଛି, ତାହା ହିଁ ସାକ୍ଷ୍ୟ ଦେଉଛି ଯେ ପିତା ମୋତେ ପଠାଇଛନ୍ତି'* (ଯୋହନ ୫:୩୬) ।

ଯୀଶୁ ଯେଉଁ କାର୍ଯ୍ୟଗୁଡ଼ିକ ବିଷୟରେ କହିଥିଲେ, ସେ କାର୍ଯ୍ୟଗୁଡ଼ିକ କ'ଣ ? ସେହି କାର୍ଯ୍ୟଗୁଡ଼ିକରୁ ଦୁଇଟି ବିଷୟ ସ୍ପଷ୍ଟଭାବେ ପ୍ରକାଶିତ ହୋଇଥିଲା–ଐଶ୍ୱରିକ ଶକ୍ତି ଓ କରୁଣା । ସେ କାର୍ଯ୍ୟଗୁଡ଼ିକ, ଈଶ୍ୱରଙ୍କ ଶକ୍ତି ଦ୍ୱାରା ଓ ଈଶ୍ୱରଙ୍କ ପ୍ରେମ ଦ୍ୱାରା ସାଧିତ ହୋଇଥିଲା ।

ଖ୍ରୀଷ୍ଟଙ୍କ ଶକ୍ତି ବିଷୟରେ ଥରେ ଚିନ୍ତା କରି ଦେଖନ୍ତୁ । ସେ ନିଜ ଅଙ୍ଗୁଳି ସ୍ପର୍ଶରେ ଅନ୍ଧକୁ ଦୃଷ୍ଟିଶକ୍ତି ଦାନ କରିଥିଲେ । ସେହିପରି ସେ ବଧିରକୁ ଶ୍ରବଣ ଶକ୍ତି ଓ ଖଞ୍ଜକୁ ଚାଲିବା ଶକ୍ତି ଦେଇଥିଲେ । ମନୁଷ୍ୟ ପକ୍ଷରେ ଯେଉଁସବୁ ରୋଗ, ଆରୋଗ୍ୟ କରିବା ଅସମ୍ଭବ ଏପରି ରୋଗ ସେ ଆରୋଗ୍ୟ କରିଥିଲେ । ଏପରିକି, ସେ ମୃତକୁ ମଧ୍ୟ ଜୀବନ ଦାନ କରିଥିଲେ ।



ଏସମସ୍ତ କାର୍ଯ୍ୟ ଦେଖି ଅନେକେ ବିଶ୍ୱାସ କରିଥିଲେ ଯେ, ସେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ । ଅନେକେ ଯାହା ମନେ ମନେ ଚିନ୍ତା କରୁଥିଲେ, ଇସ୍ରାଏଲର ଜଣେ ନେତା ଯୀଶୁଙ୍କୁ ସେହି କଥା କହିଥିଲେ, *'ଆମେ ଜାଣୁ ଯେ ଆପଣ ଈଶ୍ୱରଙ୍କ ନିକଟରୁ ଆଗତ ଜଣେ ଗୁରୁ । କାରଣ ଆପଣ ଯେଉଁ ସବୁ ଅଲୌକିକ କର୍ମ ସାଧନ କରୁଛନ୍ତି, ଈଶ୍ୱର ସଙ୍ଗରେ ନ ଥିଲେ କେହି ସେସବୁ କରି ପାରିବ ନାହିଁ'* (ଯୋହନ ୩:୨) ।

ପିତର ନାମକ ଯୀଶୁଙ୍କର ଜଣେ ଶିଷ୍ୟ କହିଥିଲେ, *'ନାଜରିତୀୟ ଯୀଶୁ ତୁମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ମନୋନୀତ ବ୍ୟକ୍ତି ବୋଲି ତୁମ୍ଭେମାନେ ନିଜେ ଜାଣ, କାରଣ ଈଶ୍ୱର ତାହାଙ୍କ ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରେ ଅଲୌକିକ କର୍ମ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ଚିହ୍ନସକଳ ସାଧନ କରି ତାହା ପ୍ରମାଣ କରିଅଛନ୍ତି'* (ପ୍ରେରିତ ୨:୨୨) ।

ତେଣୁ ସେହି ସମସ୍ତ କାର୍ଯ୍ୟ ପ୍ରତି ନିର୍ଦ୍ଦେଶ କରି ଯୀଶୁ ନିଜେ ଓ ତାହାଙ୍କର ଶିଷ୍ୟମାନେ ପ୍ରମାଣ କରିପାରୁଥିଲେ ଯେ, ଈଶ୍ୱର ଯୀଶୁଙ୍କୁ ପ୍ରେରଣ କରିଥିଲେ ।

ଯୀଶୁଙ୍କର ସମସ୍ତ ଆଶ୍ଚର୍ଯ୍ୟ କର୍ମ, କଳ୍ପନା ପ୍ରସୂତ ଗଳ୍ପ ନୁହେଁ । ପ୍ରକୃତରେ ଯୀଶୁ ଅଗଣିତ ଲୋକଙ୍କ ସମ୍ମୁଖରେ କେତେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ତାହାଙ୍କର ବନ୍ଧୁ ଓ ଶତ୍ରୁ, ଉଭୟ ପ୍ରକାର ଲୋକେ ସେଠାରେ ଥିଲେ । ତେଣୁ ସେ ଯେ ସେସମସ୍ତ ଆଶ୍ଚର୍ଯ୍ୟ କର୍ମ କରିଥିଲେ, ସେ କଥା କେହି ଅସ୍ୱୀକାର କରିପାରି ନ ଥା'ନ୍ତେ ।

ଅବଶ୍ୟ ତାହାଙ୍କର ଈର୍ଷାପରାୟଣ ଶତ୍ରୁମାନଙ୍କ ପକ୍ଷରେ ସମ୍ଭବ ହୋଇଥିଲେ ସେମାନେ ଆନନ୍ଦରେ ଯୀଶୁଙ୍କର ଆଶ୍ଚର୍ଯ୍ୟ କର୍ମ ମିଥ୍ୟା ବୋଲି ପ୍ରଚାର କରିଥା'ନ୍ତେ । କିନ୍ତୁ ସେମାନଙ୍କୁ ମଧ୍ୟ ସେ କଥା ସ୍ୱୀକାର କରିବାକୁ ପଡ଼ିଥିଲା, ଏପରିକି ଯେତେବେଳେ ଯୀଶୁଙ୍କୁ ହତ୍ୟା କରିବା ନିମନ୍ତେ ସେମାନେ ଷଡଯନ୍ତ୍ର କରୁଥିଲେ । *'ତତ୍ପରେ ପ୍ରଧାନ ଯାଜକ ଓ ଫାରୂଶୀମାନେ ମହାସଭା ଡକାଇଲେ । ସେମାନେ କହିଲେ, ଆମେ କ'ଣ କରୁଛୁ ? ଏହି ଲୋକ ଅନେକ ଅଲୌକିକ କର୍ମ କରୁଛି । ଆମେ ଯଦି ତାକୁ ଏହିପରି ଭାବରେ*

*ଛାଡ଼ି ଦେଉ, ତେବେ ସମସ୍ତେ ତା'ଠାରେ ବିଶ୍ୱାସ କରିବେ ଓ ରୋମୀୟମାନେ ଆସି ଆମର ମନ୍ଦିରକୁ ଓ ଆମ ଜାତିକୁ ଧ୍ୱଂସ କରିଦେବେ'* (ଯୋହନ ୧୧:୪୭,୪୮) ।

ଯୀଶୁ ଯେଉଁସମସ୍ତ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ, ସେ ସବୁ ଅଲୌକିକ ଏବଂ ଅନ୍ୟ କୌଣସି କଥାରେ ତାହା ବୁଝାଇ ହେବ ନାହିଁ । ସେ ସବୁ ହାତର କୌଶଳ ବା ସମ୍ମୋହନ ଶକ୍ତି ଦ୍ୱାରା କରାଯାଉ ନ ଥିଲା । ଉଦାହରଣ ସ୍ୱରୂପ, *'ଯୀଶୁ ପାଣି ଉପରେ ଚାଲିଥିଲେ'* (ଯୋହନ ୬:୧୬-୧୯), *'ଜନ୍ମାନ୍ଧକୁ ଦୃଷ୍ଟିଶକ୍ତି ଦେଇଥିଲେ'* (ଯୋହନ ୯ ପର୍ବ), *'ସେ କେତେକ କୁଷ୍ଠୀକୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ କରିଥିଲେ'* (ମାର୍କ ୧:୪୦-୪୨), ମୃତ୍ୟୁର ଚାରିଦିନ ପରେ ସେ ଜଣକୁ କବରରୁ ଉଠାଇଥିଲେ, ସେ ଯେତେବେଳେ କବର ନିକଟକୁ ଯାଇଥିଲେ, ମୃତବ୍ୟକ୍ତିଙ୍କର ଭଗ୍ନୀ କହିଥିଲେ, *'କିନ୍ତୁ ପ୍ରଭୁ, ଏତେବେଳକୁ ଦୁର୍ଗନ୍ଧ ହେଉଥିବ, କାରଣ ସେ ମରିବାର ଚାରି ଦିନ ହୋଇଗଲାଣି'* (ଯୋହନ ୧୧ ପର୍ବ) ।

କୌଣସି ପ୍ରକାର କୌଶଳ ଦ୍ୱାରା ପାଣି ଉପରେ ଚାଲିବା, ଅନ୍ଧକୁ ଦୃଷ୍ଟି ଶକ୍ତି ଦେବା, କୁଷ୍ଠୀକୁ ଆରୋଗ୍ୟ କରିବା ବା ସମ୍ମୋହନ ଶକ୍ତି ଦ୍ୱାରା ମୃତକୁ ଜୀବନ ଦେବା ମନୁଷ୍ୟ ପକ୍ଷରେ ସମ୍ଭବ ହେବ ନାହିଁ । ସେ ଈଶ୍ୱରଙ୍କ ଶକ୍ତି ଦ୍ୱାରା  ସେସମସ୍ତ ସାଧନ କରି ପାରିଥିଲେ ।

କିନ୍ତୁ ଖ୍ରୀଷ୍ଟଙ୍କର ଅଲୌକିକ କର୍ମ ତାହାଙ୍କ ଶକ୍ତିର ପରିଚାୟକ ନୁହେଁ, ବରଂ ମନୁଷ୍ୟ ପ୍ରତି ତାହାଙ୍କ କରୁଣାର ନିଦର୍ଶନ । ଆମ୍ଭେମାନେ କାହିଁକି ଯୀଶୁଙ୍କଠାରେ ବିଶ୍ୱାସ ସ୍ଥାପନ କରିବୁ, ଉପରୋକ୍ତ କାରଣରୁ ତା'ର ସୂଚନା ମିଳେ ।

ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ତାହାଙ୍କ ଚରିତ୍ର ହିଁ ତା'ର ଦୃଢ଼ ପ୍ରମାଣ । ସେ ଯଦି ମନ୍ଦ ଲୋକ ହୋଇଥାଆନ୍ତେ, ତେବେ ତାହାଙ୍କର ସମସ୍ତ ଆଶ୍ଚର୍ଯ୍ୟ କର୍ମ ସତ୍ତ୍ୱେ ଆମ୍ଭେମାନେ ତାହାଙ୍କୁ ବିଶ୍ୱାସ କରିପାରି ନ ଥା'ନ୍ତୁ । ଈଶ୍ୱରଙ୍କ ସାହାଯ୍ୟ ବିନା ମଧ୍ୟ ଏପରି କାର୍ଯ୍ୟ କରାଯାଇପାରେ, ଯାହାକୁ ଲୋକେ ଆଶ୍ଚର୍ଯ୍ୟ କର୍ମ ବୋଲି ସ୍ୱୀକାର କରିନେଇପାରନ୍ତି । ଐଶ୍ୱରିକ



ଶକ୍ତିବିହୀନ ଭଣ୍ଡ ଭାବବାଦୀ ପକ୍ଷରେ ମଧ୍ୟ ଏହିପରି ଆଶ୍ଚର୍ଯ୍ୟ ବା ଆଶ୍ଚର୍ଯ୍ୟ ମନେ ହେଉଥିବା କାର୍ଯ୍ୟ କରିବାର ଶକ୍ତି ଥାଇପାରେ । କିନ୍ତୁ ସେମାନଙ୍କର ସମସ୍ତ ଆଶ୍ଚର୍ଯ୍ୟ କର୍ମ ସତ୍ତ୍ୱେ, ସେମାନେ ଯେ ଈଶ୍ୱରଙ୍କ ନିକଟରୁ ଆସିଛନ୍ତି, ତାହା ପ୍ରମାଣିତ ହୋଇ ପାରିବ ନାହିଁ । ତେଣୁ ଖ୍ରୀଷ୍ଟଙ୍କର ବା ଅନ୍ୟ କୌଣସି ବ୍ୟକ୍ତିଙ୍କର ଆଶ୍ଚର୍ଯ୍ୟ କର୍ମ ସମ୍ବନ୍ଧରେ ବିଚାର କରିବା ସମୟରେ, ଆମ୍ଭମାନଙ୍କର ପ୍ରଶ୍ନ କରିବା ଉଚିତ୍, କେଉଁ ଲୋକ ସେ କାର୍ଯ୍ୟ କରିଅଛନ୍ତି ।

ଖ୍ରୀଷ୍ଟଙ୍କ ବିଷୟରେ ବିଚାର କଲେ, ସେ କି ପ୍ରକାର ବ୍ୟକ୍ତି ଥିଲେ, ତାହା ସ୍ପଷ୍ଟ ଜଣାପଡ଼େ । ସୁସମାଚାରରେ ମଧ୍ୟ ସେ ବିଷୟରେ ସ୍ପଷ୍ଟ ଉଲ୍ଲେଖ ରହିଛି । ସେ ଯେଉଁସବୁ ଆଶ୍ଚର୍ଯ୍ୟ କର୍ମ କରିଥିଲେ, ଜଣେ ମହାନ୍ ଓ ଉତ୍ତମ ବ୍ୟକ୍ତିଠାରୁ ସେପରି କାର୍ଯ୍ୟ ଅପେକ୍ଷା କରିବା ଅସଙ୍ଗତ ନୁହେଁ । ନିଃସ୍ୱ, ଅଭାବଗ୍ରସ୍ତ ଲୋକଙ୍କ ନିମନ୍ତେ ତାହାଙ୍କ ହୃଦୟରେ କରୁଣା ଭରି ରହିଥିଲା । ସେମାନଙ୍କୁ ସାହାଯ୍ୟ ଓ ଉଦ୍ଧାର କରିବା ନିମନ୍ତେ, ନିଜର ସମୟ, ସୁଖ-ସ୍ୱାଚ୍ଛନ୍ଦ୍ୟ, ଏପରିକି ନିଜ ଜୀବନ ଦାନ କରିବା ନିମନ୍ତେ ମଧ୍ୟ ସେ କୁଣ୍ଠିତ ହୋଇ ନ ଥିଲେ ।

ଦୁଃସ୍ଥ, ଦରିଦ୍ର, ଅସହାୟ, ପତିତ ମନୁଷ୍ୟକୁ ସେ ମଧ୍ୟ ପ୍ରେମ କରୁଥିଲେ ଓ ବହୁ ସମୟରେ ମନୁଷ୍ୟର ପ୍ରୟୋଜନ ପୂରଣ କରିବାକୁ ସେ ଆଶ୍ଚର୍ଯ୍ୟ କର୍ମ କରୁଥିଲେ । ତାହାଙ୍କ ହୃଦୟରେ, ମନୁଷ୍ୟ ନିମନ୍ତେ କରୁଣାର ଯେଉଁ ଅବାରିତ ଧାରା ପ୍ରବାହିତ ହେଉଥିଲା, ତାହାଙ୍କ ଆଶ୍ଚର୍ଯ୍ୟ କର୍ମ ହିଁ ତା'ର ଅଭିବ୍ୟକ୍ତି ।

ଯେତେବେଳେ ଦୁଇଜଣ ଅନ୍ଧ ତାହାଙ୍କ ନିକଟକୁ ସୁସ୍ଥ ହେବାକୁ ଆସିଥିଲେ, *'ଯୀଶୁ ଦୟାରେ ବିଗଳିତ ହୋଇ ସେମାନଙ୍କ ଚକ୍ଷୁ ସ୍ପର୍ଶ କଲେ । ତତ୍‌କ୍ଷଣାତ୍ ସେମାନେ ଦୃଷ୍ଟିଶକ୍ତି ପାଇଲେ ଓ ତାହାଙ୍କ ପଛେ ପଛେ ଚାଲିଲେ'* (ମାଥିଉ ୨୦:୩୪) ।

ନିଜ ପୁତ୍ରକୁ କବର ଦେବାକୁ ନେଇ ଯାଉଥିବା ଜଣେ ସ୍ତ୍ରୀକୁ ଦେଖି, *'ପ୍ରଭୁଙ୍କର ହୃଦୟ ତା' ପ୍ରତି ଦୟାରେ ବିଗଳିତ ହେଲା ଓ ସେ ତାକୁ କହିଲେ, 'କାନ୍ଦ ନାହିଁ' । ତତ୍ପରେ ସେ ପାଖକୁ ଯାଇ ଶବାଧାରକୁ ସ୍ପର୍ଶ କଲେ ଏବଂ*

*ଶବାଧାର ବାହକମାନେ ସ୍ଥିର ହୋଇ ଠିଆ ହୋଇଗଲେ । ସେ କହିଲେ, 'ହେ ଯୁବକ, ମୁଁ ତୁମକୁ କହୁଛି, ଉଠ ମୃତ ବ୍ୟକ୍ତିଟି ଉଠି ବସିଲା'* (ଲୂକ ୭:୧୩,୧୪) ।

ପୁଣି ଯେତେବେଳେ ସେ ଲୋକଗହଳି ଦେଖିଲେ, *'ଲୋକସମୂହକୁ ଦେଖି ସେମାନଙ୍କ ପ୍ରତି ତାଙ୍କ ହୃଦୟରେ ଅନୁକମ୍ପା ଜାତ ହେଲା, କାରଣ ସେମାନେ ରକ୍ଷକବିହୀନ ମେଷ ପରି ଦୁର୍ଦ୍ଦଶାପନ୍ନ ଓ ଅସହାୟ ଥିଲେ'* (ମାଥିଉ ୯:୩୬) ।

ଏହିସମସ୍ତ ବିବରଣୀ ପାଠ କରୁ କରୁ ଆମ୍ଭେମାନେ ଦେଖିବାକୁ ପାଉ ଯେ, ସେ କୌଣସି ସମୟରେ ଲୋକମାନଙ୍କଠାରୁ ପ୍ରଶଂସା, ସମ୍ମାନ ବା ଅନୁଗ୍ରହ ଚାହୁଁ ନ ଥିଲେ । ତାହାଙ୍କ କାର୍ଯ୍ୟରେ ଗର୍ବ, ଈର୍ଷା ବା ଲୋଭର ଚିହ୍ନ ନ ଥିଲା । ସେ ନିଜର ସ୍ୱାର୍ଥ, ଆନନ୍ଦ ବା ପାର୍ଥିବ ଆନନ୍ଦ ନିମନ୍ତେ ବଞ୍ଚି ନ ଥିଲେ ଓ ଥରକ ପାଇଁ ମଧ୍ୟ ଅନ୍ୟାୟ ବା ନୀତିଗର୍ହିତ କାର୍ଯ୍ୟ କରି ନ ଥିଲେ । ଯେଉଁମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ସେମାନେ ମଧ୍ୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ ଯେ, ତାହାଙ୍କ ଜୀବନ ସ୍ଫଟିକ ପରି ସ୍ୱଚ୍ଛ ଓ ଉତ୍ତମତାର ଆଦର୍ଶ ସ୍ୱରୂପ ଥିଲା ।

ଯୀଶୁ ଯାହା ଯାହା କହିଥିଲେ ଓ କରିଥିଲେ ସେ ସମସ୍ତଟିରେ ପବିତ୍ରତାର ଚିହ୍ନ ରହିଥିଲା । ସେ ନିଜ ଶତ୍ରୁମାନଙ୍କୁ ଦୃଢ଼ ସ୍ୱରରେ କହିଥିଲେ, *'ପାପ କରି ମୁଁ ଦୋଷୀ ବୋଲି ତୁମ ମଧ୍ୟରୁ କେହି କ'ଣ ପ୍ରମାଣ କରି ପାରିବ ?'* (ଯୋହନ ୮:୪୬) । ତାହାଙ୍କ ଜୀବନକୁ କୁତ୍ସା, ସନ୍ଦେହ ଓ ଅନ୍ୟାୟ, ସ୍ପର୍ଶ ମଧ୍ୟ କରି ନ ଥିଲା ଏବଂ ସେ ଯାହାସବୁ କହିଥିଲେ, ତାହା ଏପରି ତ୍ରୁଟିଶୂନ୍ୟ ଥିଲା ଯେ, କେହି ସେଥିପାଇଁ ତାହାଙ୍କୁ ଦୋଷ ଦେଇ ପାରୁ ନ ଥିଲେ ।

ରୋମୀୟ ଶାସନକର୍ତ୍ତା ପୀଲାତ, ଯେ ଯୀଶୁଙ୍କର ବିଚାର କରିଥିଲେ ଏବଂ ଅନିଚ୍ଛା ସତ୍ତ୍ୱେ କ୍ରୁଶରେ ଚଢ଼ାଇବା ନିମନ୍ତେ ତାହାଙ୍କୁ ଯିହୁଦୀମାନଙ୍କ ହାତରେ ସମର୍ପଣ କରିଥିଲେ, ସେ ମଧ୍ୟ ସ୍ୱୀକାର କରି କହିଥିଲେ, *'ମୁଁ ତାହାଙ୍କଠାରେ କୌଣସି ଦୋଷ ଦେଖୁ ନାହିଁ'* ।

ପ୍ରକୃତରେ ପୀଲାତ ତାହାଙ୍କଠାରେ କୌଣସି ଦୋଷ ପାଇ ନ ଥିଲେ ଏବଂ ଅନ୍ୟ କେହି ମଧ୍ୟ ପାଇ ପାରିବେ ନାହିଁ । କାରଣ ଈଶ୍ୱରଙ୍କ ଗୌରବ



ଓ ମନୁଷ୍ୟର ମଙ୍ଗଳ ନିମନ୍ତେ, ଯୀଶୁ ନିଃସ୍ୱାର୍ଥପର ପ୍ରେମମୟ ଓ ପବିତ୍ର ଜୀବନ ଯାପନ କରିଥିଲେ ।

ଅତୁଳ ଏହି ଶକ୍ତିସମ୍ପନ୍ନ, କରୁଣାମୟ ପୂତଃଶୁଦ୍ଧ, ମହିମାମୟ ଓ ସ୍ୱୟଂ ସମ୍ପୂର୍ଣ୍ଣ ଯୀଶୁ ଖ୍ରୀଷ୍ଟ କହିଥିଲେ ଯେ, ମନୁଷ୍ୟମାନଙ୍କୁ ଉପଦେଶ ଶୁଣାଇବାକୁ ଈଶ୍ୱର ତାହାଙ୍କୁ ସ୍ୱର୍ଗରୁ ପଠାଇଅଛନ୍ତି ଏବଂ ସେ ସ୍ୱୟଂ ଈଶ୍ୱରଙ୍କ ପୁତ୍ର । ସେ ମିଥ୍ୟାବାଦୀ ନ ଥିଲେ, କାରଣ ସେ ଯେ ସର୍ବଦା ସତ୍ୟ କହୁଥିଲେ ଏହା ପ୍ରମାଣସିଦ୍ଧ । ସେ ପ୍ରକୃତରେ ଈଶ୍ୱରଙ୍କ ଦ୍ୱାରା ପୃଥିବୀକୁ ପ୍ରେରିତ ହୋଇଥିଲେ ଓ ସେ ଥିଲେ ଈଶ୍ୱରଙ୍କ ପ୍ରକୃତ ଅବତାର । କେବଳ ତାହାଙ୍କର ଆଶ୍ଚର୍ଯ୍ୟ କର୍ମ ଓ ନିର୍ଦ୍ଦୋଷ, ନିଷ୍କଳଙ୍କ, ଚରିତ୍ର ବ୍ୟତୀତ, ଏ କଥା ସପକ୍ଷରେ ଆହୁରି ଅନେକ ପ୍ରମାଣ ରହିଛି ।

## ସଫଳ ଭବିଷ୍ୟତବାଣୀ

ଯୀଶୁ ଯେ ଈଶ୍ୱରଙ୍କ ନିକଟରୁ ଆସିଥିଲେ, ବାଇବଲର ପୁରାତନ ନିୟମରେ ଥିବା ଭବିଷ୍ୟତବାଣୀଗୁଡ଼ିକରେ ତାହାର ଦୃଢ଼ ପ୍ରମାଣ ରହିଛି । ଯୀଶୁଙ୍କ ଜନ୍ମର ପ୍ରାୟ ଚଉଦ ଶହ ବର୍ଷ ପୂର୍ବେ ବାଇବଲ ଧର୍ମଶାସ୍ତ୍ରର ପୁରାତନ ନିୟମ ଲେଖା ଆରମ୍ଭ କରାଯାଇଥିଲା ଏବଂ ଏହାକୁ ସମ୍ପୂର୍ଣ୍ଣ କରିବାକୁ ପ୍ରାୟ ଏକ ହଜାର ବର୍ଷ ଲାଗିଥିଲା । ଯୀଶୁଙ୍କୁ ପ୍ରଶ୍ନ କରୁଥିବା କେତେକ ଇସ୍ରାଏଲର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ସେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଶୁଣାଇଥିଲେ– *'ତୁମେ ଯତ୍ନପୂର୍ବକ ଧର୍ମଶାସ୍ତ୍ର ଅଧ୍ୟୟନ କରୁଛ, କାରଣ ସେଗୁଡ଼ିକ ମାଧ୍ୟମରେ ଅନନ୍ତଜୀବନ ଲାଭ କରୁଛ ବୋଲି ତୁମେ ମନେ କରୁଛ । ଏହି ଧର୍ମଶାସ୍ତ୍ର ହିଁ ମୋ'* ବିଷୟରେ *ସାକ୍ଷ୍ୟ ଦିଏ'* (ଯୋହନ ୫:୩୯) ।

ଭବିଷ୍ୟତ୍‌ରେ କ'ଣ ଘଟିବ, ଈଶ୍ୱର ତାହା ଜାଣିଥାଆନ୍ତି ଏବଂ ମନୁଷ୍ୟମାନଙ୍କ ନିକଟରେ ସେ ତାହା ପ୍ରକାଶ କରି ପାରନ୍ତି । ଈଶ୍ୱର ତାହାଙ୍କ ଭାବବାଦୀମାନଙ୍କ ମୁଖରେ ଥରକୁ ଥର ଭବିଷ୍ୟତ୍ ଘଟଣାର ସୂଚନା ଦେଇଥିଲେ । ପୁରାତନ ନିୟମର ଅଧିକାଂଶ ପୁସ୍ତକରେ ରହିଛି ଭବିଷ୍ୟତ୍ ଘଟଣା ସମ୍ପର୍କୀୟ ଭାବବାଣୀ । ଏହି ଭବିଷ୍ୟତବାଣୀଗୁଡ଼ିକ ମଧ୍ୟରୁ ଅନେକଗୁଡ଼ିଏ ଇସ୍ରାଏଲ ଜାତି ସମ୍ପର୍କରେ । ସେଥିମଧ୍ୟରୁ କେତେକ ପୂର୍ବରୁ

ସଫଳ ହୋଇ ସାରିଛି ଏବଂ କେତେକ ବର୍ତ୍ତମାନ ସଫଳ ହେଉଛି । ବହୁ ବ୍ୟକ୍ତି, ଜାତି, ଗୋଷ୍ଠୀ ଓ ନଗର ସମ୍ପର୍କରେ ପୁରାତନ ନିୟମରେ ଭବିଷ୍ୟତବାଣୀ ଦେଖିବାକୁ ମିଳେ । ଦିଗଦିଗନ୍ତ ବିସ୍ତୃତ ଆକାଶ ବକ୍ଷରେ ଉଜ୍ଜ୍ୱଳ ନକ୍ଷତ୍ର ପରି ଏହି ଭବିଷ୍ୟତ୍‌ବାଣୀଗୁଡ଼ିକରେ ଜଣେ ବ୍ୟକ୍ତିବିଶେଷଙ୍କ ଭବିଷ୍ୟତ୍ ସମ୍ବନ୍ଧରେ ବହୁ ସୂଚନା ଦେଖିବାକୁ ମିଳେ । ଇସ୍ରାଏଲ ଲୋକେ, ଏହି ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ଅଭିଷିକ୍ତ ମଶୀହ ନାମରେ ସମ୍ବୋଧନ କରୁଥିଲେ । ଇସ୍ରାଏଲର ଏହି ଉଦ୍ଧାରକାରୀ, ମୁକ୍ତିଦାତା, ରାଜା ରୂପେ ଆସିବେ ବୋଲି ସେମାନେ ଶତାବ୍ଦୀ ପରେ ଶତାବ୍ଦୀ ଅପେକ୍ଷା କରି ରହିଥିଲେ । ସେମାନେ ଏହା ମଧ୍ୟ ବିଶ୍ୱାସ କରୁଥିଲେ ଯେ, ସେ ହେବେ ଜଣେ ମହାନ୍ ଭାବବାଦୀ ଓ ଶିକ୍ଷାଗୁରୁ ।

କେତେକ ଭବିଷ୍ୟତବାଣୀରେ, ଏହି ବ୍ୟକ୍ତିଙ୍କ ସମ୍ବନ୍ଧରେ ବିଶଦ ବର୍ଣ୍ଣନା ରହିଥିଲା । ଭବିଷ୍ୟତବାଣୀରେ ଉଲ୍ଲେଖ ଥିଲା ଯେ, ତାହାଙ୍କର ଜନ୍ମସ୍ଥାନ ବେଥଲିହିମ ଓ ସେ ଜଣେ କୁମାରୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିବେ । ତାହାଙ୍କର ସ୍ୱଜାତି ଇସ୍ରାଏଲୀୟମାନେ କିପରି ତାହାଙ୍କୁ ପ୍ରତ୍ୟାଖ୍ୟାନ କରିବେ, ତାହାଙ୍କର ଜଣେ ବନ୍ଧୁ ତାହାଙ୍କୁ କିପରି ଶତ୍ରୁହସ୍ତରେ ସମର୍ପଣ କରିବେ, ସେ କ୍ରୁଶରେ କିପରି ମୃତ୍ୟୁଭୋଗ କରିବେ ଏବଂ ମୃତ୍ୟୁ ପରେ ତାହାଙ୍କର ପୁନରୁତ୍ଥାନ ହେବ, ଏସମସ୍ତ ବିଷୟ ଧର୍ମ ଶାସ୍ତ୍ରରେ ପୂର୍ବରୁ ତନ୍ନତନ୍ନଭାବେ ଉଲ୍ଲେଖ କରାଯାଇଥିଲା ।

ପୁରାତନ ନିୟମ ରଚନା ସମ୍ପୂର୍ଣ୍ଣ ହେବାର ଚାରିଶହ ବର୍ଷ ପରେ, ଯୀଶୁ ଖ୍ରୀଷ୍ଟ, ଇସ୍ରାଏଲ ଜାତି ମଧ୍ୟରେ ଆବିର୍ଭୂତ ହେଲେ ଏବଂ ଧର୍ମଶାସ୍ତ୍ରରେ ଯେ ତାହାଙ୍କ ବିଷୟରେ ଉଲ୍ଲେଖ ରହିଛି, ସେ ତାହା ପ୍ରକାଶ କଲେ । ତାହାଙ୍କର ଏପରି କହିବାର ଅର୍ଥ ଏହି ଯେ, ମଶୀହଙ୍କ ଆଗମନ ସମ୍ବନ୍ଧରେ, ଯେଉଁସମସ୍ତ ପୁରାତନ ବିବରଣୀ ଓ ଭବିଷ୍ୟତ୍‌ବାଣୀ ରହିଥିଲା, ତାହାଙ୍କର ଆବିର୍ଭାବରେ ସେସମସ୍ତ ସଫଳ ହେଲା ।

ଭବିଷ୍ୟତବାଣୀଗୁଡ଼ିକର ସତ୍ୟତା ହୃଦୟଙ୍ଗମ କରି ପାରିଲେ ଆମ୍ଭେମାନେ ନିଃସନ୍ଦେହରେ କହିପାରିବୁ ଯେ, ଯୀଶୁଙ୍କ ସପକ୍ଷରେ ସେଗୁଡ଼ିକ ଦୃଢ଼ ପ୍ରମାଣ ସ୍ୱରୂପ । ଏ ଭବିଷ୍ୟତ୍‌ବାଣୀଗୁଡ଼ିକ ବିଶ୍ୱ-ସାହିତ୍ୟରେ ଅତୁଳନୀୟ । ଈଶ୍ୱରଙ୍କ



ସହାୟତା ବିନା, ଭବିଷ୍ୟତ୍‌ବକ୍ତାମାନେ ଯେ, ସେ ଭବିଷ୍ୟତ୍‌ବାଣୀ କହିପାରିଥିବେ ଏବଂ ଖ୍ରୀଷ୍ଟ ସେ ଭବିଷ୍ୟତ୍‌ବାଣୀଗୁଡ଼ିକୁ ନିଜ ଜୀବନରେ ସଫଳ କରି ପାରିଥିଲେ, ଏହା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଖ୍ରୀଷ୍ଟଙ୍କ ଜୀବନରେ, ଭବିଷ୍ୟତ୍‌ବାଣୀଗୁଡ଼ିକ ସଫଳ ହୋଇଥିବା ଦୃଷ୍ଟିରୁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ ଖ୍ରୀଷ୍ଟ ଈଶ୍ୱରଙ୍କ ନିକଟରୁ ଆସିଥିଲେ । ଆଲୋଚନାର ପରବର୍ତ୍ତୀ କାରଣଗୁଡ଼ିକ ମଧ୍ୟ ଠିକ୍ ଏହିପରି ।

## ଖ୍ରୀଷ୍ଟଙ୍କ ନିଜ ଉକ୍ତି

ଭବିଷ୍ୟତ୍ ସମ୍ପର୍କରେ ଖ୍ରୀଷ୍ଟଙ୍କର ଉକ୍ତି ଓ ପ୍ରତିଜ୍ଞା ଦୃଢ଼ ଭାବରେ ପ୍ରମାଣ କରେ ଯେ, ସେ ଈଶ୍ୱରଙ୍କ ନିକଟରୁ ଆସିଥିଲେ । ଯୀଶୁଙ୍କ ଶିକ୍ଷାରେ ଏ ସମ୍ବନ୍ଧରେ ଅନେକ ଉଲ୍ଲେଖ ରହିଛି । ତାହାଙ୍କର ସେହି ଶିକ୍ଷାଗୁଡ଼ିକ ପରୀକ୍ଷା କରି ଦେଖାଯାଉ । ଯଦି ସେସବୁ ମିଥ୍ୟା ପ୍ରମାଣିତ ହୁଏ, ତେବେ ବୁଝିବାକୁ ହେବ ଯେ, ଖ୍ରୀଷ୍ଟ ଈଶ୍ୱରଙ୍କ ପ୍ରେରିତ ଶିକ୍ଷା ଗୁରୁ ନୁହନ୍ତି । କିନ୍ତୁ ସେସବୁ ଯଦି ସତ୍ୟ ହୁଏ, ତେବେ ସେ ଯେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ, ଏହା ଦୃଢ଼ ଭାବରେ ପ୍ରମାଣିତ ହେବ । ଯୀଶୁଙ୍କର ନିଜ ବିବୃତ୍ତିଗୁଡ଼ିକ, ଘଟଣାଚକ୍ର ଦୃଷ୍ଟିରୁ ସତ୍ୟ ବୋଲି ପ୍ରମାଣିତ ହୋଇଛି ଏବଂ ସେସବୁ ଯେ ମିଥ୍ୟା, ତାହା କହିବା କାହା ପକ୍ଷରେ ସମ୍ଭବ ନୁହେଁ । ତାହାଙ୍କର ନିମ୍ନୋକ୍ତ ଭବିଷ୍ୟତ୍‌ବାଣୀଗୁଡ଼ିକ ପରୀକ୍ଷା କରି ଦେଖାଯାଉ ।

ଥରେ ଯୀଶୁ ଯିରୁଶାଲମ ମନ୍ଦିରରୁ ବାହାରି ଯାଉଥିବା ସମୟରେ ଶିଷ୍ୟମାନେ ଆସି ମନ୍ଦିରର ସୌନ୍ଦର୍ଯ୍ୟ ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରିବାରୁ, ସେ ସ୍ପଷ୍ଟ ଭାବରେ ଭବିଷ୍ୟତ୍‌ର ସୂଚନା ଦେଇ କହିଥିଲେ, '*...ତୁମ୍ଭେମାନେ ଏଗୁଡ଼ା ଦେଖୁଛ କ'ଣ ? ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏହିଠାରେ ଗୋଟିଏ ପଥର ସୁଦ୍ଧା ଅନ୍ୟ ପଥର ଉପରେ ରହିବ ନାହିଁ, ପ୍ରତ୍ୟେକଟି ଭୂମିସାତ୍ ହେବ*' (ମାଥିଉ ୨୪:୧-୨) । ସେ ଯେପରି କହିଥିଲେ, ପଚାଶ ବର୍ଷ ପରେ ସେହି ଠିକ୍ ସେହିପରି ଘଟିଥିଲା । ତା' ପରେ ମନ୍ଦିର ଆଜିଯାକେ ପୁଣି ନିର୍ମାଣ ହୋଇପାରି ନାହିଁ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି ଯୁଗ ଶେଷ ହେବା ପୂର୍ବରୁ, ସାରା ପୃଥିବୀରେ, ସମସ୍ତ ଜାତିର ସାକ୍ଷ୍ୟ ନିମନ୍ତେ

ତାହାଙ୍କର ସୁସମାଚାର ପ୍ରଚାରିତ ହେବ । ସେ ଯେତେବେଳେ ଏହି ଭବିଷ୍ୟତ୍‌ବାଣୀ ଉଚ୍ଚାରଣ କରିଥିଲେ, ତାହାଙ୍କର ଅଳ୍ପ କେତେଜଣ ମାତ୍ର ଶିଷ୍ୟ ଥିଲେ ଏବଂ ଇସ୍ରାଏଲ ସୀମା ବାହାରେ ତାହାଙ୍କ ବିଷୟରେ କେହି ବିଶେଷ କିଛି ଜାଣି ନ ଥିଲେ । ତଥାପି ସେ ଜାଣିଥିଲେ ଯେ, *'ସର୍ବଜାତି ନିକଟରେ ଏକ ସାକ୍ଷ୍ୟସ୍ୱରୂପେ, (ସ୍ୱର୍ଗ) ରାଜ୍ୟର ଏହି ସୁସମାଚାର ସମଗ୍ର ଜଗତରେ ପ୍ରଚାର କରାଯିବ । ତା' ପରେ ଆସିବ ଅନ୍ତିମକାଳ'* (ମାଥିଉ ୨୪:୧୪) ।

ରୋମୀୟ ବାହିନୀ ଦ୍ୱାରା ଯିରୂଶାଲମ କିପରି ଧ୍ୱଂସ ହେବ ଓ ଇସ୍ରାଏଲ ଲୋକେ, କିପରି ସାରା ପୃଥିବୀରେ ଛିନ୍ନ ଭିନ୍ନ ହେବେ, ଯୀଶୁଙ୍କର ଏ ଭବିଷ୍ୟତ୍‌ବାଣୀ ଅକ୍ଷରେ ଅକ୍ଷରେ ସଫଳ ହୋଇଛି (ଲୂକ ୨୧:୨୪) । ଯୁଗର ଶେଷ ଭାଗରେ, ଯିହୁଦୀମାନେ ଯେ ପୁଣି ଯିରୂଶାଲମ ଅଧିକାର କରିବେ, ଯୀଶୁ ତାହାର ମଧ୍ୟ ସୂଚନା ଦେଇଥିଲେ । ଆମ୍ଭମାନଙ୍କ ସମୟରେ ତାହା ଘଟିଛି । ତେଣୁ ଏ ଯୁଗର ସମାପ୍ତି ହୁଏତ ସନ୍ନିକଟ ।

ଯୀଶୁ କିପରି ମୃତ୍ୟୁଭୋଗ କରିବେ ଏବଂ ମୃତ୍ୟୁରୁ ତାହାଙ୍କର ପୁନରୁତ୍ଥାନ ହେବ, ଏହିପରି ଅନେକ ଘଟଣା ବିଷୟରେ ସେ ଭବିଷ୍ୟତ୍‌ବାଣୀ କହିଥିଲେ ଏବଂ ସେସବୁ ସତ୍ୟ ହୋଇଥିଲା ।

## ଅନୁଭବର ପରୀକ୍ଷା

ଯୀଶୁଙ୍କର ପ୍ରତିଜ୍ଞାଗୁଡ଼ିକ ଦୃଢ଼ ଓ ଅଟଳ । ଉଦାହରଣ ସ୍ୱରୂପ ସେ ପ୍ରତିଜ୍ଞା କରିଅଛନ୍ତି ଯେ, ଯେଉଁମାନେ ତାହାଙ୍କଠାରେ ଆସ୍ଥା ସ୍ଥାପନ କରି ତାହାଙ୍କ ନିକଟକୁ ଆସି ଆତ୍ମସମର୍ପଣ କରିବେ, ସେ ସେମାନଙ୍କୁ ବିଶ୍ରାମ ଦେବେ । ନିଜ ପ୍ରତିଜ୍ଞା ଅନୁସାରେ ସେ ତାହା କରୁଛନ୍ତି ।

ଯେଉଁମାନେ ତାହାଙ୍କ ବାକ୍ୟ ମାନି ଜୀବନ ଯାପନ କରିବେ, ଯୀଶୁ ପ୍ରତିଜ୍ଞା କରିଅଛନ୍ତି ଯେ, ସେ ସେମାନଙ୍କୁ ପାପର ବନ୍ଧନରୁ ମୁକ୍ତ କରିବେ । ନିଜ ପ୍ରତିଜ୍ଞା ଅନୁସାରେ ସେ ତାହା ମଧ୍ୟ କରୁଅଛନ୍ତି । ଯୀଶୁ ଏ ପ୍ରତିଜ୍ଞା ମଧ୍ୟ କରିଅଛନ୍ତି ଯେ, ଆମ୍ଭେମାନେ ଯଦି ତାଙ୍କ ମଧ୍ୟଦେଇ ଈଶ୍ୱରଙ୍କ ନିକଟକୁ



ଯାଉ, ତେବେ ଈଶ୍ୱର ଆମ୍ଭମାନଙ୍କର ନିବେଦନ ଶୁଣି, ଆମ୍ଭମାନଙ୍କୁ ଗ୍ରହଣ କରିବେ । ତାହାର ପ୍ରମାଣ ମଧ୍ୟ ଆମ୍ଭେମାନେ ପାଇଥାଉ ।

ଯୀଶୁଙ୍କର ଅନ୍ୟ ଅନେକ ପ୍ରତିଜ୍ଞାକୁ ମଧ୍ୟ ପରୀକ୍ଷା କରାଯାଇପାରେ । ଯୀଶୁ ସେହିସମସ୍ତ ପ୍ରତିଜ୍ଞା ଦାନ କରିବା ସମୟଠାରୁ, ଶତାବ୍ଦୀ ଶତାବ୍ଦୀ ଧରି ସାରା ପୃଥିବୀର କୋଟି କୋଟି ଲୋକ ସେସବୁ ପରୀକ୍ଷା କରିଛନ୍ତି ଏବଂ ତାହାଙ୍କର ପ୍ରତିଜ୍ଞା ସତ୍ୟ ବୋଲି ପ୍ରମାଣ ପାଇଛନ୍ତି ।

ଏହା ହିଁ ଆମ୍ଭମାନଙ୍କ ଅନୁଭୂତିର ପ୍ରମାଣ ଏବଂ ଏଗୁଡ଼ିକରୁ ପ୍ରମାଣିତ ହୁଏ ଯେ, ଖ୍ରୀଷ୍ଟ ଈଶ୍ୱରଙ୍କ ନିକଟରୁ ଆସିଥିଲେ । ଶିଷ୍ୟମାନେ ଖ୍ରୀଷ୍ଟଙ୍କ ମଧ୍ୟରେ ଈଶ୍ୱରଙ୍କର କାର୍ଯ୍ୟକାରୀ ଶକ୍ତି ଯେ କେବଳ ଲକ୍ଷ୍ୟ କରିଥିଲେ, ତାହା ନୁହେଁ, କିନ୍ତୁ ତାହାଙ୍କ ସଙ୍ଗେ ରହି ସେମାନେ ନିଜେ ମଧ୍ୟ ସେହି ଶକ୍ତି ଅନୁଭବ କରିଥିଲେ । ଖ୍ରୀଷ୍ଟ ପ୍ରକୃତରେ କିଏ ତାହା ଜାଣିବା ନିମନ୍ତେ ଈଶ୍ୱର ସେମାନଙ୍କ ଜ୍ଞାନର ଦ୍ୱାର ଉନ୍ମୁକ୍ତ କରିଥିଲେ । ସେମାନେ ଈଶ୍ୱରଙ୍କୁ ଜାଣି ପାରିଲେ, ତାଙ୍କ ପ୍ରେମ ସାଗରରୁ ଆକଣ୍ଠ ପାନ କଲେ ଏବଂ ଶେଷରେ ଉପଲବ୍ଧି କଲେ ଯେ, ଈଶ୍ୱର ସେମାନଙ୍କ ହୃଦୟରେ ଆସନ ଗ୍ରହଣ କରିବାକୁ ଆସିଅଛନ୍ତି ।

କିନ୍ତୁ ଅନ୍ୟମାନଙ୍କ ସାକ୍ଷ୍ୟ ଉପରେ ଏ ସବୁ ବିଷୟରେ ନିଷ୍ପତ୍ତି ଛାଡ଼ି ଦେବା ଉଚିତ୍ ହେବ ନାହିଁ । ଆମ୍ଭେମାନେ ନିଜେ ଓ ନିଜ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କୁ ପରୀକ୍ଷା କରି ଦେଖିବା । ସେ ସଦା ଜୀବିତ ଓ ଯେଉଁମାନେ ତାହାଙ୍କର ସନ୍ଧାନ କରନ୍ତି, ସେ ନିଜର କଥା ରକ୍ଷା କରି, ସେମାନଙ୍କ ନିକଟରେ ନିଜକୁ ପ୍ରକାଶ କରନ୍ତି । ତାହାଙ୍କର ଇଚ୍ଛା ଅନୁସାରେ କାର୍ଯ୍ୟ କରି ଆମ୍ଭେମାନେ ଦେଖିଥାଉ ଯେ, ସେ କାର୍ଯ୍ୟଗୁଡ଼ିକ ଯଥାର୍ଥ । ଏ ପୁସ୍ତକରେ ଯଦି ଯଥେଷ୍ଟ ସ୍ଥାନ ଥାଆନ୍ତା, ତେବେ ଏ ବିଷୟରେ ଅସଂଖ୍ୟ ଉଦାହରଣ ଦିଆଯାଇପାରନ୍ତା । ଆସନ୍ତୁ, ଆମ୍ଭେମାନେ ଖ୍ରୀଷ୍ଟଙ୍କର ସନ୍ଧାନ କରି, ତାହାଙ୍କୁ ବୁଝିବାକୁ ଚେଷ୍ଟା କରିବା ।

ଯୀଶୁଙ୍କ ସମ୍ବନ୍ଧରେ ଲୋକଙ୍କର ସନ୍ଦେହର ପ୍ରଧାନ କାରଣ ହେଲା, ତାହାଙ୍କ ସମ୍ବନ୍ଧରେ ସେମାନଙ୍କ ଅନୁଭୂତିର ଅଭାବ । ଖ୍ରୀଷ୍ଟଙ୍କୁ ଜୀବନରେ ଅନୁଭବ

କରିପାରିଲେ, ତାହାଙ୍କ ବିଷୟରେ ଆମ୍ଭମାନଙ୍କର ସମସ୍ତ ସନ୍ଦେହ ଦୂର ହେବ ଏବଂ ସେ ଯେଉଁ ସମସ୍ତ ଶିକ୍ଷା ଦେଇଅଛନ୍ତି, ସେଗୁଡ଼ିକ ଯେ ଏକାନ୍ତ ସତ୍ୟ, ତାହା ମଧ୍ୟ ଆମ୍ଭେମାନେ ବୁଝିପାରିବା । ଖ୍ରୀଷ୍ଟଙ୍କ ମଧ୍ୟଦେଇ ଈଶ୍ୱରଙ୍କୁ ଅନୁଭବ କରି, ହୃଦୟ ଓ ମନ ପରିତୃପ୍ତ ହୁଏ । ଏ ଅନୁଭୂତି ନ ପାଇଲେ ଆମର ସମସ୍ତ ଶିକ୍ଷା ବୃଥା ହେବ ।

## ଈଶ୍ୱର ନିଜେ ସାକ୍ଷ୍ୟ ଦିଅନ୍ତି

ଆମ୍ଭେମାନେ ବର୍ତ୍ତମାନ ଶେଷ କାରଣ ପ୍ରତି ଲକ୍ଷ୍ୟ କରୁ ।

ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଈଶ୍ୱରଙ୍କ ନିଜ ସାକ୍ଷ୍ୟରୁ ଦୃଢ଼ ପ୍ରମାଣ ମିଳେ ଯେ, ଖ୍ରୀଷ୍ଟ ତାହାଙ୍କ ନିକଟରୁ ଆସିଥିଲେ । ଯୀଶୁ ନିଜେ ମଧ୍ୟ ତାହା ପ୍ରକାଶ କରିଅଛନ୍ତି । *'ପୁଣି, ମୋର ପ୍ରେରଣକର୍ତ୍ତା ପିତା ନିଜେ ମୋ' ସମ୍ବନ୍ଧରେ ସାକ୍ଷ୍ୟ ଦେଇଛନ୍ତି'* (ଯୋହନ ୫:୩୭) ।

ଆମ୍ଭେମାନେ ଖ୍ରୀଷ୍ଟଙ୍କର ଯେଉଁସମସ୍ତ ଆଶ୍ଚର୍ଯ୍ୟ କର୍ମ ବିଷୟରେ ଆଲୋଚନା କରିଛୁ, ସେ ସମସ୍ତ କରିବା ନିମନ୍ତେ ଈଶ୍ୱର ତାହାଙ୍କୁ ଶକ୍ତି ଦେଉଥିଲେ । ଯୀଶୁଙ୍କ ସପକ୍ଷରେ ଈଶ୍ୱରଙ୍କର ତାହା ହିଁ ସାକ୍ଷ୍ୟ ।

ଅନ୍ୟ ଏକ ଆଶ୍ଚର୍ଯ୍ୟ ଉପାୟରେ ମଧ୍ୟ ଈଶ୍ୱର ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷ୍ୟ ଦେଇଥିଲେ । ତାହା ହେଲା ପୁନରୁତ୍ଥାନର ଅଲୌକିକ ଘଟଣା । ଅନେକଙ୍କ ପକ୍ଷରେ ଏହା ଅସମ୍ଭବ ଓ ଅବିଶ୍ୱାସ୍ୟ ହୋଇପାରେ ।

କିନ୍ତୁ ଯୀଶୁଙ୍କ ମୃତ୍ୟୁ ପରେ, ତୃତୀୟ ଦିନରେ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଥିଲେ । ଏ ଅଲୌକିକ ଘଟଣା ଅତି ଗୁରୁତ୍ୱପୂର୍ଣ୍ଣ ଓ ପରବର୍ତ୍ତୀ ଅଧ୍ୟାୟରେ ଆମ୍ଭେମାନେ ସେ ବିଷୟରେ ବିଶଦଭାବେ ଆଲୋଚନା କରିବା । ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ମାଧ୍ୟମରେ, ଈଶ୍ୱର ଯେପରି ଦୃଢ଼ ସ୍ୱରରେ ଜଗତକୁ ଶୁଣାଉଛନ୍ତି– 'ଏ ମୋହର ପୁତ୍ର । ତାହାଙ୍କ ବାକ୍ୟ ପ୍ରତି ଅବଧାନ କର । ସେ ତୁମ୍ଭମାନଙ୍କୁ ସତ୍ୟ ପଥରେ ଚାଳିତ କରିବେ ।'

ଈଶ୍ୱର, ଖ୍ରୀଷ୍ଟଙ୍କ ବିଷୟରେ ଯେଉଁସମସ୍ତ ସାକ୍ଷ୍ୟ ଦେଇଅଛନ୍ତି, ଆମ୍ଭେମାନେ ସ୍ଥୂଳ ଭାବରେ ସେ ସମସ୍ତ ଆଲୋଚନା କରିଛୁ । ସେହି ପ୍ରତିଟି



ସାକ୍ଷ୍ୟ ସମ୍ପର୍କରେ ଅନେକ କିଛି କୁହାଯାଇପାରିବ ଓ ତାହାସବୁ ମିଶାଇ ବିରାଟ ବିରାଟ ଗ୍ରନ୍ଥ ମଧ୍ୟ ଲେଖାଯାଇଛି ।

ଖ୍ରୀଷ୍ଟଙ୍କର ଚରିତ୍ର ଓ କାର୍ଯ୍ୟ, ନିଜ ଓ ଅନ୍ୟମାନଙ୍କ ସମ୍ବନ୍ଧରେ ତାହାଙ୍କର ଭବିଷ୍ୟତ୍‌ବାଣୀ, ଅନୁଭୂତି ଦ୍ୱାରା ପ୍ରମାଣିତ ତାହାଙ୍କର ବହୁ ପ୍ରତିଜ୍ଞା, ତାହାଙ୍କ ସମ୍ବନ୍ଧରେ ପିତା ଈଶ୍ୱରଙ୍କର ବହୁ ସାକ୍ଷ୍ୟ, ବିଶେଷତଃ ମୃତ୍ୟୁରୁ ତାହାଙ୍କ ଉତ୍‌ଥାନ ସମ୍ବନ୍ଧୀୟ ସାକ୍ଷ୍ୟ ଏବଂ ବର୍ତ୍ତମାନ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରି ତାହାଙ୍କର ଅନୁଗମନ କରିଥିବାରୁ, ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କର ସାକ୍ଷ୍ୟ, ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା ଦିଗରେ ଆମ୍ଭମାନଙ୍କୁ ବହୁ କାରଣ ଯୋଗାଇଥାଏ ।

ଅତି ସାମାନ୍ୟ କାରଣରୁ, ଲୋକେ ଅନେକ ବଡ଼ ବଡ଼ ବିଷୟ ବିଶ୍ୱାସ କରିଥା'ନ୍ତି । କିନ୍ତୁ ଅନ୍ୟ କୌଣସି ଗୁରୁ, ଶିକ୍ଷକ ବା ଧର୍ମସ୍ଥାପୟିତା, ଏପରି ଅକାଟ୍ୟ ସାକ୍ଷ୍ୟ ଦେଇପାରିଛନ୍ତି କି ? ଅନ୍ୟ କେଉଁ ଗୁରୁଙ୍କ ଉପରେ ଆସ୍ଥା ସ୍ଥାପନ ସପକ୍ଷରେ ଏହାଠାରୁ ଅଧିକ ଯୁକ୍ତିଯୁକ୍ତ କାରଣ ଅଛି କି ? ପ୍ରକୃତରେ କହିବାକୁ ଗଲେ, ମନୁଷ୍ୟର ସୁଦୀର୍ଘ ଇତିହାସରେ ଏହି ସାକ୍ଷ୍ୟର ସମକକ୍ଷ ଅନ୍ୟ କୌଣସି ସାକ୍ଷ୍ୟ ନାହିଁ ।

# ୭ ଗୁରୁ–ମୃତ ଓ ପୁନର୍ଜୀବିତ

ମୃତ୍ୟୁ ପୂର୍ବେ ଗୁରୁ ନିଜ ବିଷୟରେ କହିଥିଲେ, *‘ସେମାନେ ତାହାଙ୍କୁ ବଧ କରିବେ ଓ ତୃତୀୟ ଦିନରେ ସେ ପୁନରୁଜ୍ଜୀବିତ ହେବେ’* (ମାଥିଉ ୧୭:୨୩) ।

ଏ କଥା ସୁସମାଚାରରେ ବହୁ ଥର ଉଲ୍ଲେଖ କରାଯାଇଛି ଏବଂ ଏହା ଯୀଶୁଙ୍କ ଶିକ୍ଷାର ଗୋଟିଏ ବିଶେଷ ଅଂଶ ।

ଯୀଶୁ ଯେ ଈଶ୍ୱରଙ୍କର ପୁତ୍ର, ତାହାର ଶେଷ ପ୍ରମାଣ ହେଲା, ମୃତ୍ୟୁରୁ ତାହାଙ୍କର ପୁନରୁତ୍ଥାନ । *‘ଧର୍ମମୟ ଆତ୍ମା ଅନୁଯାୟୀ ସେ ଥିଲେ ଈଶ୍ୱରଙ୍କ ପୁତ୍ର । ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବା ଦ୍ୱାରା ଏହା ଶକ୍ତିର ସହ ପ୍ରତିପାଦିତ ହେଲା । ସେହି ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ପ୍ରଭୁ ଅଟନ୍ତି’* (ରୋମୀୟ ୧:୪) ।

## ମୃତ ଓ ସମାଧି ମଧ୍ୟରେ ବନ୍ଦୀ

କ୍ରୁଶରେ ଚଢ଼ାଇବା ପୂର୍ବରୁ ଯୀଶୁଙ୍କୁ ବ୍ୟଙ୍ଗ କରାଯାଇଥିଲା, ତାହାଙ୍କ ଉପରେ ଛେପ ପକାଯାଇଥିଲା ଓ କୋରଡ଼ାରେ ତାହାଙ୍କୁ ନିର୍ମମଭାବେ ପ୍ରହାର କରାଯାଇଥିଲା । ଯୀଶୁଙ୍କ କ୍ଷତବିକ୍ଷତ ଶରୀରରୁ ରକ୍ତ ଝରିଥିଲା । ଏହିପରି ଶାସ୍ତି ଭୋଗ କରି ତାହାଙ୍କ ପୂର୍ବରୁ ବହୁ ଅପରାଧୀ ମୃତ୍ୟୁଭୋଗ କରିଥିଲେ । ଯେଉଁ ସ୍ଥାନରେ ତାହାଙ୍କୁ କ୍ରୁଶରେ ଚଢ଼ାଯିବ, ସେ ସ୍ଥାନରେ ପହଞ୍ଚିବା ପରେ କ୍ରୁଶ ଉପରେ ତାହାଙ୍କର ହାତ, ପାଦ କଣ୍ଟାରେ ବିନ୍ଧି, କ୍ରୁଶକୁ ଉପରକୁ ଉଠାଗଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣା ଭୋଗି, ଶେଷରେ ପ୍ରାଣତ୍ୟାଗ କରିବା ନିମନ୍ତେ ଏହି ଜଘନ୍ୟ ବ୍ୟବସ୍ଥା କରାଯାଉଥିଲା ।

କ୍ରୁଶ ଉପରେ ଛଅଘଣ୍ଟା ରହିଲା ପରେ ଯୀଶୁ କହିଲେ, *‘ପିତା, ତୁମ୍ଭ ହସ୍ତରେ ମୁଁ ମୋର ଆତ୍ମା ସମର୍ପଣ କରୁଛି । ଏହା କହି ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ’* (ଲୂକ ୨୩:୪୬) । ତା’ପରେ ସୈନ୍ୟମାନେ ତାହାଙ୍କର ଓ ତାହାଙ୍କ ସଙ୍ଗେ କ୍ରୁଶରେ ଚଢ଼ାଯାଇଥିବା ଅନ୍ୟ ଦୁଇ ଜଣଙ୍କର ଗୋଡ଼ ଭାଙ୍ଗି



ଦେବା ନିମନ୍ତେ ଆସିଲେ, *‘ଅତଏବ ସୈନିକମାନେ ଆସି ଯୀଶୁଙ୍କ ସହିତ କ୍ରୁଶବିଦ୍ଧ ହୋଇଥିବା ପ୍ରଥମ ଲୋକର ଓ ଅନ୍ୟ ଲୋକର ଗୋଡ଼ ଭାଙ୍ଗି ଦେଲେ । କିନ୍ତୁ ସେମାନେ ଯେତେବେଳେ ଯୀଶୁଙ୍କ ନିକଟକୁ ଆସି ଦେଖିଲେ ଯେ ତାହାଙ୍କର ମୃତ୍ୟୁ ହୋଇ ସାରିଛି, ସେମାନେ ତାଙ୍କ ଗୋଡ଼ ଭାଙ୍ଗିଲେ ନାହିଁ । ତଥାପି ଜଣେ ସୈନିକ ବର୍ଚ୍ଛାରେ ଯୀଶୁଙ୍କର କକ୍ଷସ୍ଥଳ ବିଦ୍ଧ କଲା ଏବଂ ତତ୍‌କ୍ଷଣାତ୍ ରକ୍ତ ଓ ଜଳ ବୋହି ଆସିଲା’* (ଯୋହନ ୧୯:୩୨–୩୪) । ଯୋହନ ଓ ଅନ୍ୟ ଶିଷ୍ୟମାନେ ସେଠାରେ ରହିଥିଲେ ଓ ସ୍ୱ–ଚକ୍ଷୁରେ ଏସମସ୍ତ ଘଟଣା ଦେଖିଥିଲେ ।

ସେହିଦିନ ସନ୍ଧ୍ୟାରେ ଯୀଶୁଙ୍କ କେତେ ଜଣ ବନ୍ଧୁ, ରୋମୀୟ ଶାସନକର୍ତ୍ତାଙ୍କଠାରୁ ଅନୁମତି ନେଇ, ଯୀଶୁଙ୍କର ଶରୀର କ୍ରୁଶରୁ ଓହ୍ଲାଇଲେ ଓ ପର୍ବତ ଦେହରେ ଖୋଳା ହୋଇଥିବା ଗୋଟିଏ ପଥର ସମାଧିରେ ରଖିଲେ । ସେହି ସମୟର ରୀତି ଅନୁସାରେ ଯୀଶୁଙ୍କ ଶରୀର, ସମାଧି ବସ୍ତ୍ରରେ ଆବୃତ୍ତ କରାଯାଇଥିଲା । ସମାଧି ଦ୍ୱାରରେ ଗୋଟିଏ ବଡ଼ ପଥର ଢଙ୍କାଗଲା ।

ଯୀଶୁଙ୍କର ଶତ୍ରୁମାନେ ମଧ୍ୟ ଶାସନକର୍ତ୍ତା ପିଲାତଙ୍କ ନିକଟକୁ ଯାଇ କହିଲେ, *‘ମହାଶୟ, ଆମର ମନେ ପଡୁଛି ଯେ ବଞ୍ଚିଥିଲାବେଳେ ସେହି ପ୍ରଚାରକ କହିଥିଲା, ‘ତିନି ଦିନ ପରେ ମୁଁ ପୁନର୍ବାର ଜୀବିତ ହେବି ।’ ସେଥିପାଇଁ ତୃତୀୟ ଦିନ ପର୍ଯ୍ୟନ୍ତ କବର ସୁରକ୍ଷା କରିବାକୁ ଆଦେଶ କରନ୍ତୁ, ନଚେତ୍ ତା’ର ଶିଷ୍ୟମାନେ ଆସି ତା’ର ଶରୀର ଚୋରାଇ ନେଇ ଲୋକଙ୍କୁ କହିବେ ଯେ, ସେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇଛି । ତାହା ଯଦି ହୁଏ, ତେବେ ପୂର୍ବ ପ୍ରତାରଣା ଅପେକ୍ଷା ପରବର୍ତ୍ତୀ ପ୍ରତାରଣା ଅଧିକ ଗୁରୁତର ହେବ । ପୀଲାତ ସେମାନଙ୍କୁ ଉତ୍ତର ଦେଲେ, ‘ତୁମର ତ (ମନ୍ଦିରର) ପ୍ରହରୀ ଦଳ ଅଛନ୍ତି । ଯାଅ, ତୁମର ସାଧ୍ୟମତେ କବରକୁ ସୁରକ୍ଷିତ କର ।’ ତେଣୁ, ସେମାନେ କବରକୁ ଜଗିବା ପାଇଁ ସେହି ପଥରରେ ଜଉମୁଦ ଦେଇ ପ୍ରହରୀମାନଙ୍କୁ ନିଯୁକ୍ତ କଲେ’* (ମାଥିଉ ୨୭:୬୩–୬୬) ।

ଏହିପରିଭାବେ ଯୀଶୁଙ୍କର ମୃତ୍ୟୁ ହୋଇଥିଲା ଏବଂ ତାହାଙ୍କ ମୃତ୍ୟୁରେ ସନ୍ଦେହ କରିବାର ଉପାୟ ନାହିଁ । ତାହାଙ୍କର ମୃତ୍ୟୁରେ ତାହାଙ୍କର ବନ୍ଧୁମାନେ

ଶୋକ କରିଥିଲେ ଓ ଶତ୍ରୁମାନେ ଆନନ୍ଦ କରିଥିଲେ । ସୈନିକମାନେ ତାହାଙ୍କ ମୃତ୍ୟୁ ସମ୍ବନ୍ଧରେ ସନ୍ଦେହୀ ହୋଇଥିଲେ ଏବଂ ରୋମୀୟ ଶାସନକର୍ତ୍ତା, ତାହାଙ୍କ ମୃତ୍ୟୁ ସମ୍ବାଦ ଶୁଣି ନିଶ୍ଚିତ ହେବା ସଙ୍ଗେ ସଙ୍ଗେ ମନରେ ଅଶାନ୍ତି ମଧ୍ୟ ଅନୁଭବ କରିଥିଲେ । ଯିରୁଶାଲମବାସୀ ତାହାଙ୍କ ମୃତ୍ୟୁ ସମ୍ବାଦ ଶୁଣି ବିସ୍ମିତ ହୋଇଥିଲେ ।

ଗୁରୁଙ୍କର ମୃତ୍ୟୁ ହୋଇଛି, ତାହାଙ୍କ ଶରୀର ମୁଦ୍ରାଙ୍କିତ ସମାଧିରେ ରହିଛି ଓ ସେ ସମାଧିକୁ, ଅସ୍ତ୍ରଧାରୀ ରକ୍ଷୀମାନେ ଦିନ ରାତି ଜଗି ରହିଛନ୍ତି । ତେଣୁ ତାହାଙ୍କ ଶରୀରକୁ ସମାଧିରୁ ବାହାର କରି ନେବାର କୌଣସି ଉପାୟ ନାହିଁ ।

## ଶୂନ୍ୟ ସମାଧି

କ୍ରୁଶରେ ଯୀଶୁଙ୍କ ମୃତ୍ୟୁର ତୃତୀୟ ଦିନରେ, ତାହାଙ୍କର କେତେଜଣ ଶିଷ୍ୟ ସମାଧି ଦେଖିବାକୁ ଆସିଲେ, କିନ୍ତୁ ଦେଖିବାକୁ ପାଇଲେ ଯେ, ସମାଧି ଶୂନ୍ୟ । ଯୀଶୁଙ୍କ ଶିଷ୍ୟ ମାଥିଉ ସେହି ଘଟଣା ଏହିପରିଭାବେ ଲିପିବଦ୍ଧ କରିଛନ୍ତି–

*'ବିଶ୍ରାମବାର ପରେ, ସପ୍ତାହର ପ୍ରଥମ ଦିବସରେ ପ୍ରତ୍ୟୁଷରେ, ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ କବର ଦେଖିବାକୁ ଗଲେ । ସେତେବେଳେ ଏକ ବଡ଼ ଧରଣର ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି କବର ନିକଟକୁ ଗଲେ ଏବଂ ପଥରଟିକୁ ଗଡ଼ାଇ ଦେଇ ତା' ଉପରେ ବସିଲେ । ତାଙ୍କର ରୂପ ବିଦ୍ୟୁତର ଆଲୋକ ପରି (ଉଜ୍ଜ୍ୱଳ) ଓ ତାଙ୍କର ବସ୍ତ୍ର ତୁଷାର ପରି ଶୁଭ୍ରବର୍ଣ୍ଣ ଥିଲା । ତାଙ୍କୁ ଦେଖି ପ୍ରହରୀମାନେ ଭୟରେ ଥରହର ହୋଇ ମୃତବତ୍ ହେଲେ । ସ୍ୱର୍ଗଦୂତ ସେହି ନାରୀମାନଙ୍କୁ କହିଲେ, 'ଭୟ କର ନାହିଁ । କାରଣ ମୁଁ ଜାଣେ, ତୁମ୍ଭେମାନେ କ୍ରୁଶରେ ହତ ଯୀଶୁଙ୍କୁ ଖୋଜୁଛ । ସେ ଏଠାରେ ନାହାନ୍ତି ! ସେ ଯେପରି କହିଥିଲେ, ସେହିପରି (ମୃତ୍ୟୁରୁ) ଉଠିଅଛନ୍ତି । ଆସ, ଯେଉଁଠାରେ ତାଙ୍କୁ ରଖା ଯାଇଥିଲା, ସେହି ସ୍ଥାନ ଦେଖ । ତା'ପରେ ଶୀଘ୍ର ଯାଇ ତାଙ୍କ ଶିଷ୍ୟମାନଙ୍କୁ ଏହା କୁହ, 'ସେ ମୃତମାନଙ୍କ ମଧ୍ୟରୁ ଉଠିଛନ୍ତି ଓ ତୁମ ଆଗେ ଆଗେ ଗାଲିଲୀକୁ ଯାଉଛନ୍ତି । ସେଠାରେ ତୁମ୍ଭେମାନେ ତାଙ୍କର ଦେଖା ପାଇବ । ଦେଖ, ( ଏ କଥା) ମୁଁ ତୁମମାନଙ୍କୁ ଜଣାଇ ଦେଲି'* (ମାଥିଉ ୨୮:୧-୭) ।



ତାହାଙ୍କର ଶିଷ୍ୟମାନେ ମଧ୍ୟ ସମାଧି ନିକଟକୁ ଆସିଲେ ଏବଂ ସମସ୍ତ ଘଟଣା ବୁଝି ପାରିଲେ । କୋରଡ଼ା ପ୍ରହାର, କଣ୍ଟା ଓ ବର୍ଚ୍ଛା ଆଘାତରେ କ୍ଷତ ବିକ୍ଷତ ଯୀଶୁ ଖ୍ରୀଷ୍ଟଙ୍କ ମୃତ ଶରୀର ଅକ୍ଷତ ଅବସ୍ଥାରେ ସମାଧି ମଧ୍ୟରୁ ବାହାରି ଆସିଲା । ଯେଉଁ ଶରୀର, ଆତ୍ମା ବିସର୍ଜନ କରି ମୃତ୍ୟୁବରଣ କରିଥିଲା, ପୁଣି ତାହା ଜୀବନ ଓ ଆତ୍ମା ଲାଭ କଲା ଏବଂ ସମ୍ପୂର୍ଣ୍ଣ ପରିବର୍ତ୍ତିତ ଦିବ୍ୟରୂପ ଧାରଣ କରି, ସମାଧି ମଧ୍ୟରୁ ବାହାରି ଆସିଲା ।

ବାଇବଲରେ ଏସମସ୍ତ ବିଷୟର ଉଲ୍ଲେଖ ରହିଛି ଏବଂ ଯେଉଁମାନେ ସେ ସମୟରେ ବଞ୍ଚିଥିଲେ ଏବଂ ସମସ୍ତ ଘଟଣା ଜାଣିଥିଲେ, ସେମାନେ ତାହା ଲେଖିଯାଇଛନ୍ତି । ବିଚାର ବୁଦ୍ଧିସମ୍ପନ୍ନ ମନୁଷ୍ୟ ଯେ ଆମ୍ଭେମାନେ, ଆମ୍ଭମାନଙ୍କ ପକ୍ଷରେ ଏହା ବିଶ୍ୱାସଯୋଗ୍ୟ କି ? ହଁ, ଆମ୍ଭେମାନେ ଏସମସ୍ତ ବିଶ୍ୱାସ କରିପାରୁ । କେବଳ ବିଚାର ବୁଦ୍ଧିସମ୍ପନ୍ନ ଲୋକଙ୍କ ପକ୍ଷରେ ହିଁ ଏହା ବିଶ୍ୱାସଯୋଗ୍ୟ । ପ୍ରକୃତରେ କହିବାକୁ ଗଲେ, ଏସମସ୍ତ ବିଷୟରେ ସାକ୍ଷ୍ୟ ପ୍ରମାଣ ଏପରି ଅକାଟ୍ୟ ଯେ, ଆମ୍ଭେମାନେ ତାହା ବିଶ୍ୱାସ ନ କଲେ, ଭୁଲ୍ କରିବୁ ।

## କେତେକ ସାକ୍ଷ୍ୟ

ପ୍ରଥମତଃ, ଯୀଶୁ ଖ୍ରୀଷ୍ଟଙ୍କ ନିଜ ବାକ୍ୟରେ ଆମ୍ଭେମାନେ ଏହା ଦେଖି ପାରିଛୁ । କ୍ରୁଶରେ ମୃତ୍ୟୁଭୋଗ ପୂର୍ବରୁ ସେ ସ୍ପଷ୍ଟଭାବେ ନିଜ ଶିଷ୍ୟମାନଙ୍କୁ କହିଥିଲେ ଯେ ସେ ମୃତ୍ୟୁରୁ ଉଠିବେ । ସେ ମୃତ୍ୟୁରୁ ଉଠିବା ପରେ, ତାହାଙ୍କର ଶିଷ୍ୟମାନେ ଅତି ବିଳମ୍ବରେ ସେ କଥା ବିଶ୍ୱାସ କରିଥିଲେ ଓ ଯୀଶୁ ସେଥିପାଇଁ ନିଜ ଶିଷ୍ୟମାନଙ୍କୁ ଅନୁଯୋଗ କରିଥିଲେ । ତା'ଛଡ଼ା, ସେ ଯେ ମୃତ୍ୟୁରୁ ଉଠିଅଛନ୍ତି, ତା'ର ବହୁ ପ୍ରମାଣ ସେ ଶିଷ୍ୟମାନଙ୍କୁ ଦେଇଥିଲେ (ଲୂକ ୨୪:୨୫-୪୮ ଇତ୍ୟାଦି) ।

ଦ୍ୱିତୀୟରେ, ଯୀଶୁ ଯେ ମୃତ୍ୟୁରୁ ଉଠିଥିଲେ, ତାହାଙ୍କ ଶିଷ୍ୟମାନେ ତାହା ନିଶ୍ଚିତଭାବେ ଜାଣିଥିଲେ । ଏଠାରେ ସେମାନଙ୍କର ବାକ୍ୟ ଉଲ୍ଲେଖ କରାଯାଇପାରେ । ଖ୍ରୀଷ୍ଟଙ୍କୁ ହତ୍ୟା କରିଥିବା ଅଭିଯୋଗରେ, ପିତର ଇସ୍ରାଏଲର ନେତାମାନଙ୍କୁ ଅଭିଯୁକ୍ତ କରିଥିଲେ । ପିତର କହିଥିଲେ ଯେ

ସେମାନେ *‘ତୁମେମାନେ ଜୀବନର କର୍ତ୍ତାଙ୍କୁ ବଧ କଲ, ମାତ୍ର ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ଆମେ ଏହାର ସାକ୍ଷୀ’* (ପ୍ରେରିତ ୩:୧୫) ।

ସେ ପୁଣି କହିଥିଲେ, *‘ଯିହୁଦୀମାନଙ୍କ ଦେଶରେ ଓ ଯିରୂଶାଲମରେ ସେ ଯାହା ଯାହା କଲେ, ଆମେ ସେହି ସବୁର ସାକ୍ଷୀ । ସେମାନେ ତାହାଙ୍କୁ କ୍ରୁଶରେ ଟଙ୍ଗାଇ ହତ୍ୟା କଲେ, କିନ୍ତୁ ଈଶ୍ୱର ତାହାଙ୍କୁ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ଉଠାଇ ଦୃଷ୍ଟିଗୋଚର କରାଇଲେ ।*

*ସେ ଯେ ସବୁ ଲୋକଙ୍କର ଦୃଷ୍ଟିଗୋଚର ହେଲେ, ତା’ ନୁହେଁ, କିନ୍ତୁ ଈଶ୍ୱର ପୂର୍ବରୁ ଯେଉଁମାନଙ୍କୁ ମନୋନୀତ କରିଥିଲେ, ସେହି ସାକ୍ଷୀମାନଙ୍କର, ଅର୍ଥାତ୍ ମୃତ ଲୋକଙ୍କ ମଧ୍ୟରୁ ପୁନରୁତ୍ଥିତ ହେଲା ପରେ ଆମେ, ଯେଉଁମାନେ କି ତାହାଙ୍କ ସହିତ ଭୋଜନପାନ କରିଥିଲୁ, ଆମର ଦୃଷ୍ଟିଗୋଚର ହେଲେ’* (ପ୍ରେରିତ ୧୦:୩୯-୪୧) ।

ଅନ୍ୟ ଶିଷ୍ୟମାନେ ମଧ୍ୟ ଅତି ଦୃଢ଼ତାର ସହିତ ଯୀଶୁଙ୍କ ପୁନରୁତ୍ଥାନ ସମ୍ବନ୍ଧରେ ସାକ୍ଷ୍ୟ ଦେଉଥିଲେ । *‘ପ୍ରେରିତଶିଷ୍ୟମାନେ ମହାଶକ୍ତିରେ ପ୍ରଭୁ ଯୀଶୁଙ୍କର ପୁନରୁତ୍ଥାନ ବିଷୟ ସାକ୍ଷ୍ୟ ଦେବାକୁ ଲାଗିଲେ ଓ ସେମାନଙ୍କ ଉପରେ ମହା ଅନୁଗ୍ରହ ରହିଥିଲା’* (ପ୍ରେରିତ ୪:୩୩) ।

ପାଉଲ ଏ ବିଷୟରେ ସଂକ୍ଷେପରେ ଏହିପରି କହନ୍ତି, *‘କାରଣ ମୁଁ ଯେଉଁ ଶିକ୍ଷା ପାଇଥିଲି, ତାହା ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯେ ଶାସ୍ତ୍ରବାକ୍ୟ ଅନୁସାରେ ଖ୍ରୀଷ୍ଟ ଆମ ପାପ ପାଇଁ ମୃତ୍ୟୁବରଣ କଲେ, ସେ କବରସ୍ଥ ହେଲେ, ଶାସ୍ତ୍ରବାକ୍ୟ ଅନୁସାରେ ତୃତୀୟ ଦିନରେ ଉତ୍ଥିତ ହେଲେ, ପୁଣି ପିତରଙ୍କୁ, ତା’ପରେ ‘ଦ୍ୱାଦଶ-ଶିଷ୍ୟଙ୍କୁ’ ଦର୍ଶନ ଦେଲେ । ଏହାପରେ ପାଞ୍ଚ ଶହରୁ ଅଧିକ (ବିଶ୍ୱାସୀ) ଭାଇମାନଙ୍କୁ ଏକ ସମୟରେ ଦର୍ଶନ ଦେଲେ, ଯଦିବା ସେମାନଙ୍କ ମଧ୍ୟରୁ କେହି କେହି ମହାନିଦ୍ରାପ୍ରାପ୍ତ, ତଥାପି ଅଧିକାଂଶ ଆଜିଯାଏ ଜୀବିତ ଅଛନ୍ତି ।*

*ତା’ପରେ ସେ ଯାକୁବଙ୍କୁ ଓ ପରେ ସବୁ ପ୍ରେରିତଶିଷ୍ୟଙ୍କୁ ଦର୍ଶନ ଦେଲେ । ସର୍ବଶେଷରେ ଅକାଳଜାତ ପରି ମୋତେ ମଧ୍ୟ ସେ ଦର୍ଶନ ଦେଲେ’* (୧ କରିନ୍ଥୀୟ ୧୫:୩-୮) ।



## ବହୁ ଅକାଟ୍ୟ ପ୍ରମାଣ

ଯୀଶୁ ମୃତ୍ୟୁରୁ ଉଠିବା ପରେ, ନିଜ ଶିଷ୍ୟମାନଙ୍କୁ ଜୀବିତଭାବେ ଦେଖା ଦେଇଥିଲେ । *‘ତାଙ୍କର ଦୁଃଖଭୋଗ (ଓ ମୃତ୍ୟୁ) ପରେ, ସେମାନଙ୍କ ନିକଟରେ ଦର୍ଶନ ଦେଇ ସେ ଯେ ଜୀବିତ, ତାହାର ଅନେକ ଅକାଟ୍ୟ ପ୍ରମାଣ ଦେଲେ । ସେ ସେମାନଙ୍କ ନିକଟରେ ଚାଳିଶ ଦିନ ପର୍ଯ୍ୟନ୍ତ (ଥରକୁ ଥର) ଦର୍ଶନ ଦେଇ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ କଥାବାର୍ତ୍ତା କଲେ’* (ପ୍ରେରିତ ୧:୩) । ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କୁ ଦେଖିଥିଲେ, ସ୍ପର୍ଶ କରିଥିଲେ, ତାହାଙ୍କ ସଙ୍ଗେ ଆଳାପ କରିଥିଲେ ଏବଂ ତାହାଙ୍କ ସଙ୍ଗେ ମଧ୍ୟ ଭୋଜନ କରିଥିଲେ । କେବେ କେବେ ସେ କାହାକୁ ଏକାକୀ ଥିବା ଅବସ୍ଥାରେ ଓ ଅନ୍ୟ ସମୟରେ ଏକ ସଙ୍ଗେ ଅନେକଙ୍କୁ ଦେଖା ଦେଇଥିଲେ । ଥରେ ପ୍ରାୟ ପାଞ୍ଚଶହ ଲୋକ ତାହାଙ୍କୁ ଦେଖିଥିଲେ ।

## ଏହା ବିରୁଦ୍ଧରେ ଆପତ୍ତି

କେହି କେହି ହୁଏତ ଆପତ୍ତି କରି କହି ପାରନ୍ତି ଯେ, ‘ଯୀଶୁ ପ୍ରକୃତରେ ମୃତ୍ୟୁରୁ ଉଠି ନ ଥିଲେ । ହୁଏତ ତାହାଙ୍କର ଶିଷ୍ୟମାନେ ତାହାଙ୍କ ଶରୀରକୁ ଚୋରି କରି ନେଇଥିଲେ ବା ସେମାନେ ନିଜେ ଏସବୁ ଗଳ୍ପ ସୃଷ୍ଟି କରିଥିଲେ ।’ କିନ୍ତୁ କେତେକ କାରଣରୁ ଏହା ଯେ ସମ୍ପୂର୍ଣ୍ଣ ଅସମ୍ଭବ, ତାହା ଆମ୍ଭେମାନେ ସହଜରେ ଦେଖି ପାରିବା ।

ଯୀଶୁଙ୍କ ଶରୀରକୁ ଚୋରି କରିବା ଅତି କଷ୍ଟସାଧ୍ୟ କାର୍ଯ୍ୟ ହୋଇଥା’ନ୍ତା । ରୋମୀୟ ରକ୍ଷୀମାନଙ୍କୁ ସମାଧି ପହରା ଦେବା ବିଷୟରେ ଦୃଢ଼ ଆଦେଶ ଦିଆଯାଇଥିଲା ଏବଂ ସେମାନେ ନିଶ୍ଚୟ ଶିଷ୍ୟମାନଙ୍କ ପକ୍ଷରେ ରହି ସେମାନଙ୍କୁ ସାହାଯ୍ୟ କରି ନ ଥା’ନ୍ତେ । କିନ୍ତୁ ପ୍ରହରୀମାନଙ୍କୁ ପ୍ରତିହତ କରି, ଶରୀର ଚୋରି କରିବା ଯଦିବା ସମ୍ଭବ ହୋଇଥାନ୍ତା, ସେପରି କୌଣସି ଘଟଣାର ପ୍ରମାଣ ମିଳେ ନାହିଁ, ତେଣୁ ବିନା ପ୍ରମାଣରେ ତାହା ବିଶ୍ୱାସ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ପ୍ରକୃତରେ କହିବାକୁ ଗଲେ ପ୍ରମାଣ ନିକଟରେ ଏପରି ଅନୁମାନର କୌଣସି ମୂଲ୍ୟ ନାହିଁ ।

ଯେଉଁମାନେ ଏସମସ୍ତ ବିଷୟର ବିବରଣୀ ଦେଇଯାଇଛନ୍ତି, ସେମାନଙ୍କ ବିଷୟରେ ସବୁ ଦିଗରୁ ବିଚାର କଲେ ଆମ୍ଭେମାନେ ଜାଣିପାରିବା ଯେ, ସେମାନେ ସତ୍ ପ୍ରକୃତିର ଲୋକ ଥିଲେ ଏବଂ କୌଣସି କାଳେ ପ୍ରତାରକ ହୋଇ ନ ପାରନ୍ତି । ସେମାନଙ୍କ ଲେଖାରେ ଅତି ଉନ୍ନତ ନୈତିକତାର ପରିଚୟ ମିଳେ ଏବଂ ସେମାନେ ଯେ ନିଜ ନିଜ ଶିକ୍ଷାର ଆଦର୍ଶରେ ଜୀବନ ଯାପନ କରୁଥିଲେ, ସେମାନଙ୍କର ଶତ୍ରୁମାନେ ମଧ୍ୟ ତାହା ଅସ୍ୱୀକାର କରି ପାରିବେ ନାହିଁ । ସେମାନେ ଲୋକଙ୍କୁ ସତର୍କ କରି କହିଥିଲେ ଯେ, ସମସ୍ତ ପ୍ରକାର ମିଥ୍ୟା, ପ୍ରତାରଣା, ଈଶ୍ୱରଙ୍କ ନିକଟରେ ଘୃଣ୍ୟ ଓ ସେଥିପାଇଁ ଅପରାଧୀଙ୍କୁ ନରକରେ ଶାସ୍ତି ଭୋଗ କରିବାକୁ ପଡ଼ିବ ।

ତା'ଛଡ଼ା, ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରୁଥିବା ଯୋଗୁ ସେମାନେ ସମସ୍ତେ ନିର୍ମମ ତାଡ଼ନା ଭୋଗ କରିଥିଲେ ଓ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରାଣଦଣ୍ଡ ଦିଆଯାଇଥିଲା । ହେରୋଦଙ୍କ ଆଦେଶରେ, ଯାକୁବ ଖଡ୍ଗରେ ନିହତ ହୋଇଥିଲେ, ପାଉଲଙ୍କର ଶିରଚ୍ଛେଦନ କରାଯାଇଥିଲା ଓ ଯୋହନ ଏକ ନିର୍ଜନ ଦ୍ୱୀପକୁ ନିର୍ବାସିତ ହୋଇଥିଲେ । ଅନ୍ୟମାନେ ଯେ ଏହିପରି ଦୁର୍ଭାଗ୍ୟର ସମ୍ମୁଖୀନ ହୋଇଥିଲେ, ସେ ବିଷୟରେ ବହୁ ଘଟଣାର ଉଲ୍ଲେଖ ରହିଛି । କିନ୍ତୁ ସେମାନେ ଶାନ୍ତ ମନରେ ଆନନ୍ଦର ସହିତ, ସମସ୍ତ ପ୍ରକାର ଘୃଣା, ତାଡ଼ନା, ପ୍ରହାର, ନିର୍ଯ୍ୟାତନା, ବନ୍ଦୀତ୍ୱ, ଏପରିକି ମୃତ୍ୟୁ ମଧ୍ୟ ବରଣ କରୁଥିଲେ । ଖ୍ରୀଷ୍ଟଙ୍କ ନିମନ୍ତେ ଦୁଃଖ ଭୋଗରେ ସେମାନେ ଆନନ୍ଦ ଲାଭ କରୁଥିଲେ । କୌଣସି ମିଥ୍ୟା ଓ ଭ୍ରାନ୍ତ ବିଷୟ ନିମନ୍ତେ, କେହି କେବେ ଆନନ୍ଦରେ ଦୁଃଖ ଓ ମୃତ୍ୟୁବରଣ କରିବାକୁ ତତ୍ପର ହୁଏ ନାହିଁ । ସେମାନେ ଯଦି ଜାଣିଥା'ନ୍ତେ ଯେ, ଖ୍ରୀଷ୍ଟଙ୍କ ପୁନରୁତ୍ଥାନ କପୋଳକଳ୍ପିତ ଏକ ଗଳ୍ପ, ତେବେ ତାହା ପ୍ରଚାର କରି, ସେମାନେ କାହିଁକି ଦୁଃଖ ଓ ମୃତ୍ୟୁଭୋଗ କରିଥା'ନ୍ତେ ?

ଯେଉଁମାନେ ଦିନେ ଶତ୍ରୁମାନଙ୍କ ଭୟରେ ଆତ୍ମଗୋପନ କରି ରହୁଥିଲେ, ସେମାନେ ଯୀଶୁଙ୍କର ଦୁର୍ଜୟ ଦୁଃସାହସୀ ସାକ୍ଷୀ ରୂପେ ଆତ୍ମପ୍ରକାଶ କଲେ । ଏପରିକି ସେମାନେ ପୃଥିବୀର ଚିନ୍ତାଧାରାରେ ବିପ୍ଳବ ସୃଷ୍ଟି କରିଗଲେ ।



ସନ୍ଦେହ, ଭୟ ପରିବର୍ତ୍ତେ ସେମାନେ ହେଲେ ଶକ୍ତି, ଆନନ୍ଦ, ବିଶ୍ୱାସ ଓ ଅପରାଜେୟ ସାହସର ଅଧିକାରୀ ।

ସେମାନଙ୍କ ମଧ୍ୟରେ ଈଶ୍ୱରଙ୍କ ଶକ୍ତି ଯେ କାର୍ଯ୍ୟ କରୁଥିଲା, ଏହାର ସ୍ପଷ୍ଟ ପ୍ରମାଣ ମିଳୁଥିଲା । ସେମାନଙ୍କ ଜୀବନରେ ଯାହା ଏହି ପରିବର୍ତ୍ତନ ସାଧନ କରି ପାରିଥିଲା, ତାହା ହେଲା ଯୀଶୁଙ୍କ ମୃତ୍ୟୁରୁ ପୁନରୁତ୍ଥାନର ଦୃଢ଼ ଧାରଣା । ଯୀଶୁ ଯେ, ଶାରୀରିକଭାବେ ପୁନରୁତ୍ଥିତ ହୋଇଥିଲେ ଶିଷ୍ୟମାନେ ସେଥିରେ ନିଶ୍ଚିତ ଥିଲେ ।

କେହି କେହି ହୁଏତ କହି ପାରନ୍ତି, 'ସେମାନେ ସ୍ୱେଚ୍ଛାରେ ଏପରି ମିଥ୍ୟା ସୃଷ୍ଟି କରି ନ ଥିଲେ, ମାତ୍ର ସେମାନେ ପ୍ରତାରିତ ହୋଇଥିଲେ ।' ପ୍ରକୃତରେ ଯଦି ସେମାନେ ପ୍ରତାରିତ ହୋଇଥାଆନ୍ତି, ତେବେ କିଏ ଏବଂ କ'ଣ ସେମାନଙ୍କୁ ପ୍ରତାରଣା କଲା ? ଯୀଶୁ ନିଜେ ନିଶ୍ଚୟ ସେ ଚେଷ୍ଟା କରି ନ ଥିଲେ । ଶିଷ୍ୟମାନେ ଯେ ଶୂନ୍ୟ ସମାଧି ଦେଖିଥିଲେ, ଏଥିରେ ସନ୍ଦେହ ନାହିଁ । ତା'ଛଡ଼ା ସେମାନେ ଯାହାଙ୍କ ସଙ୍ଗେ ଆଳାପ କରିଥିଲେ, ସେ ନିଜେ କହିଥିଲେ ଯେ, ସେ ସ୍ୱୟଂ ଯୀଶୁ । ସେମାନେ ତାହାଙ୍କ ସଙ୍ଗେ ଭୋଜନ କଲେ, ତାହାଙ୍କୁ ସ୍ପର୍ଶ କଲେ ଓ ତାହାଙ୍କର ହସ୍ତ, ପାଦ ଓ ବକ୍ଷରେ କ୍ଷତ ଚିହ୍ନ ଦେଖିଲେ । ମୃତ୍ୟୁରୁ ପୁନରୁତ୍ଥାନ ପରେ, ସେ ସେମାନଙ୍କ ସହିତ ଚାଳିଶ ଦିନ ପର୍ଯ୍ୟନ୍ତ ଥିଲେ ଏବଂ ସେ କିଏ, ସେ କଥା ନିଃସନ୍ଦେହରେ ଜାଣିବା ନିମନ୍ତେ ସେମାନେ ଅନେକ ସୁଯୋଗ ପାଇଥିଲେ ।

ନା, ସେମାନେ ପ୍ରତାରିତ ହୋଇ ନ ଥିଲେ । ସେମାନେ ଜାଣିପାରି ଥିଲେ ଯେ, ଯୀଶୁ ଖ୍ରୀଷ୍ଟ ପ୍ରକୃତରେ ମୃତ୍ୟୁରୁ ଉଠିଅଛନ୍ତି । ସେମାନଙ୍କ ସାକ୍ଷ୍ୟ ଗ୍ରହଣ ଆମ୍ଭମାନଙ୍କ ପକ୍ଷରେ ଯୁକ୍ତିସଙ୍ଗତ । ପ୍ରକୃତରେ କହିବାକୁ ଗଲେ, ଏତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ, ଯେକୌଣସି ଦେଶର ବିଚାରାଳୟରେ ସତ୍ୟ ବୋଲି ସ୍ୱୀକୃତ ହୋଇଥା'ନ୍ତା । ଦୁଇ ବା ତିନିଜଣ ସାକ୍ଷୀଙ୍କର, ସ୍ଥଳବିଶେଷରେ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ମଧ୍ୟ ବିଚାରାଳୟ ଗ୍ରହଣ କରିଥାଏ । ଯୀଶୁଙ୍କ ପୁନରୁତ୍ଥାନ ସମ୍ପର୍କରେ ଯେଉଁମାନେ ସାକ୍ଷ୍ୟ ଦେଉଥିଲେ, ସେମାନଙ୍କର ସଂଖ୍ୟା, ଦୁଇ ତିନିଜଣଙ୍କଠାରୁ ବହୁଗୁଣରେ ଅଧିକ ।

ସେହି ସାକ୍ଷୀମାନେ କୌଣସି ସମୟରେ ମିଥ୍ୟାବାଦୀ ବୋଲି ପ୍ରମାଣିତ ହୋଇ ନାହାନ୍ତି ଏବଂ ନିଜର ସାକ୍ଷ୍ୟ ନିମନ୍ତେ ପ୍ରାଣ ଦାନ କରିବାକୁ ମଧ୍ୟ ସେମାନେ ପ୍ରସ୍ତୁତ ଥିଲେ । ଯୀଶୁ ଯେ ମୃତ୍ୟୁରୁ ଉଠିଥିଲେ, ସେ କଥା ଜାଣିବା ଶିଷ୍ୟମାନଙ୍କ ପକ୍ଷରେ ସମ୍ଭବ ଥିଲା, ତେଣୁ ସେମାନଙ୍କର ସାକ୍ଷ୍ୟକୁ ଆମ୍ଭେମାନେ ଉପେକ୍ଷା କରି ନ ପାରୁ ।

## ଅନ୍ୟାନ୍ୟ କାରଣ

ତୃତୀୟରେ, ସହସ୍ର ସହସ୍ର ଯିରୂଶାଲମବାସୀ ବିଶ୍ୱାସ କରିଥିଲେ ଯେ, ଯୀଶୁ ମୃତ୍ୟୁରୁ ଉଠିଅଛନ୍ତି । ପିତର ପ୍ରଥମେ ଯେତେବେଳେ ଯୀଶୁଙ୍କ ପୁନରୁତ୍ଥାନ ବିଷୟ ପ୍ରଚାର କଲେ, ତିନି ସହସ୍ର ଲୋକ ତାହାଙ୍କ କଥା ତତ୍‌କ୍ଷଣାତ୍ ବିଶ୍ୱାସ କରିଥିଲେ । *'ଯେଉଁମାନେ ତାଙ୍କ ବାର୍ତ୍ତା ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ ଏବଂ ସେହି ଦିନ ପ୍ରାୟ ତିନି ହଜାର ଲୋକ ମଣ୍ଡଳୀଭୁକ୍ତ ହେଲେ'* (ପ୍ରେରିତ ୨:୪୧) । ଅଳ୍ପ ସମୟ ପରେ ଆହୁରି ଅନେକେ ମଧ୍ୟ ବିଶ୍ୱାସ କରିଥିଲେ । *'କିନ୍ତୁ ପ୍ରଚାରିତ ବାର୍ତ୍ତା ଶୁଣିଥିବା ଲୋକଙ୍କ ମଧ୍ୟରୁ ଅନେକେ ବିଶ୍ୱାସ କଲେ ଏବଂ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ପାଞ୍ଚ ହଜାର ହେଲା'* (ପ୍ରେରିତ ୪:୪) ।

ଖ୍ରୀଷ୍ଟଙ୍କ ବିରୋଧୀ ଦଳରେ ଥିବା ଅନେକ ଯାଜକ ଅନୁତାପ କରି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିଲେ । *'ଏହିରୂପେ, ଈଶ୍ୱରଙ୍କ ବାକ୍ୟ ପ୍ରସାର ଲାଭ କଲା । ଯିରୂଶାଲମରେ ଶିଷ୍ୟମାନଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଲା ଏବଂ ବହୁ ସଂଖ୍ୟକ ଯାଜକ ଏହି ଧର୍ମବିଶ୍ୱାସର ଅନୁଗତ ହେଲେ'* (ପ୍ରେରିତ ୬:୭) ।

ଅଳ୍ପ ସମୟ ମଧ୍ୟରେ କେବଳ ଯିରୂଶାଲମର ବହୁ ସହସ୍ର ଅଧିବାସୀ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିଲେ । ସେମାନଙ୍କ ମଧ୍ୟରେ ଯୀଶୁଙ୍କର ବହୁ ପୂର୍ବ ଶତ୍ରୁ ରହିଥିଲେ, ଯେଉଁମାନେ ଯୀଶୁଙ୍କୁ ଅପସାରିତ ହେବା ଦେଖି, ପୂର୍ବେ ଆନନ୍ଦ ପ୍ରକାଶ କରିଥିଲେ । ଏମାନେ ସମସ୍ତେ ଯିରୂଶାଲମରେ ଥିଲେ ଏବଂ ସେହିଠାରେ ହିଁ ଯୀଶୁ ମୃତ୍ୟୁଭୋଗ କରି ସମାଧିସ୍ଥ ହୋଇଥିଲେ । ଯୀଶୁଙ୍କ ସମାଧି ନିକଟକୁ ଯିବା ନିମନ୍ତେ ସେମାନଙ୍କୁ ବିଶେଷ ସମୟ ଲାଗି



ନ ଥିବ ଓ ସେମାନଙ୍କ ମଧ୍ୟରୁ ହୁଏତ ଅନେକେ ଯାଇ ଶୂନ୍ୟ ସମାଧି ଦେଖିଥିବେ ! ଯୀଶୁ ପୁନରୁତ୍ଥିତ ହେବା ପରେ, ତାହାଙ୍କୁ ପାଞ୍ଚଶହ ଲୋକ ଦେଖିଥିବା କଥା ମଧ୍ୟ ସ୍ମରଣ କରନ୍ତୁ । ଏସବୁ ଲୋକଙ୍କ ସଙ୍ଗେ ଏ ବିଷୟରେ ଅନ୍ୟମାନେ ନିଶ୍ଚୟ କଥାବାର୍ତ୍ତା କରିଥିବେ ଓ ସେମାନଙ୍କୁ ନାନା ପ୍ରଶ୍ନ କରିଥିବେ ।

ତା'ଛଡ଼ା ନୂତନ ବିଶ୍ୱାସୀମାନେ, ଯୀଶୁଙ୍କର ଆଦ୍ୟ ଶିଷ୍ୟମାନଙ୍କୁ ଅତି ନିକଟରୁ ଲକ୍ଷ୍ୟ କରିବାର ସୁଯୋଗ ପାଇଥିବେ ଓ ସେମାନଙ୍କର ଦୃଢ଼ ଧାରଣା ଜନ୍ମିଥିବ ଯେ, ସେହି ଶିଷ୍ୟମାନଙ୍କର ଜୀବନ ପବିତ୍ର ଓ ସେମାନେ ପ୍ରବଞ୍ଚକ ନୁହନ୍ତି । ଶିଷ୍ୟମାନଙ୍କର ମହାନ ଶକ୍ତି ଓ ସେମାନଙ୍କର ଶାନ୍ତି ଓ ଆନନ୍ଦମୟ ଜୀବନ ଲକ୍ଷ୍ୟ କରି, ସେମାନଙ୍କର ନିଶ୍ଚୟ ଧାରଣା ଜନ୍ମିଥିବ ଯେ, ଈଶ୍ୱରଙ୍କ ଆତ୍ମା ସେମାନଙ୍କ ମଧ୍ୟରେ କାର୍ଯ୍ୟ କରୁଅଛନ୍ତି । ସେଥି ସଙ୍ଗେ ସଙ୍ଗେ ସେମାନେ ଦୃଢ଼ ଭାବରେ ବିଶ୍ୱାସ କରିଥିଲେ ଯେ, ଯୀଶୁ ମୃତ୍ୟୁରୁ ଉଠିଅଛନ୍ତି ।

ଶେଷରେ ଆମ୍ଭେମାନେ ଯେଉଁ ବିଷୟ ପ୍ରତି ଲକ୍ଷ୍ୟ କରିବୁ, ତାହା ହେଲା, ଯୀଶୁ ଯେ ମୃତ୍ୟୁରୁ ଉଠି ନାହାନ୍ତି, ତାହାଙ୍କର ଶତ୍ରୁମାନେ ଏପରି କୌଣସି ପ୍ରମାଣ ଦେଇପାରିଲେ ନାହିଁ । ପ୍ରମାଣ ଦେବା ଯଦି ସମ୍ଭବ ହୋଇଥା'ନ୍ତା, ତେବେ ସେମାନେ ତାହା ପ୍ରକାଶ କରି ନ ଥାନ୍ତେ ।

ସେମାନେ ଘୃଣା କରି ତାହାଙ୍କୁ ହତ୍ୟା କରିଥିଲେ ଏବଂ ସେମାନେ ଭାବିଥିଲେ ଯେ, ତାହାଙ୍କ ଉପରେ ସେମାନେ ଜୟଲାଭ କରିଛନ୍ତି । କିନ୍ତୁ ଯୀଶୁଙ୍କ ଶିଷ୍ୟମାନେ ଯେତେବେଳେ ତାହାଙ୍କର ପୁନରୁତ୍ଥାନ ବିଷୟ ପ୍ରଚାର କରିବାକୁ ଲାଗିଲେ, ସେମାନଙ୍କ ପକ୍ଷରେ ସମ୍ଭବ ହୋଇଥିଲେ ସେମାନେ ସେହି ଶିଷ୍ୟମାନଙ୍କୁ ଓ ସେମାନଙ୍କ ଶିକ୍ଷାକୁ ଧ୍ୱଂସ କରିଥା'ନ୍ତେ । କାରଣ ଘୃଣା, ଭ୍ରାନ୍ତ ବିଶ୍ୱାସ ଓ ଅବିଶ୍ୱାସ ମନୁଷ୍ୟକୁ ଅନ୍ଧ କରିଦିଏ । ତଥାପି ଶିଷ୍ୟମାନେ ଯାହା ପ୍ରଚାର କରୁଥିଲେ, ସେମାନେ ତାହାକୁ ମିଥ୍ୟା ବୋଲି ପ୍ରତିପାଦିତ କରିପାରୁ ନ ଥିଲେ । ଯଦି ଯୀଶୁଙ୍କ ଶରୀର ସମାଧି ଭିତରେ ରହିଥାଆନ୍ତା, ତେବେ ଲୋକମାନଙ୍କୁ ସେଠାକୁ ନେଇ, ତାହା ଦେଖାଇ ଦେଇଥିଲେ, ସେମାନଙ୍କ ପକ୍ଷରେ ଯଥେଷ୍ଟ ହୋଇଥାନ୍ତା ।

ଯଦି ବା ଯୀଶୁଙ୍କ ଶରୀର ସ୍ଥାନାନ୍ତରିତ ହୋଇଥାନ୍ତା, ତେବେ ସେମାନେ ସେ ସ୍ଥାନର ଅନୁସନ୍ଧାନ କରି, ଯୀଶୁଙ୍କ ଶରୀର ସେଠାରୁ ବାହାର କରିଆଣି ଲୋକମାନଙ୍କୁ ଦେଖାଇ ପାରିଥାନ୍ତେ । କିନ୍ତୁ ସେମାନେ ଜାଣିପାରିଲେ ଯେ, ସମାଧି ଶୂନ୍ୟ ପଡ଼ିଛି । କିନ୍ତୁ ଯୀଶୁଙ୍କର କ'ଣ ହେଲା, ସେ ବିଷୟରେ ସେମାନେ କୌଣସି ଧାରଣା କରିପାରିଲେ ନାହିଁ । ସେମାନେ କ୍ରୋଧରେ ଆତ୍ମବିସ୍ମୃତ ହୋଇ ଶିଷ୍ୟମାନଙ୍କୁ ଭୟ ପ୍ରଦର୍ଶନ ଓ ତାଡ଼ନା କରିବାକୁ ଲାଗିଲେ । କିନ୍ତୁ ତାଡ଼ନା ଦ୍ୱାରା କୌଣସି ଯୁକ୍ତିର ସଦୁତ୍ତର ମିଳେନା ଓ ସତ୍ୟକୁ ମଧ୍ୟ ଉପେକ୍ଷା କରି ହୁଏନା ।

## ସତ୍ୟ ତଥ୍ୟ

ଆମ୍ଭେମାନେ ଯେଉଁସମସ୍ତ ତଥ୍ୟ ସଂଗ୍ରହ କରିଛୁ ସେଥିରୁ ପ୍ରମାଣିତ ହୁଏ ଯେ, ଯୀଶୁ ଖ୍ରୀଷ୍ଟ ମୃତ୍ୟୁଭୋଗ କରିଥିଲେ ଓ ମୃତ୍ୟୁରୁ ମଧ୍ୟ ଉଠିଥିଲେ । ଜଣେ ପ୍ରସିଦ୍ଧ ଐତିହାସିକ ଦୃଢ଼ ଭାବରେ କହିଛନ୍ତି ଯେ, ଖ୍ରୀଷ୍ଟଙ୍କର ପୁନରୁତ୍ଥାନ 'ପୁରାତନ ଇତିହାସର ଶ୍ରେଷ୍ଠ ପ୍ରମାଣିତ ଘଟଣା ।'

ପୁନରୁତ୍ଥାନ ପରେ ଖ୍ରୀଷ୍ଟ ଅଦୃଶ୍ୟ ଈଶ୍ୱରଙ୍କ ସମୀପକୁ ଯାଇ, ଗୌରବ ଓ ସମ୍ମାନର ଶ୍ରେଷ୍ଠ ଆସନ ଗ୍ରହଣ କଲେ । ଏହାପରେ ସେ ଈଶ୍ୱରଙ୍କ ଶକ୍ତିକୁ ଅଧିକ ଶକ୍ତିଶାଳୀ କରି ନିଜ ଶିଷ୍ୟମାନଙ୍କ ନିକଟକୁ ପ୍ରେରଣ କଲେ । ଶିଷ୍ୟମାନେ ଆଗ୍ରହୀ ଲୋକମାନଙ୍କୁ ସତ୍ୟ ସମ୍ବନ୍ଧରେ ଶିକ୍ଷା ଦେଲେ । ମନୁଷ୍ୟମାନଙ୍କୁ ସତ୍ୟର ସନ୍ଧାନ ଦେବା ନିମନ୍ତେ ଏବଂ ସେମାନଙ୍କ ମନରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆସ୍ଥା ଜନ୍ମାଇବା ନିମନ୍ତେ, ଏପର୍ଯ୍ୟନ୍ତ ଈଶ୍ୱରଙ୍କ ଆତ୍ମା ପୃଥିବୀରେ କାର୍ଯ୍ୟ କରୁଅଛନ୍ତି ।

ଈଶ୍ୱର ଯେ ଖ୍ରୀଷ୍ଟଙ୍କୁ ଜଗତକୁ ପଠାଇଥିଲେ ଓ ସେ ତାହାଙ୍କର ଅଦ୍ୱିତୀୟ ପୁତ୍ର ଅଟନ୍ତି, ଯୀଶୁଙ୍କର ମୃତ୍ୟୁରୁ ପୁନରୁତ୍ଥାନ ମଧ୍ୟରେ ଈଶ୍ୱର ତାହା ଦୃଢ଼ ଭାବରେ ପ୍ରମାଣିତ କରିଅଛନ୍ତି । ପୁନରୁତ୍ଥାନ, ଯୀଶୁଙ୍କ ପକ୍ଷରେ ଥିଲା ଚରମ ପରୀକ୍ଷା । ସେ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଈଶ୍ୱରଙ୍କ ବିଷୟରେ, ନିଜ ବିଷୟରେ, ଆମ୍ଭମାନଙ୍କ ବିଷୟରେ ଓ ଈଶ୍ୱରଙ୍କ ପଥ ବିଷୟରେ ସେ ଯେଉଁ ଶିକ୍ଷା ଦେଇଅଛନ୍ତି, ଆମ୍ଭମାନଙ୍କ ପକ୍ଷରେ ସେସମସ୍ତ ଯେ



ବିଶ୍ୱାସଯୋଗ୍ୟ, ପୁନରୁତ୍ଥାନ ତାହାର ସୂଚନା ଦିଏ । ଯୀଶୁ କେବଳ ପୃଥିବୀକୁ ଆସି, କେତେକ ଶିକ୍ଷା ଦେଇ ସାଧାରଣ ମନୁଷ୍ୟ ପରି ପ୍ରାଣତ୍ୟାଗ କରି, ଶେଷରେ ପୃଥିବୀରୁ ଅଦୃଶ୍ୟ ହୋଇଗଲେ, ତାହା ନୁହେଁ । ସେ ଜୀବନ କାଳରେ, ଦୃଢ଼ ସାକ୍ଷ୍ୟ ପ୍ରମାଣ ଦ୍ୱାରା ନିଜ ଶିକ୍ଷାକୁ ଦୃଢ଼ୀଭୂତ କରିଥିଲେ ଏବଂ ମୃତ୍ୟୁ ଓ ପୁନରୁତ୍ଥାନ ଦ୍ୱାରା ସେ ସାକ୍ଷ୍ୟ ଆହୁରି ଦୃଢ଼ ହୋଇଥିଲା ।

ଆପଣମାନେ ଖ୍ରୀଷ୍ଟଙ୍କ ବିଷୟରେ କ'ଣ କରିବେ ? ସେ ଈଶ୍ୱରଙ୍କ ପୁତ୍ର ଓ ସତ୍ୟ ପରମ ଗୁରୁ । ତାହାଙ୍କର ସମସ୍ତ ଶିକ୍ଷା ସତ୍ୟ ଓ ସେଥି ସଙ୍ଗେ ସଙ୍ଗେ ଶକ୍ତିସମ୍ପନ୍ନ, ସୁନ୍ଦର ଓ ପବିତ୍ର । ସେ ଯେ ଈଶ୍ୱରଙ୍କ ନିକଟରୁ ଆସିଥିଲେ ଓ ସତ୍ୟ ସମ୍ବନ୍ଧରେ ଶିକ୍ଷା ଦେଇଥିଲେ, ତାହାର ଅବ୍ୟର୍ଥ ପ୍ରମାଣ ସେ ଦେଇଅଛନ୍ତି । ସେ ଆପଣମାନଙ୍କୁ ସମସ୍ତ ବନ୍ଧନରୁ ମୁକ୍ତ କରିବାକୁ ଚାହାନ୍ତି ଓ ସେ ବର୍ତ୍ତମାନ ମଧ୍ୟ ଆପଣମାନଙ୍କର ପାପ କ୍ଷମା କରି, ଆପଣମାନଙ୍କୁ ଚିରଦିନ ନିମନ୍ତେ ଈଶ୍ୱରଙ୍କ ସନ୍ତାନ କରିପାରନ୍ତି ।

ଆପଣମାନେ ତାହାଙ୍କ ନିମନ୍ତେ କ'ଣ କରିବେ ? ସେ ଆପଣମାନଙ୍କ ପାପ ନିମନ୍ତେ କ୍ରୁଶାର୍ପିତ ହୋଇ ବର୍ତ୍ତମାନ ଆପଣମାନଙ୍କ ସମ୍ମୁଖରେ, ମୃତ୍ୟୁରୁ ପୁନରୁତ୍ଥିତ ତ୍ରାଣକର୍ତ୍ତା ରୂପେ ଉପସ୍ଥିତ । ଆପଣମାନଙ୍କ ସର୍ବୋତ୍ତମ ମଙ୍ଗଳ ତାହାଙ୍କର କାମ୍ୟ । ଆପଣମାନେ ତାହାଙ୍କୁ ବିଶ୍ୱାସ କରି, ନିଜ ନିଜର ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବେ କି ?

କାଳବିଳମ୍ବ ନ କରି ତାହାଙ୍କ ନିକଟକୁ ଆସନ୍ତୁ । ତାହାଙ୍କ ପ୍ରତିଜ୍ଞା ବିଷୟରେ ବହୁ କଥା ଏ ପୁସ୍ତକରେ ଦିଆଯାଇଛି । ସେହି ପ୍ରତିଜ୍ଞାଗୁଡ଼ିକ ବିଶ୍ୱାସ କରି ଓ ସେହି ପ୍ରତିଜ୍ଞା ଈଶ୍ୱରଙ୍କୁ ସ୍ମରଣ କରାଇ ତାହାଙ୍କ ନିକଟରେ ନିବେଦନ କରନ୍ତୁ । ତାହାଙ୍କୁ ଡାକନ୍ତୁ, ସେ ଶୁଣିବେ । ତାହାଙ୍କର ସନ୍ଧାନ କରନ୍ତୁ ତାଙ୍କର ଉଦ୍ଦେଶ୍ୟ ପାଇବେ ।

ନିଜ ନିଜର ମଙ୍ଗଳ ନିମନ୍ତେ ଓ ଈଶ୍ୱରଙ୍କ ଗୌରବ ନିମନ୍ତେ ଏହା କରିବାକୁ ଈଶ୍ୱର ଆପଣମାନଙ୍କୁ ସାହାଯ୍ୟ କରନ୍ତୁ ।

୮ 

# ଆମ୍ଭେମାନେ କିପରି ସତ୍ୟର ବୋଧ ପାଇପାରିବା ?

ଆମ୍ଭେମାନେ ବର୍ତ୍ତମାନ ଈଶ୍ୱର, ମନୁଷ୍ୟ ଏବଂ ଈଶ୍ୱରଙ୍କ ନିକଟକୁ ପଥ ବିଷୟରେ ଆଲୋଚନା କରିବା । ଏ ବିଷୟଗୁଡ଼ିକର ଅତି ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ରହିଛି । ଏହିସମସ୍ତ ବିଷୟକୁ କେନ୍ଦ୍ର କରି ବହୁ ମତ ଓ ଶିକ୍ଷା ରହିଛି ଏବଂ ଆମ୍ଭେମାନେ ପ୍ରତ୍ୟେକେ, ସେଥିମଧ୍ୟରୁ ଯେ କୌଣସି ଗୋଟିଏ ବିଶ୍ୱାସ କରିଥାଉ । କିନ୍ତୁ ଆମ୍ଭେମାନେ ଯାହା ବିଶ୍ୱାସ କରୁ ତା'ପଛରେ କି ନ୍ୟାୟସଙ୍ଗତ କାରଣ ରହିଛି ? ତାହା ଯେ ପ୍ରକୃତ ସତ୍ୟ, ସେ କଥା ଆମ୍ଭେମାନେ କିପରି ଜାଣି ପାରିବା ?

ଏହି ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ପରୀକ୍ଷା ପୂର୍ବରୁ ଆମ୍ଭେମାନେ ପ୍ରଥମେ ବିଚାର କରି ଦେଖୁ, ଲୋକମାନଙ୍କର ବିଶ୍ୱାସ ଓ ଧାରଣା ପଛରେ କି କାରଣ ରହିଥାଏ । ଏହା ମଧ୍ୟ ବିଚାର କରି ଦେଖୁ, ସେ କାରଣଗୁଡ଼ିକ ଯଥାର୍ଥ କି ନୁହେଁ । ଅନେକେ ସେମାନଙ୍କର ପ୍ରତିବେଶୀ ପଡ଼ୋଶୀ ଯାହା ବିଶ୍ୱାସ କରନ୍ତି, ତାହା ହିଁ ବିଶ୍ୱାସ କରିଥା'ନ୍ତି । ଏହା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ଦୃଢ଼ ଧାରଣା ନାହିଁ । ଏସବୁ ବିଷୟରେ ନିଜେ କୌଣସି ବିଚାର ନ କରି ସେମାନେ ଅନୁକୂଳ ସ୍ରୋତର ପ୍ରବାହରେ, ଅର୍ଥାତ୍ ଅନ୍ୟମାନଙ୍କର ଧାରଣା ପଛରେ ମାଡ଼ି ଚାଲନ୍ତି । ପରୋକ୍ଷରେ କହିବାକୁ ଗଲେ, ସେମାନଙ୍କର ଦଳ, ଗୋଷ୍ଠୀ ବା ଜାତି ଓ ସଂପ୍ରଦାୟ ଯାହା ସତ୍ୟ ବୋଲି ସ୍ୱୀକାର କରନ୍ତି, ସେମାନେ ତାହା ଗ୍ରହଣ କରି ନିଅନ୍ତି ।

କିନ୍ତୁ ନିଜ ଦଳ ବା ଗୋଷ୍ଠୀ ଯାହା ବିଶ୍ୱାସ କରନ୍ତି, ବିନା ବିଚାରରେ ତାହା ବିଶ୍ୱାସ କରିବା ଯଥାର୍ଥ କାରଣ ରୂପେ ସ୍ୱୀକାର କରାଯାଇ ନ ପାରେ । ଯେଉଁ ବ୍ୟକ୍ତି ସତ୍ୟ ନିମନ୍ତେ ଆଗ୍ରହୀ, ତା' ନିମନ୍ତେ ଏହା ଯଥେଷ୍ଟ ନୁହେଁ, କାରଣ କୌଣସି ଗୋଟିଏ ଦଳ ବା ଗୋଷ୍ଠୀର ଧାରଣା ହୁଏତ ଯଥାର୍ଥ



ହୋଇ ନ ପାରେ । କେତେକ ଦଳ ନାସ୍ତିକ ହେଲେ ଅନ୍ୟ କେତେକ ଦଳ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଦୃଢ଼ଭାବେ ବିଶ୍ୱାସ କରନ୍ତି । କେତେକ ଦଳ, ହୃଦୟ ପ୍ରାଣ ଦେଇ ଖ୍ରୀଷ୍ଟଙ୍କ ଅନୁଗମନ କରିବା ନିମନ୍ତେ ଉଦ୍ୟମ କରୁଥିବା ସ୍ଥଳେ ଅନ୍ୟ କେତେକ ଦଳଙ୍କର ଧାରଣା ଯେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର, ଅବଜ୍ଞା କରି, ତାହାଙ୍କର ଶିଷ୍ୟମାନଙ୍କୁ ତାଡ଼ନା କରିବା ହିଁ ବିଧେୟ । ଆମ୍ଭେମାନେ ଯାହା ବିଶ୍ୱାସ କରୁ, ଅନ୍ୟ ଅନେକ ଦଳର ଧାରଣା ଯଦି ତା'ର ବିପରୀତ ହୁଏ, ତେବେ ପ୍ରକୃତ ସତ୍ୟ କ'ଣ, ତାହା ଆମ୍ଭେମାନେ ଜାଣିବୁ କିପରି ?

ଯଦି ଆମ୍ଭେମାନେ ସତ୍ୟର ଅନୁସନ୍ଧାନରେ ବାହାରି ଥାଉ, ତେବେ ବିନା ବିଚାରରେ ଅନ୍ୟମାନଙ୍କର ମତକୁ ଗ୍ରହଣ କରି ନେଇ ପାରିବା ନାହିଁ । ବହୁ କ୍ଷେତ୍ରରେ, ଅଧିକାଂଶ ଲୋକଙ୍କ ଧାରଣା ଭୁଲ ହୋଇଥାଏ ଏବଂ ଏହା ମଧ୍ୟ ସମ୍ଭବ ହୋଇପାରେ ଯେ, ଆପଣଙ୍କ ପରିଚିତ ପ୍ରତିଟି ଲୋକଙ୍କର, ଈଶ୍ୱର ଓ ଈଶ୍ୱରଙ୍କ ନିକଟକୁ ପଥ ବିଷୟରେ ଧାରଣା ଭୁଲ୍ ହୋଇପାରେ । ଆପଣ ସେ ବିଷୟରେ ନିଃସନ୍ଦେହରେ କହି ପାରିବେ କିପରି ?

ଅନେକେ ଚିରାଚରିତ ପରମ୍ପରାକୁ ସ୍ୱୀକାର କରି ନିଅନ୍ତି । ପୁରାତନ ପଥ ହିଁ ସେମାନଙ୍କର ପକ୍ଷରେ ଯଥେଷ୍ଟ ଏବଂ ସେଥିରୁ ଭିନ୍ନ ସେମାନେ ଅନ୍ୟ କିଛି ଚାହିଁ ନ ଥା'ନ୍ତି । ସେମାନଙ୍କ ପିତା, ପିତାମହ ଯାହା ବିଶ୍ୱାସ କରିଥିଲେ, ସେମାନେ ତାହା ହିଁ ବିଶ୍ୱାସ କରିଥା'ନ୍ତି । ସେହି କାରଣରୁ ଅନେକେ ବୌଦ୍ଧ, ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ । ସେମାନେ ଯାହା ବିଶ୍ୱାସ କରନ୍ତି ଓ ଯେଉଁ ରୀତିନୀତି ପାଳନ କରିଥା'ନ୍ତି, ତା'ର ପ୍ରଧାନ କାରଣ ହେଲା, ସେମାନେ ଯେଉଁ ଯେଉଁ ପରିବାରରେ ଜନ୍ମ ହୋଇଥା'ନ୍ତି, ସେହି ପରିବାରର ଲୋକେ, ସେହି ଧର୍ମକୁ ସ୍ୱୀକାର କରନ୍ତି, ଫଳରେ ସେମାନେ ମଧ୍ୟ ସେହି ସମସ୍ତ ରୀତିନୀତି ପାଳନ କରିଥା'ନ୍ତି । ସେହିସମସ୍ତ ରୀତିନୀତି ଓ ଧର୍ମ ବିଶ୍ୱାସ ବହୁ ପ୍ରାଚୀନ ସମୟରୁ ଯୁଗ ପରେ ଯୁଗ ପାଳନ କରାହୋଇ ଆସୁଛି ।

କିନ୍ତୁ ସତ୍ୟ ନିମନ୍ତେ ଯେଉଁ ବ୍ୟକ୍ତି କ୍ଷୁଧିତ, ତାକୁ ପରିତୃପ୍ତ କରିବା ନିମନ୍ତେ ଏହା କ'ଣ ଯଥେଷ୍ଟ ? ପରମ୍ପରାଗତ ଏହିସମସ୍ତ ବିଶ୍ୱାସ ମିଥ୍ୟା ହୋଇପାରେ

ଏବଂ ଏହିସମସ୍ତ ରୀତିନୀତି ନିରର୍ଥକ ହୋଇପାରେ । ସେସମସ୍ତ ଯେ ଯଥାର୍ଥ, ସେ ବିଷୟରେ ଆମ୍ଭେମାନେ ନିଶ୍ଚିତ ହୋଇପାରିବା କିପରି ? ପ୍ରଥମେ ଯେଉଁମାନେ ସେସବୁ ଆରମ୍ଭ କଲେ, ସେମାନେ ଭୁଲ କରିଥାଇ ପାରନ୍ତି ଏବଂ ଯେଉଁମାନେ ବଂଶ ପରମ୍ପରାକ୍ରମେ ସେସବୁ ପାଳନ କରି ଆସୁଛନ୍ତି, ସେମାନେ କେବଳ ଭୁଲ ପଛରେ ହିଁ ଚାଲିଛନ୍ତି । ଧର୍ମ ବିଶ୍ୱାସ ଓ ରୀତିନୀତି କେବଳ ପୁରାତନ ହୋଇ ଥିବାରୁ ସେଗୁଡ଼ିକୁ ପାଳନ କରିବା ଯେ କର୍ତ୍ତବ୍ୟ ତାହା କ'ଣ ଯୁକ୍ତିସଙ୍ଗତ ? ଆମ୍ଭମାନଙ୍କୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ସେହିପରି ପୁରାତନ ପରମ୍ପରା ସ୍ୱୀକାର କରୁଥିବା ଅନ୍ୟମାନଙ୍କର ଧାରଣା ଆମ୍ଭମାନଙ୍କ ଧାରଣାର ଠିକ୍ ବିପରୀତ ହୋଇପାରେ ? ପ୍ରକୃତ ସତ୍ୟ କ'ଣ ? କେଉଁମାନଙ୍କ ସାହାଯ୍ୟରେ ଆମ୍ଭେମାନେ ତାହା ନିରୂପଣ କରି ପାରିବା ?

କବିତା ସମ୍ବନ୍ଧରେ କବି କାଳି ଦାସ ଯାହା କହିଅଛନ୍ତି, ଧର୍ମ ସମ୍ବନ୍ଧରେ ମଧ୍ୟ ତାହା ସତ୍ୟ–ଅର୍ଥାତ୍, 'ଯେକୌଣସି ବିଷୟ ପୁରାତନ ହୋଇ ଥିବାରୁ ତାହା ଯେ ଉତ୍ତମ ତାହା ଠିକ୍ ନୁହେଁ ।' ପ୍ରାଚୀନତ୍ୱ, ସତ୍ୟର ଯଥାର୍ଥ ପ୍ରମାଣ ନୁହେଁ । ପୃଥିବୀରେ ଅତି ପୁରାତନ ଭ୍ରମ ସଙ୍ଗେ ଅତି ପୁରାତନ ସତ୍ୟ ମଧ୍ୟ ରହିଛି । କିନ୍ତୁ ସେଗୁଡ଼ିକ ମଧ୍ୟରେ ପାର୍ଥକ୍ୟ କିପରି ଆମ୍ଭେମାନେ ବୁଝି ପାରିବା ?

ଗୁରୁ ବା ଧର୍ମ ପୁରୋହିତମାନେ ଯାହା ଶିକ୍ଷା ଦେଇଥା'ନ୍ତି, ଅନେକେ ତାହା ହିଁ ବିଶ୍ୱାସ କରିଥା'ନ୍ତି । ସେମାନେ ଏହିପରି ଯୁକ୍ତି କରିଥା'ନ୍ତି–'ଯଦି ମୋର ଗୁରୁ ଓ ପୁରୋହିତଙ୍କର ଈଶ୍ୱରଙ୍କ ବିଷୟରେ ପ୍ରକୃତ ଧାରଣା ନ ଥାଏ, ତେବେ ଆଉ କାହାର ବା ପ୍ରକୃତ ଧାରଣା ଥାଇପାରେ ? ସେ ବିଷୟ ତ ତାହାଙ୍କର କର୍ମ ଓ ଜ୍ଞାନର ପରିସୀମା ମଧ୍ୟରେ ଥିବା କଥା ।'

ଏ କଥା ଯୁକ୍ତିସଙ୍ଗତ ମନେ ହୋଇପାରେ, କିନ୍ତୁ ପ୍ରକୃତରେ କ'ଣ ତାହା ଯୁକ୍ତିସଙ୍ଗତ ? ଯୀଶୁ, ତାହାଙ୍କ ସମୟର କେତେକ ଗୁରୁ ଓ ଧର୍ମନେତାଙ୍କୁ ଠିକ୍ ଏହା ହିଁ କହିଥିଲେ, *'ତୁମ୍ଭେମାନେ ତୁମ୍ଭମାନଙ୍କ ପିତା ଶୟତାନର ଓ ତୁମ୍ଭେମାନେ ତୁମ୍ଭମାନଙ୍କ ପିତାର ଇଚ୍ଛା ପାଳନ କରିବାକୁ ଚାହୁଁଛ ।*



*ଆଦ୍ୟରୁ ସେ ଜଣେ ନରହନ୍ତା, ସତ୍ୟରେ ତା'ର ନିଷ୍ଠା ନାହିଁ, କାରଣ ତା'ଠାରେ ଅଣୁମାତ୍ର ସତ୍ୟ ନାହିଁ । ସେ ମିଥ୍ୟା କଥା କହିଲାବେଳେ ଯାହା ତା'ର ସ୍ୱଭାବଗତ, ତାହା ହିଁ କହେ, କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାର ଜନକ'* (ଯୋହନ ୮:୪୪) ।

ଈଶ୍ୱରଙ୍କ ସେବକ ରୂପେ ସେମାନେ ନେତା ଓ ଶିକ୍ଷାଗୁରୁ ବୋଲି ଗର୍ବ କରୁଥିଲେ, କିନ୍ତୁ ପ୍ରକୃତରେ ସେମାନେ ତାହା ନ ଥିଲେ । ସେମାନେ ନିଜ ନିଜ ଆତ୍ମିକ ପିତା ଶୟତାନର ସେବା କରୁଥିଲେ ।

ବହୁ ସମୟରେ ଏହା ହିଁ ସତ୍ୟ–କେବଳ ଖ୍ରୀଷ୍ଟଙ୍କ ସମୟରେ ନୁହେଁ, କିନ୍ତୁ ପ୍ରତି ଯୁଗରେ । ଭଣ୍ଡ ଶିକ୍ଷାଗୁରୁମାନଙ୍କଠାରୁ ନିଜ ନିଜକୁ ସାବଧାନ ରଖିବା ନିମନ୍ତେ ଖ୍ରୀଷ୍ଟ ଥରକୁ ଥର ଆମ୍ଭମାନଙ୍କୁ ସତର୍କ କରି ଦେଇଅଛନ୍ତି ।

ପାର୍ବତୀୟ ଉପଦେଶରେ ସେ କହିଥିଲେ, *'ଭଣ୍ଡ ଭବିଷ୍ୟତ୍‌ବକ୍ତାମାନଙ୍କୁ ସାବଧାନ ! ସେମାନେ ମେଣ୍ଢା ବେଶରେ ତୁମ ନିକଟକୁ ଆସନ୍ତି, କିନ୍ତୁ ଅନ୍ତରରେ ସେମାନେ ହିଂସ୍ରକ ହେଟାବାଘ ପରି'* (ମାଥିଉ ୭:୧୫) । ଅନ୍ୟ ଏକ ସମୟରେ ସେ କହିଥିଲେ, *'କାରଣ ଅନେକେ ମୋ' ନାମରେ ଆସି 'ମୁଁ ଖ୍ରୀଷ୍ଟ' ବୋଲି ଦାବୀ କରିବେ ଓ ଅନେକଙ୍କୁ ବିଭ୍ରାନ୍ତ କରିବେ'* (ମାଥିଉ ୨୪:୫) ।

ଏଥିରୁ ସ୍ପଷ୍ଟ ମନେହୁଏ ଯେ, ନିଜ ନିଜକୁ ଧର୍ମନେତା, ପୁରୋହିତ ବା ଗୁରୁ ବୋଲି କହୁଥିବା ବହୁ ବ୍ୟକ୍ତି, ଈଶ୍ୱରଙ୍କର ପ୍ରକୃତ ସେବକ ନୁହନ୍ତି । ଲୋକମାନଙ୍କର ଆତ୍ମିକ ମଙ୍ଗଳ ସାଧନ ଈଶ୍ୱରଙ୍କ ଗୌରବ ପ୍ରଚାର ଦିଗରେ ସେମାନଙ୍କର ଆଦୌ ଆଗ୍ରହ ନ ଥାଏ । ନିଜ ନିଜର ଉଦର ତୃପ୍ତି ବା ପ୍ରଶଂସା ଅର୍ଜନ ଅବା ଅନ୍ୟ କୌଣସି ଉଦ୍ଦେଶ୍ୟ ନେଇ ସେମାନେ ଏପରି କରିଥା'ନ୍ତି । ଶୟତାନର ଇଙ୍ଗିତରେ ସେମାନେ ଶିକ୍ଷାଦାନ କରନ୍ତି । ଏହା ସତ୍ୟ ହେଲେ ମଧ୍ୟ ସେମାନଙ୍କ ଶିଷ୍ୟମାନେ ହୁଏତ ଏ କଥା ବୁଝିପାରି ନ ଥା'ନ୍ତି । ଧର୍ମ ଗୁରୁମାନେ ନିଜେ ମଧ୍ୟ ଏହା ବୁଝି ନ ପାରି ପ୍ରତାରିତ ହୋଇଥା'ନ୍ତି । ଶୟତାନଠାରୁ ଜାତ ଏହି ଭଣ୍ଡ ଶିକ୍ଷାଗୁରୁମାନେ ହୁଏତ ଧାର୍ମିକ, ସମସ୍ତ ଧର୍ମ କାର୍ଯ୍ୟରେ ତତ୍ପର ଓ ଭଦ୍ର ଦେଖାଯାଇ ପାରନ୍ତି । ଏପରି କି

ସେମାନଙ୍କୁ ଈଶ୍ୱରଙ୍କ ଅବତାର ରୂପେ ଅନେକେ ସ୍ୱୀକାର କରି ନେଇ ପାରନ୍ତି । ଈଶ୍ୱରଙ୍କ ବାକ୍ୟରେ ଉଲ୍ଲେଖ ରହିଛି, *'କାରଣ ଶୟତାନ ତ ନିଜେ ଜ୍ୟୋତିର୍ମୟ ଦୂତର ଛଦ୍ମବେଶ ଧାରଣ କରେ । ଅତଏବ ତାହାର ସେବକମାନେ ଧାର୍ମିକତାର ସେବକମାନଙ୍କ ଛଦ୍ମବେଶ ଧାରଣ କଲେ ତାହା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ସେମାନଙ୍କ ଶେଷ ଦଶା ସେମାନଙ୍କ କାର୍ଯ୍ୟ ଅନୁରୂପ ହେବ'* (୨ କରିନ୍ଥୀୟ ୧୧:୧୪,୧୫) ।

ଏହି ଉକ୍ତିକୁ ଯତ୍ନର ସହିତ ଲକ୍ଷ୍ୟ କରନ୍ତୁ । ସେମାନେ ଶୟତାନର ଦାସ ହେଲେ ମଧ୍ୟ 'ଧାର୍ମିକତାର ସେବକ' ରୂପେ ଦେଖାଯା'ନ୍ତି । ସେମାନେ ସତ୍ୟର ଶିକ୍ଷାଗୁରୁ ରୂପେ ପ୍ରଶଂସାଲାଭ ମଧ୍ୟ କରି ପାରନ୍ତି । ସେମାନଙ୍କ ନିକଟରେ ବହୁ ଜନସମାଗମ ହୋଇପାରେ ଓ ବହୁ ଲୋକ ସେମାନଙ୍କ ଶିକ୍ଷାକୁ ଆଗ୍ରହର ସହିତ ଗ୍ରହଣ କରୁଥାଇ ପାରନ୍ତି ।

କିନ୍ତୁ ସେମାନଙ୍କର ଶିକ୍ଷା ଦୁରାତ୍ମା ଶୟତାନଠାରୁ ଆସିଥାଏ । ଯୀଶୁ ଖ୍ରୀଷ୍ଟ ଏହି ବିପଦର କଥା ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିଥିଲେ । ତାହାଙ୍କର ସେ ସତର୍କବାଣୀକୁ ସ୍ୱୀକାର କରି ନେବା ଆମ୍ଭମାନଙ୍କ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ । ଯେକୌଣସି ଧର୍ମଗୁରୁ ବା ଧର୍ମ ପୁରୋହିତଙ୍କର ଶିକ୍ଷାକୁ ଗ୍ରହଣ କରିନେବା ନିର୍ବୁଦ୍ଧିତା ଓ ବିପଜ୍ଜନକ ହୋଇପାରେ । ବିନା ବିଚାରରେ କୌଣସି ଧର୍ମଗୁରୁଙ୍କର ଅନୁଗମନ କରିବା ଫଳରେ ଆମ୍ଭେମାନେ ଭୟଙ୍କର ଭ୍ରମରେ ପଡ଼ିପାରୁ । ସତ୍ୟ ସମ୍ପର୍କରେ ଶିକ୍ଷା ଦେବାର ଯୋଗ୍ୟତା ନ ଥାଇ ମଧ୍ୟ ଅନେକେ ନିଜକୁ ଉଚ୍ଚ ଗୁରୁ ଆସନରେ ବସାଇ ଭ୍ରମାତ୍ମକ ଶିକ୍ଷା ଦେଇପାରନ୍ତି ।

ଧରନ୍ତୁ, ଜଣେ କେହି ବିଖ୍ୟାତ ଗୁରୁ, ଦାର୍ଶନିକ ବା କୌଣସି ଧର୍ମସଂସ୍ଥାର ପ୍ରତିଷ୍ଠାତା ନିଜକୁ ମହାନ ଭାବବାଦୀ, ପୃଥିବୀର ତ୍ରାଣକର୍ତ୍ତା ବା ଈଶ୍ୱରଙ୍କ ଅବତାର ରୂପେ ପ୍ରଚାର କରି ପାରନ୍ତି । କିନ୍ତୁ ଏହିପରି ବ୍ୟକ୍ତିଙ୍କ ସମ୍ପର୍କରେ ଆମ୍ଭେମାନେ ଗୋଟିଏମାତ୍ର ପ୍ରଶ୍ନ ପଚାରିପାରୁ–ସେ ଯେ ସତ୍ୟ କହୁଅଛନ୍ତି, ତାହାଙ୍କ ନିଜ ମୁଖର ବାକ୍ୟ ଛଡ଼ା ଆମ୍ଭେମାନେ ଆଉ ଅଧିକ କିଛି ଦେଖିପାରୁଛୁ କି ? ତାହାଙ୍କ ଶିକ୍ଷାକୁ ସମର୍ଥନ କରୁଥିବା ଏପରି କୌଣସି ଦୃଢ଼ ପ୍ରମାଣ



କ'ଣ ରହିଛି, ଯାହାକୁ କେନ୍ଦ୍ର କରି ଆମ୍ଭେମାନେ ତାହାଙ୍କଠାରେ ବିଶ୍ୱାସ ସ୍ଥାପନ କରି ପାରିବୁ ? ଖ୍ରୀଷ୍ଟ ଯେପରି ପ୍ରମାଣ ଦେଇ ପାରିଛନ୍ତି, ସେପରି ଅନ୍ୟ କେହି ଦେଇ ପାରିଛନ୍ତି କି ?

ଜଣେ ନିଜକୁ କେବଳ ଗୁରୁ ବା ପୁରୋହିତ କହି ଦେଲେ ସେ ସତ୍ୟର ଶିକ୍ଷା ଗୁରୁ ହୋଇ ନ ପାରନ୍ତି । ହୁଏତ ସେ ଯେଉଁ ଶିକ୍ଷା ଦିଅନ୍ତି, ତାହା ମିଥ୍ୟା ହୋଇପାରେ । ସେ ଯଦି ତାହା କରୁଥା'ନ୍ତି, ତେବେ ସେ ସ୍ୱର୍ଗ ପରିବର୍ତ୍ତେ ଆମ୍ଭମାନଙ୍କୁ ନରକକୁ ବାଟ କଢ଼ାଇ ନେବେ । ଆମ୍ଭେମାନେ କିପରି ତାହା ଜାଣି ପାରିବା ? ଅନ୍ୟ କାହାର ଗୁରୁ ହୁଏତ ତାହାଙ୍କ ଶିକ୍ଷାର ଠିକ୍ ବିପରୀତ ଶିକ୍ଷା ଦେଇ ପାରନ୍ତି । କିଏ ଯେ ଠିକ୍ କଥା କହୁଛନ୍ତି, ଆମ୍ଭେମାନେ ତାହା କିପରି ଜାଣି ପାରିବା ?

ଅନେକଙ୍କ ମନକୁ ଯାହା ଭଲ ଲାଗେ ସେମାନେ ତାହା ବିଶ୍ୱାସ କରିଥା'ନ୍ତି । ଅବଶ୍ୟ ସେମାନଙ୍କୁ ସେସବୁ କଥା କାହିଁକି ଭଲ ଲାଗେ, ସେମାନେ ତାହା ବୁଝାଇ କହି ପାରିବେ ନାହିଁ ।

ସେମାନେ ଧର୍ମ ବିଷୟରେ କିଛି କଥା ଶୁଣି ବା ଧର୍ମ ସଂକ୍ରାନ୍ତୀୟ କୌଣସି କୌଣସି ପୁସ୍ତକ ପଢ଼ି କହିପାରନ୍ତି–ମୋତେ ଏହା ଭଲ ଲାଗେ ବା ମୋତେ ତାହା ଭଲ ଲାଗୁ ନାହିଁ । ସେମାନେ ମନେ ମନେ ଭାବି ନିଅନ୍ତି ଯେ, ସେମାନଙ୍କୁ ଯାହା ଭଲ ଲାଗୁଛି ବା ଯାହା ସେମାନଙ୍କୁ ଆନନ୍ଦ ଦେଇ ପାରୁଛି, ତାହା ହିଁ ପ୍ରକୃତ ସତ୍ୟ, ଅର୍ଥାତ୍ ଯାହା ସେମାନଙ୍କ ମନକୁ ଆକୃଷ୍ଟ କରେ ବା ତାଙ୍କ ଧାରଣାର ବିରୋଧ କରେ ନାହିଁ, ସେମାନେ ତାହା ବିଶ୍ୱାସ କରନ୍ତି । ଏହା ହିଁ ସେମାନଙ୍କ ଧାରଣାର ମାନ । କେତେକ ଧର୍ମ ସଂକ୍ରାନ୍ତୀୟ ଧାରଣା ସେମାନଙ୍କ ମନରେ ଆନନ୍ଦ ସୃଷ୍ଟି କରେ, ତେଣୁ ସେଗୁଡ଼ିକର ସତ୍ୟତା ସମ୍ବନ୍ଧରେ କୌଣସି ସାକ୍ଷ୍ୟ ପ୍ରମାଣ ନ ଥାଇ ମଧ୍ୟ ସେମାନେ ସେସବୁ ତ୍ୟାଗ କରିବାକୁ ଅସ୍ୱୀକାର କରିଥା'ନ୍ତି ।

କୌଣସି ବିଷୟକୁ ବିଶ୍ୱାସ କରିବା ନିମନ୍ତେ ଏହା ଯେ ଉପଯୁକ୍ତ କାରଣ ନୁହେଁ, ତାହା ସହଜରେ ଅନୁମେୟ । କାରଣ ମିଥ୍ୟା ମଧ୍ୟ ଆନନ୍ଦ ଓ ତୃପ୍ତିଦାୟକ ହୋଇପାରେ ଏବଂ କେହି ଯଦି ମିଥ୍ୟାକୁ ସତ୍ୟ ରୂପେ ଗ୍ରହଣ କରିନିଏ, ସେ

ଆନନ୍ଦ ଅନୁଭବ କରିଥାଏ । ନିରାଟ ସତ୍ୟଠାରୁ ସୁଖକର ମିଥ୍ୟା ଆମ୍ଭମାନଙ୍କ ମନକୁ ଅଧିକ ଆକୃଷ୍ଟ କରିପାରେ ଏବଂ ନିଷ୍ଠୁର ବାସ୍ତବଠାରୁ ବରଂ ଛଳନାର ମୋହିନୀ ଶକ୍ତିରେ ଆମ୍ଭେମାନେ ହୃଦୟରେ ଅଧିକ ସାନ୍ତ୍ୱନା ଲାଭ କରିଥାଉ ।

ସତ୍ୟ ନିମନ୍ତେ ଯେ କ୍ଷୁଧିତ, ସେ ନିଜକୁ ପ୍ରଶ୍ନ କରନ୍ତୁ–ମୋର ପ୍ରକୃତ କାମ୍ୟ କ'ଣ ? ଯେଉଁ ଶିକ୍ଷା ଶୁଣି ମୁଁ ମନରେ ଆନନ୍ଦ ଲାଭ କରେ, କେବଳ ସେହି ଶିକ୍ଷା ହିଁ କ'ଣ ମୋର କାମ୍ୟ ? ଅବା ସତ୍ୟ ଯାହା ହେଉନା କାହିଁକି, ଏପିରିକି ମୋ' ପକ୍ଷରେ ତାହା ସୁଖକର ନ ହେଲେ ମଧ୍ୟ, ସେହି ସତ୍ୟ ମୋର କାମ୍ୟ ?

ଅନେକେ କହିଥା'ନ୍ତି ଯେ, ଯାହା ବିଜ୍ଞାନ ଦ୍ୱାରା ପ୍ରମାଣିତ, ସେମାନେ କେବଳ ତାହା ବିଶ୍ୱାସ କରିବେ । କିନ୍ତୁ ବିଜ୍ଞାନ ଯାହା ପ୍ରମାଣ କରି ପାରେ, ଆମ୍ଭେମାନେ ଯେ କେବଳ ତାହା ସ୍ୱୀକାର କରିବୁ, ଏ କଥା କ'ଣ ବିଜ୍ଞାନ ଦ୍ୱାରା ପ୍ରମାଣିତ ହୋଇପାରିଛି ? ନା, ପ୍ରକୃତରେ କହିବାକୁ ଗଲେ ବିଜ୍ଞାନ ଈଶ୍ୱରଙ୍କ ବିଷୟରେ ଏବଂ ଅନ୍ୟାନ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କିଛି ପ୍ରମାଣ କରି ପାରିନି ।

ବିଜ୍ଞାନ ଯେ ଈଶ୍ୱରଙ୍କ ସମ୍ବନ୍ଧରେ ଚରମ ନିଷ୍ପତ୍ତି କରି ପାରିବ, ଏ କଥା କହିବା କେବଳ ମୂର୍ଖତାର ପରିଚାୟକ । ବୈଜ୍ଞାନିକ ସତ୍ୟ ଛଡ଼ା ଅନ୍ୟ କୌଣସି ସତ୍ୟ ଯେ ଥାଇ ନ ପାରେ, ଏହିପରି ଭାବିବା ମଧ୍ୟ ବିରାଟ ଏକ ଭୁଲ୍ । ବିଜ୍ଞାନ ଗବେଷଣାଗାରରେ ଯେ ସମସ୍ତ ସତ୍ୟର ତଥ୍ୟ ମିଳିପାରିବ ତାହା ସମ୍ଭବ ନୁହେଁ । ବିଜ୍ଞାନର ପରିସର ବାହାରେ ବହୁ ଗୁରୁତ୍ୱପୂର୍ଣ୍ଣ ଓ ଗଭୀର ସତ୍ୟର ଅସ୍ତିତ୍ୱ ରହିଛି ।

ଅନେକେ କହିଥା'ନ୍ତି ଯେ, ସେମାନଙ୍କର ବିବେକ, ସତ୍ୟ ଦିଗରେ ସେମାନଙ୍କ ପଥ ପ୍ରଦର୍ଶକ । ସେମାନେ କହି ପାରନ୍ତି, *'ମୋର ମନ ଯାହା ଠିକ୍ ବୋଲି ଗ୍ରହଣ ନ କରେ ତାହା ସତ୍ୟ ହୋଇପାରେନା । ମୋର ନୈତିକ ବିଚାର ବୁଦ୍ଧି ହିଁ ଭୁଲ୍ ଠିକ୍‌ର ପରିମାପକ ।'* ଏ କଥା ଶୁଣିବାକୁ ବେଶ୍ ଭଲ ଲାଗେ । ତା' ପରେ ଭୁଲ୍ ଓ ଠିକ୍‌ର ବିଚାର ନିମନ୍ତେ ଉନ୍ନତ ଜ୍ଞାନ ଯେ ବିଶେଷ ସାହାଯ୍ୟ କରେ, ଏହା ମଧ୍ୟ ଉପେକ୍ଷା କରାଯାଇ ନ ପାରେ ।



ଆମ୍ଭେମାନେ ଜାଣୁ ଯେ, ଆମ୍ଭେମାନେ ପଶୁ ନୋହୁ, କାରଣ ଈଶ୍ୱର ପ୍ରତ୍ୟେକ ମନୁଷ୍ୟକୁ ବିବେକ ଦାନ କରିଅଛନ୍ତି ଓ ଆମ୍ଭେମାନେ ପଶୁଠାରୁ ବହୁଗୁଣରେ ଉନ୍ନତ, କାରଣ ଆମ୍ଭମାନଙ୍କର ନୈତିକବୋଧ ରହିଛି । କିନ୍ତୁ ଆମ୍ଭମାନଙ୍କୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ବିବେକ ତ୍ରୁଟିପୂର୍ଣ୍ଣ ଓ ପ୍ରବଞ୍ଚିତ ମଧ୍ୟ ହୋଇପାରେ । ସତ୍ୟ ଦିଗରେ ବିବେକ ଅଭ୍ରାନ୍ତ ପଥପ୍ରଦର୍ଶକ ହୋଇ ନ ପାରେ । ଏହା ଆମ୍ଭମାନଙ୍କ ହୃଦୟ ମଧ୍ୟରେ ଥିବା ବିଚାରକ ପରି ଏବଂ ସମସ୍ତ ସାକ୍ଷ୍ୟ ପ୍ରମାଣ ବିଚାର କରି ନିଜର ନିଷ୍ପତ୍ତି ପ୍ରକାଶ କରେ । ଏହା ମଧ୍ୟ ହୋଇପାରେ ଯେ, ବିବେକ ନିକଟରେ ସମସ୍ତ ସାକ୍ଷ୍ୟ ପ୍ରମାଣ ପହଞ୍ଚି ନ ପାରେ ଏବଂ ବିବେକ ପାଇଥିବା ସାକ୍ଷ୍ୟ ପ୍ରମାଣର ଭୁଲ୍ ଅର୍ଥ କରିପାରେ । ସ୍ଥଳ ବିଶେଷରେ ବିବେକର କଣ୍ଠରୋଧ କରି ତାକୁ ନୀରବ ମଧ୍ୟ କରି ଦିଆଯାଏ ।

ଯୀଶୁ ଥରେ ତାହାଙ୍କ ଶିଷ୍ୟମାନଙ୍କୁ ସତର୍କବାଣୀ ଶୁଣାଇଥିଲେ, *'ସେମାନେ ତୁମକୁ ସମାଜଚ୍ୟୁତ କରିବେ । ପ୍ରକୃତରେ, ଏପରି ସମୟ ଆସୁଛି, ଯେତେବେଳେ ଯିଏ ତୁମକୁ ହତ୍ୟା କରିବ, ସେ ଈଶ୍ୱରଙ୍କ ସେବା କରୁଛି ବୋଲି ମନେ କରିବ'* (ଯୋହନ ୧୬:୨) ।

ଅନେକେ କହିଥା'ନ୍ତି ଯେ, ପ୍ରତିମା ପୂଜା ଅସଙ୍ଗତ ନୁହେଁ ଏବଂ ପ୍ରତିମା ପୂଜା ସେମାନଙ୍କ ବିବେକକୁ ଦଂଶନ କରେ ନାହିଁ । ଆହୁରି ଅନେକେ ପ୍ରତିମା ପୂଜାକୁ ଭୟଙ୍କର ମନେ କରନ୍ତି । ଖ୍ରୀଷ୍ଟିୟାନ ଧର୍ମର ଆରମ୍ଭ ସମୟରେ ରୋମୀୟମାନେ, ସେମାନଙ୍କ ଅନେକ ଗଳ୍ପରୁ ଜୁପିଟର ଦେବତାକୁ ନୀତିହୀନ ଓ ଲମ୍ପଟ ଜାଣି ମଧ୍ୟ ତାକୁ ସର୍ବଶ୍ରେଷ୍ଠ ଦେବତା ରୂପେ ପୂଜା କରୁଥିଲେ । ସେଥିପାଇଁ ସେମାନଙ୍କ ବିବେକରେ କୌଣସି ବିକାରଭାବ ସୃଷ୍ଟି ହେଉ ନ ଥିଲା ଏବଂ ଏପରି ଅପବିତ୍ର ଜଣେ ଯେ ଈଶ୍ୱର ହୋଇପାରନ୍ତି, ଏ ବିଷୟରେ ସେମାନଙ୍କର କୌଣସି ସନ୍ଦେହ ନ ଥିଲା ।

କିନ୍ତୁ ଖ୍ରୀଷ୍ଟିୟାନମାନେ ଯେତେବେଳେ ଜୁପିଟର୍‌କୁ ପୂଜା କରିବାକୁ ଅସ୍ୱୀକାର କଲେ, ରୋମୀୟମାନେ କ୍ରୋଧ ପ୍ରକାଶ କରିଥିଲେ । ଅପରପକ୍ଷେ ସେମାନଙ୍କ ମଧ୍ୟରୁ ଅନେକେ ମନେ କରିଥିଲେ ଯେ, ଯେଉଁ ଖ୍ରୀଷ୍ଟିୟାନମାନେ ଜୁପିଟର୍

ବା ସେମାନଙ୍କ ଅନ୍ୟ ଦେବଦେବୀଙ୍କୁ ପୂଜା କରିବାକୁ ଅସ୍ୱୀକାର କରୁଛନ୍ତି, ସେମାନଙ୍କୁ ତାଡ଼ନା କରିବା ଅସଙ୍ଗତ ନୁହେଁ ।

ଭୁଲ୍ ଓ ଠିକ୍ ନେଇ ମନୁଷ୍ୟମାନଙ୍କ ମନରେ ନାନ ଭ୍ରମ ସୃଷ୍ଟି ହୋଇପାରେ । ଭୁଲ୍‌କୁ ଠିକ୍ ଭାବି ସେମାନେ ଭୁଲ୍ କରି ପାରନ୍ତି ଏବଂ ସତ୍ୟକୁ ମିଥ୍ୟା ଭାବି ତାହା ଅସ୍ୱୀକାର କରି ପାରନ୍ତି । ତେଣୁ ବିବେକ ଅଭ୍ରାନ୍ତ ନୁହେଁ ଏବଂ ଈଶ୍ୱର ଓ ପରିତ୍ରାଣ ବିଷୟରେ ଆମ୍ଭମାନଙ୍କର ଯାହା ଜାଣିବା କଥା, ବିବେକ ତାହା ଆମ୍ଭମାନଙ୍କୁ ଶିକ୍ଷା ଦେଇ ପାରେନା । ସତ୍ୟ ଓ ମିଥ୍ୟା ପ୍ରକୃତରେ କ'ଣ, ଆମ୍ଭମାନଙ୍କୁ ତାହା ଅଭ୍ରାନ୍ତଭାବେ ଜଣାଇବା ନିମନ୍ତେ ଆମ୍ଭମାନଙ୍କ ନିମନ୍ତେ ଏକ ଉପଯୁକ୍ତ ପଥପ୍ରଦର୍ଶକର ପ୍ରୟୋଜନ ।

## ମାନବିକ ଯୁକ୍ତି

ହୁଏତ କେହି କହି ପାରନ୍ତି, *'ତୁମର କଥା ଠିକ୍ । ଏଥିମଧ୍ୟରୁ କୌଣସିଟି ଯଥେଷ୍ଟ ନୁହେଁ । ଆମ୍ଭମାନଙ୍କ ନିମନ୍ତେ, ଅନ୍ୟମାନଙ୍କର ମତାମତ, ପରମ୍ପରା, ଗୁରୁ, ବିଜ୍ଞାନ ଓ ବିବେକଠାରୁ ଅଧିକ କିଛି ପ୍ରୟୋଜନ । ତାହା ହେଲା ଉନ୍ନତ ବିଚାର ବୁଦ୍ଧି । ତେଣୁ ଯାହା ଯୁକ୍ତିସମ୍ମତ ମୁଁ ତାହା ବିଶ୍ୱାସ କରି ଯାହା ମୂର୍ଖତାର ପରିଚାୟକ ତାହା ପରିତ୍ୟାଗ କରିବି ।'*

ଏ କଥା କାନକୁ ବେଶ୍ ଭଲ ଶୁଣାଯାଉଛି, କିନ୍ତୁ ଯୁକ୍ତି ଦ୍ୱାରା କ'ଣ ଈଶ୍ୱର ଓ ମନୁଷ୍ୟ ବିଷୟକ ସତ୍ୟ ଏବଂ ଈଶ୍ୱରଙ୍କ ନିକଟକୁ ପଥ ବିଷୟରେ ଜାଣି ହେବ ? ବିଚାର କରିବାର ଶକ୍ତି ଓ ବୁଝିପାରିବା ଭଳି ମାନସିକ ଶକ୍ତି, ମନୁଷ୍ୟକୁ ଈଶ୍ୱରଙ୍କର ଏକ ମହତ୍ ଦାନ । କିନ୍ତୁ ବିଚାର କରିବା ଶକ୍ତି ମଧ୍ୟ ସୀମିତ ଏବଂ ବହୁ ବିଷୟ ଏହା ସାହାଯ୍ୟରେ ଉପଲବ୍ଧି କରି ହେବ ନାହିଁ । ସେ ସମସ୍ତ ବିଷୟ ବିଚାର ବୁଦ୍ଧିର ବହୁ ଊର୍ଦ୍ଧ୍ୱରେ ।

ଈଶ୍ୱର, ତାହାଙ୍କର ଜଣେ ଭାବବାଦୀଙ୍କ ମୁଖରେ ଶୁଣାଇଅଛନ୍ତି, *'ଯେହେତୁ ପ୍ରଭୁ କହନ୍ତି, ମୋର ସଂକଳ୍ପସବୁ ତୁମର ସଂକଳ୍ପ ପରି ନୁହେଁ, କିମ୍ବା ତୁମର ମାର୍ଗ ସକଳ ମୋର ମାର୍ଗ ପରି ନୁହେଁ । ପୃଥିବୀଠାରୁ ଆକାଶ ଯେପରି ଉଚ୍ଚ, ମୋର ମାର୍ଗସକଳ ତୁମର ମାର୍ଗଠାରୁ ଓ ମୋର ସଂକଳ୍ପସବୁ ତୁମର ସଂକଳ୍ପଠାରୁ ସେହିପରି ଉଚ୍ଚ'* (ଯିଶାଇୟ ୫୫:୮,୯) ।



କୌଣସି ବିଷୟ ଯେ ଯୁକ୍ତିସଙ୍ଗତ ବା ଯୁକ୍ତିସଙ୍ଗତ ନୁହେଁ, ସେ କଥା ଆମ୍ଭେମାନେ ଦୃଢ଼ ଭାବରେ କହି ପାରିବୁ ନାହିଁ । ଯାହା ହେଉନା କାହିଁକି, ଆମ୍ଭେମାନେ ମନୁଷ୍ୟର ଇତିହାସ ପ୍ରତି ଦୃଷ୍ଟିପାତ କଲେ ଗୋଟିଏ ଅଭ୍ରାନ୍ତ ସତ୍ୟର ସନ୍ଧାନ ପାଉ । ତାହାହେଲା, କେବଳ ଯୁକ୍ତି ଦ୍ୱାରା ଆତ୍ମିକ ବିଷୟରେ ଆମ୍ଭେମାନେ ସବୁକିଛି ନିଶ୍ଚିତଭାବେ ଜାଣି ପାରିବା ନାହିଁ । ମନୁଷ୍ୟର ମନ, ବିବେକ ପରି ଏପରି ଗୋଟିଏ ବିଷୟ, ଯାହାକୁ ସମସ୍ତ ବିଷୟର ପରିମାପକ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ।

ଆମ୍ଭେମାନେ ପତିତ ଓ ପାପୀ ମନୁଷ୍ୟ, ତେଣୁ ଆମ୍ଭମାନଙ୍କର ମନ ବହୁ ଅବାନ୍ତର ଭୁଲ୍ କରିପାରେ । ଆମ୍ଭମାନଙ୍କ ଜ୍ଞାନ ଅନୁପାତରେ ଆମ୍ଭେମାନେ ନମ୍ର ହେବା ମଧ୍ୟ ଉଚିତ୍ । ଶତାବ୍ଦୀ ପରେ ଶତାବ୍ଦୀ ଧରି, ଭାରତରେ ବହୁ ଚିନ୍ତାଶୀଳ ଓ ଦାର୍ଶନିକ ଜନ୍ମଲାଭ କରିଛନ୍ତି । ଈଶ୍ୱର ଓ ମନୁଷ୍ୟ ଏବଂ ସେମାନଙ୍କ ପରସ୍ପର ମଧ୍ୟରେ କି ସମ୍ପର୍କ, ସେହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମାଧାନ ଦିଗରେ ସେମାନେ ଯତ୍ନର ସହିତ ଅନୁଶୀଳନ କରିଛନ୍ତି ।

କିନ୍ତୁ ଫଳରେ କ'ଣ ହୋଇପାରିଛି ? ପ୍ରକୃତରେ କହିବାକୁ ଗଲେ ତା' ଫଳରେ କେବଳ ମତାନ୍ତର, ପରସ୍ପର ଯୁକ୍ତି ଖଣ୍ଡନ ଓ ଯେତେ ଭ୍ରାନ୍ତିପୂର୍ଣ୍ଣ ଧାରଣାର ଯାହା ସୃଷ୍ଟି ହୋଇଛି । ଜଣକ ପକ୍ଷରେ ଯାହା ଯୁକ୍ତିଯୁକ୍ତ, ଅନ୍ୟ ଜଣକ ପକ୍ଷରେ ତାହା ନିତାନ୍ତ ଅଯୌକ୍ତିକ ମନେ ହୋଇଛି । ପାଶ୍ଚାତ୍ୟ ଦର୍ଶନତତ୍ତ୍ୱ ବିଷୟରେ ମଧ୍ୟ ଠିକ୍ ଏହା କୁହାଯାଇପାରେ । ମନୁଷ୍ୟ ପ୍ରଥମେ ଦର୍ଶନତତ୍ତ୍ୱର ଅନୁଶୀଳନ କରିବାର ପ୍ରାରମ୍ଭ ସମୟରୁ ଦର୍ଶନତତ୍ତ୍ୱ ମଧ୍ୟରେ କେବଳ ଏହା ହିଁ ଲକ୍ଷ୍ୟ କରାଯାଉଛି । ଭାରତୀୟ ଦର୍ଶନତତ୍ତ୍ୱର ବିଭିନ୍ନ ମତ ଦୃଢ଼ ଭାବରେ ସ୍ୱୀକାର କରେ ଯେ, ଯୁକ୍ତିର ପରିସର ସୀମିତ । ଏହା ଉପଲବ୍ଧି କରିବା ନିମନ୍ତେ ଆମ୍ଭମାନଙ୍କୁ ବିଶେଷ ଗବେଷଣା କରିବାକୁ ପଡ଼ିବ ନାହିଁ । ଈଶ୍ୱର, ଜଗତ, ମନୁଷ୍ୟ ଏବଂ ମୁକ୍ତି ସମ୍ବନ୍ଧରେ ସେମାନେ ଯେଉଁସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି, ସେ ବିଷୟରେ ସଂକ୍ଷେପରେ ଆଲୋଚନା କରାଯାଉ ।

ଅବଶ୍ୟ ସେମାନେ ଯେଉଁସମସ୍ତ ଶିକ୍ଷା ଦେଇ ଯାଇଛନ୍ତି, ସେ ସମସ୍ତ କେତେକ ଧର୍ମଶାସ୍ତ୍ରର ବ୍ୟାଖ୍ୟା ଓ ନିଜ ନିଜର ଯୁକ୍ତି ଉପରେ ପ୍ରତିଷ୍ଠିତ ।

***ଈଶ୍ୱରଙ୍କ ସମ୍ବନ୍ଧରେ ସେମାନେ କହନ୍ତି–***

୧ । ପୃଥିବୀର ଅସ୍ତିତ୍ୱ ବୁଝାଇବା ନିମନ୍ତେ ଈଶ୍ୱର ସମ୍ପର୍କୀୟ ଧାରଣା ସମ୍ପୂର୍ଣ୍ଣ ନିଷ୍ପ୍ରୟୋଜନ । (ପୂର୍ବ ମୀମାଂସା)

୨ । ଜଣେ କେହି ଈଶ୍ୱର ରହିଛନ୍ତି କିନ୍ତୁ ତାଙ୍କର ଶକ୍ତି ସୀମିତ ଏବଂ ସେ ପୃଥିବୀର ନିର୍ବିକଳ୍ପ ସ୍ରଷ୍ଟା ଓ ରକ୍ଷକ ନୁହନ୍ତି । (ଯୋଗ)

୩ । ଈଶ୍ୱର ବୋଲି କେହି ନାହାନ୍ତି । (ପ୍ରାଚୀନ ସାଂଖ୍ୟ)

୪ । ଈଶ୍ୱର ବାସ୍ତବ ନୁହଁନ୍ତି ମାତ୍ର ଅବାସ୍ତବ ବ୍ରହ୍ମନ୍ ହିଁ ପରମ ବାସ୍ତବ । ଏହା 'ବିଶୁଦ୍ଧ ଚେତନା' ଏବଂ ସମ୍ପୂର୍ଣ୍ଣ ଗୁଣରହିତ–ନିର୍ଗୁଣ । (ଶଙ୍କରଙ୍କ ଅଦ୍ୱୈତ)

୫ । ଗୁଣ ବିହୀନ 'ବିଶୁଦ୍ଧ ଚେତନା' ରୂପକ କୌଣସି ବିଷୟ ଥାଇ ନ ପାରେ । ବିଶୁଦ୍ଧ ଚେତନା କେବଳ ବିଶୁଦ୍ଧ ଶୂନ୍ୟତା । ବ୍ୟକ୍ତିତ୍ୱସମ୍ପନ୍ନ ବିଷ୍ଣୁ ହିଁ ପରମ ସତ୍ୟ ଏବଂ କେବଳ ତାଙ୍କର ପୂଜା ବିଧେୟ । ପୃଥିବୀ ତାଙ୍କର ପରିପ୍ରକାଶ । ଈଶ୍ୱରଙ୍କର ବହୁ ଅବତାର ଅଛନ୍ତି । ଶିବ ଜଣେ ନିମ୍ନସ୍ତରୀୟ ଦେବତା । (ରାମାନୁଜବିଶିଷ୍ଟ ଦ୍ୱୈତ)

୬ । ଈଶ୍ୱର ବ୍ୟକ୍ତିତ୍ୱବିହୀନ ନୁହନ୍ତି, ସେ ଗୁଣଯୁକ୍ତ । ସମ୍ପୂର୍ଣ୍ଣ ଗୁଣବିହୀନ କୌଣସି ବିଷୟ ସମ୍ଭବ ହୋଇପାରେନା । କିନ୍ତୁ ପୃଥିବୀ ଈଶ୍ୱରଙ୍କର ପରିପ୍ରକାଶ ନୁହେଁ । (ମାଧ୍ୱଙ୍କ ଦ୍ୱୈତ)

୭ । ଶିବ ଶ୍ରେଷ୍ଠ ଦେବତା ଏବଂ ବିଷ୍ଣୁ ନିମ୍ନସ୍ତରୀୟ ଦେବତା । (ଶୈବ ସିଦ୍ଧାନ୍ତ)

୮ । କେ. ଏମ୍. ସେନ୍ କହନ୍ତି ଯେ, ଉପନିଷଦରେ ଅବତାରର ଧାରଣା ନାହିଁ ଏବଂ ବେଦଗୁଡ଼ିକରେ ମଧ୍ୟ ଏ ଧାରଣା ସ୍ୱୀକାର କରାଯାଇ ନ ଥା'ନ୍ତା ।

***ଜଗତ ସମ୍ପର୍କରେ–***

୧ । କେବଳ ଜଗତ ହିଁ ବାସ୍ତବ । (ଚାର୍ବାକ୍)

୨ । ଜଗତ କେବଳ ଦୃଶ୍ୟମାନ କିନ୍ତୁ ବାସ୍ତବ ନୁହେଁ । (ଗୌଡ଼ ପଦ)

୩ । ଜଗତ ସମ୍ପୂର୍ଣ୍ଣ ବାସ୍ତବ ଏବଂ ଚିରନ୍ତନ ପରମାଣୁ ସାହାଯ୍ୟରେ, ଚିରନ୍ତନ ଈଶ୍ୱରଙ୍କ କାର୍ଯ୍ୟର ପରିଣତି । (ବୈଶେଷିକ ଓ ନ୍ୟାୟ)



୪ । ଜଗତ ବାସ୍ତବ ନୁହେଁ, ଅବାସ୍ତବ ନୁହେଁ, ବା ଉଭୟ ପ୍ରକାର ମଧ୍ୟ ନୁହେଁ । ଏହା ମାୟା ଓ ଅବିଦ୍ୟାର ପରିଣତି ଏବଂ ଅବର୍ଣ୍ଣନୀୟ ଓ ମିଥ୍ୟା । (ଶଙ୍କରଙ୍କ ଅଦ୍ୱୈତ)

୫ । ମାୟା ସମ୍ପର୍କରେ ଶଙ୍କରଙ୍କ ଭାଷ୍ୟ ସମ୍ପୂର୍ଣ୍ଣ ଅର୍ଥହୀନ । ଜଗତ ସତ୍ୟ ଓ ତାହା ଈଶ୍ୱରଙ୍କର ଶରୀର । (ରାମାନୁଜ)

୬ । ଜଗତ ସମ୍ପୂର୍ଣ୍ଣ ସତ୍ୟ, କିନ୍ତୁ ଈଶ୍ୱରଙ୍କ ଶରୀର ନୁହେଁ, କାରଣ ଏହା ତାଙ୍କଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ । (ମାଧ୍ୱ)

***ଈଶ୍ୱରଙ୍କ ସଙ୍ଗେ ମନୁଷ୍ୟ ଆତ୍ମାର ସମ୍ପର୍କ–***

୧ । ଆତ୍ମା ନାହିଁ, ଈଶ୍ୱର ମଧ୍ୟ ନାହାନ୍ତି, ତେଣୁ ଯୋଗାଯୋଗ ମଧ୍ୟ ନାହିଁ । (ଚାର୍ବାକ୍)

୨ । ବ୍ୟକ୍ତିଗତ ଆତ୍ମା ରହିଛି କିନ୍ତୁ ଈଶ୍ୱର ନାହାନ୍ତି । (ପୂର୍ବ ମୀମାଂସା ଓ ପ୍ରାଚୀନ ସାଂଖ୍ୟ)

୩ । ଈଶ୍ୱର ଜଣେ ରହିଛନ୍ତି କିନ୍ତୁ ଆତ୍ମା କେବଳ ମାତ୍ର ବସ୍ତୁ ଏବଂ ପ୍ରଧାନତଃ ଚେତନାଶୂନ୍ୟ ଓ ପରମାଣୁ ପରି ଅସଂଖ୍ୟ । (ବୈଶେଷିକ)

୪ । ସମସ୍ତ ଲୋକଙ୍କର ଆତ୍ମା ଏବଂ ବିଶ୍ୱଜଗତର ଆତ୍ମା ଏକ ଓ ଅଭିନ୍ନ । ପରମାତ୍ମା ଓ ଜୀବାତ୍ମା, ବ୍ରହ୍ମନ୍ ଓ ଆତ୍ମନ୍ ଉଭୟେ ସମାନ । ଏହାଛଡ଼ା ଅନ୍ୟ କିଛି ଭାବିବା ମାୟା ଓ ଅବିଦ୍ୟାର କାରଣ ହୋଇପାରେ । (ଶଙ୍କର)

୫ । ମନୁଷ୍ୟମାନଙ୍କର ଆତ୍ମା ସ୍ୱୟଂସମ୍ପୂର୍ଣ୍ଣ ଓ ଚିରନ୍ତନଭାବେ ଈଶ୍ୱରଙ୍କଠାରୁ ଭିନ୍ନ ଓ ବିଚ୍ଛିନ୍ନ । ଉଭୟେ ଯେ ଅଭିନ୍ନ, ଏହା ଭାବିବା ଅଜ୍ଞତା । (ମାଧ୍ୱ)

୬ । ମନୁଷ୍ୟମାନଙ୍କର ଆତ୍ମା ସମ୍ପୂର୍ଣ୍ଣଭାବେ ସମାନ ବା ସମ୍ପୂର୍ଣ୍ଣଭାବେ ଭିନ୍ନ ନୁହେଁ । (ରାମାନୁଜ)

***ମୁକ୍ତି ଓ ପରିତ୍ରାଣ ସମ୍ପର୍କରେ–***

୧ । ଏପରି କିଛି ନାହିଁ ଯହିଁରୁ ମୁକ୍ତିର ପ୍ରୟୋଜନ ରହିଛି । (ଚାର୍ବାକ୍)

୨ । କର୍ମ ଦ୍ୱାରା ମୁକ୍ତି ସମ୍ଭବ ନୁହେଁ । କର୍ମ, ଭଲ, ମନ୍ଦ ବା କାମନାବିହୀନ ହେଲେ ମଧ୍ୟ ମୁକ୍ତି ନୁହେଁ, ମାତ୍ର ଜୀବନକୁ ବନ୍ଧନ ଆଡ଼କୁ ଟାଣିନିଏ । (ଶାଂଖ୍ୟ)

୩ । ଶରୀର, ମନ ଓ ଇନ୍ଦ୍ରିୟଗୁଡ଼ିକର ପୂର୍ଣ୍ଣ ନିୟନ୍ତ୍ରଣ ଦ୍ୱାରା ପରିପୂର୍ଣ୍ଣତା ଲାଭର ଉଦ୍ୟମ, ମୁକ୍ତି ଦିଗରେ ସହାୟକ । (ଯୋଗ)

୪ । ସମ୍ପୂର୍ଣ୍ଣ ମୁକ୍ତ ଆତ୍ମା ସମସ୍ତ ପ୍ରକାର ଚେତନା ଓ କର୍ମରୁ ମୁକ୍ତ । ତାହା କିଛି ଜାଣେନା, କିଛି ଅନୁଭବ କରେନା ଓ କିଛି କରେନା । ବନ୍ଧନରୁ ମୁକ୍ତି ଲାଭ ନିମନ୍ତେ ଆତ୍ମାକୁ ସମସ୍ତ କର୍ମରୁ ନିବୃତ୍ତ ହେବାକୁ ପଡ଼ିବ । (ବୈଶେଷିକ)

୫ । ବେଦଗୁଡ଼ିକର ନିର୍ଦ୍ଦେଶିତ ଧର୍ମ ଦ୍ୱାରା ହିଁ ମୁକ୍ତି ସମ୍ଭବ । କର୍ମ ହିଁ ବେଦର ଚରମ ଅର୍ଥ, ଯାହା ଆମ୍ଭମାନଙ୍କୁ କେତେକ କର୍ମ କରିବା ନିମନ୍ତେ ଓ ଅନ୍ୟ କେତେକ କର୍ମ ପରିହାର କରିବା ନିମନ୍ତେ ନିର୍ଦ୍ଦେଶ ଦିଏ । (ପୂର୍ବ ମୀମାଂସା)

୬ । ଜ୍ଞାନ ଦ୍ୱାରା ମୁକ୍ତି ମିଳେ । ଅନ୍ୟ ସମସ୍ତ ବିଷୟ ତା'ଠାରୁ ଗୌଣ । ଏପରିକି, ବେଦ ନିର୍ଦ୍ଦେଶିତ କର୍ମ କରାଯାଇପାରେ, ନ କରାଯାଇପାରେ ବା ତ୍ରୁଟିପୂର୍ଣ୍ଣଭାବେ କରାଯାଇପାରେ । ଜ୍ଞାନ ଓ କର୍ମ, ଆଲୋକ ଓ ଅନ୍ଧକାର ପରି ପରସ୍ପର ବିରୋଧୀ । (ଶଙ୍କର)

୭ । ଈଶ୍ୱରଙ୍କଠାରେ ଭକ୍ତି ସ୍ଥାପନ ଦ୍ୱାରା ହିଁ ମୁକ୍ତି ମିଳେ ଏବଂ ତାହା ଦ୍ୱାରା ହିଁ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି । ଅନ୍ୟ ସମସ୍ତ ବିଷୟର ସ୍ଥାନ ତା'ପରେ । କର୍ମ, ଭକ୍ତିର ସହାୟକ । (ମାଧ୍ୱ ଓ ଅନ୍ୟମାନେ)

୮ । ବିଭିନ୍ନ ପଥ ମାଧ୍ୟମରେ ବା କର୍ମ, ଜ୍ଞାନ ଓ ଭକ୍ତିର ସମ୍ମିଳିତ ଚେଷ୍ଟାରେ ମୁକ୍ତି ମିଳିପାରେ । (ଭାଗବତ୍ ଗୀତାର ରଚୟିତା)

୯ । ସୃଷ୍ଟି ବା ଧ୍ୱଂସ ବୋଲି କିଛି ନାହିଁ । କେହି ବନ୍ଧନ ମଧ୍ୟରେ ଥାଇ ମୁକ୍ତି ନିମନ୍ତେ ଉଦ୍ୟମ କରୁ ନାହିଁ, କେହି ମୁକ୍ତି ନିମନ୍ତେ ଆଗ୍ରହୀ ନୁହେଁ, କେହି ବା ମୁକ୍ତି ଲାଭ କରିପାରୁନି । ଏହା ହିଁ ପରମ ସତ୍ୟ । (ଗୌଡ଼ପଦ)

### *କେତେକ ପ୍ରଶ୍ନ–*

ଏସମସ୍ତ ବିଷୟ ଯତ୍ନର ସହିତ ଅନୁଶୀଳନ କଲା ପରେ, ସତ୍ୟ ନିମନ୍ତେ ଆଗ୍ରହୀ ବ୍ୟକ୍ତି ନିଶ୍ଚୟ କେତେକ ପ୍ରଶ୍ନ କରିପାରନ୍ତି । ଯୁକ୍ତି ଦ୍ୱାରା କ'ଣ ଏସମସ୍ତ ସମ୍ଭବ ? ସତ୍ୟ ପ୍ରକୃତରେ କ'ଣ ? ଈଶ୍ୱର ଅଛନ୍ତି ବା ନାହାନ୍ତି ? ଯଦି ଥାଆନ୍ତି, ତେବେ ସେ ବ୍ୟକ୍ତିତ୍ୱସମ୍ପନ୍ନ, ନା ବ୍ୟକ୍ତିତ୍ୱବିହୀନ ? ଯଦି



ବ୍ୟକ୍ତିତ୍ୱସମ୍ପନ୍ନ ହୋଇଥା'ନ୍ତି,ସେ ଅବତାର ରୂପ ଧାରଣ କରନ୍ତି ନା ନାହିଁ । ମନୁଷ୍ୟର ଆତ୍ମା, ଈଶ୍ୱରଙ୍କ ଆତ୍ମା ସଙ୍ଗେ ସଂଯୁକ୍ତ ନା ନୁହେଁ । ମୁକ୍ତି କ'ଣ କେବଳ କର୍ମ ଦ୍ୱାରା, କେବଳ ଜ୍ଞାନ ଦ୍ୱାରା, କେବଳ ଭକ୍ତି ଦ୍ୱାରା ସମ୍ଭବ ବା ଏହିସମସ୍ତର ସମନ୍ୱୟରେ ସମ୍ଭବ ବା ଏଥି ମଧ୍ୟରୁ କୌଣସି ଗୋଟିଏ ଦ୍ୱାରା ମଧ୍ୟ ସମ୍ଭବ ନୁହେଁ ? ଆମ୍ଭେମାନେ ନିଜ ନିଜକୁ ପ୍ରଶ୍ନ ମଧ୍ୟ କରୁ, ଏସମସ୍ତ ବିଷୟରେ ଚିନ୍ତା କରିବାରେ କ'ଣ କିଛି ଲାଭ ଅଛି ? ଏଥିମଧ୍ୟରୁ କୌଣସି ଗୋଟିଏ ବିଷୟରେ ପ୍ରକୃତ ସତ୍ୟ କ'ଣ, ତାହାର ସନ୍ଧାନ କ'ଣ ମିଳି ପାରିବ ?

ଏହି ସମସ୍ତ ଚିନ୍ତାଧାରା ଯେ ସତ୍ୟ, ଏ କଥା କହିବା ବୃଥା । ଏସବୁ ମଧ୍ୟରେ ପରସ୍ପର ବିରୋଧୀ ଭାବ ସୁପରିସ୍ଫୁଟ । ଯଦି ଗୋଟିଏ ବିଷୟ ସତ୍ୟ ହୁଏ, ତା'ର ବିପରୀତ ବିଷୟ ଯେ ମିଥ୍ୟା, ଏହା ଉପଲବ୍ଧି କରିବା ନିମନ୍ତେ ବିଶେଷ ଜ୍ଞାନର ପ୍ରୟୋଜନ ହୁଏନା । 'ଈଶ୍ୱର ଅଛନ୍ତି', ଏହି ଉକ୍ତି ଯଦି ସତ୍ୟ ହୁଏ, ତେବେ 'ଈଶ୍ୱର ନାହାନ୍ତି', ଏହି ଉକ୍ତି ନିଶ୍ଚୟ ମିଥ୍ୟା । ଉପରୋକ୍ତ ପ୍ରତ୍ୟେକ ଉକ୍ତି ସମ୍ପର୍କରେ ଏ କଥା କୁହାଯାଇ ପାରେ । ମନୁଷ୍ୟର ଆତ୍ମା ହୁଏତ ଈଶ୍ୱରଙ୍କ ଆତ୍ମା ସଙ୍ଗେ ସମାନ ବା ସମାନ ନୁହେଁ, ଇତ୍ୟାଦି । 'ଈଶ୍ୱର ଥାଇ ପାରନ୍ତି', ବା 'ଈଶ୍ୱର ଅସଂପୂର୍ଣ୍ଣଭାବେ ରହିଛନ୍ତି' ଏପରି କୌଣସି ଅର୍ଦ୍ଧ ସତ୍ୟ ଥାଇ ନ ପାରେ । ସେଥିମଧ୍ୟରୁ ଗୋଟିଏ ବା ଅନ୍ୟଟି ନିଶ୍ଚୟ ମିଥ୍ୟା । କିନ୍ତୁ ଏହିସମସ୍ତ ବିଷୟରେ ପ୍ରକୃତ ସତ୍ୟ କ'ଣ ଆମ୍ଭେମାନେ ତାହା ଜାଣିବା କିପରି ?

ମାନସିକ ଚିନ୍ତା ସାହାଯ୍ୟରେ ସତ୍ୟର ସନ୍ଧାନ କରିବାକୁ ମନୁଷ୍ୟ ଭଲ ପାଏ, କିନ୍ତୁ ପୃଥିବୀର ସମସ୍ତ ଦର୍ଶନତତ୍ତ୍ୱର ଅବସ୍ଥା ସମାନ, ଅର୍ଥାତ୍ କୌଣସି ଗୋଟିକକୁ ମଧ୍ୟ ନିଶ୍ଚିତଭାବେ ସ୍ୱୀକାର କରାଯାଇ ପାରିବ ନାହିଁ । ପୃଥିବୀର ବିଶିଷ୍ଟ ଜ୍ଞାନୀମାନେ ମଧ୍ୟ ପରସ୍ପରର ମତକୁ ଖଣ୍ଡନ କରିଥା'ନ୍ତି, ଅନ୍ୟମାନଙ୍କର ଧାରଣାକୁ ଆକ୍ରମଣ କରିଥା'ନ୍ତି ଏବଂ ଏପରି ମତ ପ୍ରକାଶ କରିଥା'ନ୍ତି, ଯାହା ପ୍ରମାଣଯୋଗ୍ୟ ନୁହେଁ । ସେମାନେ ସମସ୍ତେ ଏପରି ସମସ୍ତ ବିଷୟର ଆଲୋଚନା କରିଥା'ନ୍ତି, ଯାହା ବିଷୟରେ ସେମାନେ କିଛି ଜାଣି ନ ଥା'ନ୍ତି ଓ ଯାହା ସେମାନଙ୍କ ଜ୍ଞାନର ସୀମା ବାହାରେ ।

କିନ୍ତୁ ସାଧାରଣ ଲୋକେ କ'ଣ ବିଶ୍ୱାସ କରିବେ ? ଏବଂ ସେମାନେ ତାହା ବିଶ୍ୱାସ କରିବେ ବା କାହିଁକି ? ଯେଉଁ ମତକୁ ଗ୍ରହଣ କରିବାକୁ ସେ ଇଚ୍ଛା କରିବେ, ସେ ଦେଖିବେ ଯେ, ତାହାଙ୍କଠାରୁ ଅଧିକ ଜ୍ଞାନୀ କେହି ଜଣେ ସେହି ମତକୁ ଖଣ୍ଡନ କରିଛନ୍ତି ।

ଗୋଟିଏ ପୁରାତନ ପ୍ରବାଦ ଅଛି ଯେ, ମନୁଷ୍ୟର ମନ, ତାଡ଼ୀ ନିଶାରେ ଭୋଳ ଓ କଙ୍କଡ଼ାବିଛା କାମୁଡ଼ା ଯନ୍ତ୍ରଣାରେ ଅସ୍ଥିର ବାନର ପରି । ଏଥିରୁ ମନେହୁଏ ଯେ, ମନୁଷ୍ୟର ଅସହାୟ ଜ୍ଞାନ ଓ ବୁଦ୍ଧି, ନିଜକୁ ଯନ୍ତ୍ରଣାରୁ ମୁକ୍ତ କରିବା ନିମନ୍ତେ ଚେଷ୍ଟା କରି କେବଳ ପାଗଳ ପରି ଯାହା ଛଟପଟ ହୁଏ । ତାହାର ସମସ୍ତ ଚିନ୍ତାଶକ୍ତି ଯେତେ ବିଚକ୍ଷଣ ହେଲେ ମଧ୍ୟ ତାହା କେବଳ ଅଜ୍ଞାନତାର ପରିଚୟ ଦିଏ ।

ପୁଣି ଥରେ କୁହାଯାଇ ପାରେ ଯେ, ମନ, ମନୁଷ୍ୟ ଜାତିକୁ ଈଶ୍ୱରଙ୍କର ଏକ ମହତ୍ ଦାନ । କିନ୍ତୁ ମନକୁ ଦେବତ୍ୱର ଗୌରବ ଦେଇ, ନିଜ ନିଜ ଜ୍ଞାନକୁ ପୂଜା କରିବା କେବଳ ମୂର୍ଖତାର ପରିଚାୟକ । ବୁଦ୍ଧିବୃତ୍ତିକୁ ଉପେକ୍ଷା କରିବା ଆମ୍ଭମାନଙ୍କ ପକ୍ଷରେ ଉଚିତ୍ ନୁହେଁ, କିନ୍ତୁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ, ମନୁଷ୍ୟର ବୁଦ୍ଧିବୃତ୍ତି ସୀମାବଦ୍ଧ । ଏହା ନିଜ ଚେଷ୍ଟାରେ, ଈଶ୍ୱର ଏବଂ ତାହାଙ୍କ ନିକଟକୁ ପଥ ସମ୍ପର୍କରେ ପୂର୍ଣ୍ଣ ସତ୍ୟ ନିକଟରେ ଉପନୀତ ହୋଇ ପାରିବ ନାହିଁ । ଏଥିନିମନ୍ତେ ଆମ୍ଭମାନଙ୍କ ପକ୍ଷରେ ଉନ୍ନତତର ବୁଦ୍ଧିବୃତ୍ତିର ପ୍ରୟୋଜନ ।

କେହି ହୁଏତ କହି ପାରନ୍ତି ଯେ, ଆମ୍ଭମାନଙ୍କୁ ଉନ୍ନତ ବିଚାର ବୁଦ୍ଧି ଉପରେ ନିର୍ଭର କରିବାକୁ ପଡ଼ିବ । କିନ୍ତୁ କାହାର ବିଚାର ବୁଦ୍ଧି ବା ଉନ୍ନତ । ହୁଏତ ଜଣକର ଉନ୍ନତ ଚିନ୍ତାଧାରା, ଆପଣଙ୍କ ଚିନ୍ତାଧାରାର ଠିକ୍ ବିପରୀତ ହୋଇପାରେ । ପ୍ରକୃତ ସତ୍ୟ ହେଲା, ଆତ୍ମିକ ସତ୍ୟ ନିକଟରେ ଉପନୀତ ହେବା ନିମନ୍ତେ ଯେଉଁ ବ୍ୟକ୍ତି ବୁଦ୍ଧି ବୃତ୍ତିକୁ ସହାୟକ ମନେ କରନ୍ତି, ସେ କେବଳ ନିଜ ଉପରେ ନିର୍ଭର କରିଥା'ନ୍ତି । ସେ ନିଜର ଚିନ୍ତାଧାରାକୁ ସତ୍ୟର ମାନ ରୂପେ ଗ୍ରହଣ କରନ୍ତି । କିନ୍ତୁ ଯେ ପର୍ଯ୍ୟନ୍ତ ସେ ନିଜର ସମସ୍ତ ଅଜ୍ଞାନତା ପୂର୍ଣ୍ଣ ବାକ୍ୟ ନିମନ୍ତେ ଅନୁତାପ କରି ନମ୍ର ହୃଦୟରେ ଈଶ୍ୱରଙ୍କ ପାଦତଳେ ନ



ପଡ଼ିଛନ୍ତି, ସେପର୍ଯ୍ୟନ୍ତ ସେ ସତ୍ୟର ସନ୍ଧାନ ପାଇବେ ନାହିଁ । ଯୀଶୁ ଥରେ କହିଥିଲେ, *'ହେ ପିତା, ସ୍ୱର୍ଗ ଓ ପୃଥିବୀର ପ୍ରଭୁ, ଯେଉଁମାନେ ଜ୍ଞାନୀ ଓ ବିଦ୍ୱାନ, ତୁମ୍ଭେ ସେମାନଙ୍କ ନିକଟରେ ଏସମସ୍ତ ବିଷୟ ଗୁପ୍ତ ରଖି ଶିଶୁମାନଙ୍କ ନିକଟରେ ପ୍ରକାଶ କରିଅଛ । ସେଥିପାଇଁ ମୁଁ ତୁମ୍ଭର ସ୍ତୁତିବାଦ କରୁଛି । ହଁ ପିତା, ଏହା ତୁମ୍ଭ ଦୃଷ୍ଟିରେ ଉତ୍ତମ ମନେ ହେଲା'* (ମାଥିଉ ୧୧:୨୫,୨୬) ।

## ଛଅ ଜଣ ଅନ୍ଧ ମନୁଷ୍ୟ

ହାତୀ କିପରି, ସେ ବିଷୟରେ ତର୍କ କରୁଥିବା ଛଅ ଜଣ ଅନ୍ଧ ମନୁଷ୍ୟଙ୍କ ଗଳ୍ପ ଆମ୍ଭେମାନେ ଶୁଣିଛୁ । ତର୍କର ମୀମାଂସା ନିମନ୍ତେ ଶେଷରେ ସେମାନେ ସ୍ଥିର କଲେ ଯେ, ଚିଡ଼ିଆଖାନା ଯାଇ ସେମାନେ ହାତୀକୁ ଛୁଇଁ ଦେଖିବେ । ସେମାନେ ଠିକ୍ ତାହା ହିଁ କଲେ ।

ପ୍ରଥମ ଅନ୍ଧ ଜଣକ ହାତୀ ପାଖକୁ ଯାଇ ହାତୀର ଗୋଟିଏ ଗୋଡ଼ ଧରି ପକାଇଲା । ସେ କହିଲା, 'ବୁଝିଲି, ହାତୀ ଗଛ ପରି ।' ଅନ୍ୟ ଜଣକ ହାତରେ ହାତୀର ଲାଙ୍ଗୁଡ଼ ପଡ଼ିଗଲା ଏବଂ ସେ ପାଟିକରି ଉଠିଲା, 'ଗଛ ! ଅସମ୍ଭବ । ହାତୀ ଦଉଡ଼ି ପରି ।' ତୃତୀୟ ଜଣକ ହାତୀର ଦେହ ଉପରେ ହାତ ମାରି କହିଲା, 'ଏମିତି ଅଦ୍ଭୁତ ଦଉଡ଼ି ମୁଁ କେବେ ତ ଦେଖିନି ! ହାତୀ ନିଶ୍ଚୟ କାନ୍ଥ ପରି ।' ଚତୁର୍ଥ ଜଣକ ହାତୀର ଶୁଣ୍ଢ ଧରି ପକାଇ କହିଲା, 'ତୁମେଗୁଡ଼ାକ କି ମୂର୍ଖ ! ହାତୀ ବଡ଼ ଗୋଟିଏ ସାପ ପରି ।' ପଞ୍ଚମ ଅନ୍ଧ ହାତରେ ହାତୀର ଦାନ୍ତ ପଡ଼ିଗଲା ଓ ସେ ପ୍ରଶ୍ନ କଲା, 'ସାପ ଦେହ କ'ଣ ଏମିତି ଟାଣୁଆ ଆଉ ଧାରୁଆ ? ମୁଁ ଦେଖୁଛି ହାତୀ ବର୍ଚ୍ଛା ପରି ।' ଷଷ୍ଠ ଜଣକ ହାତୀର କାନ ଧରି ପକାଇ କହିଲା, 'ତମେ ସମସ୍ତେ ସତରେ ଅନ୍ଧ । ହାତୀ ଗୋଟିଏ କୁଲା ପରି ।' ପୂର୍ବଠାରୁ ସେମାନେ ଆହୁରି ପାଟିକରି ତର୍କ କରୁ କରୁ ସେଠାରୁ ଚାଲିଗଲେ । ପ୍ରତ୍ୟେକଙ୍କ ପକ୍ଷରେ, ହାତୀ ସମ୍ପର୍କରେ ତା'ର ନିଜ ଧାରଣା, ଅନ୍ୟମାନଙ୍କ ଧାରଣାଠାରୁ ଅଧିକ ଯୁକ୍ତିଯୁକ୍ତ ମନେ ହେଲା ।

ପ୍ରତ୍ୟେକ ମନୁଷ୍ୟ, ପ୍ରକୃତିଗତଭାବେ ଆତ୍ମିକ ଦିଗରୁ ଅନ୍ଧ । ଆମ୍ଭମାନଙ୍କ ଜୀବନ ଏପରି ତ୍ରୁଟିପୂର୍ଣ୍ଣ ଯେ, ସତ୍ୟକୁ ଗ୍ରହଣ କରିବା ନିମନ୍ତେ ତାହା

ଆମ୍ଭମାନଙ୍କ ପକ୍ଷରେ ଅନ୍ତରାୟ ସୃଷ୍ଟି କରେ । ପାପ, ଈଶ୍ୱର ଓ ଆମ୍ଭମାନଙ୍କ ମଧ୍ୟରେ ପର୍ଦ୍ଦା ଟାଙ୍ଗି ଦେଇଛି, ତେଣୁ ଯଦି କେହି କହେ ଏବଂ ବିଶ୍ୱାସ କରେ ଯେ, ସେ ସତ୍ୟର ସନ୍ଧାନ କରୁଛି, ସତ୍ୟର ସନ୍ଧାନ ପାଇବା ପରିବର୍ତ୍ତେ ତା' ସମ୍ମୁଖରେ ଥିବା ସତ୍ୟକୁ ବରଂ ସେ ଉପେକ୍ଷା କରୁଛି ।

## ଆତ୍ମିକ ଅନୁଭୂତି

କେହି ହୁଏତ କହି ପାରନ୍ତି, 'ଆମ୍ଭମାନଙ୍କୁ ଆତ୍ମିକ ଦୃଷ୍ଟି ମେଲାଇବାକୁ ହେବ ।' ଯଦି ଅନ୍ଧ ଲୋକେ କୌଣସିମତେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଆନ୍ତେ, ତେବେ ହାତୀ ପ୍ରକୃତରେ କ'ଣ, ସେମାନେ ତାହା ଦେଖି ପାରନ୍ତେ ଏବଂ ସବୁ ତର୍କ ଶେଷ ହୁଅନ୍ତା । ଆମ୍ଭମାନଙ୍କ ନିମନ୍ତେ ଆତ୍ମିକ ଅନୁଭୂତି ଏବଂ ବାସ୍ତବ ସତ୍ୟ ଉପଲବ୍ଧି କରିବା ନିମନ୍ତେ ଅର୍ନ୍ତଦୃଷ୍ଟିର ପ୍ରୟୋଜନ । କେବଳ ତାହା ସାହାଯ୍ୟରେ ଆମେ ସତ୍ୟ ଉପଲବ୍ଧି କରି ପାରିବା ।'

ଏ କଥାରେ ଗଭୀର ସତ୍ୟ ନିହିତ ରହିଛି । ଆମ୍ଭମାନଙ୍କ ନିମନ୍ତେ ଯଥାର୍ଥ ଆତ୍ମିକ ଅନୁଭୂତିର ପ୍ରୟୋଜନ । କିନ୍ତୁ ଏଥିରେ ବହୁ ଅସୁବିଧା ଓ ବିପଦ ମଧ୍ୟ ରହିଛି । କେହି ହୁଏତ ଭାବି ପାରନ୍ତି ଯେ, ତାଙ୍କର ଆତ୍ମିକ ଦୃଷ୍ଟି ମୁକ୍ତ, କିନ୍ତୁ ହୁଏତ ପୂର୍ବାପେକ୍ଷା ସେ ଅଧିକ ଅନ୍ଧ ହୋଇ ପାରନ୍ତି । ଆମ୍ଭେମାନେ ଯେ ଆଲୋକ ପ୍ରାପ୍ତ ହୋଇଛୁ, ଏ କଥା ମୁହଁରେ କହିବା ଏବଂ ପ୍ରକୃତଭାବେ ଆଲୋକ ପ୍ରାପ୍ତ ହେବା, ସମାନ କଥା ନୁହେଁ ।

ବିଭିନ୍ନ ଧର୍ମର ବହୁ ବ୍ୟକ୍ତି, ବହୁ ପ୍ରକାର ଆତ୍ମିକ ଓ ଅଲୌକିକ ଅନୁଭୂତି ଲାଭ କରିଥା'ନ୍ତି । କିନ୍ତୁ ସେପରି ଅନୁଭୂତି ଆମ୍ଭମାନଙ୍କୁ ଆତ୍ମା ଓ ଈଶ୍ୱରଙ୍କ ବିଷୟକ କୌଣସି ସତ୍ୟର ସନ୍ଧାନ ଦିଏ ନାହିଁ । ସେସବୁ ଆମ୍ଭମାନଙ୍କୁ କେବଳ ଗୋଟିଏ ବିଷୟ ଜଣାଏ ଯେ, ମନୁଷ୍ୟ ପକ୍ଷରେ ଅଲୌକିକ ଅନୁଭୂତି ଲାଭ ଅସାଧାରଣ ନୁହେଁ । କିନ୍ତୁ ଏସମସ୍ତ ଅନୁଭୂତିର କାରଣ ସମ୍ପୂର୍ଣ୍ଣ ରହସ୍ୟାଚ୍ଛନ୍ନ । ମନୁଷ୍ୟମାନଙ୍କର ବିଭିନ୍ନ ଆତ୍ମିକ ଅନୁଭୂତି, ଠିକ୍ ସେମାନଙ୍କ ମନର ଯୁକ୍ତି ଓ ଦର୍ଶନତତ୍ତ୍ୱ ପରି । ସେଗୁଡ଼ିକ ପରସ୍ପର ବିରୋଧୀ ।

କେହି ଜଣେ ହୁଏତ କହିବେ, ତାଙ୍କର ଦୃଷ୍ଟି ମୁକ୍ତ ଏବଂ ତାଙ୍କ ଆତ୍ମିକ ଅନୁଭୂତିରୁ ସେ ଜାଣି ପାରିଛନ୍ତି ଯେ, ସମସ୍ତ ମନୁଷ୍ୟଙ୍କ ଆତ୍ମା ଏବଂ ବିଶ୍ୱ



ଜଗତର ଆତ୍ମା ଏକ ଓ ଅଭିନ୍ନ । ଅନ୍ୟ ଜଣେ ଦୃଢ଼ ଭାବରେ ମଧ୍ୟ କହି ପାରନ୍ତି ଯେ, ତାଙ୍କ ଅଭିଜ୍ଞତାରୁ ସେ ଜାଣି ପାରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା । ଜ୍ଞାନାଲୋକ ପ୍ରାପ୍ତ କେହି ହୁଏତ କହି ପାରନ୍ତି, 'ମୁଁ ବ୍ରହ୍ମନ୍, ମୁଁ ଈଶ୍ୱର ।' ଅନ୍ୟ ଜଣେ ନିଜ ଅଭିଜ୍ଞତାରୁ କହି ପାରନ୍ତି, 'ମୁଁ ଯେଉଁ ଜ୍ଞାନାଲୋକ ଲାଭ କରିଛି, ସେଥିରୁ ପ୍ରମାଣିତ ହୋଇଛି ଯେ, ମୁଁ ଜଣେ ଅଯୋଗ୍ୟ ଜୀବ, ଈଶ୍ୱରଙ୍କଠାରୁ ବହୁ ନିମ୍ନରେ ଓ ଚକ୍ଷୁତୋଳି ତାହାଙ୍କ ପ୍ରତି ଦୃଷ୍ଟିପାତ କରିବା ନିମନ୍ତେ ମଧ୍ୟ ମୁଁ ସମ୍ପୂର୍ଣ୍ଣ ଅଯୋଗ୍ୟ ।'

ଜଣେ କହନ୍ତି ଯେ, ତାଙ୍କ ଅଭିଜ୍ଞତାରୁ ସେ ଜାଣିପାରିଛନ୍ତି, ପ୍ରକୃତିଗତଭାବେ ସେ ଉତ୍ତମ । ଅନ୍ୟ ଜଣେ ଜାଣନ୍ତି, ସେ ଦୁରାଚାରୀ ପାପୀ, ସମ୍ପୂର୍ଣ୍ଣଭାବେ ପତିତ ଓ ଭ୍ରଷ୍ଟ । ଜଣେ କେହି ପ୍ରତିମାର ଉପାସନା କରି ଅଲୌକିକ ଅନୁଭୂତି ଲାଭ କରି ପାରନ୍ତି, କିନ୍ତୁ ଅନ୍ୟ ଜଣକ ଦୃଷ୍ଟିରେ ପ୍ରତିମା ପୂଜା ଜଘନ୍ୟ ମନେହୁଏ ଏବଂ ସେ ଯେଉଁ ଜ୍ଞାନ ଲାଭ କରିଛନ୍ତି, ତା' ଫଳରେ ସେ ଜାଣି ପାରିଛନ୍ତି ପ୍ରତିମା ପୂଜା ପାପ ।

କେବଳ ଅଭିଜ୍ଞତା ଯଦି ଆମ୍ଭମାନଙ୍କର ପଥ ନିର୍ଦ୍ଦେଶକ ହୁଏ, ତେବେ ଏ ସମସ୍ତ ବିଷୟରେ ସତ୍ୟ କ'ଣ ବା ମିଥ୍ୟା କ'ଣ, ତାହା ଆମ୍ଭେମାନେ ନିଶ୍ଚିତଭାବେ ପ୍ରମାଣ କରି ପାରିବା କିପରି ? ଏପରି ଅଭିଜ୍ଞତାଗୁଡ଼ିକ କେବଳ ପରସ୍ପର ବିରୋଧୀ ନୁହେଁ ବରଂ ତା' ଦ୍ୱାରା ମନୁଷ୍ୟ ପ୍ରତାରିତ ହୋଇ ବିପଦରେ ପଡ଼େ ।

## ପ୍ରତାରଣାର ସମ୍ଭାବନା

ପ୍ରତାରଣାକାରୀ ତିନୋଟି ଶକ୍ତି ପୃଥିବୀରେ ରହିଛି-ଶୟତାନ, ପାପ ଓ ସ୍ୱୟଂ ମନୁଷ୍ୟ । ଏଗୁଡ଼ିକର ପ୍ରତ୍ୟେକଟି ବିଷୟରେ ବାଇବଲରେ ଉଲ୍ଲେଖ ଅଛି–

*'ସର୍ବ ଜଗତର ପ୍ରବଞ୍ଚକ ଶୟତାନ'* (ପ୍ରକାଶିତ ୧୨:୯) ।

*'ପାପର ପ୍ରବଞ୍ଚନା'* (ଏବ୍ରୀ ୩:୧୩) ।

*'ମନୁଷ୍ୟର ହୃଦୟ ସବୁଠାରୁ କପଟମୟ ଓ ଏତେ ଭ୍ରଷ୍ଟ ଯେ, ତା'ର ପ୍ରତିକାର ନାହିଁ* (ଯିରିମିୟ ୧୭:୯) ।

ଯୀଶୁ ଶିକ୍ଷା ଦେଇ କହିଥିଲେ ଯେ ଦୁରାତ୍ମାମାନଙ୍କ ମଧ୍ୟରୁ ପ୍ରଧାନ ଯେ ଶୟତାନ, ତା'ର ପ୍ରକୃତ ଅସ୍ତିତ୍ୱ ରହିଛି । ତାହା ବିଷୟରେ ସେ ଅନେକ ତଥ୍ୟ ପ୍ରକାଶ କରିଥିଲେ । ସେ କହିଥିଲେ ଯେ *'ତୁମ୍ଭେମାନେ ତୁମ୍ଭମାନଙ୍କ ପିତା ଶୟତାନର ଓ ତୁମ୍ଭେମାନେ ତୁମ୍ଭମାନଙ୍କ ପିତାର ଇଚ୍ଛା ପାଳନ କରିବାକୁ ଚାହୁଁଛ । ଆଦ୍ୟରୁ ସେ ଜଣେ ନରହନ୍ତା, ସତ୍ୟରେ ତା'ର ନିଷ୍ଠା ନାହିଁ, କାରଣ ତା'ଠାରେ ଅଣୁମାତ୍ର ସତ୍ୟ ନାହିଁ । ସେ ମିଥ୍ୟା କଥା କହିଲାବେଳେ ଯାହା ତା'ର ସ୍ୱଭାବଗତ, ତାହା ହିଁ କହେ, କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାର ଜନକ'* (ଯୋହନ ୮:୪୪) ।

ଶୟତାନ ନରହନ୍ତା ଓ ମିଥ୍ୟାବାଦୀ । ସେ ଈଶ୍ୱରଙ୍କଠାରୁ ମନୁଷ୍ୟକୁ ପୃଥକ୍ କରି ମନୁଷ୍ୟର ମୃତ୍ୟୁ ସାଧନ କରେ । ସେ ମନୁଷ୍ୟର ଶରୀର, ମନ ଓ ଆତ୍ମାକୁ ବିନଷ୍ଟ କରେ ଓ ମନୁଷ୍ୟକୁ ଚିରଦିନ ନିମନ୍ତେ ଧ୍ୱଂସ କରେ । ତା'ର ପ୍ରଧାନ ଅସ୍ତ୍ର ହେଲା ପ୍ରତାରଣା । ସେ ମନୁଷ୍ୟକୁ ମିଥ୍ୟା କହି ଧ୍ୱଂସ ପଥରେ ଆଗେଇ ଦିଏ । ସତ୍ୟ ହିଁ ମନୁଷ୍ୟକୁ ମୁକ୍ତ କରେ ଏବଂ ମିଥ୍ୟା କ୍ରୀତଦାସ ରୂପେ ତା'ର ଧ୍ୱଂସ ସାଧନ କରେ । ତେଣୁ ଈଶ୍ୱରଙ୍କ ସମ୍ବନ୍ଧରେ ସେ ଆମ୍ଭମାନଙ୍କୁ ମିଥ୍ୟା କହେ । ଯେପରି ଶୟତାନର ପ୍ରକୃତ ପ୍ରକୃତି ଆମ୍ଭେମାନେ ବୁଝି ନ ପାରୁ, ସେଥିପାଇଁ ସେ ଆମ୍ଭମାନଙ୍କ ନିଜ ନିଜ ସମ୍ବନ୍ଧରେ ମଧ୍ୟ ଆମ୍ଭମାନଙ୍କୁ ମିଥ୍ୟା କହେ । ସେ ଖ୍ରୀଷ୍ଟଙ୍କ ବିଷୟରେ ଓ ପରିତ୍ରାଣର ପଥ ବିଷୟରେ ମିଥ୍ୟା କହେ । ବହୁ ସମୟରେ ତା'ର ମିଥ୍ୟା ଅନ୍ତରାଳରେ କିଛି ସତ୍ୟ ମଧ୍ୟ ରହିଥାଏ, ଯେପରି ତା'ର ସମସ୍ତ ମିଥ୍ୟା, କିଛିଟା ସତ୍ୟର ରୂପ ନେବ ।

ଶୟତାନର କର୍ମ ପ୍ରଣାଳୀ ଯେପରି ଶକ୍ତିଶାଳୀ, ସେହିପରି ଫଳପ୍ରଦ ମଧ୍ୟ । ସେ 'ସର୍ବ ଜଗତର ପ୍ରବଞ୍ଚକ' । ତା'ର ସାଫଲ୍ୟର କାରଣ ହେଲା, ସେ ଆକର୍ଷଣୀୟ ରୂପରେ ଆସେ ଏବଂ ମନମୁଗ୍ଧକର ମିଥ୍ୟା କହିପାରେ । *'ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ଶୟତାନ ତ ନିଜେ ଜ୍ୟୋତିର୍ମୟ ଦୂତର ଛଦ୍ମବେଶ ଧାରଣ କରେ'* (୨ କରିନ୍ଥୀୟ ୧୧:୧୪) । ସେ ଦୀପ୍ତି, ଉଜ୍ଜ୍ୱଳ ଓ ଦେବତା ରୂପରେ ମଧ୍ୟ ଆତ୍ମପ୍ରକାଶ କରିପାରେ ।



ତା'ର ପ୍ରକୃତ ନାମ ହେଲା, 'ଏହି ଜଗତର ଅଧିପତି'– *'ଯେଉଁ ଖ୍ରୀଷ୍ଟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ତାହାଙ୍କ ଗୌରବମୟ ସୁସମାଚାରର ଆଲୋକ ଯେପରି ଅବିଶ୍ୱାସୀମାନେ ଦେଖି ପାରିବେ ନାହିଁ, ଏଥିପାଇଁ ଏହି ଜଗତର ଅଧିପତି ସେମାନଙ୍କର ମନଶ୍ଚକ୍ଷୁ ଅନ୍ଧ କରି ଦେଇଛି'* (୨ କରିନ୍ଥୀୟ ୪:୪) । ସେ ମନୁଷ୍ୟର ଉପାସନାକାମୀ ଦେବତା ସ୍ୱରୂପ । ଏହି ଲକ୍ଷ୍ୟ ସାଧନ ନିମନ୍ତେ ସେ ମନୁଷ୍ୟମାନଙ୍କ ହୃଦୟକୁ ପ୍ରତାରିତ କରେ ଏବଂ ସେମାନଙ୍କ ମନରେ ମିଥ୍ୟା ଆଲୋକ ପ୍ରଜ୍ୱଳିତ କରେ ।

ଶୟତାନ ଅଦ୍ଭୁତ ଇନ୍ଦ୍ରଜାଲର ସ୍ରଷ୍ଟା । ସେ ସର୍ବଶ୍ରେଷ୍ଠ ପ୍ରବଞ୍ଚକ । ନିଜର ସୁବିଧା ପାଇଁ ସେ ନିଜକୁ ନାସ୍ତିକ ରୂପେ ଛଳନା କରେ ଏବଂ ଅନ୍ୟମାନଙ୍କୁ, ଈଶ୍ୱରଙ୍କୁ ନାସ୍ତି କରିବାକୁ ଉତ୍ସାହିତ କରେ । ପ୍ରୟୋଜନ ହେଲେ ସେ ଈଶ୍ୱରଙ୍କ ସପକ୍ଷରେ ମଧ୍ୟ କହେ ଏବଂ ଧର୍ମ ଦିଗରେ ମନୁଷ୍ୟକୁ ଉତ୍ସାହିତ କରେ । ଯେକୌଣସି ଉପାୟରେ ସେ ମନୁଷ୍ୟର ଧ୍ୱଂସ ସାଧନ କରିବାକୁ ଇଚ୍ଛା କରେ, ତେଣୁ ସେ ଅନେକ ସମୟରେ ଧର୍ମର ପୋଷାକ ପିନ୍ଧି ସାକ୍ଷାତ ଦେବତା ରୂପରେ ଆସେ । ଶୟତାନର ଏ ପ୍ରତାରଣା ବୁଝି ନ ପାରି ଆମ୍ଭେମାନେ ବିପଦରେ ପଡୁ । ସତ୍ୟ ଈଶ୍ୱର ଏବଂ ଈଶ୍ୱରଙ୍କ ନିକଟକୁ ପଥ ସଂକ୍ରାନ୍ତରେ ଲୋକଙ୍କୁ ପ୍ରତାରଣା କରିବା ନିମନ୍ତେ ଧର୍ମର ସାହାଯ୍ୟ ନେବା ପରି ଅନ୍ୟ କି ଉତ୍କୃଷ୍ଟ ଉପାୟ ବା ଥାଇପାରେ ।

ଶୟତାନ ଯଦି ସମଗ୍ର ଜଗତକୁ ପ୍ରତାରଣା କରିପାରେ, ଆପଣଙ୍କୁ ଓ ମୋତେ ମଧ୍ୟ ପ୍ରତାରଣା କରିବା ତା' ପକ୍ଷରେ କଷ୍ଟକର ହେବ ନାହିଁ । ମହାନ୍ ପ୍ରତାରକ ଶୟତାନ, ପାପ ରୂପ ପ୍ରତାରଣା ସାହାଯ୍ୟରେ ଆମ୍ଭମାନଙ୍କ ଦୁର୍ବଳ, ପ୍ରବଞ୍ଚନାପୂର୍ଣ୍ଣ ହୃଦୟରେ କାର୍ଯ୍ୟ କରେ । ଆମ୍ଭମାନଙ୍କର ପ୍ରତାରିତ ନ ହେବାର କି ଶକ୍ତି ବା ଅଛି ? ଏପରିକି, କେହି କେହି ନିଜର ଭ୍ରାନ୍ତ ଧର୍ମାନୁଭୂତିକୁ ଯଥାର୍ଥ ବୋଲି ସ୍ୱୀକାର କରି ନିଅନ୍ତି ।

ଆମ୍ଭେମାନେ କ'ଣ ଶୟତାନର ଅସ୍ତିତ୍ୱ ସ୍ୱୀକାର କରୁ ? ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାରେ ଯଦି ଆମ୍ଭମାନଙ୍କର ବିଶ୍ୱାସ ଥାଏ, ତେବେ ଆମ୍ଭମାନଙ୍କୁ ତାହା ସ୍ୱୀକାର କରିବାକୁ ହିଁ ପଡ଼ିବ । ଧର୍ମ ନାମରେ ଶୟତାନ ଆମ୍ଭମାନଙ୍କୁ ଉନ୍ମାଦନା,

ଦର୍ଶନ, ବାଣୀ ଇତ୍ୟାଦି ସମସ୍ତ ପ୍ରକାର ଅନୁଭୂତି ଦାନ କରିପାରେ । ଆମ୍ଭେମାନେ ତା' ପ୍ରତାରଣା ବାଣୀରେ ଏ ପୃଥିବୀର ସୀମା ଅତିକ୍ରମ କରି ଅନ୍ୟ ଗୋଟିଏ ପୃଥିବୀରେ ପହଞ୍ଚି ଯାଇପାରୁ, ଆମ୍ଭମାନଙ୍କର ପୂର୍ଣ୍ଣ ଧାରଣା ଜନ୍ମିପାରେ ଯେ ଆମ୍ଭେମାନେ ଆଲୋକପ୍ରାପ୍ତ, କିନ୍ତୁ ଏସମସ୍ତ କେବଳ ଆମ୍ଭମାନଙ୍କ ନିମନ୍ତେ ପ୍ରତାରଣା । ତଥାକଥିତ ସମସ୍ତ ପ୍ରକାର ସ୍ୱର୍ଗୀୟ ଅନୁଭୂତିକୁ ଜୀବନରେ ଗ୍ରହଣ କରିବାର ଆଗ୍ରହ, ବହୁ କ୍ଷେତ୍ରରେ ବିପଜ୍ଜନକ ହୋଇପାରେ ।

ହୃଦୟରେ ଆଧ୍ୟାତ୍ମିକ ଆଲୋକପ୍ରାପ୍ତି ଅନୁଭୂତିକୁ କେନ୍ଦ୍ର କରି ଅନେକେ ଗର୍ବ କରିଥା'ନ୍ତି କିନ୍ତୁ ସେ ଅନୁଭୂତି ପ୍ରକୃତରେ ଅନ୍ୟ କିଛି ହୋଇପାରେ । ସେମାନେ ହୁଏତ ପ୍ରତାରଣାର ବଶବର୍ତ୍ତୀ ହୋଇ ମିଥ୍ୟାକୁ ସତ୍ୟ ରୂପେ ଗ୍ରହଣ କରି ନିଅନ୍ତି ।

ଅନେକେ ଯାହା ମାୟା ମନେ କରନ୍ତି, ତାହା ହୁଏତ ବାସ୍ତବ ହୋଇପାରେ ଏବଂ ଯାହାକୁ ବାସ୍ତବ ଭାବନ୍ତି ତାହା ମାୟା ହୋଇପାରେ । କେଉଁଟି ପ୍ରକୃତରେ କ'ଣ, ସେ ବିଷୟରେ ସେମାନେ ନିଶ୍ଚିତ ହୋଇ ପାରନ୍ତି ନାହିଁ । ନିଜକୁ, ନିଜର ଚିନ୍ତାଧାରାକୁ ବା ନିଜ ଅନୁଭୂତିକୁ ସତ୍ୟର ମାନ ରୂପେ ନିର୍ଦ୍ଧାରଣ କରିବା ସାମାନ୍ୟ ମନୁଷ୍ୟ ପକ୍ଷରେ କି ଦାମ୍ଭିକତା, ମୂର୍ଖତା ଓ ବିପଜ୍ଜନକ ହୋଇ ନ ପାରେ ? ଏଥିପାଇଁ ଆମ୍ଭମାନଙ୍କ ନିମନ୍ତେ ପ୍ରୟୋଜନ ଏକ ଉନ୍ନତତର ମାନ ।

## ଉନ୍ନତତର ମାନ

କିନ୍ତୁ ଏ ଉନ୍ନତତର ମାନ କ'ଣ ? ଅନ୍ୟମାନଙ୍କ ମତାମତ, ପରମ୍ପରା, ପୁରୋହିତ, ଗୁରୁ, ବିବେକ, ବିଜ୍ଞାନ, ବିଚାରବୁଦ୍ଧି ଏବଂ ଧର୍ମାନୁଭୂତିଠାରୁ ଉନ୍ନତତର ମାନ ଆଉ କ'ଣ ଥାଇପାରେ ?

ଏ ପ୍ରଶ୍ନର ଉତ୍ତର ପ୍ରମାଣ ସାପେକ୍ଷ ହେବା ଦରକାର । ତାହା ହେଲା ଈଶ୍ୱରଙ୍କ ବାକ୍ୟ । ଏତେବେଳକୁ ଆମ୍ଭେମାନେ ନିଶ୍ଚୟ ସ୍ପଷ୍ଟଭାବେ ବୁଝି ସାରିଥିବା ଯେ, ଈଶ୍ୱର, ମନୁଷ୍ୟ ଏବଂ ଈଶ୍ୱରଙ୍କ ନିକଟକୁ ଆମ୍ଭମାନଙ୍କ ପଥ ବିଷୟରେ ଜାଣିବାକୁ ହେଲେ ସ୍ୱୟଂ ଈଶ୍ୱରଙ୍କୁ ତାହା ପ୍ରକାଶ କରିବାକୁ ହେବ । ଈଶ୍ୱର ଯାହା ପ୍ରକାଶ କରନ୍ତି, ତାହା ହିଁ ସତ୍ୟର ଏକମାତ୍ର ମାନ ।



ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କୁ ଶିକ୍ଷା ଦେଇ କହିଅଛନ୍ତି ଯେ, ଈଶ୍ୱର ପ୍ରେମମୟ । ସେ ମନୁଷ୍ୟ ନିମନ୍ତେ ସଦାସର୍ବଦା ଚିନ୍ତିତ, ସାକ୍ଷାତ୍ ପିତା ପରି । ସେ ଚାହାନ୍ତି ଆମ୍ଭେମାନେ ଯେପରି ସତ୍ୟ କ'ଣ ତାହା ଜାଣି ପାରିବା ଏବଂ ସେ ଗୋଟିଏ ପୁସ୍ତକରେ ତାହା ପ୍ରକାଶ କରିଅଛନ୍ତି । ଏହି ପୁସ୍ତକ ହେଲା ବାଇବଲ । ଆମ୍ଭେମାନେ ଦେଖି ପାରିଛୁ ଯେ, ମହାନ ଗୁରୁ ଯୀଶୁଙ୍କ ଶିକ୍ଷାକୁ ଏହା ସମର୍ଥନ କରେ । ସେ ଶିକ୍ଷା ଦେଇ କହିଥିଲେ ଯେ, ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ବାଇବଲ ହେଉଛି ଈଶ୍ୱରଙ୍କ ବାକ୍ୟ । (ଯେଉଁମାନେ ଏ ବିଷୟରେ ପରୀକ୍ଷା କରିବାକୁ ଆଗ୍ରହୀ, ସେମାନେ ନିମ୍ନୋକ୍ତ ବାଇବଲ ପଦଗୁଡ଼ିକୁ ଲକ୍ଷ୍ୟ କରି ପାରନ୍ତି–ମାଥିଉ ୫:୧୭ ଓ ୧୮, ଲୂକ ୧୬:୧୭, ଯୋହନ ୧୦:୩୫, ମାଥିଉ ୪:୪, ଯୋହନ ୧୪:୨୬, ୧୬:୧୩, ଲୂକ ୨୪:୨୫,୨୭) ।

ଯେକେହି ଗୋଟିଏ ପୁସ୍ତକ ଲେଖି କହି ପାରନ୍ତି, ଈଶ୍ୱରଙ୍କ ଶକ୍ତିରେ ଅନୁପ୍ରାଣିତ ହୋଇ ସେ ତାହା ଲେଖିଛନ୍ତି । ହୁଏତ ସେ ପ୍ରକୃତରେ ଈଶ୍ୱରଙ୍କଠାରୁ ଅନୁପ୍ରେରଣା ପାଇଥାଇ ପାରନ୍ତି । ଅବା ହୋଇପାରେ ସେ ଈଶ୍ୱରଙ୍କଠାରୁ ଆଦୌ ପ୍ରେରଣା ପାଇ ନ ଥାଇ ପାରନ୍ତି । ଆମ୍ଭେମାନେ ଏହା ନିଶ୍ଚିତଭାବେ କିପରି ଜାଣି ପାରିବା ?

ଆମ୍ଭେମାନେ ଯଦି ବୁଦ୍ଧିମାନ ହୋଇଥାଉ, ତେବେ ମୁକ୍ତ ହୃଦୟରେ ଓ ନମ୍ର ମନରେ ସତ୍ୟର ସନ୍ଧାନ କରିବୁ । ଆମ୍ଭେମାନେ ସମସ୍ତ ପୂର୍ବ ଧାରଣା ତ୍ୟାଗ କରି ଆମ୍ଭମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଈଶ୍ୱରଙ୍କୁ ଅନୁରୋଧ କରିବା । ତା'ପରେ ସମସ୍ତ ସାକ୍ଷ୍ୟ ପ୍ରମାଣ ପରୀକ୍ଷା କରି ଦେଖିବା ।

କୌଣସି ପୁସ୍ତକ ଯଦି ପ୍ରକୃତରେ ଈଶ୍ୱରଙ୍କ ନିକଟରୁ ଆସିଥାଏ, ତେବେ ସେଥିପାଇଁ ନିଶ୍ଚୟ ଦୃଢ଼ ସାକ୍ଷ୍ୟ ପ୍ରମାଣ ରହିଥିବ । ସେହି ପୁସ୍ତକର ରଚୟିତା କେବଳ ବିଶିଷ୍ଟ କବି, ଦାର୍ଶନିକ, ସମ୍ମାନିତ ଶିକ୍ଷକ ବା ସନ୍ନ୍ୟାସୀ ହେଲେ ଚଳିବ ନାହିଁ । ସେମାନେ ଯେ, ଐଶ୍ୱରିକ ପ୍ରେରଣା ଲାଭ କରି ତାହା ଲେଖିଛନ୍ତି, ସେମାନଙ୍କ ପକ୍ଷରେ ସେତିକି କହିବା ଯଥେଷ୍ଟ ହେବ ନାହିଁ । ଆମ୍ଭେମାନେ ସେମାନଙ୍କ କଥାକୁ କାହିଁକି ବିଶ୍ୱାସ କରିବୁ ? ସେଥିପାଇଁ ଯଥାଯଥ କାରଣ

ଥିବା ଦରକାର । ଉପଯୁକ୍ତ କାରଣ ନ ଥାଇ ଆମ୍ଭେମାନେ ଯଦି ସେମାନଙ୍କ କଥାକୁ ବିଶ୍ୱାସ କରୁ, ତେବେ ଆମ୍ଭେମାନେ ପ୍ରତାରିତ ହେବା ଅସମ୍ଭବ ନୁହେଁ । କୌଣସି ଧର୍ମ ନାମରେ ବା କୌଣସି ଧର୍ମଗ୍ରନ୍ଥ ବା ଧର୍ମଗୁରୁଙ୍କ ଅନୁମୋଦନ ଲାଭ କରି ଯେକୌଣସି ତତ୍ତ୍ୱକୁ ନିର୍ବିଚାରରେ ବହୁ ଲୋକ ଗ୍ରହଣ କରି ନିଅନ୍ତି ଏବଂ ଏହା ହିଁ ମନୁଷ୍ୟ ସମାଜ ନିମନ୍ତେ ଅତ୍ୟନ୍ତ ଦୁଃଖଦାୟକ ବିଷୟ । ଲୋକେ ଏଥିନିମନ୍ତେ ଅନ୍ୟ କୌଣସି ସାକ୍ଷ୍ୟ ପ୍ରମାଣ ଦାବୀ କରି ନ ଥା'ନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ପ୍ରକୃତ ସତ୍ୟ କ'ଣ ତାହା ଜାଣିବାକୁ ଚାହିଁବେ, ତାଙ୍କ ପକ୍ଷରେ ଏପରି କରିବା ଉପଯୁକ୍ତ ହେବ ନାହିଁ । ସେ ନିର୍ଭୟରେ ସତ୍ୟର ସମ୍ମୁଖୀନ ହୁଅନ୍ତୁ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ପାଇ ବା ସାକ୍ଷ୍ୟ ପ୍ରମାଣର ଅଭାବ ପ୍ରତି ଲକ୍ଷ୍ୟ କରି ସେ ନିଜର କର୍ତ୍ତବ୍ୟ ସ୍ଥିର କରନ୍ତୁ ।

ଆମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ କାହିଁକି ବିଶ୍ୱାସ ସ୍ଥାପନ କରିବା, ସେଥିନିମନ୍ତେ ଉପଯୁକ୍ତ ବହୁ କାରଣ ରହିଛି । ଏଥିମଧ୍ୟରୁ କେତେକ ସାକ୍ଷ୍ୟ ପୁସ୍ତକର ପୂର୍ବ ଅଧ୍ୟାୟଗୁଡ଼ିକରେ ଅଛି ଏବଂ କେତେକ ଏହି ପୁସ୍ତକର ଶେଷରେ ରହିଛି । ବାଇବଲ ବହୁ ସାକ୍ଷ୍ୟ ପ୍ରମାଣରେ ପରିପୂର୍ଣ୍ଣ । ପୃଥିବୀର ସମସ୍ତ ଧର୍ମଶାସ୍ତ୍ର ବିଚାର କରି ଦେଖିଲେ ମନେହେବ ଯେ, ବାଇବଲରେ ତାହାଙ୍କ ସମ୍ବନ୍ଧରେ ଥିବା ସାକ୍ଷ୍ୟ ପ୍ରମାଣ ଅସାଧାରଣ ଏବଂ ଅନ୍ୟ କୌଣସି ଧର୍ମ ଶାସ୍ତ୍ରରେ ଏପରି ସାକ୍ଷ୍ୟ ପ୍ରମାଣ ଦେଖିବାକୁ ମିଳେ ନାହିଁ । ବିଚାର ବୁଦ୍ଧିସମ୍ପନ୍ନ ଲୋକଙ୍କ ପକ୍ଷରେ ଏହି ସାକ୍ଷ୍ୟ ପ୍ରମାଣର ପରୀକ୍ଷା ଓ ସ୍ୱୀକାର କଷ୍ଟକର ନୁହେଁ । ଖ୍ରୀଷ୍ଟଙ୍କର ସନ୍ଧାନ କରି, ତାହାଙ୍କଠାରେ ଆସ୍ଥା ସ୍ଥାପନ କରି ଏବଂ ସେ ପ୍ରକାଶ କରିଥିବା ସମସ୍ତ ସତ୍ୟକୁ ଗ୍ରହଣ କରିବା ନିମନ୍ତେ ବାଇବଲ ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ । ଖ୍ରୀଷ୍ଟଙ୍କୁ ଗ୍ରହଣ କରି ତାହାଙ୍କର ଅନୁଗମନ କଲେ, ଅଭିଜ୍ଞତାରୁ ଆମ୍ଭେମାନେ ସତ୍ୟ ଉପଲବ୍ଧି କରି ପାରିବା । ବାଇବଲର ସତ୍ୟକୁ ବୁଝିବା ନିମନ୍ତେ ଜ୍ଞାନାଲୋକ ଦ୍ୱାରା ସେ ଆମ୍ଭମାନଙ୍କୁ ଶକ୍ତି ଦେବେ ।

## ଅଭ୍ରାନ୍ତ ନିୟମ

ଧର୍ମ ସଂପୃକ୍ତ ସମସ୍ତ ଧାରଣାର ତ୍ରୁଟିଶୂନ୍ୟ ପରୀକ୍ଷା ନିମନ୍ତେ ଏହିପରି ବ୍ୟବସ୍ଥା ରହିଛି । ଏହି ଧାରଣା ଯଦି ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାର ବିରୋଧ ନ



କରେ, ତେବେ ତାହା ସତ୍ୟ ଏବଂ ଯଦି ବିରୋଧ କରେ, ତେବେ ତାହା ମିଥ୍ୟା । କାରଣ ତାହାଙ୍କର ବାକ୍ୟ ହିଁ ସ୍ୱୟଂ ଈଶ୍ୱରଙ୍କ ବାକ୍ୟ । ଯୀଶୁ କହିଥିଲେ,, 'ମୁଁ ସତ୍ୟ' । ଯଦି ସେ ସତ୍ୟ ହୋଇଥା'ନ୍ତି, ତେବେ ତାହାଙ୍କ ଶିକ୍ଷାର ସମସ୍ତ ବିପରୀତ ବିଷୟ ମିଥ୍ୟା ।

ଯୀଶୁ ଏହା ମଧ୍ୟ କହିଥିଲେ, *'ପାପ କରି ମୁଁ ଦୋଷୀ ବୋଲି ତୁମ ମଧ୍ୟରୁ କେହି କ'ଣ ପ୍ରମାଣ କରି ପାରିବ ? ମୁଁ ଯଦି ସତ୍ୟ କହୁଛି, ତୁମ୍ଭେମାନେ କାହିଁକି ମୋତେ ବିଶ୍ୱାସ କରୁ ନାହଁ ? ଯିଏ ଈଶ୍ୱରଙ୍କର, ସେ ଈଶ୍ୱରଙ୍କ କଥାରେ କର୍ଣ୍ଣପାତ କରେ । ତୁମ୍ଭେମାନେ ଈଶ୍ୱରଙ୍କର ନୁହଁ, ସେହି କାରଣରୁ କର୍ଣ୍ଣପାତ କରୁ ନାହଁ'* (ଯୋହନ ୮:୪୬,୪୭) ।

ଯେଉଁମାନେ ସତ୍ୟର ପକ୍ଷରେ ରହିଛନ୍ତି, ସେମାନେ ପ୍ରତ୍ୟେକେ ଖ୍ରୀଷ୍ଟଙ୍କ ବାକ୍ୟ ଗ୍ରହଣ କରିଥା'ନ୍ତି । ଯଦି ଆମ୍ଭେମାନେ ତାହାଙ୍କର ବାକ୍ୟ ଗ୍ରହଣ କରି ବିଶ୍ୱାସ ନ କରୁ, ତେବେ ଆମ୍ଭେମନେ ଈଶ୍ୱରଙ୍କଠାରେ ନାହୁଁ ।

ବାଇବଲ ଯେ ଈଶ୍ୱରଙ୍କଠାରୁ ଆସିଛି, ଏ ବିଷୟରେ ନିଃସନ୍ଦେହ ହେବା ନିମନ୍ତେ ଆହୁରି ଅନେକ କାରଣ ରହିଛି । କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ହିଁ ଏହାର ପ୍ରଧାନ କାରଣ ଏବଂ ଲୋକେ ଯଦି ତାହାଙ୍କ ସମ୍ବନ୍ଧୀୟ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ବିଶ୍ୱାସ ନ କରି ପାରନ୍ତି, ତେବେ ଅନ୍ୟ କୌଣସି ସାକ୍ଷ୍ୟ ପ୍ରମାଣ ସ୍ୱୀକାର ସେମାନଙ୍କ ପକ୍ଷରେ ସମ୍ଭବ ହେବ ନାହିଁ । ସେ ଈଶ୍ୱରଙ୍କର ଶ୍ରେଷ୍ଠ ପ୍ରକାଶ ଏବଂ ସେ ସୁଦୃଢ଼ ସାକ୍ଷ୍ୟ ପ୍ରମାଣ ନେଇ ଆସିଥିଲେ ।

ତାହାଙ୍କଠାରେ ଆସ୍ଥା ସ୍ଥାପନ, ତାହାଙ୍କର ଅନୁଗମନ ଓ ତାହାଙ୍କୁ ପ୍ରେମ କରିବା ଦ୍ୱାରା ଆମ୍ଭମାନଙ୍କର ବିବେକ ଆଲୋକିତ ହୁଏ, ଆମ୍ଭମାନଙ୍କ ବିଚାରଶକ୍ତି ସୁଦୃଢ଼ ହୁଏ ଏବଂ ଆମ୍ଭମାନଙ୍କର ଆତ୍ମିକ ଅନୁଭୂତି ବାସ୍ତବ, ଗଭୀର ଓ ପରିପୂର୍ଣ୍ଣ ହୁଏ । ତାହାଙ୍କର ପରିପୂର୍ଣ୍ଣତା, ମନୁଷ୍ୟକୁ ପରିପୂର୍ଣ୍ଣ କରେ । ତାହାଙ୍କଠାରେ ଆମ୍ଭେମାନେ ଦେଖିବାକୁ ପାଉ ସନ୍ଦେହଜନକ ପରମ୍ପରା ସ୍ଥାନରେ ସତ୍ୟ ଇତିହାସ, ବିବେକକୁ ଶିକ୍ଷାଦାନ କରିବା ନିମନ୍ତେ, ନ୍ୟାୟ, ନୀତି ଓ ପବିତ୍ରତାର ଉନ୍ନତ ମାନ, ମନକୁ ପରିତୃପ୍ତ କରିବା ନିମନ୍ତେ, ସୁଗଭୀର ଜ୍ଞାନ ଏବଂ ଆତ୍ମାକୁ ପରିତୃପ୍ତ କରିବା ନିମନ୍ତେ ଗଭୀର ଅନୁଭୂତି ।

ଖ୍ରୀଷ୍ଟ ଶାରୀରିକଭାବେ ଆଉ ପୃଥିବୀରେ ନାହାନ୍ତି ସତ କିନ୍ତୁ ସତ୍ୟ ପଥରେ ଆମ୍ଭମାନଙ୍କୁ ଚାଳିତ କରିବା ନିମନ୍ତେ ତାହାଙ୍କର ଆତ୍ମା ଏଠାରେ ରହିଛି । ତାହାଙ୍କର ଶିକ୍ଷା ମଧ୍ୟ ଏଠାରେ ରହିଛି । ଈଶ୍ୱର ନିଜେ, ମନୁଷ୍ୟ ଓ ଈଶ୍ୱରଙ୍କ ନିକଟକୁ ପଥ ସମ୍ବନ୍ଧୀୟ ଅତି ପୁରାତନ ପ୍ରଶ୍ନଗୁଡ଼ିକର ଗ୍ରହଣଯୋଗ୍ୟ ଉତ୍ତର ଦେଇ ପାରୁଅଛନ୍ତି । ସେସବୁ ଆମ୍ଭମାନଙ୍କୁ ସମସ୍ତ ବନ୍ଧନ ଏବଂ ବିପଜ୍ଜନକ ଚିନ୍ତାଧାରାରୁ ମୁକ୍ତ କରି ପାରନ୍ତି । କାରଣ ସେ ସମସ୍ତ ଶିକ୍ଷାର ଉତ୍ପତ୍ତି ଶ୍ରେଷ୍ଠ ଗୁରୁ ଓ ପରମ ଜ୍ଞାନବାନ୍ ଈଶ୍ୱରଙ୍କ ହୃଦୟରୁ ।

### ଉତ୍ତର

ଏ ଅଧ୍ୟାୟରେ ଶିରୋନାମା ଯାହା, ତାହାକୁ ପ୍ରଶ୍ନ ରୂପେ ବ୍ୟବହାର କରି ତାହାର ଉତ୍ତର ଆମ୍ଭେମାନେ ପାଇସାରିଛୁ । ଯେଉଁମାନେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ସାକ୍ଷ୍ୟ ପ୍ରମାଣ ସ୍ୱୀକାର କରି ତାହାଙ୍କୁ ଗ୍ରହଣ କରନ୍ତି, ସେ ଉତ୍ତର ସେମାନଙ୍କୁ ସମ୍ପୂର୍ଣ୍ଣଭାବେ ସନ୍ତୁଷ୍ଟ କରେ ।

ଈଶ୍ୱରଙ୍କ ସତ୍ୟ ବିଷୟରେ ଆମ୍ଭେମାନେ କିପରି ଜାଣି ପାରିବା ? ଆମ୍ଭମାନଙ୍କ ଦଳଭୁକ୍ତ ଲୋକଙ୍କ ମତାମତ ଦ୍ୱାରା ନୁହେଁ, କାରଣ ସେମାନେ ଅନେକ ସମୟରେ ଭୁଲ୍ କରି ପାରନ୍ତି, ପରମ୍ପରା ଦ୍ୱାରା ନୁହେଁ କାରଣ ସେଥିର କୌଣସି ନିଶ୍ଚୟତା ନାହିଁ, ଯାହା ଆମ୍ଭମାନଙ୍କୁ ଆନନ୍ଦ ଦାନ କରେ ତାହା ଦ୍ୱାରା ନୁହେଁ, କାରଣ ଆମ୍ଭେମାନେ ନିତାନ୍ତ ପାପୀ, ବିଜ୍ଞାନ ସାହାଯ୍ୟରେ ନୁହେଁ, କାରଣ ତାହା ଆମ୍ଭମାନଙ୍କୁ ଈଶ୍ୱରଙ୍କ ବିଷୟରେ ଜ୍ଞାନ ଦେଇ ପାରେନା, କେବଳ ବିବେକ ସାହାଯ୍ୟରେ ନୁହେଁ କାରଣ ତାହା ଅତି ଦୁର୍ବଳ, କେବଳ ବିଚାର ବୁଦ୍ଧି ଦ୍ୱାରା ନୁହେଁ, କାରଣ ତାହା ନିତାନ୍ତ ସୀମିତ ଓ ସହଜରେ ଭୁଲ୍ କରିପାରେ, କେବଳ ଅଭିଜ୍ଞତା ଦ୍ୱାରା ନୁହେଁ କାରଣ ତାହା ଆମ୍ଭମାନଙ୍କୁ ପ୍ରତାରଣା କରିପାରେ । ଏସମସ୍ତ ବିଷୟ ସମ୍ମିଳିତ ଭାବରେ ମଧ୍ୟ କିଛି କରି ପାରିବେ ନାହିଁ, କାରଣ ତା' ଫଳରେ କେବଳ ଭୁଲ୍‌ର ସଂଖ୍ୟା ବହୁ ଗୁଣରେ ବଢ଼ିଯିବ ।

ତେବେ ଆମ୍ଭେମାନେ ସତ୍ୟକୁ କିପରି ଉପଲବ୍ଧ କରି ପାରିବା ? ପବିତ୍ର ବାଇବଲରେ ଯେଉଁ ସତ୍ୟ ପ୍ରକାଶିତ ହୋଇଛି, ତାହା ବୁଝିବା ଦ୍ୱାରା



ଏହା ସମ୍ଭବ ହୋଇପାରିବ । ବିଶେଷତଃ, ସ୍ୱୟଂ ସତ୍ୟର ପ୍ରତୀକ ଯେ ଯୀଶୁ ଖ୍ରୀଷ୍ଟ, ତାହାଙ୍କୁ ଜାଣି, ତାହାଙ୍କ ନିକଟରେ ଆମ୍ଭମାନଙ୍କର ଜୀବନ ଓ ହୃଦୟ ଉନ୍ମୁକ୍ତ କରି, ତାହାଙ୍କୁ ଆମ୍ଭମାନଙ୍କର ପ୍ରଭୁ ଗୁରୁ ଓ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରି ତାହାଙ୍କଠାରେ ବିଶ୍ୱାସ ସ୍ଥାପନ କରି ଓ ତାହାଙ୍କର ବାକ୍ୟ ପାଳନ କରି ଆମ୍ଭେମାନେ ସତ୍ୟ ଉପଲବ୍ଧି କରି ପାରିବା ।

*'ତା'ହେଲେ ତୁମ୍ଭେମାନେ ସତ୍ୟ ଜାଣିବ ଏବଂ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତି ଦେବ'* (ଯୋହନ ୮:୩୨) । *'କେହି ଯଦି ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବ୍ରତୀ ହୁଏ, ତେବେ ମୋର ଶିକ୍ଷା ଈଶ୍ୱରଙ୍କଠାରୁ ଆଗତ କିମ୍ବା ମୁଁ ମୋ' ନିଜ ମନରୁ କହେ, ତାହା ସେ ଜାଣି ପାରିବ'* (ଯୋହନ ୭:୧୭) ।

# ୯ ସମସ୍ତ ପଥ କ'ଣ ସମାନ ?

'ପ୍ରତ୍ୟେକ ଧର୍ମ ଅଳ୍ପ ବହୁତେ ଏକପ୍ରକାର ଶିକ୍ଷା ଦେଇଥା'ନ୍ତି ଏବଂ ପ୍ରତ୍ୟେକ ଧର୍ମ ଅଳ୍ପ ବହୁତେ ସତ୍ୟ' । 'ଈଶ୍ୱରଙ୍କ ନିକଟକୁ ଅନେକ ପଥ ରହିଛି' । 'କିଏ କେଉଁ ପଥ ଗ୍ରହଣ କରିବ, ସେଥିରେ କିଛି ଯାଏ ଆସେନା, କାରଣ ସବୁ ପଥ ଏକ ଲକ୍ଷ୍ୟ ସ୍ଥଳରେ ଶେଷ ହୋଇଛି' । 'ଯୀଶୁ ଖ୍ରୀଷ୍ଟ ଈଶ୍ୱରଙ୍କଠାରୁ ଆଗତ ଜଣେ ମହାନ ଗୁରୁ' । ଏହା ଅବଶ୍ୟ ସତ୍ୟ, କିନ୍ତୁ ତାହାଙ୍କ ପରି ଆହୁରି ଅନେକ ମହାନ ଗୁରୁ ମଧ୍ୟ ରହିଛନ୍ତି ଏବଂ ଯୀଶୁ ଯେଉଁସବୁ ଶିକ୍ଷା ଦେଇଥିଲେ, ସେମାନେ ମଧ୍ୟ ଅଳ୍ପ ବହୁତେ ସେହି ଶିକ୍ଷା ଦେଇଥିଲେ ।' ଏହି ଉକ୍ତି ମଧ୍ୟରେ ବହୁ ସ୍ୱୀକୃତ ମତ ବ୍ୟକ୍ତ କରାଯାଇଛି ଏବଂ ବାହ୍ୟିକଭାବେ ଏସବୁ ମତ ପରୀକ୍ଷା କଲେ ଦେଖାଯିବ ଯେ, ସେଗୁଡ଼ିକ ଅତି ଉଦାର ଓ ନ୍ୟାୟସଙ୍ଗତ ମତ ।

### ଆମ୍ଭେମାନେ ଉଦାର ଭାବାପନ୍ନ ହେଉ

ଧର୍ମ ସଂକ୍ରାନ୍ତରେ ଉଦାରତା ବାସ୍ତବିକ୍ ମନୁଷ୍ୟର କାମ୍ୟ । ଠିକ୍ ଧର୍ମ ବିପକ୍ଷରେ ତାଡ଼ନା ଯେପରି ସମସ୍ତଙ୍କ ପକ୍ଷରେ ଘୃଣ୍ୟ, ଆମ୍ଭମାନଙ୍କ ଧର୍ମଠାରୁ ଅନ୍ୟମାନଙ୍କର ଧର୍ମ ଭିନ୍ନ ହୋଇଥିବାରୁ, 'ସେମାନଙ୍କୁ ଅବଜ୍ଞା, ଲାଞ୍ଛନା ଓ ତାଡ଼ନା କରିବାକୁ ହେବ' ଏପରି ମନୋବୃତ୍ତି ପ୍ରକୃତରେ ଅତି ଜଘନ୍ୟ । କିନ୍ତୁ ସମସ୍ତ ପଥ ଯେ ଈଶ୍ୱରଙ୍କ ନିକଟକୁ ଯାଇଛି ଏହା କହିବା ମଧ୍ୟ ପ୍ରକୃତ ଉଦାରତା ପ୍ରକାଶ କରେ ନାହିଁ ।

ଅନ୍ୟମାନେ ସ୍ୱାଧୀନ ଭାବରେ ସମସ୍ତ କିଛି ପରୀକ୍ଷା କରି ନିଜ ନିଜ ନିମନ୍ତେ ସ୍ଥିର କରନ୍ତୁ, ସେମାନେ କ'ଣ ବିଶ୍ୱାସ କରିବେ । ପ୍ରଧାନ ବିଷୟ ହେଲା ସତ୍ୟ, ତେଣୁ କ'ଣ ସତ୍ୟ ଓ କ'ଣ ମିଥ୍ୟା, ସେଥିନିମନ୍ତେ ଅନ୍ୟର ଦୃଢ଼ ଧାରଣା ଜନ୍ମାଇବା ନିମନ୍ତେ ଅଯଥା ଶକ୍ତି ଓ ବଳ ପ୍ରୟୋଗ ଉଚିତ୍ ନୁହେଁ । କୌଣସି ଧର୍ମ ବିଷୟରେ ପୂର୍ବରୁ ବିଚାର ନ କରି ଓ ଘୃଣାଭାବ



ମନରେ ସ୍ଥାନ ନ ଦେଇ, ପ୍ରତ୍ୟେକ ନୀତିକୁ ଯତ୍ନର ସହିତ ଓ ଧୀର ସ୍ଥିର ଭାବରେ ବିଚାର କରିବା ଆମ୍ଭମାନଙ୍କର ଉଚିତ୍ । ସେ କାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କଠାରୁ ଶକ୍ତି ଭିକ୍ଷା କରିବା ମଧ୍ୟ ପ୍ରୟୋଜନ ।

ତେଣୁ ଆସନ୍ତୁ, ମୁକ୍ତ ମନ ଓ ସନ୍ଧାନକାରୀ ହୃଦୟ ସହାୟତାରେ ଏହି ଅଧ୍ୟାୟର ପ୍ରାରମ୍ଭିକ ଉକ୍ତିଗୁଡ଼ିକୁ ପରୀକ୍ଷା କରୁ ଏବଂ ଦେଖୁ, ସେଗୁଡ଼ିକ ସତ୍ୟ କି ନୁହେଁ । ଯଦି ସେଗୁଡ଼ିକ ସତ୍ୟ ହୋଇଥାଏ, ତେବେ ଆମ୍ଭମାନଙ୍କୁ ତାହା ଜାଣିବାକୁ ପଡ଼ିବ, ଯଦି ସତ୍ୟ ହୋଇ ନ ଥାଏ, ତାହା ମଧ୍ୟ ଜାଣିବାକୁ ପଡ଼ିବ । କେବଳ ଉଦାରତାର ଦ୍ୱାହି ଦେଇ, ସତ୍ୟର ସନ୍ଧାନରୁ ନିବୃତ୍ତ ହେବା ଆମ୍ଭମାନଙ୍କ ପକ୍ଷରେ ଉଚିତ୍ ହେବ ନାହିଁ । ଅନ୍ୟମାନଙ୍କ ଚିନ୍ତାଧାରା ପ୍ରତି ଉଦାରତା ପ୍ରଦର୍ଶନ ନୁହେଁ, ମାତ୍ର ପ୍ରକୃତ ସତ୍ୟ କ'ଣ, ତାହାର ସନ୍ଧାନ, ଆମ୍ଭମାନଙ୍କର ପ୍ରଧାନ ଲକ୍ଷ୍ୟ ।

ଏହି ଅଧ୍ୟାୟର ଆରମ୍ଭରେ ଥିବା ଉକ୍ତିଗୁଡ଼ିକ ନ୍ୟାୟସଙ୍ଗତ ମନେ ହୁଏ । କେହି ହୁଏତ କହି ପାରନ୍ତି, ''ହାଇଦ୍ରାବାଦରୁ ନୂଆଦିଲ୍ଲୀ ଯିବା ନିମନ୍ତେ ତ ଅନେକ ପଥ ରହିଛି । ଜଣେ ଉଡ଼ାଜାହାଜ ବା ମୋଟରଗାଡ଼ି ଯୋଗେ ଯାଇପାରେ । ଚାହିଁଲେ କେହି ବଳଦଗାଡ଼ିରେ ବା ବା ଚାଲି ଚାଲି ଯାଇପାରେ । କେହି ଜଣେ ନାଗପୁର ମଧ୍ୟଦେଇ ବା ବମ୍ବେ ମଧ୍ୟଦେଇ ଯାଇପାରେ ବା ଏହି ଉଭୟ ସ୍ଥାନକୁ ବାଦ୍ ମଧ୍ୟ ଦେଇପାରେ । ଏ ବିଷୟ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭର କରେ । ଗୋଟିଏ ପଥର ଦୂରତ୍ୱ କମ୍ ହୋଇପାରେ ବା ଅନ୍ୟ ପଥଠାରୁ ସୁବିଧାଜନକ ହୋଇପାରେ । କିନ୍ତୁ ପ୍ରତ୍ୟେକଙ୍କ ନିମନ୍ତେ କୌଣସି ଗୋଟିଏ ପଥ ନିଶ୍ଚୟ ରହିଛି । ଧର୍ମ ସଂକ୍ରାନ୍ତରେ ମଧ୍ୟ ଠିକ୍ ସେହିପରି । ପ୍ରତ୍ୟେକ ପଥ, ଶେଷରେ ଈଶ୍ୱରଙ୍କ ନିକଟରେ ପହଞ୍ଚିଛି ।''

ନୂଆଦିଲ୍ଲୀକୁ ଯାତ୍ରା ବିଷୟରେ ଏ କଥା ସମ୍ପୂର୍ଣ୍ଣ ସତ୍ୟ, ଅବଶ୍ୟ କେହି ଜଣେ ଯଦି ଉତ୍ତର ଆଡ଼କୁ ପିଠି କରି କମୋରୀନ୍ ଅନ୍ତରୀପ ଦିଗରେ ଯାତ୍ରା ନ କରେ । ସେପରି କଲେ, ଶେଷରେ ସେ ହୁଏତ ସମୁଦ୍ରରେ ପଡ଼ି ବୁଡ଼ି ମରିବ । କିନ୍ତୁ ନୂଆଦିଲ୍ଲୀ ତ ସ୍ୱର୍ଗ ନୁହେଁ । ଏହା ମନୁଷ୍ୟ ହାତ ତିଆରି ଏବଂ ସେଥି ସଙ୍ଗେ ସଂଯୁକ୍ତ ସମସ୍ତ ପଥ ମନୁଷ୍ୟ ଦ୍ୱାରା ପ୍ରସ୍ତୁତ । ତେଣୁ ସେସବୁ

ପଥ ପ୍ରସ୍ତୁତ କରିବା ଦିଗରେ ମନୁଷ୍ୟ ସେମାନଙ୍କର ମନ ଖୁସିରେ ଯାହା ଇଚ୍ଛା ତାହା କରି ପାରିଛନ୍ତି ।

ପୃଥିବୀ ବାହାରେ କୌଣସି ଗୋଟିଏ ସ୍ଥାନ ବିଷୟରେ ଚିନ୍ତା କରୁ । ଧରନ୍ତୁ ଚନ୍ଦ୍ର । ଚନ୍ଦ୍ରରେ ପହଞ୍ଚିବା ନିମନ୍ତେ ଆମ୍ଭେମାନେ ନାଗପୁର ବା ବମ୍ବେ ମଧ୍ୟଦେଇ ଯାଇପାରିବା ନାହିଁ, କାରଣ ସେ ସ୍ଥାନକୁ ରେଳ ଯୋଗାଯୋଗ ନାହିଁ, ବିମାନ ଯୋଗାଯୋଗ ନାହିଁ, ରାସ୍ତା କି ଗୋରୁଗାଡ଼ି ବାଟ ନାହିଁ, ଏପରିକି ଚଲା ବାଟ ମଧ୍ୟ ନାହିଁ । କେବଳ ଗୋଟିଏ ଉପାୟରେ ଚନ୍ଦ୍ରଲୋକକୁ ଯାଇ ହେବ ଏବଂ ତାହା ହେଲା ରକେଟ୍ ସାହାଯ୍ୟରେ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତିରୁ ନିଜକୁ ମୁକ୍ତ କରି ନେବା ନିମନ୍ତେ ରକେଟ୍‌ଟି ଯଥେଷ୍ଟ ଶକ୍ତିଶାଳୀ ହେବା ଦରକାର ଏବଂ ଏପରି ଭାବରେ ତାହାର ଗତିପଥକୁ ନିୟନ୍ତ୍ରଣ କରିବାକୁ ହେବ, ଯେପରି ତାହା ଅସୀମ ଶୂନ୍ୟରେ ହଜି ନ ଯାଏ ।

ଈଶ୍ୱରଙ୍କର ସ୍ୱର୍ଗ ଏହି ପୃଥିବୀ ବା ବିଶ୍ୱଜଗତର ନୁହେଁ । ଏହା ପ୍ରକୃତରେ କ'ଣ, ଏହା କେଉଁଠାରେ ଏବଂ ସେଠାକୁ କିପରି ଯିବାକୁ ହେବ, ମନୁଷ୍ୟ ସେ ବିଷୟରେ କିଛି ଜାଣେନା ।

ପ୍ରକୃତରେ କହିବାକୁ ଗଲେ ମନୁଷ୍ୟମାନେ ତା' ଆଡ଼କୁ ପିଠି କରି ଆଗକୁ ଚାଲିଛନ୍ତି ଏବଂ ନିଜର କଳ୍ପିତ ପଥରେ ଯେତେ ଅଗ୍ରସର ହେଉଛନ୍ତି, ସେମାନେ ସ୍ୱର୍ଗଠାରୁ ସେତିକି ଦୂରକୁ ଚାଲିଯାଉଛନ୍ତି । *'ମେଷମାନଙ୍କ ପରି ଆମେ ସମସ୍ତେ ବିପଥଗାମୀ ହୋଇଛୁ, ଆମେ ପ୍ରତ୍ୟେକେ ଯେ ଯାହାର ବାଟରେ ଚାଲିଛୁ ଏବଂ ପ୍ରଭୁ ଆମ ସମସ୍ତଙ୍କ ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଛନ୍ତି'* (ଯିଶାଇୟ ୫୩:୬) । ଆମ୍ଭମାନଙ୍କୁ ନିଶ୍ଚିତ ଭାବରେ ଏହା ଜାଣିବାକୁ ହେବ ଯେ, ସ୍ୱ-ନିର୍ବାଚିତ ପଥ ସାହାଯ୍ୟରେ କେହି ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବ ନାହିଁ । ପାପୀ ମନୁଷ୍ୟ, ନିଜର ପଥ ନିଜେ ସ୍ଥିର କରି ପବିତ୍ର ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବ କିପରି ? ଈଶ୍ୱରଙ୍କ ନିକଟକୁ ଯିବାକୁ ଚାହିଁଲେ, ଆମ୍ଭମାନଙ୍କୁ ତାହାଙ୍କ ପଥରେ ଅଗ୍ରସର ହେବାକୁ ପଡ଼ିବ । ନିଜେ ନିଜର ପଥ ସ୍ଥିର କରିବାକୁ ମନୁଷ୍ୟକୁ ଅଧିକାର ଦିଆଯାଇ ନାହିଁ । ଈଶ୍ୱର ସ୍ୱୟଂ ସ୍ୱର୍ଗ ପ୍ରସ୍ତୁତ କରିଅଛନ୍ତି, ତେଣୁ ତାହାଙ୍କ ନିକଟକୁ ଯିବା ନିମନ୍ତେ,



ତାହାଙ୍କ ପ୍ରସ୍ତୁତ ସେ ଯେଉଁ ପଥର ନିର୍ଦ୍ଦେଶ ଦେବେ, ଆମ୍ଭମାନଙ୍କୁ ସେହି ପଥରେ ହିଁ ଚାଲିବାକୁ ପଡ଼ିବ ।

ପୃଥିବୀରେ ପ୍ରଚଳିତ ଅନେକ ଧର୍ମ ସଂକ୍ରାନ୍ତୀୟ ପଥ ବିଷୟରେ ସାଧାରଣତଃ ଚାରୋଟି ମତ ରହିଛି । ପ୍ରଥମଟି ହେଲା, କୌଣସି ପଥ ଈଶ୍ୱରଙ୍କ ନିକଟକୁ ଯାଇନାହିଁ । ଦ୍ୱିତୀୟରେ, ସବୁ ପଥ ଈଶ୍ୱରଙ୍କ ନିକଟକୁ ଯାଇଛି । ତୃତୀୟରେ କେତେକ ପଥ ଈଶ୍ୱରଙ୍କ ନିକଟକୁ ଯାଇଛି ଏବଂ ଅନ୍ୟ କେତେକ ଯାଇନି । ଚତୁର୍ଥରେ ଈଶ୍ୱରଙ୍କ ନିକଟକୁ ପଥ କେବଳ ଗୋଟିଏ ।

ଏହି ମତଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ତାହା ସ୍ଥିର କରିବା କିପରି ? ଅଦୃଶ୍ୟ ଜଗତ ଓ ଈଶ୍ୱରଙ୍କ ମନକୁ ଯୁକ୍ତି ଦ୍ୱାରା ବିଶ୍ଳେଷଣ କରାଯାଇ ପାରିବ ନାହିଁ ବା ସେ ବିଷୟରେ ସ୍ୱୟଂ ଈଶ୍ୱରଙ୍କ ଧାରଣା କ'ଣ, ତାହା ଆମ୍ଭେମାନେ ଜାଣି ପାରିବା ନାହିଁ । ଏହାର ଉତ୍ତର ହେଲା, କେବଳ ଈଶ୍ୱର ପ୍ରକାଶ କଲେ ଆମ୍ଭେମାନେ ଏ ବିଷୟରେ ସତ୍ୟାସତ୍ୟ ଜାଣି ପାରିବୁ ।

ଧର୍ମ ବିଷୟରେ ଆମ୍ଭମାନଙ୍କ ପକ୍ଷରେ ପ୍ରୟୋଜନ ଈଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କ ଦ୍ୱାରା ପ୍ରକାଶିତ ସତ୍ୟ, ସେ କାହା ଦ୍ୱାରା ତାହାଙ୍କର ବାକ୍ୟ ପ୍ରକାଶ କରିଅଛନ୍ତି ଏବଂ କ'ଣ କହିଅଛନ୍ତି, ତାହା ଆବିଷ୍କାର କରିବା ଆମ୍ଭମାନଙ୍କର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍ । ଈଶ୍ୱରଙ୍କ ନିକଟକୁ ଯଦି ଗୋଟିଏମାତ୍ର ପଥ ଥାଏ, ତେବେ ସେହି ପଥର ସନ୍ଧାନ ପାଇବା ନିମନ୍ତେ ଆମ୍ଭମାନଙ୍କୁ ଅତି ଯତ୍ନର ସହିତ ଉଦ୍ୟମ କରିବାକୁ ହେବ । ସେଥି ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟରେ ନିବେଦନ କରିବାକୁ ହେବ, ସେ ଯେପରି ଆମ୍ଭମାନଙ୍କୁ ପ୍ରକୃତ ପଥ ଦେଖାନ୍ତି ଏବଂ ଆମ୍ଭେମାନେ ଯେପରି ପ୍ରତାରିତ ନ ହେବା ।

ଆମ୍ଭେମାନେ ଜାଣୁ ଯେ, ଯୀଶୁ ଖ୍ରୀଷ୍ଟ ଈଶ୍ୱରଙ୍କଠାରୁ ଆଗତ ଶିକ୍ଷା ଗୁରୁ । ସମସ୍ତ ସାକ୍ଷ୍ୟ ପ୍ରମାଣ ଏହା ପ୍ରକାଶ କରେ । ତାହାଙ୍କ ମଧ୍ୟରେ ଆମ୍ଭେମାନେ ଈଶ୍ୱରଙ୍କର ମହାନ୍ ପ୍ରକାଶ ଲକ୍ଷ୍ୟ କରୁ । କିନ୍ତୁ କେହି ହୁଏତ କହି ପାରନ୍ତି, 'ଈଶ୍ୱର ଅନ୍ୟମାନଙ୍କ ମୁଖରେ ମଧ୍ୟ ତାହାଙ୍କର ବାକ୍ୟ ପ୍ରକାଶ କରିଅଛନ୍ତି ଏବଂ ବିଭିନ୍ନ ଧର୍ମଶାସ୍ତ୍ର ଓ ବହୁ ବିଶିଷ୍ଟ ଧର୍ମଗୁରୁମାନଙ୍କ ଶିକ୍ଷା ମାଧ୍ୟମରେ ତାହାଙ୍କର ସେହି ପଥ ପ୍ରକାଶ କରିଅଛନ୍ତି । ବାଇବଲ, କୋରାନ୍ ଓ ଭଗବତ୍

ଗୀତା ମଧ୍ୟରେ ସାମାନ୍ୟ କେତେକ ପାର୍ଥକ୍ୟ ରହିଛି ସତ, କିନ୍ତୁ ମୁଖ୍ୟତଃ ସେଗୁଡ଼ିକର ଶିକ୍ଷା ପ୍ରାୟ ସମାନ ।' ବହୁ ଲୋକଙ୍କର ଏହି ମତ ।

କିନ୍ତୁ ବହୁ ଲୋକଙ୍କର ମତ ହୋଇଥିବାରୁ ତାହା ଯେ ସତ, ତାହା ମଧ୍ୟ ହୋଇପାରେନା । କିନ୍ତୁ ସତ୍ୟର ବିଚାର କରିବାକୁ ଯାଇ କୌଣସି ଗୋଟିଏ ମତକୁ ବାହ୍ୟିକ ଦୃଷ୍ଟିରେ ନ ଦେଖି, ଆମ୍ଭମାନଙ୍କୁ ତାହା ସାବଧାନତାର ସହିତ ପରୀକ୍ଷା କରିବାକୁ ହେବ । ଅବଶ୍ୟ ଏହା ସତ୍ୟ ଯେ, କେତେକ ବିଷୟରେ ସବୁ ଧର୍ମଶାସ୍ତ୍ରର ମତ ସମାନ । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକରେ, ଈଶ୍ୱର ଏକ, ଭଲ ଓ ମନ୍ଦ ଏବଂ ମୁକ୍ତି ବା ପରିତ୍ରାଣ ବିଷୟରେ ଉଲ୍ଲେଖ ରହିଛି । ତାହାଛଡ଼ା ପ୍ରତ୍ୟେକ ଧର୍ମଶାସ୍ତ୍ରରେ କୌଣସି ନା କୌଣସି ନୀତି ନିୟମର ଉଲ୍ଲେଖ ରହିଛି । ସେଗୁଡ଼ିକ ସମାନ ବିଷୟର ଆଲୋଚନା କରୁଥିବାରୁ ବହୁ ସ୍ଥଳରେ ସେମାନଙ୍କର ଭାଷାରେ ଓ ପ୍ରକାଶ ଭଙ୍ଗୀରେ ସାମଞ୍ଜସ୍ୟ ରହିଥାଏ । କିନ୍ତୁ କେବଳ କେତେକ ବିଷୟରେ ସେଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ରହିଥିବାରୁ ପ୍ରତ୍ୟେକେ ଯେ ଈଶ୍ୱରଙ୍କୁ ସମାନ ରୂପରେ ପ୍ରକାଶ କରୁଅଛନ୍ତି ବା ପରିତ୍ରାଣର ସମାନ ପଥ ପ୍ରଦର୍ଶନ କରୁଛନ୍ତି, ଏକଥା କହିବା ମଧ୍ୟ ଠିକ୍ ହେବ ନାହିଁ ।

ପ୍ରଥମ ଅଧ୍ୟାୟରେ ଆମ୍ଭେମାନେ ଦେଖି ପାରିଛୁ ଯେ, ଭାରତୀୟ ବିଭିନ୍ନ ଦର୍ଶନତତ୍ତ୍ୱ ସଂସ୍ଥା, କେତେକ ମୌଳିକ ବିଷୟରେ ପରସ୍ପର ବିରୋଧୀ ମତ ପୋଷଣ କରନ୍ତି । ପୃଥିବୀର ସମସ୍ତ ଧର୍ମଶାସ୍ତ୍ର ପରୀକ୍ଷା କଲେ ଆମ୍ଭେମାନେ ସେହିପରି ମୌଳିକ ପାର୍ଥକ୍ୟ ଲକ୍ଷ୍ୟ କରି ପାରିବୁ ।

ଏ ବିଷୟରେ କେତେକ ଉଦାହରଣ ଦେବା କଷ୍ଟକର ହେବ ନାହିଁ । ଆସନ୍ତୁ ଏଗୁଡ଼ିକ ମଧ୍ୟରୁ କେତୋଟି ପାର୍ଥକ୍ୟ ପରୀକ୍ଷା କରି ଦେଖୁ । ସେହି ପରୀକ୍ଷାରୁ ଆମ୍ଭେମାନେ ଯାହା ଦେଖିପାରିବା, ତାହା କାହାରି ବ୍ୟକ୍ତିଗତ ମତ ନୁହେଁ । କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏହି ଶାସ୍ତ୍ରଗୁଡ଼ିକ ଯେଉଁ ଶିକ୍ଷା ଦିଏ, ଏଠାରେ କେବଳ ସେହି ଶିକ୍ଷାଗୁଡ଼ିକର ଅବତାରଣା କରାଯାଉ ।

## ବାଇବଲ ଓ କୋରାନ୍

ବାଇବଲର ମତ ଯେ ଯୀଶୁ ଖ୍ରୀଷ୍ଟ, ଈଶ୍ୱରଙ୍କର ପୁତ୍ର । କୋରାନ୍ ଏହା ନାସ୍ତି କରେ ।



ମହମ୍ମଦ ଅତି ସ୍ପଷ୍ଟ ଭାବରେ କହିଥିଲେ ଯେ, ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ନୁହନ୍ତି । ଈଶ୍ୱରଙ୍କର କୌଣସି ସଙ୍ଗିନୀ ନ ଥିବା ସ୍ଥଳେ ସେ କିପରି ପୁତ୍ର ଲାଭ କଲେ ? (Chapter of Cattle) । ସେ କହିଥିଲେ ଯେ, ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ରୀଷ୍ଟିୟାନମାନେ ଯାହା କହନ୍ତି ତାହା ମିଥ୍ୟା ଏବଂ ଈଶ୍ୱରଙ୍କର ସେମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଉଚିତ୍ (Chapter of Repentance) । ସେ କହନ୍ତି ଯେ, ଖ୍ରୀଷ୍ଟ କେବଳ ଜଣେ ଭାବବାଦୀ (Chapter of the Table) ।

ତେଣୁ ଖ୍ରୀଷ୍ଟିୟାନ ଧର୍ମର ମୂଳତତ୍ତ୍ୱ ବିଷୟରେ ବାଇବଲରେ ଯାହା ଉଲ୍ଲେଖ ରହିଛି, କୋରାନ୍ ଠିକ୍ ତା'ର ବିପରୀତ ଶିକ୍ଷା ଦିଏ । ବାଇବଲରେ ଥରକୁ ଥର ଉଲ୍ଲେଖ ରହିଛି ଯେ, ଖ୍ରୀଷ୍ଟ, ଈଶ୍ୱରଙ୍କ ପୁତ୍ର, କୋରାନ୍ କିନ୍ତୁ ଥରକୁ ଥର କହେ ଯେ, ସେ ତାହା ନୁହନ୍ତି । ଈଶ୍ୱର କ'ଣ ବାଇବଲରେ ଗୋଟିଏ କଥା ଓ କୋରାନ୍‌ରେ ଠିକ୍ ତା'ର ବିପରୀତ କଥା ପ୍ରକାଶ କରିଅଛନ୍ତି ? ଈଶ୍ୱରଙ୍କର ପୁତ୍ର ବୋଲି କହି ସେ ଯେଉଁ ଖ୍ରୀଷ୍ଟଙ୍କୁ ପୃଥିବୀକୁ ପଠାଇଲେ, ସେ କ'ଣ ମହମ୍ମଦଙ୍କୁ କହିଲେ ଯେ ସେ ଖ୍ରୀଷ୍ଟ, ତାହାଙ୍କର ପୁତ୍ର ନୁହନ୍ତି ?

କ୍ରୁଶରେ ଖ୍ରୀଷ୍ଟଙ୍କର ମୃତ୍ୟୁଭୋଗ ସମ୍ବନ୍ଧରେ ଏହିପରି ବିପରୀତ ମତ ଲକ୍ଷ୍ୟ କରୁ । ବାଇବଲର ଶିକ୍ଷା ଅନୁସାରେ, କ୍ରୁଶ, ଈଶ୍ୱରଙ୍କ ଲୋକମାନଙ୍କର ଗୌରବ, ତାହାଙ୍କଠାରୁ ମନୁଷ୍ୟକୁ ପୃଥକ ରଖେ ଯେଉଁ ପାପ, କ୍ରୁଶ ତାହାର ଧ୍ୱଂସସାଧକ ଏବଂ ଆମ୍ଭମାନଙ୍କର ଏକମାତ୍ର ଆଶାଭରସା । ଅପରପକ୍ଷେ କୋରାନ୍ କ୍ରୁଶ ଉପରେ ଗୁରୁତ୍ୱ ଯେ ଆରୋପ କରେ ନାହିଁ ତାହା ନୁହେଁ କିନ୍ତୁ ଖ୍ରୀଷ୍ଟ ଯେ କ୍ରୁଶରେ ମୃତ୍ୟୁବରଣ କରିଅଛନ୍ତି, ସେ ବିଷୟରେ କୋରାନ୍ ସନ୍ଦେହ ପ୍ରକାଶ କରେ ଏବଂ ବହୁ ମୁସଲମାନ ବିଶ୍ୱାସ କରନ୍ତି ଯେ, ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶରେ ମୃତ୍ୟୁଭୋଗ ମିଥ୍ୟା । କାରଣ କୋରାନ୍‌ର (Chapter of women) ସୁରାରେ ଯେପରି ଉଲ୍ଲେଖ ରହିଛି, ସେଥିରୁ ମନେହୁଏ ଯେ, ଯୀଶୁଙ୍କୁ ହତ୍ୟା କରାଯାଇ ନ ଥିଲା ବା ସେ କ୍ରୁଶାର୍ପିତ ହୋଇ ନ ଥିଲେ । ଏହାର ଅର୍ଥକୁ ଭିନ୍ନ ଭାବରେ ବିଶ୍ଳେଷଣ କରି ଯଦିବା କ୍ରୁଶରେ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ସତ୍ୟ ବୋଲି ସ୍ୱୀକାର କରାଯାଏ, ତେବେ ସୁଦ୍ଧା କୋରାନ୍

ଯେ କ୍ରୁଶର ଗୌରବ ସ୍ୱୀକାର କରେ ନାହିଁ ଏବଂ ବାଇବଲ ପରି ଏହାକୁ ମନୁଷ୍ୟଜାତିର ଏକମାତ୍ର ଆଶା ଭରସା ରୂପେ ଗ୍ରହଣ କରେ ନାହିଁ, ତାହା କୋରାନ୍‌ରେ ସ୍ପଷ୍ଟଭାବେ ଲକ୍ଷ୍ୟ କରାଯାଏ । କୋରାନ୍‌ର ଶିକ୍ଷା, ବାଇବଲ ଶିକ୍ଷାର ସମ୍ପୂର୍ଣ୍ଣ ବିପରୀତ ନୁହେଁ କି ?

ବାଇବଲ ଓ କୋରାନ୍‌ରେ ଅନ୍ୟାନ୍ୟ ବହୁ ବିଷୟରେ ମତ ପାର୍ଥକ୍ୟ ରହିଛି ଏବଂ ସେ ମତପାର୍ଥକ୍ୟ ଖ୍ରୀଷ୍ଟ ଧର୍ମ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ କେନ୍ଦ୍ର କରି । କୋରାନ୍‌ରେ ପରିତ୍ରାଣର ପଥ ହେଲା ମହମ୍ମଦ୍‌ଙ୍କ ନିର୍ଦ୍ଦେଶିତ ପଥ । ପ୍ରତ୍ୟେକଙ୍କୁ ଆଲ୍ଲା ଓ ତାଙ୍କ ପ୍ରେରିତ ମହମ୍ମଦଙ୍କଠାରେ ବିଶ୍ୱାସ ସ୍ଥାପନ କରିବାକୁ ହେବ ଏବଂ ସତ୍‌କର୍ମ କରିବାକୁ ପଡ଼ିବ, ତେବେ ଯାଇ ସେ ଉଦ୍ଧାର ପାଇବ । କୋରାନ୍‌ରେ ଉଲ୍ଲେଖ ରହିଛି ଯେ, ଯେ ମହମ୍ମଦଙ୍କ ଶିକ୍ଷାକୁ ବିଶ୍ୱାସ କରି ସତ୍‌କର୍ମ କରିବ ସେ ସ୍ୱର୍ଗରେ ପ୍ରବେଶ କରିବ । (Chapter of women) ।

କିନ୍ତୁ ବାଇବଲର ଶିକ୍ଷା ଅନୁସାରେ କେବଳ ସତ୍‌କର୍ମ କରି ଏବଂ ସେଥି ସଙ୍ଗେ ସଙ୍ଗେ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ତାହା ଅସ୍ୱୀକାର କରୁଥିବା କୌଣସି ବ୍ୟକ୍ତି କଥାରେ ବିଶ୍ୱାସ ସ୍ଥାପନ କରି ଆମ୍ଭେମାନେ କଦାପି ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବା ନାହିଁ । ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ କ୍ରୁଶ ଉପରେ ଈଶ୍ୱରଙ୍କ ପୁତ୍ରଙ୍କର ବଳିଦାନର ପ୍ରୟୋଜନ ଥିଲା ଏବଂ ପରିତ୍ରାଣ, ବିନାମୂଲ୍ୟରେ ଈଶ୍ୱରଙ୍କ ଅନୁଗ୍ରହ ଦାନ ।

ତେଣୁ ବହୁ ମୌଳିକ ବିଷୟରେ ବାଇବଲ ଓ କୋରାନ୍ ମଧ୍ୟରେ ବିରାଟ ପାର୍ଥକ୍ୟ ରହିଛି ଏବଂ ସେଥିମଧ୍ୟରୁ ଗୋଟିଏ ବିଶ୍ୱାସ କଲେ ଅନ୍ୟଟିକୁ ବର୍ଜନ କରିବାକୁ ହେବ । ଖ୍ରୀଷ୍ଟ, ଈଶ୍ୱରଙ୍କ ପୁତ୍ର ବା ନୁହନ୍ତି, ସେ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶରେ ମୃତ୍ୟୁଭୋଗ କରିଥିଲେ ବା କରି ନ ଥିଲେ, ତାହାଙ୍କର ମୃତ୍ୟୁ ଗୁରୁତ୍ୱପୂର୍ଣ୍ଣ ବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ସତ୍‌କର୍ମ ଦ୍ୱାରା ପରିତ୍ରାଣ ମିଳେ ବା ମିଳେ ନାହିଁ–ଏହି ଦୁଇ ଦୁଇଟି ମଧ୍ୟରୁ ଗୋଟିଏ ସ୍ୱୀକାର କଲେ ଅନ୍ୟ ମତଟିକୁ ବର୍ଜନ କରିବାକୁ ହେବ । ଆମ୍ଭମାନଙ୍କ ପକ୍ଷରେ ଉଦାର ହେବା ଓ ସେଥି ସଙ୍ଗେ ସଙ୍ଗେ ଦୟା ଓ ପ୍ରେମ ପ୍ରକାଶ କରିବା ନିତାନ୍ତ ପ୍ରୟୋଜନ,



କିନ୍ତୁ ଉଦାର ହୋଇ ଏହିପରି ପାର୍ଥକ୍ୟର ଯେ ଅସ୍ତିତ୍ୱ ନାହିଁ, ସେପରି ଛଳନା କରିବା ମଧ୍ୟ ଉଚିତ୍ ନୁହେଁ । ଯୀଶୁ ଆମ୍ଭମାନଙ୍କୁ ଦୟାଶୀଳ ହେବା ନିମନ୍ତେ ଶିକ୍ଷା ଦେଇଥିଲେ, ଅନ୍ଧ ହେବାକୁ ନୁହେଁ ।

## ବାଇବଲ, ଭଗବତ୍‌ଗୀତା ଓ ଉପନିଷଦ

ବାଇବଲକୁ, ଭଗବତ୍‌ଗୀତା ଓ ଉପନିଷଦ ସଙ୍ଗେ ତୁଳନା କରିବାକୁ ଯାଇ ଆମ୍ଭେମାନେ ବହୁ ମୌଳିକ ମତ-ପାର୍ଥକ୍ୟ ଲକ୍ଷ୍ୟ କରିଥାଉ । କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରତ୍ୟେକେ କ'ଣ ମତ ପ୍ରକାଶ କରନ୍ତି ତାହା ଲକ୍ଷ୍ୟ କରୁ । ବାଇବଲ ଅନୁସାରେ ଈଶ୍ୱର ବ୍ୟକ୍ତିତ୍ୱ ସମ୍ପନ୍ନ, ବିଶ୍ୱଜଗତର ସ୍ରଷ୍ଟା ଏବଂ ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ତାହାଙ୍କ ଦ୍ୱାରା ସୃଷ୍ଟ । ଈଶ୍ୱର ତାହାଙ୍କ ସୃଷ୍ଟିର ବହୁ ଉର୍ଦ୍ଧ୍ୱରେ ଏବଂ ତାହାଠାରୁ ସମ୍ପୂର୍ଣ୍ଣ ପୃଥକ୍ । ପ୍ରାଣୀମାନଙ୍କର ଜୀବନ ଏବଂ ମନୁଷ୍ୟର ଆତ୍ମା, ଈଶ୍ୱରଙ୍କ ଆତ୍ମା ସଙ୍ଗେ ସମାନ ନୁହେଁ । କିନ୍ତୁ ଭଗବତ୍‌ଗୀତା ଓ ଉପନିଷଦର ଏ ବିଷୟରେ ମତ ସମ୍ପୂର୍ଣ୍ଣ ଭିନ୍ନ ।

ଭଗବତ୍‌ଗୀତାରେ କୃଷ୍ଣ କହନ୍ତି, ପ୍ରକୃତିର ଆରମ୍ଭ ନାହିଁ (୧୩:୯) ପ୍ରତ୍ୟେକ ଜୀବ ହୃଦୟରେ, ଏପରିକି ଦୁରାଚାରୀ ହୃଦୟରେ ସେ ଆତ୍ମନ୍ ରୂପେ ବାସ କରନ୍ତି (୧୦:୨୦, ୧୫:୭, ୧୬:୧୮, ୧୭:୬, ୧୮:୬୧) ଏବଂ ସେ ଥରକୁ ଥର ଦୃଢ଼ ଭାବରେ କହନ୍ତି, ତାଙ୍କୁ ଉପଲବ୍ଧି କରିବା ଆମ୍ଭମାନଙ୍କର ଲକ୍ଷ୍ୟ ହେବା ଉଚିତ୍ (ଉଦାହରଣ ସ୍ୱରୂପେ ୧୩:୨୮,୩୦) ।

ଉପନିଷଦର ମଧ୍ୟ ମତ ଯେ ଈଶ୍ୱର ସମସ୍ତଙ୍କ ମଧ୍ୟରେ ରହିଛନ୍ତି । କଠୋପନିଷଦରେ ଉଲ୍ଲେଖ ରହିଛି ଯେ, ଅମର ଆତ୍ମନ୍ ପ୍ରତ୍ୟେକ ମନୁଷ୍ୟ, ଏପରିକି ଦେବତାମାନଙ୍କ ଅନ୍ତରରେ ମଧ୍ୟ ରହିଛନ୍ତି । ଈଶାରେ ଉଲ୍ଲେଖ ରହିଛି ଯେ, ପ୍ରତ୍ୟେକ ଜୀବଠାରୁ ଉଦ୍‌ଭାସିତ ଏକମାତ୍ର ଜୀବନ ହେଉଛନ୍ତି ପ୍ରଭୁ । ବାଇବଲର ମତ ଅନୁସାରେ ଈଶ୍ୱର କେବଳ ଏକମାତ୍ର–ପିତା, ପୁତ୍ର ଓ ପବିତ୍ରାତ୍ମାଙ୍କ ପରିପୂର୍ଣ୍ଣ ଅଭିନ୍ନ ମିଳନ । ଅନ୍ୟ ସମସ୍ତ ଦେବଦେବୀ ମିଥ୍ୟା ଓ ବର୍ଜନୀୟ । ଦେବପୂଜା ଏକ ମାରାତ୍ମକ ପାପ । ଈଶ୍ୱରଙ୍କ ନିୟମର ପ୍ରଥମ ଆଜ୍ଞା ହେଲା, *'ତୁମେ ମୋ' ବ୍ୟତୀତ କୌଣସି ଦେବତାକୁ (ଈଶ୍ୱର ବୋଲି) ସ୍ୱୀକାର କରିବ ନାହିଁ । ତୁମେ ନିଜ ନିମନ୍ତେ କୌଣସି ପ୍ରତିମା ଗଢ଼ିବ ନାହିଁ–*

*ଊର୍ଦ୍ଧ୍ୱସ୍ଥ ସ୍ୱର୍ଗରେ କି ନିମ୍ନସ୍ଥ ପୃଥିବୀରେ କି ନୀଚସ୍ଥ ଜଳ ମଧ୍ୟରେ ଥିବା କାହାରି ସାଦୃଶ୍ୟରେ ମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମେ ସେହି ସବୁକୁ ପ୍ରଣାମ କି ପୂଜା କରିବ ନାହିଁ । କାରଣ ମୁଁ ପ୍ରଭୁ, ତୁମର ଈଶ୍ୱର ସର୍ବାନ୍ତଃକରଣ ପ୍ରେମଭକ୍ତି ଈଶ୍ୱର'* (ଯାତ୍ରା ୨୦:୩–୫) । ଏହା ବାଇବଲରେ ଥରକୁ ଥର ଦୃଢ଼ ଭାବରେ ଉଲ୍ଲେଖ କରାଯାଇଛି ।

*'ତୁମେମାନେ ଅନ୍ୟ କୌଣସି ଦେବତାକୁ ପୂଜା କରିବ ନାହିଁ । କାରଣ ପ୍ରଭୁଙ୍କର ନାମ 'ସର୍ବାନ୍ତଃକରଣ ପ୍ରେମ ଭକ୍ତିଭାଜନ', ତେଣୁ ତୁମର ସର୍ବାନ୍ତଃକରଣ ପ୍ରେମଭକ୍ତି ଈଶ୍ୱରଙ୍କ ଦାବୀ'* (ଯାତ୍ରା ୩୪:୧୪) ।

*'କିନ୍ତୁ ତୁମେ ଯେବେ ତୁମର ପ୍ରଭୁ ଈଶ୍ୱରଙ୍କୁ ଭୁଲିଯାଅ, ଅନ୍ୟ ଦେବତାମାନଙ୍କ ଅନୁଗାମୀ ହୋଇ ସେମାନଙ୍କୁ ପୂଜା ଓ ପ୍ରଣାମ କର, ତେବେ ଆଜି ମୁଁ ସତର୍କ କରାଇ ଦେଉଛି ଯେ ତୁମେ ନିଶ୍ଚୟ ବିନଷ୍ଟ ହେବ'* (୨ ବିବରଣୀ ୮:୧୯) ।

*'ତୁମେ ତୁମ ଦେଶ ମଧ୍ୟରେ ପ୍ରତିମା ନିର୍ମାଣ କରିବ ନାହିଁ, କିମ୍ବା କୌଣସି ମୂର୍ତ୍ତି କି ପୂଜାସ୍ତମ୍ଭ ସ୍ଥାପନ କରିବ ନାହିଁ । ତୁମ୍ଭେମାନେ ଖୋଦିତ ପ୍ରସ୍ତରକୁ ପ୍ରଣାମ କରିବ ନାହିଁ । ମୁଁ ପ୍ରଭୁ, ତୁମ୍ଭମାନଙ୍କ ଈଶ୍ୱର'* (ଲେବୀୟ ୨୬:୧) ।

*'ଯେ କେହି ଖୋଦିତ ପ୍ରତିମା ବା ଢ଼ଳା ଧାତୁ ନିର୍ମିତ ମୂର୍ତ୍ତି ଗୋପନରେ ସ୍ଥାପନ କରି ପୂଜା କରେ, ସେ ଅଭିଶପ୍ତ । କାରଣ ସେଗୁଡ଼ିକ ଶିଳ୍ପୀର ହସ୍ତନିର୍ମିତ ଏବଂ ପ୍ରଭୁଙ୍କର ଘୃଣ୍ୟ ବିଷୟ'* (୨ ବିବରଣୀ ୨୭:୧୫) ।

*'ପ୍ରିୟ ସନ୍ତାନଗଣ, ପ୍ରତିମାମାନଙ୍କଠାରୁ ନିଜକୁ ଦୂରରେ ରଖ'* (୧ ଯୋହନ ୫:୨୧) ।

*'ନା, କିନ୍ତୁ ବିଧର୍ମୀ ଲୋକଙ୍କର ବଳିସବୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ ହୁଏ ନାହିଁ, ପ୍ରେତାତ୍ମାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ ହୁଏ ଏବଂ ତୁମ୍ଭେମାନେ ପ୍ରେତାତ୍ମାମାନଙ୍କ ସହ ଅଂଶ ଗ୍ରହଣ କର ବୋଲି ମୁଁ ଚାହେଁ ନାହିଁ'* (୧ କରିନ୍ଥୀୟ ୧୦:୨୦) ।

କୌଣସି ଦେବଦେବୀ, ପ୍ରତିମା, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ବା ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛିର ଉପାସନା କରିବା ନିମନ୍ତେ ସେ ସେମାନଙ୍କୁ ନିଷେଧ



କରିଥିଲେ । ସେ ଏ ସମସ୍ତର ଉପାସନାକୁ, 'କୁକର୍ମ ଓ ଘୃଣ୍ୟ କର୍ମ' ବୋଲି ବ୍ୟକ୍ତ କରିଛନ୍ତି (୨ ବିବରଣୀ ୧୭:୨–୫) । ବାଇବଲର ମତ ଅନୁସାରେ କୌଣସି ପ୍ରକାର ପ୍ରତିମା ପୂଜାର କ୍ଷମା ନାହିଁ । ପ୍ରତିମା ପୂଜା ଈଶ୍ୱରଙ୍କ ଦୃଷ୍ଟିରେ ଘୃଣ୍ୟ ଏବଂ ଯେଉଁ ଜାତି ତାହା କରେ ସେ ବିନଷ୍ଟ ହୁଏ ।

ଈଶ୍ୱର କହନ୍ତି, ମନୁଷ୍ୟମାନେ ଦେବପୂଜା କଲେ ସେ ତାଙ୍କୁ ପରିତ୍ୟାଗ କରନ୍ତି ଏବଂ ସେଥିନିମନ୍ତେ ସେ ସେମାନଙ୍କର ବିଚାର କରିବେ । *'ମୋର ଲୋକମାନେ ମୋତେ ପରିତ୍ୟାଗ କରିବା ଦ୍ୱାରା, ନାନା ଦେବଦେବୀଙ୍କ ଉଦ୍ଦେଶ୍ୟରେ ଧୂପ ଜାଳିବା ଦ୍ୱାରା ଓ ସ୍ୱହସ୍ତ ନିର୍ମିତ ପ୍ରତିମାଗୁଡ଼ିକୁ ପୂଜା କରିବା ଦ୍ୱାରା ଯେଉଁ ସବୁ ଦୁଷ୍କର୍ମ କରିଛନ୍ତି, ସେଥିପାଇଁ ମୁଁ ସେମାନଙ୍କର ଦଣ୍ଡବିଧାନ କରିବି'* (ଯିରିମିୟ ୧:୧୬) ।

ପ୍ରକୃତରେ କହିବାକୁ ଗଲେ, ଦେବଦେବୀ ବା ପ୍ରତିମା ପୂଜାକୁ ଈଶ୍ୱର ମନୁଷ୍ୟର ସବୁଠାରୁ ଜଘନ୍ୟ ପାପ ରୂପେ ଦେଖନ୍ତି ଏବଂ କହନ୍ତି ଯେ ଆଗାମୀ ପୃଥିବୀରେ ସେଥିନିମନ୍ତେ ଦେବପୂଜକ ଦଣ୍ଡ ଭୋଗ କରିବେ । *'କିନ୍ତୁ ଯେଉଁମାନେ କାପୁରୁଷ, ଅବିଶ୍ୱାସୀ, ନୀଚପ୍ରକୃତିକ, ନରଘାତକ, ଯୌନ ଅସଦାଚାରୀ, ତନ୍ତ୍ରସାଧକ, ପ୍ରତିମାପୂଜକ ଏବଂ ସବୁ ମିଥ୍ୟାବାଦୀମାନେ–ଏମାନଙ୍କର ସ୍ଥାନ ରହିବ ଗନ୍ଧକ–ପ୍ରଜ୍ୱଳିତ ଅଗ୍ନିମୟ ହ୍ରଦରେ । ଏହା ହେଉଛି, ଦ୍ୱିତୀୟ ମୃତ୍ୟୁ'* (ପ୍ରକାଶିତ ୨୧:୮) ।

*'ଭ୍ରାନ୍ତ ହୁଅ ନାହିଁ– ଯୌନ ଅସଦାଚାରୀ, କି ପ୍ରତିମାପୂଜକ,...କିମ୍ବା ଚୋର, କି ଲୋଭୀ, କି ମଦ୍ୟପ, କି ନିନ୍ଦୁକ, କି ଜୁଆଚୋରମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ'* (୧ କରିନ୍ଥୀୟ ୬:୯,୧୦) ।

ଦେବ ପୂଜା କିପରି ଆରମ୍ଭ ହେଲା ଓ ଈଶ୍ୱରଙ୍କ ଦୃଷ୍ଟିରେ ତାହା କିପରି ଘୃଣିତ, ତାହା ବୁଝାଇ ପାଉଲ କହନ୍ତି, *'ସେମାନେ ନିଜ ନିଜକୁ ଜ୍ଞାନୀ ମନେ କଲେ ସୁଦ୍ଧା ଅଧମ ମୂର୍ଖ ହେଲେ । ପୁଣି, ସେମାନେ ଅମର ଈଶ୍ୱରଙ୍କୁ ଗୌରବ ଦେବା ପରିବର୍ତ୍ତେ ମରଣଶୀଳ ମନୁଷ୍ୟ, ପକ୍ଷୀ, ପଶୁ ଓ ସରୀସୃପାଦିର ପ୍ରତିମୂର୍ତ୍ତିକୁ ତାହା ଦେଲେ । ତେଣୁ ଈଶ୍ୱର ସେମାନଙ୍କ ହୃଦୟର କୁଅଭିଳାଷ ଅନୁସାରେ ଯୌନ ଅସଦାଚରଣରେ ଲିପ୍ତ ରହିବାକୁ ଛାଡ଼ିଦେଲେ, ଯଦ୍ଦ୍ୱାରା*

*ପରସ୍ପର ଦ୍ୱାରା ସେମାନଙ୍କ ଶରୀର କଳୁଷିତ ହେବ । ସେମାନେ ଈଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ଅସତ୍ୟ ଗ୍ରହଣ କଲେ ଏବଂ ସୃଷ୍ଟିକର୍ତ୍ତାଙ୍କ ପରିବର୍ତ୍ତେ ସୃଷ୍ଟ ବିଷୟଗୁଡ଼ିକର ପୂଜା ଓ ସେବା କଲେ, ସେହି ସୃଷ୍ଟିକର୍ତ୍ତା ଚିର ପ୍ରଶଂସାଭାଜନ । ଆମେନ୍'* (ରୋମୀୟ ୧:୨୨-୨୫) । ତେଣୁ ଯେକୌଣସି ଧର୍ମ ମତ ବା ଯେକୌଣସି ଧର୍ମ ମତର ପ୍ରଚାରକ, ପ୍ରତିମା ପୂଜା, ବହୁ ଦେବଦେବୀ ପୂଜା ବା ବିଭିନ୍ନ ପଶୁ ପକ୍ଷୀର ପୂଜାକୁ ସମର୍ଥନ କରନ୍ତି ବା ଉତ୍ସାହିତ କରନ୍ତି, ସେ ଯେ ବାଇବଲର ବିରୁଦ୍ଧାଚରଣ କରନ୍ତି ଓ ବାଇବଲର ମତଠାରୁ ତାଙ୍କର ମତ ଯେ ସମ୍ପୂର୍ଣ୍ଣ ଭିନ୍ନ, ସେ ବିଷୟରେ ଆଉ ପ୍ରଶ୍ନ ଉଠେନା ।

ଭଗବଦ୍‌ଗୀତାରେ କୃଷ୍ଣ କହନ୍ତି ଯେ, କେହି ଯଦି ଅନ୍ୟ କୌଣସି ଦେବତାର ପୂଜା କରେ, ସେ ସେହି ବ୍ୟକ୍ତିକୁ ବିଶ୍ୱାସ ଦାନ କରିବା ସଙ୍ଗେ ସଙ୍ଗେ ତା'ର କାମନା ମଧ୍ୟ ପୂର୍ଣ୍ଣ କରନ୍ତି (୭:୨୧,୨୨) । ଏପରିକି ଯେଉଁମାନେ ଅନ୍ୟ ଦେବତାର ପୂଜା କରି ତା' ଉଦ୍ଦେଶ୍ୟରେ ନୈବେଦ୍ୟ ଉତ୍ସର୍ଗ କରନ୍ତି, ସେମାନେ ପ୍ରକୃଷ୍ଟ ପ୍ରଣାଳୀରେ ନ କଲେ ମଧ୍ୟ ପ୍ରକୃତରେ କୃଷ୍ଣଙ୍କୁ ପୂଜା କରନ୍ତି (୯:୨୩) । ସେ କହନ୍ତି ଯେ, ସେ ଦେବତାମାନଙ୍କ ସୃଷ୍ଟିର ଉତ୍ସ (୧୦:୨) । ସେ ଏହା ମଧ୍ୟ ଇଙ୍ଗିତରେ ବ୍ୟକ୍ତ କରନ୍ତି ଯେ, ଦେବତାମାନେ ତାଙ୍କ ଅସଂଖ୍ୟ ମୁଖର ପ୍ରତୀକ (୯:୧୫) । ତାଙ୍କ ଦ୍ୱାରା ସୃଷ୍ଟ ସୃଷ୍ଟିକର୍ତ୍ତା ପ୍ରଭୁ କହନ୍ତି, ଉତ୍ତମତା ଲାଭ କରିବା ନିମନ୍ତେ ମନୁଷ୍ୟମାନେ ଦେବତାମାନଙ୍କୁ ସମ୍ମାନ ଓ ସନ୍ତୁଷ୍ଟ କରିବେ (୩:୧୦-୧୨) । ସେ କହନ୍ତି ଯେ, ଯେଉଁମାନେ ଦେବତାମାନଙ୍କ ପୂଜା କରିବେ, ସେମାନେ ଦେବତାମାନଙ୍କ ନିକଟକୁ, ଅର୍ଥାତ୍ ଦେବତାମାନଙ୍କର ସ୍ୱର୍ଗଲୋକକୁ ଯିବେ । କିନ୍ତୁ ବାଇବଲର ମତ ଅନୁସାରେ ପରମ ଓ ଚିରସ୍ଥାୟୀ ଈଶ୍ୱରଙ୍କ ପୂଜା ବ୍ୟତୀତ, ଯେ ଅନ୍ୟ ଦେବତାର ପୂଜା କରେ, ତା' ପାଇଁ କୌଣସି ପ୍ରକାର ସ୍ୱର୍ଗ ନାହିଁ ଏବଂ ସେ ସେଥିପାଇଁ ଈଶ୍ୱରଙ୍କ ଦ୍ୱାରା ବିଚାରିତ ହେବ ।

ଦଶମ ପର୍ବରେ କୃଷ୍ଣ କହନ୍ତି, ସେ ସମସ୍ତ ବିଷୟ ମଧ୍ୟରେ ରହିଛନ୍ତି । କେବଳ ସେତିକି ନୁହେଁ, ବିଭିନ୍ନ ଉଦାହରଣ ଛଳରେ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି ଯେ, ସମସ୍ତ ବିଷୟ ହିଁ ତାଙ୍କର ପ୍ରକାଶ । ସେ ସୂର୍ଯ୍ୟ, ଚନ୍ଦ୍ର,



ରାକ୍ଷସମାନଙ୍କର ରାଜା, ବହୁ ମନୁଷ୍ୟ ଓ ପଶୁମାନଙ୍କର ରାଜା, ମତ୍ସ୍ୟ, ପ୍ରତାରକମାନଙ୍କର, ଏପରିକି ସର୍ପମାନଙ୍କର ଅଧିପତି ଓ ସେ ସ୍ୱୟଂ ମୃତ୍ୟୁ । ଏହିପରି ଅନେକ ଦେବତାମାନଙ୍କ ବିଷୟରେ ମଧ୍ୟ ସେ କହିଛନ୍ତି । ସେ କହନ୍ତି, ପ୍ରକୃତରେ ଏସମସ୍ତ ବିଷୟ ସେ ନିଜେ ଏବଂ ତାଙ୍କର ଅନନ୍ତ ପରିପ୍ରକାଶର ଏଗୁଡ଼ିକ ନିଦର୍ଶନ ମାତ୍ର । ଏକାଦଶ ପର୍ବରେ ଅର୍ଜୁନ କହନ୍ତି, ସେ କୃଷ୍ଣଙ୍କ ମଧ୍ୟରେ ସବୁ ଦେବତାଙ୍କର ଦର୍ଶନ ଲାଭ କରନ୍ତି ।

ଆମ୍ଭମାନଙ୍କୁ ଲକ୍ଷ୍ୟ କରିବାକୁ ହେବ ଯେ, ଈଶ୍ୱର ଯଦି ସମସ୍ତ କିଛି ଏବଂ ସେସମସ୍ତ ଈଶ୍ୱରଙ୍କର ପରିପ୍ରକାଶ, ତେବେ ଉତ୍ତମ ବିଷୟ ସଙ୍ଗେ ସଙ୍ଗେ ସମସ୍ତ ମନ୍ଦ କର୍ମ ଓ ଅସଦାଚରଣ ମଧ୍ୟ ତାହାର ଅନ୍ତର୍ଭୁକ୍ତ । ତେବେ ଈଶ୍ୱରଙ୍କ ପବିତ୍ରତାର ପରିଣତି କ'ଣ ?

ଆମ୍ଭମାନଙ୍କୁ ମଧ୍ୟ ଏହା ଲକ୍ଷ୍ୟ କରିବାକୁ ହେବ ଯେ, ଈଶ୍ୱରଙ୍କର ସମ୍ପୂର୍ଣ୍ଣ ଚିତ୍ର, ମନୁଷ୍ୟ ସଙ୍ଗେ, ସୃଷ୍ଟି ସଙ୍ଗେ ଏବଂ ଦେବତାମାନଙ୍କ ସଙ୍ଗେ ତାଙ୍କର ସମ୍ପର୍କ, ଭଗବଦ୍‌ଗୀତାର ଧାରଣାଠାରୁ ବାଇବଲରେ ସମ୍ପୂର୍ଣ୍ଣ ଭିନ୍ନ । ପ୍ରକୃତରେ କହିବାକୁ ଗଲେ, ଈଶ୍ୱରଙ୍କ ପ୍ରକୃତି ଓ ତାହାଙ୍କର ଆରାଧନା ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବାଇବଲ ଓ ଭଗବତ୍‌ଗୀତାର ମତ ମଧ୍ୟରେ ଯେ ସଂଘର୍ଷ ଉପୁଜେ ତାହା ଆଉ ବୁଝାଇବାକୁ ପଡ଼ିବ ନାହିଁ ଏବଂ ବାଇବଲର ଖ୍ରୀଷ୍ଟ ଏବଂ ଗୀତାର ଶ୍ରୀକୃଷ୍ଣ ସମାନ ହୋଇ ପାରନ୍ତି ନାହିଁ ବା ସେମାନେ ଏକ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ନୁହନ୍ତି ।

ଯଦି ଈଶ୍ୱରଙ୍କ ପ୍ରେରଣାରୁ ଉଭୟ ଗ୍ରନ୍ଥର ସୃଷ୍ଟି ଏବଂ ପ୍ରତ୍ୟେକଟିରେ ତାଙ୍କର ସତ୍ୟ ପ୍ରକାଶିତ ହୋଇଛି, ତେବେ ସେ କ'ଣ ବାଇବଲରେ ଦେବ ପୂଜା ସମ୍ପୂର୍ଣ୍ଣଭାବେ ନିଷେଧ କରି, ପରେ ନିଜ ନୀତି ବଦଳାଇ, ଭଗବଦ୍‌ଗୀତାରେ ଦେବପୂଜାକୁ ଅନୁମୋଦନ କରିଥା'ନ୍ତେ ? ଏ କଥା କଳ୍ପନା କରି ହୁଏନା ।

ଉପନିଷଦ୍‌ଗୁଡ଼ିକ ମଧ୍ୟ ଏ ବିଷୟରେ ଭଗବତ୍‌ଗୀତା ସଙ୍ଗେ ଏକମତ । ତୈତିରୀୟ ଉପନିଷଦରେ ଉଲ୍ଲେଖ ରହିଛି ଯେ, ଯେଉଁମାନେ ଖାଦ୍ୟକୁ ବ୍ରହ୍ମନ୍ ରୂପେ ପୂଜା କରନ୍ତି, ସେମାନେ ସମସ୍ତ ପ୍ରକାର ପାର୍ଥିବ ବସ୍ତୁ ଲାଭ କରନ୍ତି,

ଯେଉଁ ବ୍ୟକ୍ତି ଜ୍ଞାନକୁ ବ୍ରହ୍ମନ୍ ରୂପେ ପୂଜା କରନ୍ତି, ସେ କଦାପି ଭ୍ରମରେ ପଡ଼ନ୍ତି ନାହିଁ । ବୃହଦରଣ୍ୟକରେ ଉଲ୍ଲେଖ ରହିଛି, ଦେବତାମାନଙ୍କର ଉଦ୍ଦେଶ୍ୟ ପ୍ରତି ଲକ୍ଷ୍ୟ ରଖି ଦେବତାମାନଙ୍କର ପୂଜା କରାଯାଏ ନାହିଁ, କିନ୍ତୁ ନିଜ ଉଦ୍ଦେଶ୍ୟ ସାଧନ ବା ପରମ ବ୍ରହ୍ମନ୍ ଉଦ୍ଦେଶ୍ୟରେ ତାହା କରାଯାଏ । ବେଦର ରଚୟିତାମାନେ ମଧ୍ୟ ଅସଂଖ୍ୟ ଦେବତାଙ୍କର ସ୍ତୁତି ଓ ଆରାଧନା କରୁଥିଲେ ।

କିନ୍ତୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏସମସ୍ତ  ସମର୍ଥନ କରିବେ ନାହିଁ । ସେ ସ୍ପଷ୍ଟ ଭାବରେ କହିଅଛନ୍ତି, *'ତୁମର ପ୍ରଭୁ ଈଶ୍ୱରଙ୍କ ଆରାଧନା କର ଓ କେବଳ ତାହାଙ୍କର ସେବା କର'* (ମାଥିଉ ୪:୧୦) ।

## ପରିତ୍ରାଣର ପଥ

ଆମ୍ଭେମାନେ ଏଠାରେ ମଧ୍ୟ ସେହି ମୌଳିକ ମତ ପାର୍ଥକ୍ୟ ଲକ୍ଷ୍ୟ କରୁ । ନୂତନ ନିୟମ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଲାଭ ବିଷୟରେ ଶିକ୍ଷା ଦିଏ ଏବଂ ଦୃଢ଼ ଭାବରେ ପ୍ରକାଶ କରେ ଯେ, ନିଜର କର୍ତ୍ତବ୍ୟ, ଉତ୍ତମ କର୍ମ, କ୍ରିୟାକର୍ମ ପାଳନ ବା ନିଜର ଉଦ୍ୟମ ଦ୍ୱାରା ମୁକ୍ତି ସମ୍ଭବ ନୁହେଁ ।

କିନ୍ତୁ ଭଗବଦ୍‌ଗୀତାରେ କୃଷ୍ଣ କହନ୍ତି ଯେ, ବହୁ ବିଭିନ୍ନ ଉପାୟରେ ମନୁଷ୍ୟ ପକ୍ଷରେ ମୁକ୍ତିଲାଭ ସମ୍ଭବ । ତାଙ୍କ ମତରେ କର୍ମ, ଜ୍ଞାନ ବା ଭକ୍ତି ମାର୍ଗରେ ଗତି କରି ଯେକେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ, ଅର୍ଥାତ୍ ମନୁଷ୍ୟ ଯେଉଁ ପଥ ଅନୁସରଣ କରୁନା କାହିଁକି, ଶେଷରେ ତାଙ୍କ ନିକଟରେ ପହଞ୍ଚି ପାରିବ (୪:୧୧) । ସେ ଏହା କହିଛନ୍ତି ଯେ, ସତ୍‌କର୍ମକାରୀମାନଙ୍କ ନିମନ୍ତେ ଗୋଟିଏ ସ୍ୱର୍ଗ ରହିଛି ସତ, କିନ୍ତୁ ସେ ସ୍ୱର୍ଗ ଚିରସ୍ଥାୟୀ ନୁହେଁ (୬:୪୦-୪୧,୯:୨୦-୨୧) । ତାଙ୍କର ଶିକ୍ଷା ଅନୁସାରେ, ନିର୍ଲିପ୍ତ ମନରେ ନିଜର କର୍ମ କରି, ମନୁଷ୍ୟ ପରମ ପୁରୁଷଙ୍କ ନିକଟରେ ପହଞ୍ଚି ପାରିବ (୩:୧୯), ଯୋଗସାଧନା ଦ୍ୱାରା ମନୁଷ୍ୟ ମୁକ୍ତି ଲାଭ କରିପାରେ (୮:୮-୧୪) କର୍ମ ଓ ତ୍ୟାଗ, ମୁକ୍ତିର ଉତ୍କୃଷ୍ଟ ପଥ (୫:୨) ।

ଶ୍ରୀକୃଷ୍ଣ ଏ ଶିକ୍ଷା ମଧ୍ୟ ଦେଇଛନ୍ତି ଯେ, ସତ୍‌କର୍ମ, ଉପାସନା ଓ ଧ୍ୟାନ ଦ୍ୱାରା, ଯେ କେହି ନିଜକୁ ଶୁଦ୍ଧପୂତଃ କରିପାରେ । ପୂଜା ଓ ନୈବେଦ୍ୟ ଉତ୍ସର୍ଗ ଦ୍ୱାରା ମଧ୍ୟ ବ୍ରହ୍ମନ୍‌ଙ୍କୁ ଲାଭ କରାଯାଇପାରେ (୪:୩୧-୩୨) ।



ଯୋଗ ଦ୍ୱାରା ମନୁଷ୍ୟ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଧ୍ୟାନ କଲେ, ତାହାର ହୃଦୟ ନିର୍ମଳ ହୁଏ (୬:୧୦-୧୨) । ଯୋଗସାଧକ, ସାଧନା ଫଳରେ ଶେଷରେ ପରିପୂର୍ଣ୍ଣତା ଲାଭ କରି ପାରିବ, କିନ୍ତୁ ସେଥିପାଇଁ ତାଙ୍କୁ ବହୁଥର ଜନ୍ମ ନେବାକୁ ପଡ଼ିବ (୬:୪୫) । କର୍ମ ସାଧନ କରି ଜନ୍ମଜନ୍ମାନ୍ତର ପରେ ଜୀବନକୁ ଉନ୍ନତ କଲେ ମୁକ୍ତି ସମ୍ଭବ ହୋଇପାରିବ (ବାଇବଲ ମତର ସମ୍ପୂର୍ଣ୍ଣ ବିପରୀତ) ଓ କର୍ମ ଦ୍ୱାରା ମନୁଷ୍ୟ ପରିପୂର୍ଣ୍ଣତା ଲାଭ କରି ପାରିବ (୧୨:୧୦), ପୂଜା ଓ ନିଜର ଜାତିଗତ କର୍ମ କରି ପ୍ରତ୍ୟେକ ମନୁଷ୍ୟ ପରିପୂର୍ଣ୍ଣତାର ଅଧିକାରୀ ହୋଇପାରିବ (୧୮:୪୨-୪୬) ଓ ସେପରି କଲେ ସେ ପାପ କରିପାରିବ ନାହିଁ (୧୮:୪୭) ।

ବାଇବଲ ଓ ଖ୍ରୀଷ୍ଟଙ୍କ ଶିକ୍ଷାରେ ଏସବୁର ସମ୍ପୂର୍ଣ୍ଣ ବିପରୀତ କଥା ରହିଛି । ଖ୍ରୀଷ୍ଟଙ୍କ ମୃତ୍ୟୁକୁ ସ୍ୱୀକାର ନ କରି ମଧ୍ୟ ପାପରୁ ପରିଷ୍କୃତ ହେବା ଯେ ସମ୍ଭବ ଓ ଉପଯୁକ୍ତଭାବେ ନିଜର କର୍ମ ସାଧନା ଦ୍ୱାରା ଯେ ଜୀବନର ପରିପୂର୍ଣ୍ଣତା ଲାଭ ହୋଇପାରେ, ଏଠାରେ ସେହି କଥାର ଇଙ୍ଗିତ ଦେଖିବାକୁ ମିଳେ । ବାଇବଲ କିନ୍ତୁ ଶିକ୍ଷା ଦିଏ, ମନୁଷ୍ୟର ପାପ ଓ କଳଙ୍କିତ ଜୀବନ ଏପରି ଭୟଙ୍କର ଯେ ନିଜକୁ ନିଷ୍କଳଙ୍କ କରି ପରିପୂର୍ଣ୍ଣତା ଲାଭ କରିବା ତା' ପକ୍ଷରେ ସମ୍ଭବ ନୁହେଁ ।  ନିୟମ ପାଳନ, ବ୍ୟକ୍ତିଗତ ଉଦ୍ୟମ, ଧର୍ମ ବା ଯୋଗ ସାଧନା ବା ଏହିପରି ଅନ୍ୟ କୌଣସି ଉପାୟରେ ମନୁଷ୍ୟ ଯେ ପରିତ୍ରାଣ ଲାଭ କରି ପାରିବ ନାହିଁ, ବାଇବଲରେ ଏ କଥାର ଦୃଢ଼ ଉଲ୍ଲେଖ ରହିଛି ।

ଯେଉଁ ଶିକ୍ଷା, ଖ୍ରୀଷ୍ଟଙ୍କ କ୍ରୁଶର ପ୍ରୟୋଜନୀୟତାକୁ ଉପେକ୍ଷା କରେ ଓ ମନୁଷ୍ୟର ମୌଳିକ ଓ ଭୟଙ୍କର ପାପାବସ୍ଥା ଉପରେ ଗୁରୁତ୍ୱ ଆରୋପ କରେ ନାହିଁ, ସେ ଶିକ୍ଷା ଯେ ବାଇବଲର ଶିକ୍ଷା ନୁହେଁ, ଆମ୍ଭେମାନେ ତାହା ନିଶ୍ଚିତ ଭାବରେ ଜାଣୁ ।

## ମନୁଷ୍ୟ କ'ଣ ଈଶ୍ୱର ?

ପ୍ରତ୍ୟେକ ଧର୍ମମତର ଶିକ୍ଷା ଯେ ସମାନ ନୁହେଁ, ସେ ବିଷୟରେ ଆହୁରି ଅନେକ ପ୍ରମାଣ ରହିଛି । ଉପନିଷଦରେ ଯେଉଁ ଉକ୍ତିକୁ ମହାନ୍ ବୋଲି କୁହାଯାଇଛି, ତାହା ହେଲା-'ତୁମ୍ଭେ ତାହା'-(ଛାନ୍ଦୋଗ୍ୟ), ଅର୍ଥାତ୍

ସଂକ୍ଷେପରେ କହିଲେ, ଈଶ୍ୱର ଓ ମନୁଷ୍ୟର ଆତ୍ମା ଯେ ସମାନ ଏବଂ ମନୁଷ୍ୟ ସ୍ୱୟଂ ଯେ ଈଶ୍ୱର, ଏଠାରେ ସେ ଭାବର ସୂଚନା ମିଳେ ।

ଉପନିଷଦରେ ଏହା ଭିନ୍ନ ଭାବରେ ପ୍ରକାଶ କରାଯାଇଛି । ତୈତିରୀୟ ଉପନିଷଦରେ ଉଲ୍ଲେଖ ରହିଛି, ଜଣେ ଋଷି ନିଜକୁ ଜୀବନ ବୋଲି ପ୍ରକାଶ କରି କହିଲେ ଯେ, ସେ ସ୍ୱୟଂ ବ୍ରହ୍ମନ୍, ସ୍ୱୟଂ ଦୀପ୍ତ ଉଜ୍ଜ୍ୱଳ ଅମୂଲ୍ୟ ସଂପଦ, ଜ୍ଞାନମୟ, ଅମର ଓ ଅବିନଶ୍ୱର । ବୃହଦାରଣ୍ୟକ ଶିକ୍ଷା ଅନୁସାରେ, ଯେ, କେହି ବ୍ରହ୍ମନ୍‌ଙ୍କୁ ଉପଲବ୍ଧି କରେ, ସେ ପ୍ରତ୍ୟେକ ଜୀବ ମଧ୍ୟରେ ତାଙ୍କୁ ଆତ୍ମନ୍ ରୂପେ ଲକ୍ଷ୍ୟ କରେ । କୈବଲ୍ୟ ମତାନୁସାରେ, ଯେ କେହି କହି ପାରିବ, *'ମୁଁ ବ୍ରହ୍ମନ୍' ଏବଂ ଯେଉଁମାନେ ଏହା ପ୍ରକୃତ ଭାବେ ଉପଲବ୍ଧି କରି ପାରିବେ, ସେମାନେ ସମସ୍ତ ବନ୍ଧନରୁ ମୁକ୍ତ ହେବେ । ମୁଣ୍ଡକରେ ଉଲ୍ଲେଖ ଅଛି, ଯେ ବ୍ରହ୍ମନ୍‌ଙ୍କୁ ଜାଣିପାରେ, ସେ ନିଜେ ବ୍ରହ୍ମନ୍ ହୁଏ । ଭଗବଦ୍‌ଗୀତାରେ ଠିକ୍ ସେହି ଉକ୍ତିର ଉଲ୍ଲେଖ ଦେଖିବାକୁ ମିଳେ'* (୧୩:୩) ।

ବାଇବଲ ଯେ ଠିକ୍ ଏହାର ବିପରୀତ ଶିକ୍ଷା ଦିଏ, ସେ କଥା ଦେଖାଇ ଦେବାର ଆଉ କି ପ୍ରୟୋଜନ ରହିଛି ? ପ୍ରକୃତରେ କହିବାକୁ ଗଲେ ଉପନିଷଦର ସର୍ବୋତ୍ତମ ଶିକ୍ଷା, ବାଇବଲ ଦୃଷ୍ଟିରେ ଅତି ଜଘନ୍ୟ ପାପ ଓ ଈଶ୍ୱରନିନ୍ଦା । ବାଇବଲର ମତ ଅନୁସାରେ ମନୁଷ୍ୟ ପାପଗ୍ରସ୍ତ ତା'ର ଜୀବନ ସମୀବଦ୍ଧ, ତା'ର ଶରୀର, ମନ, ଆତ୍ମା, ମନ୍ଦ ଦ୍ୱାରା ପ୍ରଭାବିତ । କିନ୍ତୁ ବିଶ୍ୱଜଗତର ସ୍ରଷ୍ଟା ଈଶ୍ୱର, ଗୌରବ ଓ ମହିମାମୟ ଏବଂ ସମସ୍ତଙ୍କ ଊର୍ଦ୍ଧ୍ୱରେ । ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀ, ନିଜକୁ ତାଙ୍କ ସଙ୍ଗେ ସମାନ କରିବା ନିମନ୍ତେ ଚେଷ୍ଟା କରିବା ବା ନିଜକୁ ଉଚ୍ଚୀକୃତ କରି ଈଶ୍ୱର ବୋଲି କଳ୍ପନା କରିବା, ବାଇବଲର ଶିକ୍ଷା ଅନୁସାରେ କ୍ଷମାହୀନ ଧୃଷ୍ଟତା । ଯେଉଁ ପାପ କାରଣରୁ ଶୟତାନ ଦିନେ ସ୍ୱର୍ଗରୁ ବିତାଡ଼ିତ ହୋଇଥିଲା, ଏହା ଠିକ୍ ସେହି ପାପ ସଙ୍ଗେ ସମାନ ।

## ବାସ୍ତବତାର ସମ୍ମୁଖୀନ ହେଉ

ଏଥିରୁ ଆମ୍ଭେମାନେ ସ୍ପଷ୍ଟ ଭାବରେ ଦେଖିପାରୁଛୁ ଯେ, ଅତି ମୌଳିକ କେତେକ ବିଷୟରେ ମଧ୍ୟ ପ୍ରତ୍ୟେକ ଧର୍ମ ମତ ସମାନ ନୁହେଁ । ପ୍ରକୃତରେ



କହିବାକୁ ଗଲେ, ଆମ୍ଭେମାନେ ଯଦି ଏସମସ୍ତ ବିଷୟରେ ସାବଧାନତାର ସହିତ ଅନୁଶୀଳନ କରୁ, ତେବେ ଆମ୍ଭେମାନେ ଦେଖିପାରିବା ଯେ, ବହୁ ଧାରଣା ଅତି ଉଦ୍ଭଟ ଓ ବିଶ୍ୱାସଯୋଗ୍ୟ ନୁହେଁ ।

ଆମ୍ଭେମାନେ ଯଦି କହିବା ଯେ, ସମସ୍ତ ଧର୍ମଶାସ୍ତ୍ରରେ ଯାହାସବୁ ଲେଖାଯାଇଛି, ସେସମସ୍ତ ଈଶ୍ୱରଙ୍କର ଉକ୍ତି, ତେବେ ଆମ୍ଭମାନଙ୍କୁ ଏହା ମଧ୍ୟ କହିବାକୁ ହେବ ଯେ, ଈଶ୍ୱର ନିଜ କଥାକୁ ନିଜେ ଖଣ୍ଡନ କରି ବିଶୃଙ୍ଖଳା ସୃଷ୍ଟି କରନ୍ତି । ପରୋକ୍ଷରେ କହିବାକୁ ଗଲେ ଏ କଥାର ଅର୍ଥ ହେବ, ଯେପରି ସତ୍ୟ ପ୍ରତି ଈଶ୍ୱରଙ୍କର ଶ୍ରଦ୍ଧା ନାହିଁ । କିନ୍ତୁ ଏ କଥା ସମ୍ପୂର୍ଣ୍ଣ ଅସମ୍ଭବ ଓ କଳ୍ପନାର ଅତୀତ ।

ଯଦି କେହି କହନ୍ତି ଯେ, ସମସ୍ତ ଧର୍ମଶାସ୍ତ୍ରର ଶିକ୍ଷା ଅଳ୍ପ ବହୁତେ ସମାନ, ତେବେ ସେ ତିନୋଟି ଭୁଲ୍ ମଧ୍ୟରୁ ଗୋଟିଏ ଭୁଲ୍ କରି ବସିବେ । ହୁଏତ ସେ ସେହି ଶାସ୍ତ୍ରଗୁଡ଼ିକ ଅଧ୍ୟୟନ କରି ନାହାନ୍ତି ବା ଯଦି କରିଥା'ନ୍ତି, ତେବେ ଯତ୍ନର ସହିତ ଅଧ୍ୟୟନ କରି ନାହାନ୍ତି ।

ଏହା ମଧ୍ୟ ହୋଇପାରେ ଯେ, ଯଦିବା ସେ ଯତ୍ନର ସହିତ ଅଧ୍ୟୟନ କରିଛନ୍ତି, ତେବେ ସେଥିରେ ଥିବା ପାର୍ଥକ୍ୟଗୁଡ଼ିକ ପ୍ରତି ଲକ୍ଷ୍ୟ ଦେଇ ନାହାନ୍ତି ବା ସବୁ ଠିକ୍‌ଭାବେ ବୁଝିପାରି ନାହାନ୍ତି । କାରଣ ଯଦି ସେସବୁ ବୁଝିପାରିଥା'ନ୍ତେ, ତେବେ ସେଗୁଡ଼ିକ ମଧ୍ୟରେ ଯେ ପାର୍ଥକ୍ୟ ନାହିଁ ଏ କଥା କହିବା ତାଙ୍କ ପକ୍ଷେ ଯୁକ୍ତିଯୁକ୍ତ ହେବ ନାହିଁ ।

କାରଣ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଅସ୍ୱୀକାର କରିବା ଓ ତାହାଙ୍କୁ ଗ୍ରହଣ କରିବା କଦାପି ସମାନ କଥା ହୋଇ ନ ପାରେ । ପରିତ୍ରାଣ ଲାଭ ନିମନ୍ତେ କ୍ରୁଶରେ ତାହାଙ୍କ ମୃତ୍ୟୁଭୋଗକୁ ବିଶ୍ୱାସ ନ କରିବା ଓ ସେହି ମୃତ୍ୟୁ ଉପରେ ପରିତ୍ରାଣ ନିମନ୍ତେ ନିର୍ଭର କରିବା ନିଶ୍ଚୟ ସମାନ କଥା ନୁହେଁ । ବାଇବଲରେ ନିଷିଦ୍ଧ ଦେବପୂଜା ଓ ଈଶ୍ୱରଙ୍କ ଆରାଧନା ଏକ କଥା ନୁହେଁ । 'ଈଶ୍ୱର ଓ ମନୁଷ୍ୟର ଆତ୍ମା ଏକ ଓ ଅଭିନ୍ନ' ଏ ଶିକ୍ଷା ଏବଂ ମନୁଷ୍ୟ ଏବଂ ଈଶ୍ୱରଙ୍କ ଆତ୍ମା ଯେ ଏକ ନୁହେଁ, ସେ ଶିକ୍ଷା ସଙ୍ଗେ ସମାନ ନୁହେଁ । ଈଶ୍ୱର, ମନୁଷ୍ୟ ଓ ପରିତ୍ରାଣର ପଥ ବିଷୟରେ, ବିଭିନ୍ନ ଧର୍ମଶାସ୍ତ୍ର ବିଭିନ୍ନ ମତ

ପ୍ରକାଶ କରେ, ତେଣୁ ସେସବୁ ମଧ୍ୟରେ ପାର୍ଥକ୍ୟ ଆମ୍ଭମାନଙ୍କୁ ବୁଝିବାକୁ ପଡ଼ିବ ।

ଆପଣ ହୁଏତ କହିପାରନ୍ତି, ''ଭଲ କଥା ! ଏ କଥା ଯଦି ସତ ହୁଏ, ତେବେ ମୁଁ କୌଣସି ଧର୍ମଶାସ୍ତ୍ର ଗ୍ରହଣ କରିବି ନାହିଁ, କାରଣ ସେଗୁଡ଼ିକ ଯେପରି ଭାବରେ ପରସ୍ପର ମତ ଖଣ୍ଡନ କରନ୍ତି, ସେଥିରୁ ସ୍ପଷ୍ଟଭାବେ କିଛି ବୁଝିବା ସହଜ ନୁହେଁ । କୌଣସିଟିକୁ ଗ୍ରହଣ ନ କଲେ ହେଲା !''

କିନ୍ତୁ ତାହା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ଧରନ୍ତୁ, ସେଥିମଧ୍ୟରୁ କୌଣସି ଗୋଟିକରେ ଯଦି ଈଶ୍ୱର ସତ୍ୟ ଭାବରେ ପ୍ରକାଶିତ ହୋଇଥା'ନ୍ତି, ତେବେ ଆପଣ ସେ ଶାସ୍ତ୍ରକୁ ମଧ୍ୟ ଅସ୍ୱୀକାର କରି ଦେବେ । ତେଣୁ ଈଶ୍ୱର ଯେପରି ଆମ୍ଭମାନଙ୍କୁ ପ୍ରକୃତ ସତ୍ୟ ଦେଖାଇ ଦିଅନ୍ତି, ସେଥିପାଇଁ ତାହାଙ୍କ ନିକଟରେ ପ୍ରାର୍ଥନା କରିବା ବୁଦ୍ଧିମାନର କାର୍ଯ୍ୟ ହେବ । ତାହାହେଲେ, ପ୍ରତ୍ୟେକ ଶାସ୍ତ୍ରରେ ଉପଯୁକ୍ତ ସାକ୍ଷ୍ୟପ୍ରମାଣ ରହିଛି କି ନାହିଁ, ତାହା ବିଚାର କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହୋଇପାରିବ । ଅନ୍ୟ ଜଣେ କହିପାରନ୍ତି, 'ମୁଁ ପ୍ରତ୍ୟେକ ଶାସ୍ତ୍ରରୁ ଉତ୍କୃଷ୍ଟ ଅଂଶ ଗ୍ରହଣ କରି, ଅବଶିଷ୍ଟ ଅଂଶ ବର୍ଜନ କରିବି ।'

କିନ୍ତୁ ସେପରି କରିବା ଦ୍ୱାରା ତାଙ୍କର ଦାମ୍ଭିକତା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ତାଙ୍କର ପରିଣତି ଆହୁରି ଶୋଚନୀୟ ହେବ । ସେପରି କରିବା ଫଳରେ ସେ ନିଜକୁ ଶାସ୍ତ୍ରଗୁଡ଼ିକଠାରୁ ଅଧିକ ଜ୍ଞାନୀ ଦେଖାଇବେ ଓ ନିଜକୁ ଏବଂ ନିଜର ଚିନ୍ତାଧାରାକୁ ଦେବତାର ଆସନରେ ବସାଇ ଦେବେ । ପ୍ରତ୍ୟେକ ଧର୍ମଶାସ୍ତ୍ରର କେଉଁ ଅଂଶ ଉତ୍କୃଷ୍ଟ ବା ନିକୃଷ୍ଟ, ତାହା ବିଚାର କରିବାକୁ ଆପଣ ବା ମୁଁ କିଏ ? ମୋ' ଦୃଷ୍ଟିରେ ଯାହା ଉତ୍ତମ ଦେଖାଯିବ, ଆପଣଙ୍କ ଦୃଷ୍ଟିରେ ହୁଏତ ତାହା ମନ୍ଦ ହୋଇପାରେ । ତାହା ପରେ ଆହୁରି ଗୋଟିଏ ସମସ୍ୟାର ମଧ୍ୟ ସୃଷ୍ଟି ହେବ ।

ଧରନ୍ତୁ ଗୋଟିଏ ଧର୍ମଶାସ୍ତ୍ରରେ ଯଦି ଏକ ଈଶ୍ୱରଙ୍କର ପରିପୂର୍ଣ୍ଣ ପ୍ରକାଶ ହୋଇଥାଏ, ତେବେ ତାହାଙ୍କର ପୂର୍ଣ୍ଣ ଅଭିବ୍ୟକ୍ତିଙ୍କୁ ଖଣ୍ଡ ଖଣ୍ଡ କରି ଛିଣ୍ଡାଇ, ଯାହା ଆମ୍ଭମାନଙ୍କ ମନକୁ ପାଏ କେବଳ ସେତିକିମାତ୍ର ଗ୍ରହଣ କରି, ଅବଶିଷ୍ଟାଂଶ ବର୍ଜନ କରିବୁ ?



ପୁଣି ସେହି ସ୍ୱୀକୃତ ଅଂଶଗୁଡ଼ିକୁ ନେଇ, ଈଶ୍ୱର ପ୍ରକୃତଭାବେ ପ୍ରକାଶିତ ହୋଇ ନ ଥିବା ଶାସ୍ତ୍ରଗୁଡ଼ିକର ଅଂଶ ସଙ୍ଗେ ମିଶାଇ ଦେବାର ଅଧିକାର ଆମ୍ଭମାନଙ୍କର ଅଛି କି ? ଖ୍ରୀଷ୍ଟ କି ଶିକ୍ଷା ଦେଇଅଛନ୍ତି ?

ଈଶ୍ୱରଙ୍କର ପୁତ୍ର ଓ ତାହାଙ୍କ ଦ୍ୱାରା ପ୍ରେରିତ ଗୁରୁ ଯେ ଖ୍ରୀଷ୍ଟ, ବର୍ତ୍ତମାନ ତାହାଙ୍କର ଶିକ୍ଷାଗୁଡ଼ିକ ବିଷୟରେ ପ୍ରଶ୍ନ କରାଯାଉ । ତାହାଙ୍କ ଶିକ୍ଷା ଅନୁସାରେ ଈଶ୍ୱରଙ୍କ ନିକଟକୁ ପଥ ଏକ ବା ଅନେକ ? ସେ ସମ୍ପର୍କରେ ତାହାଙ୍କର ଉକ୍ତିଗୁଡ଼ିକ ଏଠାରେ ଦିଆଯାଇଛି । *'ମୁଁ ହିଁ ପଥ, ସତ୍ୟ ଓ ଜୀବନ । ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ'* (ଯୋହନ ୧୪:୬) । ସେ ଏହାଠାରୁ ଅଧିକ ଦୃଢ଼ ଭାବରେ ମଧ୍ୟ କହିଥିଲେ, *'ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ମେଷମାନଙ୍କ ପାଇଁ ମୁଁ ହେଉଛି-ଦ୍ୱାର । ଯେଉଁମାନେ ମୋ' ପୂର୍ବରୁ ଆସିଥିଲେ, ସେମାନେ ସମସ୍ତେ ଚୋର ଓ ଡକାଇତ, କିନ୍ତୁ ମେଷମାନେ ସେମାନଙ୍କ କଥା ଶୁଣିଲେ ନାହିଁ'* (ଯୋହନ ୧୦:୭-୮) ।

ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କର କଥା ସ୍ପଷ୍ଟଭାବେ ବୁଝିପାରିଥିଲେ ଏବଂ ସେମାନଙ୍କ ସମୟର ଲୋକମାନଙ୍କୁ ଶୁଣାଇ କହିଥିଲେ, *'ତାହାଙ୍କ ଛଡ଼ା ଆଉ କାହାରିଠାରେ ପରିତ୍ରାଣ ନାହିଁ, କାରଣ ଆକାଶମଣ୍ଡଳ ତଳେ ମନୁଷ୍ୟମାନଙ୍କ ଅନ୍ୟ କୌଣସି ନାମ ଦିଆଯାଇ ନାହିଁ, ଯେଉଁ ନାମ ଦ୍ୱାରା ଆମେ ପରିତ୍ରାଣ ଲାଭ କରି ପାରୁ'* (ପ୍ରେରିତ ୪:୧୨) । ତେଣୁ ଖ୍ରୀଷ୍ଟ ଓ ତାହାଙ୍କର ଶିଷ୍ୟମାନେ, ଅନ୍ୟ ସମସ୍ତ ନାମ, ଅନ୍ୟ ତ୍ରାଣକର୍ତ୍ତା ଓ ଅନ୍ୟ ସମସ୍ତ ପଥକୁ ସ୍ୱୀକାର କରି ନାହାନ୍ତି । ଯୀଶୁ କହିଅଛନ୍ତି ଯେ, ମନୁଷ୍ୟର ପାପଜନିତ ସମସ୍ୟାର ସମାଧାନ କେବଳ ଗୋଟିଏ, ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ ମଧ୍ୟସ୍ଥତା କରନ୍ତି କେବଳ ଜଣେ ଏବଂ ଈଶ୍ୱରଙ୍କ ସମୀପକୁ ପଥ ଗୋଟିଏମାତ୍ର । ସେ ପଥ ସ୍ୱୟଂ ସେ । କେହି କେହି ସମୟେ ସମୟେ କହିଥା'ନ୍ତି, 'ଈଶ୍ୱରଙ୍କ ଉପାସନା ସମୟରେ, ତାହାଙ୍କୁ ସମ୍ବୋଧନ କରି କିଏ କି ନାମ ବ୍ୟବହାର କରେ, ସେଥିରେ କିଛି ଯାଏ ଆସେ ନାହିଁ । ଆପଣ ଗୋଟିଏ ନାମ ବ୍ୟବହାର କଲେ ଆମ୍ଭେମାନେ ଅନ୍ୟ ଗୋଟିଏ ନାମ ବ୍ୟବହାର କରିପାରୁ । କିନ୍ତୁ ଆମ୍ଭମାନଙ୍କର ଲକ୍ଷ୍ୟ ସେହି ଏକମାତ୍ର ଈଶ୍ୱର ।'

କିନ୍ତୁ ଏ କଥା ପ୍ରକୃତରେ ସତ୍ୟ ନୁହେଁ । ଅବଶ୍ୟ ଜଳର ବହୁ ନାମ ରହିଛି, ଯଥା–ନୀର, ପାଣି, ଆକ୍ୱା ଇତ୍ୟାଦି । ଯେଉଁ ନାମ ବ୍ୟବହାର କଲେ ମଧ୍ୟ, ତାହା ପିଇଲେ ଆମ୍ଭମାନଙ୍କର ତୃଷା ଦୂର ହୁଏ । କିନ୍ତୁ ଆମ୍ଭମାନଙ୍କୁ ନିଶ୍ଚିତଭାବେ ଜାଣିବାକୁ ହେବ ଯେ, ଯାହା ପିଉଛୁ ତାହା ଜଳ ।

ଯଦି ଆମ୍ଭେମାନେ ଅନ୍ୟ କାହାରି କଥାରେ ଏସିଡ୍ ବା ବିଷକୁ ଜଳ ଭାବି ପିଇଦେଉ, ତେବେ ତା'ର ପରିଣତି ଭୟଙ୍କର ହେବ । ନାମର ଗୁରୁତ୍ୱ ନିଶ୍ଚୟ ରହିଛି, କାରଣ ବିଭିନ୍ନ ଶବ୍ଦ ବ୍ୟବହାର ଦ୍ୱାରା ଆମ୍ଭେମାନେ ଗୋଟିଏ ବିଷୟରୁ ଅନ୍ୟ ଗୋଟିଏ ବିଷୟକୁ ପୃଥକ କରିଥାଉ । ସେହିପରି ବିଭିନ୍ନ ନାମ ବ୍ୟବହାର ଦ୍ୱାରା ଆମ୍ଭେମାନେ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣଙ୍କୁ ପୃଥକ କରିଥାଉ ।

ବାଇବଲରେ ଈଶ୍ୱର ଜଣାଇଛନ୍ତି ଯେ, ନାମ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ପୁରାତନ ନିୟମରେ ସେ ନିଜ ମନୋନୀତ ଲୋକଙ୍କୁ ଆଜ୍ଞା ଦେଇ କହିଥିଲେ, *'ଅନ୍ୟ ଦେବତାମାନଙ୍କ ନାମ ଉଚ୍ଚାରଣ କରିବ ନାହିଁ, କି ତୁମମାନଙ୍କ ମୁଖରୁ ତାହା ଶୁଣାଯିବ ନାହିଁ'* (ଯାତ୍ରା ୨୩:୧୩) ।

ଇସ୍ରାୟେଲ ଜାତିକୁ କିଣାନକୁ ପଠାଇବା ସମୟରେ ସେ କହିଥିଲେ, *'ସେମାନଙ୍କ ଯଜ୍ଞବେଦି ସବୁ ଭାଙ୍ଗି ଦେବ, ପୂଜା ସ୍ତମ୍ଭଗୁଡ଼ିକୁ ଖଣ୍ଡବିଖଣ୍ଡ କରିବ, ଆଶେରା ମୂର୍ତ୍ତିସବୁକୁ ଅଗ୍ନିରେ ଦଗ୍ଧ କରିବ, ଦେବମୂର୍ତ୍ତିଗୁଡ଼ିକୁ ହାଣି ପକାଇବ ଏବଂ ସେହି ସ୍ଥାନରୁ ସେମାନଙ୍କ ନାମ ଲୋପ କରିବ'* (ଦ୍ୱି ବିବରଣୀ ୧୨:୩) ପରେ ଈଶ୍ୱର ପୁଣି କହିଥିଲେ– *'ସେହିଦିନ ମୁଁ ଦେଶରୁ ପ୍ରତିମାଗୁଡ଼ିକର ନାମ ଲୋପ କରିବି ଓ ସେମାନଙ୍କୁ ଆଉ ସ୍ମରଣ କରାଯିବ ନାହିଁ । ମୁଁ ଦେଶରୁ (ଭଣ୍ଡ) ଭାବବାଦୀମାନଙ୍କୁ ଓ ଅଶୁଚିତାର ଆତ୍ମାକୁ ବହିଷ୍କାର କରିବି'* (ଜିଖରିୟ ୧୩:୨) ।

ପୁଣି ଈଶ୍ୱର କହନ୍ତି, *'ମୁଁ ପ୍ରଭୁ (ଯିହୋବା), ଏହା ମୋର ନାମ । ମୁଁ ମୋର ଗୌରବ ଅନ୍ୟକୁ ଦେବି ନାହିଁ, କିମ୍ବା ମୋର (ପ୍ରାପ୍ୟ) ପ୍ରଶଂସା ପ୍ରତିମାଗୁଡ଼ିକୁ ଦେବି ନାହିଁ'* (ଯିଶାଇୟ ୪୨:୮) । ଯଦି ନାମର କୌଣସି ଗୁରୁତ୍ୱ ନାହିଁ, ତେବେ ସର୍ବୋପରିସ୍ଥ ଈଶ୍ୱରଙ୍କ ଏପରି କହିବାର ଅର୍ଥ କ'ଣ ?



ନୂତନ ନିୟମରେ ଆମ୍ଭେମାନେ ଲକ୍ଷ୍ୟ କରୁ ଯେ, ପରିତ୍ରାଣ କେବଳ ଏକମାତ୍ର ନାମରେ ଓ ସେ ନାମ, ଯୀଶୁ ଖ୍ରୀଷ୍ଟ । ଯୀଶୁ ନିଜ ଶିଷ୍ୟମାନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ନିମନ୍ତେ ପ୍ରେରଣ କରିବା ସମୟରେ କହିଥିଲେ– *'ତାହାଙ୍କ ନାମରେ ଅନୁତାପ ଓ ପାପକ୍ଷମାର ବାର୍ତ୍ତା ପ୍ରଚାର କରାଯିବ'* (ଲୂକ ୨୪:୪୭) । ଈଶ୍ୱର ଅନ୍ୟ କୌଣସି ନାମ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଯୋଗୁ ପାପ କ୍ଷମା କରିବେ ନାହିଁ । 'ଯୀଶୁ ଖ୍ରୀଷ୍ଟ' ନାମର ଗୁରୁତ୍ୱ ରହିଛି, କାରଣ ସେ ଯାହା ଓ ଯେଉଁ କର୍ମ ସାଧନ କରିଅଛନ୍ତି, ଏହି ନାମ ତା'ର ନିଦର୍ଶନ ।

ପୃଥିବୀରେ ଅବତାର ରୂପେ ତାଙ୍କ ଜୀବନ, ତାଙ୍କର ଶିକ୍ଷା, ପାପୀମାନଙ୍କ ନିମନ୍ତେ ତାହାଙ୍କର ମୃତ୍ୟୁ, ମୃତ୍ୟୁରୁ ଉତ୍ଥାନ ଏବଂ ପରିଶେଷରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ରହି ସେ ବର୍ତ୍ତମାନ ଯାହା କରୁଅଛନ୍ତି, ସେସମସ୍ତ ଏହି ନାମ ସଙ୍ଗେ ସଂପୃକ୍ତ । ତାହାଙ୍କର ନାମ ହିଁ ତାଙ୍କୁ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ କରେ । ତେଣୁ ନାମର ବହୁ ଗୁରୁତ୍ୱ ରହିଛି । ଯୀଶୁ ନିଜ ଗୌରବ ତ୍ୟାଗ କରି, ପୃଥିବୀକୁ ଆସି, କ୍ରୁଶରେ ମୃତ୍ୟୁବରଣ କରିଥିବା ହେତୁ, *'ସେଥିପାଇଁ ଈଶ୍ୱର ତାହାଙ୍କୁ ଉର୍ଦ୍ଧ୍ୱତମ ସ୍ଥାନକୁ ଉନ୍ନୀତ କରିଛନ୍ତି ଏବଂ ସବୁ ନାମ ଅପେକ୍ଷା ଶ୍ରେଷ୍ଠ ନାମ ଦେଇଛନ୍ତି, ଯେପରି କି ଯୀଶୁଙ୍କ ନାମରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ପ୍ରତ୍ୟେକ ଜାନୁ ନତ ହେବ, ଏବଂ ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ'* (ଫିଲିପ୍ପୀୟ ୨:୯–୧୧) ।

ତେଣୁ ବାଇବଲରେ ଈଶ୍ୱର ପ୍ରକାଶ କରିଅଛନ୍ତି ଯେ, କେବଳ ତାଙ୍କର ନାମରେ ହିଁ ପରିତ୍ରାଣ, ଅନ୍ୟ କୌଣସି ନାମରେ ତାହା ସମ୍ଭବ ନୁହେଁ । ପାପୀଙ୍କ ନିମନ୍ତେ ଯେଉଁ ଯୀଶୁ ଜୀବନ ଉତ୍ସର୍ଗ କଲେ, ପରିତ୍ରାଣ ପାଇବାକୁ ଇଚ୍ଛୁକମାନଙ୍କୁ ଉଦ୍ଧାର କରିବାର ଗୌରବ କେବଳ ତାହାଙ୍କର ।

ଯୀଶୁ ଯେତେବେଳେ ନିଜକୁ, ଈଶ୍ୱରଙ୍କ ନିକଟକୁ ଏକମାତ୍ର ପଥ ରୂପେ ପ୍ରକାଶ କରିଥିଲେ, କେବଳ ସେହି ଆତ୍ମିକ ପଥ ବିଷୟରେ କହିବା ତାହାଙ୍କର ଲକ୍ଷ୍ୟ ନ ଥିଲା । ଈଶ୍ୱରଙ୍କ ଅବତାର ଓ ଜଗତର ତ୍ରାଣକର୍ତ୍ତା ରୂପେ ସେ ଯେ

ସେହି ପଥ, ସେହି କଥା ଜଣାଇବା ହିଁ ତାହାଙ୍କର ଉଦ୍ଦେଶ୍ୟ ଥିଲା । ଇତିହାସର ବାସ୍ତବ ବ୍ୟକ୍ତି ରୂପେ ସେହି ଖ୍ରୀଷ୍ଟ ଓ ବର୍ତ୍ତମାନ ଯେ ଈଶ୍ୱରଙ୍କ ଦକ୍ଷିଣ ପାଖରେ ଆସୀନ, ତାହାଙ୍କର ସହାୟତାରେ ଆମ୍ଭେମାନେ ଈଶ୍ୱରଙ୍କ ନିକଟକୁ ଯାଇପାରୁ ।

ଏ ଶିକ୍ଷାକୁ କେତେକ ହୁଏତ ପସନ୍ଦ ଓ କେତେକ ଅପସନ୍ଦ କରି ପାରନ୍ତି, କିନ୍ତୁ ଯାହା ହେଲେ ମଧ୍ୟ ଏ ଶିକ୍ଷାର ପରିବର୍ତ୍ତନ ହୋଇପାରିବ ନାହିଁ । ହୁଏତ କେହି କେହି ଆପତ୍ତି କରି ପାରନ୍ତି, ଯୀଶୁ ଏପରି କହି ହୁଏତ ନିଜର ଉଦାରତା ପ୍ରକାଶ କରି ନାହାନ୍ତି, କିନ୍ତୁ ସେମାନଙ୍କୁ ମନେ ରଖିବାକୁ ହେବ ଯେ, ସେମାନଙ୍କ ମନାନ୍ତର ଓ ମତାନ୍ତର ସାଧାରଣ ମନୁଷ୍ୟ ସଙ୍ଗେ ନୁହେଁ, ମାତ୍ର ଈଶ୍ୱରଙ୍କ ସଙ୍ଗେ । ସେମାନେ ଯଦି ଖ୍ରୀଷ୍ଟଙ୍କ ବାକ୍ୟକୁ ଗ୍ରହଣ ନ କରନ୍ତି, ତେବେ ଜଣାଯିବ ଯେ, ତାହାଙ୍କ ପ୍ରତି ବରଂ ସେମାନଙ୍କର ଉଦାରତା ନାହିଁ ।

ପ୍ରତ୍ୟେକ ଧର୍ମର ଶିକ୍ଷା ସମାନ ଓ ସମସ୍ତ ପଥ ଯେ ଈଶ୍ୱରଙ୍କ ନିକଟକୁ ଯାଇଛି, ଏ ଧାରଣା ଖ୍ରୀଷ୍ଟଙ୍କର ଶିକ୍ଷାକୁ ସମର୍ଥନ କରେ ନାହିଁ । ଈଶ୍ୱରଙ୍କ ନିକଟକୁ ଯୀଶୁ ଯେ ଏକମାତ୍ର ପଥ, ଏ କଥା ଉପରେ ସେ ଏତେ ଗୁରୁତ୍ୱ ଆରୋପ କରିଥିଲେ କାହିଁକି ?

ସେ ଏପରି କହିବା ଦ୍ୱାରା ନିଜର ଗର୍ବ, ଦାମ୍ଭିକତା ଓ ଉଦାରତାହୀନ ମନର ପରିଚୟ ଦେଇ ନ ଥିଲେ କିନ୍ତୁ ସେ ଯେ ଏକମାତ୍ର ପଥ, ତାହା ନିଶ୍ଚିତଭାବେ ଜାଣି ସେ ସେପରି କହିଥିଲେ । ସେ ନିଜକୁ ସତ୍ୟ ବୋଲି ଜାଣି କହିଥିଲେ–'ମୁଁ ସତ୍ୟ' ଏବଂ ସେ ସତ୍ୟ ଥିବା ଯୋଗୁ କହିଥିଲେ–'ମୁଁ ପଥ' । ଆମ୍ଭେମାନେ ଯଦି କେବଳ ପ୍ରମାଣ କରିଦେଇ ପାରିବୁ ଯେ ସେ ସତ୍ୟ ନୁହନ୍ତି, ତେବେ ସେ ଯେ ପଥ ନୁହନ୍ତି, ସେ ବିଷୟରେ ସ୍ୱୀକାର, ଅସ୍ୱୀକାରର ଆଉ ପ୍ରଶ୍ନ ଉଠି ପାରେନା ।

## କ୍ରୁଶ ବିଷୟରେ ଚିନ୍ତା କରନ୍ତୁ

ଖ୍ରୀଷ୍ଟ ସତ୍ୟ ଓ ସେ ଜାଣନ୍ତି ଯେ କେବଳ ସତ୍ୟ ହିଁ ମନୁଷ୍ୟକୁ ମୁକ୍ତ କରି ପାରିବ । ଏ ବିଷୟରେ କେବଳ କହିବା ଓ ଆଲୋଚନା କରିବା ଛଡ଼ା, ସେ ଅଧିକ କିଛି କରିବାକୁ ସଂକଳ୍ପ କରିଥିଲେ । ସେ ସଂକଳ୍ପ ହେଲା, ଆମ୍ଭମାନଙ୍କର ପାପ ଭାର ବହନ କରି, କ୍ରୁଶରେ ଯନ୍ତ୍ରଣାମୟ ମୃତ୍ୟୁ । ତାହାଙ୍କର ପଥ ଥିଲା



କ୍ରୁଶ, କାରଣ ସେ ଜାଣିଥିଲେ ଯେ, ମନୁଷ୍ୟର ମୁକ୍ତି ନିମନ୍ତେ ଏବଂ ପାପୀ ମନୁଷ୍ୟ ଓ ପବିତ୍ର ଈଶ୍ୱରଙ୍କ ମଧ୍ୟରେ ମିଳନର ତାହା ହିଁ ଥିଲା ଏକମାତ୍ର ପଥ । ଆମ୍ଭମାନଙ୍କର ସମସ୍ତ ପ୍ରଶ୍ନ, କ୍ରୁଶ ପ୍ରତି ଲକ୍ଷ୍ୟ ରଖି କରାଯିବା ଉଚିତ୍ । ସବୁ ଧର୍ମ ଯେ ସମାନ, ଏହି ସାଧାରଣ ଧାରଣା ବିରୁଦ୍ଧରେ ଖ୍ରୀଷ୍ଟଙ୍କର କ୍ରୁଶ ଏକ ଅଭ୍ରାନ୍ତ ଯୁକ୍ତି ।

ମନୁଷ୍ୟକୁ ଉଦ୍ଧାର କରିବା ନିମନ୍ତେ ଅନ୍ୟ ପଥ ଯଦି ଥା'ନ୍ତା, ତେବେ ପୃଥିବୀର ପାପ ବହନ କରି କ୍ରୁଶରେ ମୃତ୍ୟୁଭୋଗ କରିବା ନିମନ୍ତେ ଈଶ୍ୱର କଅଣ ତାହାଙ୍କର ଅଦ୍ୱିତୀୟ ପୁତ୍ରଙ୍କୁ ପ୍ରେରଣ କରିଥା'ନ୍ତେ ?

କ୍ରୁଶରେ ମୃତ୍ୟୁଭୋଗର ପୂର୍ବ ରାତ୍ରିରେ, ଯୀଶୁ କରୁଣ କଣ୍ଠରେ କହିଥିଲେ, *'ମୋର ପିତା, ଯଦି ସମ୍ଭବ ହୁଏ, ଏହି ପାନପାତ୍ର ମୋ' ନିକଟରୁ ଦୂର ହେଉ, କିନ୍ତୁ ମୋର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସାଧିତ ହେଉ'* (ମାଥିଉ ୨୬:୩୯) । କିନ୍ତୁ ଅନ୍ୟ ପଥ ନ ଥିଲା, ତେଣୁ ତାହା ସମ୍ଭବ ହୋଇ ପାରିଲା ନାହିଁ । ଅନ୍ୟ ଗୋଟିଏ କାରଣରୁ ଯୀଶୁ ଦୃଢ଼ ଭାବରେ କହିଥିଲେ ଯେ, ସେ ଏକମାତ୍ର ପଥ, କାରଣ ସେ ଚାହାନ୍ତି ଆମ୍ଭେମାନେ ଯେପରି ସେହି ପଥ ଅନୁସରଣ କରୁ ।

ଆମ୍ଭେମାନେ ଯଦି ଜାଣିପାରୁ ଯେ, ଆମ୍ଭମାନଙ୍କ ନିମନ୍ତେ ଅନ୍ୟ କୌଣସି ଉତ୍ତମ ଓ ସତ୍ୟ ପଥ ରହିଛି, ତେବେ ଆମ୍ଭମାନଙ୍କର ଗର୍ବ, ପାପ ଓ ସ୍ୱାର୍ଥପରତା ବିରୁଦ୍ଧରେ ଯେଉଁ କ୍ରୁଶ ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରୁଛି, ଆମ୍ଭେମାନେ ସେହି କ୍ରୁଶ ନିର୍ଦ୍ଦେଶିତ ଦୁର୍ଗମ ପଥ ଯେ ବର୍ଜନ କରିବୁ, ସେ କଥା ଖ୍ରୀଷ୍ଟ ଭଲଭାବେ ଉପଲବ୍ଧି କରିଥିଲେ । ଅସୀମ ଅନନ୍ତଙ୍କ ନିକଟକୁ ପଥ ଅସଂଖ୍ୟ ହୋଇ ପାରେନା । ସେହି ଅସୀମ, ଅନନ୍ତ କେବଳ ଯେଉଁ ଏକମାତ୍ର ପଥର ନିର୍ଦ୍ଦେଶ ଦେଇଅଛନ୍ତି, ସେହି ପଥ ହିଁ ପ୍ରକୃତ ପଥ ଓ ଯୀଶୁ ଖ୍ରୀଷ୍ଟ ସେହି ଏକମାତ୍ର ପଥ ।

## ପଥ

ପଥ କ'ଣ ଏବଂ ଆମ୍ଭେମାନେ କିପରି ସେ ପଥରେ ଯାତ୍ରା କରି ପାରିବୁ, ସେ ବିଷୟରେ ଆମ୍ଭମାନଙ୍କର ସ୍ପଷ୍ଟ ଧାରଣା ଥିବା ଆବଶ୍ୟକ । ନିଜ ଚେଷ୍ଟାରେ

ସେ ପଥରେ କେହି ଚାଲି ପାରେନା । ଧର୍ମର ପରିବର୍ତ୍ତନ ଧର୍ମ ସଂକ୍ରାନ୍ତୀୟ ନିୟମ ଓ କ୍ରିୟାକର୍ମ ପାଳନ ପ୍ରକୃତ ପଥ ନୁହେଁ । କେବଳ ଧର୍ମରେ ପରିତ୍ରାଣ ସମ୍ଭବ ନୁହେଁ, ତାହା ଖ୍ରୀଷ୍ଟ ଧର୍ମ ହେଉ ବା ଅନ୍ୟ ଯେକୌଣସି ଧର୍ମ ହେଉ ।

ମୁକ୍ତିର ପଥ ଧର୍ମ ନୁହେଁ, ଏହା ବ୍ୟକ୍ତିବିଶେଷ ଏବଂ ସେହି ବ୍ୟକ୍ତିଙ୍କୁ ଜାଣି, ତାହାଙ୍କୁ ଗ୍ରହଣ କରି, ପ୍ରେମ କରି, ବିଶ୍ୱାସ କରି, ନିଜକୁ ତାହାଙ୍କ ନିକଟରେ ସମର୍ପଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଅନୁଗମନ କରିବାକୁ ହେବ । ସେ ପଥ ହେଉଅଛନ୍ତି ସ୍ୱୟଂ ଈଶ୍ୱରଙ୍କ ପୁତ୍ର ।

ତାହାଙ୍କଠାରେ ବିଶ୍ୱାସ କରିବା ମାତ୍ରେ, ସେ ଆମ୍ଭମାନଙ୍କ ମଧ୍ୟରେ ଓ ଆମ୍ଭେମାନେ ତାହାଙ୍କ ମଧ୍ୟରେ ପ୍ରବେଶ କରୁ । ପରିତ୍ରାଣ ବା ମୁକ୍ତି ବିନାମୂଲ୍ୟରେ ଈଶ୍ୱରଙ୍କ ଦାନ । କୌଣସି ଉପାୟରେ ଏହାକୁ ଅର୍ଜନ କରି ହେବ ନାହିଁ ବା ଦାବୀ କରି ହେବ ନାହିଁ । କେବଳ ଖ୍ରୀଷ୍ଟଙ୍କୁ ବିଶ୍ୱାସ କଲେ ଏହା ମିଳିପାରେ । ଏହି ପୁସ୍ତକର ପଞ୍ଚମ ଅଧ୍ୟାୟ ଦେଖନ୍ତୁ । ପଥ କେଉଁଠାରେ ଓ ଏହାର ଆରମ୍ଭ କେଉଁଠାରୁ ? ଯୀଶୁଙ୍କର ଉଦ୍ଦେଶ୍ୟ ଲାଭ କରିବା ନିମନ୍ତେ ଆମ୍ଭମାନଙ୍କୁ ସୁଦୂର ତୀର୍ଥକୁ ଯାତ୍ରା କରିବାକୁ ପଡ଼ିବ ନାହିଁ ।

ସେ ହସ୍ତ ନିର୍ମିତ ମନ୍ଦିରରେ ବାସ କରନ୍ତି ନାହିଁ ବା ତଥାକଥିତ କୌଣସି ପବିତ୍ର ସ୍ଥାନରେ ତାହାଙ୍କର ସନ୍ଧାନ ମିଳିବ ନାହିଁ । ଆମ୍ଭେମାନେ ଯେଉଁଠାରେ ରହିଛୁ, ପଥର ଆରମ୍ଭ ସେହିଠାରୁ, ପଥ ଆମ୍ଭମାନଙ୍କ ହୃଦୟ ଦ୍ୱାର ନିକଟରେ ।

ଏ ପଥ କେଉଁ ଆଡ଼କୁ ଯାଇଛି ? ନିଶ୍ଚୟ କୌଣସି ବ୍ୟକ୍ତିତ୍ୱବିହୀନ, ନିର୍ଜୀବ, ନିଷ୍ଠୁର, ଉଦ୍ଧତ ଦେବତା ନିକଟକୁ ନୁହେଁ । ଅନ୍ତଃସାର ଶୂନ୍ୟ କୌଣସି ରହସ୍ୟବାଦ, ଚେତନାହୀନ ସାଗର ବା ଅନିଶ୍ଚିତ ଦିଗରେ ଏ ପଥ ପ୍ରସାରିତ ନୁହେଁ । ଏ ପଥ ପିତାଙ୍କ ନିକଟକୁ ଯାଇଛି । 'ମୋ' ବିନା କେହି ଈଶ୍ୱରଙ୍କ ନିକଟକୁ ଆସି ପାରେନା ।'

ଆମ୍ଭେମାନେ ଏହି ପଥ କ'ଣ ଗ୍ରହଣ କରିବା ? ଈଶ୍ୱର ତାହାଙ୍କର ଅନନ୍ତ ପ୍ରେମ ଦ୍ୱାରା ଆମ୍ଭ ସମସ୍ତଙ୍କ ନିମନ୍ତେ ଏହି ପଥ ଦାନ କରିଅଛନ୍ତି । ଆପଣ କ'ଣ ଏହି ପଥ ଗ୍ରହଣ କରିବେ ନାହିଁ ?



# ୧୦ ପ୍ରକୃତ ଶିଷ୍ୟ

ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ ପିତା ଈଶ୍ୱରଙ୍କ ଦ୍ୱାରା ଜଗତକୁ ପ୍ରେରିତ ହୋଇଥିଲେ । ପରିତ୍ରାଣର ପଥ ପ୍ରଦର୍ଶକ ସେ ହେଉଅଛନ୍ତି ସତ୍ୟ ଗୁରୁ ଏବଂ ସେ ଚାହାନ୍ତି ପ୍ରକୃତ ଶିଷ୍ୟ । ପୃଥିବୀରେ ତାହାଙ୍କ କାର୍ଯ୍ୟକାଳ ସମୟରେ, ତାହାଙ୍କର ଶିଷ୍ୟ ହୋଇ, ତାହାଙ୍କଠାରୁ ଶିକ୍ଷା ଗ୍ରହଣ ନିମନ୍ତେ ସେ କେତେଜଣଙ୍କୁ ଆହ୍ୱାନ କରିଥିଲେ । ନିଜର କାର୍ଯ୍ୟକାଳ ସମାପ୍ତ କରି, ସେ ପୃଥିବୀର ପାପ ନିମନ୍ତେ ମୃତ୍ୟୁଭୋଗ କଲେ ଓ ତିନିଦିନ ପରେ ମୃତ୍ୟୁରୁ ଉତ୍ଥିତ ହୋଇ, ଚାଳିଶ ଦିନ ପରେ ପୁଣି ଅଦୃଶ୍ୟ, ଆତ୍ମିକ ଜଗତରେ ପ୍ରବେଶ କଲେ । କିନ୍ତୁ ନିଜ ମୃତ୍ୟୁ ପୂର୍ବରୁ ଯୀଶୁ ଖ୍ରୀଷ୍ଟ ଯେଉଁ ମହତ୍ କାର୍ଯ୍ୟ ଆରମ୍ଭ କରିଥିଲେ, ବର୍ତ୍ତମାନ ମଧ୍ୟ ସେ ସେହି କାର୍ଯ୍ୟ କରି ଚାଲିଛନ୍ତି ।

ଶରୀରବନ୍ତ ଭାବରେ ତାହାଙ୍କର ପ୍ରଥମ ଶିଷ୍ୟମାନେ ତାହାଙ୍କୁ ଯେପରି ଦେଖିଥିଲେ, ଆମ୍ଭେମାନେ ବର୍ତ୍ତମାନ ତାହାଙ୍କୁ ସେହି ରୂପରେ ଦେଖିବା ଅସମ୍ଭବ । କିନ୍ତୁ ତାହାଙ୍କର ଆତ୍ମା ପୃଥିବୀରେ ରହିଛି, ବର୍ତ୍ତମାନ ମଧ୍ୟ ସେ ଶିଷ୍ୟମାନଙ୍କୁ ଆହ୍ୱାନ କରୁଅଛନ୍ତି, ସେମାନଙ୍କୁ ଶିକ୍ଷା ଦେଉଅଛନ୍ତି ଏବଂ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଞ୍ଚି ରହିବାକୁ ସେମାନଙ୍କୁ ପ୍ରସ୍ତୁତ କରୁଅଛନ୍ତି । ତାଙ୍କ ସୁସମାଚାରରେ ବିଶ୍ୱାସ ସ୍ଥାପନ କରିବା ନିମନ୍ତେ ସେ ଯେତେବେଳେ ଆମ୍ଭମାନଙ୍କୁ ଆହ୍ୱାନ କରନ୍ତି, ପ୍ରକୃତରେ ତାହାଙ୍କ ଶିଷ୍ୟ ହେବା ନିମନ୍ତେ ସେ ଆମ୍ଭମାନଙ୍କୁ ଆହ୍ୱାନ କରିଥା'ନ୍ତି । ଦୁଇହଜାର ବର୍ଷ ପୂର୍ବେ, ଯିହୁଦା ଦେଶରେ, ତାହାଙ୍କର ଶିକ୍ଷା ଦ୍ୱାରା ସେ ଯାହା କରିଥିଲେ, ତାହାଙ୍କଠାରେ ବିଶ୍ୱାସ ସ୍ଥାପନ କଲେ, ବର୍ତ୍ତମାନ ମଧ୍ୟ ସେ ଆମ୍ଭମାନଙ୍କୁ ଠିକ୍ ସେହିପରି ତାହାଙ୍କର ଶିଷ୍ୟ କରି ନେଇ ପାରନ୍ତି ।

ଯେ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତାରୂପେ ବିଶ୍ୱାସ କରେ, ତାହାଙ୍କୁ ଗୁରୁ ରୂପେ ଗ୍ରହଣ କରେ, ତାହାଙ୍କର ନିର୍ଦ୍ଦେଶ ପାଳନ କରେ ଏବଂ ସତ୍ୟ କ'ଣ ଓ ତାହାକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ, ତାହାଙ୍କଠାରୁ ଶିକ୍ଷା କରେ,

ସେ କେବଳ ତାହାଙ୍କର ଶିଷ୍ୟ । ଯଦି ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରୁ ତେବେ ସେ ଯେପରି କହିଅଛନ୍ତି, ଆମ୍ଭେମାନେ ଚିରକାଳ ନିମନ୍ତେ ବିନଷ୍ଟ ହେବୁ । କିନ୍ତୁ ଆମ୍ଭେମାନେ ଯଦି ତାହାଙ୍କୁ ଗ୍ରହଣ କରି ତାହାଙ୍କର ପ୍ରକୃତ ଶିଷ୍ୟ ହେଉ, ତେବେ ଏହି ଜଗତରେ ଓ ଆଗାମୀ ଜଗତରେ ଆମ୍ଭେମାନେ ବହୁ ଅନୁଗ୍ରହ ଲାଭ କରି ପାରିବା । ଏ ସମ୍ବନ୍ଧରେ ଅବଶ୍ୟ ଏ ପୁସ୍ତକରେ ପୂର୍ବରୁ କେତେକ କଥା ଉଲ୍ଲେଖ କରାଯାଇଛି, ତଥାପି ଏଠାରେ ସେସବୁର ପୁନରାବୃତ୍ତି ପ୍ରୟୋଜନୀୟ ମନେହୁଏ ।

ପ୍ରଥମରେ, ଆମ୍ଭେମାନେ ବିଶ୍ରାମ ଲାଭ କରିବୁ । ଗୁରୁ ନିଜେ କହିଅଛନ୍ତି, *'ହେ ଶ୍ରାନ୍ତକ୍ଲାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ତୁମ୍ଭେମାନେ ମୋର ଜୁଆଳି ନିଜେ ବହନ କର ଓ ମୋ'ଠାରୁ ଶିଖ, କାରଣ ମୁଁ ବିନୟୀ ଓ ନମ୍ର ଏବଂ ତୁମ୍ଭେମାନେ ପ୍ରାଣରେ ଶାନ୍ତି ପାଇବ । କାରଣ ମୋର ଜୁଆଳି ବୋହିବା ସହଜ ଓ ମୋର ଭାର ହାଲୁକା'* (ମାଥିଉ ୧୧:୨୮-୩୦) ।

ଯେଉଁମାନେ ଜୀବନ ସଂଗ୍ରାମରେ ଶ୍ରାନ୍ତକ୍ଲାନ୍ତ ଓ କେଉଁଠାରେ ବିଶ୍ରାମର ସନ୍ଧାନ ପାଇ ପାରନ୍ତି ନାହିଁ, ସେମାନଙ୍କ ନିମନ୍ତେ କି ସାନ୍ତ୍ୱନାର ବାଣୀ ? ଚିର ଅଶାନ୍ତ ଏହି ପୃଥିବୀରେ, ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ହୃଦୟ ତାହାଙ୍କଠାରେ ଅନନ୍ତ ବିଶ୍ରାମ ଲାଭ କରେ ।

ତା'ପରେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ପ୍ରକୃତ ଶିଷ୍ୟ ହୋଇ ପାରିଲେ, ପ୍ରକୃତ ସତ୍ୟ କ'ଣ ତାହା ଉପଲବ୍ଧି କରି ପାରିବା । ଆମ୍ଭେମାନେ ପୂର୍ବରୁ ଗୁରୁଙ୍କର ଗୋଟିଏ ଉକ୍ତି ଲକ୍ଷ୍ୟ କରିଛୁ, କିନ୍ତୁ ଥରକୁ ଥର ତାହା ସ୍ମରଣ କରିବା ଆମ୍ଭମାନଙ୍କ ପକ୍ଷରେ ମଙ୍ଗଳଜନକ ହେବ । *'ତୁମେମାନେ ଯଦି ମୋର ଶିକ୍ଷାରେ ଅଟଳ ରୁହ, ତେବେ ତୁମ୍ଭେମାନେ ପ୍ରକୃତରେ ମୋର ଶିଷ୍ୟ । ତା'ହେଲେ ତୁମ୍ଭେମାନେ ସତ୍ୟ ଜାଣିବ ଏବଂ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତି ଦେବ'* (ଯୋହନ ୮:୩୧-୩୨) ।

ଏହି ସତ୍ୟ ପ୍ରକୃତରେ କ'ଣ ତାହା ପ୍ରତ୍ୟେକ ଶିଷ୍ୟଙ୍କୁ ଜାଣିବାକୁ ପଡ଼ିବ ? ତାହାହେଲା, ଈଶ୍ୱରଙ୍କ, ଖ୍ରୀଷ୍ଟଙ୍କ ଓ ଆମ୍ଭମାନଙ୍କର ନିଜ ନିଜ ବିଷୟକ ସତ୍ୟ



ଓ ପରିତ୍ରାଣର ପଥ ବିଷୟକ ସତ୍ୟ । ସତ୍ୟ କ'ଣ, ସେ ବିଷୟରେ କଳ୍ପନାଜଳ୍ପନା କରିବା ବା ତାହାର ସନ୍ଧାନ କରି ଏଆଡ଼େ ସେଆଡ଼େ ଘୂରି ବୁଲିବା, ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ନିମନ୍ତେ ଆବଶ୍ୟକ ହୁଏନା । କେବଳ ଖ୍ରୀଷ୍ଟଙ୍କ କଥାରେ ବିଶ୍ୱାସ କରି ସେହି ଅନୁସାରେ କାର୍ଯ୍ୟ କଲେ, ଆମ୍ଭେମାନେ ସତ୍ୟ ଜ୍ଞାନ ଲାଭ କରିପାରିବୁ ଏବଂ ଏସମସ୍ତ ବିଷୟରେ ନିଶ୍ଚିତ ମଧ୍ୟ ହୋଇପାରିବୁ । ତାଙ୍କର ଶିଷ୍ୟ ରୂପେ ଆମ୍ଭେମାନେ ବୋଧ ପାଇବୁ ଯେ, ସେ ଆମ୍ଭମାନଙ୍କର ସମସ୍ତ ପାପ କ୍ଷମା କରିଅଛନ୍ତି, ଆମ୍ଭେମାନେ ଅନନ୍ତ ଜୀବନ ଲାଭ କରିଛୁ ଓ ପ୍ରକୃତ ସତ୍ୟ ଉପଲବ୍ଧି କରି ପାରିଛୁ । ଅନ୍ଧକାରମୟ ଅନିଶ୍ଚୟତାର ପୃଥିବୀରେ ଏ ଜ୍ଞାନ ପ୍ରକୃତରେ ଅସାମାନ୍ୟ ।

ତା'ପରେ, ଖ୍ରୀଷ୍ଟଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ, ତାଙ୍କର ଆତ୍ମା ଆମ୍ଭାମନଙ୍କ ମଧ୍ୟରେ ବାସ କରିବ । ଯୀଶୁ ଥରକୁ ଥର ତାଙ୍କର ଶିଷ୍ୟମାନଙ୍କୁ ଏହି ପ୍ରତିଜ୍ଞା ବଚନ ଶୁଣାଇଥିଲେ,

*'ମୁଁ ପିତାଙ୍କୁ ନିବେଦନ କରିବି ଓ ତୁମ୍ଭମାନଙ୍କ ସହିତ ଚିରକାଳ ରହିବା ପାଇଁ ସେ ଆଉ ଜଣେ ସାହାଯ୍ୟକାରୀଙ୍କୁ ଦେବେ, ସେ ହେଉଛନ୍ତି ସତ୍ୟମୟ ଆତ୍ମା । ଜଗତ ତାହାଙ୍କୁ ଗ୍ରହଣ କରି ପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ କି ଜାଣେ ନାହିଁ ।...ତୁମ୍ଭେମାନେ ତାହାଙ୍କୁ ଜାଣ, କାରଣ ସେ ତୁମ୍ଭମାନଙ୍କ ସହିତ ଅଛନ୍ତି ଓ (ପରେ) ତୁମ୍ଭମାନଙ୍କ ଅନ୍ତରରେ ରହିବେ । କିନ୍ତୁ ସତ୍ୟମୟ ଆତ୍ମା ଯେତେବେଳେ ଆସିବେ, ସେ ତୁମକୁ ସମସ୍ତ ସତ୍ୟକୁ କଢ଼ାଇ ନେବେ । ସେ ନିଜରୁ କଥା କହିବେ ନାହିଁ, କିନ୍ତୁ ଯାହା ଶୁଣିବେ, ତାହା କହିବେ ଓ ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ'* (ଯୋହନ ୧୪:୧୬-୧୭, ୧୬:୧୩) ।

ଏହା ହିଁ ଖ୍ରୀଷ୍ଟଙ୍କର ଦାନ ଏବଂ ପୃଥିବୀର ସମସ୍ତ ଲୋକଙ୍କ ମଧ୍ୟରୁ କେବଳ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଏ ଦାନ ଅନୁଭବ କରି ପାରିବେ । ବାଇବଲର ଉକ୍ତି ଅନୁଯାୟୀ, ଅନ୍ୟ କାହା ମଧ୍ୟରେ ଈଶ୍ୱରଙ୍କ ଆତ୍ମା ବାସ କରନ୍ତି ନାହିଁ, କାରଣ ଯେଉଁମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି, ସେମାନଙ୍କୁ ଓ କେବଳ ସେମାନଙ୍କୁ ପବିତ୍ରାତ୍ମା ଦାନ କରାଯାଇଛି ।

ଆମ୍ଭେମାନେ ଆନନ୍ଦ ଓ ଶାନ୍ତି ମଧ୍ୟ ଲାଭ କରି ପାରିବୁ । ଜଗତରୁ ବିଦାୟ ନେବାର ଠିକ୍ ପୂର୍ବରୁ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଥିଲେ, *'ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଛି, ମୋ' ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଛି । ଜଗତ ଯେପରି ଦିଏ, ମୁଁ ତୁମ୍ଭମାନଙ୍କୁ ସେପରି ଦେଉ ନାହିଁ । ତୁମ୍ଭମାନଙ୍କର ହୃଦୟ ଉଦ୍‌ବିଗ୍ନ, କିମ୍ବା ଭୀତ ନ ହେଉ'* (ଯୋହନ ୧୪:୨୭) । *'ତୁମ ଅନ୍ତରରେ ମୋର ଆନନ୍ଦ ଯେପରି ରହିଥବ ଓ ତୁମର ଆନନ୍ଦ ଯେପରି ପରିପୂର୍ଣ୍ଣ ହେବ, ଏଥିପାଇଁ ମୁଁ ଏହା କହିଲି'* (ଯୋହନ ୧୫:୧୧) । *'ମୁଁ ତୁମ୍ଭମାନଙ୍କୁ ଏ ସମସ୍ତ କଥା କହିଛି ଯେପରି ତୁମ୍ଭେମାନେ ମୋ'ଠାରେ ଶାନ୍ତି ଲାଭ କରିବ । ଏ ଜଗତରେ ତୁମ ପାଇଁ ଦାରୁଣ କ୍ଳେଶ ଅଛି, କିନ୍ତୁ ମନରେ ସାହସ ଧର । ମୁଁ ଜଗତକୁ ଜୟ କରିଅଛି'* (ଯୋହନ ୧୬:୩୩) ।

ଶାନ୍ତି ଓ ଆନନ୍ଦ ନିମନ୍ତେ ପୃଥିବୀ ଆଜି ଇତସ୍ତତଃ ଖୋଜି ବୁଲୁଛି କିନ୍ତୁ ପାଉନାହିଁ । କିନ୍ତୁ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ତାହାଙ୍କ ସହଭାଗିତାରେ ଏହା ପାଇଥା'ନ୍ତି । ବିଶ୍ୱସ୍ତ ଶିଷ୍ୟମାନଙ୍କୁ ତାହାଙ୍କର ବହୁ ଦାନ ମଧ୍ୟରୁ ଏ ଦୁଇଟି ଦାନ ଅତି ମୂଲ୍ୟବାନ । ଅବଶ୍ୟ ଏକଥା ମଧ୍ୟ କହିହେବ ନାହିଁ ଯେ, ସେମାନେ କେବେ ଦୁଃଖ ବା ନୈରାଶ୍ୟ ଅନୁଭବ କରନ୍ତି ନାହିଁ, କାରଣ ସମୟକୁ ସମୟ ସେମାନଙ୍କୁ ଦୁଃଖ ଓ ନୈରାଶ୍ୟର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତଥାପି ପାଉଲ ଯେପରି ଲେଖିଛନ୍ତି, ସେମାନେ–'ଦୁଖଗ୍ରସ୍ତ ତଥାପି ସର୍ବଦା ଆନନ୍ଦ କରନ୍ତି ।' ଆମ୍ଭେମାନେ ତାହାଙ୍କର ଶିଷ୍ୟ ହେଲେ, ଏହି ଜୀବନରେ ବହୁ ଆଶୀର୍ବାଦ ଲାଭ ଏବଂ ଏହି ଜୀବନ ଶେଷରେ ଈଶ୍ୱରଙ୍କ ସମୀପରେ ଅନନ୍ତକାଳୀନ ଆଶୀର୍ବାଦ ଲାଭ କରିବା ।

ଗୁରୁ କହିଥିଲେ, *'ମୁଁ ତୁମକୁ ସତ୍ୟ କହୁଛି, ଯେ କେହି ମୋ' ପାଇଁ ଓ ସୁସମାଚାର ପାଇଁ ଗୃହ, ଭ୍ରାତା, ଭଗିନୀ, ମାତା, ପିତା, ସନ୍ତାନସନ୍ତତି ବା ଭୂସମ୍ପତ୍ତି ତ୍ୟାଗ କରିଛି, ସେ ଇହକାଳରେ ନିର୍ଯ୍ୟାତନା ଭୋଗ କରିବା ସହିତ ଶତ ଗୁଣରେ ଗୃହ, ଭ୍ରାତା, ଭଗିନୀ, ମାତା, ସନ୍ତାନସନ୍ତତି ଓ ଭୂସମ୍ପତ୍ତି, ପୁଣି ପରକାଳରେ ଅନନ୍ତ ଜୀବନ ଲାଭ ନ କରିବ, ଏପରି କେହି ନାହିଁ'* (ମାର୍କ ୧୦:୨୯–୩୦) ।



ଏହା ପାର୍ଥିବ ଧନ ସମ୍ପତ୍ତିର ପ୍ରତିଜ୍ଞା ନୁହେଁ, ଏହା ଆତ୍ମିକ ସମ୍ପଦକୁ ବୁଝାଏ । ତାହା ହେଲା ପ୍ରେମ ରୂପକ ଧନ, ପ୍ରକୃତ ବନ୍ଧୁତା, ଈଶ୍ୱରଙ୍କ ଲୋକମାନଙ୍କ ସଙ୍ଗେ ଏକତା ଏବଂ ଈଶ୍ୱରଙ୍କ ପରିବାରର ଚିରସ୍ଥାୟୀ ସଭ୍ୟ ହେବା ।

ପୂର୍ବବର୍ତ୍ତୀ ଉଦ୍ଧୃତାଂଶରେ 'ତାଡ଼ନା' ଓ 'ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଲେଶ ଅଛି'–ଏହି କଥାଗୁଡ଼ିକୁ ଲକ୍ଷ୍ୟ କରୁ । ଜଗତ ସବୁବେଳେ ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ବିରୋଧ କରିବ ଏବଂ ଯେଉଁମାନେ ଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି ନାହିଁ, ସେମାନଙ୍କ ହାତରେ ଶିଷ୍ୟମାନେ ଦୁଃଖଭୋଗ କରିବେ । ଯେଉଁ ଜଗତ ଖ୍ରୀଷ୍ଟଙ୍କୁ କ୍ରୁଶରେ ହତ୍ୟା କଲା, ତାହା ନିଶ୍ଚୟ ତାହାଙ୍କର ଲୋକଙ୍କୁ ଆନନ୍ଦରେ ଆଲିଙ୍ଗନ କରିବ ନାହିଁ । ଯୀଶୁ ଥରକୁ ଥର ତାହାଙ୍କ ଶିଷ୍ୟମାନଙ୍କୁ ସତର୍କ କରିଦେଇ କହିଥିଲେ ଯେ ସେମାନେ ନାନା ବିରୋଧ ଓ ଦୁଃଖ ଭୋଗର ସମ୍ମୁଖୀନ ହେବେ । ତାହାଙ୍କ ପଥ ଯେ, ସୁଗମ, ସେ କଦାପି ସେ କଥା କହି ନ ଥିଲେ ବା ସୁଖମୟ, ସ୍ୱଚ୍ଛନ୍ଦ ଜୀବନର ପ୍ରତିଜ୍ଞା ଦେଇ ନ ଥିଲେ । କିନ୍ତୁ ସେ ଶିଷ୍ୟମାନଙ୍କୁ ଏହି ଭରସାର ବାଣୀ ଶୁଣାଇଥିଲେ ଯେ, ଦୁଃଖ ଓ ତାଡ଼ନା ମଧ୍ୟରେ ସେମାନେ ଈଶ୍ୱରଙ୍କ ଶାନ୍ତି ଓ ଆଲିଙ୍ଗନ ଲାଭ କରି ପାରିବେ ।

ସମସ୍ତ ଦୁଃଖ ଓ ତାଡ଼ନା ସତ୍ତ୍ୱେ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେବାଠାରୁ ପୃଥିବୀରେ ମହତ୍ତର ଆଉ କିଛି ନାହିଁ । ସର୍ବଶକ୍ତିମାନ, କରୁଣାମୟ ଓ ବିଶ୍ୱସ୍ତ ଏହି ଗୁରୁଙ୍କ ଶିଷ୍ୟ ହେବା ଫଳରେ ଆମ୍ଭେମାନେ ଯେତେ ଯେତେ ଆଶୀର୍ବାଦ ଲାଭ କରି ପାରିବୁ, ତାହାର ସଂଖ୍ୟା ନିର୍ଣ୍ଣୟ କରି ହେବ ନାହିଁ । ଖ୍ରୀଷ୍ଟଙ୍କର ଶିଷ୍ୟ ହେବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ଲାଭ କରିବା ସଙ୍ଗେ ସଙ୍ଗେ ସମସ୍ତ ଆତ୍ମିକ ଆଶୀର୍ବାଦର ଅଧିକାରୀ ହୋଇଥାଉ । ଏହା ଗ୍ରହଣ କରିବା ନିମନ୍ତେ, ଆତ୍ମାରେ ଦୁର୍ବଳ ଏପରିକି ଅଧମ ମନୁଷ୍ୟକୁ ମଧ୍ୟ ସେ ଆହ୍ୱାନ କରୁଛନ୍ତି ।

କିନ୍ତୁ ଆମ୍ଭେମାନେ ଯଦି ତାହାଙ୍କର ଶିଷ୍ୟ ହେବାକୁ ଇଚ୍ଛା କରୁ, ତେବେ ତାହାଙ୍କ ଦତ୍ତ ଆଶୀର୍ବାଦ ବ୍ୟତୀତ ଆମ୍ଭମାନଙ୍କୁ ଆହୁରି ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ । ତାହାଙ୍କର ଶିଷ୍ୟ ହେବା ନିମନ୍ତେ ଯେଉଁସମସ୍ତ ସର୍ତ୍ତ

ରହିଛି, ସେଗୁଡ଼ିକ ପ୍ରତି ମଧ୍ୟ ଆମ୍ଭମାନଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ । ପୂର୍ବୋକ୍ତ ଆଶୀର୍ବାଦ କେବଳ ତାହାଙ୍କର ପ୍ରକୃତ ଶିଷ୍ୟମାନେ ଲାଭ କରିଥା'ନ୍ତି, ତେଣୁ ତାହାଙ୍କର ଶିଷ୍ୟ ହୋଇ ମଧ୍ୟ ଆମ୍ଭେମାନେ ଅସାବଧାନତାବଶତଃ ନିଜ ନିଜର କର୍ତ୍ତବ୍ୟ ଜ୍ଞାନ ହରାଇ ନ ବସୁ ।

## ସର୍ତ୍ତ

ତାହାଙ୍କର ଶିଷ୍ୟ ହେବା ନିମନ୍ତେ, ତାହାଙ୍କର ନିର୍ଦ୍ଦେଶ ଅନୁସାରେ ଆମ୍ଭମାନଙ୍କୁ ତାହାଙ୍କର ଜୁଆଳି ନେବାକୁ ହେବ ଓ ତାହାଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ । ଏହାର ପ୍ରକୃତ ଅର୍ଥ କ'ଣ ? କ'ଣ ବିଶ୍ରାମବିହୀନ ଅତିଶ୍ରାନ୍ତ ପରିଶ୍ରମ ? ନା, ବରଂ ଠିକ୍ ତାହାର ବିପରୀତ । ଏହାର ପ୍ରକୃତ ଅର୍ଥ ହେଲା ବିଶ୍ରାମ ଓ ମୁକ୍ତି ।

ତାହାଙ୍କର ଜୁଆଳି ଗ୍ରହଣ କରିବା ଅର୍ଥ, ସ୍ୱେଚ୍ଛାରେ ତାହାଙ୍କ ସଙ୍ଗେ ନିଜକୁ ମିଶାଇ ଦେବା । ଆମ୍ଭମାନଙ୍କ ଜୀବନ, ହୃଦୟ ଓ ଆତ୍ମା ତାହାଙ୍କୁ ସମର୍ପଣ କରି, ତାହାଙ୍କ ଇଚ୍ଛାର ବାଧ୍ୟ ହୋଇ ତାହାଙ୍କ ସଙ୍ଗେ ସଙ୍ଗେ ଚାଲି, ତାହାଙ୍କ ଆନନ୍ଦର ସହଭାଗୀ ହୋଇ ଓ ତାହାଙ୍କଠାରେ ବିଶ୍ରାମ ଲାଭ କରି ଜୀବନ ଅତିବାହିତ କରିବା ଏହି ଜୁଆଳିର ଗୂଢ଼ ଅର୍ଥ ।

ତାହାଙ୍କର ଶିଷ୍ୟ ରୂପେ, ନିଜ ନିଜ ହୃଦୟରେ ତାହାଙ୍କୁ ପ୍ରଧାନ ସ୍ଥାନ ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଅନ୍ୟମାନଙ୍କଠାରୁ, ଏପରିକି ନିଜ ନିଜ ପରିବାରର ଅତି ପ୍ରିୟଜନଙ୍କଠାରୁ ଆମ୍ଭମାନଙ୍କୁ ତାହାଙ୍କୁ ପ୍ରେମ କରିବାକୁ ପଡ଼ିବ । ଗୁରୁ କହିଥିଲେ, *'କେହି ଯଦି ନିଜ ପିତାମାତାଙ୍କୁ ମୋ'ଠାରୁ ଅଧିକ ଭଲ ପାଏ, ତେବେ ସେ ମୋର ଯୋଗ୍ୟ ନୁହେଁ, କେହି ଯଦି ତା'ର ପୁତ୍ରକନ୍ୟାକୁ ମୋ'ଠାରୁ ଅଧିକ ଭଲ ପାଏ, ତେବେ ସେ ମୋର ଯୋଗ୍ୟ ନୁହେଁ'* (ମାଥିଉ ୧୦:୩୭) । ଅନ୍ୟ ଏକ ସ୍ଥାନରେ ଖ୍ରୀଷ୍ଟ ଇଙ୍ଗିତରେ ଜଣାଇ ଦେଇଥିଲେ ଯେ, *'କେହି ଯଦି ମୋ' ନିକଟକୁ ଆସି ନିଜର ପିତା ଓ ମାତାକୁ, ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କୁ, ନିଜର ଭାଇ ଓ ଭଉଣୀମାନଙ୍କୁ, ଏପରି କି ନିଜ ଜୀବନକୁ ସୁଦ୍ଧା ଅପ୍ରିୟ ନ ମଣେ, ସେ ମୋର ଶିଷ୍ୟ ହୋଇ ପାରିବ ନାହିଁ'* (ଲୂକ ୧୪:୨୬) ।



ତାହାଛଡ଼ା ଆମ୍ଭମାନଙ୍କୁ, ଆପଣା ଆପଣାକୁ ଅସ୍ୱୀକାର କରିବାକୁ ପଡ଼ିବ । କାରଣ ଖ୍ରୀଷ୍ଟ କହିଅଛନ୍ତି, *'କେହି ଯେବେ ମୋର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆତ୍ମତ୍ୟାଗ କରୁ ଓ ଆପଣାର କ୍ରୁଶ ବହନ କରି ମୋର ଅନୁଗମନ କରୁ'* (ମାଥିଉ ୧୬:୨୪) । *'ଯିଏ ତା'ର କ୍ରୁଶ ବହନ କରି ମୋର ଅନୁଗମନ ନ କରେ, ସେ ମୋର ଶିଷ୍ୟ ହୋଇ ପାରିବ ନାହିଁ'* (ଲୂକ ୧୪:୨୭) ।

କ୍ରୁଶ ମୃତ୍ୟୁର କଥା କହେ । ଆମ୍ଭେମାନେ ନିଜର ଅହଂ ଭାବକୁ ଈଶ୍ୱରଙ୍କ ସଙ୍ଗେ ସମାନ ନ କରି ତାହା ଅସ୍ୱୀକାର କରିବା ଏବଂ ନିଜକୁ ମୃତ୍ୟୁ ଦଣ୍ଡର ଯୋଗ୍ୟ ମନେ କରି, କ୍ରୁଶରେ ମୃତ୍ୟୁଭୋଗ ଯେ ଆମ୍ଭମାନଙ୍କ ପକ୍ଷରେ ଯଥାର୍ଥ ହୋଇଥା'ନ୍ତା, ତାହା ଯେପରି କଦାପି ଭୁଲି ନ ଯାଉ । ଆମ୍ଭମାନଙ୍କ ପୁରାତନ ଜୀବନ ଓ ସ୍ୱାର୍ଥପରତାର ମୃତ୍ୟୁକାମନା କରି, ଖ୍ରୀଷ୍ଟଙ୍କୁ ପ୍ରଭୁ ରୂପେ ଗ୍ରହଣ କରି, ଆମ୍ଭେମାନେ ନୂତନ ଜୀବନର ସଂକଳ୍ପ ନେଉ ।

ପାର୍ଥିବ ଧନସମ୍ପତ୍ତି ବିଷୟରେ ମଧ୍ୟ ଆମ୍ଭମାନଙ୍କର ଯଥାର୍ଥ ଧାରଣା ଥିବା ଆବଶ୍ୟକ । *'ସେହିପରି ଭାବରେ ତୁମ ମଧ୍ୟରୁ କେହି ଯଦି ନିଜର ସର୍ବସ୍ୱ ତ୍ୟାଗ ନ କରେ, ତେବେ ସେ ମୋର ଶିଷ୍ୟ ହୋଇ ପାରିବ ନାହିଁ'* (ଲୂକ ୧୪:୩୩) ।

ତେବେ ଏହାର କ'ଣ ଅର୍ଥ ଯେ, ଖ୍ରୀଷ୍ଟଙ୍କର ପ୍ରତ୍ୟେକ ଶିଷ୍ୟ, ନିଜ ନିଜର ଗୃହ ଓ ସର୍ବସ୍ୱ ତ୍ୟାଗ କରି, ଚାରିଆଡ଼େ ଘୂରି ଖାଦ୍ୟ ଭିକ୍ଷା କରିବେ ? ନା, ନିଶ୍ଚୟ ନୁହେଁ । ବାଇବଲର କୌଣସି ସ୍ଥାନରେ ଏପରି ଶିକ୍ଷା ଦେଖିବାକୁ ମିଳେ ନାହିଁ । ବାଇବଲରୁ ଅବଶ୍ୟ ଆମ୍ଭେମାନେ ଶିକ୍ଷା ପାଉ ଯେ, ଆମ୍ଭେମାନେ ନିଜ ନିଜର ସ୍ୱାର୍ଥ ପାଇଁ ନ ବଞ୍ଚି, ଆମ୍ଭମାନଙ୍କର ଯାହା ଯାହା ରହିଛି, ନିଜ ଖୁସିରେ ସେସମସ୍ତ କିପରି ଅପବ୍ୟୟ କରିବୁ, ସେ ଚିନ୍ତା ଯେପରି ଆମ୍ଭମାନଙ୍କ ମନରେ ସ୍ଥାନ ନ ପାଏ । ଆମ୍ଭମାନଙ୍କର ସର୍ବସ୍ୱ ଈଶ୍ୱରଙ୍କର ଏବଂ ଆମ୍ଭେମାନେ କେବଳ ସେ ସମସ୍ତର ରକ୍ଷକ । ଈଶ୍ୱର ଯଦି କିଛି ଦାନ କରିବାକୁ କହନ୍ତି, ଆମ୍ଭେମାନେ ତାହା ଦାନ କରିବାକୁ କୁଣ୍ଠିତ ନ ହେଉ । ସେହିପରି ଈଶ୍ୱର ଯଦି କହନ୍ତି, ତାହାଙ୍କର ଗୌରବ ନିମନ୍ତେ ତାହା ବ୍ୟୟ କରିବାକୁ ହେବ,

ତେବେ ଆମ୍ଭେମାନେ ସେହିପରି କରିବା । ଅନେକେ ଧନସମ୍ପତ୍ତି ଲୋଭ ଦ୍ୱାରା ନିଜ ନିଜ ଜୀବନର ସର୍ବନାଶ କରିଥା'ନ୍ତି । ଖ୍ରୀଷ୍ଟଙ୍କ ଶିଷ୍ୟ ରୂପେ, ପାର୍ଥିବ ବିଷୟ ନିମନ୍ତେ ନ ବଞ୍ଚି, ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁବରଣ କରି ମୃତ୍ୟୁରୁ ପୁନରୁତ୍ଥିତ ହେଲେ, ତାହାଙ୍କ ନିମନ୍ତେ ବଞ୍ଚି ରହିବା ।

ଖ୍ରୀଷ୍ଟଙ୍କ ବାକ୍ୟ ଅନୁସାରେ, ତାହାଙ୍କର ଶିଷ୍ୟତ୍ୱ ନିମନ୍ତେ ଏହା ହେଲା କେତୋଟି ମୁଖ୍ୟ ସର୍ତ୍ତ । ଯୀଶୁଙ୍କ ବିଷୟରେ, ନିଜ ନିଜ ବିଷୟରେ, ଅନ୍ୟମାନଙ୍କ ବିଷୟରେ ଓ ପାର୍ଥିବ ଧନସମ୍ପତ୍ତି ବିଷୟରେ, ଆମ୍ଭମାନଙ୍କର ଯଥାର୍ଥ ଧାରଣା ଜନ୍ମିବା ଆବଶ୍ୟକ ।

ସେ ସର୍ତ୍ତ ପାଳନ ନ କଲେ, ଆମ୍ଭେମାନେ ଖ୍ରୀଷ୍ଟଙ୍କର ପ୍ରକୃତ ଶିଷ୍ୟ ହୋଇପାରିବା ନାହିଁ । ଏହି ସର୍ତ୍ତଗୁଡ଼ିକ କ'ଣ ଅତି କଠୋର, ଏପରିକି ଅସଙ୍ଗତ ଓ ତାହା ପାଳନ ଅସମ୍ଭବ ମନେ ହୁଏ ? ଯଦି ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ ନ କରୁ ଓ ତାହାଙ୍କୁ ପ୍ରେମ ନ କରୁ, ତେବେ ହୁଏତ ସେହିପରି ମନେ ହେବ, କିନ୍ତୁ ଖ୍ରୀଷ୍ଟ ପ୍ରକୃତରେ କ'ଣ ଏବଂ ସେ ଯେଉଁ ପରିତ୍ରାଣ ଦାନ କରନ୍ତି, ତାହାର ମୂଲ୍ୟ କ'ଣ ତାହା ବୁଝି ଓ ଈଶ୍ୱର ଯେ ଆମ୍ଭମାନଙ୍କ ମନଫେରଣ ଓ ବିଶ୍ୱାସ ନିମନ୍ତେ ଆମ୍ଭମାନଙ୍କ ହୃଦୟରେ କାର୍ଯ୍ୟ କରିବେ, ତାହା ଉପଲବ୍ଧି କରି ପାରିଲେ ଆମ୍ଭେମାନେ ସହଜରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ପାରିବା ଏବଂ ତାହାଙ୍କର ଅନୁଗମନ କରିବା ନିମନ୍ତେ ଆମ୍ଭମାନଙ୍କ ଯାତ୍ରା ପଥରେ ସମସ୍ତ ପ୍ରତିବନ୍ଧକ ଦୂର ହୋଇଯିବ । ପ୍ରକୃତରେ ଉପରୋକ୍ତ ସମସ୍ତ ବିଷୟ ଯେ କେତେ ଯୁକ୍ତିସଙ୍ଗତ ଓ ଆମ୍ଭମାନଙ୍କ ଆତ୍ମିକ ଜୀବନ ନିମନ୍ତେ ଆବଶ୍ୟକ, ତାହା ଉପଲବ୍ଧି କରିବାକୁ ଆରମ୍ଭ କରୁ ।

## କର୍ତ୍ତବ୍ୟ ଓ ସେଥିନିମନ୍ତେ ସୁଯୋଗ

ଯେଉଁମାନେ ଖ୍ରୀଷ୍ଟଙ୍କ ଶିଷ୍ୟ ହେବା ନିମନ୍ତେ ଇଚ୍ଛା କରନ୍ତି, ସେମାନଙ୍କ ନିମନ୍ତେ ଯେପରି କେତେକ ସର୍ତ୍ତ ରହିଛି, ତାହାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ସାରିଥିବା ଆମ୍ଭମାନଙ୍କ ପକ୍ଷରେ କେତେକ ସୁଯୋଗ ଲାଭ କରିବା ସଙ୍ଗେ ସଙ୍ଗେ, ଆମ୍ଭମାନଙ୍କର କେତେକ କର୍ତ୍ତବ୍ୟ ମଧ୍ୟ ରହିଛି । ସେହି କର୍ତ୍ତବ୍ୟଗୁଡ଼ିକ ବିଷୟରେ ସଂକ୍ଷେପରେ ଆଲୋଚନା କରାଯାଉ ।



ଆମ୍ଭମାନଙ୍କୁ ନିୟମିତଭାବେ ତାହାଙ୍କର ବାକ୍ୟ ଅଧ୍ୟୟନ କରିବାକୁ ହେବ । ଯୀଶୁ କହିଅଛନ୍ତି, 'ଯଦି ତୁମ୍ଭେମାନେ ମୋହର ବାକ୍ୟରେ ଲାଗି ରୁହ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ ।' ଯୀଶୁ ଯାହା କହିଅଛନ୍ତି, ତାହା ଠିକ୍‌ଭାବେ ବୁଝିବାକୁ ଆମ୍ଭେମାନେ ଚେଷ୍ଟା କରିବା ଏବଂ ତାହାକୁ ଈଶ୍ୱରଙ୍କ ଅଭ୍ରାନ୍ତ ସତ୍ୟ ରୂପେ ଗ୍ରହଣ କରିବା । ଆମ୍ଭେମାନେ ସେ କଥାକୁ ସନ୍ଦେହ ନ କରୁ, ହତାଦର ନ କରୁ, ଭୟରେ ତାହାଠାରୁ ଦୂରେଇ ନ ଯାଉ । ଆମ୍ଭମାନଙ୍କ ପାଖରେ ଯଦି ବାଇବଲ ନ ଥାଏ, ଯେକୌଣସି ଉପାୟରେ ତାହା ସଂଗ୍ରହ କରି ଅଧ୍ୟୟନ କରିବାକୁ ହେବ । ବାଇବଲ, ଈଶ୍ୱରଙ୍କ ବାକ୍ୟ ଓ ଆତ୍ମିକ ଜୀବନରେ ବୃଦ୍ଧି ଲାଭ ନିମନ୍ତେ ଏହା ଉପାଦେୟ ଖାଦ୍ୟ ସ୍ୱରୂପ । *'ନବଜାତ ଶିଶୁ ଯେପରି ଦୁଗ୍ଧ ପାଇଁ ଲାଳାୟିତ, ତୁମେ ସେହିପରି ଅମିଶ୍ରିତ ପାରମାର୍ଥିକ ଦୁଗ୍ଧ ପାଇଁ ଲାଳାୟିତ ହୁଅ, ତା'ହେଲେ ତୁମ୍ଭେମାନେ ତଦ୍ୱାରା ପରିତ୍ରାଣରେ ବୃଦ୍ଧି ଲାଭ କରିବ, କାରଣ ପ୍ରଭୁ ଯେ ମଙ୍ଗଳମୟ, ଏହା ତୁମେ ତ ଏବେ ଅନୁଭବ କରିଛ'* (୧ ପିତର ୨:୨–୩) ।

ବାଇବଲ ଅଧ୍ୟୟନ ନିମନ୍ତେ ଆମ୍ଭେମାନେ ପ୍ରତ୍ୟେକ ଦିନ କିଛି ସମୟ ପୃଥକ ରଖୁ । ବାଇବଲ ଅଧ୍ୟୟନ ଆରମ୍ଭ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ, ପ୍ରଥମେ ସୁସମାଚାରଗୁଡ଼ିକ ଅଧ୍ୟୟନ କରିବା ସବୁଠାରୁ ଭଲ । କାରଣ ଖ୍ରୀଷ୍ଟ ପୃଥିବୀରେ ଥିବା ସମୟରେ ସେ କହିଥିବା କଥାଗୁଡ଼ିକ ଏଥିରେ ରହିଛି । ତା'ପରେ ନୂତନ ନିୟମର ଅବଶିଷ୍ଟ ପୁସ୍ତକ ଓ ପୁରାତନ ନିୟମ ଅଧ୍ୟୟନ କରାଯାଇ ପାରିବ । ଆମ୍ଭମାନଙ୍କର ଆଧ୍ୟାତ୍ମିକ ଜୀବନ ନିମନ୍ତେ ସମ୍ପୂର୍ଣ୍ଣ ବାଇବଲ ଅଧ୍ୟୟନ ଅତି ଗୁରୁତ୍ୱପୂର୍ଣ୍ଣ ।

ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ବାକ୍ୟ ମଧ୍ୟ ପାଳନ କରିବାକୁ ହେବ । କେବଳ ବାଇବଲ ଅଧ୍ୟୟନ ଯଥେଷ୍ଟ ନୁହେଁ । ସେଥିରେ ଖ୍ରୀଷ୍ଟ ଆମ୍ଭମାନଙ୍କୁ ଯେଉଁ ବାକ୍ୟ ଦାନ କରିଅଛନ୍ତି, ତାହା ଅଧ୍ୟୟନ କରି ଆମ୍ଭମାନଙ୍କୁ କାର୍ଯ୍ୟରେ ଲଗାଇବାକୁ ହେବ । ସେ କହିଥିଲେ, *'ଯେ ମୋର ଆଜ୍ଞାସବୁ ନେଇ ପାଳନ କରେ, ସେ ହିଁ ମୋତେ ପ୍ରେମ କରେ । ଯେ ମୋତେ ପ୍ରେମ କରେ, ମୋର ପିତା ତାଙ୍କୁ ପ୍ରେମ କରିବେ ଓ ମୁଁ ମଧ୍ୟ ତାକୁ ପ୍ରେମ କରି ତା' ନିକଟରେ*

*ନିଜକୁ ପ୍ରକାଶ କରିବି'* (ଯୋହନ ୧୪:୨୧) । ଥରେ ସେ ପ୍ରଶ୍ନ ମଧ କରିଥିଲେ, *'ତୁମ୍ଭେମାନେ ମୋତେ 'ପ୍ରଭୁ', 'ପ୍ରଭୁ' ବୋଲି ସମ୍ବୋଧନ କରୁଛ, ଅଥଚ ମୁଁ ଯାହା କହେ, ତାହା ପାଳନ କରୁ ନାହଁ କାହିଁକି ?'* ( ଲୂକ ୬:୪୬) । ତାଙ୍କର ଜଣେ ଶିଷ୍ୟ ଅତି ସରଳ ଓ ସ୍ପଷ୍ଟ ଭାବରେ କହିଅଛନ୍ତି, *'ଯେଉଁ ମନୁଷ୍ୟ କହେ, 'ମୁଁ ତାହାଙ୍କୁ ଜାଣେ, ଅଥଚ ସେ ତାହାଙ୍କର ଆଜ୍ଞାସକଳ ପାଳନ କରେ ନାହିଁ, ସେ ମିଥ୍ୟାବାଦୀ ଓ ତା' ମଧ୍ୟରେ ସତ୍ୟ ସ୍ଥାନ ପାଇ ନାହିଁ'* (୧ ଯୋହନ ୨:୪) ।

ଆମ୍ଭେମାନେ ଖ୍ରୀଷ୍ଟଙ୍କର ଅନୁଗମନ ନ କରି ତାହାଙ୍କର ଶିକ୍ଷା ପାଳନ ନ କରି, ମୁଖରେ ଯଦି କେବଳ କହୁ ଯେ ସେ ଜଣେ ମହାନ୍ ଗୁରୁ, ତେବେ ଆମ୍ଭମାନଙ୍କର ସେ କଥା ନିରର୍ଥକ । ସେ ଆମ୍ଭମାନଙ୍କର ଚାଟୁବାକ୍ୟ ଚାହାନ୍ତି ନାହିଁ, ସେ ଚାହାନ୍ତି ଆମ୍ଭମାନଙ୍କର ଆଜ୍ଞାନୁବର୍ତ୍ତିତା ।

ଆମ୍ଭମାନଙ୍କ ପ୍ରତି ଯାହା ଦୁଃଖ କଷ୍ଟ ଆସୁନା କାହିଁକି, ଆମ୍ଭେମାନେ ତାହାଙ୍କର ବାକ୍ୟ ଅଧ୍ୟୟନ କରି, ତାହା ପାଳନ କରୁ । ସେଥିରୁ ଆମ୍ଭମାନଙ୍କୁ ବିମୁଖ କରିବାକୁ ଓ ଆମ୍ଭମାନଙ୍କ ବିଶ୍ୱାସରେ ବାଧା ସୃଷ୍ଟି କରିବା ନିମନ୍ତେ ଶୟତାନ ତା'ର ସମସ୍ତ ଶକ୍ତି ଦେଇ ଯଥାସାଧ୍ୟ ଚେଷ୍ଟା କରିବ ଏବଂ ବିଭିନ୍ନ ଉପାୟରେ ଆମ୍ଭମାନଙ୍କ ମନରେ ନିରୁତ୍ସାହର ଭାବ ସୃଷ୍ଟି କରିବ । କିନ୍ତୁ ଯେ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ସେହି ଖ୍ରୀଷ୍ଟଙ୍କ ସହାୟତାରେ ଆମ୍ଭେମାନେ ଶୟତାନକୁ ଜୟ କରି ପାରିବା । ଯେତେ ପରୀକ୍ଷା, ପ୍ରଲୋଭନ ଆସୁନା କାହିଁକି, ଖ୍ରୀଷ୍ଟଙ୍କ ସଙ୍ଗେ ସଙ୍ଗେ ରହିବା, ଖ୍ରୀଷ୍ଟ-ଶିଷ୍ୟଙ୍କ ଜୀବନ ନିମନ୍ତେ ଏକ ମହତ ବିଷୟ ।

ଆମ୍ଭମାନଙ୍କୁ ପ୍ରାର୍ଥନା ଶିକ୍ଷା କରିବାକୁ ହେବ । ଯୀଶୁ କହିଥିଲେ, *'ନିରୁତ୍ସାହିତ ନ ହୋଇ ସର୍ବଦା ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ, ଏ ବିଷୟ ଦର୍ଶାଇବାକୁ ଯୀଶୁ ନିଜର ଶିଷ୍ୟମାନଙ୍କୁ ଏହି ଦୃଷ୍ଟାନ୍ତ-ଗଳ୍ପ କହିଲେ'* (ଲୂକ ୧୮:୧) । ଯୀଶୁ ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି, ଖ୍ରୀଷ୍ଟବିଶ୍ୱାସୀ ରୂପେ ତାହା ଜାଣି, ତାହାଙ୍କ ନାମରେ ଈଶ୍ୱରଙ୍କ ସମୀପକୁ ଆସିବା ଆମ୍ଭମାନଙ୍କ ନିମନ୍ତେ ଏକ ମହାନ୍ ସୁଯୋଗ । ମନୁଷ୍ୟ ନିମନ୍ତେ, ଈଶ୍ୱରଙ୍କ ଅନୁଗ୍ରହ, ଶକ୍ତି ଓ



ସାହାଯ୍ୟର ପ୍ରୟୋଜନ ସବୁବେଳେ ରହିଛି ଏବଂ ସେସମସ୍ତ ଲାଭ କରିବା ନିମନ୍ତେ ମନୁଷ୍ୟ ପାଇଁ ଈଶ୍ୱର, ପ୍ରାର୍ଥନାର ବ୍ୟବସ୍ଥା କରିଅଛନ୍ତି । ଯୀଶୁ କହିଥିଲେ, *'ମାଗ, ତୁମକୁ ଦିଆଯିବ । ଖୋଜ, ତୁମେ ପାଇବ । ଦ୍ୱାରରେ ଆଘାତ କର, ତୁମ ପାଇଁ ଦ୍ୱାର ଖୋଲାଯିବ'* (ମାଥିଉ ୭:୭) ।

ପ୍ରାର୍ଥନାରେ କ'ଣ ମାଗିବା ଓ ଈଶ୍ୱରଙ୍କ ଦାନ ଏବଂ ଅନୁଗ୍ରହ ନିମନ୍ତେ କିପରି ତାହାଙ୍କୁ ଧନ୍ୟବାଦ ଜଣାଇବା, ବାଇବଲ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ତାହା ଶିକ୍ଷା କରିପାରିବା । ଈଶ୍ୱର ପ୍ରାର୍ଥନା ଶୁଣି ଉତ୍ତର ଦେଇଥା'ନ୍ତି । ଆମ୍ଭେମାନେ ପ୍ରତ୍ୟେକ ଦିନ ତାହାଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କ ହୃଦୟ ତୋଳି ଧରିବା ଏବଂ ତାହାଙ୍କର ସ୍ତୁତି କରି ଆମ୍ଭମାନଙ୍କ ନିବେଦନ ଜଣାଇ ପାରିବା । ବାଇବଲ ଅଧ୍ୟୟନ ସଙ୍ଗେ, ପ୍ରାର୍ଥନା ନିମନ୍ତେ ମଧ ନିର୍ଦ୍ଦିଷ୍ଟ ସମୟ ରଖିଲେ ଭଲ ହେବ ।

କିନ୍ତୁ ଆମ୍ଭେମାନେ ଯେକୌଣସି ସମୟରେ ଓ ସ୍ଥାନରେ ପ୍ରାର୍ଥନା କରିପାରୁ, କାରଣ ଆମ୍ଭେମାନେ ଜାଣୁ ଯେ, ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରିବାକୁ ଈଶ୍ୱର ସର୍ବଦା କର୍ଣ୍ଣପାତ କରିଥାଆନ୍ତି ।

ଅନ୍ୟମାନଙ୍କ ସମ୍ମୁଖରେ ଆମ୍ଭମାନଙ୍କୁ ମୁକ୍ତକଣ୍ଠରେ ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାକୁ ହେବ । ଯୀଶୁ କହିଥିଲେ, *'କେହି ଯେବେ ମୋତେ ଲୋକଙ୍କ ସାକ୍ଷାତରେ ସ୍ୱୀକାର କରେ, ତେବେ ମୁଁ ମଧ ତାକୁ ମୋର ସ୍ୱର୍ଗସ୍ଥପିତାଙ୍କ ସାକ୍ଷାତରେ ସ୍ୱୀକାର କରିବି । କିନ୍ତୁ କେହି ଯେବେ ମୋତେ ଲୋକଙ୍କ ସାକ୍ଷାତରେ ଅସ୍ୱୀକାର କରେ, ମୁଁ ମୋର ସ୍ୱର୍ଗସ୍ଥପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି'* (ମାଥିଉ ୧୦:୩୨-୩୩) । ପାଉଲ ଲେଖିଛନ୍ତି, *'ଯଦି ତୁମ ମୁଖରେ ସ୍ୱୀକାର କର ଯେ ଯୀଶୁ ପ୍ରଭୁ ଅଟନ୍ତି ଏବଂ ହୃଦୟରେ ବିଶ୍ୱାସ କର ଯେ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି, ତେବେ ତୁମେ ପରିତ୍ରାଣ ପାଇବ । ଯେହେତୁ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ଧାର୍ମିକ ବିବେଚିତ ହୁଏ ଏବଂ ମୁଖରେ ସ୍ୱୀକାର କରେ ଓ ପରିତ୍ରାଣ ଲାଭ କରେ'* (ରୋମୀୟ ୧୦:୯-୧୦) । ଗୋପନ ବିଶ୍ୱାସୀ ହେବା ନିମନ୍ତେ ବାଇବଲ କାହାକୁ ଉତ୍ସାହିତ କରେନା, ତେଣୁ ଆମ୍ଭେମାନେ ମଧ ସେପରି ଚେଷ୍ଟା

କରିବା ନାହିଁ । ଖ୍ରୀଷ୍ଟଙ୍କ ନିମନ୍ତେ ଭୀତ ଓ ଲଜ୍ଜିତ ହୋଇ ଆମ୍ଭେମାନେ ଯଦି ନୀରବ ରହୁ, ଆମ୍ଭମାନଙ୍କୁ ବୁଝିବାକୁ ହେବ ଯେ, ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ପ୍ରକୃତରେ ବିଶ୍ୱାସ କରୁ ନାହୁଁ । ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଅନ୍ୟମାନଙ୍କ ନିମନ୍ତେ ତାହାଙ୍କର ସାକ୍ଷୀ ସ୍ୱରୂପେ କାର୍ଯ୍ୟ କରିବା ଉଚିତ୍, କାରଣ ଖ୍ରୀଷ୍ଟଙ୍କ ସୁସମାଚାରରେ ନିହିତ ସତ୍ୟତାର ପ୍ରୟୋଜନ ଅନ୍ୟମାନଙ୍କର ମଧ୍ୟ ରହିଛି ଓ ସେମାନଙ୍କୁ ତାହା ଜଣାଇବା, ଖ୍ରୀଷ୍ଟଙ୍କ ଶିଷ୍ୟ ରୂପେ ଆମ୍ଭମାନଙ୍କର ଜୀବନର ସୁଯୋଗ ଓ କର୍ତ୍ତବ୍ୟ ।

ଆମ୍ଭମାନଙ୍କୁ ଦଳଦୀକ୍ଷା ଗ୍ରହଣ କରିବାକୁ ହେବ । ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଥିଲେ *‘ତେଣୁ ସବୁ ଜାତିର ଲୋକମାନଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ଶିଷ୍ୟ କର’* (ମାଥିଉ ୨୮:୧୯) । ଏବଂ *‘ଯେ ବିଶ୍ୱାସ କରି ବାପ୍ତିସ୍ମ ଗ୍ରହଣ କରିବ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ବିଶ୍ୱାସ କରିବ ନାହିଁ, ସେ ଦଣ୍ଡିତ ହେବ’* (ମାର୍କ ୧୬:୧୬) ।

ବିଶ୍ୱାସୀ ପକ୍ଷରେ ଖ୍ରୀଷ୍ଟ ଓ ତାହାଙ୍କ ଲୋକମାନଙ୍କ ସଙ୍ଗେ ନିଜକୁ ମିଶାଇ ଦେବାର ପ୍ରକାଶ୍ୟ ଚିହ୍ନ ହେଲା ଜଳଦୀକ୍ଷା ଏବଂ ପୁରାତନ ଜୀବନର ମୃତ୍ୟୁ ଓ ପୁନରୁତ୍ଥିତ ନୂତନ ଜୀବନର ନିଦର୍ଶନ । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ ବୋଲି ଆମ୍ଭେମାନେ ଯଦି କହୁ, କିନ୍ତୁ ବାପ୍ତିସ୍ମ ନେବା ନିମନ୍ତେ କୁଣ୍ଠାର ସହିତ ଅସ୍ୱୀକାର କରୁ, ତେବେ ଆମ୍ଭେମାନେ ନିଜେ ନିଜକୁ ପ୍ରଶ୍ନ କରିବା–ମୁଁ କ'ଣ ପ୍ରକୃତରେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରେ ?

ଆମ୍ଭମାନଙ୍କୁ ଅନ୍ୟ ଖ୍ରୀଷ୍ଟବିଶ୍ୱାସୀଙ୍କ ସଙ୍ଗେ ସହଭାଗିତା ସ୍ଥାପନ କରିବାକୁ ହେବ । ଯେଉଁଠାରେ ବାଇବଲ ସମ୍ବନ୍ଧରେ ଆଲୋଚନା କରାଯାଏ, ସେହିପରି ସଭାକୁ ନିୟମିତଭାବେ ଯାଇ ଖ୍ରୀଷ୍ଟବିଶ୍ୱାସୀମାନଙ୍କ ସଙ୍ଗେ ଆମ୍ଭମାନଙ୍କୁ ସହଯୋଗ କରିବାକୁ ହେବ । ଆମ୍ଭେମାନେ ଏ ବିଷୟରେ ପ୍ରାର୍ଥନା ଦ୍ୱାରା ନିଜ ନିଜକୁ ବିଶେଷଭାବେ ସାବଧାନ କରାଇବୁ, କାରଣ ନିଜ ନିଜକୁ ଖ୍ରୀଷ୍ଟଙ୍କ ଶିଷ୍ୟ ବୋଲି କହୁଥିବା ପ୍ରତ୍ୟେକ ଲୋକ ପ୍ରକୃତରେ ଖ୍ରୀଷ୍ଟଙ୍କ ଶିଷ୍ୟ ନୁହନ୍ତି ଓ ବହୁ ମଣ୍ଡଳୀ, ପ୍ରକୃତ ଶିକ୍ଷା ଦେଉଛନ୍ତି ବୋଲି ଯାହା ଦାବୀ କରନ୍ତି, ସେଗୁଡ଼ିକ ପ୍ରକୃତରେ ସେପରି ଶିକ୍ଷା ଦେଇ ନ ଥା'ନ୍ତି । କିନ୍ତୁ ପ୍ରକୃତ ବିଶ୍ୱାସୀଙ୍କ ସନ୍ଧାନ



ଆମ୍ଭେମାନେ ନିଶ୍ଚୟ ପାଇପାରିବୁ ଏବଂ ସେମାନଙ୍କର ବନ୍ଧୁତା ଓ ସହଭାଗିତା, ଆମ୍ଭମାନଙ୍କର ଆତ୍ମିକ ଜୀବନକୁ ବିଶେଷଭାବେ ପରିପୁଷ୍ଟ କରିପାରିବ । ଗୁରୁଙ୍କ ଶିଷ୍ୟମାନେ, ଏକାକୀ ଯେ ଜୀବନ ସଂଗ୍ରାମର ସମ୍ମୁଖୀନ ହୁଅନ୍ତୁ, ଏ କଥା କଦାପି ସେ ଚାହିଁ ନ ଥିଲେ ।

ନିଜ ନିଜକୁ ଓ ଆମ୍ଭମାନଙ୍କର ଧନସମ୍ପତ୍ତିକୁ ଖ୍ରୀଷ୍ଟଙ୍କ କାର୍ଯ୍ୟରେ ଲଗାଇବା ନିମନ୍ତେ ଶିକ୍ଷା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଖ୍ରୀଷ୍ଟଙ୍କ ଶିଷ୍ୟ ରୂପେ ଆମ୍ଭେମାନେ ନିଜ ପାଇଁ ବଞ୍ଚିବୁ ନାହିଁ ବା ଆମ୍ଭମାନଙ୍କର ଅର୍ଥ, ସମୟ ଓ ସାମର୍ଥ୍ୟ, ଖ୍ରୀଷ୍ଟଙ୍କ କାର୍ଯ୍ୟରେ ନ ଲଗାଇ ନିଜ ଇଚ୍ଛାରେ ବ୍ୟୟ କରିବୁ ନାହିଁ । ଆମ୍ଭେମାନେ ନିଜେ ଓ ଆମ୍ଭମାନଙ୍କର ଯାହାକିଛି ରହିଛି, ସମସ୍ତ ଖ୍ରୀଷ୍ଟଙ୍କର ଏବଂ ସେହି ବିଷୟ ପ୍ରତି ଲକ୍ଷ୍ୟ ରଖି ଆମ୍ଭେମାନେ ଯେପରି ଜୀବନ ଯାପନ କରୁ । ଆମ୍ଭେମାନେ ସବୁ ମନୁଷ୍ୟଙ୍କୁ ପ୍ରେମ କରିବା, ଏପରିକି ଯେଉଁମାନେ ଆମ୍ଭମାନଙ୍କୁ ଘୃଣା କରନ୍ତି ଓ ଆମ୍ଭମାନଙ୍କର କ୍ଷତି କରିଥା'ନ୍ତି । ସେମାନଙ୍କର ମଙ୍ଗଳ କାମନା କରି ପ୍ରାର୍ଥନା କରୁ କରୁ ଆମ୍ଭେମାନେ ସେମାନଙ୍କର ପରିତ୍ରାଣ ନିମନ୍ତେ ଉଦ୍ୟମ କରିବା । ଯୀଶୁ କହିଅଛନ୍ତି, *‘ତୁମର ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମକୁ ନିର୍ଯ୍ୟାତନା କରନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କର’* (ମାଥିଉ ୫:୪୪) ।

ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ, ଆମ୍ଭମାନଙ୍କର ସଙ୍ଗୀ, ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଯାହା ହେଉନ୍ତୁ ନା କାହିଁକି, ସେମାନଙ୍କ ପ୍ରତି ଆମ୍ଭମାନଙ୍କର ବିଶେଷ ସ୍ନେହ ଥିବା ଆବଶ୍ୟକ । ଗୁରୁ କହିଥିଲେ, *‘ମୁଁ ତୁମ୍ଭମାନଙ୍କୁ ଯେପରି ପ୍ରେମ କରିଛି, ତୁମ୍ଭେମାନେ ପରସ୍ପରକୁ ସେହିପରି ପ୍ରେମ କର–ଏହା ମୋର ଆଜ୍ଞା’* (ଯୋହନ ୧୫:୧୨) । ଖ୍ରୀଷ୍ଟଙ୍କ ପଥ ହେଲା ପ୍ରେମର ପଥ ଏବଂ ପ୍ରକୃତ ଶିଷ୍ୟଙ୍କୁ ତାହାଙ୍କର ପଦାଙ୍କ ଅନୁସରଣ କରିବାକୁ ହେବ । ଏହା କରି ଆମ୍ଭେମାନେ ନିଜ ନିଜକୁ ସମଗ୍ର ବିଶ୍ୱର ମହାନ୍ ଭ୍ରାତୃତ୍ୱ ମଧ୍ୟରେ ମିଶାଇ ଦେଇ ପାରିବା ଏବଂ ବାଇବଲର ବାକ୍ୟ ଅନୁସାରେ, ସେଠାରେ ଜାତି, ଗୋଷ୍ଠୀ ଓ ବର୍ଣ୍ଣର ଭେଦାଭେଦ ନ ଥିବ । ସମସ୍ତ ମନ୍ଦତାକୁ ବର୍ଜନ କରି ଆମ୍ଭମାନଙ୍କୁ ପବିତ୍ର ଜୀବନ ପଥରେ ଅଗ୍ରସର

ହେବାକୁ ପଡ଼ିବ । ଈଶ୍ୱର ତାହାଙ୍କ ବାକ୍ୟରେ ଥରକୁ ଥର ଜଣାଇଛନ୍ତି, ମୁଁ ଯେପରି ପବିତ୍ର, ତୁମ୍ଭେମାନେ ସେହିପରି ପବିତ୍ର ହେବ' ଓ ଆମ୍ଭମାନଙ୍କୁ ଆହୁରି ଜଣାଇଛନ୍ତି, *'ସବୁ ଲୋକଙ୍କ ସହିତ ଶାନ୍ତିରେ ବାସ କରିବାକୁ ଓ ପବିତ୍ର ଜୀବନ ଯାପନ କରିବାକୁ ସବୁ ପ୍ରକାରେ ଉଦ୍ୟମ କର, ପବିତ୍ରତା ବ୍ୟତୀତ କେହି ପ୍ରଭୁଙ୍କର ଦର୍ଶନ ପାଇବ ନାହିଁ'* (ଏବ୍ରୀ ୧୨:୧୪) ।

ଯାହା ଦୂଷିତ, ତ୍ରୁଟିପୂର୍ଣ୍ଣ ଓ ମିଥ୍ୟା, ସେଥିରୁ ନିଜକୁ ପୃଥକ କରି ନିଜକୁ ଶୁଦ୍ଧ, ପବିତ୍ର ରଖିବା ଆମ୍ଭମାନଙ୍କର ଲକ୍ଷ୍ୟ ହେଉ । ଈଶ୍ୱରଙ୍କ ସନ୍ତୋଷ ବିଧାନର ଅନ୍ୟ ଉପାୟ ନାହିଁ ଓ ଆମ୍ଭେମାନେ ଯାହା ଭାବୁ ବା ବିଶ୍ୱାସ କରୁନା କାହିଁକି, ପବିତ୍ରତା ବିନା ଆମ୍ଭେମାନେ ଅନନ୍ତ ଜୀବନ ଲାଭ କରି ପାରିବା ନାହିଁ । ଯାହା ଘଟୁନା କାହିଁକି, ଆମ୍ଭେମାନେ ସଦାସର୍ବଦା ଖ୍ରୀଷ୍ଟଙ୍କଠାରେ ଦୃଢ଼ ରହିବା । ଆମ୍ଭେମାନେ ନାନା ପରୀକ୍ଷାର ସମ୍ମୁଖୀନ ହୋଇପାରୁ, ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କ ବ୍ୟବହାରରେ ଆମ୍ଭେମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇପାରୁ ଏବଂ ସମୟେ ସମୟେ ଆମ୍ଭମାନଙ୍କ ପକ୍ଷରେ ଜୀବନ, ଗଭୀର ରାତ୍ରିର ଘନ ଅନ୍ଧକାରର ରୂପ ନେଇପାରେ, କିନ୍ତୁ ଖ୍ରୀଷ୍ଟଙ୍କ ପ୍ରତିଜ୍ଞା ବିଫଳ ହୋଇ ପାରେନା । ତାହାଙ୍କଠାରେ ଭରସା ସ୍ଥାପନ କଲେ ସେ ଆମ୍ଭମାନଙ୍କୁ ସମସ୍ତ ପରୀକ୍ଷା ଓ ବିପଦ ମଧ୍ୟରୁ ନିରାପଦରେ ବାଟ କଢ଼ାଇ ନେବେ ।

ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ନିମନ୍ତେ ରହିଛି ଏହି ସମସ୍ତ କର୍ତ୍ତବ୍ୟ ଓ ସୁଯୋଗ । ଗୋଟିଏ ଦୃଷ୍ଟିରୁ ଏସମସ୍ତ ସୁଯୋଗ ଅତି ମହତ୍ତ୍ୱପୂର୍ଣ୍ଣ ।

କୌଣସି ବ୍ୟକ୍ତିର ଏସମସ୍ତ କରିବାକୁ ଯଦି ଆଗ୍ରହ ନ ଥାଏ, ତେବେ ସେ ଯେ ଈଶ୍ୱରଙ୍କୁ ଜାଣେ ଓ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରେ, ଏ କଥା କଳ୍ପନା କରିବା ମଧ୍ୟ ତା' ପକ୍ଷରେ ଅର୍ଥହୀନ । ତା'ର ବିଶ୍ୱାସ ଯଥାର୍ଥ ନୁହେଁ ଓ ସେପରି ବିଶ୍ୱାସ କରିବାକୁ ଯାଇ ସେ କେବଳ ପ୍ରତାରିତ ହୋଇଛି । ଈଶ୍ୱରଙ୍କ ପରିତ୍ରାଣ ଆମ୍ଭମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ, ଖ୍ରୀଷ୍ଟଙ୍କ ଅନୁଗମନ କରି, ତାଙ୍କର ବାକ୍ୟ ପାଳନ କରିବା ନିମନ୍ତେ ଆମ୍ଭମାନଙ୍କ ମନରେ ସ୍ୱତଃ ଆଗ୍ରହ ଜାତ ହୁଏ । ଏହି ପୃଥିବୀରେ ଆମ୍ଭମାନଙ୍କ ଜୀବନ ତ୍ରୁଟିଶୂନ୍ୟ ହୋଇପାରିବ ନାହିଁ ଏବଂ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବା



ପରେ ମଧ୍ୟ ତାହାଙ୍କ ପ୍ରତି ଆମ୍ଭମାନଙ୍କର ପ୍ରେମର ଶିଥିଳତା ଓ ବିଶ୍ୱାସର ଦୁର୍ବଳତା ଲକ୍ଷ୍ୟ କରି, ଆମ୍ଭେମାନେ କ୍ଷୁର୍ଣ୍ଣ ମଧ୍ୟ ହେବୁ । ତାଙ୍କର ଶିଷ୍ୟତ୍ୱ ଦୃଷ୍ଟିରୁ, ଆମ୍ଭମାନଙ୍କ ଜୀବନରେ ଏପରି ସମସ୍ତ ଦୁର୍ବଳତା ଦେଖା ଯାଇପାରେ ଯାହା ନିଶ୍ଚୟ ଖ୍ରୀଷ୍ଟଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିବ । କେବଳ ତାହାଙ୍କ ଅନୁଗ୍ରହ ଦ୍ୱାରା ଆମ୍ଭମାନଙ୍କର କାମନା, ଲକ୍ଷ୍ୟ, ଦୃଷ୍ଟିଭଙ୍ଗୀ, ଏପରିକି ଆମ୍ଭମାନଙ୍କର ଭାଗ୍ୟ ମଧ୍ୟ ପରିବର୍ତ୍ତିତ ହୋଇପାରେ ଓ ଆମ୍ଭେମାନେ ସମ୍ପୂର୍ଣ୍ଣ ନୂତନ ଜୀବନ ଲାଭ କରିପାରୁ ।

ପ୍ରକୃତରେ କହିବାକୁ ଗଲେ, ଖ୍ରୀଷ୍ଟଙ୍କର ବାଧ୍ୟ ହୋଇ ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟରେ ନିଜ ନିଜ ଜୀବନ ଉତ୍ସର୍ଗ କରିବା ନିମନ୍ତେ ଆମ୍ଭମାନଙ୍କ ମନରେ ଯଦି ଅଭିଳାଷ ଥାଏ, ତେବେ ଆମ୍ଭମାନଙ୍କର ଜ୍ଞାନ ଓ ଶକ୍ତି ସେଥିପାଇଁ ଯଥେଷ୍ଟ ନୁହେଁ । କିନ୍ତୁ ଆମ୍ଭେମାନେ ଦେଖିପାରିଛୁ ଯେ, ଖ୍ରୀଷ୍ଟ ଆପଣାର ଅର୍ଥାତ୍ ଈଶ୍ୱରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଦିଅନ୍ତି । ସେ ଆମ୍ଭମାନଙ୍କର ଶକ୍ତି, ସାହାଯ୍ୟ ଏବଂ ଜୀବନ ଓ କେବଳ ତାହାଙ୍କ ସହାୟତାରେ ବିଜୟ ଲାଭ କରି ଆମ୍ଭେମାନେ ତାହାଙ୍କର ପ୍ରକୃତ ଶିଷ୍ୟ ରୂପେ ଜୀବନ ଯାପନ କରି ପାରିବା ।

ଶେଷରେ, ଖ୍ରୀଷ୍ଟ ଯେ କେବେ ଆମ୍ଭମାନଙ୍କୁ ପରିତ୍ୟାଗ କରିବେ ନାହିଁ, ଏହା ଉପଲବ୍ଧି କରି ଆମ୍ଭେମାନେ ଅସୀମ ଶକ୍ତି ଏବଂ ସାନ୍ତ୍ୱନା ଲାଭ କରିଥାଉ । ତାହାଙ୍କର ଶିଷ୍ୟ ରୂପେ, ତାହାଙ୍କର ସହଭାଗିତା ଉପରେ ଆମ୍ଭେମାନେ ଜୀବନର ଶେଷ ପର୍ଯ୍ୟନ୍ତ ନିର୍ଭର କରିପାରିବା । ଚିରକାଳ ସେ ଆମ୍ଭମାନଙ୍କର ଓ ଆମ୍ଭେମାନେ ତାଙ୍କର । ନିଜ ଶିଷ୍ୟମାନଙ୍କ ବିଷୟରେ ଯୀଶୁ କହିଥିଲେ, *'ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ ଓ ସେମାନେ କେବେ ବିନଷ୍ଟ ହେବେ ନାହିଁ, କେହି ସେମାନଙ୍କୁ ମୋ' ହାତରୁ ଛଡ଼ାଇ ନେଇ ପାରିବ ନାହିଁ'* (ଯୋହନ ୧୦:୨୮) ଏବଂ ସେ ନିଜର ଶିଷ୍ୟମାନଙ୍କୁ ଯେଉଁ ଶେଷ କଥା ଶୁଣାଇଥିଲେ, ତାହା ହେଲା– *'ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସହିତ ରହିଛି'* (ମାଥିଉ ୨୮:୨୦) ।

# ୧୧ ପ୍ରଶ୍ନ, ଅଭିଯୋଗ ଓ ଉତ୍ତର

ସମୟକୁ ସମୟ ଖ୍ରୀଷ୍ଟଙ୍କ ଶିକ୍ଷା ସମ୍ବନ୍ଧରେ ବହୁ ପ୍ରଶ୍ନ ଓ ପ୍ରତିବାଦ ଶୁଣିବାକୁ ମିଳେ । ସେଥିମଧ୍ୟରୁ ଅନେକ ପ୍ରଶ୍ନ ଓ ଆପତ୍ତି ଅତି ଅବାନ୍ତର ଏବଂ ଯେଉଁମାନେ ତାହା ଉତ୍‌ଥାପନ କରିଥା'ନ୍ତି, ସେମାନେ ଖ୍ରୀଷ୍ଟଙ୍କ ଶିକ୍ଷାର ପ୍ରକୃତ ଅର୍ଥ ବୁଝି ନ ଥା'ନ୍ତି । କିନ୍ତୁ ଅନ୍ୟମାନଙ୍କ ପ୍ରଶ୍ନ ପଛରେ ଚିନ୍ତାର ପ୍ରମାଣ ମିଳେ ।

ସତ୍ୟ ପକ୍ଷରେ ଭୟ କରିବାର କିଛି ନାହିଁ ଏବଂ ସତ୍ୟ ଯେକୌଣସି ପରୀକ୍ଷା ନିରୀକ୍ଷାକୁ ସ୍ୱାଗତ କରିଥାଏ । ମିଥ୍ୟା, ଆଲୋକକୁ ଭୟ କରେ, କିନ୍ତୁ ସତ୍ୟ ଭୟ କରେନା । ଆନ୍ତରିକତା ସହ ପ୍ରଶ୍ନକାରୀ କୌଣସି ବ୍ୟକ୍ତିଙ୍କୁ, ଖ୍ରୀଷ୍ଟ ତାହାଙ୍କ ନିକଟରୁ କେବେ ଫେରାଇ ଦେଇ ନ ଥିଲେ, ତେଣୁ ତାହାଙ୍କର ଶିଷ୍ୟମାନଙ୍କ ପକ୍ଷରେ ସେପରି କରିବା ସଙ୍ଗତ ହେବ ନାହିଁ । ଖ୍ରୀଷ୍ଟବିଶ୍ୱାସୀମାନଙ୍କୁ ଏହିପରି ଯେଉଁ କେତେକ ପ୍ରଶ୍ନ ଓ ଅଭିଯୋଗର ସମ୍ମୁଖୀନ ହେବାକୁ ପଡ଼ିପାରେ, ସେଥିମଧ୍ୟରୁ କେତେକ ପ୍ରଶ୍ନ ଓ ତାହାର ଉତ୍ତର ଏଠାରେ ଉଲ୍ଲେଖ କରାଯାଉଛି ।

**ଅଭିଯୋଗ–** *'ଖ୍ରୀଷ୍ଟଙ୍କ ସୁସମାଚାର କେବଳ ହୀନ ଜାତି, ଦରିଦ୍ର ଓ ମୂର୍ଖମାନଙ୍କ ନିମନ୍ତେ ।'*

**ଉତ୍ତର–** ସୁସମାଚାର କେଉଁମାନଙ୍କ ପାଇଁ, ଖ୍ରୀଷ୍ଟ ତାହା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଅଛନ୍ତି । ସେ ନିଜ ସୁସମାଚାର ଦାନ କରିଅଛନ୍ତି, **'ସମଗ୍ର ପୃଥିବୀ ନିମନ୍ତେ'–** *'କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ନିଜର ଏକମାତ୍ର ପୁତ୍ରଙ୍କୁ ଦେଲେ, ଅତଏବ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ହେବ ନାହିଁ, କିନ୍ତୁ ଅନନ୍ତ ଜୀବନ ଲାଭ କରିବ'* (ଯୋହନ ୩:୧୬) । **'ସମସ୍ତ ଜାତି ନିମନ୍ତେ'–** *'ସ୍ୱର୍ଗ ଓ ମର୍ତ୍ତ୍ୟର ସମସ୍ତ କର୍ତ୍ତୃତ୍ୱ ମୋତେ ଦତ୍ତ ହୋଇଛି । ତେଣୁ ସବୁ ଜାତିର ଲୋକମାନଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ଶିଷ୍ୟ କର'* (ମାଥିଉ ୨୮:୧୮-୧୯) ।



**'ଯେ କୌଣସି ବ୍ୟକ୍ତି ନିମନ୍ତେ'–** *'ଅତଏବ ଯେ କେହି ତାହାଙ୍କଠାରେ ବିଶ୍ୱାସ କରିବ, ସେ ଅନନ୍ତ ଜୀବନ ଲାଭ କରିବ'* (ଯୋହନ ୩:୧୬) । ଏସମସ୍ତ ତାହାଙ୍କର ନିଜ ବାକ୍ୟ ଏବଂ ସେଥିରୁ ସ୍ପଷ୍ଟଭାବେ ଜଣାଯାଏ, ସୁସମାଚାର କେଉଁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ପୃଥିବୀର ସବୁ ଜାତି, ଗୋଷ୍ଠୀ, ଶିକ୍ଷା ଓ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ସବୁ ସ୍ତରର ଲୋକେ ସୁସମାଚାର ଗ୍ରହଣ କରି, ଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ସ୍ୱୀକାର କରିଛନ୍ତି । ଖ୍ରୀଷ୍ଟଙ୍କ ବାକ୍ୟ ଅନୁସାରେ, ପୃଥିବୀର ସବୁ ମନୁଷ୍ୟ ପାପୀ ଓ ସେମାନଙ୍କ ନିମନ୍ତେ ତ୍ରାଣକର୍ତ୍ତାଙ୍କର ପ୍ରୟୋଜନ ରହିଛି । ଈଶ୍ୱରଙ୍କ ଦୃଷ୍ଟିରେ, ଦେଶ, ଜାତି, ଗୋଷ୍ଠୀ, ବର୍ଣ୍ଣ ଓ ଭାଷାର ଗର୍ବ ଅବାନ୍ତର ଓ ସେପରି ଗର୍ବକୁ ଈଶ୍ୱର ଘୃଣା କରନ୍ତି । ଏହିସମସ୍ତ କାରଣରୁ ଯେଉଁମାନେ ସୁସମାଚାରକୁ ହତାଦର କରନ୍ତି, ଅଥଚ ଦୀନ, ଦରିଦ୍ର ଓ ଜଗତ ଦୃଷ୍ଟିରେ ନୀଚ, ହୀନ, ଖ୍ରୀଷ୍ଟଙ୍କୁ ଗ୍ରହଣ କରି ପରିତ୍ରାଣ ଓ ତା' ଫଳରେ ସ୍ୱର୍ଗର ଅଧିକାରୀ ହୁଅନ୍ତି, ତେବେ ପୂର୍ବୋକ୍ତ ସେହି ସୁସମାଚାର ଉପେକ୍ଷାକାରୀମାନଙ୍କ ଦୁର୍ଭାଗ୍ୟ ନିମନ୍ତେ ଦୁଃଖ କରିବାର କ'ଣ ଅଛି ?

**ପ୍ରଶ୍ନ–** *ଖ୍ରୀଷ୍ଟଧର୍ମ ପାଶ୍ଚାତ୍ୟ ଧର୍ମ ନୁହେଁ କି ? ଭାରତୀୟମାନେ ତାହା ଗ୍ରହଣ କରିବେ କାହିଁକି ?*

**ଉତ୍ତର–** ଯୀଶୁ ଖ୍ରୀଷ୍ଟ, ଏସିଆ ମହାଦେଶରେ ଜନ୍ମ ଲାଭ କରି, ଏସିଆରେ ହିଁ ଜୀବନ ଯାପନ କରିଥିଲେ ଏବଂ ସେହି ସ୍ଥାନରେ ହିଁ ତାହାଙ୍କର ମୃତ୍ୟୁ ହୋଇଥିଲା ଓ ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ । ଯେତେବେଳେ ଇଉରୋପ ଓ ଆଫ୍ରିକାର ଅଧିକାଂଶ ଅଧିବାସୀ ଅସଭ୍ୟ, ବର୍ବର ରହିଥିଲେ ଏବଂ ଖ୍ରୀଷ୍ଟଙ୍କ ବିଷୟରେ କିଛି ଜାଣି ନ ଥିଲେ, ସେ ସମୟରେ ଖ୍ରୀଷ୍ଟଙ୍କ ସୁସମାଚାର ଭାରତକୁ ଆସିଥିଲା ।

କିନ୍ତୁ ଆମ୍ଭେମାନେ ପୂର୍ବରୁ ଦେଖିପାରିଛୁ ଯେ, ତାହାଙ୍କର ସୁସମାଚାର ସର୍ବଦେଶୀୟ ଲୋକଙ୍କ ନିମନ୍ତେ ଏବଂ ତାହା ମଧ୍ୟରେ ଭାରତ ଓ ଭାରତବାସୀମାନେ ମଧ୍ୟ ଅନ୍ତର୍ଭୁକ୍ତ । ପ୍ରକୃତରେ କହିବାକୁ ଗଲେ, ପୃଥିବୀରେ ଅନ୍ୟ ଏପରି କେଉଁ ଦେଶ ରହିଛି, ଯାହା ଭାରତ ପରି ଆନନ୍ଦରେ ଖ୍ରୀଷ୍ଟଙ୍କୁ

ଗ୍ରହଣ କରି ପାରିବ ? ଯୀଶୁ ନିଜକୁ ଜଣେ ସିଦ୍ଧ ଗୁରୁ, ଈଶ୍ୱରଙ୍କ ଅବତାର, ମୃତ୍ୟୁଞ୍ଜୟ ଓ ମୁକ୍ତିଦାତା ରୂପେ ପ୍ରମାଣ କରିଅଛନ୍ତି ଓ ଏସମସ୍ତ ବିଷୟ ଭାରତୀୟମାନଙ୍କୁ ବିଶେଷଭାବେ ଆକୃଷ୍ଟ କରିଥାଏ ।

ଆମ୍ଭେମାନେ ପାଶ୍ଚାତ୍ୟ ସଂସ୍କୃତି ସହିତ ସୁସମାଚାରକୁ ମିଶାଇ, ମନରେ ଯେପରି ଭ୍ରମ ସୃଷ୍ଟି ନ କରୁ । ପାଶ୍ଚାତ୍ୟ ସଂସ୍କୃତିର ସେହିସମସ୍ତ ବିଷୟ ପ୍ରତି ଲକ୍ଷ୍ୟ ନ ଦେଇ ଆମ୍ଭେମାନେ ନିଶ୍ଚୟ ଖ୍ରୀଷ୍ଟଙ୍କୁ ସ୍ୱୀକାର କରିପାରିବା । ଖ୍ରୀଷ୍ଟ, ସମସ୍ତ ଜାତି, ଗୋଷ୍ଠୀ ଓ ସଂସ୍କୃତିର ଊର୍ଦ୍ଧ୍ୱରେ । ସେ କହିଥିଲେ, 'ମୁଁ ଜଗତର ଜ୍ୟୋତିଃ'–ସମଗ୍ର 'ଜଗତର' ଏବଂ କେବଳ ଗୋଟିଏ ଅଂଶର ନୁହେଁ । ପ୍ରାଚ୍ୟ ବା ପାଶ୍ଚାତ୍ୟ ସଂସ୍କୃତି ବିଷୟରେ ବ୍ୟସ୍ତତା ପ୍ରକାଶ ନ କରି, ଆମ୍ଭେମାନେ ନିଜ ନିଜକୁ ପ୍ରଶ୍ନ କରୁ, ସତ୍ୟ କ'ଣ ଓ ଏ ଆଲୋକ କ'ଣ ?

**ପ୍ରଶ୍ନ–** *ପାଶ୍ଚାତ୍ୟ ଦେଶଗୁଡ଼ିକ ଖ୍ରୀଷ୍ଟିୟାନ, ତେବେ ସେଠାରେ ଏତେ ଯୁଦ୍ଧ, ଅପରାଧ ଓ ଗଣ୍ଡଗୋଳ କାହିଁକି ?*

**ଉତ୍ତର–** ପାଶ୍ଚାତ୍ୟ ଦେଶଗୁଡ଼ିକ ସମ୍ପୂର୍ଣ୍ଣଭାବେ ଖ୍ରୀଷ୍ଟିୟାନ ନୁହେଁ ଏବଂ ପ୍ରକୃତରେ କହିବାକୁ ଗଲେ, ପୃଥିବୀରେ ଏପରି କୌଣସି ଦେଶ ନାହିଁ, ଯାହା ସମ୍ପୂର୍ଣ୍ଣ ଖ୍ରୀଷ୍ଟିୟାନ । କେତେକ ଦେଶ ଅନ୍ୟ ଦେଶମାନଙ୍କଠାରୁ ଖ୍ରୀଷ୍ଟଧର୍ମ ଶିକ୍ଷା ଦ୍ୱାରା ଅଧିକ ପ୍ରଭାବିତ, କିନ୍ତୁ ପ୍ରତ୍ୟେକ ଦେଶରେ ଖ୍ରୀଷ୍ଟିୟାନମାନେ ପ୍ରାୟ ସଂଖ୍ୟାଲଘୁ ।

ଏଥର ଅପରାଧ, ଗଣ୍ଡଗୋଳ ଓ ଯୁଦ୍ଧ କଥା ବିଚାର କରାଯାଉ । ଯେଉଁ ଦେଶରେ ଅଧିକ ସଂଖ୍ୟାରେ ଦୁଶ୍ଚରିତ୍ର ଓ ଦୁରାଚାରୀ ରହିଥା'ନ୍ତି, ସେ ଦେଶରେ ଅପରାଧର ସଂଖ୍ୟା ଅଧିକ । ପ୍ରାଚ୍ୟ, ପାଶ୍ଚାତ୍ୟ ନିର୍ବିଶେଷରେ, ପ୍ରତ୍ୟେକ ଦେଶରେ ସେପରି ଘଟିଥାଏ । କିନ୍ତୁ ସେହିସବୁ ଦେଶର ଲୋକେ ଖ୍ରୀଷ୍ଟଙ୍କ ଶିକ୍ଷାକୁ ପାଳନ କରୁଥିବାରୁ ନୁହେଁ ବରଂ ପାଳନ କରୁ ନ ଥିବାରୁ ସେପରି ଘଟିଥାଏ । ଯଦି ସମଗ୍ର ଜଗତ ଖ୍ରୀଷ୍ଟଙ୍କ ଶିକ୍ଷା ଅନୁସାରେ ଆଚରଣ କରନ୍ତେ, ତେବେ କୌଣସି ଦେଶରେ ଯୁଦ୍ଧ, ଅଶାନ୍ତି ଓ ଅପରାଧ ସମ୍ଭବ ହୁଅନ୍ତା ନାହିଁ । ବ୍ରାହ୍ମ ସମାଜର ପ୍ରତିଷ୍ଠାତା ରାଜା ରାମମୋହନ ରାୟ କହିଥିଲେ, 'ଧର୍ମର ସତ୍ୟତା ସମ୍ବନ୍ଧରେ, ସୁଦୀର୍ଘ ଓ ନିରବଚ୍ଛିନ୍ନ ପରୀକ୍ଷା ଦ୍ୱାରା ମୁଁ ଦେଖି



ପାରିଛି ଯେ, ଅନ୍ୟ ସମସ୍ତ ଧର୍ମଠାରୁ ଖ୍ରୀଷ୍ଟଙ୍କ ଧର୍ମନୀତିରେ ଅଧିକ ନୈତିକତା ପରିଲକ୍ଷିତ ହୁଏ ଏବଂ ବୁଦ୍ଧିବୃତ୍ତିସମ୍ପନ୍ନ ଲୋକମାନଙ୍କ ନିମନ୍ତେ ଏହା ଅଧିକ ଉପଯୋଗୀ ।'

**ପ୍ରଶ୍ନ–** *ଖ୍ରୀଷ୍ଟଙ୍କର ଶିକ୍ଷା ଯଦି ଏତେ ଉତ୍ତମ, ତେବେ ବହୁ ଖ୍ରୀଷ୍ଟିୟାନ ମନ୍ଦ କାହିଁକି ?*

**ଉତ୍ତର–** ପୃଥିବୀର ଯେକୌଣସି ଧର୍ମକୁ କେନ୍ଦ୍ର କରି ଆମ୍ଭେମାନେ ଏ ପ୍ରଶ୍ନ ପଚାରିପାରୁ । ମନ୍ଦ ସ୍ୱଭାବଯୁକ୍ତ ଲୋକମାନଙ୍କ ଉପରେ କେବଳ ଖ୍ରୀଷ୍ଟଧର୍ମର ଏକଚାଟିଆ ଅଧିକାର ନାହିଁ ତେବେ ଦୁର୍ଭାଗ୍ୟର ବିଷୟ ଏହି ଯେ, ନିଜକୁ ଖ୍ରୀଷ୍ଟିୟାନ କହୁଥିବା ବହୁ ଲୋକ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି, କେବଳ ନାମଧାରୀ ଖ୍ରୀଷ୍ଟିୟାନ ଏବଂ ଅନେକେ ପ୍ରକୃତରେ ଖ୍ରୀଷ୍ଟିୟାନ ହୋଇଥିଲେ ମଧ ଅନେକ କ୍ଷେତ୍ରରେ ସେମାନଙ୍କର ଭୟଙ୍କର ପତନ ହୋଇଥାଏ । ଏହିପରି ଲୋକମାନଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ସୁସମାଚାରର ଗୌରବ କ୍ଷୁର୍ଣ୍ଣ ହୁଏ ।

କିନ୍ତୁ କୌଣସି ଗୋଟିଏ ଧର୍ମ ସଂସ୍ଥାର ଅନ୍ତର୍ଭୁକ୍ତ ଲୋକେ, ସେହି ଧର୍ମନୀତିକୁ ମାନୁ ନ ଥିବାରୁ ବା ସେହି ଧର୍ମ ସଂସ୍ଥା ଅନ୍ତର୍ଭୁକ୍ତ ଦୁଷ୍କର୍ମକାରୀମାନଙ୍କୁ ଲକ୍ଷ୍ୟ କରି ସେହି ଧର୍ମର ନୀତି ଓ ଶିକ୍ଷାକୁ ମନ୍ଦ ବୋଲି କହିବା ଆମ୍ଭମାନଙ୍କ ପକ୍ଷରେ ଅକ୍ଷମଣୀୟ ଭୁଲ୍ ହେବ । ଖ୍ରୀଷ୍ଟଧର୍ମ ନାମରେ ବା ନିଜ ନିଜକୁ ଖ୍ରୀଷ୍ଟିୟାନ ବୋଲି ଦାବୀ କରୁଥିବା ଲୋକମାନଙ୍କ ଦ୍ୱାରା ଯେଉଁ ସମସ୍ତ ଅପକର୍ମ କରାଯାଉଛି, ମୁଁ ତାହାକୁ ସମର୍ଥନ କରୁ ନାହିଁ, କିନ୍ତୁ ସେ ସବୁ କାର୍ଯ୍ୟର ଖ୍ରୀଷ୍ଟଙ୍କ ସଙ୍ଗେ କି ସମ୍ପର୍କ ବା ରହିଛି ?

ଅନ୍ୟମାନେ କ'ଣ କରୁଛନ୍ତି, ତାହା ବିଚାର ନ କରି, ଖ୍ରୀଷ୍ଟଙ୍କୁ ଗ୍ରହଣ କରି ତାହାଙ୍କର ଅନୁଗମନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ, କାରଣ ଆମ୍ଭମାନଙ୍କର କାମ୍ୟ କେବଳ ଖ୍ରୀଷ୍ଟ । ଯେଉଁମାନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି, ଖ୍ରୀଷ୍ଟ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣନ୍ତି । ଅତୀତରେ, ଶତାବ୍ଦୀ ଶତାବ୍ଦୀ ଧରି ଓ ବର୍ତ୍ତମାନର ଏହି ପରିବର୍ତ୍ତନଶୀଳ ଯୁଗରେ ମଧ ଏହା ଲକ୍ଷ ଲକ୍ଷ ଜୀବନରେ ପ୍ରମାଣିତ ହେଉଛି ।

**ପ୍ରଶ୍ନ–** *ଇତିହାସ ଉପରେ ଏତେ ଗୁରୁତ୍ୱ ଆରୋପ କାହିଁକି ? ଦୁଇ ହଜାର ବର୍ଷ ପୂର୍ବେ ଯୀଶୁଙ୍କ ପ୍ରତି କ'ଣ ଘଟିଥିଲା, ସେ ବିଷୟରେ ବ୍ୟସ୍ତ ନ ହୋଇ ଆମ୍ଭେମାନେ ନିଜ ଚେଷ୍ଟାରେ କ'ଣ ଈଶ୍ୱରଙ୍କୁ ଅନୁଭବ କରି ପାରିବା ନାହିଁ ?*

**ଉତ୍ତର–** ଇତିହାସ ନ ଜାଣି ମଧ୍ୟ ଆମ୍ଭେମାନେ ଈଶ୍ୱରଙ୍କୁ ଜାଣି ପାରିବା, କିନ୍ତୁ ଈଶ୍ୱରଙ୍କୁ ଅନୁଭବ କରିବା ପୂର୍ବରୁ ଆମ୍ଭେମାନେ ତାହାଙ୍କୁ ଯେପରି ଜାଣିଥିଲୁ, ତାହାଙ୍କୁ ଅନୁଭବ କରିବା ପରେ, ତାହାଙ୍କ ସମ୍ବନ୍ଧରେ ଅଧିକ ଜ୍ଞାନଲାଭ ଆମ୍ଭମାନଙ୍କ ନିମନ୍ତେ ପ୍ରୟୋଜନ ନୁହେଁ କି ? ବାଇବଲ ଇତିହାସ ସମ୍ବନ୍ଧରେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଈଶ୍ୱରଙ୍କ ସଙ୍ଗେ ମନୁଷ୍ୟର ସମ୍ପର୍କ । ଏଥିରେ ମନୁଷ୍ୟଜାତିକୁ ତାହାଙ୍କର ବାଣୀ ଲିପିବଦ୍ଧ ହୋଇଛି । ବିଶେଷତଃ, ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱର କିପରି ପ୍ରତ୍ୟକ୍ଷ ଭାବରେ ତାହାଙ୍କର ବାକ୍ୟ ମନୁଷ୍ୟକୁ ଶୁଣାଇଛନ୍ତି ଏବଂ ମନୁଷ୍ୟଜାତି ପାଇଁ ମୃତ୍ୟୁବରଣ କରି, ପୁନରୁତ୍ଥିତ ହୋଇ ପରିତ୍ରାଣ ପଥର ନିର୍ଦ୍ଦେଶ ଦେଇଅଛନ୍ତି, ସେସମସ୍ତ ବିଷୟ ଜାଣିବା ଆମ୍ଭମାନଙ୍କ ପକ୍ଷରେ ଏକାନ୍ତ ଆବଶ୍ୟକ ।

ମନେ ହୁଏ, ମନୁଷ୍ୟକୁ ଏ ସମସ୍ତ ବିଷୟ ଜଣାଇବା ନିମନ୍ତେ ଈଶ୍ୱରଙ୍କ ପକ୍ଷରେ ପ୍ରକୃଷ୍ଟ ବ୍ୟବସ୍ଥା ହେଲା ସତ୍ୟ ଇତିହାସ ଓ ମନୁଷ୍ୟମାନଙ୍କୁ ତାହା ଜଣାଇବା । ତାହା ପଛରେ ଥିବା ସାକ୍ଷ୍ୟ ପ୍ରମାଣ, ସତ୍ୟ ଅନୁସନ୍ଧିତ୍ସୁ ଓ ଚିନ୍ତାଶୀଳ ବ୍ୟକ୍ତି ଯତ୍ନର ସହିତ ପରୀକ୍ଷା କରିପାରିବେ । ଇତିହାସରେ, ବିଭିନ୍ନ ବ୍ୟକ୍ତିଙ୍କର ଜୀବନୀ ଏବଂ କାର୍ଯ୍ୟ ସଙ୍ଗେ, ବହୁ ଭବିଷ୍ୟତ୍‌ବାଣୀ ଓ ଆଶ୍ଚର୍ଯ୍ୟ କର୍ମ ଲିପବଦ୍ଧ ହୋଇଥାଏ । ତାହାଛଡ଼ା, ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଯଥାର୍ଥ ଜ୍ଞାନଲାଭ ନିମନ୍ତେ ଯେଉଁ ସାକ୍ଷ୍ୟ ପ୍ରମାଣର ଆବଶ୍ୟକ, ଇତିହାସ ତାହା ଯୋଗାଇଥାଏ ।

ଅବଶ୍ୟ ଈଶ୍ୱର ଅନେକଗୁଡ଼ିଏ ଧର୍ମ ନୀତିନିୟମ ଲେଖି ଉପରୁ ପକାଇ ଦେଇ ପାରିଥା'ନ୍ତେ । କିନ୍ତୁ ଆମ୍ଭେମାନେ କିପରି ଜାଣିପାରିଥା'ନ୍ତୁ ଯେ, ଈଶ୍ୱର ତାହା ପକାଇଛନ୍ତି ? ଈଶ୍ୱର ଆକାଶରେ ଲେଖିଦେଇ ପାରିଥାଆନ୍ତେ, 'ଖ୍ରୀଷ୍ଟ ତୁମ୍ଭମାନଙ୍କ ପାଇଁ ମୃତ୍ୟୁଭୋଗ କଲେ'–କିନ୍ତୁ ତାହାର ପ୍ରକୃତ ଅର୍ଥ



କ'ଣ, କିଏ ବା ତାହା କହି ପାରନ୍ତା ? ଏ ସଂକ୍ରାନ୍ତରେ ଇତିହାସ ହେଉଛି ସର୍ବୋତ୍କୃଷ୍ଟ ବ୍ୟବସ୍ଥା । ବାଇବଲରେ ଆମ୍ଭେମାନେ ଯେଉଁ ଇତିହାସର ସନ୍ଧାନ ପାଉ, ତାହା ଈଶ୍ୱରଙ୍କ ପ୍ରେରଣାରେ ସାଧୁମାନଙ୍କ ଦ୍ୱାରା ଲିଖିତ । ସେମାନେ ଯାହା ଲେଖି ଯାଇଛନ୍ତି, ସେମାନେ ହୁଏତ ସେସମସ୍ତ ପ୍ରତ୍ୟକ୍ଷଦର୍ଶୀଭାବେ ବା ଅନ୍ୟ କୌଣସି ଉପାୟରେ ଜାଣି ପାରିଥିଲେ ଏବଂ ସେମାନେ ଯେଉଁ ସତ୍ୟ ଲିପିବଦ୍ଧ କରି ଯାଇଛନ୍ତି, ସେଥିନିମନ୍ତେ ମୃତ୍ୟୁବରଣ କରିବାକୁ ମଧ୍ୟ ସେମାନେ ପ୍ରସ୍ତୁତ ଥିଲେ ।

**ଅଭିଯୋଗ–** *'କେହି କେହି କହିଥା'ନ୍ତି, ଶିଷ୍ୟମାନେ ଯୀଶୁଙ୍କ ବିଷୟରେ ଯାହା ଯାହା ଲେଖି ଯାଇଥିଲେ, ବର୍ତ୍ତମାନ ସେସବୁ ଆମ୍ଭମାନଙ୍କ ପାଖରେ ନାହିଁ । ପରବର୍ତ୍ତୀ ଖ୍ରୀଷ୍ଟିୟାନମାନେ ସେହି ମୂଳଲେଖାଗୁଡ଼ିକୁ ବହୁ ପ୍ରମାଦପୂର୍ଣ୍ଣ କରି ପକାଇଛନ୍ତି । ଏହା ତ ସତ୍ୟ ହୋଇପାରେ ?'*

**ଉତ୍ତର–** ଆମ୍ଭମାନଙ୍କ ପାଖରେ ଯେଉଁସମସ୍ତ ସାକ୍ଷ୍ୟ ପ୍ରମାଣ ରହିଛି, ସେଥିରୁ ଜଣାଯାଏ ଯେ, ଏ ଅଭିଯୋଗ ମିଥ୍ୟା ।

(କ) ଖ୍ରୀଷ୍ଟପର ପ୍ରାରମ୍ଭିକ କେତେକ ଶତାବ୍ଦୀ ମଧ୍ୟରେ ଲେଖା ଯାଇଥିବା ନୂତନ ନିୟମର ବହୁ ପାଣ୍ଡୁଲିପି ଆମ୍ଭମାନଙ୍କର ହସ୍ତଗତ ହୋଇଛି । ସେଥିରେ ଯାହା ଯାହା ଲେଖାଯାଇଛି, ବର୍ତ୍ତମାନ ଆମ୍ଭେମାନେ ବ୍ୟବହାର କରୁଥିବା ନୂତନ ନିୟମର ଲେଖା ତାହାର ଅନୁରୂପ । ପୃଥିବୀରେ ଯେତେ ପୁରାତନ ଗ୍ରନ୍ଥର ସନ୍ଧାନ ମିଳିଛି, ସେଗୁଡ଼ିକ ତୁଳନାରେ ନୂତନ ନିୟମର ପାଣ୍ଡୁଲିପିଗୁଡ଼ିକର ସଂଖ୍ୟା ବହୁ ଗୁଣରେ ଅଧିକ ଓ ରଚନାର ସମୟ ଦିଗରୁ ତୁଳନା କଲେ, ସେଗୁଡ଼ିକ ଅନ୍ୟାନ୍ୟ ଗ୍ରନ୍ଥଠାରୁ ଅଧିକ ପୁରାତନ । ଏହିସମସ୍ତ ପାଣ୍ଡୁଲିପିରୁ ଜଣାଯାଏ ଯେ, ଶତାବ୍ଦୀ ଶତାବ୍ଦୀ ଧରି, ନୂତନ ନିୟମର ମୁଖ୍ୟ ବିଷୟବସ୍ତୁଗୁଡ଼ିକର କୌଣସି ପରିବର୍ତ୍ତନ ହୋଇନାହିଁ ।

(ଖ) ନୂତନ ନିୟମର ରଚନା ଶେଷ ହେବା ପରେ, ପରବର୍ତ୍ତୀ ଖ୍ରୀଷ୍ଟିୟାନ ଲେଖକମାନେ, ସେଥିରୁ ଅଂଶବିଶେଷ ଉଦ୍ଧାର କରି ନିଜ ନିଜ ପୁସ୍ତକରେ ବ୍ୟବହାର କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ରଚିତ ସେମାନଙ୍କର କେତେକ ପୁସ୍ତକ ଆମ୍ଭମାନଙ୍କ ନିକଟରେ ରହିଛି ଓ ସେମାନେ ଯେଉଁ ସମସ୍ତ

ଉଦ୍ଧୃତାଂଶ ବ୍ୟବହାର କରିଛନ୍ତି, ସେଥିରୁ ଜଣାଯାଏ ଯେ, ନୂତନ ନିୟମ ସେ ସମୟରେ ଯେପରି ଥିଲା, ବର୍ତ୍ତମାନ ମୁଖ୍ୟତଃ ସେହିପରି ରହିଛି ।

(ଗ) ଖ୍ରୀଷ୍ଟିୟାନମାନେ ନୂତନ ନିୟମର କୌଣସି ପରିବର୍ତ୍ତନ କରି, ତାହାକୁ ବିକୃତ କରିବାକୁ ଇଚ୍ଛା କରି ନ ଥିବେ, କାରଣ ସେମାନେ ଏହାକୁ ଈଶ୍ୱରଙ୍କ ବାକ୍ୟ ଓ ମନୁଷ୍ୟର ପରିତ୍ରାଣ ସାଧନକାରୀ ଏକାନ୍ତ ସତ୍ୟ ରୂପେ ମନେ କରୁଥିଲେ । ଯଦିବା କେହି ଅବିବେକୀ, ଈଶ୍ୱରଙ୍କ ବାକ୍ୟକୁ ବିକୃତ କରିବାକୁ ଚେଷ୍ଟା କରିଥିବେ, ଅନ୍ୟମାନେ ନିଶ୍ଚୟ ସେମାନଙ୍କୁ ବାଧା ଦେଇଥିବେ ।

ଅବଶ୍ୟ ଶତାବ୍ଦୀ ଶତାବ୍ଦୀ ଧରି ଏହାକୁ ନକଲ କରାଯାଇ ବଣ୍ଟା ଯାଉଥିବାରୁ, ସାମାନ୍ୟ କିଛି ଭୁଲ୍ ଏଥିରେ ପଶିଯାଇ ଥାଇପାରେ ଓ ଫଳରେ ମୂଳଲେଖାର ସାମାନ୍ୟ ପରିବର୍ତ୍ତନ ହୋଇଥାଇପାରେ । ପୁରାତନ ପାଣ୍ଡୁଲିପି ବିଶେଷଜ୍ଞ, ବିଖ୍ୟାତ ପଣ୍ଡିତ ସ୍ୱର୍ଗତଃ ସାର୍ ଫ୍ରେଡ୍‌ରିକ୍ କେନ୍ୟନ୍, ନିମ୍ନୋକ୍ତ କଥା ଲେଖି ପ୍ରକୃତ ସତ୍ୟ ପ୍ରକାଶ କରି ଯାଇଛନ୍ତି–'ଧର୍ମଶାସ୍ତ୍ରଗୁଡ଼ିକ ଯେପରିଭାବେ ଲେଖାଯାଇଥିଲା, ସେଗୁଡ଼ିକ ମୁଖ୍ୟତଃ ସେହିପରି ଅବସ୍ଥାରେ ଆମ୍ଭମାନଙ୍କ ହାତକୁ ଆସିଛି, ତେଣୁ ସେସମସ୍ତ ବିଷୟରେ ଯେଉଁ ସନ୍ଦେହ ରହିଥିଲା, ବର୍ତ୍ତମାନ ତାହା ଦୂର ହୋଇଛି । ବର୍ତ୍ତମାନ ସ୍ୱୀକାର କରାଯାଇ ପାରେ ଯେ, ନୂତନ ନିୟମ ଅନ୍ତର୍ଭୁକ୍ତ ପୁସ୍ତକଗୁଡ଼ିକର ପ୍ରମାଣିକ ସତ୍ୟ ଓ ଅଖଣ୍ଡତା ଶେଷରେ ପ୍ରତିଷ୍ଠିତ ହୋଇଛି ।'

**ଅଭିଯୋଗ–** *'ଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ, ଅତି ପୁରାତନ ଗୋଟିଏ ପୁସ୍ତକରେ ଲିପିବଦ୍ଧ ହୋଇଛି । ପୃଥିବୀର ପ୍ରାଚୀନ ଇତିହାସ ପରି ବହୁ ଗ୍ରନ୍ଥ ରହିଛି ସତ, କିନ୍ତୁ କାବ୍ୟ, ଉପନ୍ୟାସ ଓ ପୁରାଣ ପ୍ରଭୃତି ବହୁ କାଳ୍ପନିକ ଗ୍ରନ୍ଥ ମଧ୍ୟ ରହିଛି । ହୁଏତ ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କ ସମ୍ବନ୍ଧରେ ସମସ୍ତ କଥା ନିଜେ ନିଜେ ଉଦ୍ଭାବନ କରି ତାହାକୁ ସତ୍ୟ ରୂପେ ଚଳାଇ ଦେଇଥିଲେ ।'*

**ଉତ୍ତର–** ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ବହୁ ସାକ୍ଷ୍ୟ ପ୍ରମାଣ ଥିଲେ ମଧ୍ୟ, ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ତାହାକୁ ସତ୍ୟ ବୋଲି ସ୍ୱୀକାର କରି ନ ଥା'ନ୍ତି । ସେମାନେ ଏହା ପ୍ରମାଣ କରିବାକୁ ଚେଷ୍ଟା କରନ୍ତି ଯେ,



ଯୀଶୁ ଐତିହାସିକ ବ୍ୟକ୍ତି ନୁହନ୍ତି ଏବଂ ତାହାଙ୍କର ଜୀବନୀ, ଶିକ୍ଷା, ମୃତ୍ୟୁ ଓ ପୁନରୁତ୍ଥାନ, ଶିଷ୍ୟମାନଙ୍କର କଳ୍ପନାପ୍ରସୂତ ।

ସତ୍ୟ ହିଁ ହେଉଛି ଅକାଟ୍ୟ ଯୁକ୍ତି ଏବଂ ଯୀଶୁଙ୍କ ସମ୍ବନ୍ଧରେ ଯେଉଁସମସ୍ତ ସତ୍ୟ ସଂଗ୍ରହ କରାଯାଇଛି, ସେସମସ୍ତ ଏହି ଉଦ୍ଭଟ ଧାରଣାର ସମ୍ପୂର୍ଣ୍ଣ ବିରୋଧୀ ।

ଅତି ସତ୍ୟ ଗୋଟିଏ ବିଷୟ ହେଲା, ଯୀଶୁଙ୍କ ସମୟରେ ତାହାଙ୍କ ଦେଶରେ ଏବଂ ଅନ୍ୟାନ୍ୟ ଅନେକ ଦେଶରେ ଯେଉଁ ଅସଂଖ୍ୟ ଲୋକ ବଞ୍ଚି ରହିଥିଲେ, ସେମାନେ ଶିଷ୍ୟମାନଙ୍କ ଶିକ୍ଷାରେ ବିଶ୍ୱାସ ସ୍ଥାପନ କରିଥିଲେ । ଯୀଶୁ ଯଦି ଐତିହାସିକ ବ୍ୟକ୍ତି ହୋଇ ନ ଥା'ନ୍ତେ, ତେବେ ସେ ଯେ ପ୍ରକୃତରେ ଥିଲେ, ସେ କଥା ଶିଷ୍ୟମାନେ ଲୋକମାନଙ୍କୁ ବିଶ୍ୱାସ କରାଇ ପାରି ନ ଥା'ନ୍ତେ ।

ଧରନ୍ତୁ, ଆମ୍ଭମାନଙ୍କର ସମସାମୟିକ ଜଣେ ଲେଖକ, ଗୋଟିଏ ଚରିତ୍ରର କଳ୍ପନା କରି ସୁନ୍ଦର ଗୋଟିଏ ଗଳ୍ପ ଲେଖିବେ । ସେ ଲେଖିବେ ଯେ, ଏହି ବ୍ୟକ୍ତି ବହୁ ଆଶ୍ଚର୍ଯ୍ୟ କର୍ମ ସାଧନ କରିଅଛନ୍ତି, ସେ ବହୁ ଗଭୀର ତତ୍ତ୍ୱପୂର୍ଣ୍ଣ ଶିକ୍ଷା ଦେଇଅଛନ୍ତି, ଏପରିକି ଈଶ୍ୱରଙ୍କ ସମ୍ବନ୍ଧରେ ବହୁ ଗଭୀର ତଥ୍ୟ ପ୍ରକାଶ କରିଅଛନ୍ତି, ବହୁ ଭବିଷ୍ୟଦ୍‌ବାଣୀ ସଫଳ କରିଅଛନ୍ତି, ସେ ଈଶ୍ୱରଙ୍କ ଏକମାତ୍ର ପୁତ୍ର, ଜଗତର ପରିତ୍ରାଣ ନିମନ୍ତେ ସେ ମୃତ୍ୟୁବରଣ କରିଅଛନ୍ତି ଏବଂ ଶେଷରେ ମୃତ୍ୟୁରୁ ଉଠିଅଛନ୍ତି । କିନ୍ତୁ ଆମ୍ଭମାନଙ୍କର ସମସାମୟିକ ଏପରି ଜଣେ ବ୍ୟକ୍ତିଙ୍କୁ କେହି କେବେ ଦେଖି ନାହିଁ, କେହି ତାହାଙ୍କୁ ଶିକ୍ଷା ଦେବାର ଶୁଣି ନାହିଁ, ଏପରିକି ତାହାଙ୍କ ବିଷୟରେ କିଛି ଶୁଣା ଯାଇ ନାହିଁ ଏବଂ ତାହାଙ୍କର ବିଭିନ୍ନ କାର୍ଯ୍ୟ ଓ ମୃତ୍ୟୁରୁ ଉତ୍ଥାନକୁ ପ୍ରମାଣିତ କରିବା ନିମନ୍ତେ କୌଣସି ସାକ୍ଷୀ ନାହାନ୍ତି । ତାହାଙ୍କ ବିଷୟରେ ଅନୁସନ୍ଧାନ କରିବାକୁ ଯାଇ, ଗୋଟିଏମାତ୍ର ତଥ୍ୟ ଆବିଷ୍କୃତ ହୋଇପାରେ ନାହିଁ । ଲେଖକ ଯାହା ଲେଖିଛନ୍ତି, ତାହା ଯେ ଇତିହାସ ଓ ଧ୍ରୁବ ସତ୍ୟ, ସେ କଥା ସେ ପୃଥିବୀକୁ ବିଶ୍ୱାସ କରାଇ ପାରିବେ କିପରି ?

ଶିଷ୍ୟମାନେ ଏପରି ଜଣେ ବ୍ୟକ୍ତିଙ୍କ ବିଷୟ ଲେଖି ନାହାନ୍ତି, ଯେ ବହୁ ପୂର୍ବେ, କେଉଁ ଅତୀତ ଯୁଗରେ ବା ସୁଦୂର କେଉଁ ଦେଶରେ ବଞ୍ଚିଥିଲେ ।

ଯୀଶୁ ଥିଲେ ସେମାନଙ୍କର ସମସାମୟିକ ଓ ସ୍ୱଦେଶବାସୀ, ତେଣୁ ସେ ଯେ ପ୍ରକୃତରେ ଥିଲେ, ମୃତ୍ୟୁଭୋଗ କରି ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ, ଏ ବିଷୟର ସାକ୍ଷ୍ୟ ପ୍ରମାଣ ନିଶ୍ଚୟ ସୁଦୃଢ଼ । ଶିଷ୍ୟମାନେ ବହୁ ଲୋକଙ୍କୁ ବିଶ୍ୱାସ କରାଇବାକୁ ସମର୍ଥ ହୋଇଥିଲେ ଯେ, ସେମାନେ ଯେଉଁ ଶିକ୍ଷା ଦେଉଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ । ସେମାନଙ୍କର ସ୍ୱଦେଶବାସୀ ଓ ବିଦେଶୀ ଅସଂଖ୍ୟ ଲୋକେ, ସେମାନଙ୍କ ଧର୍ମକୁ ପରିତ୍ୟାଗ କରି ଖ୍ରୀଷ୍ଟଙ୍କୁ ପ୍ରଭୁ ଓ ପରିତ୍ରାଣକର୍ତ୍ତା ରୂପେ ସ୍ୱୀକାର କରିଥିଲେ ଓ ତାହାଙ୍କ ଉଦ୍ଦେଶ୍ୟରେ ଜୀବନ ଯାପନ କରିବାକୁ ଓ ମୃତ୍ୟୁଭୋଗ କରିବାକୁ କୁଣ୍ଠିତ ହୋଇ ନ ଥିଲେ । ଯୀଶୁଙ୍କ ଶିଷ୍ୟମାନଙ୍କ ଶିକ୍ଷା ଯଦି କପୋଳକଳ୍ପିତ ଗଳ୍ପ ହୋଇଥା'ନ୍ତା ଏବଂ ତାହାକୁ ସମର୍ଥନ କରିବା ନିମନ୍ତେ କୌଣସି ସାକ୍ଷ୍ୟ ପ୍ରମାଣ ନ ଥା'ନ୍ତା, ଶିଷ୍ୟମାନଙ୍କ ପକ୍ଷରେ ସେପରି ଶିକ୍ଷା ଦେବା କ'ଣ ସମ୍ଭବ ହୋଇ ପାରିଥା'ନ୍ତା ? ଖ୍ରୀଷ୍ଟଙ୍କର ଜୀବନ ଓ ମୃତ୍ୟୁ ଯଦି କେବଳ କଳ୍ପନା ହୋଇଥା'ନ୍ତା, ତେବେ ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ, ସୁସମାଚାର ଯେପରି ଦ୍ରୁତ ଗତିରେ ପ୍ରସାର ଲାଭ କଲା, ତାହା ସମ୍ଭବ ହୋଇପାରି ନ ଥା'ନ୍ତା ।

ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ, ଧର୍ମ ଉଦ୍ଦୀପନା ପ୍ରବଳ ଭାବରେ ପ୍ରସାରିତ ହୋଇଥିଲା । ଖ୍ରୀଷ୍ଟଙ୍କର ସେହି କ୍ଷୁଦ୍ର ଶିଷ୍ୟ ଦଳଟି, ପୃଥିବୀରେ ଯେପରି ବିପ୍ଲବ ସୃଷ୍ଟି କରିଥିଲେ ଏବଂ ନଗର ପରେ ନଗର ଓ ଦେଶ ପରେ ଦେଶରେ ଖ୍ରୀଷ୍ଟଧର୍ମ ପ୍ରତିଷ୍ଠା କରିଥିଲେ, କାଳ୍ପନିକ ଖ୍ରୀଷ୍ଟଙ୍କୁ କେନ୍ଦ୍ର କରି ସେମାନେ ତାହା କରି ପାରି ନ ଥା'ନ୍ତେ ।

ସଂସ୍ଥାରକ ବିନା ସଂସ୍କାର ସମ୍ଭବପର ହୁଏନା । ସେହିପରି ନେତା ବିନା ଅନୁଗମନକାରୀ, ଗୁରୁ ବିନା ଶିଷ୍ୟ ଓ ଐତିହାସିକ ଖ୍ରୀଷ୍ଟଙ୍କ ବିନା ଖ୍ରୀଷ୍ଟିୟାନର ଅସ୍ତିତ୍ୱ ସମ୍ଭବ ହୋଇ ପାରେନା । ଆଦ୍ୟ ଖ୍ରୀଷ୍ଟିୟାନମାନେ ଯେ ଯୀଶୁଙ୍କ ବାସ୍ତବତା ସମ୍ବନ୍ଧରେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ, ସେ ବିଷୟରେ ସନ୍ଦେହର ଅବକାଶ ନାହିଁ ।

ଏଠାରେ ଅନ୍ୟ ଗୋଟିଏ ବିଷୟ ଉଲ୍ଲେଖ କରାଯାଇପାରେ । ଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରି ନ ଥିବା କେତେକ ଯିହୁଦୀୟ ଲେଖକ



ଓ ଅନ୍ୟ ଦେଶୀୟ ଅନେକ ଲେଖକ, ଯୀଶୁ ଯେ ଐତିହାସିକ ବ୍ୟକ୍ତି ନୁହନ୍ତି, ସେ କଥା କହି ନାହାନ୍ତି । ବରଂ ସେମାନଙ୍କ ଲେଖାରେ, ଯୀଶୁ ଯେ ପ୍ରକୃତରେ ଥିଲେ, ସେ କଥାର ଉଲ୍ଲେଖ ରହିଛି । ପ୍ଲିନୀ (୬୧-୧୧୪ ଖ୍ରୀଷ୍ଟାବ୍ଦ), ଟାଇଟସ୍ (୫୫-୧୧୮ ଖ୍ରୀଷ୍ଟାବ୍ଦ), ସୁଟୋନିଅସ୍ (୭୦-୧୪୦ ଖ୍ରୀଷ୍ଟାବ୍ଦ), ଶମିରୋଣୀୟ ଲେଖକ ଥାଲସ୍ (ପ୍ରାୟ ୫୨ ଖ୍ରୀଷ୍ଟାବ୍ଦ) ଏବଂ ଯିହୁଦୀୟ ଯୋଶେଫସ୍ (୩୭-୧୦୦ ଖ୍ରୀଷ୍ଟାବ୍ଦ) ସମସ୍ତେ ଯୀଶୁଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ବିଖ୍ୟାତ ରୋମୀୟ ଇତିହାସ ଲେଖକ ଟାସିଟସ୍ ଖ୍ରୀଷ୍ଟିୟାନ ନ ଥିଲେ, କିନ୍ତୁ ଖ୍ରୀଷ୍ଟିୟାନମାନଙ୍କ ସମ୍ବନ୍ଧରେ ସେ ଲେଖିଛନ୍ତି– 'ଖ୍ରୀଷ୍ଟିୟାନ ନାମ ଯେଉଁ ଖ୍ରୀଷ୍ଟଙ୍କ ନାମରୁ ସୃଷ୍ଟି ହୋଇଛି, ପଣ୍ଟିଅସ୍ ପାଇଲେଟ୍, ସେହି ଖ୍ରୀଷ୍ଟଙ୍କୁ, ଟାଇବେରିଅସ୍‌ଙ୍କ ରାଜତ୍ୱ ସମୟରେ ମୃତ୍ୟୁଦଣ୍ଡ ଦେଇଥିଲେ ।'

ଆମ୍ଭେମାନେ ଅନ୍ୟ ଗୋଟିଏ ବିଷୟ ଚିନ୍ତା କରି ଦେଖୁ । ଈଶ୍ୱରଙ୍କ ଶକ୍ତିରେ ଶିଷ୍ୟମାନଙ୍କ ଜୀବନ ପରିବର୍ତ୍ତିତ ହୋଇଥିଲା । ସେମାନଙ୍କ ଲେଖାରେ ଯେପରି ଆଦର୍ଶ ନୈତିକତାର ଉଲ୍ଲେଖ ରହିଛି, ତାହାର ତୁଳନା ନାହିଁ । ଶିଷ୍ୟମାନେ ଦୃଢ଼ ଭାବରେ ଥରକୁ ଥର ଜଣାଉଥିଲେ ଯେ, ଈଶ୍ୱର ସମସ୍ତ ପ୍ରକାର ମିଥ୍ୟା ଓ ଛଳନାକୁ ଘୃଣା କରନ୍ତି ଓ ସେଥିପାଇଁ ସେ କଠୋର ଦଣ୍ଡ ଦେବେ । ସଦାଚରଣ କରି, ସତ୍ୟରେ ବିଶ୍ୱାସ ରଖି, ସତ୍ୟ କହି, ସତ୍ୟମୟ ଜୀବନ ଯାପନ କରିବାକୁ ସେମାନେ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ । ସେମାନେ ପବିତ୍ର ଜୀବନ ଯାପନ କରିବା ନିମନ୍ତେ ଅନ୍ୟମାନଙ୍କୁ କେବଳ କହୁ ନ ଥିଲେ, ନିଜ ନିଜ ଜୀବନରେ ମଧ୍ୟ ସେହି ଆଦର୍ଶ ଦେଖାଉ ଥିଲେ । ତେବେ ଏହିପ୍ରକାର ଲୋକେ, ଯୀଶୁଙ୍କ ସମ୍ବନ୍ଧରେ କାଳ୍ପନିକ ଗଳ୍ପ ସୃଷ୍ଟି କରି, ତାହାକୁ ଯେ ସତ୍ୟ ବୋଲି ଚଳାଇ ଦେଇଥିବେ, ଏ କଥା କଳ୍ପନା ମଧ୍ୟ କରି ହୁଏନା । ଯଦି ଆମ୍ଭେମାନେ ଭାବିପାରୁ ଯେ, ସେମାନେ ସେହିପରି କରିଥିବେ, ତେବେ ସେମାନଙ୍କ ପରି ପ୍ରତାରକ, କୌଣସି ଦିନ ପୃଥିବୀରେ ନ ଥିଲେ ଓ କୌଣସି ଦିନ ମଧ୍ୟ ହେବେ ନାହିଁ । ଲେଖକମାନେ ଯାହା ଲେଖନ୍ତି, ସେହି ଲେଖାରେ ସେମାନେ କିପରି ଲୋକ, ତାହାର ଆଭାସ ମିଳିଥାଏ । ସେହିପରି ବାଇବଲର ଲେଖାଗୁଡ଼ିକ ମଧ୍ୟରେ, ଲେଖକମାନଙ୍କର ଆନ୍ତରିକତା ଓ ଶକ୍ତିର

ସନ୍ଧାନ ମିଳେ ଓ ଜ୍ୟୋତିର୍ମୟ ଏବଂ ସର୍ବଶକ୍ତିମାନ ଈଶ୍ୱରଙ୍କର ଅସ୍ତିତ୍ୱର ପରିଚୟ ମଧ୍ୟ ମିଳିଥାଏ । ଏହା କ'ଣ ପ୍ରତାରକମାନଙ୍କର କାର୍ଯ୍ୟ ? ଏହି ଲୋକମାନେ ଆମ୍ଭମାନଙ୍କ ଦୃଷ୍ଟିରେ ଯେପରି ଦେଖାଯାନ୍ତି, ସେମାନେ ପ୍ରକୃତରେ ଯେ ସେପରି ନୁହନ୍ତି, ଏ ସନ୍ଦେହ ଆମ୍ଭମାନଙ୍କ ମନରେ ସ୍ଥାନ ପାଇ ପାରେନା ।

ଅନ୍ୟ ଗୋଟିଏ ବିଷୟ ପ୍ରତି ମଧ୍ୟ ଲକ୍ଷ୍ୟ କରାଯାଉ । ଶିଷ୍ୟମାନେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଯେପରି ଶିକ୍ଷା ଦେଉଥିଲେ, ସେଥିପାଇଁ ସେମାନଙ୍କୁ ନିର୍ଯ୍ୟାତନା, ଏପରିକି ମୃତ୍ୟୁ ମଧ୍ୟ ଭୋଗ କରିବାକୁ ପଡୁଥିଲା ଏବଂ ଦୁଃଖ ଓ ମୃତ୍ୟୁଭୋଗ କରିବାକୁ ସେମାନେ କୁଣ୍ଠିତ ମଧ୍ୟ ହେଉ ନ ଥିଲେ । ଯଦି ସେମାନେ ସେସମସ୍ତ ବିଷୟ ଉଦ୍ଭାବନ କରିଥା'ନ୍ତି, ତେବେ କେଉଁ ପୁରସ୍କାର ଆଶାରେ ସେପରି କରିଥିବେ ? ନିଜ କାର୍ଯ୍ୟର ବିନିମୟରେ ସେମାନେ କ'ଣ ବା ପାଇଥିଲେ ?–ଘୃଣା, ଅବଜ୍ଞା, ଅନୁଯୋଗ, ଲାଞ୍ଛନା, ଅଭିଶାପ, ନିର୍ଯ୍ୟାତନା, ଦାରିଦ୍ର୍ୟ, ତାଡ଼ନା, ବନ୍ଦୀତ୍ୱ ଏପରିକି ମୃତ୍ୟୁ ମଧ୍ୟ । ଖ୍ରୀଷ୍ଟପର ପ୍ରଥମ ତିନି ଶତାବ୍ଦୀରେ ଖ୍ରୀଷ୍ଟିୟାନମାନଙ୍କର ଅବସ୍ଥା ଏହିପରି ଶୋଚନୀୟ ଥିଲା । ରୋମ୍ ସମ୍ରାଟ ନିରୋଙ୍କ ସମୟରେ (୫୪–୬୮ ଖ୍ରୀଷ୍ଟାବ୍ଦ) ଖ୍ରୀଷ୍ଟିୟାନମାନଙ୍କୁ କିପରି ତାଡ଼ନା କରାଯାଇଥିଲା, ସେ ସମ୍ପର୍କରେ ସେଭେରସ୍ ଲେଖନ୍ତି–''*ଇତ୍ୟବସରରେ ଖ୍ରୀଷ୍ଟିୟାନମାନଙ୍କ ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଥିଲା । ସମ୍ରାଟ ନିରୋ ଆଣ୍ଟିଅମ୍‌ରେ ରହିଥା'ନ୍ତି, ହଠାତ୍ ରୋମ୍‌ରେ ନିଆଁ ଲାଗି ତାହା ଧ୍ୱଂସ ହୋଇଗଲା । ଏହି ଦୁର୍ଘଟଣା ନିମନ୍ତେ ସମସ୍ତେ ସମ୍ରାଟଙ୍କୁ ଦୋଷୀ କଲେ, କାରଣ ସେମାନଙ୍କ ମନରେ ଧାରଣା ଜନ୍ମିଲା ଯେ, ନୂତନ ଗୋଟିଏ ନଗର ନିର୍ମାଣ କରିବାର ଗୌରବ ଅର୍ଜନ କରିବା ନିମନ୍ତେ ସେ ଏପରି କରିଥିଲେ । ନିରୋ, ସମସ୍ତ ଚେଷ୍ଟା କରି ମଧ୍ୟ, ତାଙ୍କର ଆଦେଶରେ ଯେ ନିଆଁ ଲଗା ଯାଇଛି, ଏ ଅଭିଯୋଗରୁ ନିଜକୁ ମୁକ୍ତ କରିପାରିଲେ ନାହିଁ, ତେଣୁ ସେ ଏଥିପାଇଁ ଖ୍ରୀଷ୍ଟିୟାନମାନଙ୍କ ଉପରେ ଦୋଷ ପକାଇ, ସେହି ନିର୍ଦ୍ଦୋଷମାନଙ୍କ ପ୍ରତି ଅତି ନିଷ୍ଠୁର ତାଡ଼ନା ଆରମ୍ଭ କଲେ । ମୃତ୍ୟୁଦଣ୍ଡର ନୂତନ ନୂତନ ବ୍ୟବସ୍ଥା ଉଦ୍ଭାବନ କରାଗଲା । ଅନେକଙ୍କ ଶରୀର,*



*ବନ୍ୟଜନ୍ତୁଙ୍କ ଚମରେ ଆବୃତ୍ତ କରି, ସେମାନଙ୍କୁ କୁକୁରମାନଙ୍କ ଆଗେ ପକାଗଲା ଓ ସେମାନେ ତାଙ୍କୁ ମାରି ଖାଇ ପକାଇଲେ । କେହି କେହି କ୍ରୁଶରେ ମୃତ୍ୟୁଭୋଗ କଲେ ଓ ଅନେକଙ୍କୁ ଅଗ୍ନିରେ ଦଗ୍ଧ କରାଗଲା । ଏପରିକି ଅନେକଙ୍କୁ, ରାତିରେ ଆଲୁଅ ନିମନ୍ତେ, ମିଶାଲ ପରି ଜଳା ଯାଉଥିଲା ।''* ଟାଇଟସ୍ ମଧ୍ୟ ତାଙ୍କ ପୁସ୍ତକରେ ଠିକ୍ ଏହିପରି ବର୍ଣ୍ଣନା କରିଛନ୍ତି ।

ପାଉଲ ଥରେ, ତାଙ୍କ ପ୍ରତି ନିର୍ଯ୍ୟାତନା ସମ୍ପର୍କରେ ଏହିପରି ଲେଖିଥିଲେ– *'ମୁଁ ପାଞ୍ଚଥର ଯିହୁଦୀମାନଙ୍କଠାରୁ 'ଊଣଚାଳିଶ କଶାଘାତ' ପାଇଛି । ମୁଁ ତିନିଥର ଲାଠିରେ ପ୍ରହାରିତ ହୋଇଛି, ଥରେ ପ୍ରସ୍ତରାଘାତ ସହିଛି ଓ ତିନିଥର ଜାହାଜ ବୁଡ଼ିରେ ପଡ଼ିଛି, ସମୁଦ୍ର ଜଳରେ ଭାସି ଭାସି ଗୋଟିଏ ରାତି ଓ ଗୋଟିଏ ଦିନ କଟାଇଛି । ମୋତେ ବାରମ୍ବାର ଯାତ୍ରା କରିବାକୁ ପଡ଼ିଛି । ମୁଁ ନଦୀଗୁଡ଼ିକରେ ଥିବା ବିପଦ, ଦସ୍ୟୁମାନଙ୍କଠାରୁ ବିପଦ, ସ୍ୱଦେଶବାସୀଙ୍କଠାରୁ ବିପଦ, ଅଣଯିହୁଦୀମାନଙ୍କଠାରୁ ବିପଦ, ନଗରରେ ଥିବା ବିପଦ, ମରୁପ୍ରାନ୍ତରରେ ଥିବା ବିପଦ, ସମୁଦ୍ରରେ ଥିବା ବିପଦ ଏବଂ ଭଣ୍ଡ ଭାଇମାନଙ୍କଠାରୁ ବିପଦର ସମ୍ମୁଖୀନ ହୋଇଛି । ମୁଁ କଠିନ ପରିଶ୍ରମ ଓ କଷ୍ଟ ସ୍ୱୀକାର କରିଛି, ପୁଣି ଅନେକ ଥର ଅନିଦ୍ରାରେ ରହିଛି, ମୁଁ କ୍ଷୁଧା ଓ ତୃଷା ସହ୍ୟ କରିଛି ଏବଂ ବହୁବାର ଅନାହାରରେ ରହିଛି, ମୁଁ ଶୀତକଷ୍ଟ ଓ ବସ୍ତ୍ରର ଅଭାବ ସହ୍ୟ କରିଛି'* (୨ କରିନ୍ଥୀୟ ୧୧:୨୪–୨୭) ।

ସୁସମାଚାର ପ୍ରଚାର ବିନିମୟରେ ଶିଷ୍ୟମାନଙ୍କ ନିମନ୍ତେ କି ଚମତ୍କାର ପୁରସ୍କାର ! ସେମାନଙ୍କୁ ତାହା କରିବାକୁ କେହି ବାଧ୍ୟ କରି ନ ଥିଲେ ଏବଂ ସେମାନେ ଅକ୍ଳେଶରେ, ନିଜ ନିଜକୁ ସେ କାର୍ଯ୍ୟରୁ ପୃଥକ ରଖିପାରିଥା'ନ୍ତେ । ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରି ସେମାନେ ଯଦି କେବଳ କହି ଦେଇଥା'ନ୍ତେ ଯେ, ସେମାନେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଯାହା କରିଛନ୍ତି, ସେସମସ୍ତ ସେମାନେ ଉଦ୍ଭାବନ କରିଛନ୍ତି, ତାହା ହିଁ ସେମାନଙ୍କର ସୁରକ୍ଷା ନିମନ୍ତେ ଯଥେଷ୍ଟ ହୋଇଥା'ନ୍ତା । ତା'ହେଲେ ଲାଞ୍ଛନା, ତାଡ଼ନା ପରିବର୍ତ୍ତେ ଜନତା ସେମାନଙ୍କୁ ପୁଷ୍ପମାଲ୍ୟରେ ଅଭିନନ୍ଦନ ଜଣାଇଥା'ନ୍ତେ । ଲେଖକ ଓ ଅଭିନେତା ରୂପେ ସେମାନେ ପ୍ରଶଂସା ଲାଭ କରିଥା'ନ୍ତେ ଓ ସାହିତ୍ୟିକ ବା ଅଭିନେତା ରୂପେ

ସେମାନେ ନିଯୁକ୍ତି ପାଇ ବହୁ ପାରିଶ୍ରମିକ ଲାଭ କରି ପାରିଥାନ୍ତେ । କିନ୍ତୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ତ ଦୂରର କଥା, ତାହାଙ୍କ ବିଷୟରେ ସେମାନେ ନୀରବ ହୋଇ ମଧ୍ୟ ରହି ପାରିଲେ ନାହିଁ । କିନ୍ତୁ କାହିଁକି ସେମାନେ ପାରି ନ ଥିଲେ ? ଏ ପ୍ରଶ୍ନର ଏକମାତ୍ର ବିଶ୍ୱାସଯୋଗ୍ୟ ଉତ୍ତର ହେଲା, ସେମାନେ ଯାହା କହୁଥିଲେ, ତାହା ଯେ ସମ୍ପୂର୍ଣ୍ଣ ସତ୍ୟ, ସେ କଥା କହିବାକୁ ଈଶ୍ୱର ଯେ ସେମାନଙ୍କୁ ନିର୍ଦ୍ଦେଶ ଦେଇଅଛନ୍ତି ଓ ତାହା ହିଁ ଯେ ପୃଥିବୀ ନିମନ୍ତେ ଏକମାତ୍ର ଆଶାର ବାଣୀ, ଏହା ସେମାନେ ନିଶ୍ଚିତ ଭାବରେ ଜାଣିଥିଲେ ।

ଲୋକେ ଯେତେବେଳେ ବୁଝି ପାରନ୍ତି ଯେ, ସେମାନେ ସତ୍ୟ ଓ ନ୍ୟାୟ ପକ୍ଷରେ ସଂଗ୍ରାମ କରୁଛନ୍ତି, ସେମାନଙ୍କୁ ବହୁ ଦୁର୍ଦ୍ଦଶା ଭୋଗ କରିବାକୁ ଶକ୍ତି ମିଳିଥାଏ । କିନ୍ତୁ ଗୋଟିଏ କାଳ୍ପନିକ ଗଳ୍ପକୁ ଭିତ୍ତି କରି, ଶିଷ୍ୟମାନେ ଦୁଃଖ ଦୁର୍ଦ୍ଦଶାକୁ ସ୍ୱାଗତ କରିନେଇ ପାରିଥା'ନ୍ତେ କି ? ତାହା ସମ୍ଭବ ମନେ ହୁଏନା ।

କିନ୍ତୁ କେହି ହୁଏତ କହି ପାରନ୍ତି, 'ଶିକ୍ଷା ଦେବା ଯୋଗୁ ଶିଷ୍ୟମାନେ କ'ଣ କେବଳ ଦୁଃଖଭୋଗ କରିଛନ୍ତି ? ଖ୍ରୀଷ୍ଟଙ୍କ ଶିକ୍ଷାର ବିରୋଧକାରୀ ଅନେକେ ତ ପୁଣି ସେହିପରି ଦୁଃଖଭୋଗ କରିଛନ୍ତି ? କେବଳ ଦୁଃଖ ଭୋଗ ସତ୍ୟର ପ୍ରକୃତ ପ୍ରମାଣ ନୁହେଁ ।' ଏ ଯୁକ୍ତିରେ ନିଶ୍ଚୟ କାହାର ସନ୍ଦେହ ନ ଥିବ । କୌଣସି ନୀତି ବା ଧାରଣା, ମିଥ୍ୟା ହେଲେ ମଧ୍ୟ, ବହୁ ଲୋକ ସେଥିପାଇଁ ଦୁଃଖଭୋଗ କରିଥା'ନ୍ତି–ଯେପରି ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରୁଥିବା ସାମ୍ୟବାଦ !

ଯେଉଁମାନେ ସାମ୍ୟବାଦ ବା ସେହିପରି ଭ୍ରାନ୍ତନୀତିର ପ୍ରତିଷ୍ଠା ନିମନ୍ତେ ଦୁଃଖଭୋଗ କରିଥିଲେ, ସେମାନେ ମଧ୍ୟ ବିଶ୍ୱାସ କରୁଥିଲେ ଯେ, ସେ ନୀତି ଯଥାର୍ଥ ଓ ଅଭ୍ରାନ୍ତ । ତେଣୁ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଯେଉଁ ଦୁଃଖ ଭୋଗ କଲେ, ସେଥିରୁ ପ୍ରମାଣିତ ହୁଏନା ଯେ ସେମାନଙ୍କ ଶିକ୍ଷା ସତ୍ୟ ଓ ଅଭ୍ରାନ୍ତ । କିନ୍ତୁ ସେମାନେ ସେସମସ୍ତ ଯେ ମନରୁ ଗଢ଼ି ନ ଥିଲେ ଓ ସେସବୁ କଥାରେ ସେମାନଙ୍କର ଦୃଢ଼ ବିଶ୍ୱାସ ରହିଥିଲା, ତାହା ଲକ୍ଷ୍ୟ କରାଯାଇପାରେ । ଖ୍ରୀଷ୍ଟ ନିଜେ, ତାହାଙ୍କର ଚରିତ୍ର, ବ୍ୟକ୍ତିତ୍ୱ, ଆଶ୍ଚର୍ଯ୍ୟ କର୍ମ ଓ ମୃତ୍ୟୁରୁ ଉତ୍ଥାନ ଦ୍ୱାରା ତାହାଙ୍କ ମହତ୍ତ୍ୱର ଯେଉଁ ପ୍ରମାଣ ଦେଇଥିଲେ, ତାହା ହିଁ ଶିଷ୍ୟମାନଙ୍କ ଦୃଢ଼



ବିଶ୍ୱାସର କାରଣ । ଅନ୍ୟ କୌଣସି ନୀତି ବା ଧାରଣା ଏପରି ପ୍ରମାଣ ଦେଇପାରେ ନାହିଁ ।

ପରିଶେଷରେ, ଶିଷ୍ୟମାନେ ଯାହାସବୁ ଲେଖି ଯାଇଛନ୍ତି, ବର୍ତ୍ତମାନ ସମୟରେ ମଧ୍ୟ ସେସବୁ ପ୍ରମାଣିତ ହୋଇ ପାରୁଛି । ଆମ୍ଭେମାନେ ପୂର୍ବରୁ, ଖ୍ରୀଷ୍ଟଙ୍କ ଭବିଷ୍ୟତବାଣୀ, ପ୍ରତିଜ୍ଞା ଓ ଅନୁଭୂତିର ପରୀକ୍ଷା ସମ୍ବନ୍ଧରେ ଆଲୋଚନା କରିଛୁ । ସେସମସ୍ତ ବିଷୟକୁ ଅସ୍ୱୀକାର କରି ହୁଏନା । ସୁସମାଚାର ମଧ୍ୟରେ ବର୍ତ୍ତମାନ ମଧ୍ୟ ଈଶ୍ୱରଙ୍କ ଶକ୍ତି କାର୍ଯ୍ୟ କରୁଛି ଏବଂ ମନୁଷ୍ୟ ଜୀବନରେ ପରିବର୍ତ୍ତନ ସାଧନ କରିବାକୁ ସୁସମାଚାରଗୁଡ଼ିକରେ ଅସୀମ ଶକ୍ତି ରହିଛି । ସୁସାମାଚର ସାହାଯ୍ୟରେ ବହୁ ବ୍ୟକ୍ତି, ନୂତନ ଜୀବନର ସନ୍ଧାନ ଲାଭ କରିଛନ୍ତି, ସେମାନଙ୍କ ଜୀବନ ପରିବର୍ତ୍ତିତ ହୋଇଛି । ଏପରିକି ଅନେକେ, ଯେଉଁମାନଙ୍କ ଜୀବନ ନୀତିବର୍ଜିତ, ଯେଉଁମାନେ ତସ୍କର, ମଦ୍ୟପ ଓ ସମସ୍ତ ପ୍ରକାର ଦୁଷ୍କର୍ମରେ ଲିପ୍ତ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରି ସେମାନେ ମଧ୍ୟ ପରିତ୍ରାଣ ଲାଭ କରି ପାରିଛନ୍ତି । ବାସ୍ତବ ସତ୍ୟ ହେଲା, ଖ୍ରୀଷ୍ଟ ବର୍ତ୍ତମାନ ମଧ୍ୟ ଜୀବିତ, ତାହାଙ୍କୁ ଜାଣି ହେବ ଓ ଜୀବନରେ ଅନୁଭବ କରି ହେବ ।

## ଯୀଶୁଙ୍କ ବିଷୟରେ ସତ୍ୟାସତ୍ୟ

ଯୀଶୁଙ୍କର ଜୀବନ, ଶିକ୍ଷା, ମୃତ୍ୟୁ ଓ ପୁନରୁତ୍ଥାନ ବିଷୟକ ମହତ୍ତ୍ୱପୂର୍ଣ୍ଣ ବିବରଣୀ ଯେ ଶିଷ୍ୟମାନଙ୍କର କଳ୍ପନା ପ୍ରସୂତ, ତାହା ସମ୍ଭବ ମନେହୁଏନା ଓ ଧର୍ମ ଏବଂ ନୈତିକତା ଦୃଷ୍ଟିରୁ ତାହା ବିଶ୍ୱାସଯୋଗ୍ୟ ନୁହେଁ ।

ଧରନ୍ତୁ, ଶିଷ୍ୟମାନେ ଏସମସ୍ତ ଗଳ୍ପ ନିଜେ ଉଦ୍ଭାବନ କରିଥିଲେ । ତେବେ ତାହା ଯେ ପ୍ରକୃତ ସତ୍ୟ, ସେ ବିଷୟରେ ସ୍ୱଦେଶବାସୀ ଓ ଅସଂଖ୍ୟ ବିଦେଶୀୟମାନଙ୍କର ହୃଦ୍‌ବୋଧ ଜନ୍ମାଇ ପାରିଥା'ନ୍ତେ କିପରି ?

ତା'ପରେ ଧରନ୍ତୁ, ସେମାନେ ନିଜେ ନିଜେ ଏସମସ୍ତ ଉଦ୍ଭାବନ କରି, ତାହା ଯେ ସତ୍ୟ, ସେ ବିଷୟରେ ବହୁ ଲୋକଙ୍କର ହୃଦ୍‌ବୋଧ ଜନ୍ମାଇ ପାରି ନ ଥା'ନ୍ତେ । ତା'ପରେ ତାହା ସତ୍ୟ ନୁହେଁ ଜାଣି, ସେଥିପାଇଁ ଦୁଃଖ, ତାଡ଼ନା ଏପରିକି ମୃତ୍ୟୁଭୋଗ କରିବାକୁ ଯେ ସେମାନେ ଆଗେଇ ଯାଇଥା'ନ୍ତେ, ତାହା ମଧ୍ୟ ବିଶ୍ୱାସ କରି ହୁଏନା ।

ଏପରି ଉଦ୍‌ଭାବନ ଯଦିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇଥା'ନ୍ତା, ତାହାହେଲେ ସେମାନଙ୍କ ମିଥ୍ୟା ସାକ୍ଷ୍ୟ ମଧ୍ୟରେ ଈଶ୍ୱରଙ୍କ ଶକ୍ତି କାର୍ଯ୍ୟକାରୀ ହୋଇପାରି ନ ଥା'ନ୍ତା ଏବଂ ଈଶ୍ୱର ସେମାନଙ୍କ ଶିକ୍ଷାକୁ, ଧାର୍ମିକତାର ପ୍ରଚଣ୍ଡ ଶକ୍ତି ରୂପେ ପୃଥିବୀରେ ବ୍ୟବହାର କରିପାରି ନ ଥା'ନ୍ତେ ।

ତା'ପରେ ଶିଷ୍ୟମାନେ ଯଦି ସେସମସ୍ତ ଉଦ୍‌ଭାବନ କରିଥା'ନ୍ତେ, ତେବେ ବର୍ତ୍ତମାନ ଯୁଗରେ ବହୁ ଲୋକ, ନିଜ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଦ୍ୱାରା, ସେସବୁର ସତ୍ୟତା ପ୍ରମାଣ କରି ପାରନ୍ତେ କିପରି ?

ଏଠାରେ କେତେକ ଅସଙ୍ଗତ ଧାରଣାର କଥା ଉଲ୍ଲେଖ କରାଗଲା ଏବଂ ସେ ସମସ୍ତଙ୍କୁ ଯଦି ଏକାଠି ମିଶାଇ ଦିଆଯାଏ, ତେବେ ସେ ଅସଙ୍ଗତା କି ବିରାଟ ଆକାର ଧାରଣ ନ କରିବ ? ଯୀଶୁଙ୍କ ପରି ବ୍ୟକ୍ତିଙ୍କ ଚରିତ୍ର ଯଦି କେବଳ ଶିଷ୍ୟମାନଙ୍କ କଳ୍ପନା ପ୍ରସୂତ ହୋଇଥା'ନ୍ତା, ତେବେ ତାହା କ'ଣ ଧର୍ମକ୍ଷେତ୍ରରେ ଏପରି ଅଭାବନୀୟ ଜାଗରଣ ଆଣି ସମଗ୍ର ରୋମ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇ ପାରିଥା'ନ୍ତା ବା ପୃଥିବୀର ଇତିହାସକୁ ମଧ୍ୟ ବଦଳାଇ ଦେଇ ପାରିଥାନ୍ତା ? ପ୍ରକୃତ କଥା ହେଲା, ସେମାନେ ଯାହା ସତ୍ୟ ବୋଲି ଜାଣିଥିଲେ, ତାହା ହିଁ ଲେଖି ଯାଇଥିଲେ । ଅର୍ଥାତ୍ ସେମାନେ ଜାଣିଥିଲେ ଯେ, ଖ୍ରୀଷ୍ଟ ପ୍ରକୃତରେ ଥିଲେ, ଆଶ୍ଚର୍ଯ୍ୟଜନକ ଜୀବନଯାପନ କରିଥିଲେ, ତାହାଙ୍କର ଅକାଟ୍ୟ ସତ୍ୟ ପ୍ରଚାର କରିଥିଲେ ଓ ପାପୀମାନଙ୍କ ନିମନ୍ତେ ମୃତ୍ୟୁଭୋଗ କରି, ମୃତ୍ୟୁରୁ ଉତ୍ଥିତ ହୋଇଥିଲେ । ଏହି ସତ୍ୟ, ଯୁକ୍ତି, ଇତିହାସ ଓ ଅନୁଭୂତି ଦ୍ୱାରା ପ୍ରମାଣିତ । ଯାହା ସତ୍ୟ, ଶିଷ୍ୟମାନେ ଯଦି ତାହା ଲେଖିଥା'ନ୍ତି, ତେବେ ଯୀଶୁ ପ୍ରକୃତରେ ଈଶ୍ୱରଙ୍କ ପୁତ୍ର ଏବଂ ପୃଥିବୀର ତ୍ରାଣକର୍ତ୍ତା, ପୁଣି ସେ ଯଦି ଈଶ୍ୱରଙ୍କ ପୁତ୍ର, ତେବେ ତାହାଙ୍କର ଶିକ୍ଷା ନିଶ୍ଚୟ ସତ୍ୟ ଓ ତାହାଙ୍କର ଶିକ୍ଷା ଯଦି ସତ୍ୟ ହୁଏ, ତେବେ ତାହା ବିଶ୍ୱାସ କରି, ତାହାଙ୍କ ନିକଟରେ ନିଜ ନିଜକୁ ସମର୍ପଣ କରିବା ଆମ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

## ଐତିହାସିକ ସାକ୍ଷ୍ୟ

ଈଶ୍ୱର, ବାଇବଲ୍‌ରେ ଯେଉଁ ଦୃଢ଼ ପ୍ରମାଣ ଦେଇଅଛନ୍ତି, ତାହାଠାରୁ ଅଧିକ ଦୃଢ଼ ପ୍ରମାଣ କ'ଣ ବା ଦେଇଥା'ନ୍ତେ ? ବିଭିନ୍ନ ଭବିଷ୍ୟତ୍‌ବାଣୀ ଓ



ସେ ସବୁ କିପରି ସଫଳ ହୋଇଛି, ଆମ୍ଭେମାନେ ବାଇବଲରେ ତାହା ଲକ୍ଷ୍ୟ କରିଥାଉ । ତା'ଛଡ଼ା ସତ୍ୟ ବୋଲି ପ୍ରମାଣିତ ବହୁ ଐତିହାସିକ ଘଟଣା ମଧ୍ୟ ଲକ୍ଷ୍ୟ କରିଥାଉ । ଈଶ୍ୱରଙ୍କ ଶକ୍ତି ଦ୍ୱାରା ଯୀଶୁ ଯେସମସ୍ତ ଆଶ୍ଚର୍ଯ୍ୟକର୍ମ କରିଥିଲେ, ସେସବୁର ପ୍ରତ୍ୟକ୍ଷଦର୍ଶୀ ବହୁ ବ୍ୟକ୍ତିଙ୍କ ସନ୍ଧାନ ମଧ୍ୟ ଆମ୍ଭେମାନେ ପାଇଛୁ । ଯୀଶୁଙ୍କଠାରେ ନୈତିକତାର ମନୋମୁଗ୍ଧକର ଯେଉଁ ସୌନ୍ଦର୍ଯ୍ୟ ଥିଲା, ତାହା ଆମ୍ଭେମାନେ ଲକ୍ଷ୍ୟ କରିଛୁ । ତାହାଙ୍କର ଶିକ୍ଷା ମନୁଷ୍ୟକୁ କିପରି ମୁକ୍ତ କରେ ଏବଂ ତାଙ୍କ ପ୍ରଦତ୍ତ ପ୍ରତିଜ୍ଞା, ଏହି ଜୀବନରେ ମଧ୍ୟ କିପରି ଅନୁଭବ କରିହୁଏ, ତାହା ଆମ୍ଭେମାନେ ବାଇବଲରେ ଦେଖିବାକୁ ପାଇଛୁ । ଏକମାତ୍ର ପୁସ୍ତକରୁ, ଆମ୍ଭେମାନେ ଏହାଠାରୁ ଅଧିକ କି ପ୍ରମାଣ ବା ଦାବୀ କରିପାରୁ ? ଏହା ଯଦି ଆମ୍ଭମାନଙ୍କୁ ସନ୍ତୁଷ୍ଟ କରି ନ ପାରେ, ତେବେ ଆଉ କ'ଣ ବା ଆମ୍ଭମାନଙ୍କୁ ସନ୍ତୁଷ୍ଟ କରି ପାରିବ ? ପ୍ରକୃତରେ କହିବାକୁ ଗଲେ, ଯୀଶୁଙ୍କ ସମ୍ବନ୍ଧୀୟ ଐତିହାସିକ ତଥ୍ୟ, ସମ୍ପୂର୍ଣ୍ଣ ଅଭ୍ରାନ୍ତ ଏବଂ ଆମ୍ଭମାନଙ୍କ ନିମନ୍ତେ ଏହାଠାରୁ ଅଧିକ ପ୍ରମାଣର ପ୍ରୟୋଜନ ହୁଏନା । ତଥାପି ଏସମସ୍ତ ସାକ୍ଷ୍ୟ ପ୍ରମାଣ ବିଷୟରେ, ଏଠାରେ କେତେକ ମତାମତ ପ୍ରକାଶ କରାଯାଉଛି ।

ଲିଖିତ ସାକ୍ଷ୍ୟ ଓ ଜୀବନର ଅଭିଜ୍ଞତା ମଧ୍ୟରେ ସମତା ରହିବା ଆବଶ୍ୟକ । ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ସାକ୍ଷ୍ୟ ପ୍ରମାଣ ଯେତେ ଦୃଢ଼ ହେଲେ ମଧ୍ୟ, ଯେଉଁ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାକୁ ଅନିଚ୍ଛୁକ, ତାହାଙ୍କ ପକ୍ଷରେ ତାହା ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ । ଲିଖିତ ସାକ୍ଷ୍ୟ ଏପରି କିଛି ଅକାଟ୍ୟ ନୁହେଁ ଯେ, କାହାର ଅନିଚ୍ଛା ସତ୍ତ୍ୱେ ତାହା ତାହାକୁ ଗ୍ରହଣ କରାଇବା ସମ୍ଭବପର ହେବ । କାରଣ ଏ ସାକ୍ଷ୍ୟ ଏପରି କିଛି ନୁହେଁ, ଯାହାକୁ ସନ୍ଦେହ ବା ଅସ୍ୱୀକାର କରାଯାଇ ନ ପାରିବ ।

ଲିଖିତ ସାକ୍ଷ୍ୟ ଖ୍ରୀଷ୍ଟଙ୍କୁ ସତ୍ୟ ରୂପେ ପ୍ରକାଶ କରେ, କିନ୍ତୁ ତାହାଙ୍କ ନିକଟକୁ ଯିବା ପାଇଁ ତାହା ଆମ୍ଭମାନଙ୍କୁ ବାଧ୍ୟ କରେ ନାହିଁ । ଅବଶ୍ୟ ସାକ୍ଷ୍ୟ ପ୍ରମାଣରୁ ଜଣାଯାଏ ଯେ, ଶିଷ୍ୟମାନେ ଯାହା ଲେଖିଛନ୍ତି, ତାହା ସତ୍ୟ ଓ ଆମ୍ଭେମାନେ ସେହି ସାକ୍ଷ୍ୟକୁ ସ୍ୱୀକାର କରି, ଖ୍ରୀଷ୍ଟଙ୍କ ନିକଟକୁ ଆସି ତାହାଙ୍କୁ

ଜୀବନରେ ଅନୁଭବ କଲେ ଦେଖିପାରିବା ଯେ, ଯୀଶୁଙ୍କ ବିଷୟକ ସାକ୍ଷ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ । ବାଇବଲ ଯେ ଜୀବିତ ଈଶ୍ୱରଙ୍କ ବାକ୍ୟ, ବାଇବଲର ଏ ଦାବୀ ଯେ ସତ୍ୟ, ଆମ୍ଭେମାନେ ତାହା ଉପଲବ୍ଧି କରି ପାରିବା । ଯେଉଁମାନେ ଜୀବନରେ ଖ୍ରୀଷ୍ଟଙ୍କୁ ଅନୁଭବ କରି, ତାହାଙ୍କର ଅନୁଗମନ କରନ୍ତି, ସେମାନଙ୍କ ପକ୍ଷରେ ସେ ସାକ୍ଷ୍ୟ ଅଭ୍ରାନ୍ତ ।

ଈଶ୍ୱର ଯେ ବାଇବଲ ସପକ୍ଷରେ କାର୍ଯ୍ୟ କରନ୍ତି, ମନୁଷ୍ୟଜାତିର ଇତିହାସରେ ତାହା ଅସଂଖ୍ୟ ଥର ପ୍ରମାଣିତ ହୋଇଛି । ସେ ମନୁଷ୍ୟମାନଙ୍କର ବୋଧଶକ୍ତିକୁ ମୁକ୍ତ କରି, ନିଜର ପବିତ୍ରାତ୍ମାଙ୍କ ଦ୍ୱାରା ମନୁଷ୍ୟ ମନରେ ଦୃଢ଼ ଧାରଣା ଜନ୍ମାନ୍ତି ଯେ ଖ୍ରୀଷ୍ଟ ସତ୍ୟ । ମନୁଷ୍ୟମାନଙ୍କ ନିମନ୍ତେ ଏହା ହିଁ ପ୍ରୟୋଜନ । ଆମ୍ଭମାନଙ୍କର ସମସ୍ତ ହୃଦୟ ଦେଇ ଆମ୍ଭେମାନେ ଯଦି ଯୀଶୁଙ୍କ ଆଡ଼କୁ ଫେରୁ, ତେବେ ଏ ଧାରଣା ଲାଭ କରିପାରିବୁ ।

**ଆପତ୍ତି–** *'ଖ୍ରୀଷ୍ଟ ଯେ ଇତିହାସ ସ୍ୱୀକୃତ ବ୍ୟକ୍ତି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆଜିକାଲି କେହି କେହି କହନ୍ତି ଯେ, ଖ୍ରୀଷ୍ଟ କଦାପି କ୍ରୁଶରେ ମୃତ୍ୟୁଭୋଗ କରି ନ ଥିଲେ ଏବଂ ମୃତ୍ୟୁରୁ ମଧ୍ୟ ଉତ୍ଥିତ ହୋଇ ନ ଥିଲେ । ହୁଏତ ସେମାନଙ୍କର କଥା ସତ୍ୟ ।'*

ଉତ୍ତର– ସେମାନଙ୍କର ଏ ଧାରଣା ନିଶ୍ଚୟ ଭୁଲ୍ । ଖ୍ରୀଷ୍ଟଙ୍କର ମୃତ୍ୟୁ ଓ ମୃତ୍ୟୁରୁ ଉତ୍ଥାନକୁ ଅସ୍ୱୀକାର କରିବା ନିମନ୍ତେ ସେମାନେ ଏପରି ଯୁକ୍ତି ବାଢ଼ିଥା'ନ୍ତି । ସେମାନେ କହନ୍ତି ଯେ, ଯୀଶୁଙ୍କୁ କଣ୍ଟାବିଦ୍ଧ କରି କ୍ରୁଶରେ ଟଙ୍ଗା ଯାଇଥିଲା, କିନ୍ତୁ କ୍ରୁଶ ଉପରେ ତାହାଙ୍କର ମୃତ୍ୟୁ ହୋଇ ନ ଥିଲା । ଯନ୍ତ୍ରଣା ଓ ରକ୍ତକ୍ଷୟ ହେତୁ ସେ ଅଜ୍ଞାନ ହୋଇ ପଡ଼ିଥିଲେ । ସେ ନ ମରି ମଧ୍ୟ ମୃତ ପରି ଦେଖାଯାଉଥିଲେ, ତେଣୁ ସେମାନେ ତାହାଙ୍କୁ କ୍ରୁଶରୁ ଓହ୍ଲାଇ ସମାଧି ମଧ୍ୟରେ ରଖିଲେ । ସମାଧିର ଶାନ୍ତ ଓ ଶୀତଳ ପରିବେଶ ମଧ୍ୟରେ ତାହାଙ୍କର ଜ୍ଞାନ ଫେରି ଆସିଲା ଏବଂ ସମାଧିରୁ ବାହାରି ଆସି ସେ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ ।

କୌଣସି ପ୍ରକାରେ ସେ ଶିଷ୍ୟମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ପାରିଥିଲେ ଯେ, ସେ ମୃତ୍ୟୁରୁ ଉଠିଅଛନ୍ତି । କେହି କେହି ମଧ୍ୟ କହିଥା'ନ୍ତି ଯେ, ତା'ପରେ



ସେ ସୁଦୂର କାଶ୍ମୀରକୁ ଆସି ସେଠାରେ ପ୍ରାଣତ୍ୟାଗ କରିଥିଲେ ଓ ଶ୍ରୀନଗରରେ ତାହାଙ୍କୁ ସମାଧି ଦିଆ ଯାଇଥିଲା ।

ଏ ଧାରଣା ସମ୍ପୂର୍ଣ୍ଣ ଅଳୀକ । ଏହା ବିପକ୍ଷରେ ଅନେକ ଆପତ୍ତି ରହିଛି ।

**(କ)** ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଥିଲେ ଯେ, ସେ ମୃତ୍ୟୁଭୋଗ କରିବେ ଓ ମୃତ୍ୟୁରୁ ଉତ୍ଥିତ ହେବେ । ମୃତ୍ୟୁରୁ ଉତ୍ଥାନ ପରେ, ସେ ଯେ ମୃତ୍ୟୁରୁ ଉଠିଅଛନ୍ତି, ସେ କଥା ମଧ୍ୟ ଶିଷ୍ୟଙ୍କୁ କହିଥିଲେ ।

**(ଖ)** ଯେଉଁମାନେ ତାହାଙ୍କ ମୃତ୍ୟୁ ସଙ୍ଗେ ସଂପୃକ୍ତ ଥିଲେ, ସେମାନେ ନିଶ୍ଚିତଭାବେ ସ୍ଥିର କରିଥିବେ ଯେ, ସେ ପ୍ରାଣତ୍ୟାଗ କରିଅଛନ୍ତି । ରୋମୀୟ ଶାସନକର୍ତ୍ତା ତାହାଙ୍କ ମୃତ୍ୟୁ ବିଷୟରେ ନିଃସନ୍ଦେହ ହୋଇ ନ ଥିଲେ, କଦାପି ତାହାଙ୍କ ଶରୀରକୁ ସମାଧି ଦେବା ନିମନ୍ତେ ଅନୁମତି ଦେଇ ନ ଥା'ନ୍ତେ । ସେ ଏହି ଜଘନ୍ୟ ଘଟଣାର ପରିସମାପ୍ତି ଦେଖିବାକୁ ଚାହିଁଥିଲେ । ଯେଉଁ ଯିହୁଦୀମାନେ ତାହାଙ୍କର ମୃତ୍ୟୁ ପାଇଁ ଦାୟୀ, ସେମାନେ ମଧ୍ୟ ତାହାଙ୍କ ମୃତ୍ୟୁ ବିଷୟରେ ନିଶ୍ଚିତ ହୋଇଥିଲେ ଏବଂ ତାହାଙ୍କୁ ସମାଧି ଦେବାକୁ ବାଧା ଦେଇ ନ ଥିଲେ । ସେମାନଙ୍କର ଯଦି ସାମାନ୍ୟ ସନ୍ଦେହ ଥା'ନ୍ତା ଯେ, ସେ ପ୍ରାଣତ୍ୟାଗ କରି ନାହାନ୍ତି, ସେମାନେ କଦାପି ତାହା କରାଇ ଦେଇ ନ ଥା'ନ୍ତେ । ଯେଉଁ ସୈନିକମାନେ କ୍ରୁଶ ନିକଟରେ ଥିଲେ ଏବଂ ତାହାଙ୍କୁ ହତ୍ୟା କରିବା ନିମନ୍ତେ ଯେଉଁମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା, ସେମାନେ ନିଶ୍ଚିତ ଭାବରେ ଜାଣିଥିଲେ ଯେ, ତାହାଙ୍କର ମୃତ୍ୟୁ ହୋଇଛି । ତଥାପି ଜଣେ ସୈନିକ ତାହାଙ୍କର ବକ୍ଷ ଦେଶରେ ବର୍ଚ୍ଛାର ଆଘାତ କରିଥିଲା । ଯଦି ତା' ପୂର୍ବରୁ ଯୀଶୁଙ୍କର ମୃତ୍ୟୁ ହୋଇ ନ ଥା'ନ୍ତା, ତେବେ ସେହି ବର୍ଚ୍ଛାଘାତ ହିଁ ତାହାଙ୍କ ମୃତ୍ୟୁ ନିମନ୍ତେ ଯଥେଷ୍ଟ ହୋଇଥା'ନ୍ତା ।

**(ଗ)** ଯୀଶୁ ଯେପରି ମର୍ମାନ୍ତିକଭାବେ କ୍ଷତବିକ୍ଷତ ହୋଇଥିଲେ, ସେ ଜୀବିତ ରହିଥିଲେ ମଧ୍ୟ, ଅନ୍ୟର ସାହାଯ୍ୟ ନ ନେଇ, ସମାଧି ଭିତରୁ ବାହାରି ଆସିବା ତାହାଙ୍କ ପକ୍ଷରେ ଅସମ୍ଭବ ହୋଇଥାଆନ୍ତା । ଯିହୁଦୀମାନଙ୍କ ରୀତି ଅନୁଯାୟୀ ତାହାଙ୍କ ଶରୀରରେ ସମାଧିବସ୍ତ୍ର ଖୁବ୍ ଶକ୍ତ ଭାବରେ ଗୁଡ଼ା ଯାଇଥିଲା । ସମାଧି ଦ୍ୱାରରେ ବଡ଼ ଗୋଟିଏ ପଥର ଲଦା ଯାଇଥିଲା ଏବଂ

ରୋମୀୟ ରକ୍ଷୀମାନେ ସେଠାରେ ଦିନ ରାତି ପହରା ଦେଉଥିଲେ । ସେହି ରକ୍ଷୀମାନଙ୍କୁ ପରାସ୍ତ କରି, ସମାଧି ଦ୍ୱାରରୁ ପଥର ଘୁଞ୍ଚାଇ, ଯୀଶୁଙ୍କୁ ସମାଧି ବସ୍ତ୍ରରୁ ମୁକୁଳାଇବା କ'ଣ କାହା ପକ୍ଷରେ ସମ୍ଭବ ହୋଇଥା'ନ୍ତା ?

**(ଘ)** ସେପରି କ୍ଷତବିକ୍ଷତ ହେବା ପରେ ମଧ ବଞ୍ଚିରହି ସେ ଯଦିବା ସମାଧି ଭିତରୁ ବାହାରି ଆସି ପାରିଥା'ନ୍ତେ, ସେ କଦାପି ନିଜ ଶିଷ୍ୟମାନଙ୍କର ବିଶ୍ୱାସ ଜନ୍ମାଇପାରି ନ ଥା'ନ୍ତେ ଯେ, ସେ ମୃତ୍ୟୁରୁ ଉଠିଅଛନ୍ତି, ସେ ମୃତ୍ୟୁଞ୍ଜୟ ପ୍ରଭୁ ଓ ଈଶ୍ୱରଙ୍କ ପୁତ୍ର । କାରଣ ସେତେବେଳେ ସେ ପ୍ରାୟ ଅର୍ଦ୍ଧମୃତ ଅବସ୍ଥାରେ ଥା'ନ୍ତେ ଓ ତାହାଙ୍କ ନିମନ୍ତେ ଚିକିତ୍ସାର ପ୍ରୟୋଜନ ହୋଇଥା'ନ୍ତା ।

**(ଙ)** ଯାହାହେଉନା କାହିଁକି ଏହି ଉପାୟରେ ବା ଅନ୍ୟ କୌଣସି ଉପାୟରେ, ଯୀଶୁ କଦାପି ତାହାଙ୍କ ଶିଷ୍ୟମାନଙ୍କୁ ପ୍ରତାରଣା କରି ନ ଥା'ନ୍ତେ । ସେ ସେପରି ପ୍ରକୃତିର ବ୍ୟକ୍ତି ନ ଥିଲେ । ଖ୍ରୀଷ୍ଟଙ୍କ ମୃତ୍ୟୁକୁ ମିଥ୍ୟା ବୋଲି ପ୍ରମାଣିତ କରିବାର ଚେଷ୍ଟା ସପକ୍ଷରେ ଏପରି ଅଯୌକ୍ତିକ ଧାରଣା ଯୀଶୁଙ୍କୁ ହୀନ ପ୍ରତାରକ ଓ ଶିଷ୍ୟମାନଙ୍କୁ ନିର୍ବୋଧ ପ୍ରତିପନ୍ନ କରିବାର ଏକ ବିଫଳ ପ୍ରୟାସ ।

**(ଚ)** ଉପରୋକ୍ତ ଧାରଣାକୁ ସମର୍ଥନ କରିବା ନିମନ୍ତେ କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । ଏ ଧାରଣା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ଯୀଶୁଙ୍କ ସମୟର ବହୁ ପରେ, ତାହାଙ୍କ ଜୀବନୀକୁ ନୂତନଭାବେ ଲେଖିବାର ଏ ଏକ ବ୍ୟର୍ଥ ପ୍ରୟାସ । ଏହି ପ୍ରତାରକ ଇତିହାସ ଲେଖକମାନଙ୍କର ଏପରି କରିବାର ଉଦ୍ଦେଶ୍ୟ ସୁସମାଚାରରେ ଲିପିବଦ୍ଧ ଖ୍ରୀଷ୍ଟଙ୍କର ଜୀବନୀ ସେମାନଙ୍କୁ ସୁଖକର ମନେ ହେଲା ନାହିଁ, ତେଣୁ ସେମାନେ ତାହାର ପରିବର୍ତ୍ତନ କରିବାକୁ ଇଚ୍ଛା କଲେ । କିନ୍ତୁ ଆମ୍ଭେମାନେ କ'ଣ ବିଶ୍ୱାସ କରିବା ?–ଏହାକୁ ସତ୍ୟ ବୋଲି ଜାଣିଥିବା, ଈଶ୍ୱରଭକ୍ତ କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ନା ଖ୍ରୀଷ୍ଟଙ୍କ ସମୟର ଶହ ଶହ ବର୍ଷ ପରେ ଆସିଥିବା ଏବଂ ଯୀଶୁଙ୍କ ଶିଷ୍ୟମାନଙ୍କ ପରି ତାହାଙ୍କ ବିଷୟରେ ପ୍ରକୃତ ସତ୍ୟ ଜାଣି ନ ଥିବା, ଖ୍ରୀଷ୍ଟବିରୋଧୀମାନଙ୍କର କାଳ୍ପନିକ ବିବୃତ୍ତି ?

ନା, ଏ ଧାରଣା ସତ୍ୟ ନୁହେଁ ଏବଂ ଏହାର ଏକମାତ୍ର ନାମକରଣ କରାଯାଇପାରେ–ଚରମ ନିର୍ବୋଧତା । ଯୀଶୁ ପ୍ରକୃତରେ ମୃତ୍ୟୁରୁ ଉଠିଥିଲେ



ଓ ନିଜକୁ ଈଶ୍ୱରଙ୍କଠାରୁ ଆଗତ ଗୁରୁ ଓ ଈଶ୍ୱରଙ୍କ ପୁତ୍ର ବୋଲି ପ୍ରମାଣିତ କରିଥିଲେ । ଆମ୍ଭେମାନେ ଏହା ବିଶ୍ୱାସ କରିବା ବିରୁଦ୍ଧରେ କୌଣସି କାରଣ ନାହିଁ । ଯୀଶୁଙ୍କର ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ବିଷୟ ଲକ୍ଷ୍ୟ କଲେ ଆମ୍ଭେମାନେ ଜାଣି ପାରିବୁ, ତାହା କି ପବିତ୍ର, ଐଶ୍ୱର୍ଯ୍ୟମୟ ଓ ମର୍ମସ୍ପର୍ଶୀ । ସତ୍ୟକୁ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ଓ ଈଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ହୃଦୟ କେବଳ ଏହି ସତ୍ୟକୁ ଉପଲବ୍ଧି କରେ ଓ ବିଶ୍ୱାସ କରେ ମଧ ।

**ପ୍ରଶ୍ନ–** *'ଈଶ୍ୱର ଯେ ସତ୍ୟ, ତାହା ସପକ୍ଷରେ ଏତେ ପ୍ରମାଣ ଥିବା ସତ୍ତ୍ୱେ, ଏତେ ଶିକ୍ଷିତ ଓ ବୁଦ୍ଧିମାନ ଲୋକ ତାହାଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି କାହିଁକି ?'*

**ଉତ୍ତର–** ଏ ପ୍ରଶ୍ନର ବିପରୀତ ପ୍ରଶ୍ନ ଯଦି କରୁ, ଅର୍ଥାତ୍ ଏ ବିଷୟରେ ଦୃଢ଼ ସାକ୍ଷ୍ୟ ପ୍ରମାଣ ନ ଥାଇ ମଧ, ଏତେ ଶିକ୍ଷିତ ଓ ବୁଦ୍ଧିମାନ୍ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି କାହିଁକି ? ସେପରି ଲୋକଙ୍କ ସଂଖ୍ୟା ମଧ ଅଳ୍ପ ନୁହେଁ । ଆମ୍ଭମାନଙ୍କର ଏପରି କହିବାର ଅର୍ଥ ହେଲା, ଖ୍ରୀଷ୍ଟଙ୍କୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବା ସଙ୍ଗେ, କେବଳ ଜ୍ଞାନ ଓ ବୁଦ୍ଧି ଛଡ଼ା ଆହୁରି ବହୁ ବିଷୟ ସଂପୃକ୍ତ । ସ୍ୱଳ୍ପ ବୁଦ୍ଧିର ଲୋକେ ଯେଉଁ କାରଣରୁ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି, ଠିକ୍ ସେହି କାରଣରୁ ବୁଦ୍ଧିମାନ୍ ଲୋକେ ମଧ ତାହାଙ୍କୁ ପ୍ରତ୍ୟାଖ୍ୟାନ କରି ପାରନ୍ତି । ବାଇବଲ୍‌ରେ ଏସମସ୍ତ କାରଣ ଉଲ୍ଲେଖ କରାଯାଇଛି ।

୧ । *ଭ୍ରାନ୍ତ ଧାରଣା* ଏହାର କାରଣ ହୋଇପାରେ । ବିଜ୍ଞାନ ବା ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ବହୁ ବ୍ୟକ୍ତି ଅତି ପ୍ରତିଭାବାନ୍ ହୋଇ ପାରନ୍ତି, କିନ୍ତୁ ଆଧ୍ୟାତ୍ମିକ ବିଷୟରେ ସେମାନେ ନିତାନ୍ତ ଅଜ୍ଞ । *'ଯାହାଠାରେ ପବିତ୍ରଆତ୍ମା ନାହାନ୍ତି, ସେ ଈଶ୍ୱରଙ୍କ ଆତ୍ମାଙ୍କଠାରୁ ଆଗତ ବିଷୟମାନ ଗ୍ରହଣ କରି ପାରେ ନାହିଁ, କାରଣ ସେହିସବୁ ତା' ନିକଟରେ ନିର୍ବୋଧତା ଏବଂ ସେହିସବୁ ସେ ବୁଝି ପାରେ ନାହିଁ, ଯେହେତୁ ସେସବୁ ଆଧ୍ୟାତ୍ମିକ ଭାବରେ ବିଚାର କରାଯାଏ'* (୧ କରିନ୍ଥୀୟ ୨:୧୪) ।

ବହୁ ବିଚକ୍ଷଣ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କର, ସୁସମାଚାର ଓ ତାହା ପକ୍ଷରେ କି ସାକ୍ଷ୍ୟ ପ୍ରମାଣ ରହିଛି, ସେ ବିଷୟର କୌଣସି ଧାରଣା ନାହିଁ । ସେମାନେ

ଯାହା ପ୍ରତ୍ୟାଖ୍ୟାନ କରନ୍ତି, ସେ ବିଷୟରେ ସେମାନଙ୍କର କୌଣସି ଜ୍ଞାନ ନ ଥାଏ ।

୨ । *ନିର୍ଦ୍ଦିଷ୍ଟ କୌଣସି ଧର୍ମ ବା ଦର୍ଶନତତ୍ତ୍ୱ ପ୍ରତି ନିଜର ଆନୁଗତ୍ୟ ଓ ନିଜର ବ୍ୟକ୍ତିଗତ ମତାମତ* ମଧ୍ୟ ଏହାର କାରଣ ହୋଇପାରେ । ଯାହା ଭିନ୍ନ ବା ନିଜର ମତସମ୍ମତ ନୁହେଁ, ତାହା ମନରେ ଭ୍ରାନ୍ତ ଧାରଣା ଓ ଦ୍ୱିଧା ସୃଷ୍ଟି କରିପାରେ । ସତ୍ୟର ଉପଲବ୍ଧି ପଥରେ, ଭ୍ରାନ୍ତ ଧାରଣା ବିରାଟ ଅନ୍ତରାୟ ।

୩ । *ନିଜର ବିଚାର ବୁଦ୍ଧି ଉପରେ ଅହେତୁକ ନିର୍ଭର* ମଧ୍ୟ ଏହାର କାରଣ ହୋଇପାରେ । କିନ୍ତୁ ଆମ୍ଭେମାନେ ପରୀକ୍ଷା କରି ଦେଖି ସାରିଛୁ ଯେ, ଯେକୌଣସି ବ୍ୟକ୍ତିର ବିଚାର ଭ୍ରାନ୍ତିମୂଳକ ହୋଇପାରେ । ସେପରି ବିଚାର ଆମ୍ଭମାନଙ୍କୁ କେବଳ ଭ୍ରାନ୍ତ ପଥରେ ଚାଳିତ କରେ ।

୪ । ଅନ୍ୟମାନଙ୍କଠାରୁ *ସମ୍ମାନ ଓ ସମାଦର ଲାଭ* ମଧ୍ୟ ଏହାର ଅନ୍ୟ କାରଣ ହୋଇପାରେ । ଆମ୍ଭେମାନେ ଯଦି ସର୍ବଦା ଅନ୍ୟମାନଙ୍କ ଧାରଣା ଉପରେ ନିର୍ଭର କରିବୁ, ଯଦି ଲୋକପ୍ରିୟ ହେବାକୁ ଇଚ୍ଛା କରିବୁ ଏବଂ ଜଗତର ପ୍ରଶଂସା ଯଦି କେବଳ ଆମ୍ଭମାନଙ୍କର ଅଭିଳାଷ ହୁଏ, ତେବେ ସତ୍ୟର ସନ୍ଧାନ ଲାଭ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହେବ ନାହିଁ । ଯୀଶୁ, ତାହାଙ୍କୁ ବିଶ୍ୱାସ କରୁ ନ ଥିବା କେତେକ ବ୍ୟକ୍ତିଙ୍କୁ କହିଥିଲେ, *'ତୁମ୍ଭେମାନେ ଯଦି ପରସ୍ପରଠାରୁ ପ୍ରଶଂସା ଗ୍ରହଣ କରୁଛ, ଅଥଚ ଯେଉଁ ପ୍ରଶଂସା ଏକମାତ୍ର ଈଶ୍ୱରଙ୍କଠାରୁ ଆସେ, ତାହା ପାଇବାକୁ ଆଦୌ ଚେଷ୍ଟା କରୁ ନାହଁ, ତା'ହେଲେ ତୁମ୍ଭେମାନେ କିପରି ବିଶ୍ୱାସ କରି ପାରିବ ?'* (ଯୋହନ ୫:୪୪) ।

୫ । *ଗର୍ବ* ଏହାର କାରଣ ହୋଇପାରେ । ଖ୍ରୀଷ୍ଟଙ୍କର ସୁସମାଚାର ଆମ୍ଭମାନଙ୍କୁ ନମ୍ରତାର ଶିକ୍ଷା ଦେଇ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଚରଣ ଧୂଳିରେ ମିଶାଇ ଦିଏ । ତାହା ହିଁ ଆମ୍ଭମାନଙ୍କର ଯୋଗ୍ୟ ସ୍ଥାନ ଏବଂ ସମସ୍ତେ ହୁଏତ ସେ ଅବସ୍ଥା ପସନ୍ଦ କରିବେ ନାହିଁ । ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଆମର ପାପ ଅତି ଗୁରୁତର ଏବଂ ଆମ୍ଭମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱରଙ୍କ ପୁତ୍ରଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଲା । ଆମ୍ଭମାନଙ୍କୁ ଏହା ମଧ୍ୟ



ସ୍ୱୀକାର କରିବାକୁ ପଡ଼ିବ ଯେ, ଆତ୍ମିକ ଦିଗରୁ ଆମ୍ଭେମାନେ ଅଜ୍ଞ, ଅସହାୟ ଓ ସମ୍ପୂର୍ଣ୍ଣଭାବେ ଈଶ୍ୱରଙ୍କ କରୁଣା ଓ ଅନୁଗ୍ରହ ଉପରେ ନିର୍ଭର କରୁ । ଯେଉଁମାନେ ଗର୍ବାନ୍ଧ, ସେମାନଙ୍କ ପକ୍ଷରେ ଏହା ଅସହ୍ୟ, ତେଣୁ ସମସ୍ତ ସାକ୍ଷ୍ୟ ପ୍ରମାଣ ପାଇ ମଧ୍ୟ ନିଜକୁ ଏପରିଭାବେ ନତ କରିବାଠାରୁ ସେମାନେ ବରଂ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରିଥା'ନ୍ତି ।

୬ । *ସ୍ୱାଧୀନ ମନୋଭାବ* ମଧ୍ୟ ଏହାର କାରଣ ହୋଇପାରେ । ଅନେକେ, ନିଜ ସ୍ୱାତନ୍ତ୍ର୍ୟ ଉପରେ ଅନ୍ୟ କାହାରି ହସ୍ତକ୍ଷେପ ପସନ୍ଦ କରନ୍ତି ନାହିଁ, ଏପରି କି ଈଶ୍ୱରଙ୍କର ମଧ୍ୟ ନୁହେଁ । ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାକୁ ସେମାନେ ପସନ୍ଦ କରିଥା'ନ୍ତି । ସେମାନଙ୍କର ମନରେ ଆଶଙ୍କା ହୁଏ, ଯୀଶୁ ହୁଏତ ସେମାନଙ୍କ ଜୀବନଯାତ୍ରା ପ୍ରଣାଳୀକୁ ବଦଳାଇ ଦେବେ । ତେଣୁ ସେମାନେ ତାହାଙ୍କୁ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି ।

୭ । *କେତେକ ନୈତିକ କାରଣରୁ* ମଧ୍ୟ ତାହା ହୋଇ ପାରିଥାଏ । ବହୁ ଲୋକ ଏପରି କୌଣସି ପାପ କରିଥା'ନ୍ତି, ଯାହା ସେମାନଙ୍କ ପକ୍ଷରେ ଲାଭଜନକ ଓ ସୁଖକର ହୋଇଥାଏ । ତେଣୁ ସେ ସମସ୍ତ ପାପ ପରିତ୍ୟାଗ କରି ସେମାନଙ୍କୁ ଯେ ପବିତ୍ର ଓ ଧାର୍ମିକ ଜୀବନଯାପନ କରିବାକୁ ପଡ଼ିବ, ସେହି ଭୟରେ ସେମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଇଚ୍ଛା କରି ନ ଥା'ନ୍ତି । ଆଲୋକଠାରୁ ସେମାନେ ଅନ୍ଧକାରକୁ ଅଧିକ ପସନ୍ଦ କରନ୍ତି, ତେଣୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଯେତେ ଯାହା ସାକ୍ଷ୍ୟ ପ୍ରମାଣ ପାଇ ମଧ୍ୟ ନିଜ ଜୀବନର ଗତିପଥ ବଦଳାନ୍ତି ନାହିଁ ।

୮ । *ଏସମସ୍ତ ବିଷୟକୁ* ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା ବୋଲି ଧରାଯାଇ ପାରେ । ପ୍ରତ୍ୟେକ ମନୁଷ୍ୟ ପାପୀ ତେଣୁ ପ୍ରତ୍ୟେକେ ଈଶ୍ୱରଙ୍କ ବିରୁଦ୍ଧାଚାରୀ । 'ଶାରୀରିକ ଭାବ (ପାପାସକ୍ତ ମନ) ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା, କାରଣ ତାହା ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ, ପୁଣି ବଶୀଭୂତ ହେବା ଅସମ୍ଭବ' (ରୋମୀ ୮:୭) । ଅନେକେ ହୁଏତ ଏହା ଉପଲବ୍ଧି କରି ନ ଥାଇ ପାରନ୍ତି, କିନ୍ତୁ ଈଶ୍ୱରଙ୍କ ବିରୋଧରେ ଏ ଶତ୍ରୁତା, ସେମାନଙ୍କ ଜୀବନରେ ପ୍ରଚ୍ଛନ୍ନ ଭାବରେ ରହିଥାଏ । ତେଣୁ ମନୁଷ୍ୟର ପାପ ନିମନ୍ତେ ମୃତ୍ୟୁଭୋଗ କରିବାକୁ, ଈଶ୍ୱରଙ୍କ

ପୁତ୍ର ଯେଉଁ ଖ୍ରୀଷ୍ଟ ଆସିଥିଲେ, ସେମାନେ ତାହାଙ୍କୁ ଉପେକ୍ଷା ଓ ପ୍ରତ୍ୟାଖ୍ୟାନ କରିଥା'ନ୍ତି ।

କୌଣସି ବ୍ୟକ୍ତିଙ୍କୁ, ଈଶ୍ୱରଙ୍କ ଅନୁଗ୍ରହ ଉପରୋକ୍ତ ବିଷୟଗୁଡ଼ିକରୁ ମୁକ୍ତ କରି ନ ଥାଏ, ତେବେ ସେ ନିଜର ସମସ୍ତ ବୁଦ୍ଧି ଜ୍ଞାନ ଦେଇ ସତ୍ୟ ବିରୁଦ୍ଧରେ ନିଶ୍ଚୟ ସଂଗ୍ରାମ କରିବ ଏବଂ ଖ୍ରୀଷ୍ଟଙ୍କ ସପକ୍ଷରେ ସମସ୍ତ ସାକ୍ଷ୍ୟ ଖଣ୍ଡନ କରିବାକୁ ଚେଷ୍ଟା କରିବ । ସାକ୍ଷ୍ୟ ପ୍ରମାଣରେ ତ୍ରୁଟିଥିବା ଯୋଗୁ ଏପରି ହୁଏ ନାହିଁ ବରଂ ସବୁ ସାକ୍ଷ୍ୟ ପ୍ରମାଣ ଥାଇ ମଧ୍ୟ ଯେ ତାହାର ବିରୋଧ କରେ, ତ୍ରୁଟି ତାହାର । ମନୁଷ୍ୟର ଯେତେ ବୁଦ୍ଧି, ଜ୍ଞାନ ଥାଉନା କାହିଁକି, ଏ କ୍ଷେତ୍ରରେ ତାହାର ଉପଯୋଗ କରାଯାଇ ପାରେନା, କାରଣ ଈଶ୍ୱରଙ୍କ ସମ୍ବନ୍ଧରେ ମନୁଷ୍ୟର ଧାରଣା ହୃଦୟର ଅନ୍ତରତମ ପ୍ରଦେଶରୁ ବାହାରେ ।

**ପ୍ରଶ୍ନ–** *'ଖ୍ରୀଷ୍ଟିୟାନମାନେ କହନ୍ତି ଯେ, ପିତା ଈଶ୍ୱର, ଖ୍ରୀଷ୍ଟ ଈଶ୍ୱର ଏବଂ ପବିତ୍ରାତ୍ମା ମଧ୍ୟ ଈଶ୍ୱର । ତେବେ ଈଶ୍ୱର କ'ଣ ତିନିଜଣ ?'*

**ଉତ୍ତର–** ବାଇବଲରେ ଉଲ୍ଲେଖ ରହିଛି, ଈଶ୍ୱର ଏକମାତ୍ର । *'ହେ ଇସ୍ରାଏଲ ଶୁଣ, ଆମର ପ୍ରଭୁ ଈଶ୍ୱର ଏକ ଓ ଅଦ୍ୱିତୀୟ ପ୍ରଭୁ ଅଟନ୍ତି । ଅତଏବ ତୁମେ ଆପଣାର ସମସ୍ତ ହୃଦୟ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ତୁମର ପ୍ରଭୁ ଈଶ୍ୱରଙ୍କୁ ପ୍ରେମଭକ୍ତି କରିବ'* (୨ ବିବରଣ ୬:୪,୫) ।

ଈଶ୍ୱର ଯେ ତିନିଜଣ ଏ ଧାରଣା ସମ୍ପୂର୍ଣ୍ଣ ଉଦ୍ଭଟ ଓ ଯୀଶୁ ସେପରି ଶିକ୍ଷା ଦେଇ ନ ଥିଲେ । କିନ୍ତୁ ସେ ପ୍ରକାଶ କରିଥିଲେ ଯେ, ଏହି ଏକମାତ୍ର ଈଶ୍ୱରଙ୍କ ମଧ୍ୟରେ ଅନାଦିକାଳରୁ ତିନୋଟି ଚେତନା ଏବଂ ତିନି ବ୍ୟକ୍ତି, ଏକ ନୈସର୍ଗିକ ପ୍ରକୃତି ଓ ପରମସତ୍ତାରେ ମିଳିତ ହୋଇ ରହିଅଛନ୍ତି । ପିତା ଈଶ୍ୱର ଅଟନ୍ତି, ପୁତ୍ର ଈଶ୍ୱର ଅଟନ୍ତି ଓ ପବିତ୍ରାତ୍ମା ଈଶ୍ୱର ଅଟନ୍ତି । ତଥାପି ଈଶ୍ୱର ତିନିଜଣ ନୁହନ୍ତି, ଈଶ୍ୱର ଏକମାତ୍ର ।

ସତ୍, ଚିତ୍, ଆନନ୍ଦ, ଅଦ୍ୱିତୀୟ ଈଶ୍ୱରଙ୍କ ମଧ୍ୟରେ ସମ୍ମିଳିତ ହୋଇ ରହିବା ପରି, ଏ ମିଳନ ମଧ୍ୟ ସ୍ୱୟଂସମ୍ପୂର୍ଣ୍ଣ । ଏହି ତିନି ସତ୍ତା ମଧ୍ୟରେ ଈର୍ଷା ବା ପ୍ରତିଦ୍ୱନ୍ଦିତା ଉପୁଜେ ନାହିଁ ଏବଂ କାହାର ସ୍ଥାନ ଉଚ୍ଚରେ, ସେ ବିଷୟ ନେଇ ସେମାନଙ୍କ ମଧ୍ୟରେ ସଂଘର୍ଷ ମଧ୍ୟ ହୁଏନା । ସେମାନଙ୍କ ମଧ୍ୟରେ ଅସୀମ,



ଅନନ୍ତ, ଏକତା ବିଦ୍ୟମାନ । ପିତା, ପୁତ୍ରଙ୍କୁ ଜଗତକୁ ପଠାଇଲେ । ପୁତ୍ର ପିତାଙ୍କ ନିକଟରେ ପ୍ରାର୍ଥନା ନିବେଦନ କରି ପାରନ୍ତି ଏବଂ ପିତା ଓ ପୁତ୍ର ଉଭୟଙ୍କଠାରୁ ପବିତ୍ରାତ୍ମାଙ୍କ ଉଦ୍ଭବ କାରଣ ସେ ତିନି ହେଁ ମିଶି ଏକ ଓ ଏକ ମଧ୍ୟରେ ତିନି ।

ଅବଶ୍ୟ ଏହା ଗଭୀର ରହସ୍ୟପୂର୍ଣ୍ଣ, କିନ୍ତୁ ଏହା ରହସ୍ୟମୟ ହୋଇ ଥିବାରୁ କେହି ଯେପରି ଏ ତଥ୍ୟକୁ ଅଗ୍ରାହ୍ୟ ନ କରନ୍ତି । ଈଶ୍ୱର ଆମ୍ଭମାନଙ୍କ ଜ୍ଞାନ ଓ ଅବଧାରଣାର ବହୁ ଊର୍ଦ୍ଧ୍ୱରେ । ଗୋଟିଏ ଛୋଟ ପାତ୍ରରେ କ'ଣ ସମୁଦ୍ରକୁ ରଖିହେବ ? ସେହିପରି ଆମ୍ଭମାନଙ୍କର ସୀମିତ ଓ ସ୍ୱଳ୍ପ ଜ୍ଞାନ, ଈଶ୍ୱରଙ୍କ ସମସ୍ତ ରହସ୍ୟକୁ ଧାରଣ କରି ପାରିବ ନାହିଁ । ଈଶ୍ୱରଙ୍କ ମଧ୍ୟରେ ଏପରି ସମସ୍ତ ଅଦ୍ଭୁତ ବିଷୟ ରହିଛି, ଯାହା ବିଷୟରେ ଆମ୍ଭେମାନେ କିଛି ଜାଣୁନା । ସାମାନ୍ୟ କୀଟର ଜୀବନଠାରୁ ବାନରର ଜୀବନ ଅଧିକ ଜଟିଳ ଏବଂ ବାନରଠାରୁ ମନୁଷ୍ୟର ଜୀବନ ଜଟିଳତର । ଈଶ୍ୱର ଅନନ୍ତ, ଅସୀମ ଓ ଆତ୍ମାମୟ, ତେଣୁ ସେ ଜୀବଜଗତର ସମସ୍ତ ପ୍ରାଣୀ ଓ ମନୁଷ୍ୟଠାରୁ ମଧ୍ୟ ଅଧିକ ଜଟିଳ ଓ ରହସ୍ୟ ପରିପୂର୍ଣ୍ଣ ।

ତେଣୁ ଏକ ମଧ୍ୟରେ ତିନିଙ୍କର ଅସ୍ତିତ୍ୱ ଅବଧାରଣା କରିବା ଯେ ଆମ୍ଭମାନଙ୍କ ପକ୍ଷରେ ଅସାଧ୍ୟ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

**ଆପତ୍ତି–** *ଆମ୍ଭେମାନେ ବିଜ୍ଞାନର ଯୁଗରେ ରହିଛୁ, ତେଣୁ ଆମ୍ଭେମାନେ ଆଉ ଈଶ୍ୱର, ଖ୍ରୀଷ୍ଟ ଓ ବାଇବଲରେ ବିଶ୍ୱାସ କରୁ ନାହୁଁ ।*

**ଉତ୍ତର–** କିନ୍ତୁ କାହିଁକି ନୁହେଁ ? ଏହି ଆଧୁନିକ ଯୁଗର ବହୁ ବୈଜ୍ଞାନିକ ଈଶ୍ୱର, ଖ୍ରୀଷ୍ଟ ଓ ବାଇବଲକୁ ବିଶ୍ୱାସ କରନ୍ତି । ଉଦାହରଣ ସ୍ୱରୂପ, ମହାଶୂନ୍ୟ ପଦାର୍ଥ ବୈଜ୍ଞାନିକ ଲୟର୍ଟ ଡୋଲଫିନ ଲେଖିଛନ୍ତି, 'ମୁଁ ଜୀବନର ଗବେଷଣାଗାରରେ, ବୈଜ୍ଞାନିକ ଦୃଷ୍ଟିକୋଣରୁ ମୁଁ ଜୀବନ ସମ୍ବନ୍ଧରେ ବହୁ ପରୀକ୍ଷା, ନିରୀକ୍ଷା କରିଛି ଏବଂ ମୋର ଦୃଢ଼ ଧାରଣା ଜନ୍ମିଛି ଯେ, ଏହି ଉଲ୍ଲେଖଯୋଗ୍ୟ ବାଇବଲ ଗ୍ରନ୍ଥ ଯାହା ଦାବୀ କରେ, ତାହା ଯଥାର୍ଥ । ଅର୍ଥାତ୍ ଏହା ଈଶ୍ୱରଙ୍କର ତ୍ରୁଟିଶୂନ୍ୟ, ଅଭ୍ରାନ୍ତ ବାକ୍ୟ । ଚନ୍ଦ୍ର ଯାତ୍ରା ଦିଗରେ ମନୁଷ୍ୟ ଯେଉଁ ସାଫଲ୍ୟ ଅର୍ଜନ କରିଛି, ସେଥିନିମନ୍ତେ ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କଠାରୁ

ଡକ୍ଟର୍ ୱର୍ଣ୍ଣହର୍ ଫନ୍ ବର୍ଣ୍ଣଙ୍କ ଅବଦାନ ସବୁଠାରୁ ଅଧିକ । ସେ କହିଅଛନ୍ତି, *'ସମଗ୍ର ବିଶ୍ୱଜଗତର ସ୍ରଷ୍ଟା ଓ ସମସ୍ତ ବିଷୟର ପ୍ରଭୁ ରୂପେ, ଈଶ୍ୱରଙ୍କୁ ସ୍ୱୀକାର କରିବାକୁ ହେବ ।'* ଚନ୍ଦ୍ରରେ ପ୍ରଥମ ଥର ଅବତରଣ ନିମନ୍ତେ ଏକାଦଶ ଆପୋଲୋରେ ଯାତ୍ରାରମ୍ଭ ସମୟରେ, ଯୀଶୁ ଯେଉଁ ପ୍ରାର୍ଥନା ଶିଷ୍ୟମାନଙ୍କୁ ଶିଖାଇଥିଲେ, ସେ ସେହି ପ୍ରାର୍ଥନା ଉତ୍ସର୍ଗ କରିଥିଲେ ।

ଏ ଦୁଇଜଣଙ୍କୁ ବାଦ୍ ଦେଇ ମଧ୍ୟ, ଏ ସମ୍ପର୍କରେ ଅନ୍ୟ ଅନେକଙ୍କ ନାମ ଉଲ୍ଲେଖ କରାଯାଇପାରେ । ଅନ୍ୟ ଜଣେ ହେଉଛନ୍ତି, ଡକ୍ଟର୍ ଆଣ୍ଡ୍ରୁ କନ୍‌ୱେ ଆଇ. ଭି, ପି:ଏଚ୍:ଡି, ଏମ୍:ଡି, ଡି:ଏସ୍:ସି, ଏଲ୍: ଏଲ୍:ଡି, ଏଫ୍:ଏ:ସି:ପି, ପ୍ରଶ୍ନ କରିଥିଲେ, 'ଈଶ୍ୱର ବୋଲି କ'ଣ କେହି ଅଛନ୍ତି ?'– ଏବଂ ଦୃଢ଼ କଣ୍ଠରେ ନିଜେ ସେ ପ୍ରଶ୍ନର ଉତ୍ତର ଦେଇଥିଲେ, 'ହଁ' । ସେ ଆହୁରି କହିଥିଲେ, 'ନିଜର ଅସ୍ତିତ୍ୱ ସମ୍ପର୍କରେ ଯେପରି ନିଃସନ୍ଦେହ, ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ମଧ୍ୟ ମୁଁ ସେହିପରି ନିଃସନ୍ଦେହ ।'

ଏ ଶତାବ୍ଦୀର ସର୍ବଶ୍ରେଷ୍ଠ ବୈଜ୍ଞାନିକ, ସ୍ୱର୍ଗତ ଆଲବର୍ଟ ଆଇନ୍‌ଷ୍ଟାଇନ୍ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ନାହାନ୍ତି । ଶିକ୍ଷିତ ଓ ବୈଜ୍ଞାନିକ ମନୋବୃତ୍ତିସମ୍ପନ୍ନ ବହୁ ବ୍ୟକ୍ତି ଯେ ଖ୍ରୀଷ୍ଟଙ୍କୁ, ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ସ୍ୱୀକାର କରି ପାରିବେ ନାହିଁ, ଏ ଧାରଣା ସମ୍ପୂର୍ଣ୍ଣ ଅର୍ଥହୀନ । ବିଜ୍ଞାନର ସବୁ କ୍ଷେତ୍ରରେ ଲୋକେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ ପାରିଛନ୍ତି ।

ବହୁ ବୈଜ୍ଞାନିକ ଯେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଅକ୍ଷମ ହୋଇଛନ୍ତି, ତାହାର କାରଣ ହେଲା, ସେମାନେ ଖ୍ରୀଷ୍ଟଙ୍କର ପ୍ରତିଜ୍ଞାଗୁଡ଼ିକୁ ପରୀକ୍ଷା କରି ଦେଖି ନାହାନ୍ତି । ବିଜ୍ଞାନସମ୍ମତ କେତେକ ସିଦ୍ଧାନ୍ତ ଓ ତଥ୍ୟ, ବାଇବଲର କେତେକ ବିଷୟକୁ ଅଗ୍ରାହ୍ୟ କରେ କିନ୍ତୁ କୌଣସି ସୁପ୍ରତିଷ୍ଠିତ ବୈଜ୍ଞାନିକ ତଥ୍ୟ, ବାଇବଲର ସ୍ପଷ୍ଟ ଶିକ୍ଷାଗୁଡ଼ିକୁ ଖଣ୍ଡନ କରେ ନାହିଁ । ବାଇବଲର ଶିକ୍ଷାଗୁଡ଼ିକ ବିଷୟରେ ବହୁ ବିରୁଦ୍ଧ ମତ ପ୍ରକାଶ କରାଯାଉଥିଲେ ମଧ୍ୟ, ଆମ୍ଭେମାନେ ଏ କଥା ଦୃଢ଼ ଭାବରେ କହି ପାରିବୁ ।

**ପ୍ରଶ୍ନ–** *କେହି କେହି କହି ପାରନ୍ତି, 'ଖ୍ରୀଷ୍ଟ ଈଶ୍ୱରଙ୍କ ଅବତାର କିନ୍ତୁ ସେହିପରି ବହୁ ଅବତାର କ'ଣ ପୃଥିବୀରେ ଅବତୀର୍ଣ୍ଣ ହୋଇ ନାହାନ୍ତି ?'*



**ଉତ୍ତର–** ନା, ତାହା ସତ୍ୟ ନୁହେଁ, କାରଣ ତାହାର ପ୍ରୟୋଜନ ମଧ୍ୟ ନାହିଁ । ବିଶେଷ ବିଶେଷ କାର୍ଯ୍ୟ ସାଧନ ନିମନ୍ତେ ବହୁ ବ୍ୟକ୍ତି ଅବଶ୍ୟ ଈଶ୍ୱରଙ୍କଠାରୁ ନିର୍ଦ୍ଦେଶ ପାଇଥିଲେ ଏବଂ ଅନେକେ ତାହାଙ୍କ ପବିତ୍ରାତ୍ମାରେ ପରିପୂର୍ଣ୍ଣ ହୋଇଥିଲେ । କିନ୍ତୁ ଈଶ୍ୱର କେବଳ ଥରେ ମାତ୍ର ମନୁଷ୍ୟ ରୂପରେ ଆସିଥିଲେ ଯେ ଖ୍ରୀଷ୍ଟ ଯୀଶୁ ଏବଂ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରି, ମନୁଷ୍ୟମାନେ ତାହାଙ୍କ ନିକଟକୁ ଫେରି ଆସନ୍ତି, ତେବେ ମନୁଷ୍ୟ ତା' ଫଳରେ ଯେଉଁ ପରିତ୍ରାଣ ଲାଭ କରିବ, ଖ୍ରୀଷ୍ଟଙ୍କ ମଧ୍ୟସ୍ଥତାରେ ଈଶ୍ୱର ତାହା ଚିରଦିନ ନିମନ୍ତେ ସମାପ୍ତ କରିଅଛନ୍ତି । ଯୀଶୁ ଖ୍ରୀଷ୍ଟ ମଧ୍ୟ ନିଜ ସମ୍ପର୍କରେ, ମନୁଷ୍ୟ ସମ୍ପର୍କରେ ଓ ଈଶ୍ୱରଙ୍କ ନିକଟକୁ ପଥ ବିଷୟରେ, ସମସ୍ତ ସତ୍ୟ ପ୍ରକାଶ କରିଅଛନ୍ତି । ତେଣୁ ଆମ୍ଭମାନଙ୍କ ନିମନ୍ତେ ଅନ୍ୟ କୌଣସି ଅବତାରର ପ୍ରୟୋଜନ ନାହିଁ ଏବଂ ଈଶ୍ୱରଙ୍କ ବାକ୍ୟ ଅନୁସାରେ, ସେ ଅନ୍ୟ କୌଣସି ଅବତାର ପଠାଇ ନାହାନ୍ତି ଓ ପଠାଇବେ ନାହିଁ । ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ନିମନ୍ତେ ନିଷ୍ପ୍ରୟୋଜନ, ଈଶ୍ୱର ତାହା କରିବେ କାହିଁକି ?

**ପ୍ରଶ୍ନ–** *'ମୋର ନିଜ ଧର୍ମ ଯେ ଏକମାତ୍ର ସତ୍ୟ ଧର୍ମ, ଏ କଥା କହିବା ଦାମ୍ଭିକତା ଓ ଉଦାରହୀନତାର ପରିଚାୟକ ନୁହେଁ କି ?'*

**ଉତ୍ତର–** ଏହା ପ୍ରଧାନତଃ ପରିସ୍ଥିତି ଉପରେ ନିର୍ଭର କରେ । ହଁ, ଏପରି ଧାରଣା ଦାମ୍ଭିକତା ଓ ଉଦାରହୀନତାର ପରିଚାୟକ ହୋଇପାରେ । କାହାରି ଧର୍ମ ଯଦି ସତ୍ୟ ନୁହେଁ, ତାହା ନିର୍ବୋଧତା ଓ ମିଥ୍ୟାର ପରିଚାୟକ ହୋଇପାରେ । କିନ୍ତୁ ଖ୍ରୀଷ୍ଟ ଯେ ସତ୍ୟ କହିଥିଲେ, ସେ କଥା କହିବାରେ ଦାମ୍ଭିକତା ବା ଉଦାରହୀନତା ପ୍ରକାଶ ପାଏ ନାହିଁ । ବରଂ ଖ୍ରୀଷ୍ଟ ଯେ ସେପରି କହି ନ ଥିଲେ, ସେପରି କହିବାରେ ଦାମ୍ଭିକତା ଓ ଉଦାରହୀନତା ପ୍ରକାଶ ପାଇବ । କାରଣ ଖ୍ରୀଷ୍ଟଙ୍କ ସହାୟତାରେ ଈଶ୍ୱର ଆମ୍ଭମାନଙ୍କ ନିକଟରେ ତାହାଙ୍କର ସତ୍ୟ ପ୍ରକାଶ କରିଥିଲେ ।

କେବଳ ଖ୍ରୀଷ୍ଟ ହିଁ କହିଥିଲେ ଯେ, ଈଶ୍ୱରଙ୍କ ନିକଟକୁ ସେ ଏକମାତ୍ର ପଥ । ଏ କଥା ତାହାଙ୍କ ଶିଷ୍ୟମାନେ ଉଦ୍ଭାବନ କରି ନାହାନ୍ତି । ସେମାନେ ଜାଣିଥିଲେ ଯେ, ସେମାନଙ୍କର ପ୍ରଭୁ ଯେଉଁ ଶିକ୍ଷା ଦେଇଥିଲେ, ଅନ୍ୟମାନଙ୍କୁ

ତାହା ଜଣାଇବା ସେମାନଙ୍କର କର୍ତ୍ତବ୍ୟ । ଈଶ୍ୱର ସ୍ୱଷ୍ଟଭାବେ ପ୍ରକାଶ କରିଅଛନ୍ତି ଯେ, ତାହାଙ୍କ ନିକଟକୁ ପଥ ଏକମାତ୍ର ଏବଂ କେତେକ ଲୋକ ତାହା ଜାଣିପାରିଛନ୍ତି । ସେହି ସତ୍ୟ ଅନ୍ୟମାନଙ୍କୁ ଜଣାଇବା କ'ଣ ଦାମ୍ଭିକତା ଓ ଉଦାରହୀନତା ? କଦାପି ନୁହେଁ ବରଂ ତାହା ଥିଲା ଶିଷ୍ୟମାନଙ୍କର କର୍ତ୍ତବ୍ୟ । ଖ୍ରୀଷ୍ଟଙ୍କଠାରେ ଯେଉଁମାନେ ବିଶ୍ୱାସ କରନ୍ତି, ସେମାନଙ୍କୁ ସେସବୁ କଥା ଜଣାଇବାକୁ ପଡ଼ିବ ନା ତାହାଙ୍କ ଶିକ୍ଷାର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ୟମାନଙ୍କଠାରୁ ଗୋପନ କରି, ଖ୍ରୀଷ୍ଟଙ୍କ ନିକଟରେ ଅବିଶ୍ୱସ୍ତ ହେବାକୁ ପଡ଼ିବ ? କେହି ଜଣେ ସେ ସମ୍ପର୍କରେ ସ୍ୱଷ୍ଟ ଭାବରେ କହିଛନ୍ତି, 'ଈଶ୍ୱର ଯଦି ଖ୍ରୀଷ୍ଟଙ୍କ ଦ୍ୱାରା ଏପରି କିଛି କରିଥାଆନ୍ତି, ଯାହା ଉପରେ ସମଗ୍ର ପୃଥିବୀର ମୁକ୍ତି ନିର୍ଭର କରେ, ତେବେ ତାହା ଅସ୍ୱୀକାର କରୁଥିବା ବା ତାହାର ଭ୍ରାନ୍ତିପୂର୍ଣ୍ଣ ଅର୍ଥ କରୁଥିବା ସମସ୍ତ ନୀତିର ପ୍ରତିବାଦ କରିବା, ଖ୍ରୀଷ୍ଟିୟାନର ଏକାନ୍ତ କର୍ତ୍ତବ୍ୟ ।'

**ପ୍ରଶ୍ନ–** *'ଜନ୍ମାନ୍ତରବାଦ ବିଷୟରେ କ'ଣ କୁହାଯାଇପାରେ ? ଏହା କ'ଣ ସତ୍ୟ ନୁହେଁ ?'*

**ଉତ୍ତର–** ଏହାକୁ ସତ୍ୟ ବୋଲି ଗ୍ରହଣ କରିବା ସପକ୍ଷରେ କୌଣସି ଦୃଢ଼ ଯୁକ୍ତି ନାହିଁ ଏବଂ ଯୁକ୍ତି ନ ଥାଇ କୌଣସି ବିଷୟ ବିଶ୍ୱାସ କରିବା ଆମ୍ଭମାନଙ୍କ ପକ୍ଷରେ ସଙ୍ଗତ ହେବ ନାହିଁ ।

(କ) ଯୀଶୁ କୌଣସି ଦିନ ଜନ୍ମାନ୍ତର ଶବ୍ଦ ବ୍ୟବହାର କରି ନ ଥିଲେ ବରଂ ତାହାଙ୍କର ଶିକ୍ଷା ଏ ଧାରଣାର ବିରୋଧ କରେ । ତାହାଙ୍କର ଶିକ୍ଷା ଅନୁସାରେ, ମନୁଷ୍ୟ ଥରେ ଜନ୍ମ ନିଏ ଓ ଥରକ ପାଇଁ ମରେ । ଧନୀ ଓ ଲାଜାର ବିଷୟରେ ଯୀଶୁ ଯାହା କହିଥିଲେ, ସେଥିରୁ ଆମ୍ଭେମାନେ ସ୍ୱଷ୍ଟ ଭାବରେ ଦେଖିପାରୁ ଯେ, ମୃତ୍ୟୁ ପରେ ପୁଣି ଥରେ ଜନ୍ମ ନେଇ ମନୁଷ୍ୟ ପୃଥିବୀକୁ ଫେରି ଆସେନା (ଲୂକ ୧୬:୧୯–୩୧) ।

(ଖ) 'କର୍ମ' ସମ୍ପର୍କରେ ଧାରଣାକୁ ସ୍ୱଷ୍ଟଭାବେ ବୁଝିପାରିଲେ, ସେଥିରେ ଯେଉଁ ସତ୍ୟ ରହିଛି, ଆମ୍ଭେମାନେ ତାହା ବୁଝି ପାରିବା । ନିଜର କୁକର୍ମ ନିମନ୍ତେ ମନୁଷ୍ୟକୁ ଶାସ୍ତି ଭୋଗିବାକୁ ପଡ଼ିବ । ଜଣେ ଯାହା ବୁଣିବ, ନିଶ୍ଚୟ



ତାହା କାଟିବ । କିନ୍ତୁ ଯୀଶୁଙ୍କ ଶିକ୍ଷା ଅନୁଯାୟୀ, ନିଜର ସମସ୍ତ ଅପକର୍ମ ନିମନ୍ତେ ପୃଥିବୀରେ ନୁହେଁ, ମାତ୍ର ମୃତ୍ୟୁପର ପୃଥିବୀରେ ଶାସ୍ତିଭୋଗ କରିବାକୁ ପଡ଼ିବ । ଈଶ୍ୱରଙ୍କଠାରୁ ଚିରଦିନ ବିଚ୍ଛିନ୍ନ ହେବା ହିଁ ପାପର ଶାସ୍ତି, ପୁନର୍ଜନ୍ମ ନୁହେଁ । କେହି କେହି ହୁଏତ କହିପାରନ୍ତି, 'ସେ ଶାସ୍ତିଠାରୁ ପୁନର୍ଜନ୍ମ ବରଂ ମୋର କାମ୍ୟ', କିନ୍ତୁ ଆମ୍ଭମାନଙ୍କ ନିଜ ପସନ୍ଦ ଅପସନ୍ଦ ଉପରେ ଏ ବିଷୟ ନିର୍ଭର କରେ ନାହିଁ । ତେଣୁ ଏଠାରେ ଯୁକ୍ତିସଙ୍ଗତ ପ୍ରଶ୍ନ ହେଲା, ସତ୍ୟ କ'ଣ ? ଆମ୍ଭମାନଙ୍କୁ କେବଳ ଉପଲବ୍ଧି କରିବାକୁ ହେବ, ପ୍ରକୃତ ଶାସ୍ତି କ'ଣ, କିନ୍ତୁ ତାହା ଅନ୍ୟ କିଛି ହୋଇଥିଲେ କେତେ ଭଲ ହୋଇଥା'ନ୍ତା, ସେ ନିଷ୍ପତ୍ତି ଆମ୍ଭମାନଙ୍କର ଇଚ୍ଛାଧୀନ ନୁହେଁ । ଯୀଶୁଙ୍କ କଥା ଅନୁସାରେ, ପାପ ଏପରି ଭୟଙ୍କର ଯେ, ଅନନ୍ତକାଳ ନିମନ୍ତେ ଶାସ୍ତିଭୋଗ, ଏହାର ଯଥାର୍ଥ ପ୍ରାପ୍ୟ । ଜନ୍ମାନ୍ତର, କୌଣସି ଦିନ ନ୍ୟାୟର ଦାବୀକୁ ପୂରଣ କରି ନ ପାରେ ।

କିନ୍ତୁ ଯୀଶୁ ଆମ୍ଭମାନଙ୍କୁ ସୁସମ୍ବାଦ ଶୁଣାଇ କହିଅଛନ୍ତି ଯେ, ଆମ୍ଭେମାନେ ଯଦି ତାହାଙ୍କଠାରେ ବିଶ୍ୱାସ କରି ଅନୁତାପ କରୁ, ଆମ୍ଭମାନଙ୍କୁ ଥରକୁ ଥର ଜନ୍ମଲାଭ ବା ଅନନ୍ତକାଳୀନ ଶାସ୍ତି ଭୋଗ କରିବାକୁ ପଡ଼ିବ ନାହିଁ । ଏହା କଲେ ଆମ୍ଭେମାନେ ଜାଣି ପାରିବା ଯେ, ଅନନ୍ତ, ଅସୀମ ଈଶ୍ୱର, ଏହି ପୃଥିବୀକୁ ଆସି ଆମ୍ଭମାନଙ୍କ ପାପ ନିମନ୍ତେ ଦୁଃଖଭୋଗ କରିଅଛନ୍ତି ଏବଂ ଆମ୍ଭମାନଙ୍କୁ ସମସ୍ତ ପାପରୁ ଚିରଦିନ ନିମନ୍ତେ ନିଷ୍କଳଙ୍କ କରିଅଛନ୍ତି । ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଆପଣା ଜୀବନ ଉତ୍ସର୍ଗ କଲେ ଏବଂ ଆମ୍ଭେମାନେ ଯେପରି ମୁକ୍ତି ପାଇ ପାରିବୁ, ସେଥିପାଇଁ ଆମ୍ଭମାନଙ୍କ ପାପର ପାନପାତ୍ର, ନିଃଶେଷ କରି ପାନ କଲେ ।

ଈଶ୍ୱରଙ୍କର ଜଣେ ମହାନ୍ ସେବକ ତାହା ଏହିପରିଭାବେ ପ୍ରକାଶ କରିଛନ୍ତି । *'ଈଶ୍ୱର ମନୁଷ୍ୟଜାତିର ସମସ୍ତ ପାପ ଯୀଶୁଙ୍କ ଉପରେ ଲଦି ଦେଲେ ଓ ଖ୍ରୀଷ୍ଟ ତାହା ସ୍ୱେଚ୍ଛାରେ ଗ୍ରହଣ କଲେ ।'* ମୁଁ ଅନେକ ପୁସ୍ତକରେ ହୁଏତ ପଢ଼ିଥିବି, ଜଣକର ପାପ, ଅନ୍ୟ ଜୀବନକୁ ସ୍ଥାନାନ୍ତରିତ କରିବା ସମ୍ପୂର୍ଣ୍ଣ ଅସମ୍ଭବ । କିନ୍ତୁ ସେପରି ଉକ୍ତି ମୋ' ମନକୁ ପ୍ରଭାବିତ କରି ପାରି ନାହିଁ । ଏହା ସମ୍ଭବ କି ନୁହେଁ, ସେ କଥା ଜ୍ଞାନୀ ଅଥଚ ଅବିଶ୍ୱାସୀମାନଙ୍କ

ସଙ୍ଗେ ସେ କଥା ବିଚାର କରିବାକୁ ମୁଁ ପ୍ରସ୍ତୁତ ନୁହେଁ । ଏହା ଯେ ଈଶ୍ୱରଙ୍କ ପକ୍ଷରେ ସମ୍ଭବ, ତାହା ପ୍ରମାଣିତ ହୋଇଛି, କାରଣ ସେ ନିଜେ ତାହା କରିଅଛନ୍ତି । କିନ୍ତୁ ସେମାନେ ଯେତେବେଳେ କହନ୍ତି ଯେ ଏହା ଯୁକ୍ତିସଙ୍ଗତ ନୁହେଁ, ସେ ବିଷୟରେ ମଧ୍ୟ ମୁଁ ଚିନ୍ତିତ ହୁଏନା । ଅବିଶ୍ୱାସୀମାନଙ୍କ ବିଚାରରେ ଏହା ଯୁକ୍ତିଯୁକ୍ତ ହୋଇ ପାରେନା, କିନ୍ତୁ ମୋ' ନିକଟରେ ଏହା ଯୁକ୍ତିସଙ୍ଗତ । ମୁଁ ଯଦି ଯୁକ୍ତି ଦ୍ୱାରା ପରିଚାଳିତ ହେବାକୁ ଇଚ୍ଛା କରିବି, ତେବେ ମୋ' ନିଜ ଯୁକ୍ତି ଦ୍ୱାରା ମୁଁ ପରିଚାଳିତ ହେବି । ସତ୍ୟ ହିଁ ସର୍ବଶ୍ରେଷ୍ଠ ଯୁକ୍ତି । ଈଶ୍ୱର ଯେ ଯୀଶୁଙ୍କ ଉପରେ ଆମ୍ଭମାନଙ୍କ ପାପ ନ୍ୟସ୍ତ କରିଅଛନ୍ତି, ଏହା ଏକାନ୍ତ ସତ୍ୟ ।'

ଏ କଥା ପ୍ରକୃତରେ ସତ୍ୟ ଏବଂ ଏହାର ପ୍ରୟୋଜନ ମଧ୍ୟ ଥିଲା । ଅସୀମ, ଅନନ୍ତ ଈଶ୍ୱର ଯଦି ଅପରାଧି ମନୁଷ୍ୟର ପାପ ବହନ କରି ତାକୁ ଅନନ୍ତ ଶାସ୍ତିରୁ ଉଦ୍ଧାର ନ କରନ୍ତି, ତେବେ ସେ ମୁକ୍ତି ଲାଭ କରିବ କିପରି ? ଅନ୍ୟ କୌଣସି ସମ୍ଭାବନାର ପଥ ଦୃଷ୍ଟିରେ ପଡ଼େ ନାହିଁ ।

(ଗ) ମନୁଷ୍ୟ ପୃଥିବୀରେ ଥରକୁ ଥର ଜନ୍ମ ଗ୍ରହଣ କଲେ, ତାହାର ଜୀବନ କ୍ରମେ ଉନ୍ନତ ଓ ଉତ୍କର୍ଷ ଲାଭ କରିବ, ଏହି ଧାରଣା ଉପରେ ହିଁ ଜନ୍ମାନ୍ତରବାଦ ପ୍ରତିଷ୍ଠିତ । ତାହା ନ ହେଲେ, ପୃଥିବୀରେ ଥରକୁ ଥର ଜନ୍ମ ନେଇ, ସେମାନଙ୍କର କି ଲାଭ ବା ହେବ ? କିନ୍ତୁ ପ୍ରକୃତିଗତଭାବେ ମନୁଷ୍ୟ ପାପୀ, ତେଣୁ ସେ ପୃଥିବୀରେ ଯେତେ ଥର ଜନ୍ମ ନେଉନା କାହିଁକି, ପାପରୁ ବିରତ ହୋଇ ସେ ନିଜକୁ ପବିତ୍ର କରିପାରିବ ନାହିଁ । ତା'ର ପାପ ପ୍ରକୃତିକୁ ସେ ବଦଳାଇ ପାରିବ ନାହିଁ । ସେ ଦିଗରେ ସେ ସମ୍ପୂର୍ଣ୍ଣ ଅସହାୟ । କେବଳ ଈଶ୍ୱରଙ୍କ ଶକ୍ତିରେ ତା'ର ପରିବର୍ତ୍ତନ ସମ୍ଭବ ଏବଂ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ସେ ଶକ୍ତିଲାଭ କରେ । ମନୁଷ୍ୟର ଏହି ଜୀବନ କାଳରେ ବା ଲକ୍ଷ ଲକ୍ଷ ଥର ଜନ୍ମ ଗ୍ରହଣ କରି, ନିଜର ମୁକ୍ତି ସାଧନ କରି ପାରିବ ନାହିଁ । ନିଜର ସମସ୍ତ ପାପକୁ ନିଃଶେଷ କରି, ନିଜକୁ ଶାସ୍ତିମୁକ୍ତ କରିବା, ବହୁ ଜନ୍ମର ଦୁଃଖଭୋଗ ପରେ ମଧ୍ୟ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ ।

(ଘ) ଥରକୁ ଥର ଜନ୍ମଲାଭର ଧାରଣା ସମ୍ପର୍କରେ, ଅନ୍ୟ କେତେକ ବିଷୟ ଅଦ୍ଭୁତ ମନେହୁଏ । କେହି କେହି କହନ୍ତି, ମନୁଷ୍ୟ ଜଗତକୁ ଜୀବଜନ୍ତୁ



ରୂପରେ ଫେରି ଆସିପାରେ । କିନ୍ତୁ ଜୀବଜନ୍ତୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ଯେ ତାହା ବୁଝିପାରିଛି, ସେପରି ଭାବିବା ତା' ପକ୍ଷରେ ସମ୍ଭବ ଓ ସଙ୍ଗତ ନୁହେଁ । ମନୁଷ୍ୟର ଅନ୍ତର୍ନିହିତ ବୁଦ୍ଧି, ସ୍ନେହଶୀଳତା ଓ ଇଚ୍ଛାଶକ୍ତି ଯୋଗୁ, ପଶୁପକ୍ଷୀର, ପ୍ରକୃତିଠାରୁ ତା'ର ପ୍ରକୃତି ବହୁ ଊର୍ଦ୍ଧ୍ୱରେ । କିନ୍ତୁ ମନୁଷ୍ୟ ଯଦିବା ପଶୁ ରୂପରେ ଆସେ, କର୍ମ ମାର୍ଗର ଶିକ୍ଷା ଅନୁସାରେ ସେ କିପରି ପୁଣି ମନୁଷ୍ୟର ସ୍ତରକୁ ଉଠି ପାରିବ ? ପଶୁ ଧର୍ମସାଧନ କରିପାରେ ନାହିଁ, ଯୋଗ, ଜ୍ଞାନ ଓ କର୍ମ ବିଷୟରେ ସେ କିଛି ବୁଝେ ନାହିଁ । ତା'ଛଡ଼ା ନୀତି ଦୃଷ୍ଟିରୁ ସେ ନିଜର କାର୍ଯ୍ୟ ନିମନ୍ତେ ଦାୟୀ ନୁହେଁ । ତେଣୁ ପଶୁଜୀବନରୁ ଊର୍ଦ୍ଧ୍ୱକୁ ଉଠିବା ତା' ପକ୍ଷରେ ସମ୍ଭବ ନୁହେଁ । ଦୁଃଖ ଭୋଗ ମଧ୍ୟ ତାକୁ ମୁକ୍ତ କରି ପାରିବ ନାହିଁ ।

ଜନ୍ମାନ୍ତରବାଦରେ ଯେଉଁମାନଙ୍କର ବିଶ୍ୱାସ, ସେମାନେ ମନେ କରନ୍ତି ଯେ, ମନୁଷ୍ୟ ଜଗତରେ ଯେଉଁ ଦୁଃଖଭୋଗ କରେ, ତାହା ତା'ର ପ୍ରାପ୍ୟ । ସମସ୍ତ ଦୁଃଖଭୋଗ ପ୍ରକୃତରେ ମନ୍ଦ ଏବଂ ଜଣେ ଦୁଃଖଭୋଗ କରି ଅନ୍ୟର ମୁକ୍ତି ସାଧନ କରି ପାରେନା । ଉପରୋକ୍ତ ତିନୋଟିଯାକ ଧାରଣା, ଅମୂଳକ ଓ ଖ୍ରୀଷ୍ଟଙ୍କ ଶିକ୍ଷା ବିପକ୍ଷରେ ।

(ଙ) ଜନ୍ମାନ୍ତରବାଦ ସପକ୍ଷରେ କୌଣସି ଯୁକ୍ତି ନାହିଁ, ଏପରିକି ଅତି ଦୁର୍ବଳ ପ୍ରମାଣ ମଧ୍ୟ ନାହିଁ । ପୂର୍ବ ଜନ୍ମ ବିଷୟରେ ଆମ୍ଭେମାନେ କିଛି ସ୍ମରଣ କରି ପାରୁନା । ସମୟକୁ ସମୟ ଅସାଧାରଣ ସ୍ମରଣ ଶକ୍ତି ବିଷୟରେ ଯେଉଁ ସମ୍ବାଦ ମିଳେ, ପୁନର୍ଜନ୍ମ ତଥ୍ୟକୁ ବାଦ୍‌ଦେଇ ମଧ୍ୟ ତାହାର ଅର୍ଥ କରାଯାଇ ପାରେ । ମାନସିକ ଶକ୍ତି ସାହାଯ୍ୟରେ ଦୂରକୁ ବାର୍ତ୍ତା ପ୍ରେରଣ, ସ୍ୱପ୍ନ ଓ ଦିବ୍ୟଦର୍ଶନ ମଧ୍ୟ ମନୁଷ୍ୟ ଅନୁଭୂତିର ବହିର୍ଭୂତ ନୁହେଁ । ଅପର ପକ୍ଷରେ, ଶୟତାନ ଓ ମନ୍ଦାତ୍ମାମାନଙ୍କର ବହୁ ପ୍ରକାର କାର୍ଯ୍ୟ ପୃଥିବୀରେ ଲାଗି ରହିଥାଏ, କିନ୍ତୁ ବାସ୍ତବ ସାକ୍ଷ୍ୟ ପ୍ରମାଣ ଦ୍ୱାରା ଯାହା ସମର୍ଥିତ ନୁହେଁ, ଆମ୍ଭେମାନେ ସେସବୁ ବିଶ୍ୱାସ କରିବା କାହିଁକି ?

(ଚ) କିନ୍ତୁ ଖ୍ରୀଷ୍ଟଙ୍କ ବିଷୟରେ ଦୃଢ଼ ପ୍ରମାଣ ରହିଛି । ଆପଣମାନେ ଯଦି ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ଓ ଭବିଷ୍ୟତ୍‌ରେ, ପୁଣି ଜନ୍ମଗ୍ରହଣ କରିବାକୁ

ଆପଣମାନଙ୍କ ମନରେ ଭୟ ହୁଏ, ତେବେ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତୁ । ସେ ଆପଣମାନଙ୍କୁ ସମସ୍ତ ବନ୍ଧନରୁ ମୁକ୍ତ କରି, ସମସ୍ତ ପାପ କ୍ଷମା କରି, ଆପଣମାନଙ୍କୁ ଅନନ୍ତ ଜୀବନ ଦାନ କରିବେ । ଆପଣମାନେ ଏହି ଜୀବନରେ, ଜୀବନ୍ମୁକ୍ତ ହୋଇ, ଏହି ଜୀବନରେ ମଧ୍ୟ ଈଶ୍ୱରଙ୍କ ସାନ୍ନିଧ, ଶାନ୍ତି ଓ ସହାନୁଭୂତି ଲାଭ କରି ପାରିବେ ।

**ପ୍ରଶ୍ନ–** *ଖ୍ରୀଷ୍ଟ ଯେ ଜଣେ ମହାନ୍ ବ୍ୟକ୍ତି ଥିଲେ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଅନ୍ୟାନ୍ୟ ମହାନ ବ୍ୟକ୍ତି କ'ଣ ନାହାନ୍ତି ? ଉଦାହରଣ ସ୍ୱରୂପେ ଗାନ୍ଧୀଜୀ । ସେ କ'ଣ ଯୀଶୁଙ୍କ ସ୍ତରର ନ ଥିଲେ ?*

**ଉତ୍ତର–** ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ, ତାଙ୍କର ନିଜ କଥାରେ ସାବଧାନଭାବେ ବିଚାର କରିବା । ଖ୍ରୀଷ୍ଟଙ୍କ ପରି, ଗାନ୍ଧିଜୀ, କୌଣସି ଦିନ ନିଜକୁ ଈଶ୍ୱରଙ୍କ ଅବତାର ବୋଲି ଦାବୀ କରି ନ ଥିଲେ । ବରଂ ସେ ତାହା ଅସ୍ୱୀକାର କରିଥିଲେ । ଖ୍ରୀଷ୍ଟଙ୍କ ପରି ସେ କେବେ ହେଁ କହି ନ ଥିଲେ ଯେ, ସେ ସତ୍ୟ । ପରୋକ୍ଷରେ ସେ କହିଥିଲେ ଯେ, ସେ ସତ୍ୟର ସନ୍ଧାନ କରିବାରେ ଲାଗିଛନ୍ତି ଏବଂ ସେ ଦୁଃଖିତ ଯେ, ସେ ପୂର୍ଣ୍ଣ ସତ୍ୟ ଉପଲବ୍ଧି କରି ନାହାନ୍ତି । ସେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ସେ ପରିପୂର୍ଣ୍ଣତା ଲାଭ କରିପାରି ନ ଥିଲେ ଏବଂ ମୁକ୍ତି ନିମନ୍ତେ ସେ ଚେଷ୍ଟା କରୁଥିଲେ । ଅପରପକ୍ଷେ ଖ୍ରୀଷ୍ଟ କହିଥିଲେ ଯେ ସେ ପାପମୁକ୍ତ ଏବଂ ଅନ୍ୟମାନଙ୍କର ମୁକ୍ତି ସାଧନ ନିମନ୍ତେ ସେ ଆସିଅଛନ୍ତି । ପାପୀମାନଙ୍କ ପରିବର୍ତ୍ତେ ଯେ, ସେ ମୃତ୍ୟୁଭୋଗ କରିବେ ଏବଂ ତାହାଙ୍କଠାରେ ବିଶ୍ୱାସ ଦ୍ୱାରା ଯେ, ଅନ୍ୟମାନେ ମୁକ୍ତି ଲାଭ କରିବେ, ଗାନ୍ଧୀଜୀ କୌଣସି ଦିନ ଏ ଶିକ୍ଷା ଦେଇ ନ ଥିଲେ । କିନ୍ତୁ ଖ୍ରୀଷ୍ଟ ସେ ଶିକ୍ଷା ଦେଇଥିଲେ । ଏସମସ୍ତ ବିଷୟ ଜାଣିବା ନିମନ୍ତେ, ସେମାନେ ନିଜେ ନିଜେ କ'ଣ କରିଛନ୍ତି, ସେ କଥା ପାଠ କରି ଦେଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଗାନ୍ଧିଜୀ ଯେ ଯଥାର୍ଥ ଶିକ୍ଷାଗୁରୁ ଏବଂ ଈଶ୍ୱରଙ୍କ ଏକମାତ୍ର ପୁତ୍ର, ତାହା ପ୍ରମାଣ କରିବା ନିମନ୍ତେ ସେ ମୃତ୍ୟୁରୁ ଉଠି ନ ଥିଲେ ।

ଏହି ଦେଶ ପାଇଁ ଗାନ୍ଧୀଜୀ ଯାହା କରିଛନ୍ତି, ଆମ୍ଭେମାନେ ତାହା ଜାଣୁ । ସ୍ୱାଧୀନ ଓ ଗଣତନ୍ତ୍ର ଭାରତର ଜନକ ରୂପେ ଆମ୍ଭେମାନେ ତାଙ୍କୁ ସମ୍ମାନ



ପ୍ରଦର୍ଶନ କରିପାରୁ । କିନ୍ତୁ ସେ ନିଜେ ଦୃଢ଼ ଭାବରେ ଯାହା ଅସ୍ୱୀକାର କରିଥା'ନ୍ତେ, ସେହି ବିଷୟକୁ ଉପଲକ୍ଷ୍ୟ କରି, ତାଙ୍କ ବିଷୟରେ ସେପରି କହିବା, ତାଙ୍କ ପ୍ରତି ନିଶ୍ଚୟ ସମ୍ମାନ ପ୍ରଦର୍ଶନ ନୁହେଁ । ଯୀଶୁ ଖ୍ରୀଷ୍ଟ ସ୍ୱର୍ଗ ଓ ମର୍ତ୍ତ୍ୟର ପ୍ରଭୁ, ବିଶ୍ୱଜଗତର ସ୍ରଷ୍ଟା ଓ ଯେଉଁମାନେ ତାହାଙ୍କ ନିକଟକୁ ଆସନ୍ତି, ସେମାନଙ୍କର ଉଦ୍ଧାରକର୍ତ୍ତା । କୌଣସି ବ୍ୟକ୍ତି ଯେତେ ମହାନ ହେଲେ ମଧ୍ୟ, ତାହାଙ୍କ ସ୍ତରରେ ସ୍ଥାପନ କରାଯାଇ ପାରିବେ ନାହିଁ ।

**ପ୍ରଶ୍ନ–** *'କେବଳ କ୍ରୁଶ ଦ୍ୱାରା ଯଦି ମନୁଷ୍ୟର ମୁକ୍ତି ସମ୍ଭବ, ତେବେ ଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ଯେଉଁମାନେ ପୃଥିବୀରେ ଜନ୍ମଗ୍ରହଣ କରିଥିଲେ, ସେମାନଙ୍କର କ'ଣ ହେବ ?'*

**ଉତ୍ତର–** ଖ୍ରୀଷ୍ଟ, ତାହାଙ୍କ ପୂର୍ବରୁ, ତାହାଙ୍କ ପରେ ଓ ତାହାଙ୍କ ସମୟରେ ପୃଥିବୀରେ ଜନ୍ମଗ୍ରହଣ କରିଥିବା ସମସ୍ତଙ୍କ ପାଇଁ ମୃତ୍ୟୁଭୋଗ କରିଅଛନ୍ତି । ଖ୍ରୀଷ୍ଟ ଜଗତ ନିମନ୍ତେ କ୍ରୁଶରେ କ'ଣ ସାଧନ କରିବେ, ପୃଥିବୀର ଆରମ୍ଭ ସମୟରୁ ଈଶ୍ୱର ତାହା ଜାଣିଥିଲେ ଓ ଯେଉଁମାନେ ତାହାଙ୍କଠାରେ ବିଶ୍ୱାସ କରି ତାହାଙ୍କର ସତ୍ୟକୁ ଗ୍ରହଣ କଲେ, ସମୟ ନିର୍ବିଶେଷରେ ସେ ସମସ୍ତଙ୍କୁ ସେ ଉଦ୍ଧାର କଲେ । ଭବିଷ୍ୟତରେ କ'ଣ ଘଟିବ, ଈଶ୍ୱର ପୂର୍ବରୁ ତାହା ଜାଣିଥାଆନ୍ତି ଏବଂ ଏପରି ଭାବରେ କାର୍ଯ୍ୟ କରନ୍ତି, ଯେପରି ସେ ଘଟଣା ଘଟି ସାରିଛି ।

**ପ୍ରଶ୍ନ–** *'ଈଶ୍ୱରଙ୍କ ଉପାସନାର ପ୍ରକୃତ ପ୍ରଣାଳୀ କ'ଣ ?'*

**ଉତ୍ତର–** ଗୁରୁ ଶିକ୍ଷା ଦେଇଥିଲେ ଯେ, ଆମ୍ଭେମାନେ 'ଆତ୍ମାରେ ଓ ସତ୍ୟରେ' (ଯୋହନ ୪:୨୪) ଈଶ୍ୱରଙ୍କ ଉପାସନା କରିବା, କାରଣ ସେ ଆତ୍ମା ଅଟନ୍ତି । ଏ କଥାରୁ ସ୍ପଷ୍ଟ ବୁଝାପଡ଼େ ଯେ, ଆମ୍ଭେମାନେ କୌଣସି ବସ୍ତୁ ବା ପଦାର୍ଥର ଉପାସନା କରିବା ନାହିଁ ।

ବାଇବଲର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ, ଏ କଥାର ଉଲ୍ଲେଖ ରହିଛି । ମୂର୍ତ୍ତି, ଚିତ୍ର, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ବା ସୃଷ୍ଟିରେ ଅନ୍ୟ କୌଣସି ବସ୍ତୁକୁ ପୂଜା କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟରେ ନିଷେଧ ରହିଛି । ଆମ୍ଭେମାନେ ଆତ୍ମାରୂପୀ ଈଶ୍ୱରଙ୍କର ପୂଜା କରିବା, କିନ୍ତୁ ତାଙ୍କର ବା ଆମ୍ଭମାନଙ୍କ ହସ୍ତକୃତ

କୌଣସି ବସ୍ତୁକୁ ପୂଜା କରିବା ନାହିଁ । ତା'ପରେ, ସ୍ଥାନ ବିଶେଷ, ପରମ୍ପରା, ବିଶେଷ ପୂଜା ପଦ୍ଧତି ଓ କ୍ରିୟାକର୍ମ ସଙ୍ଗେ ଈଶ୍ୱରଙ୍କ ଉପାସନାର କୌଣସି ସମ୍ପର୍କ ନାହିଁ । ଶାସ୍ତ୍ରରୁ ଆବୃତ୍ତି ମଧ୍ୟ ତାହାଙ୍କର ଉପାସନା ନୁହେଁ । ଯୀଶୁ ଶିକ୍ଷା ଦେଇଥିଲେ, ଲୋକଙ୍କୁ ଦେଖାଇ ବା ଶୁଣାଇ ଆମ୍ଭେମାନେ ଯେପରି ପ୍ରାର୍ଥନା ନ କରୁ । କେହି କେହି ପ୍ରାର୍ଥନାରେ ଥରକୁ ଥର ଗୋଟିଏ କଥାର ପୁନରାବୃତ୍ତି କରି ଭାବିଥା'ନ୍ତି ଯେ, ବହୁତ କଥା କହିବା ଫଳରେ ସେମାନଙ୍କ ପ୍ରାର୍ଥନା ନିଶ୍ଚୟ ଶୁଣାଯିବ, କିନ୍ତୁ ଆମ୍ଭମାନଙ୍କର ସେପରି କରିବା ଉଚିତ୍ ନୁହେଁ (ମାଥିଉ ୬:୫-୭) । ପ୍ରକୃତ ଉପାସନା ଆତ୍ମା ଓ ହୃଦୟରୁ ବାହାରେ ଓ ଈଶ୍ୱରଙ୍କ ପ୍ରେମ ଓ ଜ୍ଞାନରୁ ତାହାର ଉଦ୍ଭବ ।

ଈଶ୍ୱରଙ୍କ ଉପାସନା ନିମନ୍ତେ ଆମ୍ଭମାନଙ୍କ ଜୀବନରେ ଧର୍ମପରାୟଣତା ମଧ୍ୟ ଥିବା ଆବଶ୍ୟକ । ସ୍ୱେଚ୍ଛାଚାରୀ ଓ ପାପକର୍ମରେ ଲିପ୍ତ ବ୍ୟକ୍ତିର ପୂଜା ଈଶ୍ୱର ଗ୍ରହଣ କରନ୍ତି ନାହିଁ ।

ସେ ନିଜ ଭବିଷ୍ୟତ୍‌ବକ୍ତାଙ୍କ ମୁଖରେ ଶୁଣାଇଛନ୍ତି, *'ତୁମ୍ଭେମାନେ ହସ୍ତ ପ୍ରସାରି ପ୍ରାର୍ଥନା କଲାବେଳେ ମୁଁ ତୁମ୍ଭମାନଙ୍କ ପ୍ରତି ଆଖି ବୁଜିଦେବି, ତୁମ୍ଭେମାନେ ବହୁତ ପ୍ରାର୍ଥନା କଲେ ସୁଦ୍ଧା ମୁଁ ଶୁଣିବି ନାହିଁ, କାରଣ ତୁମ୍ଭମାନଙ୍କ ହସ୍ତ ରକ୍ତରଞ୍ଜିତ । ଧୌତ ହୁଅ ଏବଂ ନିଜକୁ ଶୁଚି କର । ତୁମ୍ଭମାନଙ୍କ ଅପକର୍ମ ସବୁ ମୋ' ଦୃଷ୍ଟିପଥରୁ ଅନ୍ତର କର, ପାପକର୍ମରୁ ନିବୃତ୍ତ ହୁଅ । ସତ୍‌କର୍ମ କରିବାକୁ ଶିଖ, ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ୟମ କର, ଅତ୍ୟାଚାରିତ ଲୋକଙ୍କୁ ସାହାଯ୍ୟ କର, ପିତୃହୀନମାନଙ୍କ ପକ୍ଷ ସମର୍ଥନ କର ଓ ବିଧବାମାନଙ୍କ ସପକ୍ଷ ହୁଅ'* (ଯିଶାଇୟ ୧:୧୫-୧୭) ।

**ଆପତ୍ତି–** *'ଖ୍ରୀଷ୍ଟ ଥିଲେ ଅଦ୍ୱୈତବାଦୀ । ସେ ନିଜକୁ ଈଶ୍ୱରଙ୍କ ପୁତ୍ର ଓ ଈଶ୍ୱରଙ୍କ ସଙ୍ଗେ ଏକ ବୋଲି ଯାହା କହିଥିଲେ, ଯେକୌଣସି ଧର୍ମାଲୋକପ୍ରାପ୍ତ ବ୍ୟକ୍ତି ତାହା କହି ପାରିବେ ।'*

**ଉତ୍ତର–** ''ଖ୍ରୀଷ୍ଟ, ଅଦ୍ୱୈତବାଦୀ ନ ଥିଲେ । ପ୍ରକୃତରେ କହିବାକୁ ଗଲେ ତାହାଙ୍କର ବହୁ ଶିକ୍ଷା, ଅଦ୍ୱୈତ ବେଦାନ୍ତର ସମ୍ପୂର୍ଣ୍ଣ ବିପରୀତ । ସୁପରିଚିତ ଗୋଟିଏ ବାକ୍ୟରେ ଅଦ୍ୱୈତବାଦର ମର୍ମ ବୁଝାପଡ଼େ-''ବ୍ରହ୍ମନ୍ ଏକମାତ୍ର



ସତ୍ୟ, ଜଗତ ମୁଖ୍ୟତଃ ମିଥ୍ୟା ଏବଂ ଆତ୍ମା, ବ୍ରହ୍ମନ୍‌ଙ୍କଠାରୁ ଅଭିନ୍ନ ।'' ଯେଉଁମାନଙ୍କର ଅଦ୍ୱୈତ ବେଦାନ୍ତ ସମ୍ବନ୍ଧରେ ଜ୍ଞାନ ରହିଛି, ସେମାନେ ସେହି ଅଦ୍ୱୈତ ବେଦାନ୍ତ ସହିତ, ଯୀଶୁ ଯାହା ଶିକ୍ଷା ଦେଇଥିଲେ ତାହାର ତୁଳନା କରି ପାରନ୍ତି । ଯୀଶୁ ନିଜ ଶିକ୍ଷାରେ କହିଥିଲେ–

(କ) ଈଶ୍ୱର ଏକମାତ୍ର ଅନାଦି ଅନନ୍ତ, ସ୍ୱୟଂଭୂ ସତ୍ୟ । ମାତ୍ର ତିନିଜଣ, ଏକ ନୈସର୍ଗିକ ସତ୍ତାରେ ସମ୍ମିଳିତ ଓ ସେମାନେ ହେଲେ, ପିତା, ପୁତ୍ର ଓ ଧର୍ମାତ୍ମା । ପରମ ପୁରୁଷ ଈଶ୍ୱର, ବ୍ୟକ୍ତିତ୍ୱ ସମ୍ପନ୍ନ । ନିର୍ଗୁଣ ବ୍ରହ୍ମ ମଧ୍ୟରେ ଆମ୍ଭେମାନେ ଈଶ୍ୱରଙ୍କ ବିଷୟକ ଧାରଣା ପୂର୍ଣ୍ଣଭାବେ ଉପଲବ୍ଧି କରିପାରୁନା । ଯୀଶୁଙ୍କ ଶିକ୍ଷାନୁସାରେ ପରମ ପୁରୁଷ ଈଶ୍ୱର, ସଗୁଣ ଓ ବ୍ୟକ୍ତିତ୍ୱସମ୍ପନ୍ନ । ଏ ପ୍ରଶ୍ନର ସମାଧାନ ନିମନ୍ତେ ଏତିକିମାତ୍ର ଯଥେଷ୍ଟ । କାରଣ ଯୀଶୁ ଈଶ୍ୱରଙ୍କଠାରୁ ଆସିଥିଲେ, ସେ ସ୍ୱୟଂ ଈଶ୍ୱର ଏବଂ ଈଶ୍ୱର କ'ଣ ତାହା ସେ ନିଶ୍ଚିତଭାବେ ଜାଣିଥିଲେ ।

କିନ୍ତୁ ଯୀଶୁ ଯାହା ପ୍ରକାଶ କରିଥିଲେ, ତାହା ବାଦ୍ ଦେଇ ମଧ୍ୟ, ବ୍ୟକ୍ତିତ୍ୱହୀନ, ନିର୍ବିକଳ୍ପ ଏପରି ଜଣେ ଯେ, ପ୍ରେମମୟ, ପବିତ୍ର, ଇଚ୍ଛାଶକ୍ତିଯୁକ୍ତ ଓ ସଚେତନ ଈଶ୍ୱରଙ୍କଠାରୁ ଶ୍ରେଷ୍ଠ ହୋଇପାରନ୍ତି, ତାହା କଳ୍ପନା କରି ହୁଏନା ଓ ସେ ଧାରଣାକୁ ସମର୍ଥନ କରିବା ନିମନ୍ତେ କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । ଆମ୍ଭମାନଙ୍କ ବିଚାର ଦୃଷ୍ଟିରୁ, ବ୍ୟକ୍ତିତ୍ୱବିହୀନ, ବ୍ୟକ୍ତିତ୍ୱସମ୍ପନ୍ନଠାରୁ ଶ୍ରେଷ୍ଠ ହୋଇପାରେନା । ଚେତନାଯୁକ୍ତ ବୁଦ୍ଧି, ଇଚ୍ଛାଶକ୍ତି ଓ ସ୍ନେହ ପ୍ରେମବିହୀନ ମନୁଷ୍ୟ, ବୁଦ୍ଧିବୃତ୍ତିହୀନ ପଶୁଠାରୁ ହୀନ ଏବଂ ଉଦ୍ଭିଦ ଓ ପଥର ସଙ୍ଗେ ସମାନ ।

ଏହିସମସ୍ତ ଗୁଣବିହୀନ ପରମ ପୁରୁଷ, ସୁମହାନ ଓ ଅଦ୍ଭୁତ ଈଶ୍ୱରଙ୍କଠାରୁ ବହୁ ନିମ୍ନରେ । କାରଣ ଈଶ୍ୱରଙ୍କର ଅସ୍ତିତ୍ୱ ରହିଛି ଏବଂ ସେ ନିଜକୁ ଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରକାଶ କରିଅଛନ୍ତି, ଆତ୍ମା ଯେପରି ବସ୍ତୁଠାରୁ ଶ୍ରେଷ୍ଠ, ସେହିପରି ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତିହୀନଠାରୁ ଊର୍ଦ୍ଧ୍ୱରେ । ବ୍ୟକ୍ତିତ୍ୱହୀନତାର ଧାରଣା, ଈଶ୍ୱରଙ୍କ ଶକ୍ତିକୁ ସୀମାବଦ୍ଧ କରି ଓ ତାହାଙ୍କର ପ୍ରକୃତ ସ୍ୱରୂପ ପ୍ରକାଶ ନ କରି, ତାହାଙ୍କର ସ୍ଥାନ ପ୍ରକୃତରେ, ତାହାଙ୍କୁ ତାହାଠାରୁ ବହୁ ନିମ୍ନରେ ନିଶ୍ଚୟ ସ୍ଥାପନ କରିଦେବ ।

ଅବଶ୍ୟ ଈଶ୍ୱରଙ୍କ ବ୍ୟକ୍ତିତ୍ୱ, ମନୁଷ୍ୟର ସ୍ୱାଭାବିକ ସ୍ୱାର୍ଥପର ଓ ଅହଂଭାବଯୁକ୍ତ ବ୍ୟକ୍ତିତ୍ୱଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ମନୁଷ୍ୟ ପତିତ, ତେଣୁ ତାହାର ବ୍ୟକ୍ତିତ୍ୱ ଭ୍ରଷ୍ଟ କିନ୍ତୁ ଈଶ୍ୱରଙ୍କ ବ୍ୟକ୍ତିତ୍ୱ, ପବିତ୍ର, ଅନନ୍ତ ଓ ଅସୀମ । ଏସମସ୍ତ ବିଷୟରେ ଆମ୍ଭମାନଙ୍କର ଧାରଣା ଯାହା ହେଉନା କାହିଁକି, ଆମ୍ଭେମାନେ ଗୋଟିଏ ସତ୍ୟକୁ ଉପେକ୍ଷା କରି ପାରିବା ନାହିଁ । ଈଶ୍ୱର ଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ରୂପରେ ଆପଣାକୁ ପ୍ରକାଶ କରିଅଛନ୍ତି ଓ ଆମ୍ଭମାନଙ୍କୁ ତାହାଙ୍କର ବାଣୀ ଶୁଣାଇଅଛନ୍ତି । ଆମ୍ଭମାନଙ୍କର ଯଦି ବିଚାର ବୁଦ୍ଧି ଥାଏ, ତେବେ ସେ ଯେପରିଭାବେ ନିଜକୁ ପ୍ରକାଶ କରିଅଛନ୍ତି, ଆମ୍ଭେମାନେ ତାହାଙ୍କୁ ସେହିପରିଭାବେ ସ୍ୱୀକାର କରିନେବା ।

(ଖ) ଈଶ୍ୱର, ମାୟା ବା ଅଦ୍ୱୈତ ସାହାଯ୍ୟରେ ନୁହେଁ, ମାତ୍ର ନିଜର ପ୍ରଜ୍ଞା ସାହାଯ୍ୟରେ ଜଗତ ସୃଷ୍ଟି କଲେ । ଜଗତ ବାସ୍ତବ, ମାତ୍ର ଚିରସ୍ଥାୟୀ ନୁହେଁ । ଏହା ଈଶ୍ୱରଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ତାହାଙ୍କର ଅଂଶବିଶେଷ ମଧ୍ୟ ନୁହେଁ ।

(ଗ) ଶୟତାନ ଦ୍ୱାରା ଏବଂ ସେ ଯେଉଁ ଆଦି ପୁରୁଷ ଓ ନାରୀକୁ ପ୍ରତାରଣା କଲା, ସେମାନଙ୍କ ସାହାଯ୍ୟରେ ଜଗତରେ ପାପ ପ୍ରବେଶ କଲା । ପାପ ସବୁ ମନୁଷ୍ୟଙ୍କୁ କଳୁଷିତ କରିଛି ଓ ସମସ୍ତେ ଅପରାଧୀ ।

(ଘ) ମାୟା ଓ ଅଜ୍ଞାନତା, ଶୟତାନର ପ୍ରଚେଷ୍ଟାର ପରିଣତି ଓ ତାହା ଈଶ୍ୱରଙ୍କ ଦ୍ୱାରା ନୁହେଁ । ଶୟତାନ ମନୁଷ୍ୟର ଅନ୍ତର୍ଦୃଷ୍ଟିକୁ ଅନ୍ଧ କରି, ଈଶ୍ୱରଙ୍କ ବିଷୟରେ, ନିଜ ବିଷୟରେ ଓ ବହୁ ଗୁରୁତ୍ୱପୂର୍ଣ୍ଣ ସତ୍ୟ ବିଷୟରେ ମନୁଷ୍ୟକୁ ପ୍ରତାରଣା କରେ । ମନୁଷ୍ୟର ପାପ ଓ ଅବିଶ୍ୱାସ ଦୃଷ୍ଟିରୁ ଈଶ୍ୱର ଏହା ହେବାକୁ ଦେଇଥାଆନ୍ତି ।

(ଙ) ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଜୀବ । ମନୁଷ୍ୟର ଆତ୍ମା ଓ ଈଶ୍ୱରଙ୍କ ଆତ୍ମା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଈଶ୍ୱରଙ୍କ ଆତ୍ମା ଅନନ୍ତକାଳସ୍ଥାୟୀ ଏବଂ ବୁଦ୍ଧି, ପରାକ୍ରମ, ମହିମା ଓ ପବିତ୍ରତା ଦୃଷ୍ଟିରୁ ଅସୀମ । ମନୁଷ୍ୟର ଆତ୍ମା ସୀମିତ, ଏହାର ଆରମ୍ଭ ରହିଛି ଏବଂ ପାପ ଫଳରେ, ଈଶ୍ୱରଙ୍କ ସହଭାଗିତାରୁ ଏହା ବିଚ୍ଛିନ୍ନ ।



(ଚ) ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମର ଚକ୍ରରୁ ମୁକ୍ତି, ମୁକ୍ତି ନୁହେଁ । ପ୍ରକୃତରେ ଏପରି କୌଣସି ବିଷୟର ଅସ୍ତିତ୍ୱ ନାହିଁ ଏବଂ ଯେଉଁ ସମସ୍ୟାର ଅସ୍ତିତ୍ୱ ନାହିଁ, ତା'ର ସମାଧାନର ପ୍ରୟୋଜନ ମଧ୍ୟ ନାହିଁ । ମୁକ୍ତିର ପ୍ରକୃତ ଅର୍ଥ ହେଲା ପାପରୁ ମୁକ୍ତି ଏବଂ ଯେତେବେଳେ ମନୁଷ୍ୟ ନିଜର ପାପ ବୁଝିବାର ଶକ୍ତି ଲାଭ କରେ ଓ ଖ୍ରୀଷ୍ଟଙ୍କ ମଧ୍ୟରେ ଈଶ୍ୱରଙ୍କ ପାପ ମୋଚନର ସନ୍ଧାନ ପାଏ, ସେତେବେଳେ ହିଁ ସେ ମୁକ୍ତି ଲାଭ କରେ । ପାପୀଙ୍କ ବଦଳରେ ଈଶ୍ୱରଙ୍କ ପୁତ୍ରଙ୍କ ମୃତ୍ୟୁ ବିନା, ମୁକ୍ତିର ଅନ୍ୟ ପଥ ନାହିଁ । ମୁକ୍ତି କେବଳ ଅନୁଗ୍ରହ ଦ୍ୱାରା ସମ୍ଭବ ଏବଂ ଅନୁତାପ ଓ ବିଶ୍ୱାସ ଦ୍ୱାରା ମୁକ୍ତି ମିଳିଥାଏ ।

(ଛ) ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ମାତ୍ରେ, ମନୁଷ୍ୟ ପୁନର୍ଜନ୍ମ ଲାଭ କରି ନୂତନ ଆତ୍ମିକ ଜୀବନର ଅଧିକାରୀ ହୁଏ ଓ ଈଶ୍ୱରଙ୍କ ନିକଟକୁ ଫେରି ଆସେ । କିନ୍ତୁ ସେଥିପାଇଁ ମନୁଷ୍ୟ ଈଶ୍ୱର ପାଲଟିଯାଏ ନାହିଁ ବା ନିଜର ସ୍ୱାତନ୍ତ୍ର୍ୟ ମଧ୍ୟ ହରାଏ ନାହିଁ । ମନୁଷ୍ୟ ଜଳ ବିନ୍ଦୁ ପରି ନୁହେଁ ଯେ, ସମୁଦ୍ରରେ ନିଜର ସତ୍ତା ହରାଇ ବସିବ । ପରିତ୍ରାଣ ଲାଭ ପରେ, ଈଶ୍ୱରଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ କରି, ସେ ତାହାଙ୍କ ସମୀପରେ ଚିରକାଳ ନିମନ୍ତେ ଆନନ୍ଦରେ ଜୀବନ ଯାପନ କରେ । ଆମ୍ଭେମାନେ ଗୋଟିଏ ଦିଗରୁ ପଶୁ ଓ ନିର୍ଜୀବ ବସ୍ତୁଠାରୁ ସ୍ୱତନ୍ତ୍ର ଓ ଅନ୍ୟ ଦିଗରୁ ଈଶ୍ୱରଙ୍କଠାରୁ ମଧ୍ୟ ଭିନ୍ନ, ଆମ୍ଭମାନଙ୍କର ଏହି ଜ୍ଞାନ, ମାୟାର ପରିଣତି ନୁହେଁ । ଈଶ୍ୱରଙ୍କ ବିଷୟରେ ଯୀଶୁ ଏହି ଅଭ୍ରାନ୍ତ ସତ୍ୟ ପ୍ରକାଶ କରିଥିଲେ । ବିଶ୍ୱ ଜଗତରେ ମାୟାର ସ୍ଥାନ ନାହିଁ । ଏହାର ଅସ୍ତିତ୍ୱ କେବଳ ମନୁଷ୍ୟ ହୃଦୟରେ ଏବଂ ଏହା ଦ୍ୱାରା, ନିଜ ବିଷୟରେ, ଈଶ୍ୱରଙ୍କ ବିଷୟରେ ଓ ଈଶ୍ୱରଙ୍କ ନିକଟକୁ ପଥ ବିଷୟରେ, ତାହାର ଭ୍ରାନ୍ତ ଧାରଣା ଜନ୍ମେ ଓ ସେ ପ୍ରତିହତ ହୁଏ ।

ଯୀଶୁ ଶିକ୍ଷା ଦେଇଥିଲେ ଯେ, ତାହାଙ୍କଠାରେ ବିଶ୍ୱାସ ସ୍ଥାପନ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ହୋଇ ପାରିବା । କିନ୍ତୁ ଈଶ୍ୱରଙ୍କ ପୁତ୍ର ରୂପେ ଯୀଶୁ ଯେପରି ଅସାଧାରଣ, ସେପରି ହେବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହାଙ୍କ କଥା ଅନୁସାରେ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର । ସେ କହିଥିଲେ, *'କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ନିଜର ଏକମାତ୍ର*

*ପୁତ୍ରଙ୍କୁ ଦେଲେ, ଅତଏବ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ହେବ ନାହିଁ, କିନ୍ତୁ ଅନନ୍ତ ଜୀବନ ଲାଭ କରିବ'* (ଯୋହନ ୩:୧୬) । ମନୁଷ୍ୟ କଦାପି ଈଶ୍ୱର ହୋଇପାରେନା, ସୃଷ୍ଟ କଦାପି ସ୍ରଷ୍ଟା ହୋଇ ପାରେନା, ସସୀମ ଓ କ୍ଷଣସ୍ଥାୟୀ, କଦାପି ଅସୀମ, ଅନନ୍ତ ହୋଇ ପାରେନା । ଯୀଶୁ ଖ୍ରୀଷ୍ଟ ଓ ଅତି ସଦାଚାରୀ ମନୁଷ୍ୟ ମଧ୍ୟରେ ଏହା ଏକ ପ୍ରଧାନ ପାର୍ଥକ୍ୟ ।

ଅଦ୍ୱୈତବାଦ ଓ ଖ୍ରୀଷ୍ଟଙ୍କ ଶିକ୍ଷା ମଧ୍ୟରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ହେଲା, ଅଦ୍ୱୈତବାଦ, ପ୍ରମାଣହୀନ ଓ ପ୍ରମାଣର ଅଯୋଗ୍ୟ ଧାରଣା ଉପରେ ପ୍ରତିଷ୍ଠିତ, କିନ୍ତୁ ଖ୍ରୀଷ୍ଟଙ୍କ ଶିକ୍ଷାରେ ରହିଛି ଈଶ୍ୱରଙ୍କ ପରିପୂର୍ଣ୍ଣ ପରିପ୍ରକାଶ ।

**ଆପତ୍ତି–** *'ଶୂନ୍ୟତାରୁ ଈଶ୍ୱର ଜଗତ ସୃଷ୍ଟି କରି ପାରି ନ ଥିବେ, କାରଣ ଈଶ୍ୱରଙ୍କର ପରିବର୍ତ୍ତନ ନାହିଁ । ଧରନ୍ତୁ ଯେତେବେଳେ ସୃଷ୍ଟିରେ କିଛି ନ ଥିଲା, ଈଶ୍ୱର ନିଜର ମନର ପରିବର୍ତ୍ତନ ସାଧନ କରି, ସୃଷ୍ଟି କରିବେ କିପରି ? ତେଣୁ ବିଶ୍ୱଜଗତ ନିଶ୍ଚୟ ଅନନ୍ତ କାଳରୁ ରହିଥିଲା ।*

**ଉତ୍ତର–** ଈଶ୍ୱର ଯେ କ'ଣ କରି ପାରିବେ ବା କ'ଣ କରି ପାରିବେ ନାହିଁ, ସେ ପ୍ରଶ୍ନ କରିବାକୁ ଆମ୍ଭେମାନେ କିଏ ? ଏପରି କହିବା କେବଳ ଦାମ୍ଭିକତା ପ୍ରକାଶ ଛଡ଼ା ଅନ୍ୟ କିଛି ନୁହେଁ । ବାଇବଲର ଈଶ୍ୱର ଯଦି କହିଥା'ନ୍ତି, ତାହାଙ୍କର ପରିବର୍ତ୍ତନ ନାହିଁ ଓ ସେ ସୃଷ୍ଟିକର୍ତ୍ତା, ତେବେ ସେ ଉଭୟ କଥା ସତ ।

ଆମ୍ଭେମାନେ ସମସ୍ତେ ଜାଣୁ ଯେ, ତାହାଙ୍କ ସୃଷ୍ଟିର ଉଦ୍ଦେଶ୍ୟ କ'ଣ, ସୃଷ୍ଟି ସମୟରେ ସେ କ'ଣ କରିବେ ଏବଂ ସେ କେବେ ସୃଷ୍ଟି ଆରମ୍ଭ କରିବେ, ସେ ଜ୍ଞାନ ଓ ସଂକଳ୍ପ ତାହାଙ୍କର ଅନାଦି କାଳରୁ ରହିଥିଲା । ତେଣୁ ସୃଷ୍ଟି କରିବା ଦ୍ୱାରା ତାହାଙ୍କର କୌଣସି ପରିବର୍ତ୍ତନ ହେଲା ନାହିଁ ବରଂ ସେ ନିଜର ସଂକଳ୍ପ ତ୍ୟାଗ କରି ସୃଷ୍ଟି କରି ନ ଥା'ନ୍ତେ, ତେବେ ତାହାଙ୍କର ପରିବର୍ତ୍ତନ ହୋଇଥାଆନ୍ତା ।

ଏହା ମଧ୍ୟ ହୋଇପାରେ, ଆମ୍ଭମାନଙ୍କର ଏହି ପୃଥିବୀ ସୃଷ୍ଟି କରିବା ପୂର୍ବରୁ ସେ ଆହୁରି ଅନେକ କିଛି ସୃଷ୍ଟି କରିଥିଲେ । ସୃଷ୍ଟିର ଉଲ୍ଲାସରେ ମଗ୍ନ



ସ୍ରଷ୍ଟା ନିଜକୁ ଯେ କେତେ ଭାବରେ ବ୍ୟକ୍ତ କରିଥିବେ, ତାହା ଆମ୍ଭମାନଙ୍କର କଳ୍ପନାତୀତ । ସେ ଯାହା ହେଉନା କାହିଁକି, ମନୁଷ୍ୟର ନିଜର ଆପତ୍ତି, ଅଭିଯୋଗ ଦ୍ୱାରା, ସଂପୂର୍ଣ୍ଣଭାବେ ସ୍ୱାଧୀନ ଈଶ୍ୱରଙ୍କ ସଂକଳ୍ପ ସୀମିତ ହୋଇ ନ ପାରେ ।

ଈଶ୍ୱରଙ୍କର ଯାହା ପ୍ରକୃତରେ ପରିବର୍ତ୍ତନଶୀଳ ନୁହେଁ, ତାହା ହେଲା ତାହାଙ୍କର ସତ୍ତା, ତାହାଙ୍କର ପ୍ରକୃତି ଓ ନୈତିକ ଚରିତ୍ର । ଈଶ୍ୱର, ଈଶ୍ୱର ବ୍ୟତୀତ ଆଉ କିଛି ହୋଇ ନ ପାରନ୍ତି । ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱସମ୍ପନ୍ନ, ପବିତ୍ର, ସତ୍ୟ, ନ୍ୟାୟବାନ, ପ୍ରଜ୍ଞାସମ୍ପନ୍ନ ଓ ସତ୍ ବ୍ୟତୀତ, ଈଶ୍ୱର ଅନ୍ୟ କିଛି ହୋଇ ନ ପାରନ୍ତି । ସେ ସୃଷ୍ଟି କରନ୍ତୁ ବା ନ କରନ୍ତୁ, ତାହାଙ୍କ ଚରିତ୍ରରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ ।

**ପ୍ରଶ୍ନ–** *'ରାମାନୁଜଙ୍କ ବିଶିଷ୍ଟ ଦ୍ୱୈତ ଓ ମାଧ୍ୱଙ୍କ ଦ୍ୱୈତ ସମ୍ପର୍କରେ କ'ଣ କୁହାଯାଇପାରେ ? ସେସବୁ ସହିତ ଖ୍ରୀଷ୍ଟଙ୍କ ଶିକ୍ଷାର କ'ଣ ସାମଞ୍ଜସ୍ୟ ରହିଛି ?'*

**ଉତ୍ତର–** ଯଦିବା ସେପରି କିଛି ସାମଞ୍ଜସ୍ୟ ଥାଇପାରେ, ତେବେ କହିବାକୁ ହେବ ଯେ, କେବଳ ସାମଞ୍ଜସ୍ୟ ଯଥେଷ୍ଟ ନୁହେଁ । ଜଣେ ହୁଏତ ଈଶ୍ୱରଙ୍କ ରାଜ୍ୟର ସୀମାରେ ପହଞ୍ଚିଯାଇ ପାରନ୍ତି, କିନ୍ତୁ ଯେତେ ପାଖକୁ ଆସି ମଧ୍ୟ ସେ ଯଦି ଭିତରେ ପ୍ରବେଶ ନ କରନ୍ତି, ତେବେ ତାଙ୍କର କିଛି ଲାଭ ହେବ ନାହିଁ । ସତ୍ୟକୁ ଜାଣିବା ନିମନ୍ତେ, ଆମ୍ଭମାନଙ୍କୁ ମନେ ମନେ ଦୃଢ଼ ଭାବରେ ନିଷ୍ପତ୍ତି କରି ନେବାକୁ ହେବ ଯେ, ଖ୍ରୀଷ୍ଟ ପ୍ରକୃତରେ ଈଶ୍ୱରଙ୍କ ପୁତ୍ର ଓ ସେ ଆମ୍ଭମାନଙ୍କ ନିକଟରେ ଈଶ୍ୱରଙ୍କୁ ଓ ଈଶ୍ୱରଙ୍କ ସତ୍ୟକୁ ପ୍ରକାଶ କରିଅଛନ୍ତି । ଖ୍ରୀଷ୍ଟଙ୍କ କ୍ରୁଶ ଓ ପୁନରୁତ୍ଥାନ ଏବଂ ବିଶ୍ୱାସର ସହିତ ତାହାଙ୍କ ନିକଟରେ ନିଜକୁ ସମର୍ପଣ, ଏହି ସତ୍ୟର ଅନ୍ତର୍ଭୁକ୍ତ ।

ଏହା ବ୍ୟତୀତ ଆମ୍ଭେମାନେ ଈଶ୍ୱରଙ୍କ ସତ୍ୟର ସାରମର୍ମ ଉପଲବ୍ଧି କରି ପାରିବା ନାହିଁ । କେବଳ ସତ୍ୟର ସନ୍ନିଧାନକୁ ଆସିବା ଯଥେଷ୍ଟ ନୁହେଁ, ସତ୍ୟ କ'ଣ ତାହା ଜାଣି, ସତ୍ୟ ପ୍ରତି ଅନୁରକ୍ତ ହୋଇ, ତାକୁ ହୃଦୟରେ ନିବିଡ଼ଭାବେ ଆଲିଙ୍ଗନ କରିବାକୁ ହେବ । ଏହି ସତ୍ୟ ହିଁ ସ୍ୱୟଂ ଖ୍ରୀଷ୍ଟ ।

**ପ୍ରଶ୍ନ–** *'ଆପଣ କ'ଣ କହିବାକୁ ଚାହାନ୍ତି ଯେ, ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଗୁରୁ, ପ୍ରତାରକ ଓ ସତ୍ୟ ସମ୍ପର୍କରେ ସେମାନେ ସମସ୍ତେ ଅଜ୍ଞ ?'*

**ଉତ୍ତର–** ଏକମାତ୍ର ସତ୍ୟଗୁରୁ ହେଉଅଛନ୍ତି ଈଶ୍ୱର, ତେଣୁ ଈଶ୍ୱରଙ୍କ ଅବତାର ରୂପେ, ଯୀଶୁ ଖ୍ରୀଷ୍ଟ ହେଉଅଛନ୍ତି ପ୍ରକୃତ ପରମ ଗୁରୁ, ଯେ ମନୁଷ୍ୟକୁ ସତ୍ୟ ଦିଗରେ ଚାଳିତ କରନ୍ତି । ଅନ୍ୟାନ୍ୟ ସମସ୍ତ ଗୁରୁ ତାହାଙ୍କଠାରୁ ନିମ୍ନସ୍ତରରେ । ଯେ, କୌଣସି ଗୁରୁଙ୍କଠାରେ ଆମ୍ଭେମାନେ ବିଶ୍ୱାସ ସ୍ଥାପନ କରି ପାରିବା ନାହିଁ । ପ୍ରତ୍ୟେକ ଗୁରୁଙ୍କ ବିଷୟରେ କି ସାକ୍ଷ୍ୟ ପ୍ରମାଣ ରହିଛି, ପ୍ରଥମେ ତାହା ଆମ୍ଭମାନଙ୍କୁ ବିଚାର କରିବାକୁ ପଡ଼ିବ ।

ଅନେକ ଗୁରୁ କେବଳ ପରମ୍ପରା ଅନୁସରଣ କରିଥାଆନ୍ତି । ସେମାନେ ଇଚ୍ଛା କରି ଯେ ଭ୍ରମପୂର୍ଣ୍ଣ ଶିକ୍ଷା ଦିଅନ୍ତି, ତାହା ନୁହେଁ, କିନ୍ତୁ ପ୍ରକୃତ ଶିକ୍ଷା କ'ଣ ତାହା ସେମାନେ ନିଜେ ଜାଣି ନ ଥା'ନ୍ତି । ଅବଶ୍ୟ କେତେକ ଗୁରୁ ଅଛନ୍ତି, ପ୍ରକୃତ ସତ୍ୟ କ'ଣ, ସେ ବିଷୟରେ ସେମାନେ ଚିନ୍ତା ମଧ୍ୟକରି ନ ଥା'ନ୍ତି ଓ ନିଜ ନିଜ ସ୍ୱାର୍ଥ ଦୃଷ୍ଟିରୁ, ଭ୍ରାନ୍ତିପୂର୍ଣ୍ଣ ଶିକ୍ଷା ଦେବାକୁ ସେମାନେ ଇତସ୍ତତଃ କରି ନ ଥା'ନ୍ତି । କେହି କେହି ଗୁରୁ ମଧ୍ୟ କହିଥା'ନ୍ତି, ସତ୍ୟ ଓ ମିଥ୍ୟା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କେତେକ ଗୁରୁ ଜାଣିଶୁଣି ଓ କେତେକ ଗୁରୁ କିଛି ନ ବୁଝି ଖ୍ରୀଷ୍ଟଙ୍କ ମତ ବିରୁଦ୍ଧରେ ଶିକ୍ଷା ଦେଇଥା'ନ୍ତି ଏବଂ ଏପରି ମଧ୍ୟ ଅନେକେ ଅଛନ୍ତି, ଖ୍ରୀଷ୍ଟଙ୍କ ଶିକ୍ଷାର ଯଥାସାଧ୍ୟ ଅନୁକରଣ କରି ଶିକ୍ଷା ଦେଇଥା'ନ୍ତି ।

ମନୁଷ୍ୟମାନଙ୍କ ମଧ୍ୟରେ କେବଳ ସେ ହେଉଅଛନ୍ତି ପ୍ରକୃତ ଶିକ୍ଷାଗୁରୁ, ଯେ ଖ୍ରୀଷ୍ଟଙ୍କୁ ଜାଣନ୍ତି, ତାହାଙ୍କ ଶିକ୍ଷା ଗ୍ରହଣ କରନ୍ତି, ତାହାଙ୍କୁ ବିଶ୍ୱାସ କରନ୍ତି, ପ୍ରେମ କରନ୍ତି ଏବଂ ତାହାଙ୍କର ଶିକ୍ଷା ଅନୁସାରେ ଶିକ୍ଷା ଦିଅନ୍ତି ଓ ଜୀବନ ଯାପନ କରନ୍ତି ।

ଆସନ୍ତୁ, ଆମ୍ଭେମାନେ ପ୍ରତ୍ୟେକ, ସ୍ରଷ୍ଟା, ପାଳକ ଓ ବିଶ୍ୱଜଗତର ପ୍ରଭୁ ଈଶ୍ୱରଙ୍କ ନିକଟରେ ନିଜ ନିଜ ହୃଦୟ ସମର୍ପଣ କରି ତାହାଙ୍କୁ ନିବେଦନ କରୁ, ସେ ଯେପରି ଆମ୍ଭମାନଙ୍କୁ ଶିକ୍ଷା ଦାନ କରନ୍ତି । ଈଶ୍ୱରଙ୍କଠାରୁ ଶିକ୍ଷା ଲାଭ କଲେ, ତାହା ସହାୟତାରେ ଆମ୍ଭେମାନେ ତାହାଙ୍କ ଦ୍ୱାରା ପ୍ରେରିତ



ଖ୍ରୀଷ୍ଟଙ୍କୁ ଲାଭ କରି ପାରିବା । ଯୀଶୁ କହିଥିଲେ, *'ସେ ଯାହାଙ୍କୁ ପ୍ରେରଣ କରିଛନ୍ତି, ତାହାଙ୍କୁ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ'* (ଯୋହନ ୬:୨୯) । *'ସେମାନେ ସମସ୍ତେ ଈଶ୍ୱରଙ୍କ ଦ୍ୱାରା ଶିକ୍ଷା ଲାଭ କରିବେ । ଯେ କେହି ପିତାଙ୍କ ପ୍ରତି କର୍ଣ୍ଣପାତ କରେ ଓ ତାହାଙ୍କଠାରୁ ଶିକ୍ଷା ଲାଭ କରେ, ସେ ମୋ' ନିକଟକୁ ଆସେ'* (ଯୋହନ ୬:୪୫) ।

ଉପରୋକ୍ତ ବାକ୍ୟଗୁଡ଼ିକୁ ବିଶେଷଭାବେ ଲକ୍ଷ୍ୟ କରନ୍ତୁ । ଖ୍ରୀଷ୍ଟଙ୍କ ଛଡ଼ା ଅନ୍ୟ କୌଣସି ଗୁରୁଙ୍କର ଉପାସନା କରିବା ଆମ୍ଭମାନଙ୍କର ଉଚିତ୍ ନୁହେଁ, କାରଣ କେବଳ ସେ ହେଉଅଛନ୍ତି ପ୍ରକୃତ ଗୁରୁ ।

**ପ୍ରଶ୍ନ–** *'ଏସମସ୍ତ ବିଷୟର ଆଲୋଚନା ଓ ବିଶ୍ଳେଷଣ ପରେ, ଆମ୍ଭେମାନେ କେଉଁ କେଉଁ କାରଣରୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବା ?'*

**ଉତ୍ତର–** ଆମ୍ଭେମାନେ ପ୍ରତ୍ୟେକେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବା, କାରଣ ସେ ହେଉଅଛନ୍ତି ସତ୍ୟ । ସେ ବହୁ ସାକ୍ଷ୍ୟ ପ୍ରମାଣ ନେଇ ଜଗତକୁ ଆସିଥିଲେ । ଆମ୍ଭମାନଙ୍କ ଜୀବନରେ, ଆମ୍ଭେମାନେ ତାହାଙ୍କୁ ଆଜି ମଧ୍ୟ ଉପଲବ୍ଧି ଓ ଅନୁଭବ କରିପାରୁ । ଆମ୍ଭେମାନେ ଜଗତରେ ଯାହା ଜାଣିବାକୁ ଇଚ୍ଛା କରିବୁ, ସେ ସେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବେ ।